ଅପ୍ରେଲ୍ ୨୦୨୩



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଉତ୍କଳ ବା କଳିଙ୍ଗ ହେଉଛି ଏକ ଅତି ପୁରୁଣା ରାଜ୍ୟ ଯାହାକି ବେଦ, ରାମାୟଣ, ମହାଭାରତ ଓ ଅନ୍ୟ ପୁରାଣ ମାନଙ୍କରେ ଉଲ୍ଲେଖ ଅଛି। ଏହା ମଧ୍ୟ ଉଲ୍ଲେଖ ଅଛି ଯେ କଳିଙ୍ଗ ରାଜା ଶତାୟୁ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରୁଥିଲେ। ଗ୍ରୀକ୍ ଐତିହାସିକ ପିନିଂ ମଧ୍ୟ ତାଙ୍କ ପୁସ୍ତକରେ କଳିଙ୍ଗ ବିଷୟରେ ଉଲ୍ଲେଖ କରିଛନ୍ତି। କଳିଙ୍ଗ ରାଜ୍ୟ ବହୁତ ଶକ୍ତିଶାଳୀ ରାଜ୍ୟ ଥିଲା ଏବଂ ଏକ ସ୍ୱାଧୀନ ରାଜ୍ୟ ଥିଲା। କିନ୍ତୁ ଖ୍ରୀ.ପୂ. ୨୬୧ରେ ମଗଧର ସମ୍ରାଟ ଅଶୋକ କଳିଙ୍ଗକୁ ପରାସ୍ତ କରିଥିଲେ। ଏହାର ଅନେକ ବର୍ଷ ପରେ ଚୈତ୍ରବଂଶର ରାଜା ଖାରବେଳ କଳିଙ୍ଗ ରାଜ୍ୟର ଶାସକ ହୋଇଥିଲେ।

କଳିଙ୍ଗ ଏକ ପରାକ୍ରମଶାଳୀ ରାଜ୍ୟ ଥିଲା ଏବଂ ତାହା ସହିତ କଳିଙ୍ଗବାସୀ ଥିଲେ ଅତ୍ୟନ୍ତ ସତ୍ୟବାନ, ନୀତିବାନ ଏବଂ କର୍ମଠ ଓ ଯୋଦ୍ଧା। କଳିଙ୍ଗ ସେ ସମୟରେ ନୌବାଣିଜ୍ୟରେ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା। ପ୍ରାୟତଃ ୧୨୦୦ ଖ୍ରୀଷ୍ଟାବ୍ଦରୁ କଳିଙ୍ଗ ନାମ ଲୋପପାଇ ରାଜ୍ୟର ନାମ ଉତ୍କଳ ବା ଓଡିଶା

ISSN NO.
2582-208X

ହୋଇଥିଲା । ଏହା ପରେ ତ୍ରୟୋଦଶ ଏବଂ ପଞ୍ଚଦଶ ଶତାବ୍ଦୀରେ ମୁସଲମାନ ଶାସକମାନେ ଓଡିଶାଠାରୁ ପରାସ୍ତ ହୋଇଥିଲେ । କିନ୍ତୁ ଧିରେଧିରେ ଓଡିଶାର ଶାସକମାନେ ଦୁର୍ବଳ ହୋଇଯାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଇଂରେଜମାନଙ୍କ ଶାସନ । ଇଂରେଜମାନେ ତାଙ୍କର ସୁବିଧା ପାଇଁ ଓଡିଶାର କିଛି ଅଂଶ ବଙ୍ଗଳା, ବିହାର ଓ ଆନ୍ଧ୍ର ସହିତ ମିଶାଇ ଦେଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଓଡିଶାକୁ ପୁଣି ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢିବାପାଇଁ ଓଡିଶାର କୃତି ସନ୍ତାନ ମାନଙ୍କର ସଂଗ୍ରାମ ।

ଓଡିଶାର ଏହି କୃତି ସନ୍ତାନ ମାନଙ୍କ ଅପ୍ରାଣ ଚେଷ୍ଟାର ଫଳ ସ୍ୱରୂପ ଅପ୍ରେଲ ୧ ତାରିଖ ୧୯୩୬ ମସିହାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ରୂପ ନେଲା ଆଉ ଓଡିଆବାସୀଙ୍କ ସେହି ବଳିଦାନକୁ ମନେପକାଇବା ପାଇଁ ଅପ୍ରେଲ ୧ ତାରିଖକୁ ଉତ୍କଳ ଦିବସ ରୂପେ ପାଳନ କରାଯାଏ । କିନ୍ତୁ ଏକ ସ୍ୱତନ୍ତ୍ର ପ୍ରେଦେଶ ହେଲାପରେ ମଧ୍ୟ ଏବେ ସୁଦ୍ଧା ଓଡିଶାର ବହୁତ ସ୍ଥାନ ପଶ୍ଚିମ ବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଛି ଯାହା ବିଚ୍ଛିନ୍ନାଞ୍ଚଳ ଭାବରେ ପରିଚିତ । ଉତ୍କଳ ଦିବସରେ ଆମ ସମସ୍ତଙ୍କର ଏହି ଲକ୍ଷ୍ୟ ହେବାକଥା ଯେ ଓଡିଶାଠାରୁ ଛଡାଇ ନିଆଯାଇଥିବା ଏହି ଅଞ୍ଚଳଗୁଡିକ ପୁଣି ଓଡିଶା ସହିତ ମିଶାଇବା ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନର ଉନ୍ମାଦନା | ଗୁରୁକଲ୍ୟାଣ ମହାପାତ୍ର | ୧୨ |
| ଉତ୍କଳ ଦିବସରେ ଆହ୍ୱାନ | ଦଣ୍ଡାସି ପ୍ରଧାନ | ୧୭ |
| ଆମ ଓଡ଼ିଶା | ବର୍ଷାରାଣୀ ମହାମଲ୍ଲିକ | ୧୯ |
| ରଫଖାତା | ଡଃ ମାଙ୍ଗଳିକା ମହାପାତ୍ର | ୨୧ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୨ |
| ଏଥର ତୁମ ରଥଯାତ୍ରା | ଶଶଧର ମହାପାତ୍ର | ୩୧ |
| ଖଣ୍ଡଗିରୀ ମେଳା | ଡ. ପ୍ରସନ୍ନ କୁମାର ବଳ | ୩୩ |
| ଯୁଦ୍ଧ କାହିଁକି ? | ଶାନ୍ତିଲତା ମିଶ୍ର | ୩୫ |
| ଏତେ ସବୁ କାମ କାହିଁକି | ଡକ୍ଟର ବିଜ୍ଞାନୀ ଦାସ | ୩୭ |
| ଅମ୍ବୁରୁହ | ଇଂ. ସୁଶାନ୍ତ କିଶୋର ବଳ | ୪୮ |
| ତମକୁ ପାଇବାପାଇଁ | ନୀଳମାଧବ କର | ୫୧ |
| ସ୍ୱପ୍ନ ଦେଖେ ସତ୍ୟବାଦୀ | ନୀଳମଣି ଚାନ୍ଦ | ୫୩ |
| ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୫ |
| ମୁଁ ସମୟ ..... | ଛବି ରାଣୀ ପତି | ୫୭ |
| ମୁକ୍ତ କର ନିଜକୁ ନିଜଠୁଁ, ଯୁଗାଦ୍ୟା ହେଇଯା | ଡ. ଶକୁନ୍ତଳା ଗୁପ୍ତା | ୬୦ |
| ପବିତ୍ର ଦୋଳ ପର୍ବ | ଶୁଭଶ୍ରୀ ମହାପାତ୍ର | ୬୩ |
| ମାୟା | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୬୪ |
| ଇସ୍ତାହାର | ବିନୟ ମହାପାତ୍ର | ୬୬ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୬୯ |

ISSN NO.
2582-208X


| | | |
|---|---|---|
| କୃଷ୍ଣ ପ୍ରିୟା | ସସ୍ମିତା ନାୟକ | ୭୫ |
| ଅତୀତ..... | ସସ୍ମିତା ରାଉତ ଜେନା | ୭୬ |
| ଅରଣ୍ୟ ରୋଦନ | ସଂଯୁକ୍ତା ସାହୁ | ୭୭ |
| ଯୋଗାଡ଼ିଆ | ବଦ୍ରୀ ମହାନ୍ତି | ୭୯ |
| ନାତି | ଡ. ଜ୍ଞାନେଶ୍ୱର ମିଶ୍ର | ୮୩ |
| ସାହିତ୍ୟର ମହକ | ଝିଲିମିଲି ସାହୁ | ୮୫ |
| ନାରାୟଣ ନାମେ ଅଛି ଏହି ଶକ୍ତି | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୮୭ |
| ଅବାଗିଆ | ବିନୟାନନ୍ଦ ବସ୍ୱସ୍ୟ | ୮୮ |
| ମମତା ର ଦୁଇ ବୁନ୍ଦା ଅଶ୍ରୁ | ଅମ୍ବିକା ସ୍ୱାଇଁ | ୯୧ |
| ବସନ୍ତ ର ସ୍ପର୍ଶ | ମୋନାଲିସା ପଣ୍ଡା | ୯୩ |
| ଅନ୍ତଃସ୍ୱର | ମଧୁମିତା ମିଶ୍ର | ୯୫ |
| ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସ: ଏକ ଶୈଲୀତାତ୍ତ୍ୱିକ ଅଧ୍ୟୟନ | ଡ଼: ହରିହର ପ୍ରଧାନ | ୯୭ |
| କର ସୁଧିଜନେ ଚିନ୍ତନ | ଡ. ଅର୍ଜୁନ ଚରଣ ବାରିକ୍ | ୧୧୯ |
| ସ୍ୱପ୍ନ ମୋହିନୀ | ଦିବାକର ନାୟକ | ୧୨୧ |
| ନୀତି ନୈମିତ୍ତିକୀ *ଚତୁର୍ଥ ତରଙ୍ଗ* | ଶେଷଦେବ ପଣ୍ଡା | ୧୨୩ |
| ମଧୁମାସ | ପ୍ରଭାତ ନଳିନୀ ସାହୁ | ୧୨୬ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୧୨୮ |
| ସତେ ମୁଁ କେଡେ ଅଜ୍ଞାନ | ଅଳକା ମହାନ୍ତି | ୧୩୪ |
| କବିତା, ଜ୍ୟାମିତି ଧାରା | ଆଶୁତୋଷ ମେହେର | ୧୩୬ |
| ସପନ ଦେଖୁଛି ଆଜି | ରଘୁନାଥ ତ୍ରିପାଠୀ | ୧୩୭ |
| ସେବା ଗ୍ରାମରେ ଦିବ୍ୟ ଅନୁଭୂତି | ପ୍ରିୟବ୍ରତ ପାତ୍ର | ୧୩୯ |
| ଭାବନାର କ୍ଷେତ୍ରଫଳ ଭାବନାର ମହକ | ବିନୋଦିନୀ ଦାଶ | ୧୪୪ |
| ବନ୍ଧୁ ହେବ ତ ଏମିତି | ବାଙ୍କାବିହାରୀ ମହାକୁର | ୧୪୬ |

ISSN NO.
2582-208X


| | | |
|---|---|---|
| ଗୀତା କର ଧ୍ୟାନ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୪୭ |
| ନା, ଏବେ ଖରା ନାହିଁ | କୁଞ୍ଜ ବିହାରୀ ସାହୁ | ୧୪୮ |
| ନବଘନ | ମାନସ ଦାଶ | ୧୫୧ |
| ପଡେ ଆଜି ମନେ | ନନ୍ଦିନୀ ରାଉତ | ୧୫୩ |
| ନିଧନ ଶଙ୍ଖାଳି | ବାସନ୍ତୀ ଲତା ଜେନା | ୧୫୫ |
| ଉତ୍କଳ ଜନନୀ, ସୌଭାଗ୍ୟ ଦାୟିନୀ | ଜୟ କୁମାର ମିଶ୍ର | ୧୫୭ |
| ନାଟକ-<br>ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୦ |
| ଅୟମାରମ୍ଭ | ଅମୃତ ନାରାୟଣ ଶତପଥୀ | ୧୬୪ |
| ଫୁଲର ଫଗୁଣ | ଡଃ ପ୍ରିୟମ୍ବଦା ସାମଲ | ୧୬୫ |
| ହୋଲି | ହିମାଂଶୁ ଭୂଷଣ ଜେନା | ୧୬୭ |
| ଜଗନ୍ନାଥ | ହୃଷିକେଶ ସାହୁ | ୧୬୮ |
| ମାତୃତ୍ୱ | ଅରୁଣ କୁମାର ମହାପାତ୍ର | ୧୭୦ |
| ଜଗତର ନାଥ  କାଳିଆ ସାଆନ୍ତ | ଅଲିଭା ମେହେର | ୧୭୨ |
| ଜାଗ୍ରତେ ଅନୁଭବ | ମୀନାକ୍ଷି ପାଢୀ | ୧୭୩ |
| ନାରୀ ପବିତ୍ରତାର ବାଧକ | ଜୟନ୍ତୀ ଦେବୀ | ୧୭୫ |
| ଆଜିର ଦ୍ରୋପଦୀ ଓ ସୀତା ମାନଙ୍କୁ | ଅଳକା ରାୟ | ୧୭୭ |
| ହେ ସୂର୍ଯ୍ୟ ସହସ୍ରାଂଶୁ...... | କୁଞ୍ଜବିହାରୀ ରାଉତ | ୧୮୦ |
| ଫଗୁଣ | ନରେନ୍ଦ୍ର ପ୍ରସାଦ ବେହେରା | ୧୮୩ |
| ଏଇତ ଜୀବନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୮୫ |
| ଜାତୀୟତା | ତ୍ରିପତି ପ୍ରଧାନ | ୧୮୬ |
| ନିକୋଲସ୍ କୋପରନିକସ: ଯାହାଙ୍କ<br>ଉପରେ ଦୁନିଆ ଗର୍ବିତ | ଅସିତ ମହାନ୍ତି | ୧୮୮ |
| ନାରୀର ସଂସ୍କାର | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୯୨ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ଦୀପାଳୀ | ଝରଣା ବାରିକ | ୧୯୫ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୧୯୭ |
| ଦେବାତ୍ମା ଗଙ୍ଗାଧର | ଅଲେଖ ମେହେର | ୨୦୪ |
| ଫମ୍ପା ମାଠିଆର ଶବ୍ଦ ବେଶୀ | ସତ୍ୟନାରାୟଣ ପ୍ରସାଦ ନାୟକ | ୨୦୬ |
| ପବନ | କୀର୍ତ୍ତି ଦେବୀ | ୨୦୭ |
| ମହତ୍ତର ଚେତନାର କ୍ରମଉତ୍ତରଣ : ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସ ଦକ୍ଷିଣାବର୍ତ୍ତ : ଏକ ବିଶ୍ଳେଷଣ | ଡ଼: ମନୋଜ କୁମାର ମହାପାତ୍ର | ୨୦୯ |
| ହେଲ କି ନିଷ୍ଠୁର | ହର ପ୍ରସାଦ ସୁଆର | ୨୨୧ |
| ଗୋପ ନଗରୀରେ | ବିଜୟ କୁମାର ସାହୁ | ୨୨୨ |
| କ୍ରାନ୍ତିକାରୀ ତୁମେ କବି | ବେଣୁଧର ସୂତାର | ୨୨୪ |
| ଏତିକି କରୁଛି ମୁଁ ନିବେଦନ | ରାଜକିଶୋର ସ୍ବାଇଁ | ୨୨୬ |
| "ଗାଡି ନମ୍ବର ୧୦୮" | ଡକ୍ଟର ପ୍ରବୀଣା ପରିଡା | ୨୨୮ |
| ନବ ଉତ୍କଳ ର ତୁମେ ହିଁ ଆଲୋକ | ଡ. ଅଭିମନ୍ୟୁ କାନୁନଗୋ | ୨୩୧ |
| ଶିବ ତତ୍ତ୍ୱ | ଅଳକା ବାରିକ୍ | ୨୩୨ |
| ଓଁକାର ଶବଦ | ସୁହାସିନି ବାରିକ୍ | ୨୩୪ |
| ଲେସ୍ମିତାର ଭୂତ | ଅରୁଣ କୁମାର ତ୍ରିପାଠୀ | ୨୩୬ |
| ଦଣ୍ଡକାରଣ୍ୟର ଡଙ୍ଗର ରାଣୀ | ଦୀନବନ୍ଧୁ ବେଜ | ୨୪୧ |
| ଉତ୍କଳ ଦିବସ | କାଳିପ୍ରସାଦ ମହାପାତ୍ର | ୨୪୩ |
| ମୋ ଟିକି ନାଆ ଦୂରକୁ ଯାଆ | ପ୍ରଶାନ୍ତ କୁମାର ଦାଶ | ୨୪୬ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୪୮ |
| ଭୁବନେଶ୍ୱରରେ | ଗଜାନନ ମିଶ୍ର | ୨୫୨ |
| ପରିଶ୍ରମ | ବିକାଶ ନାୟକ | ୨୫୫ |
| ସଲମାନ୍ ଅଲ୍ଲୀ | ରାମ ଚନ୍ଦ୍ର ପ୍ରଧାନ | ୨୫୭ |

ISSN NO.
2582-208X


| | | |
|---|---|---|
| ଗୋପପୁରେ ହୋରିଖେଳ | ଅମରନାଥ ବାରିକ | ୨୫୯ |
| ଅଘୋଷିତ | ଅଜିତ ପାଢ଼ି | ୨୬୧ |
| ପ୍ରଭୁଙ୍କ ମନ୍ତ୍ରୀ ମଣ୍ଡଳ | ଅପର୍ଣ୍ଣି ସେଠୀ | ୨୬୩ |
| ମରିବା ବୟସ ହେଲାଣି | ଜୟନ୍ତ କୁମାର ମଲ୍ଲିକ୍ | ୨୬୬ |
| ଗଞ୍ଜାମ ବାଘ - "ଶଶୀ ଭୂଷଣ ରଥ" ଙ୍କ ସ୍ମୃତିରେ | ପ୍ରତାପ ଚନ୍ଦ୍ର ସାହୁ | ୨୬୭ |
| ସୁକ୍ତିଚୟ | ଦେବଜାନୀ ବାରିକ୍ | ୨୭୦ |
| ପ୍ରେମ ଓ ଫଗୁଣ | ଦୁଷ୍ମନ୍ତ ବେହେରା | ୨୭୨ |
| ମିଠା ଉଆଁସ | ସିଦ୍ଧେଶ୍ୱର ତ୍ରିପାଠୀ | ୨୭୪ |
| ଶ୍ରାବଣ ଓ ଫଗୁଣ | ନିରଞ୍ଜନ ସାହୁ | ୨୭୫ |
| ବନ୍ଧୁମିଳନ | ମାନସ ରଞ୍ଜନ ନାୟକ | ୨୭୭ |
| ଘରକୁ ଯୋଡିବା ଶିଖ | ଜଗଦୀଶ ସାହୁ | ୨୮୫ |
| ଶୈଶବ | ମନୋରମା ମହାନ୍ତି | ୨୮୭ |
| ମାଁ | ମୋନାଲିସା ପାଣିଗ୍ରାହୀ | ୨୮୮ |
| ନନ୍ଦିନୀ ଢାବା | ଅଧର ବିଶ୍ୱାଳ | ୨୯୦ |
| ଜୀବନେ ଜହର | ପ୍ରଶନ୍ନ ପାତ୍ର | ୨୯୪ |
| ଶ୍ରୀରାଧା ପ୍ରେମ | ପ୍ରତିମା ମେହେର | ୨୯୫ |
| ପ୍ରଥମ | ରଶ୍ମିତା ସାହୁ | ୨୯୬ |
| ତାମ୍ବି ପାହାଡର ରହସ୍ୟ | ପ୍ରଦୀପ କୁମାର ପଣ୍ଡା | ୨୯୭ |
| ବାଘ | ପ୍ରଦୀପ୍ତ କୁମାର ମିଶ୍ର | ୩୦୪ |
| ସପନ ଏକ ମରୀଚିକା | ଜନ୍ମଜୟ ନାୟକ | ୩୦୭ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୦୯ |
| ଉତ୍କଳ ଦିବସ | ସ୍ମୃତି ରେଖା ନାୟକ | ୩୧୧ |

ISSN NO.
2582-208X

ବେଦାନ୍ତି


| | | |
|---|---|---|
| ବେଣୀ | ସରୋଜ କୁମାର ସାହୁ | ୩୧୨ |
| କିଛି ଛାଡିଗଲ କି ପଛରେ | ରବି ବେହେରା | ୩୧୭ |
| ମୋ ନାୟକ | ଭାରତୀ ମୁଦୁଲି | ୩୨୦ |
| ଅଜବ ଠାକୁର | ସତ୍ୟନାରାୟଣ ମିଶ୍ର | ୩୨୨ |
| ବାଲ୍ୟାବସ୍ଥା ବନ୍ଧୁତ୍ୱ ଓ ସରଳ, ନିଷ୍କପଟ ସମ୍ପର୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କାଏମ୍ ରହେ | ପ୍ରଦିପ୍ତ ସେନାପତି | ୩୨୩ |
| ପଶ୍ଚିମାଶମ୍ଭୁ ଙ୍କ ମହାଯାତ୍ରା | ବିଶ୍ୱ ରଞ୍ଜନ ମହାନ୍ତି | ୩୨୫ |
| ସକାଳ | ସୁହଂସ ଭୋଇ | ୩୨୭ |
| ସାଥି ବିନା | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୨୯ |
| ପରମାର୍ଥ | ବିନୟ କୁମାର ମିଶ୍ର | ୩୩୦ |
| ମିଠା ବୋଝ | ସୁପ୍ତି କର | ୩୩୩ |
| କବିଟିଏ ହେବା ସତେ ମୋର ଲାଗି ପୌରୁଷ | ତାରାପ୍ରସାଦ ଜେନା | ୩୩୭ |
| ସମୟ | ଦୀପକ ନାୟକ | ୩୩୯ |
| ଆଧୁନିକ ଭାରତରେ ଗାନ୍ଧି | ଅଶୋକ କୁମାର ପଧାନ | ୩୪୦ |
| ଲୋକଟିର ଗର୍ବ କିପରି ଚୂନା ହେଲା | ନରେନ୍ଦ୍ର ପ୍ରସାଦ ବେହେରା | ୩୪୩ |
| ପୁଅ ବଡ ଚାକିରି ଟେ କରିଛି | ଚିତରଂଜନ ବେହେରା | ୩୪୫ |
| ଅଶ୍ରୁ ନିର୍ଗମନ | ଚିତ୍ତରଞ୍ଜନ ନାଏକ | ୩୪୬ |
| ଜୟ ଶ୍ରୀ ରାଧା ମାଧବ | ମାଳତୀ ଦେବୀ | ୩୪୮ |
| ବସନ୍ତ ଆସିଲେ ଗାଆଁ କଥା ଭାରି ମନେ ପଡେ | ଅନନ୍ତ କୁମାର | ୩୪୯ |
| ସନ୍ତୁଷ୍ଟି | କୀର୍ତ୍ତନ ସାହୁ | ୩୫୧ |
| ଅଚିହ୍ନା ସମ୍ପର୍କ | ପୂଜା ଷାଣ୍ଢ | ୩୫୨ |

ISSN NO.
2582-208X


| | | |
|---|---|---|
| ତୁମେ ବିଶ୍ୱ ପିତା | ଅଭିଳାଶ ବାରିକ୍ | ୩୫୪ |
| କୁଆଡ଼େ ଗଲା ସେ ବେଳ | ବିଜୟ କୁମାର ନାଏକ | ୩୫୫ |
| ଡେରି ମିଲ୍କ ସିଲ୍କ | ଶୁଭମ ନାଏକ | ୩୫୬ |
| ମୋ ଗାଁ | ଲଲିତ୍ କୁମାର ସାମଲ | ୩୫୮ |
| ବାପ ଘରେ ଝିଅ ନୁହେଁ ସେ ନିଜର | ବିନୟାନନ୍ଦ ବସ୍ୱସ୍ୟ | ୩୬୦ |
| ମୋ କଳାହାଣ୍ଡି | ଚନ୍ଦ୍ରହାସ୍ୟ ସତନାମି | ୩୬୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଭାରତୀୟ ଖାଦ୍ୟ ବ୍ୟବହୃତ ମସଲା ଓ ଦୀର୍ଘାୟୁ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୬୫ |
| ଶରୀରରେ ପ୍ରୋଟିନ୍ ଅଭାବ ଜନିତ ରୋଗ | ଡାକ୍ତର ଅଭିମନ୍ୟୁ କାନୁନଗୋ | ୩୬୮ |
| **ଆମ ହାଣ୍ଡିଶାଳ** | | |
| ଚୁଡା ଖିରୀ | ଜୟନ୍ତୀ ଦେବୀ | ୩୭୧ |
| ଦହି ଭେଣ୍ଡି ବେସର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୭୨ |
| ଆଳୁ ଖଟାମିଠା | ଅଳକା ବାରିକ୍ | ୩୭୩ |
| ନଡିଆ ପୁଡିଂ | ଅଳକା ବାରିକ୍ | ୩୭୪ |
| **ଆଞ୍ଚଳିକ** | | |
| ଫଗୁଣ୍ ମାସର୍ ବଉଲି | ସନ୍ତୋଷ କୁମାର ବେହେରା | ୩୭୬ |
| ଭାବର୍ ଲହ | ସୁନୀଲ କୁମାର ଅଗସ୍ତି | ୩୭୮ |
| କେନତା ହେଉଛେ ଇଟା | ଶୁଭେନ୍ଦୁ ମେହେର | ୩୮୦ |
| କଂସର୍ ନିଉତା | କୁମରଲାଲ ରଣା | ୩୮୨ |

ISSN NO.
2582-208X


| | | |
|---|---|---|
| ଅଟୋ (ରିକ୍ସା) | ମାନସ ରଂଜନ ସାହୁ | ୩୮୪ |
| **ଶିଶୁ ବିଭାଗ** | | |
| ନ ଦେଖିଥିବା ଓଉ ଛଅ ଫଡା | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୭ |
| ଝଡର ଇଗଲ୍ | ରାଜକିଶୋର ସ୍ୱାଇଁ | ୩୯୦ |
| ବସନ୍ତ ଗାଥା | ବିଜୟ କୁମାର ଛାଟୋଇ | ୩୯୨ |
| ପିଲା ଦିନ | ଅମରନାଥ ବାରିକ | ୩୯୬ |
| ମଶାର ବାର୍ତ୍ତା | ବିକାଶ କୁମାର ହୋତା | ୩୯୮ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୦୦ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୦୧ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୪ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୦୫ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନର ଉନ୍ମାଦନା



ଗୁରୁକଲ୍ୟାଣ ମହାପାତ୍ର

ସାଂସ୍କୃତିକ ଓ ଐତିହାସିକ ପ୍ରେକ୍ଷାପଟରେ ସମଗ୍ର ଭାରତବର୍ଷରେ ଓଡିଶା ଏକ ଗୌରବମୟ ଭୂମିକା ବହନ କରି ଆସିଥିଲେ ମଧ ବୈଦେଶିକ ଶକ୍ତିର ଆକ୍ରମଣରେ ଓଡିଶା ରାଜ୍ୟର ସ୍ୱାଧୀନତା ୧୫୬୮ ମସିହାରେ ଲୋପ ପାଇଥିଲା ବୋଲି ଇତିହାସରୁ ଜଣାପଡିଥାଏ । ତେବେ ମୁକୁନ୍ଦ ଦେବ ଥିଲେ ଓଡିଶାର ଶେଷ ସ୍ୱାଧୀନ ରାଜା ଆଉ ଗୋହିରା ଟିକିରି ଯୁଦ୍ଧରେ ପରାଜୟ ବରଣ କରି ଓଡିଶା ତାହାର ସ୍ୱାଧୀନତା ହରାଇଥିଲେ । ପ୍ରାୟ ୪୬୮ ବର୍ଷ କାଳ ପରାଧୀନ ରହିବା ପରେ ଗତ ୧୯୩୬ ମସିହା ଅପ୍ରିଲ ପଇଲାରେ ଭାଷା ସୂତ୍ରରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ବା ରାଜ୍ୟ ହେବାର ଗୌରବ ଅର୍ଜନ କରିଥିଲା । କିନ୍ତୁ ଭାରତବର୍ଷ ସେତେବେଳେ ବି ସ୍ୱାଧୀନ ହୋଇ ନଥିଲା । ଓଡିଶା ସମେତ ଭାରତର ଅନ୍ୟାନ୍ୟ ରାଜ୍ୟ ଗୁଡିକ ବ୍ରିଟିଶ ଶାସନମୁକ୍ତ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ କରିଥିଲା ।

୧୮୦୩ ମସିହାରେ ଇଂରେଜମାନେ ବାଣିଜ୍ୟ କରିବା ନାମରେ ପ୍ରଥମେ ଓଡିଶାରେ ପ୍ରବେଶ କରିଥିଲେ । ବ୍ରିଟେନର ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ପରେ ବ୍ରିଟିଶ ସରକାର ପ୍ରାୟ ଦେଢଶହ ବର୍ଷ ପର୍ଯ୍ୟନ୍ତ ଓଡିଶାକୁ ପରାଧୀନ କରି ରାଜୁତି ଚଳାଇଥିଲେ । ଅବଶ୍ୟ ଅନ୍ୟାନ୍ୟ ରାଜ୍ୟ

ISSN NO.
2582-208X

ପରି ଯଦି ଇଂରେଜମାନେ ପ୍ରଥମ ଅବସ୍ଥାରେ ଓଡିଶାରେ ପ୍ରବେଶ କରିଥାନ୍ତେ, ତେବେ ଓଡିଶାର ଉନ୍ନତି ଦ୍ରୁତଗତିରେ ହୋଇପାରିଥାନ୍ତା ବୋଲି ସଚେତନ ବ୍ୟକ୍ତମାନେ ଏବେ ଅନୁଭବ କରୁଛନ୍ତୁ । ସେ ଯାହା ହେଉ, ତତ୍କାଳୀନ ବ୍ରିଟିଶ ଶାସକଗଣ ନଜର ସୁବିଧା ପାଇଁ ଓଡିଶାର କଛି ଅଂଶକୁକ୍ ମାଡ୍ରାସ ପ୍ରେସିଡେନ୍ସିରେ ଆଉ କଛି ଅଶଂକୁ ସେଣ୍ଟ୍ରାଲ ପ୍ରେସିଡେନ୍ସିରେ ଓ ଅବଶିଷ୍ଟ କଛି ଅଂଶକୁ ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ରଖିଥିଲେ । ସେତେବେଳେ ହଜାରେ ବର୍ଷର ପୁରୁଣା ଓଡିଆ ଭାଷାକୁ ଲୋପ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା । ଓଡିଶାର ସ୍କୁଲ ପ୍ରଭୃତିରେ ଶିକ୍ଷାଦାନ ଓଡିଆରେ ନହୋଇ ବଙ୍ଗଳା ଭାଷାରେ କରାଯାଉଥିଲା । ୧୯୧୨ ମସିହାରେ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗର ସମ୍ମିଶ୍ରଣ ଘଟିଥିଲା । ସେହି ବର୍ଷ ବିହାର ଓ ଓଡିଶାକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା । ଦୀର୍ଘଦିନ ଧରି ସେଥିପାଇଁ ଓଡିଶାରେ ଅବକାରୀ ଆଇନଟି ବିହାର-ଓଡିଶା ଅବକାରୀ ଆଇନ ନାମରେ ପ୍ରଚଳତ ଥିଲା । ସୁଖର କଥା, ଏ ସରକାରଙ୍କ ଅମଳରେ ତାହାର ନାମକରଣ ବଦଳ ଯାଇ ଓଡିଶା ଅବକାରୀ ଆଇନ ହୋଇଛି । ସେତେବେଳେ ବିହାର-ଓଡିଶା ବ୍ୟବସ୍ଥା ସଭା (ବିଧାନସଭାରେ ମଧୁବାବୁଙ୍କ ସମେତ ଗୋପବନ୍ଧୁ, ରାୟ ବାହାଦୂର ଗୋକୁଳାନନ୍ଦ ଚୌଧୁରୀ, ରାୟବାହାଦୂର ସୁଦାମ ଚରଣ ନାୟକ, କନକା ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓ, ବ୍ରଜସୁନ୍ଦର ଦାସ ଓ ଭାଗବତ ପ୍ରସାଦ ମହାପାତ୍ର ଓଡିଶାର ଆପତ୍ତି ଓ ଅଭିଯୋଗମାନ ଉଠାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୧୯ ରେ ମଧୁବାବୁ ବିହାର-ଓଡିଶାର ମନ୍ତ୍ରୀ ହୋଇ ନୂତନ ପରଂପରା ସୃଷ୍ଟି କରିଥିଲେ । ଏହାପରେ ଭଦ୍ରକର ଭାଗବତ ପ୍ରସାଦ ମହାପାତ୍ର (କାନ୍ତକବିଙ୍କ ପିତା) ବିହାର-ଓଡିଶା ବ୍ୟବସ୍ଥା ସଭାର ଉପବାଚସ୍ପତି ହେବାର ସୁଯୋଗ ପାଇଥିଲେ ।

୧୮୭୭ ମସିହାରେ ଓଡିଶାରେ ପ୍ରଥମେ "ଉତ୍କଳ ସଭା" ନାମରେ ଏକ ଅନୁଷ୍ଠାନ ଗଠନ କରାଯାଇ ଓଡିଆ ଭାଷା ତଥା ଓଡିଶା ରାଜ୍ୟର ସୁରକ୍ଷା ଦିଗରେ କଟକରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାପରେ ଭାଷା ସୂତ୍ରରେ ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନ ସକାଶେ ୧୯୦୨ ରେ "ଉତ୍କଳ ସମ୍ମିଳନୀ" ଗଠିତ ହୋଇଥିଲା । ଏହାର ନେତୃତ୍ୱ ନେଇଥିଲେ ଉତ୍କଳ ଗୌରବ

ISSN NO.
2582-208X

ମଧୁସୂଦନ ଦାସ, ଖଲିକୋଟର ତତ୍କାଳୀନ ରାଜା ହରିହର ମର୍ଦ୍ଦରାଜ ଓ ଉତ୍କଳମଣି ଗୋପବନ୍ଧୁ ଦାସ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଅବଦାନ ମଧ୍ଯ ରହିଥିଲା । "ଉତ୍କଳ ସମ୍ମିଳନୀ" ର ନିରବଚ୍ଛିନ୍ନ ଉଦ୍ୟମ ଓ ଆନ୍ଦୋଳନ ଫଳରେ ଓଡିଶା ସ୍ଵତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ଭାରତ ଅନ୍ତର୍ଗତ ଓଡିଶା ରାଜ୍ୟ ୧୯୪୭ ଅଗଷ୍ଟ ୧୫ ରେ ଅନ୍ୟାନ୍ୟ ରାଜ୍ୟଗୁଡିକ ସହିତ ସ୍ଵାଧୀନ ହେବା ପରବର୍ଷ ୧୯୪୮ ରେ ଓଡିଶାର ସମୁଦାୟ ଜିଲ୍ଲା ସଂଖ୍ୟା ଥିଲା ୭ । ମାତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ୟମ ଓ ହରେକୃଷ୍ଣ ମହତାବଙ୍କ ସହଯୋଗିତାରୁ ଓଡିଶା ଅନ୍ତର୍ଗତ ୨୭ଟି ଗଡଜାତ ରାଜ୍ୟ ଓଡିଶା ରାଜ୍ୟରେ ମିଶିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲା ସଂଖ୍ୟା ୧୩ ହୋଇଥିଲା । ଶେଷରେ ୧୯୯୨ରେ ସ୍ଵର୍ଗତ ବିଜୁ ପଟ୍ଟନାୟକଙ୍କ ଯୋଗୁଁ ଏହି ଜିଲ୍ଲା ସଂଖ୍ୟା ବୃଦ୍ଧି ପାଇ ୩୦ ହୋଇଥିଲା ।

କେବଳ ସ୍ଵତନ୍ତ୍ର ଉତ୍କଳ ପ୍ରଦେଶ ଆନ୍ଦୋଳନରେ ଓଡିଆମାନେ ବୀରତ୍ଵ ପ୍ରଦର୍ଶନ କରିନଥିଲେ, ସମଗ୍ର ଭାରତରେ ସଂଘଟିତ ସ୍ଵାଧୀନତା ଆନ୍ଦୋଳନରେ ମଧ୍ୟ ଓଡିଶାରେ ଉଲ୍ଲେଖନୀୟ ଭୂମିକାକୁ ଅସ୍ଵୀକାର କରାଯାଇ ନପାରେ । ଭାରତର ଶେଷ ସ୍ଵାଧୀନତା ସଂଗ୍ରାମୀ ଭାବେ ପରିଚିତ, ଭାରତଛାଡ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବରେ ଓଡିଶାରୁ ପ୍ରାୟ ଚାରି ହଜାର ସଂଗ୍ରାମୀ ଗିରଫ ହୋଇଥିଲେ । ସେତେବେଳେ ଓଡିଶାର ଜନସଂଖ୍ୟା ଅଳ୍ପ ଥିଲା । ଏହି ଆନ୍ଦୋଳନ ଡାକରେ ମିଥ୍ୟା ଅଭିଯୋଗରେ ବ୍ରିଟିଶ ପୋଲିସ୍ ଆଦିବାସୀ ଯୁବକ ଲକ୍ଷ୍ମଣ ନାଏକଙ୍କୁ ବ୍ରହ୍ମପୁର ଜେଲରେ ୧୯୪୩ ମାର୍ଚ୍ଚ ୨୮ ରେ ଫାଶୀ ଦଣ୍ଡ ଦେଇଥିଲେ । ଓଡିଶାର ସାତଟି ସ୍ଥାନରେ ଗୁଳିକାଣ୍ଡ ହୋଇ ୭୨ ଜଣ ପ୍ରାଣ ହରାଇଥିଲେ । ତତ୍କାଳୀନ ଓଡିଶାର ତିନୋଟି ଜେଲ୍ ରେ କୁଆଡେ ୬୮ ଜଣ ପ୍ରାଣ ହରାଇଥିଲେ ।

ଭାରତର ପ୍ରଥମ ସ୍ଵାଧୀନତା ସଂଗ୍ରାମ ଯାହା ୧୮୫୭ରେ ସଂଘଟିତ ହୋଇଥିଲା, ତାହା ଆମ ଇତିହାସରେ "ସିପାହୀ ବିଦ୍ରୋହ" ଭାବେ ପରିଚିତ । ତତ୍କାଳୀନ ସେହି ବିଦ୍ରୋହରେ ବ୍ରିଟିଶ ସରକାର ଡରି ଯାଇଥିଲେ । ତେଣୁ ସେହି ସିପାହୀ ବିଦ୍ରୋହ ବା ଭାରତର ପ୍ରଥମ ସ୍ଵାଧୀନତା ସଂଗ୍ରାମକୁ ଚତୁର ବ୍ରିଟିଶ ଶାସକଗଣ ପ୍ରାୟ ବର୍ଷକ ମଧ୍ୟରେ ଦମନ କରିଥିଲେ

ISSN NO.
2582-208X

ହେଁ ପଶ୍ଚିମ ଓଡିଶାର ଅନ୍ତର୍ଗତ ସମ୍ବଲପୁର ଅଞ୍ଚଳରେ ସେହି ବିଦ୍ରୋହକୁ ବ୍ରିଟିଶ ସରକାର ଦମନ କରିପାରି ନଥିଲେ। କାରଣ ବୀର ସୁରେନ୍ଦ୍ର ସାଏ ପ୍ରାୟ ଛଅ ବର୍ଷ କାଳ ସେହି ଆନ୍ଦୋଳନକୁ ଜାରି ରଖି ବ୍ରିଟିଶ ସରକାରଙ୍କୁ ଭୟଭୀତ କରି ପକାଇଥିଲେ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରାୟ ୪୦ ବର୍ଷ ପୂର୍ବରୁ ଓଡିଶାରେ ସଂଘଟିତ ପାଇକ ବିଦ୍ରୋହକୁ ଐତିହାସିକମାନେ କେବଳ ଓଡିଶାର ନୁହେଁ, ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମଧ୍ଯ କହିଆସିଛନ୍ତି। ପୁଣି ଏହାର ଅଠର ବର୍ଷ ପରେ ବ୍ରିଟିଶ ଶକ୍ତି ବିରୋଧରେ ଓଡିଶାରେ ୧୮୩୫ ମସିହାରେ ସଂଘଟିତ "ଘୁମୁସର ବିଦ୍ରୋହ" ମଧ୍ଯ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାଧୀନତା ଆନ୍ଦୋଳନ ।

ସେ ଯାହା ହେଉ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୭ ବର୍ଷ ପରେ ଏବଂ ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ଓଡିଶାର ଗୌରବୋଜ୍ଜ୍ୱଳ ଭୂମିକା ଭାରତର ଇତିହାସ ପୃଷ୍ଠା ମଣ୍ଡନ କରୁ ବା ନକରୁ, ଭାରତବାସୀ ଏସବୁ ଘଟଣାକୁ ଭୁଲିଯାଇ ପାରିବେ ନାହିଁ। ଦଳମତ ନିର୍ବିଶେଷରେ ସମସ୍ତେ ପୂର୍ଣ୍ଣାଙ୍ଗ ଉତ୍କଳ ବା ଓଡିଶା ଗଠନ ପାଇଁ ଓ ଷଢେଇକଳା ଓ ଖରସୁଆଁ ଅଞ୍ଚଳକୁ ଫେରାଇ ନେବାଲାଗି କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଚିତ ।

ଯେଉଁ ଦିନ ପ୍ରଥମେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେଲା, ୧୯୩୬ ମସିହା ଏପ୍ରିଲ ପହିଲାର ସେହି ଅବିସ୍ମରଣୀୟ ଉନ୍ମାଦନାର ଦିବସଟିକୁ ମନେ ପକାଇ ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକ ସ୍ୱର୍ଗୀୟ ଡଃ ସତ୍ୟନାରାୟଣ ରାଜଗୁରୁ ଗୋଟିଏ ପ୍ରବନ୍ଧ ଲେଖିଥିଲେ- ତାହା ତାଙ୍କ ଆତ୍ମ ଜୀବନୀରେ "ମୋ" ଡାଏରୀ ଶୀର୍ଷକରେ ସ୍ଥାନିତ ହୋଇଛି। ଲେଖାଟି ଏହିପରି:

- "ସେ ଦିନ ୧୯୩୬ ମସିହା ଏପ୍ରିଲ ପହିଲା ତାରିଖ ତିଥି ଚୈତ୍ର ଶୁକ୍ଳ ଦଶମୀ ବୁଧବାର... ସକାଳ ୭ଟାରେ ଆମେ ସମସ୍ତେ... ରେଭେନ୍ସା କଲେଜକୁ ଯାତ୍ରା କଲୁ। କାରଣ ସେଦିନ ପ୍ରଭାତ ୮ଟା ୩୦ ବେଳେ ସେଠା କଲେଜ ହଲ୍ ରେ ଓଡିଶାର ସର୍ବପ୍ରଥମ ଗଭର୍ଣ୍ଣର ସାର ଜନ ହବାକ୍ ଶପଥ ଗ୍ରହଣ କରି ସ୍ୱତନ୍ତ୍ର ଓଡିଶାର ଶାସନଭାର ଗ୍ରହଣ

ISSN NO.
2582-208X

କରିବେ । ଏଥିପାଇଁ ସମଗ୍ର କଟକ ସହରରେ ତୋରଣ ଓ ପତାକା ଶ୍ରେଣୀ ସଜାଇ ହଜାର ହଜାର ସହରବାସୀ ଓ ବାହାରୁ ଆଗନ୍ତୁକ ବିଶିଷ୍ଟ ଲୋକଙ୍କୁ ଅଭ୍ୟର୍ଥନା କରୁଥାନ୍ତି । "ଉତ୍କଳର ଜୟ" ନାଦରେ ସମଗ୍ର ସହର ଉଚ୍ଛୁଳ ପଡୁଥାଏ । ସମସ୍ତଙ୍କ ହୃଦୟ ଆନନ୍ଦ ଉତ୍ସାହରେ ଉଦବେଳିତ ହେଉଥାଏ । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ସୁସଜ୍ଜିତ ମୋଟର ଗାଡିରେ ମହାରାଜାଙ୍କ ସଂଗେ ଗଭର୍ଣ୍ଣର ହବାକ୍ ଧୀରେ ଧୀରେ ଯାତ୍ରା କଲାବେଳେ ଚତୁର୍ଦ୍ଦିଗରେ ହୁଳହୁଳି ଶଙ୍ଖଧ୍ୱନି ସଂଗେ "ନବୋତ୍କଳର ଜୟ" ଓ "ଉତ୍କଳ ମାତାର ଜୟ" ଧ୍ୱନି ଶୁଣା ଯାଉଥିଲା । ନିର୍ଦ୍ଦିଷ୍ଟ ଅମୟରେ ରେଭେନ୍ସା ମହାବିଦ୍ୟାଳୟର ସୁସଜ୍ଜିତ କକ୍ଷରେ ପାଟଣା ହାଇକୋର୍ଟ ଜଷ୍ଟିସ ହବାକ୍ ସାହେବଙ୍କୁ ଶପଥ ପାଠ କରାଇଥିଲେ । ସେ ଦିନଟି କେବଳ କଟକରେ ନୁହେଁ, ଓଡିଶାର ପ୍ରତି ସହରରେ ଓ ଗ୍ରାମାଞ୍ଚଳରେ ଉତ୍ସବର ଏକ ନିବିଡ ଅରଣ୍ୟ ସୃଷ୍ଟି କରିଥିଲା । ପ୍ରତ୍ୟେକ ଓଡିଆଙ୍କ ପ୍ରାଣରେ ଆନନ୍ଦ-ଉତ୍ସାହର ଉଦ୍ଦୀପନା ଦେଖା ଦେଇଥିଲା.... । (ଉତ୍କଳ ପ୍ରସଙ୍ଗ, ପୃଷ୍ଠ-୭, ଅପ୍ରିଲ ୧୯୮୯ ସଂଖ୍ୟା)

ଦୀର୍ଘ ଦିନର ବ୍ୟବଧାନ ପରେ ଓଡିଆମାନଙ୍କ ମଧ୍ୟରେ ପୂର୍ବର ସେ ଆନ୍ଦୋଳନପ୍ରବଣତା ବା ଉନ୍ମାଦନା ଆଉ ପ୍ରାୟ ନାହିଁ । ମାତ୍ର କେତେ ବର୍ଷର ଶାସନ କାଳ ମଧ୍ୟରେ କେନ୍ଦ୍ରର ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଓଡିଶାକୁ ଏକ ସ୍ୱାବଲମ୍ବନଶୀଳ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବିନ ପଟ୍ଟନାୟକ ଯେ ନିରବଛିନ୍ନ ଉଦ୍ୟମ ଜାରି ରଖିଛନ୍ତି, ଏହାକୁ ଅସ୍ୱୀକାର କରାଯାଇ ନପାରେ । ଅବଶ୍ୟ ଆହୁରି କିଛି ବାଟ ସେ ଦିଗରେ ଅତିକ୍ରମ କରିବାକୁ ଅଛି ।

ଭୁବନେଶ୍ୱର

ISSN NO.
2582-208X

# ଉତ୍କଳ ଦିବସରେ ଆହ୍ୱାନ



ଦଣ୍ଡାସି ପ୍ରଧାନ

ଆମେରେ ଉତ୍କଳୀ ସ୍ୱାଭିମାନୀ ଜାତି
ଭିନ୍ନ ଜନ୍ମ ଜାତକେ,
ଇତିହାସ ସାକ୍ଷୀ ଗୌରବ ଗାଥାର
ଚର୍ଯ୍ୟା ତ୍ୟାଗ ସନ୍ତକେ ।୦୧

କଳା କାରୀଗରୀ ସଂସ୍କୃତି ସାହିତ୍ୟ
କିଏ ହେବ କାହା ସରି,
ଜତିପ୍ରାଣ ବୀରେ ସୌରଭ ବୈଭବେ
ସୁପୁଷ୍ଟି ଐଶ୍ୱର୍ଯ୍ୟ ଶିରୀ।୦୨

ଭାସ୍କର୍ଯ୍ୟ ଶିଳ୍ପୀଙ୍କ ବାଲୁକା, ପଥରେ
ପ୍ରତିମା କହଇ କଥା,
ଦେଶ ବିଦେଶ ରେ ବାଣିଜ୍ୟ ବ୍ୟାପାରେ
ବିଜୟ ଉନ୍ନିତ ମଥା ।୦୩

କାବ୍ୟ କବି ମଣି ସାରଳା ସୁମୁନି
ଦୀନକୃଷ୍ଣ, ଜୟଦେବ ,
ଉପେନ୍ଦ୍ର ଭଞ୍ଜ ଶ୍ରୀ- ଜଗନ୍ନାଥ ଦାଶ
କବିସୂର୍ଯ୍ୟ ବଳଦେବ ।୦୪

ପଞ୍ଚ ସଖା, ଭକ୍ତ କବି, ରାଧାନାଥ
ଗୋପବନ୍ଧୁ, ଗଙ୍ଗାଧର,

ISSN NO.
2582-208X

ଶ୍ରୀ ମଧୁସୂଦନ କୃଷ୍ଣଚନ୍ଦ୍ର ମାନ୍ୟ
ପ୍ରତିମ ବୀର କିଶୋର ।୦୫

ଜୟ ରାଜଗୁରୁ ବକ୍ସି ଜଗବନ୍ଧୁ
ବାଜି ରାଉତ ବୀର,
କୁନ୍ତଳା କୁମାରୀ ସୁଶ୍ରୀ ରମାଦେବୀ
ଶ୍ରଦ୍ଧାଞ୍ଜଳି ଘେନାକର।୦୬

ଜନମିଲେ ଯେଣୁ ଉତ୍କର୍ଷ ଉତ୍କଳେ
ଅକ୍ଷୟ ଅତୀତ ହେଜି
ଡେଇଁ ପଡ ଆଜି ସେବାର ସିନ୍ଧୁରେ
କର୍ତ୍ତବ୍ୟ କରମ ବୁଝି ।୦୭

ପ୍ରକୃତି ପ୍ରଦତ୍ତେ ମୋ ଉତ୍କଳ ଭୂଇଁ
ପ୍ରାଚୁର୍ଯ୍ୟ ଶୋଭା ଭଣ୍ଡାର
ଆପଦ ବିପଦେ ଏକତାର ଧାରେ
ହଟିଛି ଦୁଃଖ ଅପାର। ୦୮

ଜାତୀୟ ଜୀବନେ ସଙ୍କଟ ହଜିଛି
କରୋନା କବଳୁ ଆଜି,
ଗ୍ରାମ କି ସହର ସର୍ବେ ଏକାକାର
ସହଯୋଗ ସାଥୀ ସାଜି । ୦୨

ଧଣ୍ଡ ସାପ ହୋଇ ମରିବା ଅପେକ୍ଷା
ନାଗ ହୋଇ ଯାଆ ମରି,
ସାମାଜ ସଂସ୍କାର ସାମୂହିକ ଯଜ୍ଞେ
ନିଜକୁ ସାମିଲ୍ କରି ।।10

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ8660194967/ Dpradhan@gmail.com

ISSN NO.
2582-208X

# ଆମ ଓଡ଼ିଶା



ବର୍ଷାରାଣୀ ମହାମଲ୍ଲିକ

ଓଡିଶା ଆମର ମାତୃଭୂମି
ଆମ ମାତୃଭୂମି ମହାନ,
ଗରବେ କହିବା ଓଡିଶା ର ଆମେ
ଗାଇବା ତା ଜୟଗାନ ।।

ମଳୟରେ ଯା'ର ଚନ୍ଦନ ମହକ
ଓଡ଼ିଆ ଯା' ମାତୃଭାଷା,
ଜାତି, ଧର୍ମ, ବର୍ଣ୍ଣେ ଭେଦଭାବ ନାହିଁ
ସେହି ଆମ ପ୍ରିୟ ଓଡ଼ିଶା।।

ଜଗତ ର ନାଥ ଶ୍ରୀକ୍ଷେତ୍ର ଦେବତା
ଯହିଁଛନ୍ତି ବିରାଜିତ,
ଚନ୍ଦ୍ରଭାଗା, ଚିଲିକା, କୋଣାରକ ଆଦି
ଅଙ୍ଗେ ତା'ର ବିଭୂଷିତ।।

ISSN NO.
2582-208X

କଳା କାରିଗରୀ, କେତେ ଯେ ସୌନ୍ଦର୍ଯ୍ୟ
ରହିଛି ଏଠାରେ ଭରି,
ସଦା ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା
କିଏ ହବ ତା'ର ସରି।।

ବାରବାଟୀ ଦୁର୍ଗ ହୀରାକୁଦ ବନ୍ଧ
ଆଉ ପାରାଦ୍ୱୀପ ବନ୍ଦର,
ଧଉଳିଗିରି ର ବୁଦ୍ଧ କିର୍ତ୍ତୀ ଶାନ୍ତି ସ୍ତୁପ
ଦିଶେ କେଡେ ମନୋହର।।

ବାର ମାସ କୁ ତେର ଯାନିଯାତ୍ରା
ସେଇ ମୋ ଜନମ ଭୂଇଁ,
ପରସ୍ପର ପ୍ରେମ ଭାତୃଭାବ ସ୍ନେହ
ଯହିଁଥାଏ ଠୁଳ ହୋଇ।।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ରଫଖାତା



ଡଃ ମାଙ୍ଗଳିକା ମହାପାତ୍ର

କିଏ ଗାରେଇ ଦେଇଛି ମେଘର ଅକ୍ଷର
ମୋ ମନ ଆକାଶରେ..
ତୁମ ପ୍ରୀତି ଓ ସ୍ମୃତି ବର୍ଷୁଛି ବର୍ଷା ହେଇ
ଝରିଯାଉଛି ବତାସରେ..

ସେଣ୍ଟ୍ରାଲ କ୍ୟାଣ୍ଟିନରେ ଭାବ ଉଛୁଳେ
ଗରମ୍ ଚାହା କପ୍ ରେ
ଅନ୍ୟମନସ୍କ କଥାରୁ ସତ ବିଛୁଳେ
କହୁଥିବା ମିଛ ଗପରେ...

ତୁମେ ଏତେ ସତ କିଆଁ ଲାଗ
ସୁନ୍ଦର ଫଟୋ ରେ
ତୁମେ ପରା ବିରାଜିଛ ମୋର
ହୃଦୟର ଧକ୍ ଧକ୍ ରେ...

ତୁମକୁ ଲୁଚେଇଛି ସନ୍ତରପଣରେ
ମୁଁ ରଫ୍ ଖାତାରେ
ତୁମେ କିନ୍ତୁ ବର୍ଷାରେ ପ୍ରକଟୁଛ ବେଶି
ରଙ୍ଗୀନ ଛତାରେ ....

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୦- ପଥୁରିଆ ସମୁଦ୍ରକୂଳର ବିବିଧତା

ଶୋଭନା କଛି ଉତ୍ତର ଦେଲେନ । ତାଙ୍କର ମନେ ହେଉଥିଲା ସେ ଅସୀମଙ୍କ ଭଳ ତଳେ ଶୋଇଯାଇ କୂଳକୁ ନୂଆ ଭାବରେ ଆବିଷ୍କାର କରନ୍ତେ । କନ୍ତୁ ପାଖରେ ସତୀଶ କୁମାର ଥିବା ହେତୁ ସେ ଶୋଇ ଅନେଇ ପାରିବେନ । କନ୍ତୁ ଅସୀମ କଏ ଥାଉ ନଥାଉ ସବୁକଛି ନୂଆ ଭାବେ, ନଜ ହିସାବରେ ଦେଖିବାକୁ ଚେଷ୍ଟା କରନ୍ତୁ । ସେଇଟା ଅସୀମଙ୍କ ପ୍ରକୃତି । ତା'ପରେ ସେ ଶୋଭନାଙ୍କୁ ବହୁ ନୂଆ କଥା କୁହନ୍ତୁ ।

ତାଙ୍କ ପାଦ ଆଗକୁ ଗ୍ଲଲି । ଏକ ବଡ କାଠଗର ବା ଡ୍ରିଫ୍ଟଉଡ ପଡିଥିଲା । ସମୁଦ୍ରକୂଳରେ ଏମିତି କାଠଗର ପାଇବା ସାଧାରଣ କଥା । କେଉଁଠି କେଉଁଠି ଗଛ ନାଳାରେ, ବା ସମୁଦ୍ରକୂଳରେ ଜୁଆର ଆଉ ପାଣି ମାଡରେ ଉପୁଡିପଡେ, ସମୁଦ୍ର ଭିତରକୁ ପାଣି ସହ ବୋହିଆସେ । କୂଳର ଲହଡିରେ ବାଡେଇ ହୋଇହୋଇ ତା'ର କ୍ଷୟ ଘଟେ । କାଠର ନରମ ଅଂଶ ପାଣିରେ ସଢିଯାଏ ଆଉ ସବୁଠାରୁ ଟାଣ ଅଂଶ ରହିଯାଏ । ଏ ଅଂଶରେ କଛି ଡିଜାଇନ ତିଆରି କରାଯାଇପାରେ । ବେଶ ଶକ୍ତ । ପୋକ ଲାଗେନାହିଁ । ଆଗରେ ଥିବା କାଠ ବୋଧହୁଏ ସି ମୋହଗ୍ନା ଗଛର ଥିଲା । ଗଣ୍ଡି କଛି ଅଂଶରେ ଖାଇ ଆସିଲାଣି । ଧିରେ ପରେ ଭିତରର ମଞ୍ଜ କାଠ ବାହାରି ଆସିବ । ସେଥିରେ କଛି ଛୋଟ ଗେଣ୍ଡା ଲାଗିଥିଲେ । ଏ ଗେଣ୍ଡାମାନେ ବୋଧେ ସର୍ବଭୂକ । ଗଛରୁ ସେମାନେ କ ଶିଉଳୀ ବା ଷ୍ଟାର୍ଚ୍ଚ ଖାଉଥିବେ, ଶୋଭନା ତାହା ଜାଣିନାହାନ୍ତୁ ।

ISSN NO.
2582-208X

"ଶୋଭନା, ଯଦି କୂଳରେ କେବଳ ବାଲି ଥାଆନ୍ତା ବୋଧହୁଏ ସମୁଦ୍ରକୂଳ କିଛି ସମୟ ପାଇଁ ସୁନ୍ଦର ଦିଶନ୍ତା ।"- ଅସୀମ କହିଲେ । ଶୋଭନା ସମୁଦ୍ରକୁ ଅନାଇଲେ । ନୀଳ ସମୁଦ୍ର, ପାଣି ଆସି କୂଳରେ ଥିବା ପଥର ଆଉ କୋରାଲ ଉପରେ ଭାଙ୍ଗି ପଡୁଛି । ଠାଏ ଠାଏ ଥିବା ବାଲି ଚକଚକ କରୁଛି ।

"ବେଶି ସମୟ ମନକୁ କିନ୍ତୁ ଆକର୍ଷଣ କରିପାରନ୍ତା ନାହିଁ । ଖାଲି ବାଲି ଆଉ ବାଲି ଆଖି ନପାଇଲା ପର୍ଯ୍ୟନ୍ତ ବାଲି ଆଉ ତା' ପରେ ନୀଳ ସମୁଦ୍ର । ଗୋଟାଏ ଜିନିଷ ମନକୁ ଅଧିକ ସମୟ ଧରି ରଖେନା ।"- ଶୋଭନା କହିଲେ ।

ଅସୀମ ଭାବିଲେ ପଥୁରିଆ ଆଉ ସାମାନ୍ୟ ବାଲୁଆ ସମୁଦ୍ରକୂଳରେ ଖୋଜିବା ପାଇଁ ବହୁତ କିଛି ମିଳେ । ଏଇ ଖୋଜିବା ମନନେଇ ବୁଲିଲେ ସମୁଦ୍ରକୂଳ ସୁନ୍ଦର ଲାଗେ । ଅସଂଖ୍ୟ ଭଙ୍ଗା କୋରାଲ ଭିତରୁ ଛୋଟ ଛୋଟ ଅତୁଟ ଶାମୁକା ଖୋଜିବାକୁ ମଜା ଲାଗେ । ଦୁଇଟି ଜିନିଷ ଅଲଗା, ରୂପ କିନ୍ତୁ ପ୍ରାୟ ମିଶିଯାଏ । ସେହି ଖୋଜିବା ସମୟରେ ମନ ଆଉ କୁଆଡେ ଉଡିଯାଏନା । କୋରାଲ ଓଜନିଆ । କିଛି ଶାମୁକା ତଳୁଆ ହୋଇ ଅଧା ପୋତି ହୋଇଯାଇଥିଲା । ପାଖରେ କିଛି ଛୋଟ ଘଣ୍ଟି ଆକାରର ଫୁଲ । ଏ ସବୁ ଭିତରୁ ଅସୀମ ଏକ ଛୁଆ ଭଳି ସୁନ୍ଦର ସୁନ୍ଦର ଶାମୁକା ଆଉ ଗେଣ୍ଡାର ଖୋଳ ଖୋଜୁଥିଲେ । ତା'ପରେ ସେସବୁକୁ ଏକା ଜାଗାରେ ରଖି ସେମାନଙ୍କ ଗଢଣର ଭିନ୍ନତା ଦେଖୁଥିଲେ । ଏକ ବୁଢା ଆଙ୍ଗୁଠି ଆକାରର ଗୋଲିଆ ଶାମୁକାର ଖୋଳ କୋରାଲ ଖଣ୍ଡମାନଙ୍କ ମଝିରେ ପଡିଥିଲା । ଅସୀମ ସେହି ଭଙ୍ଗା ଶାମୁକା ଖୋଳ ଉଠାଇ ଆଣି ଶୋଭନାଙ୍କ ହାତକୁ ଦେଲେ ।

ଶୋଭନାଙ୍କ ସୁଗଠିତ ହାତରେ ଛୋଟ ଶାମୁକାର ଖୋଳ ଚମତ୍କାର ଲାଗୁଥିଲା । ଏକ ଛୋଟ ଟ୍ୟୁବ ଉପର ଆଉକୁ ମୋଟା ହୋଯାଇଛି । ସେଥିରେ ଗାଢ ବାଦାମୀ ରଙ୍ଗର ବ୍ରଶରେ ବଙ୍କା ଲାଇନ କଏ ଏକ ପ୍ୟାଟର୍ଣ ହିସାବରେ ତିଆରି କରିଛି । ମଝିରେ ଥିବା ଧଳା ରଙ୍ଗ କଲର କମ୍ବିନେସନକୁ ସୁନ୍ଦର କରୁଛି । କୋରାଲ ଆଉ ଶାମୁକାର ଖଣ୍ଡମାନଙ୍କ ରଙ୍ଗ ଆଉ ଗଢଣର ପ୍ୟାଟର୍ଣ ଦେଖିଲେ ମନଖୁସି ଲାଗେ । ତାଙ୍କୁ ଲାଗୁଥିଲା ଧ୍ୱନୀସବୁ କିଛି କିଛି ରେଖା ମନରେ ଟାଣି ହଜିଯାଉଛନ୍ତି । ଏମିତି କିଛି ସମୟ ଦେଖିଲା ପରେ ଶୋଭନା ତଳେ ଭଙ୍ଗା ଶାମୁକାଟିକୁ ପକାଇ ଦେଲେ ।

ISSN NO.
2582-208X

ଏମିତି ସେମାନେ ଦେଖିବା ଭିତରେ ଆଗରେ କିଛି ହଲଚଲ ହେଉଥିଲା । ସେପଟକୁ ସାମାନ୍ୟ ଓଦା ବାଲି । ଏକ ଛୋଟ ଧଳା କଙ୍କଡା ବହୁ ଚଞ୍ଚଳ ଥିଲା । ସେ ଏକ ଛୋଟ ଗାତ ତିଆରି କରି ସେମାନଙ୍କୁ ଏକ ଧ୍ୟାନରେ ଅନାଇଥିଲା । ତା' ରଙ୍ଗଟା ବାଲି ସହ ପ୍ରାୟ ମିଶିଯାଇଥିଲା । ଦୁଇଟ ଗୋଲଗୋଲ ଆଖି ଫୁଲ କଢି ଭଳି ବୃନ୍ତରେ ଖଞ୍ଜି ହୋଇ ଶରୀରରୁ ବାହାରିଥିଲା । ମୁଖ୍ୟ ଗୋଡ ଟିକିଏ ଉପରକୁ ହୋଇଯାଇଥିଲା । ଆଉ କଡର ଚାରି ଚାରିଟି କରି ଆଠୋଟି ଗୋଡ କେଉଁ ବି ଦିଗକୁ ଯିବାକୁ ପ୍ରସ୍ତୁତ ଥିଲା । ଅବଶ୍ୟ ଗାତ ଠିକ ତା'ର ବାମ ଗୋଡ ପାଖରେ ଥିଲା । ସେ କଙ୍କଡାଟି ବାଲିକୁ ଛାଟି ଛାଟି କରି ପକାଇଥିଲା । ଏ କଙ୍କାଡାମାନେ ପବନ ଭଳି କେଉଁ ଦିଗକୁ ସହସା ଚାଲିଯାଇପାରନ୍ତି, ମାନ ବାଲି ଉପରେ ଉଡିଯାଉଛନ୍ତି ।

ଆଗରେ କେଉଁ ଶାମୁକା ବା ଗେଣ୍ଡାର ଛୋଟ ଗାତଟିଏ ଥିଲା । ପାଖରେ ଏକ କୋରାଲ ଚାରିପାଖେ ସାମାନ୍ୟ ଗାତ ହୋଇଯାଇଥିଲା । ପାଣି ଫେରିଗଲାବେଳେ ସାମାନ୍ୟ ଭଉଁରି ଖାଇଛି । ଗାତର ଗୋଟାଏ କଡକୁ ବହୁତ ଗୋଲ ଗୋଲ ବଲ ଆକାରର ବାଲିମାଟିର ଗୁଳା ପଡିଥିଲା । ବେଶ ସୁନ୍ଦରଭାବେ ସାମାନ୍ୟ ମାଟି ମିଶିଥିବା ବାଲିରେ ସୁନ୍ଦର ଭାବେ ଗୋଲାକାର ବଲ କରାଯାଇଛି । ଯେମିତି କିଏ ଗୋଲ ଲଡୁସବୁ ତିଆରିକରି ଶୁଖାଇ ଦେଇଛି ।

"ପରୀଙ୍କ ରାଇଜ ।"- ଶୋଭନା ଛୁଆ ଭଳି କହି ଉଠିଲେ । ଏତେ ଭିନ୍ନତା କେବଳ ପରୀ ରାଇଜରେ ହୋଇପାରେ । ଖୋଜିନେବାର ଅଛି ।

ଆଗର ସମୁଦ୍ର ସେମିତି ନାଚୁଥିଲା । ପାଣିର କିଛି ଅଂଶ ବେଶ ଉଜ୍ଜ୍ୱଳ ଥିଲା । ସେଇଠି ପାଣିରେ ଶତ ହୀରା ଯେମିତି କିଏ ସଜାଇ ଦେଇଛି । ପାଣି ଉପରେ ଏକ ଧଳା ଗାର ବେଶ ଉଜ୍ଜ୍ୱଳ ଥିଲା । ଆଉ ତା'ପରେ ପାଣିର ଲହଡି ଚକଚକ କରୁଥିଲା । ଆକାଶ ସାମାନ୍ୟ ମେଘୁଆ ଥିଲା । ସମୁଦ୍ରରେ ସାମାନ୍ୟ ତଳୁଆ ବଉଦ ଆଲୁଅର ସ୍ରୋତକୁ ଜାଣି ପାଣିରେ ବୁହାଇଦିଏ । ପାଣି ପରେ କିଛି ଓଦା ବାଲି ଆଉ ତା'ପରେ ଶୁଖିଲା ବାଲି ଆରମ୍ଭ ହୋଇଯାଇଥିଲା । କ୍ରମାଗତ ପବନ ବୋହୁଥିବାରୁ ଶୁଖିଲା ବାଲିରୁ କିଛି କିଛି ଅଂଶ ଉଡିଯାଉଥିଲା ଆଉ ଲହଡି ଭଳି ବାଲିର ଢେଉ ତିଆରି ହୋଇଯାଉଥିଲା । ପ୍ରକୃତିର ନୈବେଦ୍ୟ ଚମତ୍କାର । ପାଣି ଆଉ ବାଲିରେ ଛୋଟ ଛୋଟ ଲହଡି ଥିଲା । ପାଣି

ISSN NO.
2582-208X

ଫେରିଗଲାବେଳେ ବାଲିରେ ସାମାନ୍ୟ ମାଟି ମିଶିଥିବା ହେତୁ ଢେଉର ରେଖା ତିଆରି ହୋଇଯାଇଛି । ସୁନ୍ଦର ଲମ୍ବା ତରଙ୍ଗାୟିତ ପ୍ୟାଟର୍ଣ ଧଳାବାଲିରେ, ପାଣି ପର୍ଯ୍ୟନ୍ତ ଲମ୍ବିଯାଇଛି । କେଉଁଠି ବାଲି ତଳୁଆ ହୋଇଯାଇଥିଲେ କୂଳଆଡକୁ ଟିକିଏ ଟିକିଏ ପାଣି ରହିଯାଇଛି । ସେଥିରୁ ପାଣି ସମୁଦ୍ରକୁ ଧିର ରେଖା କରି ବୋହିଯାଉଛି ।

କିଛି ହଳଦିଆ ଫୁଲ ଫୁଟିଥିବା ଖାଡି କାପାସ ଗଛମାନ କୂଳରେ ଠିଆ ହୋଇଥିଲା । ଫୁଲ ଥିଲା ଏକ କପ ଭଳି, ହଳଦିଆ ରଙ୍ଗ, ନରମ ପାଖୁଡା ଆଉ ଭିତରେ ଏକ ଲମ୍ବା ଗାଢ ହଳଦିଆ ଷଣ୍ଢା ଲାଲ ବୃନ୍ତରୁ ବାହାରି ଆସିଥିଲା । ସରୁଆ, ପ୍ରାୟ ଗୋଲ ପତ୍ରମାନ । ଠିକ ଜଙ୍ଗଲ ଧାରରେ ଅନେକ ଗଛ ଥିଲା । ଏ ସବୁ ଛୋଟ ଗଛରେ ମଧ୍ୟ ବଟ୍ରେସ ହେବା ଆରମ୍ଭ ହୋଇଯାଏ । ପାଣିର ସ୍ରୋତ ବହୁତ । ପବନ ଜୋର ହେତୁ, ଗଛର ସନ୍ତୁଳନ ପାଇଁ ବଟ୍ରେସ ଲମ୍ବା ହୋଇ ମୂଳରୁ ଦୂରକୁ ଲମ୍ବିଯାଇଥାଏ । ଏଗୁଡିକ ଗଛକୁ ସପୋର୍ଟ କରନ୍ତି ଠିଆ ହେବା ପାଇଁ ।

ଆଗରେ କିଛି ପାଣ୍ଡାନାସ ଗଛ ମିଳିଲା । ଅସୀମ ଏତେବାର ପାଣ୍ଡାନାସ ଗଛ ଦେଖିଛନ୍ତି, ବହୁବାର ତା'କୁ ପ୍ରଶଂସା କରିଛନ୍ତି, ତଥାପି ତାଙ୍କୁ ପାଣ୍ଡାନାସ ଗଛ ଦେଖିବାକୁ ଭଲଲାଗେ। ପୁଣି ତାଙ୍କୁ ବର୍ଣନା କରିବାକୁ ଇଚ୍ଛା ହୁଏ । ଅସୀମଙ୍କୁ ଆକାଶକୁ ଲମ୍ବ ହୋଇଯାଇଥିବା ଗାଢ ହଳଦିଆ ସବୁଜ ପତ୍ର, କେନା ହୋଇଯାଇଥିବା ମୁଖ୍ୟ ଗଣ୍ଡି ଆଉ ଝୁଲୁଥିବା ଲାଲ ଫଳମାନ ଆକର୍ଷଣ କରୁଥିଲା । ତଳେ ଅସଂଖ୍ୟ ଗେଣ୍ଡା ଜାତୀୟ ଲ୍ୟାଣ୍ଡ ହର୍ମିଟ କ୍ରାବ ବୁଲୁଥିଲେ । ପାଣ୍ଡାନାସ ବଣ ଏକ ଛୋଟ ଇକୋ ସିଷ୍ଟମ । ଏମିତି ତ ସବୁ ଗଛ ନିଜର ଇକୋ ସିଷ୍ଟମ ତିଆରି କରନ୍ତି, କିନ୍ତୁ ପାଣ୍ଡାନାସ ବଣର ଇକୋ ସିଷ୍ଟମରେ ଜୈବବିବଧତା ଗ୍ରେଟ ନିକୋବର ଉପକୂଳରେ ଦେଖିବାର କଥା । ପାଣ୍ଡାନାସର ଫଳ କି ନିକୋବାରୀ ବା ଶୋମ୍ପେନ, ଏମିତିକି ମାକାକ ଆଉ ସବୁ ପ୍ରାଣୀ ଖାଇ ପେଟ ଭରିଥାନ୍ତି । ମଣିଷ ଆଉ ମାକାକ ତ ଗଛର ମଞ୍ଜି ଖାଇଥାନ୍ତି । କିନ୍ତୁ ଏ ହର୍ମିଟ କ୍ରାବମାନେ ପାଣ୍ଡାନାସର ସବୁ ଶସକୁ ଖାଇଯାଇଥାନ୍ତି ।

ଅନେକ ଅନେକ ଗେଣ୍ଡା ମାଟିରେ ଥିଲେ । ଏଗୁଡାଙ୍କର ଆକାର ଗୋଲ, ଖୋଳ ବେଶି କାଳିଚିଆ ଥିଲା । ସେମାନେ ପତ୍ର ଇତ୍ୟାଦି ସବୁକିଛି ସଢିଯାଉଥିବା ପଦାର୍ଥ ଖାଇନେଉଥିଲେ । ଏକ ଜାଗାରେ କିଛି ଫଳ ପଡିଥିଲା । ସବୁଜ ପାଖୁଡା ଯାହା ବାହାରୁ

ISSN NO.
2582-208X

ଦେଖାଯାଉଥିଲା । ସେଥିରେ ଅସଂଖ୍ୟ ଗେଣ୍ଡା ଆଉ ଶାମୁକା ଲାଗିରହିଥିଲେ । ନିଜର ଗୋଡମାନ ଆଗକୁ କରି ଯିଏ ଯେତେ ଜାଗା ପାଇଲା ସେତିକି ଜାଗାରେ ସେ ଫଳକୁ ଧରିଥିଲେ ଆଉ ସେଥିରୁ ଖାଇବା ବାହାରକରି ଖାଇ ଚାଲିଥିଲେ । ସେମାନଙ୍କ ପବ ହୋଇଥିବା ଗୋଡମାନ ଆଙ୍କୁଡିଭଳି ଫଳକୁ ଜାବୁଡି ଧରିଥିଲା । ଏ ଲ୍ୟାଣ୍ଡ ହର୍ମିଟ କ୍ରାବମାନେ ବଡ ଆଶ୍ଚର୍ଯ୍ୟ ପ୍ରାଣୀ । କାଉ ଭଳି ସବୁ ଭକ୍ଷ୍ୟ ଅଭକ୍ଷ୍ୟ ଖାଦ୍ୟ ଖାଇନେଇଥାନ୍ତି ।

"ଅସୀମ, ଲାଗୁଛି ସମୁଦ୍ରକୂଳରେ କିଛି ପ୍ରାକୃତିକ ପଦାର୍ଥ ନଷ୍ଟ ହୁଏନାହିଁ ।"-ଶୋଭନା କହିଲେ । ତାଙ୍କୁ ଏହା ପ୍ରକୃତିର ବୈଚିତ୍ର ଲାଗୁଥିଲା ।

"ପ୍ରକୃତି ସହ ବଞ୍ଚିବା । ପ୍ରକୃତିକୁ ନିଜ ଭିତରେ ଅନୁଭବ କରିବା ଶୋଭନା ।"-ଅସୀମ କହୁଥିଲେ । ତାଙ୍କର ଆଖି ସମୁଦ୍ରକୂଳରେ ଛୁଆଭଳି ବୁଲୁଥିଲା ।

ଏକ ହର୍ମିଟ କ୍ରାବର ଖୋଳ ଖଣ୍ଡିଆ ମଧ୍ୟ ଥିଲା । ସେଥିରୁ ତା'ର ମୁଣ୍ଡ ଆଉ ଗୋଡ ସ୍ପଷ୍ଟ ମଧ୍ୟ ଦେଖାଯାଉଥିଲା । ଏ ହର୍ମିଟ କ୍ରାବମାନେ ଏକ ନୂତନ ଖୋଳଦେଖି ବଡ ହେବା ପାଇଁ ସେଥିରେ ପଶିଯାଆନ୍ତି । ସେମାନଙ୍କୁ ସୁରକ୍ଷା ମିଳେ । ନହେଲେ ଦେହ ନରମ ଆଉ କିଛି ସୁରକ୍ଷା ମିଳିବ ନାହିଁ । ତା'ର ବଙ୍କେଇ ହୋଇଯାଇଥିବା ଗାଢ ବାଦାମୀ କଳା ଗୋଡଗୁଡିକ ହଲୁଥିଲା । କଳା ଆଖି ଦୁଇଟି ମୁଣ୍ଡରୁ ବାହାରିଆସିଥିଲା ଆଉ ତିନିଟା ଆଣ୍ଟିନା ହଲିଚାଲିଥିଲା । ଏମାନେ ନିଜ ଆଣ୍ଟିନା ସାହାର୍ଯ୍ୟରେ ଅନ୍ୟର ଉପସ୍ଥିତି, ଗନ୍ଧ ଇତ୍ୟାଦି ଠଉରାଇପାରନ୍ତି । ମଣିଷ ଆଣ୍ଟନା ଦ୍ୱାରା କମ୍ୟୁନିକେସନ ତ ଏଇ ପ୍ରକୃତିରୁ ଶିଖିଛି ।

ଗୋଟାଏ ନାରଙ୍ଗୀ କଳା କଙ୍କଡା କଣାଥିବା ପଥର କନ୍ଦିରେ ସେମାନଙ୍କୁ ଦେଖି ପଶିଗଲା । ପାଣି ଶୁଖିଯାଇଥିବା ହେତୁ ସେଠି ମନ୍ଦାଏ ପାଣି ଥିଲା । ପଥରରେ ସବୁଆଡେ ଛେଦା ଛେଦା ହୋଇଯାଇଛି । ଏମିତି ବି ଲାଇମଷ୍ଟୋନ ଜାତୀୟ ପଥରରେ ଅନେକ କଣା ହୋଇଯାଇଥାଏ । କଙ୍କଡାଟି ବାଟ ନପାଇ ସାମାନ୍ୟ କଣାରେ ପଶି ନିଜକୁ ରକ୍ଷା କରୁଥିଲା । ଏଇଟା ରକ୍ଷାର ଏକ ଭଲ ଉପାୟ । ଅତିକମରେ କଙ୍କଡାକୁ ପଛରୁ କେହି ଆକ୍ରମଣ କରି ପାରିବେନି । କଙ୍କଡାର ସବୁଠାରୁ ଦୁର୍ବଳତମ ଭାଗ ହେଉଛି ପଛଭାଗ । ସେଇଠୁ ଜଣେ ଆକ୍ରମଣକରି ସହଜରେ କଙ୍କଡାକୁ ମାରିଦିଏ । ନିକୋବରୀ ମାକାକ ତ ସେଇଆ କରନ୍ତି ।

ISSN NO.
2582-208X

ଏ କଙ୍କଡାଟିର ଲାଲ ଆଖି ଏକ ଛୋଟ ମଞ୍ଜିଭଳି ମୁଣ୍ଡରେ ଲାଗିଥିଲା ଆଉ କଙ୍କଡା ନିଜକୁ ପୁରା ଶାଙ୍କୁଡି ଦେଇଥିଲା । ଯେତେ ଛୋଟ ହୋଇପାରେ ସେତେ ଛୋଟକରି ସେ ଜାଗା ସହ ନିଜକୁ ଆରେଇ ନେଉଥିଲା । ତା'ର ବୁଢା ଗୋଡ ଭାଙ୍ଗ ହୋଇ ଆଖି ପାଖରେ ଛାତି ତଳକୁ ଚାଲିଯାଇଥିଲା । ଏମାନେ ପାଖେଇ ଆସିବାରୁ ସେ ନିଜକୁ ପ୍ରସ୍ତୁତ କରିନେଲା । ତା'ର ବଡ ଗୋଡ ଧିରେ ବାହାରି ଆସିଲା ଆଉ ଆଖି ସିଧାରେ ରହିଗଲା । ସେଇଟା ବର୍ତ୍ତମାନ ଚିମୁଟା ଆକାର ଧାରଣ କରୁଥିଲା । ତା'ର ଆଖି ଏବେ ବାହାରକୁ ଆସିଯାଇଥିଲା। କଙ୍କଡା ଏମାନଙ୍କର ସବୁ ଗତିକୁ ଲକ୍ଷ୍ୟ କରୁଥିଲା । ପଛଗୋଡ ଗୁଡାକରେ ପଥରକୁ ଜୋରରେ ଜାବୁଡି ଧରିଥିଲା । ତା'ର ବଡ ଦୁଇଗୋଡ ଏବେ ହାତ ମେଲେଇଲା ଭଳି ମେଲେଇ ହୋଇଯାଇଥିଲା ଆଉ ତା'ର ଛାତି ପୁରା ଦେଖାଯାଉଥିଲା । କଙ୍କଡା ନିଜର ପୁରା ଆକାର ଦେଖାଇ ବଡିବିଲଡରମାନଙ୍କ ଭଳି ଯେମିତି ବଳ ପ୍ରଦର୍ଶନ କରୁଥିଲା । ସେମାନଙ୍କର କଙ୍କଡା ସହ କିଛି କରିବାର ନଥିଲା ।

ଆଗକୁ କିଛି ପଥରର ଚଡା ଥିଲା । ଗ୍ରେଟ ନିକୋବର ଦ୍ୱୀପରେ ସମୁଦ୍ରକୂଳରେ କାହିଁ କାହିଁ ବାଲିଚଡା ମିଳେ । କିନ୍ତୁ ମୁଖ୍ୟତଃ ପଥରର ଚଡା ମିଳିଥାଏ । ପଥର ସରିଗଲାପାରେ ମାଟି ଆରମ୍ଭ ହୁଏ । ସେଇଠୁ ସବୁଜ ରେଖା ବା ଗଛ ହେବା ଆରମ୍ଭ ହୋଇଯାଏ । ଏ ପର୍ଯ୍ୟନ୍ତ ପାଣି ଆସେନା । ପଥର ଉପରକୁ କିଛି ଗଛମାନ ମାଡି ଆସିଥିଲା । ମୂଳ ଭିତରକୁ ଥିଲା। ଗଛରେ ଅନେକ ପ୍ରକାରର ଫୁଲ ଥିଲା । ଅଧିକାଂଶ ଗଛକୁ ଅସୀମ ଭଲଭାବେ ଚିହ୍ନି ନଥିଲେ । କିନ୍ତୁ ଗୋଟିଏ କଥା ସମାନ ଥିଲା । ସବୁ ପତ୍ର ଥିଲା ଗାଢ ସବୁଜ । ପଥର ଚଡାରେ କେଉଁଠି କେଉଁଠି ମନ୍ଦାଏ ମନ୍ଦାଏ ପାଣି ଆଉ ଛୋଟ ବାଲିଗରଡା ରହିଯାଇଥାଏ । ଏ ସବୁଯାଗା ହେଉଛି କଙ୍କଡାର ଜାଗା । କଙ୍କଡା କି ପାଣି କି ଶୁଖିଲାରେ କିଛି ସମୟ ରହିଯାଏ । ଜଳବିନା କିଛି ସମୟ ରହିଗଲେ ବେଶି ଅସୁବିଧା ହୁଏନା । ସେମିତି ଏକ ଏକ ବଡ ଗୋଲ ପଥର ଧାରରେ ଅନେକ ପଥର ଖଣ୍ଡ ପଡିଥିଲା । ସେଇ ପଥର ଖଣ୍ଡ ଭିତରେ ଏକ ଛୋଟ ଶରୀର କିନ୍ତୁ ବଡ ବୁଢା ଗୋଡଥିବା କଳାରଙ୍ଗର ଛାପିଛାପିକିଆ କଙ୍କଡାଟିଏ ଆଶ୍ରୟ ନେଇଥିଲା । ଆଶ୍ଚର୍ଯ୍ୟଜନକ ଭାବେ ତା'ର ବଡ ଗୋଡର ଚିମୁଟା ବେଶ ବଡ ଆଉ କମଳା ଧଳା ରଙ୍ଗର । ସବୁ କଙ୍କଡାଙ୍କ ଭଳିଆ ପାଖକୁ ଗଲାରୁ ଗୋଡ ଖୋଲିଦେଇ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଲା ।

ISSN NO.
2582-208X

ଆଗରେ ସବୁଆଡେ ପଥର ଖୋଲମାନଙ୍କରେ ମନ୍ଦାଏ ମନ୍ଦାଏ ପାଣି ଥିଲା । ପ୍ରାୟ ସବୁ ପଥର ଖୋଲରେ ରଙ୍ଗ ରଙ୍ଗର କଙ୍କଡାମାନେ ଲୁଚି ରହିଥିଲେ । କିଏ ସବୁଜ ତ କିଏ ସାମାନ୍ୟ କଳା, କିଏ ସାମାନ୍ୟ କାଳିଚିଆ ଲାଲ । ଏ କଙ୍କଡାମାନଙ୍କର ବୁଢା ଗୋଡଗୁଡିକ ପ୍ରାୟ ଚମକୁଥିବା ରଙ୍ଗର ହୋଇଥିଲା । ପାଖେଇ ଆସିବାରୁ ସେମାନେ ଚଟ୍‌କରି ଭିତରକୁ ପଶି କଣାରୁ ଲୁଚି ଅନାଉଥିଲେ । ଆଗକୁ ଟିକିଏ ଅଧିକ ପଥର ଚଟାଣ ଥିଲା । ବଡ ପଥରଗୁଡା କୂଳରେ ଯେମିତି ଫାଟିଯାଇଥିଲା । ସେ ଫଟା ପଥରମାନଙ୍କ ମଝିରେ ତଳକୁ ଧଳା ବାଲିଥିଲା । ପାଣିଆଡକୁ ପଥର ଛୋଟ ହୋଇଯାଇଥିଲା । ଗୋଟାଏ ଜାଗାରେ ଅଳ୍ପପାଣିରେ କିଛି କଙ୍କଡା ଥିଲେ । ପତଳା କଙ୍କଡାଗୁଡିଏ । ଏମାନେ ପାଖକୁ ଆସିଲେ, ତଥାପି ସେ କଙ୍କଡାମାନେ କିଛି କଲେନି । ଦେଖିଲାବେଳକୁ ସେମାନେ ମରିଯାଇଛନ୍ତି । କିନ୍ତୁ କ'ଣ ପାଇଁ? ସେମାନେ ତ ସହଜରେ ଚାଲି ତଳକୁ ଯାଇ ଭଲପାଣିରେ ରହିପାରିଥାନ୍ତେ ।

ଟିକିଏ ଦୂରରେ ପାଣି ଭିତରେ ସବୁଆଡେ କଣାହୋଇଯାଇଥିବା ଏକ ବଡ ପଥର ପଥର ଉପରେ କେତେଟା କଳା ରଙ୍ଗ ତଥା ଲମ୍ବା ଗୋଜିଆ ଥଣ୍ଟଥିବା ଚଢେଇ ନିଶ୍ଚଳ ହୋଇ ବସିଥିଲେ । ହେରୋନ ଜାତୀୟ ଏ ପକ୍ଷୀଙ୍କର ଥାଏ ଲମ୍ବା ଲମ୍ବା ଗୋଡ ଆଉ ଥାଏ ଲମ୍ବା ମୁନିଆ ଥଣ୍ଟ । ଏ ପକ୍ଷୀଗୁଡିକ ସ୍ଥିର ହୋଇ ବସିଥାନ୍ତି । ପାଖକୁ ଶିକାର ଆସିଲେ ବିଜୁଳିବେଗରେ ଶିକାରକୁ ଧରି ନିଅନ୍ତି । ସେ ପଥର ଉପରେ କିଛି କଙ୍କଡା ମାଛ ଇତ୍ୟାଦି ପଡିଲାଭଳି ଲାଗୁଥିଲା । ଏମାନେ ଖାଇ କିଛି ଉଚ୍ଛିଷ୍ଟ ଛାଡିଦେଇଛନ୍ତି । ଏମିତି ଏପଟେ କଙ୍କଡାମାନ ଏମାନଙ୍କ ଶିକାର ହୋଇଯାଇଥିବେ । ସେ ଭିତରୁ ଗୋଟାଏ ପକ୍ଷୀ ଏକଦମ ପାଣି ଧାରକୁ ଚାଲିଗଲା ଆଉ ବେକକୁ କୁଜା କରିଆଣିଲା । ସେ ଏବେ ଶିକାର ଧରିବା ପାଇଁ ପୁରା ପ୍ରସ୍ତୁତ । ଏଣେ ଲମ୍ବା ବଙ୍କା ଥଣ୍ଟଥିବା ଧଳା ପାଉଁଶିଆ ରଙ୍ଗର ଚଢେଇଟିଏ ଆସି ଟିକିଏ ଦୂରରେ ପଥର ଉପରେ ଓହ୍ଲେଇ ପଡିଲା । ଏମାନେ କ୍ଷିପ୍ର ଗତିରେ ଚାଲିପାରନ୍ତି ଆଉ ଶିକାର ଖୋଜିନିଅନ୍ତି । ସେପଟ ସମୁଦ୍ରରେ ବଡ ଢେଉ ନଥିଲା କିନ୍ତୁ ପାଣି ନାଚୁଥିଲା। ପାଣିରୁ ଦୂରରେ ଥିବା ପକ୍ଷୀଟି ନିଜର ଡେଣା ଖୋଲିନେଲା, ତା'ପରେ ଗୋଟାଏ ଡେଣାକୁ ଖୋଲି ନିଜକୁ ଗୋଟିଏ ଗୋଡରେ ସନ୍ତୁଳିତ କରୁଥିଲା । କି ମଜାଳିଆ ବ୍ୟବହାର ଥିଲା ସତରେ ?

ISSN NO.
2582-208X

କେଓଡା ବଣ ଭିତରେ ବାଲି ଟିକିଏ ସମୁଦ୍ର ଆଡକୁ ଥିଲା । କେଉଁଠୁ ଇଗଲଟିଏ ଆସି ସେଇଠି ଓହ୍ଲେଇ ପଡିଲା । ସେ ନଖରେ ବୋଧହୁଏ କିଛି ଧରିଥିଲା । ଏମାନେ ପାଖକୁ ଗଲାରୁ ସେ ଉଡି ଚାଲିଗଲା । କେଓଡା ବଣ ଧାରରେ ଏକ ଛୋଟ ନାଳ ବୋହୁଥିଲା । ନାଳରେ ପ୍ରାୟ ପାଣି ନାହିଁ । ସେପଟେ ବୋଧେ କେଉଁଠି ସାମାନ୍ୟ ଗଡାଣିଆ ଅଞ୍ଚଳ ଥିବ। କିମ୍ବା ଏହା ଏକ ଅତି ଛୋଟ ନାଳା ହୋଇପାରେ । ସମୁଦ୍ରପାଣି ଜୁଆରରେ ଭିତରକୁ ମାଡିଯାଇଥିବ । ଜୁଆର ଏକଦମ କମିଗଲାରୁ ପାଣି ଧିରେ ସମୁଦ୍ରକୁ ବୋହିଆସୁଛି । ନାଳ ଧାରରେ କଛି ବାଲି ଭୁସୁଡି ପଡିଥିଲା । କେଓଡା ଗଛର ଚେର ସବୁ ମୋଟା ନାଇଲନ ସୂତା ଭଳି ଛନ୍ଦି ହୋଇଥିଲା । ଯେଉଁଠି ବାଲି ମାଟି ଦିଶିଲା ସେଇଠି ଭିତରକୁ ପଶିଯାଇଥିଲା । ବେଶ ଲମ୍ବା ଚେର କେଓଡାର । ସେଇଥି ପାଇଁ ଏ ଗଛ ଏତେ ଭଲଭାବରେ ସମୁଦ୍ରକୂଳରେ ତଥା ବାଲିଧାରରେ ବଢିପାରେ । ବାଲିର ଉପରେ ବଢୁଥିବା ସବୁ ଗଛର ଚେର ଅତି ଲମ୍ବା ହେବା ଦରକାର । ନିଉଟ୍ରିଏଣ୍ଟ ପାଇଁ ବହୁଦୂର ପର୍ଯ୍ୟନ୍ତ ଯିବାକୁ ପଡିବ । ତା' ଛଡା ଜୁଆର ଭଟ୍ଟାରୁ ଜନିତ ମାଟି କ୍ଷୟ ଯୋଗୁ ଉପୁଡି ପଡିବାରୁ ରକ୍ଷା ମଧ୍ୟ ମିଳିବ ।

"ଅସୀମ, ବହୁ ପ୍ରଶ୍ନର ଉତ୍ତର ମିଳିଯାଉଛି ।"-ଶୋଭନା ଏବେ କହୁଥିଲେ ।

"ଶୋଭନା, ଏକ ନୀଳ ଦିଗହୀନ ସୀମାନ୍ତ ବହୁ ପ୍ରଶ୍ନର ଉତ୍ତର ଆପେ ଦେଇଦିଏ ।"

"ମଣିଷ ମନ କ'ଣ ଏକ ଅସରନ୍ତି ସାଗର ।"

"ମନରେ ଢେଉ ତ ଆସେ । ଢେଉକୁ ଧରି ରଖିଥିବା ମସ୍ତିଷ୍କ ନିଶ୍ଚିତ ଭାବେ ସାଗର ଶୋଭନା ।"

"ସାଗରର ରୂପ ଅଛି, ଅସୀମ?"

"ରୂପ ଆକଳନ କରି ହୁଏନି । ରୂପ ଦେଖିବାକୁ ତୁମକୁ ଦେଖିବାକୁ ହେବ ଚତୁଃପାର୍ଶ୍ୱ ଆଉ ତା'ପରେ ରୂପ ଆକାଳନ କରିବ ।"

ISSN NO.
2582-208X

"ଅସୀମ, ଏଇ ଚତୁର୍ପାର୍ଶ୍ୱ ମଧ୍ୟ ଅବୋଧ୍ୟ । କିନ୍ତୁ ଭଲଲାଗେ । ସଙ୍ଗୀତରେ ବହୁ କଥା ବୁଝିହୁଏନା କିନ୍ତୁ ଧ୍ୱନୀର ତରଙ୍ଗ ହୃଦୟକୁ ଦ୍ରବୀଭୂତ କରିଦିଏ । ମନରେ ସବୁକିଛି ଆଶ୍ଳେଷ, ଆକ୍ରୋଶ ମହମ ଭଳି ତରଳି ବୋହିଯାଏ, କିଛି ଜମାଟ ବନ୍ଧେନା ।"

"ଶୋଭନା, ସବୁ ବୁଝିହୁଏନା । ଏକ ନରମ ଆଖି ଏମିତି ବହୁ ବିଷୟ ଆହରଣ କରିନିଏ। ଚିତ୍ର ତ ଜୀବନର ପ୍ରକୃତ ସଙ୍ଗୀତ ।"-ଅସୀମ କହୁଥିଲେ ।

ଶୋଭନା ଦେଖୁଥିଲେ ସମୁଦ୍ର ଭିତରେ ପଡିରହିଥିବା ପଥରମାନଙ୍କ ଆକାର ଅଦ୍ଭୂତ । ସେସବୁରୁ ସେ ଭିନ୍ନ ଭିନ୍ନ ପ୍ରକାରର ପଶୁ ପକ୍ଷୀଙ୍କର ଆକାର ବାହାର କରିଚାଲୁଥିଲେ । ଏକ ପଥର ହାତୀ ଭଳି ଲାଗୁଥିଲା । ତା'ର ଦେହ ସାମାନ୍ୟ ବୁଡିଯାଇଛି ଆଉ ଶୁଣ୍ଢ କୋଣକରି ଆଗରେ ପାଣିରେ ବୁଡୁଛି । ଜଳ ଆଉ ରାସାୟନିକ କ୍ଷୟ ଯୋଗୁ କି କି ଆକାର ସତରେ ବାହାରିପାରେ । ଢେଉ ସେ ଭିତରେ ତିଆରି ହୋଇଥିବା ବଡ କଣାଦେଇ ଜୋରରେ ବାହାରି ଆସୁଥିଲା । ଗୋଟିକିଆ ଛୋଟ ପଥରଟିଏ ପାଣିରେ ସାମାନ୍ୟ ମୁଣ୍ଡ ଉଠାଇଥିଲା । ଦୂରରୁ ଦେଖିଲେ ମାଛ ଧରାଳୀର ଫ୍ଲୋଟର ବା ବୋୟା ଭଳି ଲାଗୁଥିଲା । କେମିତି ଏକୁଟିଆ ପଥର ପାଣିରେ ରହିଗଲା କେଜାଣି ? ପଥରରେ ତାରା ଆକରର ସେଲମାନ ଲାଗିଥିଲେ । ମାଟି ପାଖରେ ଥିବା ପଥର ଧାରରେ ବାଲିରେ ଏକ ଛୋଟ ବାଡି ପୋତି ହୋଇଯାଇଥିଲା । କେଉଁଠୁ କଳା ରଙ୍ଗର କଙ୍କିଟିଏ ଉଡିଆସି ତା' ଉପରେ ବସି ପଡିଲା

"ଅସୀମ, ଚିତ୍ର ତ ସଙ୍ଗୀତର ଧାରା, ହୃଦୟର ଚିର ମନ୍ଦାକିନୀ ।"-ଶୋଭନା କହିଲେ ଆଉ ସେମାନେ ଧୀରେ ସମୁଦ୍ରକୂଳରେ ସେମିତି ଚାଲିବାକୁ ଲାଗିଲେ ।

-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଏଥର ତୁମ ରଥଯାତ୍ରା



ଶଶଧର ମହାପାତ୍ର

ଦି'ହଜାର କୋଡ଼ିଏ ମସିହା
ରଚିଦେଲା ଇତିହାସ
ସାରା ବିଶ୍ୱକୁ କରୋନା ଆଜି
କରିଦେଲା ସର୍ବନାଶ
ଲକ୍ଷଲକ୍ଷ ଲୋକ ମଲେଣି ବିଶ୍ୱରେ
ଏକଛତ୍ରବାଦ କରୋନା ବିସ୍ତାରେ
କାହା ମୁହେଁ ନାହିଁ ହସ ।
ବଳଭଦ୍ର ଆଉ ସୁଭଦ୍ରାଙ୍କ ସହ
ସ୍ନାନ ମଣ୍ଡପରେ ବସି
ବିନା ଭକତରେ ସ୍ନାନ କରୁଥିଲ
ନଥିଲ ଜମାରୁ ଖୁସି
ଟିଭି ପରଦାରେ ତୁମ ସ୍ନାନୋତ୍ସବ
ଦେଖିଲେ ଓଡ଼ିଶାବାସୀ
କରୋନା ସବୁ ବେଙ୍ଗା କରିଦେଲା
ଶ୍ରୀକ୍ଷେତ୍ର ଧାମରେ ପଶି ।
ଭାବୁଥିଲେ ଲୋକେ ତୁମ ବଡ଼ଦାଣ୍ଡେ
ଗଡ଼ିବ ହିଁ ତିନିରଥ
ଭକତଙ୍କ ବିନା ରଥ ଟଣାଯିବ
ହସ୍ତୀ ହେବେ ନିୟୋଜିତ
ଦିନରାତି ଲାଗି ରଥ ଗଢ଼ାହେଲା

ISSN NO.
2582-208X

ସମସ୍ତଙ୍କ ମନେ ବିଶ୍ୱାସ ଜନ୍ମିଲା
କିନ୍ତୁ, ସବୁ ହେଲା ବିପରୀତ ।
ତୁମ ବଡ଼ଦାଣ୍ଡେ ଶୋଭା ପାଉଅଛି
ସୁସଜ୍ଜିତ ତିନି ରଥ
ନନ୍ଦିଘୋଷ ରଥେ ମାଉସୀ ଘରକୁ
ଯିବେନାହିଁ ଜଗନ୍ନାଥ
ମିଛ ନୁହେଁ ଏହା ସତ
ମାଳିକା ବଚନ କେବେ ମିଥ୍ୟା ନୁହେଁ
ଜାଣିଗଲା ଏ ଜଗତ ।
ଗତକାଲି ଆମ ସୁପ୍ରିମକୋର୍ଟରୁ
ଜଜ୍‌ମେଣ୍ଟ ଆସିଥିଲା
ଶୁଣି ଜଜ୍‌ମେଣ୍ଟ ଓଡ଼ିଶାବାସୀଙ୍କ
ମନଟାକୁ ଭାଂଗିଦେଲା
ଏଡ଼େ ହଟହଟା କଲା
ଏହା ଯଦି ପ୍ରଭୁ ତୁମ ଇଛା ଥିଲା
ରଥ କାହିଁ ଗଢ଼ା ହେଲା ?
ସମସ୍ତେ କୁହନ୍ତି ଘୋର କଳିକାଳ
ଭାଇ ଆସି ପହଂଚିଲା ।
କରୋନା ତୁମକୁ ଦେଇଛି ଆଣ୍ଠେଇ
ନିଜେ ପାରୁନାହିଁ ଖସି
ତୁମ ରଥଯାତ୍ରା ହେବନାହିଁ ଶୁଣି
ଦୁଃଖିତ ଓଡ଼ିଶାବାସୀ ।

(୨୦୨୦ ମସିହା କରୋନା ମହାମାରୀ ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ହେବା ଶୁଣି ଓଡ଼ିଶାର ସମସ୍ତ ନରନାରୀ ଓ ଓଡ଼ିଶା ରାଜ୍ୟରେ ଥିବା ଜଗନ୍ନାଥପ୍ରେମୀଙ୍କ ମନରେ ବହୁତ କଷ୍ଟ ହେଇଥିଲା । ଏହାକୁ ଭିତ୍ତି କରି ଏହି ଲେଖାଟି)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଖଣ୍ଡଗିରୀ ମେଳା



ଡ. ପ୍ରସନ୍ନ କୁମାର ବଳ

କହିକି ପାରିବ ସତ କରି ଆମ ଜୀବନର ଅର୍ଥ କଣ ?
ଜନ୍ମ ଓ ମୃତ୍ୟୁର ମଝି ସମୟଟା ଠିକ୍ କରି ତାକୁ ଗଣ ।୧।
ଜନ୍ମ ହେଲାବେଳେ ନିଜେ କାନ୍ଦିଥାଏ ଅନ୍ୟକୁ ଆନନ୍ଦ ଦେଇ,
ମୃତ୍ୟୁ ସମୟରେ ସମସ୍ତେ କାନ୍ଦନ୍ତି ଥାଏ ସେ ଆନନ୍ଦେ ଶୋଇ ।୨।
ଜନ୍ମ ଓ ମୃତ୍ୟୁର ଦୁଇ ଅଗ୍ନିଶିଖା ଏକା ପରି କେବେ ନୁହଁ,
ଏନ୍ତୁଡି ଶାଳରୁ ଆରମ୍ଭ ଯେ ହୁଏ ଜୁଇରେ ବିଲୀନ ପ୍ରାୟ ।୩।
ଏ ଧରାଧାମରେ ଯିଏ ଜନ୍ମ ନିଏ, ଦିନେ ଯାଏ ଛାଡି ୟାକୁ,
ସ୍ୱୟଂ ଭଗବାନ ଜନ୍ମିଲେ ବି ସିଏ ଛାଡନ୍ତି ଧରା ଧାମକୁ ।୪।
ଜୀବନ ମଧ୍ୟରେ ପ୍ରତ୍ୟେକ ମାନବ କିଛି କର୍ମ କରିଥାଏ,
ଜୀବନ ପୋଷଣେ ତାହା ହିଁ ଭରଷା କିଏ ମନା କରିଥାଏ ।୫।
ମଣିଷ ଗୋଟିଏ ସାମାଜୀକ ପ୍ରାଣି କହିବା ଏକା ବାହୁଲ୍ୟ,
ସମାଜର ବିନା ଜୀବନ କାଟିବା ନର୍କର ସ୍ଥାନ ତୁଲ୍ୟ ।୬।
ଛୁଆଟିଏ ଯେବେ ଜନମ ହୁଅଇ କିଏ ନିଏ ତାର ଯତ୍ନ,
ଏକା କିବା ସିଏ ବଞ୍ଚିକି ପାରିବ ନ ନେଲେ ତାହାର ଯତ୍ନ ।୭।
ପରିବାର ତାର ଯତ୍ନ ହିଁ ତ ନିଏ ବଡ ହେବା ଯାଏ ସିଏ,
ଭାଇ, ବନ୍ଧୁ, ବାପା, ମା ଓ କୁଟୁମ୍ବ ସାହାର୍ଯ୍ୟ ହିଁ କରିଥାଏ ।୮।
ଛୁଆର ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୁଏ ଏମାନଙ୍କ ସଙ୍ଗ ପାଇ,
ଅନ୍ୟଥା ଛୁଆଟି ବଞ୍ଚିବାର ରାହା ହଜାଇ ଦେଇ ତ ଥାଏ ।୯।

ISSN NO.
2582-208X

ଛୁଆଟିଏ ଯେବେ ବଡ ହୁଏ ପୁଣି ସମାଜ ମଧ୍ୟରେ ମିଶେ,
ସାଙ୍ଗ, ସାଥି, ବନ୍ଧୁ, ବାନ୍ଧବ ମେଳରେ ଆନନ୍ଦେ ଜୀବନ କାଟେ ।୧୦ ।
ନିଜର ଭାବରେ ପ୍ରଭାବିତ କରେ ପୁରା ପରିବେଶଟିକୁ,
ସୁନ୍ଦର ବ୍ୟକ୍ତିତ୍ୱ, ପ୍ରସ୍ଫୁଟିତ ହୁଏ ସୁସ୍ଥ ସମାଜ ମଧ୍ୟରୁ ।୧୧ ।
ବ୍ୟକ୍ତି ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟିତ ପାର୍ଶ୍ୱ ପରି,
ଏକର ଅଭାବେ ଅନ୍ୟର ଶିତି ତ ଅସମ୍ଭବ ହୁଏ ବାରି ।୧୨ ।
ବ୍ୟକ୍ତିର କର୍ତ୍ତବ୍ୟ ନିଷ୍ଠା ଓ ଆଦର ସମାଜ୍ରେ ହୁଏ ବାରି,
ସୁମଣିଷ ହୋଇ ଜୀବନ କାଟିଲେ ସମାଜେ ମଙ୍ଗଳ ହୋଇ ।୧୩ ।
ନିଜ ଉନ୍ନତିରେ ସମାଜ ଉନ୍ନତି ଏହା ଜଣାଶୁଣା କଥା,
ସ୍ୱାର୍ଥ ରଖି ଯିଏ କାମ କରିଥାଏ ନିନ୍ଦା ହିଁ ପାଏ ଅନ୍ୟଥା ।୧୪ ।
ସୁନ୍ଦର ସମାଜ ତିଆରି କରିବା ଭବିଷ୍ୟତ ପିଢି ପାଇଁ,
ଜୀବନରେ ଆଚରଣ, ଉଚ୍ଚାରଣ ଶବ୍ଦକୁ ଗୁରୁତ୍ୱ ଦେଇ ।୧୫ ।
ସମାଜରେ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପରଖିବା,
ଉପଯୁକ୍ତ ଯତ୍ନ ନେଇ ଆମେ ପୁଣି ଉଦାହରଣ ରଚିବା ।୧୬ ।
ଭାରତ ଆମର ଗଣତନ୍ତ୍ର ରାଷ୍ଟ୍ର ସବୁ ଧର୍ମ ଏଠି ଏକ,
କର୍ତ୍ତବ୍ୟ ଓ ଅଧିକାରକୁ ମାନିକି ରଖିବା ରାଷ୍ଟ୍ରର ଟେକ ।୧୭ ।
ସାମାଜିକ ଜୀବନର ଭିତ୍ତିଭୂମି ବ୍ୟକ୍ତିଗତ ଜୀବନ ହିଁ,
ବ୍ୟକ୍ତିର ବିକାଶ ଅସମ୍ଭବ ଅଟେ ସୁସଂପର୍କ ଯହିଁ ନାହିଁ ।୧୮ ।
ସ୍ନେହ, ଶ୍ରଦ୍ଧା, ଭକ୍ତି, ସମ୍ମାନ ହିଁ ହେଉ ଏ ଜୀବନର ପାଥେୟ,
ସୁମଣିଷ ହୋଇ ସମାଜ ମଙ୍ଗଳେ ହେଉ ଆମ ମନ ଥୟ ।୧୯ ।
ଏତିକି ମିନତି ସମସ୍ତଙ୍କୁ ମୋର ଏ ଜୀବନ ତ ଦୁଃର୍ଲଭ,
ସୁଉପଚାର କରି ଏ ଜୀବନେ ହୋଇବା ଆମେ ଅମର ।୨ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X



ଶାନ୍ତିଲତା ମିଶ୍ର

# ଯୁଦ୍ଧ କାହିଁକ ?

ମଣିଷ ସଂଗେ କହିଁକି ଲାଗିଛି ମଣିଷର ଏ ଯୁଦ୍ଧ !
ଯଦିଓ ଯାଣିଛି ସେ କିଛି ନହେବ ପ୍ରାପ୍ତ ।
ଆଖି ବିବେକକୁ କରି ଦେଇଅଛି କିପରି ବନ୍ଦ
ନିଜ ସହିତ କରୁଅଛି ପ୍ରତାରଣା ହୋଇ ଅନ୍ଧ ।।
ମଣିଷ ଜନମର ଅଛି ଅଲଗା ମର୍ଯ୍ୟଦା
ଜ୍ଞାନ ବୁଦ୍ଧି ଯୋଗୁ ବୋଲାଏ ସର୍ବେ ସର୍ବା ।
କିନ୍ତୁ ବ୍ୟବହାରେ ଦିଶେ ପଶୁ ପରି ଝଲକ
ଭାବୁଛି ଲୁଟିନେବ ପରା ଏ ସାରା ମୁଲକ ।।
ତାର କିଛି ନୁହେଁ ଜାଣି ସୁଦ୍ଧା ଜିଦିରେ ଅଟଳ
ହଜାର ଅସହାୟଙ୍କ ଆଖିରୁ ଝରାଇ ଲୁହର ଧାର ।
ଥରହର କରିଦେଇ ସାରିଲାଣି ବିଶ୍ୱ ଦରବାର
ଅଶାନ୍ତି ଅସହାୟେ ଭିତତ୍ରସ୍ଥ ସାରା ସଂସାର ।।
କି ସମ୍ବାଦ ନେଇ ଆସିବ କାଲିର ସକାଳ
ଏ ଚିନ୍ତାରେ ବିତେ ଶୋଇଥିବା ଲୋକର ।
କି ଦେଖିବ ଆଖି, କି ଶୁଣିବ କାନ ଭାବି ଅଧୀର
ସୂର୍ଯ୍ୟର ସୁନେଲି କିରଣ ଅବା ଘୋଟିଥିବ ଅନ୍ଧାର ।।

ବୋମା ଗୁଳି ବର୍ଷଣରେ ଥରେ ଧରଣୀ ଛାତି

ISSN NO.
2582-208X

ତ୍ରାହି ତ୍ରାହି ସେ ବି ଡାକୁଛି ପାଇବାକୁ ମୁକ୍ତି ।
ନା ରହିପାରେ ଜାଗ୍ରତ ନା ରହି ପାରେ ଶୁପ୍ତ
ଜାଣେ ଆଖି ପିଛୁଳାକେ ଅନେକ କିଛି ହୋଇଯିବ ଲୁପ୍ତ ।।
ବେଳ କଣ ହୋଇନି ଆସିବାକୁ ଜଗଦୀଶ ଙ୍କର
ନା ନିଘୋଡ ନିଦେ ଶୋଇ ଅଛନ୍ତି ହୋଇ ସ୍ୱପ୍ନେ ବିଭୋର ।
ଆଜିର ମଣିଷ ଜାତିକୁ ଲୋଡା କିଛି ଦିବ୍ୟ ଜ୍ଞାନ
ଦୁର୍ବୁଦ୍ଧି ଛାଡି ବିତେଇବାକୁ ଶାନ୍ତିରେ ଜୀବନ ।।

ରଚେଷ୍ଟର, ମିନେସୋଟା, ଆମେରିକା

Please visit our YouTube Channel by typing the below mentioned link on your browser and watch many videos of different places.

Request to Subscribe our Channel.

https://youtube.com/@unexploredensation7226

ISSN NO.
2582-208X

# ଏତେ ସବୁ କାମ କାହିଁକି



ଡକ୍ଟର ବିଜ୍ଞାନୀ ଦାସ

ଆଜି ଶୁକ୍ରବାର, ୨୦୨୩ ମସିହା, ମାର୍ଚ୍ଚ ମାସ ୧୦ ତାରିଖ । ସକାଳୁ ମୁଣ୍ଡ କିଛି କାମ କରୁନଥିଲା । ଏତେ ଗୁଡିଏ କାମ ଆଖିକୁ ଦିଶୁଥିଲା, ହେଲେ କେଉଁ କାମଟା ପ୍ରଥମେ କରାଯିବ ଓ କେଉଁ ସମୟରେ କରାଯିବ, ସେ ନେଇ ସିଦ୍ଧାନ୍ତ କରିପାରୁନଥିଲା ମାନି । ପିଲାମାନଙ୍କ ପାଇଁ ଟ୍ରଫି ଆଣିବାକୁ ଯିବାକୁ ପଡିବ ଗେଥର୍ସବର୍ଗ । ସେଇଟା ଘରଠାରୁ ୪୦ ମିନିଟ୍ ଲାଗିବ । ସେଇଟା ଘରର ପଶ୍ଚିମ ଦିଗରେ ଥିଲା । ପ୍ରେସ୍‌ରୁ ସୋଭେନିର୍ ଆଣିବାକୁ ପଡିବ । ପ୍ରେସ୍‌ଟି ଘରର ପୂର୍ବ ଦିଗରେ କଲମ୍ବିଆରେ ଅବସ୍ଥିତ । ପ୍ରେସ୍‌ର ଯେଉଁ ବ୍ୟକ୍ତି ସହିତ ମାନି କଥାବାର୍ତ୍ତା କରିଥିଲା, ସିଏ ହେଲା କାଥି । ସିଏ ଦିନ ଦୁଇଟା ପର୍ଯ୍ୟନ୍ତ କାମ କରେ ଓ ତାପରେ ଘରକୁ ଫେରିଯାଏ । ତେଣୁ ପ୍ରେସ୍‌ରୁ ସମସ୍ତ ସୋଭେନିର୍ ଦୁଇଟା ପୂର୍ବରୁ ସଂଗ୍ରହ କରିବାକୁ ପଡିବ । ଗୋଟିଏ ଥର ଗେଥର୍ସବର୍ଗ ଯାଇ ମାନି ଟ୍ରାଫିକ୍ ରେ ପଡିଥିଲା। ତେଣୁ ସେ ସ୍ଥାନରୁ କାମ ଶୀଘ୍ର ସାରିଦେବା ଭଲ । ଅପରାହ୍ନ ୩ଟା ପରେ ଟ୍ରାଫିକ୍ ବଢିଯାଏ। ମାନି ଭାବିଥିଲା, କଲମ୍ବିଆ ଯାଇଥିବା ସମୟରେ ଏକା ସାଙ୍ଗରେ ଫ୍ଲାଏର୍ ପ୍ରିଣ୍ଟ୍ କାମ ମଧ୍ୟ ସାରିଦେଇଥାନ୍ତା । କିନ୍ତୁ ଏବେ ସେସବୁ ସମ୍ଭବ ହେବନି, ଯେହେତୁ ଫ୍ଲାଏର୍ କାମ ସରିନି ।

ଏଭଳି ଏତେଗୁଡିଏ କାମ ଯଦି ଏ ସମୟର ପିଲାମାନଙ୍କୁ କରିବାକୁ ଦିଆଯିବ, ସେମାନେ ହୁଏତ ପ୍ରଶ୍ନ କରିବେ, "ଏ କାମ କରିବା ଦ୍ୱାରା ମୋତେ କଣ ମିଳିବ ? ମୋର କଣ ଲାଭ ହେବ ?'

ISSN NO.
2582-208X

ସେମିତି ଜଣେ ଛାତ୍ର ପ୍ରଖ୍ୟାତ ଗଣିତଜ୍ଞ ଇଉକ୍ଲିଡ୍‌ଙ୍କୁ ପଚାରିଥିଲେ, "ଜ୍ୟାମିତି ପଢ଼ିଲେ ମୋର କଣ ଲାଭ ହେବ ?' ଇଉକ୍ଲିଡ୍ ଉତ୍ତରରେ ତାଙ୍କର ଜଣେ କର୍ମୀଙ୍କୁ ସେ ଛାତ୍ରକୁ କିଛି ମୁଦ୍ରା ଦେବାକୁ କହିଥିଲେ । ସେମିତି ଆଉ ଏକ କାହାଣୀରେ ରାଜା ଟୋଲେମି ତାଙ୍କୁ ପଚାରିଥିଲେ "ଜ୍ୟାମିତି ଶିଖିବାକୁ କିଛି ସହଜ ରାସ୍ତା ଅଛି କି?' ଉତ୍ତରରେ ଇଉକ୍ଲିଡ୍ କହିଥିଲେ, "ଜ୍ୟାମିତି ଶିଖିବାକୁ କୌଣସି ରାଜକୀୟ ରାସ୍ତା ନାହିଁ ।'

ସେମିତି ସାମାଜିକ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ହୋଇ କାମ କରିବାକୁ କିଛି ରାଜକୀୟ ରାସ୍ତା ନାହିଁ । ସେ ରାସ୍ତା କଠିନ ହୋଇପାରେ, ବେଳେବେଳେ ଅତ୍ୟନ୍ତ କଠିନ । ସେ ରାସ୍ତାରେ ବିନା କିଛି ଭୌତିକ ଲାଭ ପ୍ରାପ୍ତିରେ ନିଜର ଶରୀର, ମନ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡେ । ହେଲେ ସାମାଜିକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ଭାବେ କାମ କରିବାରେ ଯେଉଁ ପରିତୃପ୍ତି ମିଳେ, ତାହାର ତୁଳନା କରିହେବନି । ସେଇଟା ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ କାମ କରେ ।

ସେଇ ପରିତୃପ୍ତିର ଆଶାରେ ମାନି ବେଳେବେଳେ ବଶୀଭୂତ ହୋଇଯାଏ । ବିନା ବିଶ୍ରାମରେ କାମ କରିଚାଲେ । ଖାଇବା, ପିଇବା, ଶୋଇବାରେ ନୀତି ନିୟମ ରହେନି । ସେସବୁ ଠିକ୍ ଥିଲା, ଯେତେବେଳେ ବୟସ ଥିଲା । ଏବେ ଏ ବୟସ୍କ ଶରୀର ଓ ମନ, ସେସବୁ କାମର ଭାର ନେଲେ କ୍ଲାନ୍ତ ହୋଇପଡୁଛି । ତଥାପି ସେ ନିଶା ଅଛି ।

ସକାଳେ କେତୋଟି ମିଟିଙ୍ଗ୍ ଥିଲା । ସେସବୁ ମିଟିଙ୍ଗକୁ ଅଣଦେଖା କରିହେବନି । ଅତଏବ, ଦିନ ଗୋଟାଏ ପୂର୍ବରୁ କେଉଁଆଡେ ଯାଇହେବନି । ସକାଳ ୯ଟା ପର୍ଯ୍ୟନ୍ତ ସୁମେଧା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିବା ପିଲାମାନଙ୍କ ନାମ ଦେଇନଥିଲା କି କାର୍ଯ୍ୟକ୍ରମର କ୍ରମସଂଖ୍ୟା ବି ପଠାଇନଥିଲା । ଏବେ ତାହେଲେ ଫ୍ଲାଏର୍ ପ୍ରସ୍ତୁତ କରିବା ଅସମ୍ଭବ ହେବ । ତେଣୁ ସକାଳେ ପୁଣିଥରେ ଅନୁରୋଧ କରି ସୁମେଧାକୁ ଫୋନରେ ବାର୍ତ୍ତା ପଠେଇଲା ମାନି । ଆଜି ପୁଣି ମଝିଆଁ ଝିଅ ଲୋନିର ଭାରତ ଯାତ୍ରା । ସିଏ ସକାଳେ କାମକୁ ଯାଇଥିଲା । ସନ୍ଧ୍ୟା ସାଢେ ଆଠଟାରେ ତାର ଫ୍ଲାଇଟ୍ । ତେଣୁ ତାକୁ ଘରୁ ଅପରାହ୍ନ ଚାରିଟା ସୁଧା ବାହାରିବାକୁ ପଡିବ । ଏ ହୋଲିର ପ୍ରସ୍ତୁତି ନେଇ ମଣିଷ ଏତେ ବ୍ୟସ୍ତ ଯେ, ଘରେ ଦୁଇଦିନ ହେଲା ଭଲରେ ରନ୍ଧାବଢା ହୋଇନି । ତେଣୁ ମାନି କାର୍ଯ୍ୟସୂଚୀ ତିଆରି

ISSN NO.
2582-208X

କରିଦେଲା । ଦିନ ଗୋଟାଏ ବେଳକୁ ଘରୁ ବାହାରିଯିବ । ପ୍ରଥମେ କଲମ୍ବିଆ ଯାଇ ପ୍ରେସ୍‌ରୁ ସମସ୍ତ ସୋଭେନିର୍ ସଂଗ୍ରହ କରିବ । ସେଇଠାରୁ ସିଏ ଗେଥର୍ସବର୍ଗ ଚାଲିଯିବ ଓ ଟ୍ରଫି ସମସ୍ତ ନେଇଆସିବ । ଘରେ ଯଦି ତିନିଟା ସୁଦ୍ଧା ପହଞ୍ଚିଯାଏ, ତେବେ କିଛି ରୋଷେଇ କରିଦେବ ଓ ଲୋନି ଖାଇକରି ଘରୁ ବାହାରିବ । ତାପରେ ସନ୍ଧ୍ୟା ୬ଟା ବେଳକୁ ସିଏ ହିନ୍ଦୁ ମନ୍ଦିର ଯିବ ଓ ଆସନ୍ତା  କାଲିର ହୋଲି ପ୍ରୋଗ୍ରାମ୍ ପାଇଁ ସାଜସଜା କରିବାରେ ସାହାଯ୍ୟ କରିବ ।

ଏମିତି ଭାବି ମାନି ଗୋଟାଏ ବେଳେ ଘରୁ ବାହାରିଲା ଓ ଭଲରେ ଭଲରେ ପ୍ରେସ୍ ରେ ପହଞ୍ଚି ସେଠାରୁ ସୋଭେନିର୍ ସମସ୍ତ ସଂଗ୍ରହ କଲା । ଦୋକାନର ପଛପଟ ଖୋଲି ଜଣେ ବ୍ୟକ୍ତି ଆଣି ସୋଭେନିର୍ ସବୁ ଗାଡି ଭିତରେ ରଖିଦେଲେ । ଖର୍ଚ୍ଚ ବାବଦ ପ୍ରଶ୍ନ ପଚାରିବାରୁ କାଥି କହିଲା, ସିଏ ଆସନ୍ତା ସପ୍ତାହରେ ସବୁ ଅର୍ଥ ସଂଗ୍ରହ କରିବ । ବର୍ତ୍ତମାନ ମାନି ସୋଭେନିର୍ ସବୁ ନେଇଯାଉ । କାଥିକୁ ମନେମନେ ଧନ୍ୟବାଦ ଦେଲା ମାନି । ନହେଲେ ପୁଣି ଦୋକାନ ଭିତରକୁ ଯିବାକୁ ପଡନ୍ତା ଓ କିଛି ସମୟ ସେଥିରେ ଯାଆନ୍ତା । କାଥିର ଏଇ ବିଶ୍ୱାସ ତାକୁ ଭଲ ଲାଗିଲା । ସିଏ କାଥିକୁ ଧନ୍ୟବାଦ କହିଲା ଓ ଟ୍ରଫି ଦୋକାନକୁ ଯିବାକୁ ଫୋନ୍ ଖୋଲି ଠିକଣା ଖୋଜିଲା । ହେଲେ ଫୋନରେ ଗୁଗୁଲ୍ ମ୍ୟାପ୍ ଠିକ୍ ରେ କାମ କରୁନଥିଲା ଓ ସେଥିପାଇଁ ମାନି ପୁଣି ଘରକୁ ଯିବାକୁ ଠିକ୍ କଲା । ଘରେ ଅନ୍ତତଃ ସିଏ କଂପ୍ୟୁଟର ଖୋଲି ସେଥିରୁ ଟ୍ରଫି ଦୋକାନକୁ ଯିବାକୁ ବାଟର ସବୁ ବିବରଣୀ ସଂଗ୍ରହ କରିବ ଓ ତାପରେ ଯାଇ ଟ୍ରଫି ଦୋକାନକୁ ଯିବ ।

ମାନି ଘରେ ପହଞ୍ଚିବା ବେଳକୁ ଅଜୟ ଖରାବେଳ ଶୋଇବାରୁ ଉଠି ସାରିଥଲେ । ମାନିକୁ ଦେଖି ପଚାରିଲେ, "ତୁ କଣ ଏତେ ଶୀଘ୍ର ଟ୍ରଫି ସଂଗ୍ରହ କରି ନେଇଆସିଲୁ ?'

ମାନି କହିଲା, "ନା । ମୁଁ ଟ୍ରଫି ଦୋକାନକୁ ଯାଇନି । କେବଳ କଲମ୍ବିଆ ଯାଇ ସୋଭେନିର୍ ସବୁ ନେଇଆସିଲି । ସିଏ ଖର୍ଚ୍ଚପତ୍ର ସବୁ ଆସନ୍ତା ସପ୍ତାହରେ ତୁମ ସହିତ ଛିଡେଇବ । ଟ୍ରଫି ଦୋକାନକୁ ଯିବାପାଇଁ ରାସ୍ତା କଣ ପାଇଁ ଫୋନ୍ ରେ ଜାଣିପାରିଲିନି । ସେଥିପାଇଁ କଂପ୍ୟୁଟର ଦେଖି ରାସ୍ତାର ବିବରଣୀ ନେବି ଓ ତାପରେ ଯିବି ।'

ISSN NO.
2582-208X

ଏମିତି କହି ମାନି କଂପ୍ୟୁଟର ଖୋଲିଲା । ଟ୍ରଫି ଦୋକାନକୁ ଯିବାପାଇଁ ରାସ୍ତାର ବିବରଣୀ ସଂଗ୍ରହ କଲା । ତାର ପ୍ରିଣ୍ଟ ଗୋଟିଏ ନେଇଗଲା । ଏଇ ସମୟରେ ଫୋନ୍‌ରେ ବି ଗୁଗୁଲ୍ ମ୍ୟାପ୍‌ର ପୁରୁଣା ସଂସ୍କରଣଟିଏ ଡାଉନ୍‌ଲୋଡ୍ କରିହେଲା । ହ୍ୱାଟ୍‌ସ୍‌ଆପ୍ ମାଧ୍ୟମରେ ଫୋନ୍‌ଟାରେ ଦୁନିଆ ଫଟୋ ଭର୍ତ୍ତି ହୋଇ ସେଥିରେ ଆଉ ଜାଗା ନାହିଁ । ସେଥିପାଇଁ ସିଷ୍ଟମ୍ ଅପ୍‌ଡେଟ୍ ହୋଇନି । ସିଷ୍ଟମ୍ ଅପ୍‌ଡେଟ୍ ହୋଇନି ବୋଲି ଗୁଗୁଲ୍ ମ୍ୟାପ୍‌ର ନୂଆ ସଂସ୍କରଣଟା ଡାଉନଲୋଡ୍ ହୋଇପାରୁନଥିଲା । ଏବେ ପୁରୁଣା ସଂସ୍କରଣ ଡାଉନଲୋଡ୍ କରିବାର ବିକଳ୍ପ ଦେଖେଇବାରୁ ସୁବିଧା ହେଲା । ଏବେ ସେଲ୍‌ଫୋନ୍ ରେ ବି ଗତିପଥ ଦେଖେଇଲା ।

ଦୋକାନର ଠିକଣାଟା ଫୋନରେ ଭର୍ତ୍ତି କରିଦେବା ପରେ ଫୋନ୍ ରାସ୍ତା ବତେଇ ନେଇଗଲା। କେଉଁଠି ଡାହାଣ ମୋଡ, କେଉଁଠି ବାମ ମୋଡ, ଏମିତିରେ ଆଉ ଚିନ୍ତା ରହିଲା ନାହିଁ । ରାସ୍ତା ବି ଟିକେ ଫାଙ୍କା ଥିଲା । ତେଣୁ ଟ୍ରଫି ସଂଗ୍ରହ କରି ଘରେ ପହଞ୍ଚୁପହଞ୍ଚୁ ୩ଟା ୪୫ ହୋଇଥିଲା । ଅଜୟ ସେତେବେଳକୁ ଲୋନିର ସୁଟକେସ୍ ଭ୍ୟାନ୍ ଭିତରେ ଭର୍ତ୍ତି କରୁଥିଲେ । ମାନି ପଚାରିଲା, "କଣ ଲୋନି ଫେରି ଆସିଲାଣି ?'

ଅଜୟ ଉତ୍ତରରେ କହିଲେ, "ସିଏ ତ ଫେରିନି, କିନ୍ତୁ ୪ଟା ବେଳକୁ ଫେରି ପହଞ୍ଚିଯିବ ବୋଲି ମେସେଜ୍ ଦେଇଥିଲା ।'

ମାନି ତେଣୁ ଆଉ ବିଳମ୍ବମ୍ଙ୍କ ନକରି ଫୁଲକୋବି ତଳ ଫ୍ରିଜ୍‌ରୁ ଆଣିଲା ଓ ଭାଜିବାରେ ଲାଗିଗଲା । ଲୋନି ଘରେ ପହଞ୍ଚିବା ବେଳକୁ ଭଜା ସରିଥିଲା । ସିଏ ଗୋଟିଏ ଘୋଡଣି ଥିବା ପାତ୍ରରେ କିଛି ଭାତ, କୋବି ଭଜା ଓ ଗତ କାଲିର ସିମଳାମିର୍ଚ୍ଚି ଭଜା ମିଶେଇ ପ୍ୟାକ୍ କରିଦେଲା ଓ ଲୋନି ବାଟରେ ଖାଇବା ପାଇଁ ଦେଇଦେଲା । ଏୟାରପୋର୍ଟରେ ପହଞ୍ଚୁପହଞ୍ଚୁ ଏଇନେ ଗାଡିରେ ଘଣ୍ଟାଟିଏ ଲାଗିବ । ସେଇ ସମୟ ଭିତରେ ସିଏ ଖାଇଦେବ ।

ସ୍ଥିର ହେଲା, ଅଜୟ ଲୋନିକୁ ଏୟାରପୋର୍ଟରେ ଛାଡି ହିନ୍ଦୁ ମନ୍ଦିରକୁ ସଜାସଜିରେ ସାହାଯ୍ୟ କରିବା ପାଇଁ ଫେରିବେ । ମାନି ଘରୁ ଅନ୍ୟାନ୍ୟ ସଜାସଜି ଉପକରଣ ଧରି ଏକା ହିନ୍ଦୁ ମନ୍ଦିରରେ ପହଞ୍ଚିଯିବ ।

ISSN NO.
2582-208X

ଅଜୟ ଓ ଲୋନି ଘର ଛାଡିବା ପରେ ମାନି ଆଳୁ, ବାଇଗଣ ମିଶେଇ ଭଜା କଲା, ଦୁଇଜଣଙ୍କ ପାଇଁ ରୁଟି କଲା ଓ ତାପରେ ଅଜୟଙ୍କ ପାଇଁ ଗୋଟିଏ ବାଟିରେ ରୁଟି, ଭଜା ଭର୍ତ୍ତି କରି ଗାଡିରେ ରଖିଲା । ଅଜୟ ଖାଇବାର ସମୟକୁ ନେଇ ବଡ ସଜାଗ । ଟିକେ ଡେରି ହେଲେ ତାଙ୍କର ମିଜାଜ ଖରାପ ହୋଇଯାଏ । ଅଜୟଙ୍କ ପାଇଁ ଖାଇବା ରଖି ସାରିବା ପରେ ସିଏ ଅନ୍ୟ ସବୁ ଉପକରଣ ଗାଡିରେ ରଖିଲା । ଲୋନି ଏହି ସମୟରେ ଫୋନ୍ କରି କହିଲା, "ତମ କଂପ୍ୟୁଟର୍ ଧରି ଆସିଥବ ବୋଲି ପାପା କହିଲେ । ସେଠି ସାଉଣ୍ଡ ସିଷ୍ଟମ୍ ଚେକ୍ କରିବେ ।'

ଘଣ୍ଟାରେ ସେତେବେଳକୁ ୫ଟା ବାଜିଥିଲା । ହାତରେ ଆଉ ଘଣ୍ଟାଏ ଥିଲା । ସେଇ ସମୟ ଭିତରେ ମାନି ସାର୍ଟିଫିକେଟ୍ ଓ ପ୍ରୋଗ୍ରାମ୍ ଫ୍ଲାଏର୍ କାମ ସାରିଦେଲା । ସେସବୁକୁ ଗୋଟିଏ ଜିପ୍ ଡ୍ରାଇଭ୍ ଭିତରେ ରଖିଲା । ବାଟରେ ଯେଉଁ ଷ୍ଟେପ୍‌ଲ୍ସ୍ ଷ୍ଟୋର୍ ଅଛି, ସେଇଠି ଯାଇ କପି କରିଦେବ ବୋଲି ବିଚାର କଲା ।

ଦୁଇଟା ବେଳୁ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ତଥାପି ଲାଗିରହିଥିଲା । ମାନି ଘରୁ ୬ଟା ବେଳକୁ ବାହାରିଲା । ରୁଟ୍ ୨୯ରେ ଯାଉଯାଉ ବର୍ଟନ୍‌ସ୍‌ଭିଲ୍ ପାଖରେ ହଠାତ୍ କିଏ ଜଣେ ଗାଡି ପଛପଟୁ ବାଡେଇଦେଲା । ସେ ବାଡେଇବାର ତ୍ୱରଣରେ ମାନିର ଡାହାଣ ପାଦରୁ ଜୋତା ବାହାରିଗଲା । ମାନିର ମୁଣ୍ଡ ହଠାତ୍ କିଛି ବିଚାରିପାରିଲାନି । ସେ ସ୍ଥାନଟି ଅନ୍ଧକାର ସ୍ଥାନ ଓ ସେ ସମୟରେ ରୁଟ୍-୨୯ରେ ଆଗପଛ ହୋଇ ଗାଡି ଅନବରତ ଚାଲିଥାଏ । ମାନି ରାସ୍ତା କଡକୁ ଗାଡି ନେଇ ଆସି ଅପେକ୍ଷାକଲା । ଆଶାଥିଲା, ପଛପଟରେ ଥିବା ଡ୍ରାଇଭର୍ ଯିଏ ଗାଡିକୁ ପିଟିଛି, ସିଏ ବି ରାସ୍ତା କଡକୁ ଆସିବ ଓ ସେମାନେ ପୋଲିସ୍ ଡାକି ସବୁ ସମାଧାନ କରିବେ । କିନ୍ତୁ ପଛପଟରୁ ପିଟିଥିବା ଡ୍ରାଇଭର୍ ନରହି ଚାଲିଗଲା । ଏବେ ସେ ଅନ୍ଧାରରେ ଠିଆ ହୋଇ ରହିବାଟା ଠିକ୍ ବୋଲି ଭାବିଲାନି ମାନି ଓ ସିଏ ସେ ଭଙ୍ଗା ଗାଡି ଧରି ହିନ୍ଦୁ ମନ୍ଦିର ଅଭିମୁଖେ ଗାଡି ଚଲେଇଲା । ଜୋତାଟା ସେମିତି ପାଦ ଉପରେ ଝୁଲି ରହିଥାଏ । ସେଇଟା ପୁଣି ଡାହାଣ ଗୋଡ । ତାକୁ ଯତ୍ନର ସହିତ ପରିଚାଳିତ କରି କୌଣସି ମତେ, ରୁଟ୍-୨୯ରୁ ଚେରିହିଲ୍ ରାସ୍ତାକୁ ଯିବା ପାଇଁ ସିଏ ବାମ ପଟେ ମୋଡନେଲା । ଭାବିଲା, କିଛି ସମୟ ପରେ ତ ଷ୍ଟେପ୍‌ଲ୍ସ୍ ଷ୍ଟୋର୍ ଆସିବ; ସେଇଠି ଫ୍ଲାଏର୍ ପ୍ରିଣ୍ଟ୍ କରିବା ସମୟରେ ଜୋତା ସଜାଡି ଦେବ । ହେଲେ ଯେଉଁ ସ୍ଥାନରେ

ISSN NO.
2582-208X

ଷ୍ଟେପ୍‌ଲ୍‌ସ୍ ଷ୍ଟୋର୍ ଥିଲା, ଏବେ ସେଠି ଆଉ ସେ ଷ୍ଟୋର୍ ନଥିଲା । ତା ପରିବର୍ତ୍ତେ ଆଉ ଗୋଟାଏ ଆଲ୍‌ଡି ଷ୍ଟୋର୍ ଖୋଲିଥିଲା । ଏବେ ଆଉ କାହିଁକି ଗାଡିରୁ ବାହାରିବ ? ତେଣୁ ସେମିତି ହୁଗୁଳା ଜୋତାରେ ଡ୍ରାଇଭ୍ କରି କୌଣସି ମତେ ମାନି ହିନ୍ଦୁ ମନ୍ଦିରରେ ପହଞ୍ଚିଗଲା। ସେଠି ପହଞ୍ଚି ନିନିକୁ ଫୋନ୍ ଲଗେଇଲା ଓ ସେମାନେ ପହଞ୍ଚିଲେଣି କି ବୋଲି ବୁଝିବାକୁ ଚାହିଁଲା । ହେଲେ ନିନି ଫୋନ୍ ଧରିଲାନି । ହୁଏତ ସିଏ ଡ୍ରାଇଭ୍ କରୁଛି । ଏମିତି ଭାବି ସିଏ ଗାଡି ଭିତରେ ବସିରହିଲା । ବନିକୁ ଫୋନ୍ କଲା । ବନି ଜଗନ୍ନାଥଙ୍କୁ ସଜ କରିବା ଦାୟିତ୍ୱ ନେଇଥିଲା । ବନି କହିଲା, ସେମାନେ ଆଉ ଅଧଘଣ୍ଟାଏ ପରେ ପହଞ୍ଚିବେ । ଏବେ ପୁଣିଥରେ ନିନିକୁ ଫୋନ୍ ଲଗେଇଲା । ହେଲେ ନିନି ଧରିଲାନି । "ହୋଉ, କିଏ ନ ଆସିଥାନ୍ତୁ, ମୁଁ ବରଂ ସବୁ ସାଜସଜା ଉପକରଣ ନେଇ ଅଡିଟୋରିୟମ୍‌ରେ ରଖିଦେବା ଉଚିତ୍ ।' ଏମିତି ଭାବି ସିଏ ଗାଡି ଭିତରୁ ବାହାରିଲା । ଗାଡିର ପଛକୁ ଦେଖି ହାଲୁକ ଶୁଖିଗଲା । ପଛପଟର ବମ୍ପର୍ ଗାଡିରୁ ପୂରା ବାହାରି ଡାହାଣ ପାର୍ଶ୍ୱରେ ଟିକେ ଲଟକି ରହିଥିଲା । ଗାଡିର ଡିକି ବି ଭଲଭାବେ ବନ୍ଦ ହେଉନଥିଲା। ଏସବୁ ଦେଖି ଆଖିରେ ଲୁହ ଆସିଗଲା । ଜଗନ୍ନାଥ ସତରେ ଏମିତି ହଟ କାହିଁକି କଲେ ? କୋଉ ଦୋଷରେ ଏମିତି ଦଠ ଦେବାକୁ ଚାହିଁଲେ ? ଭାରି ଅଭିମାନ ହେଲା । ହେଲେ ପୁଣି ମନକୁ ଶାନ୍ତ୍ୱନା ଦେଲା । ଇଏତ ଆଉ ଅଭିମାନର ବେଳ ନୁହେଁ । ମନ ଏପଟସେପଟ କରିଦେଲେ  ଆସନ୍ତା କାଲିର ପ୍ରୋଗ୍ରାମ୍ ପୂରା ଗୋଳମାଳ ହୋଇଯିବ ।

ମାନି ଏବେ ସବୁ ସଜାସଜି ଉପକରଣ ଗାଡିରୁ ବାହାର କରି ମନ୍ଦିରର ଦ୍ୱାର ପାଖରେ ରଖିଦେଲା । ତାପରେ ଗୋଟିଏ ଗୋଟିଏ ଧରି ଅଡିଟୋରିୟମ୍ ପାଖକୁ ଗଲା । ସେଠି ସେତେବେଳକୁ ନିନି ଓ ରୂପା ମିଶି ମଞ୍ଚ ସଜାଉଥିଲେ । ମାନି ପଚାରିଲା, "ନିନି, ମୁଁ ତମକୁ ଏତେ ସମୟ ହେଲା ଫୋନ୍ କରୁଛି, ତମେ ନ ଧରିବାରୁ ଭାବିଲି ତମେ ପହଞ୍ଚିନ ବୋଲି ।" ନିନି କହିଲା, "ମୁଁ କାମରେ ମନ ଦେଇଥିଲି ତ । ଫୋନ୍‌ଟା ବ୍ୟାଗ୍ ଭିତରେ ରହିଯାଇଛି ।'

ସେତେବେଳକୁ ଅଜୟ ବି ପହଞ୍ଚି ଯାଇଥିଲେ ଓ ସେମାନଙ୍କୁ ସାହାଯ୍ୟ କରୁଥିଲେ । ମାନି ନିଜ ଆକ୍ସିଡେଣ୍ଟ ବିଷୟରେ କହିଲା । ଅଜୟ ଯେମିତି ନିଜ ଷ୍ଟାଇଲ୍ ରେ ସବୁବେଳେ ମନ୍ତବ୍ୟ ଦିଅନ୍ତି, ସେମିତି ମାନିକୁ ଦୋଷୀ ସାବ୍ୟସ୍ତ କଲେ; "ତତେ ତ କହୁଥିଲି ମୋ

ISSN NO.
2582-208X

ସାଙ୍ଗରେ ଏୟାରପୋର୍ଟ ଯାଇଥାନ୍ତୁ ଓ ଆମେ ଦୁଇଜଣ ଏକାସାଙ୍ଗରେ ଆସିଥାନ୍ତେ । ହେଲେ ତୋର ସବୁବେଳେ ନିଜର ଅଲଗା ଖିଆଲ । ଏବେ ଭୋଗିଲୁ ।' ଯେତିକି ମନଦୁଃଖ ହୋଇଥିଲା, ଏବେ ତାହା ଆହୁରି ବଢିଲା । ହେଲେ ଦୋଷ ତ ମାନିର ନୁହେଁ । ପଛରୁ ଯଦି କିଏ ଆସି ଏମିତି ପିଟିବ, ସେଥିରେ କାହାର କି ଚାରା ଅଛି ? ଏଥିପାଇଁ ତ ଠାକୁର ଦୋଷୀ । ସିଏ ଏମିତି ଯୋଗ କେମିତି କଲେ ଯେ ?

ତେବେ ସେସବୁକୁ ମନରୁ କିଛି ସମୟ ଦୂରେଇ ଦେଇ ସେମାନେ ସମସ୍ତେ ମିଳିମିଶି ଅଡିଟୋରିୟମ୍ ସଜେଇବାରେ ଲାଗିଲେ । ଅଜୟ ମାନିର କଂପ୍ୟୁଟର୍ ବ୍ୟବହାର କରି ଆସନ୍ତା କାଲିର ପ୍ରୋଗ୍ରାମ୍ ପାଇଁ ପ୍ରସ୍ତୁତ ସମସ୍ତ ଗୀତକୁ ଯାଞ୍ଚ କରିଦେଲେ ।

ମନ୍ଦିରରୁ ଫେରିବାବେଳକୁ ଅଜୟ ଆକ୍ସିଡେଣ୍ଟ ହୋଇଥିବା ହଠା କ୍ଳାରିଟି କାର୍‌ଟିକୁ ଚଲେଇ ଫେରିଲେ ଓ ମାନି ଭ୍ୟାନ୍ ଧରି ଫେରିଲା ।

ଫେରିବା ପରେ ପୁଣି ଥରେ ପ୍ରୋଗ୍ରାମ୍ ଫ୍ଲାଏର୍ ଓ ସାର୍ଟିଫିକେଟ୍‌କୁ ଯାଞ୍ଚ କରିଦେଲା ମାନି । ଆସନ୍ତା କାଲି ସକାଳେ ଯାଇ ସେସବୁକୁ ପ୍ରିଣ୍ଟ କରିଆଣିବ ବୋଲି ମନେମନେ ସ୍ଥିର କରି ସେଦିନ ସିଏ ଶୀଘ୍ର ଶୋଇପଡିଲା ।

ଏମିତି ଅନେକ ଦିନ ହେଲାଣି ସିଏ ପୂରା ବ୍ୟସ୍ତ ରହିଯାଇଛି । ଏବର୍ଷ କିଏ ସେମିତି ଖାଦ୍ୟ ଦାୟିତ୍ୱ ନେବାପାଇଁ ସ୍ୱେଚ୍ଛାସେବୀ ଭାବେ ବାହାରିନଥିଲେ । ଖାଦ୍ୟ ଦାୟିତ୍ୱ ମନ୍ଦିର ମ୍ୟାନେଜର୍ ଶର୍ମାଜୀ ଓ ତାଙ୍କ ଷ୍ଟାଫ୍‌ଙ୍କ ଉପରେ ନ୍ୟସ୍ତ ଥିଲା । ହେଲେ ଗତବର୍ଷ ରଥଯାତ୍ରା ସମୟରେ ଖାଇବା କମ୍ ପଡିଗଲା । ଦେଢଶହ ଲୋକ ଆସିବେ ବୋଲି ଲେଖିଥିଲେ, ହେଲେ ଆସିଲେ ଅଢେଇଶହ । ଖାଦ୍ୟ କମ୍ ପଡିଲା । ଓଡିଆ ଲୋକମାନେ ଖାଦ୍ୟ ପ୍ରେମୀ। ସେମାନଙ୍କ ଉତ୍ସବ ମହୋତ୍ସବରେ ଖାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯାଏ । ତେଣୁ କାଳେ ଖାଦ୍ୟ କମ୍ ପଡିଯିବ, ସେଥିପାଇଁ ମାର୍ଚ୍ଚ ୯ ତାରିଖ ସନ୍ଧ୍ୟାବେଳେ ପଟେଲ୍ ବ୍ରଦର୍ସ ଯାଇ ମାନି ୧୦ଟା ମସଲା ମୁଢି ପ୍ୟାକେଟ୍, ୨ଟି ସାଧା ମୁଢି ପ୍ୟାକେଟ୍ ଓ ୫ଟା ବୁନ୍ଦି ପ୍ୟାକେଟ୍ କିଣି ଆଣିଥିଲା । ତା' ସହିତ ୬ଟ ବଡ ଦେଶୀ ଦହି ବି କିଣି ଆଣିଥିଲା ।

ISSN NO.
2582-208X

ହୁଏତ ଦହି ବାଇଗଣ, କି ଦହି ବୁନ୍ଦି, କି ଦହି ଛେନା ଖଟା ଏମିତି ଗୋଟିଏ କିଛି କରିଦେବ, ଯେଉଁଟାକି ଅଧିକ ଲୋକ ହେଲେ ସମ୍ଭାଳି ନେଇହେବ ।

ମାର୍ଚ୍ଚ ୧୧ ତାରିଖ ସକାଳ । ସକାଳୁ ଉଠି ମାନି ସକାଳ ଭୋଜନ ପାଇଁ ସ୍ପୋଘେଟି ଉପମା ତିଆରିକଲା । ପ୍ରାୟ ସାଢେ ଆଠଟା ବେଳକୁ ସକାଳ ଭୋଜନ ଓ ଚାହା ପର୍ବ ସରିଗଲା । ସାଢେ ଆଠଟାରେ ମାନି ଘରୁ ବାହାରି କଲମ୍ବିଆର ଷ୍ଟେପ୍‌ଲ୍‌ସ୍‌କୁ ଗଲା । ସେତେବେଳକୁ ଷ୍ଟେପଲେସ୍ ରେ ଏତେ ଗହଳି ନଥିଲା । କପି ଓ ପ୍ରିଣ୍ଟିଙ୍ଗ୍ ପାଖରେ କେବଳ ଜଣେ କର୍ମଚାରୀ ଥିଲା । ସେ କର୍ମଚାରୀ ଜଣକ ୨୪-୨୫ ବର୍ଷର ଯୁବକ ଜଣେ । ସିଏ ମାନିକୁ ପ୍ରିଣ୍ଟ୍ କରେଇବାରେ ସାହାଯ୍ୟକଲା । ତେଣୁ ଅତିଶୀଘ୍ର ସେ କାମ ସବୁ ସରିଗଲା । ମାନି ଘରେ ଆସି ପହଞ୍ଚିବା ବେଳକୁ ଦଶଟା ବି ବାଜିନଥିଲା । ଅଜୟ କ୍ଲାର୍କ୍‌ସ୍‌ଭିଲ୍ ମନ୍ଦିରରେ ପୂଜା କରିବାକୁ ବାହାରିଗଲେ । ମାନି ରୋଷେଇ ଘର ଭଲଭାବେ ସଫା କରି ଗାଧୋଇବାକୁ ଗଲା ଓ ଦୁଇଟି ମ୍ୟାଙ୍ଗୋକେକ୍ (ଆମ୍ବର କେକ୍) ପାଇଁ ସମସ୍ତ ପଦାର୍ଥ ସଜଡାସଜଡି କରି ଓଭେନ୍ ରେ ବସେଇଦେଲା । ତାପରେ ଗୋଟିଗୋଟି କରି ମନେକରି ସମସ୍ତ ଜିନିଷ ଗାଡିରେ ରଖିଲା । ମୁଢି, ବୁନ୍ଦି, ଦହି, ଟି ଲାଇଟ୍, ଅବିର, ଅବିର ପାଇଁ ଥାଳି, ସୋଭେନିର୍ ପ୍ୟାକେଟ୍, ଟ୍ରଫି ପ୍ୟାକେଟ୍, କଂପ୍ୟୁଟର୍, ୨୦୨୦ ମସିହାରେ ପ୍ରସ୍ତୁତ ହୋଇଥିବା ଟ୍ରଫି ଇତ୍ୟାଦି ଅନେକ କିଛି । ସିଏ ଆଉ ଦହିର କିଛି ତରକାରି ନକରି ଖାଲି ଦହି ସବୁ ନେଇଗଲା । ତା' ସହିତ ଚିନି ଓ ଲୁଣ ମଧ୍ୟ ପ୍ୟାକ୍ କରିଦେଲା ଏମିତି ଭାବି କି ଦହିରେ ଚିନି ଓ ଲୁଣ ମିଶେଇ ଖାଲି ସେମିତି ଖାଦ୍ୟ ସହିତ ଦେଇହେବ । ଅଜୟ ସାଢେ ବାରଟା ବେଳକୁ ମନ୍ଦିରରୁ ଫେରିଲେ । ସେମାନେ ସାଙ୍ଗ ହୋଇ ମଧ୍ୟାହ୍ନ ଭୋଜନ କଲେ । ତାପରେ ଅଜୟ ଘଣ୍ଟାଟିଏ ପାଇଁ ଶୋଇଲେ । ମାନି କିନ୍ତୁ ନିଜର ଚେକ୍‌ଲିଷ୍ଟ ବାରମ୍ବାର ଚେକ୍ କରୁଥିଲା । ସେମାନେ ଦୁଇଜଣ ପ୍ରାୟ ଦୁଇଟା ବେଳକୁ ନିଜନିଜର ଗାଡି ଧରି ଘରୁ ବାହାରିଗଲେ ।

ମନ୍ଦିରରେ ପହଞ୍ଚିବା ବେଳକୁ ପ୍ରାୟ ତିନିଟା ବାଜିଥିଲା । ପ୍ରୋଗ୍ରାମ୍ ଆରମ୍ଭ ହେବାକୁ ଆହୁରି ଗୋଟିଏ ଘଣ୍ଟା । ତେଣୁ ମାନି ଆରାମରେ ସବୁ ଜିନିଷ ଗାଡିରୁ ବାହାର କରି ଯଥା ସ୍ଥାନରେ ସଜାଡି ରଖିପାରିଲା । ଏହି ସମୟରେ ଦେବୁ ଆସି ପହଞ୍ଚିଲା ଓ ସିଏ ଗାଡି ଭିତରୁ ସମସ୍ତ ଜିନିଷ ବୋହି ଆଣି ଅଡିଟୋରିୟମ୍ ରେ ରଖିବାରେ ସାହାଯ୍ୟକଲା । ତିନିଟା ପନ୍ଦରରେ

ISSN NO.
2582-208X

ଝରାର ଠାକୁରଙ୍କ ଆରତୀ କରାଇବାର ଥିଲା । ହେଲେ ସାଢେ ତିନିଟା ପର୍ଯ୍ୟନ୍ତ ବି ଝରାର ଦେଖା ନାହିଁ । କଣ ହେଲା ? ଏହି ସମୟରେ ବନି ଆସି ଖବର ଦେଲା, "ଝରା ଅପାଙ୍କ ଗାଡିକୁ କିଏ ପଛରୁ ପିଟି ଦେଇଛି । ତାଙ୍କର ଆସିବାରେ ଡେରି ହେବ । ତେଣୁ ତମେ ଜଗନ୍ନାଥଙ୍କ ପୂଜା ଓ ଆରତି କରିଦିଅ ।'

ଏକଥା ଶୁଣି କଣ କରିବ, ହଠାତ୍ ମାନିର ମୁଣ୍ଡ କାମ କଲାନି । ଜଗନ୍ନାଥ ଏ ସବୁ କାହିଁକି କରୁଛନ୍ତି ? ଯେଉଁମାନେ ତାଙ୍କ ସେବାପୂଜା କାର୍ଯ୍ୟ କରିବାର ଦାୟିତ୍ୱ ନେଇଛନ୍ତି, ସେମାନଙ୍କୁ ଏତେ ହଟହଟା କରୁଛନ୍ତି । ହେଲେ ସିଏ ତ ବଡ ଠାକୁର; ପୁଣି ଅଦୃଶ୍ୟ । ତାଙ୍କ ଉପରେ ଅଭିମାନ କଲେ କଣ ବା ଫଳ ମିଳିବ ? ଏମିତି ଭାବି ମାନି ଯନ୍ତ୍ରବତ୍ ଆଉ ଦୁଇତିନି ଜଣ ସାଙ୍ଗଙ୍କୁ ଧରି ଜଗନ୍ନାଥଙ୍କ ପୂଜା ଓ ଆରତି ସାରିଦେଲା । ପ୍ରାର୍ଥନା ହଲ୍‌ରୁ ପୂଜା ସାରି ଅଡିଟୋରିୟମ୍‌କୁ ଆସିବା ବେଳକୁ ଚାରିଟା ବାଜିଗଲାଣି । ହେଲେ ଗୋଟିଏ ଭଲ କଥା ହେଲା ଯେ, ଅନେକ ଲୋକ ସେତେବେଳକୁ ପହଞ୍ଚି ସାରିଥିଲେ । ତେଣୁ ହୋଲିର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାରିଟା ପନ୍ଦରରେ ଆରମ୍ଭ କରିହେଲା ଓ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଲା ।

ସେତେବେଳକୁ ପ୍ରାୟ ସାତଟା ଚାଳିଶି ହେବ । ମଞ୍ଚ ଉପରେ ଉପସ୍ଥିତ ଥାଆନ୍ତି ରେଣୁକା ଓ ରୋହନ । ସେମାନେ ଗୋଟିଏ ଓଡିଆ ଗୀତ "ଏଇ ଝୁମାଝୁମା ଗୋଲାପୀ ବେଳାରେ' ଆରମ୍ଭ କରିଥାନ୍ତି । ହଠାତ୍ ଫାୟାର୍ ଆଲାରାମ୍ ବାଜିଉଠିଲା । "ହେ ଭଗବାନ୍, ଇଏ କେମିତିକା ସମସ୍ୟା ?' ମାନିର ମୁଣ୍ଡ ଗୋଳମାଳ ହୋଇଗଲା । କାଳେ କେଉଁପିଲା ଏମିତି କରିଦେବ ବୋଲି ସିଏ ଏକ ସ୍ୱତନ୍ତ୍ର ବାର୍ତ୍ତା ପଠେଇଥିଲା ସମସ୍ତ ପିତାମାତା ମାନଙ୍କ ପାଖକୁ। ମଞ୍ଚରେ ବି ସେଇକଥା ୨-୩ ଥର ଦୋହରା ହୋଇଥିଲା । ତଥାପି, ଏ ପିତାମାତା ମାନେ କେମିତି ଏମିତି ହୋଇପାରିଲେ, ନିଜ ପିଲାମାନଙ୍କର ଦାୟିତ୍ୱ ଭୁଲିଗଲେ? ଏବେ ଆହୁରି ଚାରିଟି ପ୍ରୋଗ୍ରାମ୍ ବାକି ଥିଲା । ଖୁବ୍ ଶୀଘ୍ର ସବୁ ସରିଯାଇଥାନ୍ତା। ଏବେ କେମିତି କଣ ହେବ, ମାନି ମନରେ ଛନକା ପଶିଲା । ସେଇ ସମୟରେ ମନ୍ଦିରର ମ୍ୟାନେଜର୍ ଶର୍ମାଜୀ ଖାଦ୍ୟ ଖୋଲିଦେଲେ ଓ ସମସ୍ତେ ଖାଇବାରେ ଲାଗିଲେ । ଫାୟାର୍ ଆଲାରାମ୍ ବିରାଟ ଶବ୍ଦ କରୁଥାଏ । ତା' ଭିତରେ କିଛି ବ୍ୟକ୍ତି ଖାଇବାରେ ଲାଗିଥାଆନ୍ତି । ଯେଉଁ ପିଲାଟି ଫାୟାର୍ ଆଲାରାମ୍ ଟାଣି ଦେଇଥିଲା, ତାର

ISSN NO.
2582-208X

ସାଙ୍ଗମାନେ ତା' ବିଷୟରେ ସମସ୍ତଙ୍କୁ କହିଲେ । ଏବେ ଅନେକ ଲୋକ ସେ ପିଲା ଓ ତା' ବାପା ମା'ଙ୍କ ଖାମଖିଆଲି ଢଙ୍ଗ ବିଷୟରେ ଗପିଲେ । ଯେଉଁମାନଙ୍କର ପ୍ରୋଗ୍ରାମ୍ ଶେଷ ଆଡକୁ ଥିଲା, ସେମାନେ ବଡ ବିବ୍ରତ ହୋଇପଡୁଥାଆନ୍ତି । କାଳେ ସେସବୁ ପ୍ରୋଗ୍ରାମ୍ ହେବ ନା ନାହିଁ । ସେମାନେ ତାଙ୍କ ବେଶଭୂଷାରେ ରହିଥିବେ ନା ନାହିଁ ? ଶର୍ମାଜୀ ଫାୟାର୍ ଷ୍ଟେସନ୍‌କୁ ଡାକିଥିଲେ । ସେମାନେ ପ୍ରାୟ ୪୦ ମିନିଟ୍ ପରେ ପହଞ୍ଚିଲେ । କିନ୍ତୁ ସାଙ୍ଗେସାଙ୍ଗେ ୫ ମିନିଟ୍ ଭିତରେ ସେମାନେ ସବୁ ସଜାଡିଦେଲେ । ଫାୟାର୍ ଆଲାରାମ୍ ବନ୍ଦ ହେଲା । ଶେଷ ଚାରୋଟି କାର୍ଯ୍ୟକ୍ରମ ଭଲଭାବେ ପରିବେଷିତ ହୋଇପାରିଲା । ହେଲେ ସେତେବେଳକୁ ମାନିର ଶକ୍ତି ଅନେକ ହ୍ରାସ ହୋଇଯାଇଥିଲା । ତଥାପି, ଯାହା ଯେତେ ସବୁ ଘରୁ ସିଏ କାର୍ଯ୍ୟକ୍ରମ ପାଇଁ ନେଇଥିଲା, ସେସବୁକୁ ସଂଗ୍ରହ କରି ତାକୁ ଫେରେଇ ଆଣିବାର କାମ ପୁଣି ଲାଗିଲା । ସେଥିରେ ଦୁଇଜଣ ସ୍ୱାମୀ, ସ୍ତ୍ରୀ, ସୁମନ୍ତ ଓ ସୁନନ୍ଦା ତାକୁ ସାହାଯ୍ୟ କଲେ । ମନ୍ଦିର ଛାଡିବା ବେଳକୁ ରାତି ଦଶଟା ବାଜିଥିଲା । ଘରେ ପହଞ୍ଚିବା ବେଳକୁ ସାଢେ ଦଶ ।

ମାନି ଏତେ କ୍ଲାନ୍ତ ଥିଲା ଯେ, ଶାଢୀ ବଦଲେଇ ସୋଫା ଉପରେ ହିଁ ଶୋଇପଡିଲା । ଆଉ ଉପର ମହଲାର ଶୋଇବା ଘରକୁ ଯିବାକୁ ଶକ୍ତି ନଥିଲା । ମନକୁ ଆସୁଥିଲା, ଏତେ ସବୁ କାମ ସିଏ କାହିଁକି ନେଉଥିଲା ?

ପଚିଶି ବର୍ଷ ତଳେ ୧୯୯୯ ମସିହାରେ ଗୋଟିଏ ସାଙ୍ଗସାଥୀ ମିଳାମିଶାର ଖିଆଲକୁ ନେଇ ସେମାନେ କିଛି ଓଡିଆ ସାଙ୍ଗ ମିଶି ୱାଶିଂଟନ୍ ଡିସି ଅଞ୍ଚଳରେ ପ୍ରଥମ ଥର ପାଇଁ ହୋଲି ପାଳିବାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଆଜି ଏ ଉତ୍ସବ ପଚିଶି ବର୍ଷରେ ପଦାର୍ପଣ କଲା। ସବୁ ବର୍ଷ ଅନେକ ସ୍ୱେଚ୍ଛାସେବୀ ଏ ଉତ୍ସବର ବିଭିନ୍ନ ରକମର ଆୟୋଜନରେ ଦାୟିତ୍ୱ ନେବାକୁ ବାହାରନ୍ତି । କୋଭିଡ୍-୧୯ ପାଇଁ ତିନିବର୍ଷ ଧରି ହୋଲି ଜୁମ୍ ରେ ପାଳନ କରାଯାଇଥିଲା । ଏଇଟା କୋଭିଡ୍-୧୯ ପରେ ପ୍ରଥମ ବଡ ଧରଣର ହୋଲି ପାଳନ । କାରଣ ଗତବର୍ଷ ଛୋଟ ଆକାରରେ ଜଗନ୍ନାଥ ମନ୍ଦିରରେ ବିମାନ ଶୋଭାଯାତ୍ରା ହୋଇ ହୋଲି ପାଳିତ ହୋଇଥିଲା । ଅନ୍ୟ ବର୍ଷ ମାନଙ୍କ ଭଳି ଏବର୍ଷ କିନ୍ତୁ ଏତେ କେହି ସ୍ୱେଚ୍ଛାସେବୀ ଆଗଭର ହୋଇ ବାହାରି ନଥିଲେ । ଯଦିଓ, ହୋଲି ସାଂସ୍କୃତିକ ଉତ୍ସବରେ ଯୋଗଦାନ କରିବା ପାଇଁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଲୋକ ରେଜିଷ୍ଟ୍ରେସନ୍ କରିଥିଲେ । ହୁଏତ

ISSN NO.
2582-208X

କୋଭିଡ୍-୧୯ର ଆତଙ୍କରେ ସମସ୍ତଙ୍କର ମାନସିକ ପରିବର୍ତ୍ତନ ହୋଇଛି । ଜୀବନରେ କେଉଁଟା କରିବା ଉଚିତ୍, କେଉଁଟାକୁ ପ୍ରାଧାନ୍ୟ ଦେବା ଉଚିତ୍, କେଉଁଟାକୁ ବାଦ୍ ଦେବା ଭଲ, ସେ ସମ୍ବନ୍ଧରେ ସମସ୍ତଙ୍କର ସଚେତନତା ବଢ଼ିଛି । ସେଇଥିପାଇଁ ଅନେକ ଶେଷ ସପ୍ତାହରେ ହିଁ ଇଭାଇଟ୍‌ର ହୋଲିରେ ଯୋଗଦେଉଛନ୍ତି ବୋଲି ଜଣେଇଲେ । ତିନିବର୍ଷ ପରେ ପୁଣି ନବ ପ୍ରେରଣା, ନବ ଉତ୍ତେଜନାରେ ୨୦୨୩ ମସିହାର ହୋଲି ସମସ୍ତେ ମିଳିମିଶି, ସାଙ୍ଗସାଥୀଙ୍କ ଗହଣରେ ପାଳନ କଲେ । ସେଇଥିପାଇଁ ମାନିର ମନରେ ନିଶା ଚଢ଼ି ଯାଇଥିଲା । ଯାହାବି ହେଉ, ତା ସାମର୍ଥ୍ୟରେ ସିଏ ସମସ୍ତ ଶକ୍ତି ଦେଇ, ଅର୍ଥ ଦେଇ, ମନ ଦେଇ ଓ ପ୍ରାଣ ଦେଇ ଏ ଉତ୍ସବଟିକୁ ସଫଳ କରାଇବାକୁ ଚେଷ୍ଟା କରିବ । ହୁଏତ ସେଇଥିପାଇଁ ତାର ଏତେ କାମ ବଢ଼ିଗଲା ।

ଏ ଯେଉଁ ଶାରୀରିକ ଓ ମାନସିକ ପରିଶ୍ରମ ସବୁ ହୋଇଗଲା, ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସନ୍ତୁଳିତ ରଖିବା ପାଇଁ ଏବେ ତାକୁ ଅନ୍ତତଃ ଏକମାସ ଧରି ସମସ୍ତ ପ୍ରକାର ଅତିରିକ୍ତ କାର୍ଯ୍ୟରୁ ବିରତି ନେବାକୁ ପଡିବ । କେବଳ ଯେତିକି ନିହାତି ଦରକାର, ସେତିକି ହିଁ କରିବ ।

ମାର୍ଚ୍ଚ ବାର ତାରିଖ, ରବିବାର ଦିନ ସକାଳେ ହୋଲିର ସଫଳତା ପାଇଁ ଶୁଭେଚ୍ଛା ଜଣେଇବାକୁ ସାଙ୍ଗ ସୁମେଧା ଫୋନ୍ କରିଥିଲା । କଥା ଛଳରେ ପଚାରିଦେଲା, "ତମେ ତ ସ୍ଥିର ହୋଇ ବସିବା ବ୍ୟକ୍ତି ନୁହେଁ । ଏବେ ତ ହୋଲି ଗଲା । ପରବର୍ତ୍ତୀ କାର୍ଯ୍ୟ କଣ ସବୁ ମନରେ ଅଛି ?'


ମାନି ହସିଲା । "ସେକଥା ଏବେ ମୁଁ ଚିନ୍ତା କରୁନି । ଆଜି ତ ସଂପୂର୍ଣ୍ଣ ବିଶ୍ରାମ ନେବି । ଆଉ ଗୋଟିଏ ଭଲ ପୁରୁଣା ହିନ୍ଦୀ ସିନେମା ଦେଖିବି ।'

ସୁମେଧା ସହିତ କଥା ଶେଷ କରି ସୋଫାରେ ବସି ମାନି ନେଟଫ୍ଲିକ ଚାନେଲ୍‌ର ଏକ ପୁରୁଣା ହିନ୍ଦି ସିନେମା "ବନ୍ଦୀ" ଦେଖିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଅମ୍ବୁରୁହ



ଇଂ. ସୁଶାନ୍ତ କଶୋର ବଳ

*ପଂକଭରା ପୁଷ୍କରଣୀରୁ ତୁ ଜାତ*
*ହେଲେ ଶରୀର ତୋର ଭରା ସୁଗଂଧ*
*ହସହସ ମୁଖ ଚ଼ଂଦ୍ର ବଦନା*
*ଭୂମିରୁ ଭୂମିଷ୍ଠ କୌମୂଦୀ ନାମା .*
*କୌଳିନ୍ୟ ତୋର ଜାତିଗତ ଧର୍ମ*
*ହସିହସାଇ ଦୁରୂ କଦର୍ମ.*
*ମୃଦୁ, ମଧୁର କୋମଳିନୀ ତୁ .*
*ଜଳେ ତରିବାରେ କୋବିଦ ତୁ .*
*ଭରା ସୌଂଦର୍ଯ୍ୟର ଅଟୁ କୋଷାଧ୍ବଖ୍ୟ*
*ଶୁଭ୍ର ପୁଲକିତ ଅଟେ ତୋ' ବଖ୍ୟ .*
*ବାରବାର ବୀଖ୍ୟଣର ଅଟୁତୁ ଦ୍ରବ୍ୟ*
*ବସନ୍ତ ଋତୁଯେସନ ଅଟେତୋ' ବୈଭବ .*
*ଅର୍ଘ୍ୟଥାଳିର ତୁ ଅଟୁ ମୃଗାଂକ(କର୍ପୂର)*
*ଘଂଚକାନନେ ଯେସନ ଥାଏ ମୃଗେଂଦ୍ର .*

*ସରୋବର ତୀରେ ବିହାର ସମୟେ*
*ସ୍ୱତେ ନଜରେ ଆସେ ତା ଅପଘନ .*

ISSN NO.
2582-208X

*ଚାହିଂଲେ ବି ନଜର ନହୁଏ ଫେରାଇ*
*ତୁ ତ ମୁକ୍ତାଝରା ଅନମୋଲ ରତନ .*

*ସୂକ୍ଷ୍ମ ଶରୀରେ ତୁ ଦୁଃଖପାଶୋରା*
*ବିରହ ମନର ତୁ ଅଟୁ କ୍ଲିଷ୍ଟହରା .*
*ପୂଜାକର୍ମର ତୁହି ଯଗ୍ୟଂସୂତ୍ର*
*ତୁହି ସାମବେଦ ତୁହି ଯଜୁର୍ବେଦ .*
*ତୁହି ଯଗ୍ୟଂ ତୁହି ଯାଚଂଜା(ପ୍ରାର୍ଥନା)*
*ତୋର ଯାଥାଯଥ୍ୟ ଅଟଇ ଅବର୍ଣନୀୟା.*

*ସ୍ୱଳ୍ପ ଦିନରେ ଅଳ୍ପ ଆୟୁରେ*
*ତୁ କରିଥାଉ ଅମାପେ ମନୋରଂଜନ*
*ତୁ ନୁହେଂ ଏକ ସାଧାରଣ ସୁମନ*
*ତୁ ତ ବାସ୍ତବେ ନୟନ ଅଂଜନ .*
*ଅତଂଦ୍ରେ ବିନୀଦ୍ରେ ଦରଶନ ଇଛା।*
*ତୋର ସ୍ୱପ୍ନୀଳ ଅପଘନ .*
*ତ୍ୟାଗି ଖ୍ୟୁଧା,ତୃଷା,ନୀଶ୍ୱାଶ,ପ୍ରଶ୍ୱାସ*
*ଅପଲକେ ରହିଯାଏ ପ୍ରଲୁବ୍ଧ ନୟନ .*

*କାସ୍ ତୋ ନାତିଦୀର୍ଘ ଜୀବନ ପୁସ୍ତିକାକୁ*
*କରିପାରନ୍ତୁ ଅନୁସରଣ ଆମେ ବସୁଧାର ଯେତେଯେତେ ଜନଗଣ .*
*ଜୀବନ ଆମର ଧନ୍ୟ ହୋଇଯାନ୍ତା*
*ଶିଖ୍ୟାଲାଭ କରି ପଠନେ ତୋ ପୃଷ୍ଠା .*
*ତ୍ୟାଗି ସ୍ୱାର୍ଥପରତା ପରହିଂସ୍ରତା*
*କର୍କଟ ପ୍ରବୃତ୍ତି ଶୃଗାଳର ନିତୀ*

ISSN NO.
2582-208X

*ଆଦରି ପାରନ୍ତୁ ମହନୀୟତା .*
*ଏ ଧରାଟି ପାଲଟିଯାଆନ୍ତା ସ୍ୱର୍ଗ*
*ନଥାନ୍ତା ଏଠି ବର୍ବରତା, ନୀର୍ଲଜତା.*
*ଏକ ଆନର ଦୁଃଖେ ସୁଖେ କଷ୍ଟେ*
*ଜୋଡିହୋଇଯାନ୍ତେ ନରଖି କିଛି ଅସୂୟା .*

କିଛି ଶବ୍ଦାର୍ଥ :

ଅମ୍ବୁରୁହ :ଜଳଜ, ପଦ୍ମ / କୌମୂଦୀ : କଇଁ, ପଦ୍ମ / କୌଳିନ୍ୟ : କୂଳିନତା / କୋବିଦ : ପଣ୍ଡିତ / ମୃଗେଂଦ୍ର : ସିଂହ / ଯଗ୍ୟଂସୂତ୍ର : ପଇତା / ଯାଥାଯଥ୍ୟ : ଯଥାର୍ଥତା / ବୀକ୍ଷ୍ୟଣ : ପରିଦର୍ଶନ /ଅତଂଦ୍ରେ : ବିନା ନୀଦ୍ରାରେ / ଅପଘନ : ଶରୀର / ପ୍ରଲୁବ୍ଧ: ଅତିଶୟ ଲୁବ୍ଧ / ନାତିଦୀର୍ଘ : ଯେ ଦୀର୍ଘ ନୁହେଂ, ଖ୍ୟୁଦ୍ର / କର୍କଟ ପ୍ରବୃତି : କଂକଡାର ଚରିତ୍ର

କଟକ

ISSN NO.
2582-208X

# ତମକୁ ପାଇବାପାଇଁ



ନୀଳମାଧବ କର

ତମକୁ ପାଇବାପାଇଁ
କଣ ଖୋଜିବା ଦରକାର?
ଖୋଜିଲେ ତମେକ ମିଳ !

.

ତମେ ନାହଁ ବୋଲି ଭାବି
କିଏ ଖୋଜେ
କିଏ ଖୋଜେନା

.

ତମେ ଅଛ ବୋଲି ଭାବି
କିଏ ଖୋଜେନା
କିଏ ଖୋଜେ

.

କିଏ ଖୋଜେ - ପାଇବାକୁ
ତମକୁ –
ତମର ବିଭିନ୍ନ ରୂପରେ
କିଏ ଖୋଜେ -
ତମକୁ ପାଏନାହିଁ ବୋଲି
ତମର ବିଭିନ୍ନ ରୂପରେ !

ISSN NO.
2582-208X

.
କଏ ଖୋଜେ -
ତମକୁ ନପାଇବାକୁ
ତମେ ନାହଁ ବୋଲି, ତା ବିଶ୍ୱାସକୁ
ଦୃଢ଼ କରିବାକୁ

.
କଏ ଖୋଜେ
ତମକୁ ପୁଣି ପୁଣି ଅନୁଭବିବାକୁ

.
କଏ ଖୋଜେ
ପାଇ ପୁଣି ହଜେଇ ଦେଇଥିବାର ଗ୍ଲାନରେ,
ଦ୍ୱନ୍ଦରେ, ବା ତମକୁ ପାଇଛିକନା'ର ଅବିଶ୍ୱାସରେ

.
ଖୋଜା ଗ୍ଲୃଲିଥାଏ, ଅହର୍ନିଶ
ଜ୍ଞାନରେ, ...ଅଜ୍ଞାନରେ

.
ଖୋଜିଲେ ତମେ କ ମିଳ !

***

ଷ୍ଟେପ୍ସଟୁହେଲଥ,
ଓଲଭରହାମ୍ପଟନ, ୟୁକେ

ISSN NO.
2582-208X

# ସ୍ୱପ୍ନ ଦେଖେ ସତ୍ୟବାଦୀ



ନୀଳମଣି ଗୁନ୍ଦ

ଯାଆନାରେ ନିଶି ସଅଳ ପାହି
ସ୍ୱପ୍ନ ଦେଖେ ସତ୍ୟବାଦୀଟି ଶୋଇ।
ସ୍ୱପ୍ନ ରାଶିରାଶି, ରାତି ଅଳପ
କରନି ତା ସାଥେ କେହି ଗଳପ।

ନାହିଁ ବକୁଳବନ ଛୁରିଅନା
ସ୍ଥାନଟିଏ  ପଞ୍ଚସଖାଙ୍କ ବିନା।
ପଢା ହେଉନାହିଁ ପାଦପ ମୂଳେ
ବିଦ୍ୟାର୍ଥୀ ବସନ୍ତି ନାହିଁରେ ତଳେ।

କୁଆଡେ ସେ ଛାତ୍ରାବାସଟି ଗଲା
ଆଚାର୍ଯ୍ୟଙ୍କ ଦେଖା ମିଳେନି ଭଲା।
ହେଉନି ବକ୍ତୃତା ପ୍ରତିଯୋଗିତା
ମାପୁନି କେ ଛାତ୍ରଙ୍କ ବୁଦ୍ଧିମତ୍ତା।

କୁଆଡ଼େ ଗଲେରେ ଦାସେ ଆପଣେ
ପ୍ରତୀକ୍ଷାରେ ଆହା  ସେ ଦିନ ଗଣେ
ପଢନ୍ତିନି ନିଜ କକ୍ଷରେ ବସି
ବକୁଳବନର ଦୁର୍ବାସା ଋଷି।

ISSN NO.
2582-208X

ଗାଥାକବି ସିନା ଗୋଦାବରୀଶ
ତାଙ୍କୁ ଭୁଲିନାହିଁ ସିଏ ଅବଶ୍ୟ।
ବନବିଦ୍ୟାଳୟ କୁଆଡେ ଗଲା
ଇତିହାସ ପରି ଅତୀତ ହେଲା।

ଉଇଁଆସିଲେଣି ନଭେ ତପନ
ତଥାପି ସେ ଶୋଇ ଦେଖେ ସପନ
ଚାଲ ଯାଇ ବୁଲି ଦେଖିବା ଥରେ
ତା ନାମ ଲେଖିବା ସ୍ୱର୍ଣ୍ଣାକ୍ଷରେ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ



ଭସ୍କର ଚନ୍ଦ୍ର ଖଣ୍ଡା

ମନେ ପଡେ ମୋ ମାଟିର ଐତିହ୍ୟ
ଶୁଣି ଏଇ ରାଇଜର ନାମ
ହେଉଥିଲା ଶତ୍ରୁ ବୁକୁରେ କମ୍ପନ
ସୁଖ ସମୃଦ୍ଧିରେ ଭରା କଳିଙ୍ଗ
ଆଜିବି ମୂକ ସାକ୍ଷୀ ସାଜି
ପ୍ରବାହିତ ସେଇ ଦୟା ନଦୀର
ପବିତ୍ର ଜଳରାଶି
ହୋଇଥିଲା ଦିନେ ଯାହା ରକ୍ତ ରଂଜିତ
ସେଇ ଉଷ୍ଣତାର ବୀରତ୍ୱ ଗାଥାରେ
ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ ।୧।

ରୂପାନ୍ତରିତ ହୋଇଥିଲା ଚଣ୍ଡାଶୋକ ଧର୍ମାଶୋକରେ
ସ୍ମୃତିପଟରେ ସଜ୍ଜିତ ଧଉଳି ଶାନ୍ତିସ୍ତୂପ
କରେ ବୟାନ ଖଣ୍ଡଗିରି ଉଦୟଗିରିର ଶିଳାରାଶି
ଫାଟି ଉଠେ ମୋ ଛାତି ଗର୍ବରେ
ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ ।୨।

ଝରି ପଡେ ଯେଉଁ ରାଇଜର କବିର ଲେଖନୀରୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ

ISSN NO.
2582-208X

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶ ପ୍ରୀତିର ଏ ଭାବନା ସ୍ରୋତରେ
ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ ।୩।

ସମୃଦ୍ଧିର ସେଇ ପରାକାଷ୍ଠା ସାଜି
ଜାଭା ସୁମାତ୍ରା ବାଲି ଦୀପ ଭେଦି
ବାଣିଜ୍ୟର ସେଇ ନମୁନାର ଗୀତି
ବୋଇତ ବନ୍ଦାଣ କରେ ଏଇ ଜାତି
ସ୍ମୃତିରେ ଝଲସେ ପାନ ଗୁଆ ତା'ର
ବଖାଣେ ମାସକ ଧରମଟି ମୋର
ଭାସି ଯାଇ ସେଇ ଗୀତର ସ୍ୱରରେ
ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ ।୪।

ପଛଘୁଞ୍ଚା କେବେ ଦେଇନି ଏ ଜାତି
ଆସିଲେ ତା ପଥେ କେତେବି ବିପତ୍ତି
ଫାଇଲିନ୍ ତିତିଲି ହୁଦହୁଦ ଫନି
ମନ ବଳ ତା'ର କେବେ ବି ଭାଂଗିନି
ଦୃଢ଼ତାର ସହ କରି ମୁକାବିଲା
କରୋନାର ସେଇ ଘୋର ବିପତ୍ତିରେ
ଯୋଗାଇବି ଥିଲା ଅମ୍ଳଜାନ ସିଏ
ଓଡ଼ିଆ ବୋଲି ସେ ନେଉ ଏ ଶପଥ
ରଖିବ ସର୍ବଦା ଏ ଜାତିର ଟେକ
ରହିଛି ତା ମନ ପରୋପକାରରେ
ଓଡ଼ିଆ ବୋଲି ମୁଁ ଆଜି ଗର୍ବ କରେ ।୫।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମୁଁ ସମୟ .....



ଛବି ରାଣୀ ପତି

ଜୀବନ ନୌକାରେ  ନାଉରୀ କିଏ !!!

ମୁଁ ସମୟ ....

ସୃଷ୍ଟିର ଆଦ୍ୟ ରେ ମୁଁ, ସୃଷ୍ଟିର ପ୍ରାନ୍ତରେ ବି ମୁଁ । ସବୁ ର ବିଲୟ ଅଛି ! ହେଲେ, ନାହିଁ ଯଦି କେବଳ ମୋର । ଦୁନିଆର ପ୍ରାୟ ସମସ୍ତଙ୍କ ଗତିପଥ ବନ୍ଦ ହୋଇଯାଇ ପାରେ !! ହେଲେ ମୋର ସବୁବେଳେ ଅବିରାମ ।  ମୁଁ ଚାଲୁଥିଲି, ଚାଲୁଛି ଆଉ ନିରନ୍ତର ଚାଲୁଥିବି ବାଧା ବନ୍ଧନର ବିନା କମା ଓ ପୂର୍ଣ୍ଣଛେଦ ରେ  । ବଡ ଆଶ୍ଚର୍ଯ୍ୟ କରେ ମୋତେ ... କାହିଁକି ଏତେ ଅପଲକ ନୟନରେ  ଏତେ ବ୍ୟାକୁଳତା ର ସହିତ ସବୁବେଳେ ସମସ୍ତେ ମୋତେ ହିଁ ଖୋଜନ୍ତି ! ମୁଁ କେବେ କାହାରିକୁ ଅପେକ୍ଷା କରେନି କି ଉପେକ୍ଷା ବି କରିନି । ମୋତେ ସମସ୍ତେ ଦେଖନ୍ତି, ମୁଁ କାହାରିକି ଦେଖେନା । ମୋର କେହି ନୁହନ୍ତି କିନ୍ତୁ ମୁଁ ଏଠି ସମସ୍ତଙ୍କର ।  ତଥାପି ସମସ୍ତଙ୍କ ପାଇଁ ସବୁ କ୍ଷେତ୍ରରେ ଦାୟୀ ଖାଲି ମୁଁ ଆଉ ମୁଁ .... କେବଳ ମୁଁ ।

ଜନ୍ମ - ମୃତ୍ୟୁ ଏଠି ସବୁ ମୋ ଇଙ୍ଗିତରେ । ମୋର ହାତ ନାହିଁ ସତ ! ତଥାପି,, ସ୍ୱାର୍ଥ ପୂରଣ ହେଲେ ଅବା ନହେଲେ ଭଲ ସମୟ ଓ ଖରାପ ସମୟ ର ଆଖ୍ୟା ଦେଇ ସଂସାର ର ପ୍ରତ୍ୟେକ ପ୍ରାଣୀ ମୋତେ ହିଁ ଦାୟୀ କରିଦିଅନ୍ତି । ଏ ବିଚିତ୍ର ମଣିଷ ସମାଜ ପ୍ରତେକ

ISSN NO.
2582-208X

କ୍ଷେତ୍ରରେ କାହିଁକି ଯେ ମୋତେ ଦୋଷୀ କରି ଛିଡା କରିଦିଅନ୍ତି ! ତାହା ପ୍ରକୃତରେ ମୋ କଳ୍ପନା ବାହାରେ ।

ଯଦିଓ ଗୀତା କହେ - "କର୍ମ କରିଯା' ଯେଝା ମତେ, ଫଳିବ ଭାଗ୍ୟର ଆୟତେ" । ତଥାପି,, କେବେ ଘୋଡ଼ା ପିଠିରେ ତ ପୁଣି କେବେ ଗଧ ପିଠିରେ .... ମନସ୍ତତ୍ୱରେ ମୁଁ ପୁଣି ସବାର୍ ହୁଏ ଏଇ ଛାର ମଣିଷ ଦ୍ୱାରା, ଯେମିତି ମୁଁ ଏମାନଙ୍କର ଜାଗିର !!!! ଭାରି ହସ ଲାଗେ, କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିଲା... ତ ମୁଁ କରେ ! ଆଉ କାହା ମୁଣ୍ଡ ଉପରେ ଶାଗୁଣା ଉଡ଼ିଲା... ତ' ସେଇଟା ବି ମୁଁ ହିଁ କରେ !!

ସବୁଠୁ ମଜାଦାର କିଛି ଚମତ୍କାର କଥା ବି କହିବି :: ---

ମୋତେ ନେଇ ନାନାଦି ପୋଥି ପୁରାଣ । ଏଠି ସାବିତ୍ରୀ ର ରାତି ପାହେନି କି ପତି ମରେନି। ମୋତେ ନେଇ କବି ଲେଖେ କେତେ କେତେ କବିତା । ଜଣେ କେହି ଗୀତିକାର ଲେଖିଗଲେ - "ଏ ସମୟ ବୟସକୁ ମୋର ନେଲୁ ଚୋରେଇ" । ପୁଣି ମାଳିକା ଶାସ୍ତ୍ର ବି ଚାତକ ପରି ଚାହିଁ ରହିଛି ମୋରି ଆଡ଼କୁ ମୋରି ଡାକରାକୁ । ମୋତେ ନେଇ ଇତିହାସ, ଭୂଗୋଳ ଓ ସାହିତ୍ୟ ଇତ୍ୟାଦି ର ସୃଷ୍ଟି । "ପାଉଁଶ ତଳର ନିଆଁ ବି ମୁଁ !!! ,, ପ୍ରେୟସୀ ଓଠ ର ଛୁଆଁ ବି ମୁଁ " । କାଳ, ବିକାଳ, ତ୍ରିକାଳ... ସବୁ ଯୁଗରେ ମୁଁ । ଉଦୟ ଭାନୁର ସୁନେଲି କିରଣ ରେ ମୁଁ, ଅସ୍ତିମିତ ସୂର୍ଯ୍ୟଙ୍କ ବିକିରଣ ରଶ୍ମିରେ ବି ମୁଁ । ଇନ୍ଦ୍ରଧନୁ ର ସପ୍ତ ରଙ୍ଗରେ ଖେଳେ ଆଉ ବସନ୍ତର ଫୁଲ ଫଗୁଣଝୁଲଣ ରେ ଝୁଲି ମୁଁ ଖୁବ୍ ମଜା ବି ନିଏ ବୋଲି.... ଲୋକେ କୁହନ୍ତି । ଏଇ ଲୋକମାନେ ସଫଳତା ର ଶ୍ରେୟ ନିଜେ ସାଉଁଟି ନେଲାବେଳେ ମୋ ଉପରେ ଅକ୍ଳେଶରେ ଓଜାଡ଼ି ଦିଅନ୍ତି କୁଢ଼ କୁଢ଼ ରାଗ, ଅଭିମାନ, ଅଭିଯୋଗ ଆଉ ପୁଳାପୂଳା ବୃଥା ନିନ୍ଦା ଅପବାଦ ର ବୋଝ । ତଥାପି,, ମୁଁ କେବେ କ୍ଳାନ୍ତ କି ଭାରାକ୍ରାନ୍ତ ହୁଏନି । ଏଇ ମଣିଷ ସମାଜ ବି ସମୟେ ସମୟେ ମୋ ଉପରେ

ISSN NO.
2582-208X

ଅନନ୍ତ କୋଟି ବିଶ୍ୱାସ ରଖି ଆଉ ଭରସା କରି ମୋ ଅଦୃଶ୍ୟ ହାତରେ ସକଳ ଚିନ୍ତା ଚେତନାକୁ ସମର୍ପି ଶାନ୍ତିରେ ନିଶ୍ୱାସ ମାରି ନିଦ୍ରା ଯାଆନ୍ତି ।

ମୁଁ ସେଇ ସମୟ, ଯିଏ ପ୍ରତି ମୁହୂର୍ତ୍ତରେ କଡ ଲେଉଟାଏ । ଚକାଭଉଁରି ପରି ଘିରିଘିରି ହୋଇ ବୁଲେ ଆଉ ବୁଲାଏ । ମୋତେ ନେଇ ଅତୀତ - ବର୍ତ୍ତମାନ ଆଉ ଭବିଷ୍ୟତ ର ଜନ୍ମ। ମୋତେ ନେଇ ଗ୍ରହ - ନକ୍ଷତ୍ର, ରାଶି ଚକ୍ର, ଦିନ - ରାତି, ଋତୁ, ବର୍ଷ, ମାସ ଆଉ ପ୍ରତିଟି କ୍ଷଣ । "ସମୟ ବଡ ବଳବାନ" ବୋଲି କ୍ୟାଲେଣ୍ଡର, ପାଞ୍ଜି ପରି କେତେ କଣ ର ସୃଷ୍ଟି । ମୋ ସର୍ଜନାରେ ଜଗତ ଆଉ ଏ ଜଗତବାସି, ସଂସାର ଆଉ ସାଂସାରିକ ମୋହ ମାୟା ରେ ଆସକ୍ତ ଏ ମଣିଷ ସମାଜର ସ୍ଥିତି, ବସତି ଓ ବନ୍ଧନର ଉତ୍ପତ୍ତି ପୁଣି ପରିସମାପ୍ତି। ମୁଁ କିନ୍ତୁ ନିର୍ଗୁଣ - ନିରାକାର, ମୁଁ ନିଷ୍ଠୁର - କଠୋର, ମୁଁ ଅନନ୍ତ - ଅନାଦି, ମୁଁ ସୃଷ୍ଟି - ପ୍ରଳୟ, ମୁ ପଥ - ରଥ, ମୁଁ ରଥି - ସାରଥୀ, ମୁ ତ୍ରିଗୁଣାତୀତ ପବିତ୍ର ଶୁଦ୍ଧ ଦିବ୍ୟାତ୍ମା .... ""ମୁଁ ସମୟ"" । ବାକି ଏ ବିଶ୍ୱ ବ୍ରହ୍ମାଣ୍ଡ ପଦ୍ମପତ୍ରରେ ଟୋପାଏ ଜଳ ବିନ୍ଦୁ ପରି ।।

ମଧ୍ୟଶାସନ, ବିରିଡ଼ି
ଜଗତସିଂହପୁର
ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ମୁକ୍ତ କର ନିଜକୁ ନିଜଠୁଁ, ଯୁଗାଦ୍ୟା ହେଇଯା



ଡ. ଶକୁନ୍ତଳା ଗୁପ୍ତା

ପଢ଼ିବାର ଅଧିକାର ପାଇଁ
ତୁ ଆଉ ଗୁଳି ଖାଆନା,

ତୋତେ ଆଗ ବଞ୍ଚିବାକୁ ହେବ
ବହି ଯାଏଁ ପହଞ୍ଚିବା ଯାଏଁ,
ତୁ ହିଁ ସରସ୍ୱତୀ
ତୁ ହିଁ ଲେଖିବୁ କପାଳମାନଙ୍କରେ ବେଦ!

ପସନ୍ଦର ଜାମା ପାଇଁ
ତୁ ଆଉ ଝୁଲି ଯାଆନା ବେନାମୀ ଶବ ହେଇ,

ତୋତେ ଆଗ ବଞ୍ଚିବାକୁ ହେବ
ହାତରେ ଅଗ୍ନି ପହଁରିବା ଯାଏଁ,
ତୁ ହିଁ ସହସ୍ର ଭୁଜା
ତୁ ହିଁ ଧରାଇବୁ ସହସ୍ର ହସ୍ତରେ ଅଭୟ!

ISSN NO.
2582-208X

ବହୁତ ହେଲାଣି ଘରପୋଡ଼ି ବହୂପୋଡ଼ି ଖେଳ
ତୁ ଆଉ ଖେଳେନା ଯୌତୁକ ମେଳେ,

ତୋତେ ଆଗ ବଞ୍ଚିବାକୁ ହେବ
ନିଜ ପାଦରେ ଠିଆ ହେବା ଯାଏଁ,
ତୁ ହିଁ ମହାଲକ୍ଷ୍ମୀ
ତୁ ହିଁ ଯୋଗାଇଦେବୁ ବସା ପାଇଁ ଖୁଦ
ଆଶ୍ରିତ ସମାଜରେ ବିଶ୍ୱାସର କୃପାଜଳ !

ବୋହିଛୁ ମୁଣ୍ଡରେ ଇଟାଗଦା
ବେକପଛରେ କଅଁଳା ଶିଶୁକୁ ବାନ୍ଧି
ଘର ବାନ୍ଧିଛୁ ଇଚ୍ଛାକୁ କବର ଦେଇ
ନିଲାମ କରିଛୁ ଦେହ, ମନ, ଯୌବନ
ମଝି ବଜାରରେ,
ଛେଳି ମେଣ୍ଢା କୁକୁଡା ମହିଷ ଶୁକର ଶ୍ରେଣୀ
ଆଉ ତୁ -
ଯୁଦ୍ଧେ ବଳିଭୋଜା ହତପଶୁ,
ଘରେ ଘରେ ପଞ୍ଜୁରୀ
ପଟେ ଡେଣାର ତୋ ଆକାଶ,
ଖୁଣ୍ଟ ଖୁଣ୍ଟରେ ପଘା
ଦୁହିଁ ଦେଲେ ସର୍ବସ୍ୱ
ଶେଷେ ତୋରି ଭାଗ୍ୟର ଦୋଷ !
ତୁ କାଳେ
ପେଟରେ ପୋଷିଛୁ ସର୍ବଗିଳା ଭୋକ
ମୁହଁରେ ଅତୃପ୍ତ ଜିହ୍ୱା ଲହ ଲହ !

ISSN NO.
2582-208X

ବନ୍ଦ କର
ଦେଖିବା ଅନ୍ୟ ହାତର ଆଏବି ଆଇନା

ମାନିଯା, ତୁ ହିଁ ସର୍ବସହା ପୃଥିବୀ
ସେବାର ଶିବିର ତୋରି ମେଲା ଦୁଆର
ରାତି ପାହିବା ଯାଏଁ
ବନ୍ଦ କରିଦେ ଲେଖିବା କବିତା
ତୁ ନିଜେହିଁ ସାହିତ୍ୟ!

ମନେରଖ,
ତୋତେ ଆଗ ବଞ୍ଚିବାକୁ ହେବ !

ମନେରଖ,
ଚିରକାଳେ
ତୁ ହେଇପାରୁ ସଂହାର ଶକ୍ତି
ଦୂର୍ଗା, କାଳୀ, ମାହେନ୍ଦ୍ରୀ,
ତୁ ହିଁ ସ୍ୱୟଂ ଯୁଗନ୍ଧରା !
ଲେଖିବାକୁ ସମତାର ପ୍ରକରଣ
ବାଛିନେ ଜୀବନକୁ,
ପୁଣିଥରେ ଯୁଗାଦ୍ୟା ହେଇଯା
ମୁକ୍ତ କର ନିଜକୁ ନିଜଠୁଁ
ରକ୍ତମାଂସର ପ୍ରେମ କବିତାଟିଏ ହେଇଯା !

ରାଉରକେଲା

ISSN NO.
2582-208X

# ପବିତ୍ର ଦୋଳ ପର୍ବ



ଶୁଭଶ୍ରୀ ମହାପାତ୍ର

ଓଡ଼ିଆ ସଂସ୍କୃତି ପ୍ରଥା ପରମ୍ପରା
ଧର୍ମ ଭାବନା ଆମର ମହାନ
ବସନ୍ତ ଋତୁରେ ଫଗୁଣ ମାସରେ
ଦୋଳ ପର୍ବର ପାଳନ ।
ଫଗୁଣ ମାସରେ ବସନ୍ତ ରାସରେ
ଫଗୁ ରଙ୍ଗ ଅବିର ରେ
ଦୋଳ ବିମାନରେ ରାଧାରାଣୀ ସାଥେ
ବୁଲି ଥାନ୍ତି ଘରେ ଘରେ ।
ଆମ ସଂସ୍କୃତିରେ ଗୋପାଳ ଭାଇଙ୍କ
ପର୍ବ ଆସିଛି ଦୋଳ ଦୋଳ ବିମାନରେ
ଦୋଳ ଗୋବିନ୍ଦଙ୍କ ଦର୍ଶନରେ
କୋଟି ଜନ୍ମ ପୁଣ୍ୟ ଫଳ ।
ମନରେ ଲାଗୁ ପ୍ରେମର ରଙ୍ଗ
ଦେହରେ ଲାଗୁ ସ୍ନେହ
ସେହି ସ୍ନେହରେ ରଙ୍ଗେଇ ହେଉ
ଯେତେ ଆପଣାର ମୁହଁ ।

ଶବଳକଣା, ମାହାଙ୍ଗା, କଟକ

ISSN NO.
2582-208X



# ମାୟା

ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମାୟାର ସଂସାରରେ
ମାୟାର ବନ୍ଧନରେ
ଆବଦ୍ଧ ଏ ସଚରାଚର ବିଶ୍ୱ
ଅଣୁଠୁ ରେଣୁ ଯାଏ
ସବୁ ମିଛ ସବୁ ଅନିତ୍ୟ ଜାଣି ସୁଦ୍ଧା
ବିଚରା ମଣିଷଟିଏ  ମାୟାରେ ବାୟା
ଏଇତ ସୃଷ୍ଟିର ରହସ୍ୟ
ଛଳ ଛଳ ଜୀବନର ଗୁଢ଼ ତତ୍ତ୍ୱ
ଅସରନ୍ତି ସଂଘର୍ଷର ସଂଳାପ
କେତେ ଶକ୍ତ ଏ ମାୟାର ଆକର୍ଷଣ ସତେ।

କିଏ କାଟି ପାରିଛି ଏ ମାୟାର ଉତ୍କଟ  ଆକର୍ଷଣ
କିଏ ପାଦରେ ଆଡେଇଦେଇଛି ତାକୁ
ବରଂ ଭୂମିଷ୍ଠ ହେଲାଦିନଠାରୁ  ତା ହାତ ଧରେ
ଏ ମଣିଷ, ସମ୍ମୋହିତ ହୁଏ
ପଡ଼ି ଉଠି ବାଟଚାଲେ
ଅସ୍ତ ହେବା ଯାଏ ଜୀବନର ସୂର୍ଯ୍ୟ।

ଚୁନା ଚୁନା ସ୍ୱପ୍ନ ବୁଣେ ଏ ମଣିଷ
ଉଦୟ ଭାନୁର ସୁନା ରଙ୍ଗ କିରଣରେ

ISSN NO.
2582-208X

ଆଉ ସେଇ ସ୍ୱପ୍ନରେ ବିଭୋର ହୁଏ
ଜୀବନର ଗୀତ ଗାଏ, ଝୁମି ଝୁମି ନାଚେ
ପ୍ରହର ପରେ ପ୍ରହର ବିତିଯାଏ,
ସେ ତ ଅଭିନୟରେ ନିପୁଣ
ସେଇଥି ପାଇଁ ତାକୁ ମିଛ
ସବୁ ସତ ଭଳି ଲାଗେ
ପୁଣି କେତେବେଳେ ବାଟ  ଚାଲୁ ଚାଲୁ
ବାଟ ସରି ଯାଏ,ଫୁଲ ଫୁଟି ଝରି ଯାଏ,
କିଛି ବି ଜାଣି ପାରେନା ବିଚରା!


ସତରେ ବଡ଼ ଅଜବ ଏ ମାୟା ଧରଙ୍କର ମାୟା
କେତେ ରୂପ ତାର, ସେ ବହୁରୂପୀ, କେତେବେଳେ ସିଏ
ସୁନା ହରିଣ ତ କେତେବେଳେ ଇନ୍ଦ୍ରଧନୁର ସାତ ରଙ୍ଗ ତ
କେତେବେଳେ ନୀଳ ସାଗରର ନୀଳ ତରଙ୍ଗ,
ପୁଣି କେତେବେଳେ ଶ୍ରାବଣର ବର୍ଷା ଧାରା,
ତାରି ମିଛ ସମ୍ପର୍କରେ ବାନ୍ଧି ହୋଇଛି ଏ
ସଚରାଚର ବିଶ୍ୱ କାହିଁ କେଉଁ କାଳୁ।

ସୀମା ହୀନ ସମୟର ମହା ପ୍ରବାହ
ବହି ଚାଲିଛି ଅବିରତ
କାହାରିକି ନାହିଁ ଅପେକ୍ଷା
ସେଇ ସ୍ରୋତରେ ଭାସୁଛି ମଣିଷ
ମାୟାର ନୌକାରେ ବସି
ମଙ୍ଗ ଧରିଛନ୍ତି ସ୍ୱୟଂ ମାୟାଧର
ଏକୁଳରୁ ସେ କୂଳକୁ ନିଅନ୍ତି ଚଲେଇ ସେ
ଅତି ଆପଣା ପଣରେ
ଅତି ଆପଣା ପଣରେ।

ଶିକ୍ଷକ, କେନ୍ଦ୍ରାପଡା

ISSN NO.
2582-208X

# ଇସ୍ତାହାର



ବିନୟ ମହାପାତ୍ର

ସମୟର ପ୍ରାଚୀର ଦେହେ
ଅନେକ ପ୍ରଚାର ପତ୍ର,
ଝୁଲୁ ଥାଏ ବର୍ଷ ବର୍ଷ ମାସ ମାସ,
ସାରା ଅହୋରାତ୍ର ।
ନିର୍ବାଚନ ଇସ୍ତାହାର ନୁହେଁ,
ନୁହଁଇ ସେ ନୂତନ ସିନେମା ପୋଷ୍ଟର,
ପ୍ରତିଟି ଅକ୍ଷର ଦିଶେ, ଅତି ପରିସ୍କାର,
ଟୋପି ଟୋପି ଲୁହ ଆଉ
ନାଲି ରକ୍ତେ ଛପା,
କେଇ ଧାଡି ଲୋହିତ ଅକ୍ଷର,
ଦରଦୀ ପ୍ରାଣର, କରୁଣ ଇସ୍ତାହାର ।
ଅନେକ ବର୍ଷ ପରେ ବି,
ସେ ରଙ୍ଗ ଆଜି ସେଇମିତି ଅଛି,
ବର୍ଷାର ପାଣି ପାରି ନାହିଁ ପୋଛି ।
ଅନେକ ସୂର୍ଯ୍ୟର ତେଜ
ସହିବା ପରେ ବି,
ସେ ରଙ୍ଗ ହୋଇ ନାହିଁ ଫିକା,
ସେ କିଛି ଏମିତି ସେମିତି
ଅନା ବନା କଥା ନୁହେଁ,

ISSN NO.
2582-208X

ସେ କେତେ ଯେ ଯୁଗର
ବ୍ୟଥା ବେଦନାର ଗାଥା,
ଟୋପା ଟୋପା ଲୁହ ଆଉ
ରକ୍ତରେ ଲେଖା,
ଦୁଃଖ ଯନ୍ତ୍ରଣା, ଯାହା ଜୀବନର ସଖା ।
ବିଶ୍ୱାସର ବାଲିବନ୍ଧ ଧସି ଯାଏ
ପ୍ରତାରଣାର ଶ୍ରାବଣ ବର୍ଷାରେ,
ଆଶାର ଫସଲ ସବୁ
ଅଦିନେ ଉଜୁଡି ଯାଏ
ନିରାଶାର ଘନ ଅନ୍ଧକାରେ ।
କେବେ ନେତା ଭରସା ଦେଇ
ଲୁଟି ନିଏ ପାଞ୍ଚ ବର୍ଷର ସପନ,
କେବେ ଅଫିସର ଖାଇ ଯାଏ
ବନ୍ୟାରେ ଘରଭଙ୍ଗା ଧନ ।
କେବେ ପ୍ରକୃତି ବିଗାଡି ଯାଏ
ପାଚିଲା ଫସଲ କିଆରୀ,
ଦୁନିଆଁର ପେଟ ଭରୁ ଭରୁ
ଚାଷୀଟିଏ ହୋଇ ଯାଏ
ଦାଣ୍ଡର ଭିକାରୀ ।
ଟଙ୍କାକିଆ ଚାଉଳ ଭୋକ ଭୁଲାଏ ଦିଏ
କିନ୍ତୁ ମଥାରେ ଲଗା ଦାରିଦ୍ୟର ଟିପା
ଜକ ଜକ ଦିଶୁ ଥାଏ,
ରକ୍ତ ନିଗାଡେ, ଝାଳ ପୋଛେ,
ଆଲିଶାନ ବଙ୍ଗଳା,
ନଭସ୍ପୃଷ୍ଟୀ ସୌଧ ଗଢେ
କିନ୍ତୁ ଦୁଇ ମୁଠା ପଖାଳରେ
ଆପଣାର ପେଟ ଭରି ନିଏ ।
ଗଜଦନ୍ତ ପଲଙ୍କ ଗଢେ

ISSN NO.
2582-208X

ମଖମଲି ଶେଜ ବିଛାଇ ଦିଏ
ଦିନ ଶେଷେ ବିଚରା ଶ୍ରମିକଟିଏ
ନିଜେ ଶୋଇ ଯାଏ
ପାଲ ଘେରା ପଲିଥିନ ଛାତ ତଳେ
ଛିଣ୍ଡା କନ୍ଥଡା ବିଛାଇ,
କ୍ଲାନ୍ତ ଆଖିରେ ତାର
କେତେ ଜାତି ସ୍ୱପ୍ନ ଭରି ନିଏ ।
ଏବେ ଧୈର୍ଯ୍ୟର ପ୍ରାଚୀରର ଇଟା ଧାରୁ
ଝୁରୁ ଝୁରୁ ଝରି ଯାଏ ବାଲି,
ଦୁର୍ଗ ସେ ଗଢି ଥିଲା ଦିନେ
ଛୋଟ ଛୋଟ ସ୍ୱପ୍ନ ଆଉ
ଅନେକ ଇଚ୍ଛାର ଇଟା ପଥରକୁ ଯୋଡି
କେତେ କେତେ ଆଶା ଆଉ
ଭରସାର ରଙ୍ଗ କିଛି ବୋଳି ।
ହେଲେ, ଆଶା ଆକାଂକ୍ଷାର ଦୁର୍ଗ ଆଜି,
ଅଭିମାନେ ଭୁଷୁଡି ପଡେ,
ସବୁ କିଛି ହରାଇ ଦେଲା ପରେ
ବିଶ୍ୱାସର ବିଷ ପିଇ ନେଇ
ରାଜ ଦାଣ୍ଡେ ଭିକାରୀ ମୁଁ ବୁଲେ ।
ଅତିଲୋଭୀ ବିଶ୍ୱାମିତ୍ର ହାତେ,
ସୁଖ ସବୁ ସମର୍ପି ଦେଇ
ଅସହାୟ ହରିଶ୍ଚନ୍ଦ୍ର ଆଜି,
ନିଜ ଜୀବନର ମଶାଣୀରେ,
ଜୀବନ୍ତ ଶବ ସାଜି,
ନିଜ ଗଳିତ ସ୍ୱ୍ୱପ୍ନର
ଅହର୍ନିଶି ପହରା ଦିଏ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

(ଭାଗ - ୨୦)

ଯେତେବେଳେ ଆମେମାନେ ହାଇସ୍କୁଲରେ ପଢୁଥିଲୁ ଖରାବେଳ ଖାଇବାଟା ଏତେ ମହତ୍ତ୍ୱ ରଖୁ ନଥିଲା । ଯିଏ ଘରୁ ଆସୁଥିଲା ଟାଙ୍କେ ପଖାଳ ନାଦି ଦେଇ ଆସୁଥିଲା ଓ ବେଳବୁଡ଼କୁ ମଧ୍ୟ ଯାଇ ଛେଚି ଦେଉଥିଲା ପଖାଳ । ଆଉ ଆମେ ତ ସହଜେ ହୋଷ୍ଟେଲ୍ ଅନ୍ତେବାସୀ । ସକାଳୁ ଯାହା ରନ୍ଧା ହେଉଥିଲା, ଗରମ ଭାତ, ଡାଲି, ଭଜା କି ତରକାରୀ ଖାଇ କି ଆସୁଥିଲୁ । ବେଳବୁଡ଼କୁ ନିଜେ ନିଜର ବ୍ୟବସ୍ଥା କରୁଥିଲୁ, ମାନେ ଏଇ ଚୁଡ଼ା, ମୁଢି କି ଛତୁଆ, ଅଧିକରୁ ଅଧିକ ଚେନାଚୁର୍ ।

ପୁଣି ରାତିରେ ସେଇ ଗରମ୍ ଭାତ, ଡାଲି, ତରକାରୀ । ଥୋଡ ବଡ଼ି ଖଡା, ଖଡା ବଡ଼ି ଥୋଡ଼ ।

ସେଦିନ କିଛି ପାଠପଢ଼ା ହେଲା ନାହିଁ । କେବଳ ପରିଚୟ ପର୍ବରେ ସମୟ ଗଲା । ମୁଁ କିନ୍ତୁ ସହଜ ହେଇ ମିଶି ପାରୁ ନଥାଏ ସଙ୍କୋଚ ବଶତଃ । ଖେଳଛୁଟିରେ ଚୁପଚାପ ଚାନ୍ଦିନୀ ଉପରେ ବସିଥାଏ ମୁହଁ ପୋତି । କଳ୍ପନାରେ ତୋଳୁଥାଏ ଆଗାମୀ ଜୀବନର ସୌଧ । ନିର୍ଧାରଣ କରିବାକୁ ଚେଷ୍ଟା କରୁଥାଏ ଭବିଷ୍ୟତର ରୂପରେଖ । ଆତ୍ମକେନ୍ଦ୍ରିକ ହେଇ ପଡୁଥାଏ ।

ISSN NO.
2582-208X

ହଠାତ୍ କିଏ ଆସି ପିଠିରେ ଧୁମ୍ କିନା ଘୁମସାଟିଏ ଥୋଇଲା । ଏତେ ଯୋର୍ ଥିଲା ଯେ ହଁକ୍ କରି ମୁହଁ ମାଡ଼ି ପଡୁ ପଡୁ ସେହି ଶକ୍ତିଶାଳୀ ହାତଟାର ସାହାରାରେ ଅଟକି ଗଲି । ମାରଣା ଶଣ୍ଢ ପରି ପଇଁତରା ମାରି ସାମନାକୁ ବୁଲି ଆସିଲା ମାରିଲାବାଲା ।

- ଏରେ ଏଁ, ଆଜ୍ କି ଖାଇନାଇଁ କିଛି ଭି ? ଏଇ ଏଢ଼େ ଟିକେ ଘୁମସା ସମ୍ଭାଳି ପାରୁଛୁ ନାଇଁ ଯେ ପଡ଼ି ଯାଉଛୁ ? ବଳ ନାଇଁନି ରଞ୍ଜେ ହେଲେ ? ବାବୁରେ, ଜୀବନରେ ଏମତି କେତେ ଘୁମସା ବିଧା ଜଗିଛନ୍ ବାପା, ଏନାଗିଠୁ ତିଆର୍ ନାଇଁ ରହିଲେ ହାରିଯିବୁ ରେ, ହାରିଯିବୁ । କାଲ୍ ଠୁ ଅନ୍ଧାରରୁ, ଚାର୍ ଟାରୁ ଉଠିକରି ମୋର ସାଙ୍ଗରେ କସରତ୍ କରବୁ ହେଲା । ଏଇ ପେଲପେଲିଆ ଦେହ ନେଇକରି କି ବଞ୍ଚବୁ ରେ ?

- ନାଇଁ ଯେ, ଏକବେର୍ ତୁଇ ଆସିକରି ଚମକେଇ ଦେଲୁ ତ, ସେଇ ଦେଇକରି ....

- ଆଚ୍ଛା ? ଆଚ୍ଛା ? ଚଲ୍ ତେବେ ହେଇ ଯାଉ ହାତାହାତି । ଦେଖବା କାର୍ କେତେ ଯୋର୍.....

ଏଇ, ପରମଥ, ଏରେ ଏଇ ବଂଶୀ, ଏଇ ପରତାପ୍, ଗୌରାଙ୍ଗ, ବଦରି, ରମେଶ୍, ଗଲକ୍, ଅରଖିତ ...., ଆସରେ ଆସ, ଦେଖବ ଯଦି କୁକଡ଼ା ପାଡ଼। (କୁକୁଡ଼ା ଲଢ଼େଇ)। ଏଇ ନୂଆ କୁକଡ଼ାଟା ପରା ମୋର୍ ସାଙ୍ଗ୍ ରେ ନଢ଼ବ ।

ମୋର ଘିଗ୍ଘି ବାନ୍ଧି ଯାଇଥିଲା, ଏଟା କି ସ୍କୁଲରେ ବାବା ? କଣ୍ଟା ବାଡ୍ ରେ ନୁଗା ପକେଇକରି କଳି ? କୁସ୍ତାକୁସ୍ତି କରିବ କି ଆଉ ? ସକାଳର ସବୁ ସରସତା ପାଣି ହେଇ ବୋହି ଯାଉଥିଲା । ମନକୁ ଆଣ୍ଟ କରିଥିବା ସାହସଗୁଡ଼ା ତରଳି ଯାଉଥିଲା । ମିଁ ମିଁ ହେଇ କହିଥିଲି,

- ଦେଖ୍ ଭାଇ, ମୋର୍ ମତଲବ୍ ସେମତି ନାଇଁ ଥିଲା । ମୁଇଁ କିଏ ଆଉ କୁସ୍ତାକୁସ୍ତି କିଏ ?

ISSN NO.
2582-208X

- ହଉ ହଉ, ମାନିଗଲି, ଚଲ୍ ଦେ, ପଞ୍ଝା ନଢେଇବା ।

ସେତେ ବେଳକୁ ପିଲା ମାନେ ଘେରାଉ କରି ସାରି ଥାଆନ୍ତି ଆମ ଦୁହିଁଙ୍କୁ । କିଏ କେତେ ଟିପ୍ପଣୀ କରୁ ଥାଆନ୍ତି । କିଏ କିଏ ମୋର ଭେଷ ଆଉ ଭେକ ଦେଖି ଆହା ଚୁ ଚୁ କରୁ ଥାଆନ୍ତି । କିଏ କିଏ ବଢ଼ିଆ ଷଣ୍ଢ ଲଢ଼େଇ ଦେଖିବାକୁ ମିଳିବ ଭାବି, କୁଲୁରୁ ଥାଆନ୍ତି, ତାଳି ମାରୁ ଥାଆନ୍ତି ।

- ଏବେ ଏୟୁ ସୁର୍ଯ୍ୟ, ନଢ଼ବୁ ଯଦି ହଟା କଟା ଗୁଟେଇ ଖୁଜ୍ ବେ । ଭାଙ୍ଗା କାନ୍ଥରେ କେଁକଡ଼ର୍ (ଏଣ୍ଡୁଅ) ବଳ ?

- ଏବେ, ମରିଯିବ ବେ ଏଟା । ଜୀବନ୍ ନାଇଁନି ଯେ । ସେଁ ସେଁ ହେଉଛି । ଦେ ଦେ, ଛାଡ଼ି ଦେ ।

- ନାଇଁ ବେ, ସାନ୍ ସାପର୍ ବେଶି ବିଷ୍ । ଚିତିସାପ୍ ଏଟା, ଦେଖବୁ ?

ସବୁ ଟିକା ଟିପ୍ପଣୀ ମୋର୍ କାନରେ ବାଜୁଥାଏ । ଉପରକୁ ଦେଖେଇ ନହେଲେ କଣ ହେଲା, ମୋ ଭିତରଟା ଲୁହ ଜରଜର ହେଇ ଦଦରା ମନଟା ଭାଙ୍ଗି ପଡୁଥାଏ ଖଣ୍ଡ ଖଣ୍ଡ ହେଇ । ମୁଁ ବୋଧେ ଯୋଗ୍ୟ ନୁହେଁ ଏଇ ଜିଲ୍ଲା ସ୍କୁଲ୍ ପାଇଁ । କେଡ଼େ ଭଲ ସାଙ୍ଗ ସବୁ ଥିଲେ ମୋର, ଚଇନୁ, ଚିଉ, ବାଙ୍କ । ପାଠ ସବୁ ବଡ଼ ଲୋକଙ୍କର ଥାତି । ଆମେ ସେଇ ମୂଲିଆ ମୁଣ୍ଡ ହେଇ ପର ଦୁଆରେ ଖଟିବାକୁ ଜନମ ହେଇଛୁ ବୋଧେ ।

ଗଛ ଉପରେ କାଉଟା ରାବିଲା , କା କା ।

ଆହୁରି ଅନେକ କାଉ ଜମା ହେଇ ରଡ଼ିଲେ, କା କା, କା କା,

ତରକି ଗଲି ମୁଁ । ବିଭାବରୀର ପହିଲା ଦୂତ ମୋତେ ତରକେଇବାକୁ, ସଳଖେଇବାକୁ ଆସିଥିଲା ।

ISSN NO.
2582-208X

ମୋର ଅନ୍ତର କୁହାଟି ଉଠିଲା, ନା ନା, ନା ନା

ମୋର ସ୍ୱପ୍ନ ଜାଗି ଉଠିଲା । ଫାଟକ, ଫାଟକ କଡ଼ରେ ଯକ୍ଷ ମୂର୍ତ୍ତି, ଧୋବ ଫରଫର ଧୋତିରେ ବାପା, ଆଉ କୁମ୍ଭ କିନାରୀ ନୁଗାରେ ମାଆ ।

ନା ନା, ମୁଁ ଡରିବି ନାହିଁ, ମୁଁ ହାରିବି ନାହିଁ । ଭୟକୁ ପାରି ହେବି । ମୁଁ ଜିତିବି । ହଁ, ହଁ ।

- ଠିକ୍ ଅଛି, ଶୁରୁ ହେଇ ଯାଉ ।

କିଏ ଜଣେ ଚାନ୍ଦିନୀ ଉପରେ ଥାକେ ବହି ଥୋଇଦେଲା । ଦୁଇ ଯୋଦ୍ଧା ମୁହାଁମୁହିଁ ବସି ପଡ଼ିଲୁ ଚକାମୁଠା ହେଇ । ମୁଁ ବହି ଥାକ ଉପରେ କହୁଣୀ ଭରା ଦେଇ ପଞ୍ଝା ଦେଖେଇଲି।

ସୂର୍ଯ୍ୟ ପ୍ରକାଶ କହୁଣୀ ଟିକେଇବା ଆଗରୁ କହିଲା, - ଆଉ ? ଯିଏ ପାଡୁ (ହାରୁ) ହେବ , ତାର୍ ଶାସ୍ତି କି ହେବ ?

ସମସ୍ତଙ୍କର ମିଳିତ ସ୍ୱର - ତୁଇ କହ । କିଟା ଦରକାର୍ ?

- ମୁଇଁ ଯାହା କହିବି ମାନବ ସିଏ । ଠିକ୍ ଅଛି ?

ଇଏ କି ସର୍ତ୍ତରେ ବାବା ? ଏଇଟା କେମତି ଛୁଆ କିଏ ଜାଣେଇ ? କୂଉରେ (କୂଅରେ) ଡେଙ୍ଗତେ କହିଲେ ଡେଙ୍ଗବି ନା କି ? ଦେଖା ଯିବ । ଅବସ୍ଥା ଦେଖିକରି ବେବସ୍ଥା । କିନ୍ତୁ ଜିତିବାର ସବୁ ପ୍ରକାର ଚେଷ୍ଟା କରାଯିବ ।

ହଳିକାଠରେ ବେକ ଦେଇଥିବା ବୋଦା ମୁଁ, ହାଣକୁ ଡରିଲେ କେମିତି ହେବ । ନିହେଇରେ ମୁଣ୍ଡ ଦେଇକରି ମୁଦ୍ଗର୍ କୁ ଡର୍ । ଚଲ୍ ପରବାଏ ନାଇଁ ।

ISSN NO.
2582-208X

- ଠିକ୍ ଅଛି, କାହାରି ହାନୀ ନାଇଁ ହେଉଥିବାର୍ ସବୁ କଥା ମାନବି ।

ମୁଁ ଜାଣିଥିଲି ଯେତେ ଚେଷ୍ଟା କଲେ ଭି ମୁଁ ହାରିବି । ଏତେ ବଳୁଆ ପିଲାକୁ ହରେଇବା କଣ ସହଜ କଥା ?

ଆରମ୍ଭ ହେଇଗଲା ପଞ୍ଜା ଲଢ଼େଇ । ମୁଁ ଏକା ଧ୍ୟାନରେ ମୋର କହୁଣୀରେ ଦୃଷ୍ଟି ରଖିଥାଏ। ବହୁତ ଯୋର୍ ଥାଏ ମୋ ପ୍ରତିଦ୍ୱନ୍ଦୀର । ମୁଁ ଏକାଗ୍ରତାର ଚରମ ସୀମାରେ ପହଞ୍ଚି ଯାଇଥାଏ । ଘେରିଥିବା ପିଲା ମାନେ ହୋ ହାଲ୍ଲା କରି କମ୍ପେଇ ଦେଉଥାନ୍ତି ସ୍ଥାନଟିକୁ । ଏତେ ପାଟିତୁଣ୍ଡ ହେଉଥାଏ ଯେ କାଉ ମାନେ ଡରିହରି ଆସୁ ନଥାନ୍ତି ଗଛ ଉପରକୁ ।

ମୋତେ କିନ୍ତୁ ସବୁ ଶୁନଶାନ୍ ଲାଗୁଥାଏ । ଯେମିତି ସେଠାରେ ଆମେ ଦୁଇ ଯୋଦ୍ଧା ବ୍ୟତୀତ ଆଉ କେହି ନାହାନ୍ତି । ଗୋଟିଏ କୁହୁଡ଼ିଆ ଆସ୍ତରଣ ଆମ ଦୁହିଁଙ୍କୁ ପୃଥକ୍ କରି ଦେଇଛି ଶେଷ ଦୁନିଆ ଠାରୁ । ଆମେ ଦୁହେଁ ଯାକ ଝାଳନାଳରେ ଗାଧେଇ ପଡୁଥାଉ । ସୂର୍ଯ୍ୟପ୍ରକାଶର, ସଁ ସଁ, ଫଁ ଫଁ ନିଶ୍ୱାସର ଶବ୍ଦ ମୋ କାନକୁ ଧକ୍କା ଦେଉଥାଏ । ତାର ଉତ୍ତାପ ମୁଁ ଅନୁଭବ କରୁଥାଏ ମୋର ଚେହେରାରେ ।

କେତେଥର ମୋତେ ଲାଗିଲା, ନାଃ ଆଉ ନୁହେଁ । କିନ୍ତୁ ମୁଁ ସମ୍ଭାଳି ନେଉଥାଏ । ଘଣ୍ଟା ତ ନଥିଲା, କିନ୍ତୁ ଅନୁମାନ୍, ପନ୍ଦର ମିନିଟ୍ ପର୍ଯ୍ୟନ୍ତ ଏହି ପ୍ରତିଦ୍ୱନ୍ଦିତା ଚାଲିଥିଲା ।

ପରିଣତିର ଅବ୍ୟବହିତ ପୂର୍ବରୁ ମୋର ଧ୍ୟାନଭଙ୍ଗ ହେଉଥିଲା ବେଳେ ପିଲାଏ ପାଟି କରୁଥିଲେ, - ହେଇଗଲା, ହେଇଗଲା, ଡିସମିସ୍ ହେଲା ନଢେଇ । ବନ୍ଦ୍ କର ଏଥର । ଘଣ୍ଟି ବାଜବ ଏଇନା ।

କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଢଳି ପଡ଼ିଥିଲା ସୂର୍ଯ୍ୟର ହାତଟି । ହାରି ଯାଇଥିଲା ସିଏ ।

ISSN NO.
2582-208X

ଅଭିମନ୍ୟୁ ହରେଇ ଦେଇଥିଲା ସୂର୍ଯ୍ୟପ୍ରକାଶକୁ । ମଫସଲିଆ ପିଲା ଜିତି ଯାଇଥିଲା ସହରିଆ ପିଲାଠାରୁ । ସବଳ ଆଗରେ ଦୁର୍ବଳର ମାତ୍ । ମୁଁ ପୁଣି ଭାବିଲି, ଏଇଟା କଣ ଥିଲା ? ସାଧନା ? ନା ଗରିବର ସ୍ୱପ୍ନ ? ଏକାଗ୍ରତା ? ନା ଦୁର୍ବଳର ଦୃଢ଼ତା ?

ପଞ୍ଜା ଲଢ଼େଇ ଗାଁରେ ଭି ଖୁବ୍ ହେଉଥିଲା । ମୁଁ ସମସ୍ତଙ୍କ ଠାରୁ ହାରୁଥିଲି । ସବୁବେଳେ।

- ଯା ଯା, ତୋର୍ ବହି ଭଲ୍ ତ ତୁଇ ଭଲ୍ । ତୋର୍ ଦେଇକିରି ହେବନାଇଁ ଏଗା ସବୁ । ଯା, ପାଠ ପଢ଼ବୁ ଯା । ମୋତେ ରଗାଉଥିଲେ ସମସ୍ତେ ମିଶି । ମୁଁ ରାଗି ଯାଉଥିଲି କିଛି ସମୟ ପାଇଁ ।

ଆଉ ଆଜି ? ଏମିତି କଣ ହେଲା ଯେ ? ସୂର୍ଯ୍ୟପ୍ରକାଶକୁ ସମସ୍ତେ ସେମିତି ଚିଢ଼ଉଥିଲେ ।

- ହାରୁ ହାରୁ ହାରୁ, ଶହେଟଙ୍କା ଧାରୁ .....ସେ କିନ୍ତୁ ନିର୍ବିକାର ଥିଲା । ଯେମିତି କିଛି ହେଇ ନାହିଁ ।

କେବେ ହାରି ନଥିବା ପିଲା ସିଏ । ସ୍କୁଲରେ ସବୁଠାରୁ ତଗଡ଼ା ରଗଡ଼ା ପିଲା । ଅଥଚ, ତାକୁ ହରେଇଦେଲା କୋଉ ପଶି ଅଞ୍ଚଳରୁ ଉଠି ଆସିଥିବା ସେଁ ସେଇଁଆ ହାଡ଼ମାଳିଆ ପିଲାଟିଏ ? ଫୁଙ୍କି ଦେଲେ ଉଡ଼ି ଯିବ ପା । ସେ କିନ୍ତୁ କିଛି ପ୍ରତିକ୍ରିୟା ପ୍ରକାଶ କରୁ ନଥିଲା। ସମୁଦ୍ର ପରି ଶାନ୍ତ ଦେଖା ଯାଉଥିଲା ।

ସମସ୍ତେ ଭୟ କରୁଥିଲେ, ତାର ସ୍ୱାଭିମାନ ଆଜି ଭାଙ୍ଗି ଯାଇଛି । ଧୂଳିସାତ୍ ହେଇଛି ତାର ଗର୍ବ ଅଭିମାନର ମହଲ ! ଇଏ ତୋଫାନ ପୂର୍ବର ଶାନ୍ତି ନୁହେଁ ତ ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# କୃଷ୍ଣ ପ୍ରିୟା



ସସ୍ମିତା ନାୟକ

କୃଷ୍ଣ ପ୍ରିୟା ଦିନେ କୃଷ୍ଣକୁ ମାଗିଲା
କୃଷ୍ଣ ଚୁଡା ଫୁଲ ହାର
ସେଇ କୃଷ୍ଣ ଚୁଡା ସଜା ହୋଇଥିଲା
ରାଧା ଖୋଷା ପ୍ରେମ ଝର।।

କୃଷ୍ଣ ପ୍ରିୟା ବସି କେନ୍ଦେରା ଘସନ୍ତେ
ମୋତେ ବାନ୍ଧି ନିଅ ପ୍ରାଣେ ପ୍ରିୟେ
ସେଇ ସ୍ୱର ଶୁଭେ ଗହନ ବଣରେ
ମୋହିନୀ ପାଉଜି ଝଙ୍କାର ତାଳେ।।

ପୁରୀ

ISSN NO.
2582-208X


# ଅତୀତ.....



ସସ୍ମିତା ରାଉତ ଜେନା

ବୁଝି ହୁଏ ନାହିଁ
ଜୀବନ ରାସ୍ତାରେ
କାହିଁକ ଏମିତି ହୁଏ
ଛାଡି ଆସିଥିବା
ସ୍ମୃତି ପଛଚନ୍ଦ
ମନ କାନଭାସ୍ ରେ
ଉଂକ ମାରିଥାଏ
ବାରମ୍ବାର କଷ୍ଟ ଦିଏ

ନୁହେଁ ଅନୁତପ୍ତ
ଅବା ସେ ବିସ୍ମୃତ
ଝରାଫୁଲ ଅତୀତର
ଜୀବନ ପୃଷ୍ଠାରେ
ହୃଦୟେ ସାଇତା
ସ୍ମୃତି ସେହି ମହକର
ମହକାଏ ବାରମ୍ବାର

ମରୀଚକା ସାଜେ
ଦୂର ଦିଗ୍ ବଳୟ
ଅତୀତତ ସ୍ମୃତିଘର
ଅର୍ଥପୂର୍ଣ୍ଣ ଜୀବନର
ବଂଚବାର ମହାର୍ଘ୍ୟ
ପାଏ ପ୍ରତିଶୃତି ସମୟର
ଭରେ ଅଶାର ସଂଗ୍ରର.......

ନୟୁ ଦିଲ୍ଲୀ

ISSN NO.
2582-208X

# ଅରଣ୍ୟ ରୋଦନ



ସଂଯୁକ୍ତା ସାହୁ

ଏ ବିଚିତ୍ର ହାଟର ମାୟାରେ ମସଗୁଲ
ମଣିଷ ଅନେକ ଚରିତ୍ରର ପସରା ମେଲିଥାଏ
ମଣିଷପଣିଆର ଦ୍ୱାହି ଦେଇ ଅଯଥାରେ
ଅରଣ୍ୟ ରୋଦନ କରେ ନିଜର ଅପାରଗତା
ଆଉ କିଛି ନିଜର ନୁହେଁ ଜାଣି ବି ମିଛରେ
ଅକସ୍ମାତ କିଛି ହଜିଯାଇଥିବା ବାହାନା
କରି ଲାଳସାରେ କୁମ୍ଭୀର କାନ୍ଦଣା କାନ୍ଦେ
କାହିଁକି ଏମିତି ଉଶୃଙ୍ଖଳ ଉଦବେଳ
ଉଡାଣରେ ମାତିଯାଏ ନିଜର କାୟା,
କପାଳ,କର୍ମଫଳ ଢାଙ୍କିଦିଏ ମନୁଷ୍ୟତ୍ୱର
ଆଙ୍କୁଥାଏ ମିଛର ପ୍ରଳାପ, ମାୟା-ପଟଳ
ଖାଲି କାନଭାସରେ ଆଙ୍କୁଥାଏ ପ୍ରହସନ
ଦାଗ ଲୁଚେଇବାକୁ ଚେଷ୍ଟା କରୁଥାଏ
ସିଏ ଜାଣିପାରେନି ତାହା ଅଭିଶପ୍ତର

ISSN NO.
2582-208X

ନିଜକୁ ନିସ୍ତାର ପାଇବାକୁ ନ ଥାଏ ବାଟ
କେବଳ ଅରଣ୍ୟରେ ରୋଦନ କରୁଥାଏ
କିଏ ବା ଦେଖିବ ତା ଲୁହ ଅନୁତାପର
ସେତେବେଳକୁ ନେଡି ଗୁଡ଼ କହୁଣୀକୁ
ବୋହିଗଲାପରେ ଆଉ କଣ ସୁଧାରିହୁଏ
ତା କଲା କର୍ମର ଫଳ ଭୋଗିବାର ଅବସ୍ଥା ।

ଗ୍ରାମ/ହାମା, ଜଗତସିଂହପୁର

ISSN NO.
2582-208X

# ଯୋଗାଡ଼ିଆ



ବଦ୍ରୀ ମହାନ୍ତ

ନେଇ ଆଣି ଥୋଇବା, ହାତ ପାଉ ନ ଥିବା, ଗୋଡ ପହଞ୍ଚୁ ନ ଥିବା ଅପହଞ୍ଚ ଇଲାକାକୁ ଛୁଇଁ କାର୍ଯ୍ୟ ସାଧନ କରିବା ସଭିଙ୍କ ଭାଗ୍ୟରେ ଜୁଟି ନଥାଏ ଅଥବା ସମ୍ଭବ ହୁଏନା ସମସ୍ତଙ୍କ ଦ୍ୱାରା । ଆଲୁଅ ଅନ୍ଧାର ଆଶା ନିରାଶା ଦୁର୍ଦ୍ଦିନ ସୁଦିନ ବିଷର୍ଣ୍ଣ ବିଭୋର ସମୟ ମଝିରେ ଆଶାର କିରଣ ବୁଣିବାରେ  ସମର୍ଥ ବ୍ୟକ୍ତି swaତନ୍ତ୍ର ଭାବେ ବାରି ହୋଇ ପଡନ୍ତି ଏଠି ସେଠି ସବୁଠି । ଅଗମ୍ୟ ସ୍ଥାନର ସନ୍ଧାନ କରିବା ସହିତ ସଫଳତା ହାତେଇ ନେଇ ସମ୍ଭାବ୍ୟ ପ୍ରାପ୍ତିର ସିଂହାସନ ଆରୋହଣ କରି ନେଉଥିବା ଚରିତ୍ରଟିକୁ ସାଧାରଣରେ କୁହା ଯାଉଛି ଯୋଗାଡ଼ିଆ । ଏମାନଙ୍କ ଅଭିଧାନରେ 'ନାହିଁ' ଶବ୍ଦ କ୍ୱଚିତ ଦେଖିବାକୁ ମିଳେ । ଜୀବନ ବ୍ୟାପୀ ଯୋଗାଡ ଓ ତାର ଯଥାବିଧି ପ୍ରୟୋଗ dwAରା ନାହିଁ ନାହିଁ ର ରାଜ୍ୟରେ ସଞ୍ଚାରିତ ହୁଏ ଅସ୍ଥା ଓ ବିଶ୍ୱାସ ।

ସୁରକ୍ଷିତ ଭାବେ ଜଣକ ମଥା ତଳୁ ତକିଆ ନେଇ ଅନ୍ୟର ମଥା ତଳେ ତକିଆଟିକୁ ରଖି ତଥାକଥିତ ଶାନ୍ତି ପ୍ରଦାନ ସାଙ୍ଗକୁ ନିଜର ଗୋପନ ଅଭିପ୍ରାୟ ସାଧନ କରିବାର କଳା ଯୋଗାଡିଆକୁ ହିଁ ଜଣାଥାଏ । ମଥା ଓ ତକିଆ ଉଭୟ ଅନେକ ସମୟରେ ଉଲ୍ଲସିତ ହୋଇ ଉଠନ୍ତି । ଜ୍ଞାନୋଦୟ ହେବା ପୂର୍ବରୁ  ନିଜ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରି ବିଦାୟ ନେଇ  ସାରିଥାଏ ଯୋଗାଡିଆ । ଯା ପାଖରୁ ଉଧାର କରି ତାକୁ ପରିଶୋଧ କରିବା, ପୁଣି

ISSN NO.
2582-208X

ତୃତୀୟ ବ୍ୟକ୍ତି ଠାରୁ ଉଧାର କରି ପ୍ରଥମ ବ୍ୟକ୍ତିର ଋଣ ପରିଶୋଧ କରିବାର ଏକ ଚେନ୍ ତିଆରି କରେ ଯୋଗଡିଆ । ଏହା ଦ୍ୱାରା ନିଜ ଆବଶ୍ୟକତା ପୂରଣ କରି ପାରିଥାଏ ସତ, ମାତ୍ର ନିଜର ଋଣ ମାତ୍ରା ନ କମି ବଢ଼ି ବଢ଼ି ଚାଲିଥାଏ ଆଶାତୀତ ଭାବରେ । ଏହା ଏକ ଅନବରତ କ୍ରିୟା ।

ବାଞ୍ଛିତ ବସ୍ତୁ ପାଇବା, ନିଜ ଜୀବନକୁ ସଳଖ ସୁନ୍ଦର ରାସ୍ତାରେ ନେବା ପାଇଁ ସ୍ୱାଭାବିକ ଭାବେ ସମ୍ଭବ ନ ହେଲେ, ଲୋଡ଼ା ହୁଏ ଯୋଗାଡ ଯନ୍ତ୍ର । ଅସତ୍ ଉପାୟ ଅସାଧୁ ରାସ୍ତାରେ ଗତି କରି ଲକ୍ଷ୍ୟ ଛୁଇଁବା ପାଇଁ ଯେଉଁ ସବୁ କାର୍ଯ୍ୟ ଧାରା ଅନୁଶ୍ରୁତ ହୁଏ ତାର ପାର୍ଶ୍ୱ ପ୍ରତିକ୍ରିୟା ଅନେକ ଥିଲେ ସୁଦ୍ଧା ଖାତିର ନ ଥାଏ । ଫେଲ ହେଉଥିବା ପିଲାଟି ହାତରେ ପ୍ରଥମ ଶ୍ରେଣୀରେ ପାସ କରି ଥିବାର ପ୍ରମାଣ ପତ୍ର ଧରାଇ ଦେବା, ବିଭିନ୍ନ ବିଷୟରେ ରଖିଥିବା ନମ୍ବରକୁ ବଦଳାଇ ନୂଆଟିଏ ତିଆରି କରିଦେବା ପରି ନକଲି ବା ଜାଲ ପ୍ରମାଣ ପତ୍ର ସବୁ ଯୋଗାଡ କରି ପିଲାଟି ପାଇଁ ସଫଳତା ଆଣିଦେବା ଦ୍ୱାରା ଦୁଇଟି କର୍ମ ସଂପାଦନ କରେ ଯୋଗଡ଼ିଆ । ପ୍ରଥମରେ ଅଯୋଗ୍ୟ ର ଭାଗ୍ୟ ବଦଳେଇ ଦିଏ ଓ ଅନ୍ୟଟି ଭବିଷ୍ୟତ ଛଡ଼ାଇ ନେଇଥାଏ ଯୋଗ୍ୟ ବ୍ୟକ୍ତିର । ନକଲି ପରିପତ୍ର, ନକଲି ବ୍ୟବସ୍ଥା ଓ ନକଲ କରିବାକୁ ଅନେକ ଚୋରୀ ବୋଲି ଗ୍ରହଣ ନ କରି ଏହାକୁ ପ୍ରୟୋଜନୀୟ ବୋଲି ଗ୍ରହଣ କରନ୍ତି । ମାତ୍ର ଏହା କଣ ସତ୍ୟ ବୋଲି ପ୍ରଶ୍ନ କରନ୍ତି ବାଇ ମହାନ୍ତି ।

ସମ୍ମାନ, ପୁରସ୍କାର ଓ ପଦପଦବୀ ଲାଳସାରେ ବ୍ୟକ୍ତି ବେଳେ ବେଳେ ହତୋତ୍ସାହିତ ହୋଇ ପଡେ । ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକେଇ ବାଜି ମାରିନେବା ଅସମ୍ଭବ ପ୍ରାୟ ମନେହେଲେ ଆଶ୍ରୟ ନିଏ ଯୋଗାଡ ଯନ୍ତ୍ରର । ଧରାଧରି, ଅର୍ଥ ଶ୍ରାଦ୍ଧ ଓ ଅନ୍ୟ ଅନେକ ପଥ ଅନୁସରଣ କରି ହାସଲ କରିନିଏ ବାଞ୍ଛିତ ପୁରସ୍କାରଟିକୁ । ଗୋପନରେ ଓ ପରୋକ୍ଷରେ ଯୋଗ୍ୟ ମଣିଷକୁ ବଂଚିତ କରିଥାଏ ତାର ପ୍ରାପ୍ୟ । ଏଥିରେ ସଶକ୍ତ ଭୂମିକା ତୁଲେଇଥାଏ ଯୋଗଡିଆ । କାହାକୁ କେମିତି କଣ ଦ୍ୱାଦ୍ୱାରା ସନ୍ତୁଷ୍ଟ କରି ଲକ୍ଷ୍ୟ ହାସଲ କରିହେବ, ଏ କଥାରେ ପାରଙ୍ଗମ ଥିବାରୁ ବ୍ୟର୍ଥ ହୁଏନାହିଁ ପ୍ରୟାସ । ଜାତୀୟ ସ୍ତର ଠାରୁ ରାଜ୍ୟ, ଏପରିକି ସ୍ଥାନୀୟ ସ୍ତରରେ ସୁଦ୍ଧା ଏହା ନିୟମିତ ଘଟଣା ରୂପେ ବିବେଚିତ ହେଉଛି । ଏକାଡେମୀ

ISSN NO.
2582-208X

ପୁରସ୍କାର ଠାରୁ ପଦ୍ମ ପୁରସ୍କାର ବା ଜାତୀୟ ପୁରସ୍କାର ମାନଙ୍କର ଚୟନ ଓ ପ୍ରଦାନ ପ୍ରକ୍ରିୟା ଯେପରି ବିବଦମାନ ସ୍ଥିତିରେ ଆସି ପହଞ୍ଚିଛି, ଆଜି ତାହା ଅସ୍ୱୀକାର କରି ହେବ ନାହିଁ। ଏଥି ନିମନ୍ତେ କୋର୍ଟ କଚେରି ଅଦାଲତ ପରି ଅନୁଷ୍ଠାନମାନେ ଆଖି ଦୃଶିଆ ପରିବର୍ତ୍ତନ ଆଣି ପାରୁନାହାନ୍ତି। ଯୋଗାଡ଼ିଆର ବିସ୍ତୃତ ଯୋଜନା ଓ ସଫଳ କାର୍ଯ୍ୟାନ୍ୱୟନ ସାମ୍ନାରେ ସବୁ ନୀତି ନିୟମ ଆଇନ କାନୁନ୍ ହୋଇ ଯାଉଛି ନିଷ୍ଫଳ।

ସ୍ୱୟଂ ବ୍ୟକ୍ତି ଯୋଗାଡିଅ ରୂପେ ଉଭା ହେଲେ କେହି କେହି ଏହାକୁ ଚୋରୀ ବୋଲି ମନେ କରନ୍ତି। ଅନ୍ୟର କୌଣସି ବସ୍ତୁ ପଦାର୍ଥ ଲେଖା ଗବେଷଣା ଓ ଉପଲବ୍ଧି ଉପରେ ପ୍ରଲେପ ଦେଇ ବା ଫଳକ ଲଗାଇ ନିଜର ବୋଲି ଦେଖାଇ  ସାମୟିକ ଭାବେ ସଫଳତା ମିଳି ଯାଇପାରେ, ମାତ୍ର ନ ଥାଏ ପୂର୍ଣ୍ଣତା। ଏପରିକି ପିଏଚ.ଡି, ଡି.ଲିଟ ପାଇଁ ହେଉଥିବା କିଛି କିଛି ଉଦ୍ୟମ ଓ ପ୍ରୟୋଗ  ଦେଖିଲେ ମନେହୁଏ ଏହା ଯୋଗାଡ ନୁହେଁ, ସ୍ୱଚ୍ଛ ଦିବାଲୋକ ଚୋରୀ। ପ୍ରାଚୀନ ପୁସ୍ତକ ମାନଙ୍କରୁ ବା ଗବେଷଣା ଲବ୍ଧ  ପୃଷ୍ଠା ପରେ ପୃଷ୍ଠା ଅବିକଳ ଉତାରି ନିଜ ନାଆଁରେ ସଂଲଗ୍ନ କରୁଥିବା ଯୋଗାଡ଼ ଏ ସ୍ତରର ବୋଲି ନିର୍ବିବାଦରେ କୁହା ଯାଇପାରେ ।

ସବୁ ବ୍ୟକ୍ତି ଯୋଗାଡିଆ ନୁହନ୍ତି ବା ସବୁ ଯୋଗାଡ଼ିଅ କେବଳ ନିଜ ଭିତରେ କେନ୍ଦ୍ରିତ ନ ଥାନ୍ତି। ଯାନି ଯାତ୍ରା ମେଳା ମହୋତ୍ସବ ପୂଜା ପାର୍ବଣ ବିବାହ ବ୍ରତ ଆଦି ସାମାଜିକ ଅନୁଷ୍ଠାନ ମାନଙ୍କରେ ସତ୍ୟନିଷ୍ଠ ଯୋଗଡିଆ ମାନଙ୍କର ପ୍ରବେଶ ନ ଥିଲେ ଠିକଣା ଢ଼ଙ୍ଗରେ ସମ୍ପାଦିତ ହୁଏନାହିଁ ଉତ୍ସବ। ପୁଅ ପାଇଁ ଝିଅଟିଏ ବା କନ୍ୟା ନିମନ୍ତେ ଉପଯୁକ୍ତ ବର ପାତ୍ରଟିଏ ଯୋଗାଡ଼ କରିବା ପାଇଁ ଲୋଡ଼ା ଯାଉଥିବା ବ୍ୟକ୍ତି ସ୍ୱତନ୍ତ୍ର କଳାର ଅଧିକାରୀ ହୋଇଥାନ୍ତି। ଧାଁ ଦୌଡ଼ କରି ସମୟ ଦେଇ କଥାରେ ରଙ୍ଗ ଲଗାଇ କାଠିକର ମନେ ହେଉଥିବା କାମକୁ ଅନାୟସରେ ସଂପନ୍ନ କରିବାରେ ସମର୍ଥ ଏମାନେ। ନଈ ପୋଖରୀ ସମୁଦ୍ର ଖାଲ ଖମାର ବଣ ଜଙ୍ଗଲ ପାରି ହେବାର ଉପାୟ ଏମାନଙ୍କୁ ଜଣା। ଦୁନିଆର କୌଣସି  ରାସ୍ତା ଦେଇ ଯୋଗାଡିଅ ସହଜରେ ଯାତ୍ରା କରି ପାରୁଥିବାରୁ ବିଫଳତାର ସ୍ୱାଦ ପ୍ରାୟ ଚାଖି ପାରନ୍ତି

ISSN NO.
2582-208X

ନାହିଁ। ଫର୍ଚ୍ଚା ଆଲୁଅ ଏବଂ ସାମ୍ନା ଦ୍ୱାର ଦେଇ ଯାତାୟାତ ନକରି, ପଛ ପାଖ ଦ୍ୱାର ଓ ଅନ୍ଧାରୁଆ ଗଳିରେ ନ ଗଲେ ସୁରୁଖୁରୁରେ ଲକ୍ଷ୍ୟ ଛୁଇଁ ହୁଏନା।

ଅସାଧ୍ୟ ସାଧନ କରୁଥିବା ଯୋଗାଡିଆ ନିମନ୍ତେ ଖୁବ୍ ଶିକ୍ଷା ଦୀକ୍ଷା ଜ୍ଞାନ ଅର୍ଥ ପ୍ରତିପତ୍ତି ଲୋଡ଼ା ନ ଥାଏ। ବୁଦ୍ଧି ବିବେକ ଶ୍ରମ ଚତୁରତା ସହିତ ସମୟାନୁବର୍ତ୍ତିତା ଓ ଅଭିନୟ ପଟୁତା ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦିଏ ଯୋଗାଡିଆକୁ। ଏହା ଜନ୍ମଗତ। ଅପ୍ରୀତିକର ସ୍ଥିତି ଓ ଲହୁ ଲୁହାଣ ହେବାକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ଯୋଗୁଁ କୌଣସି ସମୟରେ ମାନସିକ ଅବସାଦ ଘାରିବାର ପ୍ରଶ୍ନ ଇ ନଥାଏ। ସେଥିପାଇଁ ବାଇ ମହାନ୍ତି କହନ୍ତି, 'ହେ ଯୋଗାଡିଆ ! ଦିନ ରାତି ଏକାକାର କରି ବନ୍ଧ ବାଡ ନମାନି ଯେଉଁ ବିନ୍ଦୁକୁ ଛୁଇଁ ଅନ୍ୟ ହାତରେ ସଫଳତା ଧରେଇ ଦେଉଛ ବୋଲି ବାହାବା ନେଉଛ, ତାହା ଅନ୍ୟର ନ୍ୟାୟ ସଂଗତ ପ୍ରାପ୍ୟ ନୁହଁ ତ ? ବ୍ୟକ୍ତି ପାଇଁ ସମାଜ ପାଇଁ ଓ ରାଷ୍ଟ୍ର ନିମନ୍ତେ ତୁମ ବିଭୁଦତ୍ତ ଯୋଗାଡ଼ପଣ କେମିତି କାମରେ ଆସୁଛି, ତାର ହିସାବ କେବେ ରଖିଛ କି? ସତର୍କ ନ ରହିଲେ ତଳି ତଳାନ୍ତ ହେବା ସାର ହେବ ସିନା, ଅଭିଳଷିତ ଲକ୍ଷ୍ୟଟି ଚାଲିଯିବ ଦୂରକୁ ଦୂରକୁ ବହୁ ଦୂରକୁ।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ନାତି



ଡ. ଜ୍ଞାନେଶ୍ୱର ମିଶ୍ର

ଏକ ମଧୁର ଅଦୃଶ୍ୟ ସଂପର୍କ
ଈଶ୍ୱରୀୟ ଅଚ୍ଛିଣ୍ଡା ଚୁମ୍ବକୀୟ ଶକ୍ତ
ସବୁ ଜେଜେଙ୍କର ଅନାବିଳ ସ୍ନେହର ପସରା
ପୁତ୍ର ନୁହେଁ ପତ୍ନୀ ନୁହେଁ, ତା ନାମ ନାତି
ଯେତେ ଗୁଣ ଗାଇଲେ ବି ନହୋଇବ ଇତି

ବୈଠକ ଖାନାରେ, ମୋ ପିଠି ଘୋଡାରେ ସବାର ହେଲେ
ପାର୍କରେ ସାଇକେଲ ଚଳାଇଲେ
ମନ ମୋର ଖୁସିରେ ଦୋହଲେ
ଆନନ୍ଦରେ ଫୁଲିଉଠେ ଛାତି,

ସ୍କୁଲ ହତାରେ ପଶି, ଅଳ୍ପ ହସ ହସି
ହାତ ହଲାଇ ବାୟେ ବାୟେ କହେ
ସ୍କୁଲ ଛୁଟି ଘଣ୍ଟାକୁ ମୁଁ ଗୁହିଁ ରହିଥାଏ
ସ୍କୁଲ ଛୁଟିହେଲେ ଦଳ ଦଳ ପିଲାଙ୍କ ମେଳରେ
ଆଖି ମୋର ବୁଲୁଥାଏ ନାତି ଚେହେରାରେ

ଘର ଆଗରେ ଲନରେ କ୍ରିକେଟ୍ ଖେଳରେ
ମୁଁ ଜାଣି ଜାଣି ବୋଲ୍ଡ ହେଲେ
ଡେଇଁ ଡେଇଁ ତାଳମାରେ
ସାବଧାନ ଥାଏ ମୁଁ ବଲ୍ ନବାଜୁ ତା ଦେହରେ

ISSN NO.
2582-208X

ଡ୍ରଇଁ ଖାତାରେ ରଂଗ ଦେଉଁ ଦେଉଁ
ନିଜ ହାତ, ଗାଲ, ଜାମା ଅବୁରେ ରଂଗ ଲାଗିଯାଏ
ମୋତେ ବାଲ୍ ଗୋପାଲ୍ ପରି ଲାଗେ ସେ ସୁନ୍ଦର
ମନକୁ ମୋ ରାଗ ଛୁଏଁ ନାହିଁ
ଯେତେ କଲେ ବି ହୁନ୍ଦର

ତା ଦେହରେ ସାମାନ୍ୟ ତାତି
ଆସେ ଭୀତି ମୋ ମନରେ
ଠାକୁର ମନାସି, ସାରା ରାତି ଜଗିଥାଏ
ନିଦ ଆସେ ନାହିଁ ମୋ ଆଖିରେ

ବଡ ହୋଇ ବଡ ପାଠ ପଢିବାକୁ
ଯିବାଦିନ ଠୁଁ ସହର,
ଠାକୁରଙ୍କୁ ଡାକ ଡାକ, ମୋବାଇଲ ପାଖେ ବସିଥାଏ
ଶୁଣିବାକୁ ତା ଶୁଭ ଖବର୍

ଏବେ ସିଏ ଆମେରିକାରେ
ଚାକରୀ କରୁଛି
ଭିଡିଓରେ ଯେତେ ଦେଖିଲେ ବି
ଅଧାମରି ଅଧା ମୁଁ ବଞ୍ଚିଛି

ଆଖଣ୍ଡଳମଣି ତାକୁ ରଖନ୍ତୁ ସୁଖରେ
ଏତିକି ଆଶା ଶେଷ ଜୀବନରେ
ନାତି, ଦୁଇଟି ଅକ୍ଷର ଗଢା ଛୋଟ ଶବ୍ଦ ଟିଏ ସିନା
ମୋ ବଂଶ ଗୋନ୍ଥ, ଭବିଷ୍ୟର ଅମୂଲ୍ୟ ସଂପତ୍ତି
ସେ ମୋ ନାତି, ସେ ମୋ ନାତି ॥

୪୯/୫/ଏଚ-୫୫, କର୍ଲ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# ସାହିତ୍ୟର ମହକ



ଝିଲିମିଲି ସାହୁ

ସାହିତ୍ୟ.......
ଏ ଶବ୍ଦର ମହକ ଯୋଜନଗନ୍ଧା
ଆଉ ଆସର..ଉପୃତ୍ତିର ପ୍ରମୁଖ ଧାରା
ଦୂରଦୂରାନ୍ତରୁ ଧାଇଁ ଆସେ କବି/ ଲେଖକଟିଏ
ହଜି ହଜେଇ ଦେବାକୁ କବିତାର ପ୍ରତିଟି ଛନ୍ଦେ। ।।

ସାହିତ୍ୟ......
ସଦା କବି କଳ୍ପନାର ପାହାନ୍ତି ସ୍ୱପ୍ନ
ଆଘ୍ରାଣ ମାତ୍ରେକ ତନୁମନ ହୁଏ ସୁଗନ୍ଧିତ
କ୍ଳାନ୍ତ, ଶାନ୍ତ ମନକୁ ତରଙ୍ଗିତ କରେ କବିର ଭାବନା
ସେ ଭାବନାର ମନ୍ଥନ ରୁ ସୃଷ୍ଟ ହୁଏ ଶବ୍ଦ ସଂଯୋଜନା। ।।

ସାହିତ୍ୟ........
ତନ୍ନତନ୍ନ କରି ଆନ୍ଦୋଳିତ କରେ କବିର ହୃଦୟ
ସାଜେ ତା' ଏକତରଫା ପ୍ରେମର ଚଞ୍ଚଳ ପ୍ରେମିକା
ଆକୁଳିତ କବି ଲେଖନୀରେ ତୋଳିଧରେ ତା' ସ୍ୱପ୍ନର ନାୟିକା
ଉପଶମ ପାଏ ଯନ୍ତ୍ରଣାରୁ କେହି କହିଲେ, ବାଃ...ଚମତ୍କାର କବିତା। ।।

ISSN NO.
2582-208X

ସାହିତ୍ୟ......
ବ୍ୟାଖ୍ୟା କରେ ସମାଜର ଲୁକ୍କାୟିତ ଚେହେରା
ରୁଦ୍ଧ ଆବାଜକୁ ଦିଏ ଶାଣିତ ସ୍ୱର
ତାକୁ ପଢି କିଏ ମୁହଁ ଫୁଲାଏ ତ କିଏ କୁହେ ସାବାସ୍ କବି
ଏହା ହିଁ ସାହିତ୍ୟର ମହକ, ଅସୀମ ଶକ୍ତି। ।।

ସାହିତ୍ୟ.....
ଯୁଗଯୁଗ ଯାଏଁ  ଏଇମିତି ସାଜୁଥାଉ ଦୁନିଆଁର ଲାଠି
ପାବନ ଭାର୍ଗବୀ ସାଜି ପୂର୍ଣ୍ଣ କରୁଥାଉ ସାହିତ୍ୟର ମହୋଦଧି
ତା' ଗର୍ଭେ ବୁଡ଼ ପକାଇ ପାଳିତ ହେଉ ସାହିତ୍ୟର ମହାକୁମ୍ଭ
ଯହିଁ ସମୃଦ୍ଧ ଓ ସମ୍ବର୍ଦ୍ଧିତ ହୁଅନ୍ତୁ ଅଗଣିତ କବି, ଅନନ୍ୟ କୃତି। ।।

ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ନାରାୟଣ ନାମେ ଅଛି ଏହି ଶକ୍ତି



ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା)

ନାରାୟଣ ନାମେ ଅଛି ଏହି ଶକ୍ତି ।
ଥରେ ଉଚ୍ଚା ରିଲେ ମିଳେ ଦିବ୍ୟ ଗତି ।
ନାରାୟଣ ନାରାୟଣ ହୁଅ ମନ ।
ମାନବ ଜୀବନ ତୋର ହେବ ଧନ୍ୟ ।
ନାରାୟଣ ହିଁ ଅଟନ୍ତି ସ୍ୱୟଂ ବ୍ରହ୍ମ ।
ସେହି ହରେ ରାମ କୃଷ୍ଣ ଘନଶ୍ୟାମ ।
ନାରାୟଣ ପରମ ତୁହି ତ ଜୀବ ।
ସ୍ମରଣ ମାତ୍ରକେ ଜୀବ ତରେ ଧ୍ରୁବ ।
ନାରାୟଣ ନାରାୟଣ ଭାବ ନର ।
ନରକାର୍ଣ୍ଣବ ସହଜେ ହେବୁ ପାର ।
ନାରାୟଣ ନାମ ପରମ କାରଣ ।
ମନନ ମାତ୍ରକେତର ଭବ ବନ ।
ନାରାୟଣ ସ୍ୱୟଂ ଗୋଲୋକ ବିହାରୀ ।
ତାଙ୍କୁ ସୁମର ମନ ଦିବା ଶର୍ବରି ।
ନାରାୟଣ ଜୀବର ପରମ ସଖା ।
ଚିନ୍ତନ ମାତ୍ରକେ ଆସି ଦିଏ ଦେଖା ।
ନାରାୟଣ ନାମ ଭକତ ବିଶ୍ୱାସ ।
ଭକତ ସୁଖ ସାଗର ଜଗଦୀଶ ।
ନାରାୟଣ ପରମ ଜୀବର ଧର୍ମ ।
ହରଣ କରେ ମାନସୁ ସଦା କାମ ।

ମହୁ, ଆଳ,
ନମୌଜା, କେନ୍ଦ୍ରାପଡ଼ା

ISSN NO.
2582-208X

# ଅବାଗିଆ

ବିନୟାନନ୍ଦ ବସ୍ତିଆ

ପିଲାଦିନ ବୁଦ୍ଧି
ଚଗଲ ବଗଲ
ଜିଦି ଥାଏ ଭରପୁର,
ଧୀରେ ଧୀରେ ଯେବେ  ବୟସ ବଢଇ
ବୁଦ୍ଧି ହୋଇଯାଏ ସ୍ଥିର।୧

ରାଗ ଆସିଗଲେ
ନିଜେ ନିଜ ରାଗ
ସୁଝାନ୍ତି କେତେକ ପିଲା,
କେବେ ମୁଣ୍ଡ ପିଟି
କେବେ ଗୋଡ଼ ଛାଟି
କାମୁଡା ଚିମୁଟା ପେଲା ୨

କେବେ ରୁଷି ଯାନ୍ତି  କେବେ ଲୁଚିଯାନ୍ତି
କେବେ ଫିଙ୍ଗି ଫୋପାଡନ୍ତି,
ବଡ଼ ହୋଇଗଲେ
ଏ  ସବୁ ବଦଳେ
ନିଜେ ଶାନ୍ତ ହୋଇଯାନ୍ତି।୩

ପିଲାଦିନ ରାଗ
ଦୁଷ୍ଟାମୀ ସମସ୍ତ
ବଦଳନ୍ତି ଗୋଟି ଗୋଟି,
ସମୟ ସହିତ

ISSN NO.
2582-208X

ପ୍ରକୃତି ବଦଳେ
ସବୁ କାଳ କରାମତି।୪

ପିଲାଦିନେ କିଏ
ଦୁଷ୍ଟ ହୋଇଥିଲେ
ବଡହେଲେ ଶାନ୍ତ ଧୀର,
ଭୟାଳୁ ଲାଜୁଆ  ପିଲାଦିନେ ଶାନ୍ତ
ବଡ ହେଲେ ଭୟଙ୍କର।୫

ଯିଏ ବୟଃ ପ୍ରାପ୍ତ
ହେଲା ପରେ କହେ
ମୁହିଁ ଅଟେ ରାଗି ଭାରି,
ସଣ୍ଢଣା ସ୍ୱଭାବ
ବ୍ୟବସ୍ଥିତ ତାର
ପ୍ରିୟ ହୁଅଇ ସବୁରି।୬

ରାଗ ପରା ଅଟେ
ବ୍ରହ୍ମ ଚଣ୍ଡାଳ ଯେ
ନିଜକୁ ଜଳାଉ ଥାଏ,
ଜିଦି ଖୋର ହେଲେ  ଅଟଳ ନିଷ୍ପତ୍ତି
ନିଜକୁ ହିଁ ଦଣ୍ଡ ଦିଏ।୭

କ୍ରୋଧ ଖାଇଯାଏ
ନିଜର ଗଣ୍ଠିକୁ
ଲୁଣ ଖାଇଯାଏ ହାଣ୍ଡି,
ଭଲ ନିଷ୍ପତ୍ତିରେ
ଅଟଳ ରହିଲେ
ହୋଇଯାଏ ବାଇମୁଣ୍ଡି।୮

ISSN NO.
2582-208X

ଖରାପ ନିଷ୍ପତ୍ତି
ବଡ଼ କ୍ଷତିକର
ସମାଜକୁ ଦିଏ ଦଣ୍ଡ,
ପ୍ରତିଶୋଧ ପ୍ରତି
-ଘାତ ପରାୟଣ
ନିଷ୍ପତ୍ତିକୁ କରେ ପଣ୍ଡ।୯

ଧୀର ସ୍ଥିର ଶାନ୍ତ
କରି ନିଜ ଚିତ୍ତ
ସମାଜ ପରିସ୍ଥିତିରେ,
ଚଳାଇବା ଅଟେ
ମାନବ ପଣିଆ
ପୂଜାସ୍ପଦ ସମାଜରେ।୧୦

ପିଲାଦିନେ ସିନା  ଧୂଳିବାଲି ବୋଳି
ନିଷ୍ପତ୍ତିରେ ଜିଦି ଖୋର,
ବଡ଼ ହେଲେ କିବା
ସେ ବୁଦ୍ଧି ରହିବ
ଛଳନା ବାକ୍ୟ କେବଳ।୧୧

ଯିଏ ଯାହା କହେ
ସିଏ ତାହା ନୁହେଁ
ମଣିଷ ପ୍ରକୃତି ଯାହା,
ବୁଝିବା ଅଡୁଆ
ଭାରି ଅବାଗିଆ
ଅନୁମାନ ଖାଲି ତାହା।୧୨

ଖୋର୍ଦ୍ଧା

ISSN NO.
2582-208X

# ମମତା ର ଦୁଇ ବୁନ୍ଦା ଅଶ୍ରୁ



ଅମ୍ବିକା ସ୍ୱାଇଁ

ୟାରି ଭିତରେ କିଛି ବର୍ଷ ବିତି ଗଲାଣି.... ସେତେବେଳେ ଘର ଠାରୁ ଦେଢ଼ କିମି ଦୂରରେ ଅବସ୍ଥିତ ଏକ ଛୋଟ ଇଂରେଜୀ ମାଧ୍ୟମ ସ୍କୁଲ ରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଯାଉଥିଲି । ସ୍କୁଲ୍ ସାରି ଫେରିବା ବାଟରେ ଦେଖେ ସବୁ ଦିନ ଠିକ୍ ସେହି ସମୟରେ ଗୋଟେ ଦଶ ବାର ବର୍ଷ ର ପିଲା ମୋ ଆଗ ଦେଇ ସାଇକଲ ରେ ଯାଏ....ପଛକୁ ଫେରି ବାର ବାର ଚାହୁଁ ଥାଏ....ଏମିତି ପଛକୁ ଫେରି ଚାହିଁବା ତାର ଆଦତ ରେ ପଡ଼ିଗଲା ପରି ମୁଁ ଅନୁଭବ କରେ....କିନ୍ତୁ,ତାର ଏପରି କଥା କୁ ମୁଁ କେବେ ଜାଣିବା ପାଇଁ ଚେଷ୍ଟା କରି ନଥିଲି..କି କେବେ ସେ କଥା ରେ କିଛି ଧ୍ୟାନ ଦେଇ ନଥିଲି ।

ସେମିତି ଦିନେ ଫେରିବା ସମୟ ରେ ଦେଖିଲି ତା ସାଇକଲ କୁ ସ୍ଲୋ କରି ପଛକୁ ଫେରି ,ମୋତେ ଚାହିଁ ବଡ଼ ପାଟିରେ ଚିତ୍କାର କରି କହିଲା...Madam I bve you....

ମୁଁ ପଛକୁ ଫେରି ଚାହିଁଲି, ସେ ବୋଧ ହୁଏ ଆଉ କାହାକୁ କହୁଛି ଭାବିଲି କିନ୍ତୁ ଦେଖିଲି କେହି ତ ମୋ ପଛରେ ନାହାନ୍ତି ରାସ୍ତାରେ...ସେ ଆଉ କାହାକୁ କହିଲା...ମୋତେ ଖୁବ୍ ରାଗ ଲାଗିଲା... ତା"ର ଏ ପାଗଳାମୀ ଦେଖି ମନେ ମନେ ଭାବିଲି ...ଆରେ ଏ କି ବାଳୁଙ୍ଗା ପିଲା ଟା କିରେ....!!

ପାଟିରୁ ବାହାରି ପଡ଼ିଲା, ଏ ବଦମାସ୍ ଟୋକା ରହ ରହ ... ଚାଲ୍ ତୋ ବାପା ମା" ପାଖକୁ..ଯିବା..ଏହି ସଂସ୍କାର ଶିଖେଇ ଛନ୍ତି ତୋତେ....ମୋ କଥା ତା କାନରେ ପଡ଼ିଛି କି ନାହିଁ ଯୋର୍ ରେ ସାଇକଲ ଛୁଟାଇ ଛୁ ମାରିଲା....

ISSN NO.
2582-208X

ତା"ପର ଠାରୁ ଦେଖିଲି ତା ର କିଛି ଦିନ ହେଲା ଆଉ ଦେଖା ନାହିଁ, ଭାବିଲି ବୋଧ ହୁଏ ମୋ ଗାଳି ଶୁଣି ଡରି ଯାଇଛି..

.

କିଛି ଦିନ ବିତିଗଲା....

ଦିନେ ହଠାତ୍, ଅଚାନକ ମୋ ସାମ୍ନା ରେ ସାଇକଲ ଅଟକାଇ ଠିଆ ହୋଇ ଗଲା ଏବଂ ମୁଁ କିଛି ଭାବିବା ପୂର୍ବରୁ ମୋତେ ଯୋରରେ କୁଣ୍ଢାଇ ପକାଇ କହିଲା Happy mother's day maa... ଆପଣ କଣ ମୋର ମା ହେବେନି...? ମୁଁ ଆଶ୍ଚର୍ଯ୍ୟ ହେଲି, କିଛି ବୁଝି ପାରିଲିନି ...ତାକୁ କିଛି କହିବା ପୂର୍ବରୁ ପୁଣି କହିଲା ମୋର ମା ନାହିଁ ....ଆପଣ ପୁରା ମୋର ମା ପରି ଦିଶୁଛନ୍ତି...... ଆପଣ କଣ ମୋର ମା ହେବେନି? ଆଜି ଆମ ସ୍କୁଲ ର ସବୁ ପିଲା mother's day ପାଳନ କରୁଛନ୍ତି....ତାଙ୍କ ମା ମାନଙ୍କୁ gift ଦେଉଛନ୍ତି. ଆପଣ କଣ ମୋତେ ପୁଅ ବୋଲି ଗ୍ରହଣ କରିବେ ନି ମା ? ମୁଁ କଣ ଆପଣଙ୍କୁ ମା ବୋଲି ଡାକି ପାରିବିନି, ଆପଣ କଣ ମୋତେ ସ୍ନେହ କରିବେନି? ଏକା ନିଃଶ୍ୱାସ ରେ ଏତେ ଗୁଡ଼ିଏ ପ୍ରଶ୍ନ....

ଉତ୍ତର ରେ ଏତିକି କହିଲି ହଁ ରେ ଧନ କାହିଁକି ନୁହେଁ...? ଏତିକି କହୁ କହୁ ତା"ପ୍ୟାଣ୍ଟ୍ ପକେଟ୍ ରୁ ଏକ ଚକୋଲେଟ୍ ବାହାର କରି ମୋ ହାତକୁ ଖୁସି ମନରେ ଧରାଇ ଦେଲା। ମୁଁ ଆଉ କିଛି ନକହି.. ତାକୁ ମୋ ମାତୃ ସ୍ନେହର ନିବିଡ ପଣ ରେ ମମତା ମୟୀ ମାଆ ର ପ୍ରେମାସିକ୍ତ କରୁଣ ହୃଦୟରେ କୋଳକୁ ଆଲିଙ୍ଗନ କରି ନେଲି । ମୋ..ଭାବ ବିହ୍ୱଳିତ ପ୍ରେମାପ୍ଳୁତ ନୟନ ରୁ ଆନନ୍ଦର ଦୁଇ ବୁନ୍ଦା ମମତା ର ଅଶ୍ରୁ ବହି ଗଲା ଚିବୁକ ର ଦୁଇ ଧାରେ.ମୋର ଅଲକ୍ଷ୍ୟରେ.!!

(ଏହା ବୋଧ ହୁଏ ସ୍ୱର୍ଗୀୟ ମାତୃପ୍ରେମର ଅନୁଭୂତି )

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୭୯୫

ISSN NO.
2582-208X

# ବସନ୍ତ ର ସ୍ପର୍ଶ



ମୋନାଲିସା ପଣ୍ଡା

ତୁମ ଆଗମନେ ଆହେ ଋତୁ ଶ୍ରେଷ୍ଠ
ଧରାପୃଷ୍ଠ ଯାଏ ଭରି,
ଭାରି ପଲ୍ଲବିତ ସବୁଜ ବର୍ଣାଳୀ
ଚିତ୍ତ ହସେ ଖିଲି ଖିଲି ।।
ପତ୍ର ଝଡ଼ା ଥିବା ତରୁ ଲତା ମାନ
ହୋଇଯାଏ ସୁଶୋଭିତା,
ତୁମରି ସ୍ପର୍ଶ ରେ ଶିହରିତ ହୁଏ
ଫୁଲ ଫଳେ ବିମଣ୍ଡିତା ।।
ଗାଁ ନଦୀ ନାଳ ତୁମରି ଆଗତେ
ମତୁଆଲା ଯାଏ ହୋଇ,
କିପରି ଗୋ ଆସ ପୁର ପଲ୍ଲୀ ଦେଶେ
ଆନନ୍ଦ ଜୁଆର ଭସାଇ ।।
ଆମ୍ବ ତୋଟା ଡାଳେ କୋଇଲି ର ସ୍ୱର
କୁହୁ କୁହୁ ଆସେ ଭାସି,
ଆମ୍ବ ବଉଳ ର ମହକ ଛୁଟଇ
ମନ କୁ ଦିଏ ପରଶି ।।

ISSN NO.
2582-208X

କୀଟ ପତଙ୍ଗ ଠୁଁ ମନୁଷ୍ୟ ପର୍ଯ୍ୟନ୍ତ
ତୁମ ସ୍ପର୍ଶେ ଆନ୍ଦୋଳିତ,
ଧନ୍ୟ ହେ ବସନ୍ତ, ଧନ୍ୟ ତୁମ ଲୀଳା
ତୁମ ମନ୍ତ୍ର ସର୍ବ ବିଦିତ ।।
ତୁମ ଅନୁଭବେ ପ୍ରେମ ଜାଗିଉଠେ
ଅନୁଭୁତେ ହୃଦୟ କମ୍ପିତ,
ବହୁ ଆକର୍ଷିତ ସେ ମୀଠା ଛୁଆଁ
କେହି ନୁହେଁ ସେଠୁ ବଞ୍ଚିତ ।।
ଭାରି ଅଭିମାନୀ ସେ ଫଗୁଣ ରାଣୀ
ତୃପ୍ତି ପାଏ ସାନ୍ନିଧ୍ୟ ରେ,
ଧରା ଧାମେ ହୁଏ ତୁମର ମିଳନ
ଅପୂର୍ବ ଏହି ବେଳାରେ ।।
ତୁମରି ବିହୁନେ ତୁମରି ଫଗୁଣ
ସାଜିଥାଏ ମରୀଚିକା,
ଆତ୍ମ ଶାନ୍ତି ହୁଏ ତୁମ ପଦାର୍ପଣେ
ହୁଏ ସିଏ ପ୍ରସ୍ଫୁଟିତା ।।
ଋତୁ ମଧ୍ୟେ ତୁମେ ଅଟ ଶ୍ରେଷ୍ଠ ଋତୁ
ନାହିଁ ଯେ ତୁଳନା କାହାର,
ବିଶ୍ୱ ର ନାୟକ ଅଟ ଋତୁରାଜ
ଫୁଲେଇ ଫଗୁଣ ତୁମର ।।

କୋମନା, ନୂଆପଡା

ISSN NO.
2582-208X

# ଅନ୍ତଃସ୍ୱର



ମଧୁମିତା ମିଶ୍ର

ପ୍ରେମ ସମବେଦନାର କଣ ସ୍ୱର ଅଛି!!
କିନ୍ତୁ ସେ ବି ତ ଉପସ୍ଥିତି ଜଣାଏ ନା!!
ଉତ୍ତପ୍ତ ପ୍ରାଣ ଶୀତଳ କରି..
ଜୀବନ ମହତ୍ତ୍ୱ ବୁଝାଏ..
କିନ୍ତୁ.. କେହି କଣ ତା ଡ଼ାକ ସତରେ ଶୁଣିଛି??

ବେଦନା କରୁଣା ଯାତନାର ସ୍ୱର ଶୁଣା ଯାଏ କି!!
ନା କ୍ରନ୍ଦନ କୁ କିଛି କହି ହୁଏ..
କ୍ରନ୍ଦନ ତ କେବଳ ଉପସ୍ଥିତି ଜଣାଏ..
ସେ କଣ ଦୁଃଖ କଷ୍ଟ ର ସ୍ୱର ହୋଇପାରେ!!
କିନ୍ତୁ.. ଯେ ଆସିଛି.. ତା ଡାକରା ନୀରବ ତ ନୁହେଁ!!!

ନ ଶତ୍ରୁତା ନା ଆତ୍ମୀୟତା..
କୁହ କାହାର ବା ସ୍ୱର ଅଛି..!!
କେହି କେବେ କଣ କାହାକୁ ଶୁଣେଇ ପାରିଛି!!
କିନ୍ତୁ ଏପରି କିଛି ଅଛି କି!!
ଯାହା ଆମନ୍ତ୍ରଣ କେବେ ନୀରବେ ହୋଇଛି!!??

ISSN NO.
2582-208X

ବୋଧେ ଅନ୍ତର୍ମନର ମାନସ ପଟଳେ..
ଭାବନାର ସୁନେଲି ଆଭାରେ..
ଉଦ୍ଭାସିତ ଅବା ଅବଦମିତ ହୋଇ...
ଥକ୍କା ମାରି ଥରେ ବସିଗଲା ପରେ..
ଯାହା ହୃଦୟ ଝଙ୍କୃତ କରେ..
ସେ ହିଁ ଅଟେ ସେ ଅନ୍ତଃସ୍ୱର..
ଯା ପାଇଁ.. ଆଜି ବି.. ସମସ୍ତେ ପାଗଳ!!!

ଭୁବନେଶ୍ୱର

ISSN NO.
2582-208X

# ଶାନ୍ତନୁ ଆଗୃର୍ଯ୍ୟଙ୍କ ଉପନ୍ୟାସ : ଏକ ଶୈଳୀତାତ୍ତ୍ୱିକ ଅଧ୍ୟୟନ



ଡ଼ଃ ହରିହର ପ୍ରଧାନ

ଆଧୁନିକ ଉପନ୍ୟାସ ଯୁଗଚେ଼ତନା ଓ ଯୁଗଯନ୍ତ୍ରଣା ପ୍ରଭାବିତ । ଉପନ୍ୟାସ ସମସ୍ତର ପରିସର ଓ ପ୍ରଭାବ ଜୀବନ ଉପରେ ଗଭୀର । ସେହିପରି ଉପନ୍ୟାସର ବାଣୀ ହେଉଛି, ଅସୀମ । ଏ ଶତାବ୍ଦୀରେ ମଣିଷ ଆଧୁନିକ । ସାମାଜିକ ବିପ୍ଳବ ଓ ବୈଜ୍ଞାନିକ ଅନ୍ୱେଷା, ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଛି । ଉପନ୍ୟାସ ସାହିତ୍ୟରେ କ୍ରମେ କାହାଣୀ, ଚ଼ରିତ୍ର ଓ ଘଟଣା ବର୍ଣ୍ଣନାର ପ୍ରବାହ ବନ୍ଦ ହୋଇ ବସିଲା । କାହ୍ନୁଚ଼ରଣଙ୍କ 'କଥାଟିଏ କହୁଁ' ॥୧॥ ତତ୍ତ୍ୱ ମୂଲ୍ୟହୀନ ହୋଇ ଉଠିଲା । କ୍ରମେ ତାହା 'ଅଣ ଉପନ୍ୟାସ' ॥୨॥ର ନିକଟବର୍ତ୍ତୀ ହେବାକୁ ଲାଗିଲା । ଚ଼ରିତ୍ର ଚ଼ିତ୍ରଣ ଉଠିଯାଇ ଦେଖାଦେଲା ଗୃରିତ୍ରିକ ବିଶ୍ଳେଷଣ ମନୋବୃତ୍ତି ଓ କାହାଣୀ ବଦଳରେ ଦେଖାଦେଲା ବିଭିନ୍ନ 'ଭାବଚେ଼ତନା, ଅନୁଭୂତି ହେଲା ଆଗ । ସରଳ ଭାଷା ସହିତ କାବ୍ୟ-ଅଙ୍ଗ ସବୁର ସମାବେଶ ଫଳରେ ଉପନ୍ୟାସ ହେଲା ଭାବପ୍ରଧାନ ଓ କାବ୍ୟଧର୍ମୀ । ସେହିପରି ମନଃ-ବିଶ୍ଳେଷଣ ପଦ୍ଧତି' ଓ ଚେତନା ପ୍ରବାହର ରୀତି'ରେ ବିଷୟ ଉପସ୍ଥାପନା କୌଶଳ ବେଶ୍ ଲକ୍ଷଣୀୟ । ଆଙ୍ଗିକ ବୈଚ଼ିତ୍ୟ ଆନୟନ ପାଇଁ ପ୍ରତୀକ, ଚ଼ିତ୍ରକଳ୍ପ, ମିଥ, ରୂପକଳ୍ପ ଇତ୍ୟାଦି ଶବ୍ଦଚ଼ିତ୍ରମାନଙ୍କ ପ୍ରୟୋଗ ପରି, ଉପନ୍ୟାସର ଆତ୍ମିକ ଭାବବଳୟକୁ ପରିବ୍ୟାପ୍ତ କଲା, ମାନବବାଦ, ନବ-ମାନବବାଦ, ଅସ୍ତିତ୍ୱବାଦ, ବାସ୍ତବବାଦ, ନବ ବାସ୍ତବବାଦ, ଅତିବାସ୍ତବବାଦ ପ୍ରକୃତିବାଦ, ନେତିବାଦ, ରହସ୍ୟବାଦ, ଡ଼ାଡ଼ାବାଦ ଇତ୍ୟାଦି ସାହିତ୍ୟିକ-ବାଦ ସବୁ । ଏହା ସାଙ୍ଗକୁ ଆଧ୍ୟାତ୍ମିକ ଭାବଚେ଼ତନା, ରାଜନୀତିକ ଭାବଚେ଼ତନା, ପୌରାଣିକ ଭାବଚେ଼ତନା, ଐତିହାସିକ ଭାବଚେ଼ତନା ଓ ଦାର୍ଶନିକ ଭାବଚେ଼ତନାର ନବ୍ୟତର କଳାତ୍ମକ ପରିପ୍ରକାଶ ସାମ୍ପ୍ରତିକ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଏହାହିଁ ସାମ୍ପ୍ରତିକ କଥା ସାହିତ୍ୟର ମୂଳ ଆଦର୍ଶ ।

ISSN NO.
2582-208X

ଓଡ଼ିଆ ସାହିତ୍ୟର କଥାକାର, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଗ୍ରର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଡ଼ଃ କୃଷ୍ଣପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ରଥ ଇତ୍ୟାଦିଙ୍କ ଉପନ୍ୟାସ ଗୁଡ଼ିକରେ ପ୍ରାକ୍ତନ ଉପନ୍ୟାସ କଳା ସାଙ୍ଗକୁ ଏ ସମସ୍ତ ଆଙ୍ଗିକ କୌଶଳ ଓ ଆତ୍ମିକ ଭାବଚ୍ଚେତନାର ଯତ୍ କିଞ୍ଚିତ୍ ପରିପ୍ରକାଶ ଲକ୍ଷ୍ୟ କରାଯାଇଥାଏ। ସ୍ୱାଧୀନୋତ୍ତର ଓଡ଼ିଆ କଥା ସାହିତ୍ୟର, ଶାନ୍ତନୁ ଆଗ୍ରର୍ଯ୍ୟ ଜଣେ ଉଲ୍ଲେଖନୀୟ କଥାକାର । ଉପର୍ଯ୍ୟୁକ୍ତ ସମସ୍ତ ଭାବବିଭାବ ର ଯଥାର୍ଥ କଳାତ୍ମକ ପରିପ୍ରକାଶ ହୋଇଛି ଶ୍ରୀ ଆଗ୍ରର୍ଯ୍ୟଙ୍କ ଗଳ୍ପ-ଉପନ୍ୟାସ ସବୁରେ । ଏଠାରେ ତାଙ୍କ ଉପନ୍ୟାସ ସମୂହକୁ ଭିତ୍ତିକରି, ସାମ୍ପ୍ରତିକ କଥା ସାହିତ୍ୟର ଆଦର୍ଶ ପରିପ୍ରେକ୍ଷୀରେ ଶାନ୍ତନୁଙ୍କ ଭାବଚ୍ଚେତନା' କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ,ଯଥ । ୧- ଆଙ୍ଗିକ ବୈଚିତ୍ର୍ୟ ଓ ୨- ଆତ୍ମିକ ଭାବଚ୍ଚେତନା । ଶାନ୍ତନୁଙ୍କ ଭାବଚ୍ଚେତନାକୁ ଅନୁଧ୍ୟାନ କରିବାକୁ ହେଲେ ତାଙ୍କ ଉପନ୍ୟାସ ସମୂହର ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗ ଗୁଡ଼ିକୁ ଅନୁଶୀଳନ କରିବାକୁ ପଡ଼ିବ, କାରଣ ଜଣେ ପ୍ରୟୋଗବାଦୀ ଲେଖକ ଭାବେ ସେ ଉପନ୍ୟାସର ପ୍ରଭାବ ଦିଗକୁ ବିଶେଷ ଦୃଷ୍ଟି ନଦେଇ, ଦୃଷ୍ଟି ଦେଇଛନ୍ତି ଏହାର ବୌଦ୍ଧିକତାକୁ ଓ ପ୍ରୟୋଗଧର୍ମିତାକୁ । ପ୍ରୟୋଗ ଧର୍ମିତା ବା ପରୀକ୍ଷାମୂଳକତା ହିଁ ତାଙ୍କ ଶିଳ୍ପ ସୃଷ୍ଟିର ମୁଖ୍ୟ ଆଦର୍ଶ । ଏହି ଶିଳ୍ପାଦର୍ଶକୁ, ଆଙ୍ଗିକ ଶିଳ୍ପାଦର୍ଶ ଓ ଆତ୍ମିକ ଶିଳ୍ପାଦର୍ଶ ବା 'ଆଙ୍ଗିକ ବୈଚିତ୍ର୍ୟ' ଓ 'ଆତ୍ମିକ ଭାବଚ୍ଚେତନା' ଦୃଷ୍ଟିରୁ ବିଗ୍ରର କରାଯାଇପାରେ ।

ଆଙ୍ଗିକ ବୈଚିତ୍ର୍ୟ -

ଏହି ଆଙ୍ଗିକ ବୈଚିତ୍ର୍ୟ ବା ଆଙ୍ଗିକ ଆଦର୍ଶକୁ ତିନି ମୁଖ୍ୟ ବିଭାଗରେ ବିଭକ୍ତ କରାଯାଇପାରେ ।

(୧) ବିଷୟାଦର୍ଶ । (୨) ଚରିତ୍ରାଦର୍ଶ ।ଓ (୩) ରଚ୍ନା ଦର୍ଶ ।

(୧) ବିଷୟାଦର୍ଶ -

ଶାନ୍ତନୁଙ୍କ ଠାରେ ସମ୍ପୂର୍ଣ୍ଣ ଭାବରେ ଗଳ୍ପହୀନତା ଦେଖାଯାଉ ନ ଥିଲେହେଁ 'କଥାଟିଏ କହୁଁ, ର କାହାଣୀ ଧର୍ମିତା ଦେଖାଯାଏ ବୋଲି କୁହାଯାଇ ପାରିବ ନାହିଁ । ସମାଜ ସଂସ୍କାରମୁଖୀ କୌଣସି ପ୍ରେମ କାହାଣୀ କି ଆଦର୍ଶବାଦୀ ଶୁଭ୍ର କାହାଣୀକୁ ସେ ନିଜ ଉପନ୍ୟାସର ବିଷୟବସ୍ତୁ ଭାବରେ ଗ୍ରହଣ କରି ନାହାନ୍ତି । ତାଙ୍କ ଉପନ୍ୟାସରେ ଯୁବକ ଯୁବତୀର ମିଳନ କାହାଣୀ କେଉଁଠି ହେଲେ ଦେଖାଯାଇ ନାହିଁ। ସେଇଭଳି କୌଣସି ଗୋଟିଏ ଆଦର୍ଶର ପ୍ରଗ୍ରର ପାଇଁ ତାଙ୍କ ଉପନ୍ୟାସ ଉଦ୍ଦିଷ୍ଟ

ISSN NO.
2582-208X

ନୁହେଁ । ପ୍ରତ୍ୟେକଟି ଉପନ୍ୟାସର ବିଷୟବସ୍ତୁ ଗୋଟିଏ ଗୋଟିଏ ବାସ୍ତବବାଦୀ ଉପନ୍ୟାସର କଥାବସ୍ତୁ । କୋଉଟା ବାରବୁଲା ଜର୍ଜର ମୂଲ୍ୟହୀନ ଜୀବନ କାହାଣୀ ଓ ଆଉ କୋଉଟା ଗୋଟିଏ ଧର୍ଷିତା 'ମିନି'ର କରୁଣ କାହାଣୀ । ଏ ଗୁଡ଼ିକ ଉପରେ ରାଜନୀତିକ ଭାବଚେ଼ତନାର ବ୍ୟଙ୍ଗାତ୍ମକ ଉପସ୍ଥାପନା ଉପନ୍ୟାସ ଗୁଡ଼ିକୁ ମନୋରମ ଓ ସୁଖ୍ୟପାଠ୍ୟ କରାଇ ପାରିଛି । ବିଶେଷତଃ 'ଦକ୍ଷିଣାବର୍ତ୍ତ', ଉପନ୍ୟାସର ବିଷୟ ଚ଼ୟନ ଶ୍ରୀ ଆଗ୍ରର୍ଯ୍ୟଙ୍କ ଭିନ୍ନ ମୁଖୀତାକୁ ସୂଗୃଇ ଦେଇଥାଏ । ଏଠାରେ କାହାଣୀ କିଛି ନାହିଁ । କେବଳ ଶୂନ୍ୟ ଭାବର ଗୁଞ୍ଜରଣ । ଏ ସବୁ ସତ୍ୱେ ଶାନ୍ତନୁଙ୍କ ପ୍ରଥମାର୍ଧର ଲେଖା ଗୁଡିକରେ ଏକ ଉଚ୍ଚାଙ୍ଗ କଥାକାରିତା ଦେଖାଯାଏ, ଯାହାକି ପରବର୍ତୀ ରଚନା ଗୁଡାକରେ କ୍ଷୀଣହୋଇଉଠିଛି ·।

(୨) ଚ଼ରିତ୍ରା ଦର୍ଶ -

ବିଷୟବସ୍ତୁ ଚ଼ୟନରେ ଭିନ୍ନ ମୁଖୀନତା ପରି ଚ଼ରିତ୍ର ଉପସ୍ଥାପନରେ ବି ଶ୍ରୀ ଆଗ୍ରର୍ଯ୍ୟଙ୍କ ସ୍ୱାତନ୍ତ୍ୟ ପରିଲକ୍ଷିତ ହୋଇଥାଏ । ଶ୍ରୀ ଆଗ୍ରର୍ଯ୍ୟ କୌଣସି ଗୋଟିଏ ଚ଼ରିତ୍ରକୁ ଦେଖେଇବା ପାଇଁ ଚ଼ରିତ୍ରୋପନ୍ୟାସ ରଚ଼ନା କରିନାହାନ୍ତି କି ରଚ଼ିତ ଉପନ୍ୟାସ ନାମଙ୍କରେ କୌଣସି ଗୋଟିଏ ମୁଖ୍ୟ ଚ଼ରିତ୍ରକୁ ଫୁଟାଇବାକୁ ଚେ଼ଷ୍ଟା କରିନାହାନ୍ତି । ସ୍ରଷ୍ଟା ମାନସର ଭାବପରିଧି ଓ ଉପନ୍ୟାସରେ ତାର ପରିବୃତ୍ତ ଭିତରେ ତାଙ୍କର ପ୍ରତ୍ୟେକଟି ଚ଼ରିତ୍ର ଘୂର୍ଣ୍ଣନଶୀଳ । କେବଳ ଏତିକି ନୁହେଁ ତାଙ୍କର ପ୍ରତ୍ୟେକଟି ଚ଼ରିତ୍ର ପୁଣି 'ଟାଇପ୍' ପର୍ଯ୍ୟାୟର ; ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବସତ୍ତାର ପରିଗୃୟକ । ଉପନ୍ୟାସରେ 'ରାଉଣ୍ଡ' ଚ଼ରିତ୍ର ପ୍ରାୟତଃ ଦେଖାନାହିଁ । ଦକ୍ଷିଣାବର୍ତ୍ତ'ର 'ବାବାଜୀ' 'ନରକିନ୍ନର'ର ଜର୍ଜ ଓ 'ଯାତ୍ରାର ପ୍ରଥମପାଦ'ରେ 'ମିନି' ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବବୋଧର ପ୍ରତୀକାତ୍ମକ ଅଭିବ୍ୟକ୍ତି । 'ଅନୁ ହଜିଯିବା ପରେ' ର ଅନୁରାଗ, ଓ 'ଧରିତ୍ରୀର କାନ୍ଦ' ର ବୃହସ୍ପତି ମିଶ୍ର ଓ 'ଯଜ୍ଞ' ମଧ୍ୟ ଏହି ଗୋଷ୍ଠୀର ।

ସେହିପରି ଚ଼ରିତ୍ର ମାନଙ୍କର ନାମକରଣ ମଧ୍ୟ ରାମା, ଦାମ, ଶାମା' ପର୍ଯ୍ୟାୟର ନୁହେଁ । ଏମାନଙ୍କର ନାମକରଣ ନିଜସ୍ୱ ରୂପ ଗୁଣର ପରିଗୃୟକ । ଯଥା- 'ସୋଽହଂ ପୁରୁଷ', 'ଯକ୍ଷ କୁମ୍ଭାନୀ', 'ଗୋଧୀ', 'ଗୋଦରୀ ବୁଢ଼ୀ', 'ଥେଟର ମାଇକିନା', 'ଡ଼ିମୋକ୍ରାସି ଜାବାଳ', 'ଡ଼ାଆଣୀ ବୁଢ଼ୀ', 'ବୃହନ୍ନଳା', ଇତ୍ୟାଦି ଇତ୍ୟାଦି ।[୨]

ISSN NO.
2582-208X

ଶାନ୍ତନୁଙ୍କ ଚରିତ୍ର ଜଗତ ପାରମ୍ପରିକ ସାମାଜିକ ଅଙ୍ଗୀକାର ବୋଧ ତୁଳନାରେ ନିଜସ୍ୱ ଖାମଖିଆଲି ମନୋଭାବ ଦ୍ୱାରା ପରିଚାଳିତ ହୋଇଥିବାର ଦେଖାଯାଏ । ଚରିତ୍ର ଗୁଣାଗୁଣକୁ ପ୍ରତୀକିତ କରୁଥିବା ଭଳି ନାମକରଣ ଶାନ୍ତନୁଙ୍କ ଚରିତ୍ର ଚିତ୍ରଣର ଅନ୍ୟତମ ବୈଶିଷ୍ଟ୍ୟ । ଏକ କାଳ୍ପନିକ ଜଗତର ସ୍ୱପ୍ନମୟ ଚରିତ୍ର ଓ ଘଟଣା ସମୂହର ଅବତାରଣା ମାଧ୍ୟମରେ ସମସ୍ତ ଅସମ୍ଭବ ଓ ଅବାସ୍ତବ ମନେ ହେଉଥିବ । ପରିବେଶକୁ ବାସ୍ତବରୂପେ ସମ୍ଭବ କରେଇବା ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟଙ୍କ ଅନ୍ୟତମ ଶିଳ୍ପ ଚାତୁରୀ । ଏହା ଫଳରେ ପାଠକୀୟ ଉତ୍କଂଠା, ଲେଖକୀୟ ବକ୍ତବ୍ୟ ଅନ୍ତିମ ମୁହୂର୍ତ୍ତ ଯାଏ ବଜାୟ ରହିଥାଏ । 'ଅନୁ ହଜିଯିବାପରେ' ଓ 'ଅଦୃଶ୍ୟ ଜଗତରୁ ବାର୍ତା ।' ଏ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟ ପୂର୍ଣ । 'ନରକିନ୍ନର' ର ଗରୁଡ ଛୋଟା ପ୍ରସଙ୍ଗ, 'ଶକୁନ୍ତଳା 'ରେ ଅସୀମାର ଶକୁନ୍ତଳା ରୂପଧାରଣ, 'ଧରିତ୍ରୀର କାନ୍ଦ' ରେ ନଇପଠାରେ ଅପ୍ସରୀ ମାନଙ୍କ ନୃତ୍ୟ, କିମ୍ବା ବଉଳା କିମ୍ଭୀରର ବାରହାତ ଲମ୍ବା ଖଣ୍ଡା ମୁହଁରେ ଧରି ଦେବଦହ ଗଣ୍ଡରେ ପହଁରିବା, ମସ୍‌ଜିଦରେ କୃଷ୍ଣ ଦେଖାଦେବା, କିମ୍ବା ଦେବୀ ଭୁବନେଶ୍ୱରୀଙ୍କ ନିଜ ଭକ୍ତର ମାନ ରକ୍ଷା ପାଇଁ ପାଣିକୁଆ ରୂପଧାରଣ କରିବା ଆଦି ଉପାଖ୍ୟାନ ଗୁଡିକ ପାଠକୀୟ ଉତ୍କଂଠା ବଢେଇବାରେ ବେଶ୍ ସହାୟକ · ।

(୩) ରଚ଼ନା ଦର୍ଶ –

ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ରଚ଼ନାଦର୍ଶକୁ ସାମଗ୍ରୀକ ଭାବେ ଦୁଇ ଉପ ବିଭାଗରେ ବିଭକ୍ତ କରାଯାଇପାରେ ।

(କ) 'ଗ୍ରନ୍ଥ-ଗୁନ୍ଥନ କୌଶଳ' ବା 'ବିଷୟବସ୍ତୁ ଉପସ୍ଥାପନା କୌଶଳ' । (ଖ) ଭାଷା ଓ ଶବ୍ଦ ପ୍ରୟୋଗ ।

(କ) ଗ୍ରନ୍ଥଗୁନ୍ଥନ କୌଶଳ : (ବିଷୟବସ୍ତୁ ଉପସ୍ଥାପନା କୌଶଳ) –

ତାଙ୍କ ଉପନ୍ୟାସର ବିଷୟବସ୍ତୁକୁ ଆଗେଇ ନେବାପାଇଁ ଶ୍ରୀ ଆଗ୍ରର୍ଯ୍ୟ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା' ସାଙ୍ଗକୁ ଚ଼ରିତ୍ର ମାନଙ୍କର ସ୍ମୃତି ରୋମନ୍ଥନ ତଥା ସେମାନଙ୍କର ମନଃ ବିଶ୍ଳେଷଣ'(**psycho analysis**) ପଦ୍ଧତି ଓ ଚ଼େତନା ପ୍ରବାହର ଧାରା'(**stream of consciousness**) ଉନ୍ମୋଚ଼ନ ରୀତିର ଆଶ୍ରୟ ନେଇଛନ୍ତି । ଏହାବ୍ୟତୀତ ଏକ କାଳ୍ପନିକ, ସ୍ୱପ୍ନମୟ ନିଆରା ଦୁନିଆର ଘଟଣା ଓ ଚ଼ରିତ୍ର ମାନଙ୍କର ଅବତାରଣା ମାଧ୍ୟମରେ କଥାଭାଗକୁ କୌତୁହଳପୂର୍ଣ୍ଣ

ISSN NO.
2582-208X

କରିବା ତଥା ସେଇ ବାହାନାରେ ସ୍ୱୀୟ ଚିନ୍ତାଚେତନାକୁ ବାସ୍ତବତାର ଖ୍ୟାତିର ନକରି ପ୍ରକାଶ କରିବା ମଧ୍ୟ ଶାନ୍ତନୁଙ୍କ ଅନ୍ୟତମ ବୈଶିଷ୍ଟ୍ୟ ।

'ନରକିନ୍ନର' ଉପନ୍ୟାସର ପ୍ରଥମ ଭାଗରେ, 'ଜର୍ଜର ପାଳକ ପିତାର ମୃତ୍ୟୁ', 'କାଠ କ୍ୟାବିନ୍‌କୁ ଜର୍ଜର ଆଗମନ', 'କବିରାଜ ବୁଢ଼ାଠାରେ ବିଦ୍ୟାଶିକ୍ଷା' ଓ 'ବୁଢ଼ୀର ମୃତ୍ୟୁ' ଆଦି ଘଟଣାମାନ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ରୀତିରେ ଉପସ୍ଥାପିତ ହୋଇଥିବାବେଳେ, ମନଃ ବିଶ୍ଳେଷଣ ପଦ୍ଧତିରେ 'ଜର୍ଜ' ଓ 'ଗୋଦରୀବୁଢ଼ୀ'ର ସ୍ମୃତି ରୋମନ୍ଥନ ସଞ୍ଜାତ ଅନୁଚ୍ଚାରିତ-ଆତ୍ମକଥନ (**Monologue Interior**) ଜରିଆରେ ବହୁ ଘଟଣାର ସୂଚନା ଦେଇଛନ୍ତି । 'ଜର୍ଜ, 'ବିଭୁପ୍ରସାଦ', ନଟବର, ବାବାଜୀ, ଲେଥ୍ରିଜ୍, କରିମ୍ ଖାଁ ଆଦିର କାର୍ଯ୍ୟକଳାପ ଯେତିକି ପ୍ରତ୍ୟକ୍ଷ, ସେତିକି ପରିମାଣରେ ସ୍ମୃତି ରୋମନ୍ଥନ ସଞ୍ଜାତ ମଧ୍ୟ ।

ସେହିପରି 'ଶତାବ୍ଦୀର ନଚିକେତା'ର ମୁଖ୍ୟକାହାଣୀ ଅନେକାଂଶରେ 'ବିଭୁପ୍ରସାଦ'ର ସ୍ମୃତି ରୋମନ୍ଥନ ତଥା ନଟବର ଓ ମିଃ ଶେଠୀଙ୍କ ଆତ୍ମକଥନ (**Confession**)ରୁ ହିଁ ଜଣା ଯାଇଥାଏ । କିନ୍ତୁ ଏହାର ଅନୁବୃତ୍ତିରେ ଲିଖିତ ତିନୋଟି ରାତିର ସକାଳ' ଉପନ୍ୟାସରେ, ଛାତ୍ର ଆନ୍ଦୋଳନ, ଭବାନୀ ପ୍ରସାଦଙ୍କ 'ଉର୍ଣ୍ଣନାଭ ଆଶ୍ରମ' କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ରୀତିରେ ଉପସ୍ଥାପିତ । 'ଦକ୍ଷିଣାବର୍ତ୍ତ'ରେ ଆତ୍ମିକ ଭାବଚେତନା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହାର ଉପସ୍ଥାପନାରେ ମନଃ ବିଶ୍ଳେଷଣ ଓ ଚେତନା ପ୍ରବାହର ଉନ୍ମୋଚନ ପ୍ରାୟତଃ ନାହିଁ କହିଲେ ଚଳେ । ଏଠାରେ ବିଷୟ ପ୍ରସ୍ଥ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ମାଧ୍ୟମରେ ଉପସ୍ଥାପିତ । 'ଯାତ୍ରାର ପ୍ରଥମ ପାଦ' ଉପନ୍ୟାସରେ ତିନିଗୋଟି ମୁଖ୍ୟ ଦୃଶ୍ୟ ଦେଖିବାକୁ ମିଳିଥାଏ । ପ୍ରଥମ ଦୃଶ୍ୟରେ ଉପନ୍ୟାସର ନାୟିକା ମିନି ହୁଏ ଧର୍ଷିତା, ଏହି ଧର୍ଷିତା ମିନି ର ସ୍ମୃତି ରୋମନ୍ଥନରୁ ଦେଖାଯାଏ କ୍ରମେ ତାର ବାଲ୍ୟଲୀଳା ଓ ବିଦ୍ୟାଳୟ କାର୍ଯ୍ୟକ୍ରମ । ପ୍ରଥମ ଦୃଶ୍ୟ ପରି ତୃତୀୟ ଦୃଶ୍ୟରେ ତାର ରାଜନୀତିକ ଦଳରେ ଯୋଗଦାନ ବି ପ୍ରତ୍ୟକ୍ଷ ରୀତିରେ ବର୍ଣ୍ଣିତ । 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ'ରେ 'ମନଃ ବିଶ୍ଳେଷଣ' ଓ 'ସ୍ମୃତି ରୋମନ୍ଥନ' ଅପେକ୍ଷା ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ଓ 'ଫାଣ୍ଟାସି'(**Fantacy**)ବା ଗାଳଗଳ୍ପ ପ୍ରୟୋଗରେ ହିଁ ବିଷୟ-ଭାବର ବ୍ୟଞ୍ଜନାତ୍ମକ ଉପସ୍ଥାପନା କରାଯାଇଛି ।

ସେହିପରି 'ଶକୁନ୍ତଳା' ଉପନ୍ୟାସରେ ପୌରାଣିକ ଚରିତ୍ର ମାନଙ୍କର ସ୍ମୃତି ରୋମନ୍ଥନ ଓ ମନଃ-ବିଶ୍ଳେଷଣ ଅପେକ୍ଷା ଭୟାବହ ଘଟଣା ବର୍ଣ୍ଣନା ଓ ଗାଳଗଳ୍ପର ପରିକଳ୍ପନା ପଦ୍ଧତିରେ

ISSN NO.
2582-208X

ବକ୍ତବ୍ୟକୁ ଆଗେଇ ନିଆଯାଇଛି । ମନଃ ବିଶ୍ଳେଷଣ ପଦ୍ଧତି ଓ ଚେତନା ପ୍ରବାହର ରୀତି ଶ୍ରୀ ଆଗ୍ରର୍ଯ୍ୟଙ୍କ ସମସାମୟିକ ଅନ୍ୟାନ୍ୟ କଥାକାର ମାନଙ୍କଠାରେ ଦେଖାଯାଇଥିଲେ ବି, 'ଫାଣ୍ଟାସି' ପ୍ରୟୋଗରେ ଭାବବ୍ୟଞ୍ଜନା ତାଙ୍କର ଗୋଟିଏ ଅଦ୍‌ଭୁତ ରଚ଼ନା କୌଶଳ ଓ ବୈଶିଷ୍ଟ୍ୟ ପ୍ରତିପାଦକ ।

(ଖ) ଭାଷା ଓ ଶବ୍ଦ ପ୍ରୟୋଗ -

ଶ୍ରୀ ଆଗ୍ରର୍ଯ୍ୟଙ୍କ ବୈଚ଼ିତ୍ର୍ୟ ପୂର୍ଣ୍ଣ ଭାଷା' ପ୍ରୟୋଗ ସାଙ୍ଗକୁ ତାଙ୍କ ଉପନ୍ୟାସ ମାନଙ୍କରେ 'ପ୍ରତୀକ', 'ଚ଼ିତ୍ରକଳ୍ପ', 'ରୂପକଳ୍ପ', 'ମିଥ୍‌', 'ଫାଣ୍ଟାସି', 'ଇତିହାସ' 'କିମ୍ବଦନ୍ତୀ', 'ଲୋକକଥା' ଇତ୍ୟାଦିର ଯଥାର୍ଥ ସଂସ୍ଥାପନ ଆଙ୍ଗିକ ବୈଚ଼ତ୍ର୍ୟ ଆନୟନରେ ବେଶ୍‌ ସାହାଯ୍ୟ କରିଛି । ଏହା ବ୍ୟତୀତ ପ୍ରାଚ଼ୀନ 'ପଦ-ପଙ୍କ୍ତି ମାନଙ୍କର ପ୍ରାସଙ୍ଗିକ ଉଦ୍ଧରଣ', ନିଜସ୍ୱ ଶୈଳୀରେ 'ବ୍ୟଙ୍ଗାତ୍ମକ କବିତା ସୃଷ୍ଟିର ପ୍ରୟାସ' ଓ ନୀତିବାକ୍ୟ ତଥା ସଂସ୍କୃତ-ଶ୍ଳୋକ ମାନଙ୍କର ପ୍ରତ୍ୟକ୍ଷ ଭାବଯୋଗ, ଏ ଶୈଳୀକୁ ରସାଳ ଓ ସୁଖପାଠ୍ୟ କରି ଗଢ଼ିତୋଳିଛି ।

୧) ଶାନ୍ତନୁଙ୍କ ଭାଷା ବୈଚ଼ିତ୍ର୍ୟ -

ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କର ଭାଷା ସରଳ ଓ ନିରାଡ଼ମ୍ବର, ଏହା ସମାସ ସମ୍ପନ୍ନ ଓ ଆଳଙ୍କାରିକ ନୁହେଁ ନିଶ୍ଚୟ । ଶ୍ରୀ ଆଗ୍ରର୍ଯ୍ୟଙ୍କ ଭାଷାରେ, 'ସାରଳାଙ୍କ ଚ଼ଷଣ୍ଡ ଭାଷାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ହିଁ ଆମର କାବ୍ୟିକ ସୌନ୍ଦର୍ଯ୍ୟ ତତ୍ତ୍ୱର ମୂଳାଧାର । ଯେଉଁମାନେ ଏ ଅଦ୍ଭୁତ ଶକ୍ତିଶାଳୀ ଭାଷାର ଯାଦୁକରୀ ଯାନ୍ତ୍ରିକ ପ୍ରଭାବକୁ ଗାଁଗଣ୍ଡାର ଅବହେଳିତ ଉପେକ୍ଷିତ ସାଧାରଣ କୃଷକ ସମାଜରେ ଅଚ଼ଳ୍ପା ବୋଲି ମନେ କରି ଏବେମଧ୍ୟ ପରିଚ୍ଛନ୍ନ ଭାଷା ବିନ୍ୟାସକୁ ସମ୍ମୁଖରେ ଆଣି କବି ବା ଲେଖକ କାର୍ଯ୍ୟ ତୁଳାଇବା ଦ୍ୱାରା xxx ସମ୍ମାନ ଦାବୀ କରନ୍ତି ସେମାନେ ବାସ୍ତବିକ ସାରଳାଙ୍କ ଦାୟାଦ ନୁହନ୍ତି ଏବଂ ସେଇ ଅର୍ଥରେ ଓଡ଼ିଆ ମଧ୍ୟ ନୁହନ୍ତି' ॥୩॥ ଉପନ୍ୟାସରେ ଉପସ୍ଥାପନା ଦୃଷ୍ଟିରୁ ଶ୍ରୀ ଆଗ୍ରର୍ଯ୍ୟଙ୍କ ଏ ଚ଼ଷଣ୍ଡ ଭାଷା ବିନ୍ୟାସକୁ ବହୁ ଭାବରେ ଦେଖାଯାଇପାରେ ।

(କ) ଲୋକମୁଖୀ ଭାଷା -

ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ, ଭାଷା ଅନେକାଂଶରେ ସାମ୍ପ୍ରଦିକତା ସୁଲଭ ବର୍ଣ୍ଣନା ପରି ମନେ ହେଉଥିଲେ ହେଁ, ଲୋକ-ଭାଷାର ସଂଯୋଜନା ହିଁ ଉପନ୍ୟାସ ମାନଙ୍କରେ ମୁଖ୍ୟ ଲକ୍ଷଣୀୟ

ISSN NO.
2582-208X

ଦିଗ ହୋଇପାରିଛି । ଏ ଲୋକଭାଷା (**Folk- Etymology**) ଅନେକାଂଶରେ ଅପଭ୍ରଷ୍ଟ, ଆଇଁଷିଆ ଓ ସଂଳାପମୟ ।

ଯଥା-'ହଉ ଯଦି ହବନାଇଁ ତ ନାଇଁ, ହେଲେ ମୋ ବାପା । ମୋଧନ ତୁ ଆଉ ବିଳିବିଳେଇ କାନ୍ଦନା-ନେ-ଖା! ମତେ ଖା - ଖାଇଦେ ! ଖାଉନୁ ଖା, ଖାଆ ଲୋ ଖା **xxx** ଯେତେ ଖାଇଲେ ହେଲେ ଏ ନିଆଁ ଲଗା ରକତ ମାଉଁସ କଣ ସରୁଚି ହେଲେ ! ତେର ବରଷ ଦିନଠୁଁ ଆଜିଯାକେ କେତେ ପେଟୁଙ୍କୁ ମୁଁ ଖୁଆଇବାକୁ ନ ଦେଇଚି **xxx** ଚ଼ରିଗଲେ ସେ ଗୁଡ଼ାକ **xxx** ହେଲେ ମୁଁ ସଇଲି ନାହିଁ **xxx** ରକତ ମାଉଁସ ଶେଷ ହେଲା ନାଇଁ **xxx** ନେଲୋ । ଗୃଟି ଚୁଟି ଏଘଡ଼ା ଶେଷ କରି ଦେ **xxx** '। ('ନରକିନ୍ନର', ପୃଷ୍ଠା- ୧୬୪/୧୬୫) ।

କିମ୍ବା, 'ଧରିତ୍ରୀର କାଦ' ରେ, 'ଆରେ ଅଳପେଇଷା ଯୋଗିନୀଖିଆ, ସେଇ ହିଡିମ୍ବାପୁରକୁ ତ ଯାଇଥିଲୁ, ବାହା ହେଲୁ ନାଇଁ କିଆଁରେ ସେଇଠି ହିଡିମ୍ବା ରାକ୍ଷସୀଟାଏ ! ମତେ ହନ୍ତସନ୍ତ କରି ମାଇଲୁ ଜୀବନ ସାରାରେ ଅଳପେଇଷା '('ଧରିତ୍ରୀର କାନ୍ଦ',ପୃ -୮୧)

(ଖ) ଭାଷାରେ ସାଙ୍କେତିକତା -

'ବାହାରେ କଜଳପାତିର ସରୁ ହୁଇସିଲଟିଏ ଶୁଣାଯାଉନଥାଏ । ବହୁତ ଦୂରରେ କୁକୁଡ଼ାଟାଏ ହଠାତ୍ ଡ଼ାକି ଉଠି ପୁଣି ବନ୍ଦ ହୋଇଯାଏ । ମଶାଟାଏ ଗୁଣୁଗୁଣୁ ହୋଇ ଘୁରିବୁଲେ **xxx** ତାପରେ ଗୋଟିଏ ଶୀର୍ଣ୍ଣ ଦୁଇଫର୍ଦ୍ଦିଆ ହୁଇସିଲ **xxx** ମହାନଦୀର ଚ଼ହଟା ଘାଟ କଡ଼ରୁ ଲଞ୍ଚ ହୁଇସିଲ **xxx** ତାପରେ ଗୋଟିଏ ରେଳଇଞ୍ଜିନ୍‌ର ଶବ୍ଦ **xxx** '('ଶତାବ୍ଦୀର ନଚ଼ିକେତା' ପୃଷ୍ଠା- ୧)

କିମ୍ବା, 'ବାଲକନିକୁ ଲାଗିଚମ୍ପା ଗଛଟାର ଡାଳ ଓ ଡାଳଉପରେ ଭର୍ତି **xxx** ଫୁଲ ଓ କଢ ଗୁଡାକ **xxx** ମହକି ଯାଉଥାଏ ଯାଗାଟା **xxx** ଚମ୍ପାଗଛକୁ ପରା ଭ୍ରମର ମାନେ ଆଭଏଡ କରନ୍ତି ! ପାଖ ମାଡନ୍ତି ନାହିଁ ! କିନ୍ତୁ ଏଠି ଚମ୍ପାଗଛକୁ ବେଢିଛନ୍ତି ଭଅଁର **xxx** ଚମ୍ପାର ଉତ୍କଟବାସ୍ନା ଭଅଁରକୁ ରିପେଲ୍ କରେ **xxx** ଶାସ୍ତ୍ର ମାନଙ୍କରେବିଅଛି ସେକଥା। କେବଳ ଚମ୍ପାଗଛ ପାଖକୁ ସେତିକିବେଳେ ଆସନ୍ତି ଭ୍ରମରମାନେ ଯେତେବେଳେ ଭ୍ରମରମାରି ପାଳଟେ ସେଗଛ ।'(ପୃ- ୧୪୫)

ISSN NO.
2582-208X

(ଗ) ଭାଷାରେ ରୋମାଞ୍ଚିକ ଅନଗର୍ଳତା (**Romantic Verbosity**) -

'ଡ଼ିମୋକ୍ରାସିର ଜୟ ହେଉ ! ଶନିବାର ସନ୍ଧ୍ୟାର ଜୟ ହେଉ । ଆଉ ଦିବ୍ୟ ଶାଢ଼ୀ ଗୁଡ଼ିକ ପିନ୍ଧି ପାଟଳୀପୁତ୍ରର ଯେଉଁ ସୁନ୍ଦରୀ ରମଣୀମାନେ ଆଜିର ଶନିବାର ସନ୍ଧ୍ୟାରେ ତୋ ଆଗେ ଆଗେ ଗୃଲିଛନ୍ତି ସେମାନଙ୍କର ମଧ୍ୟ ଜୟ ହେଉ ! **xxx** ଲିଚୁ ଗୁଡ଼ିକ କି ଲୋଭନୀୟ ! ଲିଚୁ ! ଲିଚୁ ...ଲିଚୁ ମାନଙ୍କର ଜୟ ହେଉ' । (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୧)

କିମ୍ବା, 'ପଦ୍ମଫୁଲର ବାପ ତୁ ! ପଦ୍ମ ଫୁଲର ବାପ ତୁ ! ଶାନ୍ତ ହ ! ଚୁଉପ୍ ହ ! ସ୍ଥିର ହ ! ମଣିଷର କର୍ତ୍ତା ତୁ ............ କର୍ତ୍ତା ତୁ,' 'ଦକ୍ଷିଣାବର୍ତ୍ତ', ପୃଷ୍ଠା- ୧୨୪) ।

କିମ୍ବା ,'ଜାଣିଚଟି ଭାଉଜ ସେଥେରେ କିଏ ଅଛନ୍ତି? ମୁସଲମାନ ମାନଙ୍କ ଗାରୁଡି ମନ୍ତ୍ର ! ଭାଇନା ତାକୁ ଆଣିଚନ୍ତି କୋଉଠୁ ? ମେଶପଟାମିଆଁଟି ? ମୋ ବାପ ଲୋ ବାପ ! କଳିମଞ୍ଜି ପଶିଚି ସେ ମୁଣିରେ , ଶୁଣିଚଟି ତା ଶବଦ ? ରାତି ଅଧେ ହେଲେ ଝମର ଝମର ହେଇ ନାଚେ ପରା ସେ ମୁଣି , ତା ଛାଁକୁ ?' (ଧରିତ୍ରୀର କାନ୍ଦ,ପୃ- ୬୯)

କିମ୍ବା, 'ମଣିଷର ବଂଶ ମର୍ଯ୍ୟାଦା, ସଦ୍ଗୁଣାବଳୀ , କେବଳ ଶୁଦ୍ଧ ସାମାଜିକ ଆଚରଣରେ ପର୍ଯ୍ୟବସିତ ହେଇ ରହେନାହିଁ.. ଏହା ଧୀରେ ଧୀରେ ପଶେ ଚରିତ୍ର ଭିତରକୁ, ସେଇଠୁ ପଶେ ଜେନେଟିକ୍ସକୁ , ସେଇ ଜେନେଟିକ୍ସ ଭିତରେ ଥାଇ ସେ କଥା କହେ , ଯଦି କଥା ନ କହେ, ନୀରବ ରହେ, ତେବେ ମଧ୍ୟ ସେ ହିଁ ଅସଲ ସମ୍ପତ୍ତି ବା ସଂସ୍କାର । ଲକ୍ଷେ ବର୍ଷ ପରେ ବି ଏଇ ଜେନେଟିକ୍ସ ଭିତରୁ **xxx** ପୁଣି ଜନ୍ମ ହେଇପାରନ୍ତି ବୁଦ୍ଧ ଗାନ୍ଧି ହେଇ **xxx** ସଦ୍ଗୁଣକୁ **xxx** ସିଂହାସନରେ ବସେଇ ଦେଇପାରେ ଯେ, ସେଇ କ୍ଷତ୍ରିୟ, ସେବି ବ୍ରାହ୍ମଣ, ସେଇ ଋଷି ସେଇ ଦ୍ରଷ୍ଟା ।'('ମନ୍ତ୍ରୀଙ୍କ ସେୟାର', ପୃ- ୨୪୫-୪୬)

କିମ୍ବା, 'ଯେଉଁ ଉପକୂଳ ଗୁଡିକ ପଥୁରିଆ, ସେଠି ସମୁଦ୍ରର ଢେଉ ପଥର ଦେହରେ ପିଟିହେଲା ବେଳେ ଗୋଟିଏ ପ୍ରକାର ଶବ୍ଦ ସୃଷ୍ଟି ହୁଏ, ଯାହାର ଧ୍ୱନିଗୁଣ ଥାଏ-ଠିକ୍ କ୍ଲାସିକାଲ୍ ମ୍ୟୁଜିକ୍ ପରି । ସୃଷ୍ଟିର ଆରମ୍ଭରୁ ଜଳ ଓ ସ୍ଥଳର ଅଦ୍ଭୁତ ମିଳନ ଅନୁଷ୍ଠିତ ହୋଇ ଆସୁଛି **xxx** ଯେଉଁଠି ସମୁଦ୍ର ଭିତରକୁ ଗୋଡ ଲମ୍ବେଇ ବସି ପଡିଥାଏ ମୌନି ପୁରୁଷଟିଏ ପରି କୌଣସି ଏକ ପର୍ବତ ଆଉ

ISSN NO.
2582-208X

ସେଇ ମୌନିର ଧ୍ୟାନ ଭଙ୍ଗ ପାଇଁ ସଦାସର୍ବଦା ଚଳଚଞ୍ଚଳ ରହିଥାଏ ପ୍ରକୃତି ସ୍ୱୟଂ ନୀଳକେଶି ବିଶାଳାକ୍ଷୀ, ସର୍ବବ୍ୟାପୀ ନାରୀଟିଏ ପରି ଏଇ ସମୁଦ୍ର ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା', ପୃ-୧୧୮)

(ଘ) ଭାଷାରେ ସାମ୍ପ୍ରାଦିକତା-

'**xxx** ୧୯୭୦ ମେ ମାସ **xxx** ସି·ପି·ଆଇ· (ଏମ୍·ଏଲ୍·) ପାର୍ଟିର ପ୍ରଥମ ସର୍ବଭାରତୀୟ କଂଗ୍ରେସର ଅଧିବେଶନ **xxx**' । (ଶକୁନ୍ତଳା, ପୃଷ୍ଠା- ୨୭୭/୨୭୮)

(ଙ) ଉଦ୍ଭଟ ସଂଳାପ ସଂଯୋଜନା-

**xxx** ଅସଂଖ୍ୟ ଧୂର୍ଜଟୀ, ଧୂମ କେତୁ, ଧୂପଛାୟା ········ ଧୂମ୍‌ଧୂମ୍, ଧୂସ୍·······ଧୂସ୍········ଧପ୍ ଧପ୍··········ଧୋ ·········ଧୋ ।' (ଶତାବ୍ଦୀର ନଚିକେତା, ପୃଷ୍ଠା- ୧୯୨)

କିମ୍ବା, 'ହିସ୍ ସ୍‌ସ୍ ଫଟ୍, ହିସ୍, ସ୍‌ସ୍ ସ୍‌ସ୍ - ଠୋ

ହିସ୍ ସ୍‌ସ୍ - ଫଟ୍, ହିସ୍‌ସ୍ ଠୋ ।'      (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୪୩)

କିମ୍ବା, 'ଅର୍‌ର୍·············· ମେଁ ରହବେ ଟିକିଏ !' **xxx** ରଢି !

'ସି ହାଉ ଦି କାଉ ଜମ୍ପସ୍ ଓର୍ ଦି ମୁନ ·········' (ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୧୪)

(ଚ) ଅଣ ଓଡ଼ିଆ ଭାଷା ସଂଯୋଜନା-

(ଏଠାରେ ଇଂରାଜୀ ଓ ହିନ୍ଦୀ ବିଶେଷ ଭାବରେ ପ୍ରଯୁକ୍ତ, ସଂସ୍କୃତ ଉଦ୍ଧୃତ, ପ୍ରଯୁକ୍ତ ନୁହେଁ)

-'ହେ ଥୋଡ଼ା ରହବେ ଛୋକରି '**xxx** ।(ଯାତ୍ରାର ପ୍ରଥମ ପାଦ, ପୃଷ୍ଠା-୧୪)କିମ୍ବା- 'ଆରେ ଭାଇ ଇସ୍ ମେ କ୍ୟାହେ ? ଲେକିନ୍ ତୁମ୍ହାରା ମାଫିକ୍ ଏତେନା ବଡ଼ା ଆଦ୍‌ମୀ କୋ ମେଁ କ୍ୟାଦେଶକେଗେଁ ······ ରିସର୍ଚ୍ଚ ଇସ୍କଲାର ହୋ ! ନେହିଁ ?' (ଶତାବ୍ଦୀର ନଚିକେତା, ପୃଷ୍ଠା- ୧୩୮)

ପୁଣି- **'He who has not dipped his hand in the blood of class enemies can hardly be called a communist xxx** ।'
(ଶକୁନ୍ତଳା,ପୃଷ୍ଠା- ୨୧୧)

ISSN NO.
2582-208X

କିମ୍ବା ,'ଏମ୍.ଏ. ଓଡିଆ କ୍ଲାସରେ **xxx** ଅପ୍ରାକୃତ ପ୍ରେମମୂର୍ତି ଜୟ ରାଧାହରି, ଅବ୍ୟକ୍ ଲୀଳାକୁ ବ୍ୟକ୍ତ, କର ଅବତରି ହେ,' ଆବୃତ୍ତି ସହିତ ଆଉ ସେ ତାତ୍ୱିକ ପ୍ରଶ୍ନ ଶୁଭୁନାହିଁ କଲେଜ ଛକ ମଦନା ମିଠା ଦୋକାନ ପର୍ଯ୍ୟନ୍ତ, ଆରେ ରାଧାଙ୍କ ସହିତ ହରି ଶବ୍ଦର ସଂଯୋଗ ହେଲା କିପରି ? ଏଠି କବି ଅଭିମନ୍ୟୁ ସାମନ୍ତସିଂହାର ଅପ୍ରାକୃତିକ ପ୍ରେମ ପ୍ରସଂଗ ଉତ୍‌ଥାପନ କଲେ କାହିଁକି ? (ଧରିତ୍ରୀର କାନ୍ଦ. ପୃ-୧୨୩)

କିମ୍ବା ,'ଟମ୍ଲେଥ୍ରିଜ୍ ଜଣେ କ୍ୟାମ୍ବ୍ରିଜ୍ ପ୍ରଫେସର। ତାଙ୍କର ବିଦ୍ୟା ପ୍ରତ୍ନତତ୍ୱ । ମାଟିତଳେ ପୋତା ପ୍ରାଚୀନ ଐତିହାସିକ କୀର୍ତି ଖୋଜିବା ଥିଲା ତାଙ୍କ କାମ । ଖୁବ୍ ନାଁ କରିଥିଲେ ସେ କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ । ଠିକଣା ସମୟରେ ଚାକିରୀରୁ ଇସ୍ତଫାନେଲେ ସେ ୧୯୫୭ ରେ ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା', ପୃ-୮୪)

ଏହିପରି ଭାବରେ ଶ୍ରୀ ଆଗ୍ରୁର୍ଯ୍ୟ ଭାଷା ଯୋଜନାକୁ ବୈଚିତ୍ର୍ୟମୟ କରି ଗଢ଼ିତୋଳିଛନ୍ତି । ଏହା ସାଙ୍ଗକୁ ପ୍ରତୀକ, ଚିତ୍ରକଳ୍ପ, ଇତ୍ୟାଦି ଶବ୍ଦଚିତ୍ର ଏହାକୁ ବୈଚିତ୍ର୍ୟ ପୂର୍ଣ୍ଣ କରିବାରେ ସାହାଯ୍ୟ କରିଛି ।

ଯଥା –୨)'ପ୍ରତୀକ', ପ୍ରୟୋଗ-

ଶ୍ରୀ ଆଗ୍ରୁର୍ଯ୍ୟଙ୍କ ଉପନ୍ୟାସରେ ପ୍ରଯୁକ୍ତ ଓ କଳ୍ପିତ ପ୍ରତୀକ ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

ଯଥା-'ପାରମ୍ପରିକ ବା ସାଧାରଣ ପ୍ରତୀକ' ଓ 'ବ୍ୟକ୍ତିଗତ ପ୍ରତୀକ' ।

(କ) ପାରମ୍ପରିକ ବା ସାଧାରଣ ପ୍ରତୀକ

ଏହା ଲେଖକଙ୍କ କଳ୍ପିତ ନୁହେଁ, ଜନମାନସରେ ପ୍ରତିଷ୍ଠିତ । ଶ୍ରୀ ଆଗ୍ରୁର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ ଦେଖା ଯାଉଥିବା ଏ ଧରଣର ପ୍ରତୀକ ଗୁଡ଼ିକ ହେଲା ପୌରାଣିକ ପ୍ରତୀକ- ନଚିକେତା, ଗଙ୍ଗାମାତା, ଭାରତମାତା, ଶକୁନ୍ତଳା, ଅପସରୀ, ଶିବ-ପାର୍ବତୀ, ପରଶୁରାମ, ରାମ, ଲକ୍ଷ୍ମଣ, ସୀତା, ଦୁଷ୍ମନ୍ତ, ନନ୍ଦ, ଯଶୋଦା, ଭରତ, କଂସ, କୃଷ୍ଣ ହିରଣ୍ୟକଶ୍ୟପୁ, ନୃସିଂହନାଥ, ଭକ୍ତ – ପ୍ରହଲ୍ଲାଦ, ଗରୁଡ଼, ରାକ୍ଷସ, ଦ୍ରୌପଦୀ, ଲକ୍ଷ୍ମୀ, ଦୁର୍ଗା, ସରସ୍ୱତୀ, ବାଳୀ, ସୁଗ୍ରୀବ, ଭୀମ ଇତ୍ୟାଦି ।

ISSN NO.
2582-208X

ସମାଜରୁ ଗୃହୀତ ପ୍ରତୀକ- ବ୍ରାହ୍ମଣ, ବାବାଜୀ, ଖ୍ରୀଷ୍ଟିଆନ୍ ଧର୍ମ ଯାଜ , କୁଳଗୁରୁ, ମୌଲବୀ, ଓକିଲ ଆଦି ।

ଐତିହାସିକ ପ୍ରତୀକ- ମାର୍କସ୍, ଲେନିନ୍, ମାଓ, ଗାନ୍ଧୀ, ଖୋଦା, ଯୀଶସ, ହିଟଲର, ନେପୋଲିୟନ, ମହତାବ୍ ।

କିମ୍ବଦନ୍ତୀ ମୂଳକ- ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ।

ବସ୍ତୁ ଜଗତରୁ ଗୃହୀତ ପ୍ରତୀକ-ସୂର୍ଯ୍ୟ, କଖାରୁ ଫୁଲ, ନର-କଙ୍କାଳ, ଗାନ୍ଧୀ-ଟୋପି, ଜହର-ଜାକେଟ, ପଦ୍ମ-ଫୁଲ, ଡ଼ଙ୍ଗା, ସମୁଦ୍ର, ଲାଲ-ପତାକା, ଗୈରିକ-ପତାକା, ବାରାହୀ-ମୂର୍ତ୍ତି, ବଂଶୀ । ଏ ସମସ୍ତ ପାରମ୍ପରିକ ଓ ସାଧାରଣ ପ୍ରତୀକ ଗୁଡ଼ିକର ବ୍ୟକ୍ତିଗତ ଉପଯୋଗ ହୋଇଛି । ଏମାନଙ୍କ ଭାବ-ବିଚ୍ଛୁରଣ ସ୍ଥାୟୀ ଓ ଅପରିବର୍ତ୍ତନୀୟ ନୁହେଁ ।

(ଖ) ବ୍ୟକ୍ତିଗତ ପ୍ରତୀକ-ପାରମ୍ପରିକ ଓ ସାଧାରଣ ପ୍ରତୀକ ଗୁଡ଼ିକର ବ୍ୟକ୍ତିଗତ ଉପଯୋଗ ବ୍ୟତୀତ ଶ୍ରୀ ଆଗ୍ରୁର୍ଯ୍ୟଙ୍କ ଶିଳ୍ପ ସୃଷ୍ଟିରେ କେତେକ ବ୍ୟକ୍ତିଗତ ପ୍ରତୀକ ସୃଷ୍ଟିର ଦେଖାଯାଏ । ଯଥା- ପ୍ରାଣୀ ଜଗତରୁ-ଗର୍ଭିଣୀ- ମାଇକିନା, ପିମ୍ପୁଡ଼ି, ଗୋଦରୀ, ମାଙ୍କଡ଼, ବଗ, କୋକି-ଶିଆଳୀ, କୁକୁଡ଼ା, କଜଳପାତୀ, ବସନ୍ତକୋଇଲି, ଶୁଆପକ୍ଷୀ, ଝିଣ୍ଟିକା, କୁକୁର, ଗାଇ, ଗୁଣ୍ଡୁଚି, ଘରଚଟିଆ, ଝିଟିପିଟି, ଛେଳି, ଗୋଧୀ, ମୂଷା, ପେଚା, ବିଲୁଆ, ଇତ୍ୟାଦି ।

ଜଡ଼ ଜଗତରୁ- ଅଫିମ୍, ଚ଼ନ୍ଦନ, ମହମବତୀ, ବେଲୁନ, ଲଟୁ, ଶଗଡ଼ଚକ, ରେଲ ଇଞ୍ଜିନ, ଲଣ୍ଠନ, ରବର- କଣ୍ଢେଇ, ହୀରା, ମେଘା, ମାଂସ, କାଠ-ଢ଼ାବଲ, ଇତ୍ୟାଦି ।

(ଗ) ଚିତ୍ରକଳ୍ପ- ଚିତ୍ରକଳ୍ପ ପ୍ରୟୋଗରେ ଶ୍ରୀ ଆଗ୍ରୁର୍ଯ୍ୟଙ୍କ ସ୍ୱତନ୍ତ୍ରତା ଖୁବ୍ ସ୍ପଷ୍ଟ । ଯଥା ସେଇ ପ୍ରଶ୍ନ **xxx** ତା ମୁଣ୍ଡରେ ଗ୍ରୀଷ୍ମର ଗଭୀର ଶୁଖିଲା ପଡ଼ିଆର ତଳ ତଳିଆ ପଙ୍କ ଭିତରେ ନିଜକୁ ପୋତି ହୋଇ ତଥାପି ଜୀବନକୁ ସୁରକ୍ଷିତକରି ପାରିଥିବା ଗୋଟିଏ ଦୀର୍ଘ ଜୀବି ଗଡ଼ିଆ ମାଛ ପରି ଚୁପ୍ ହୋଇ ଘୋଳେଇ ପଡ଼ିଥାଏ । (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୬)

- 'ତୁମ ମୁହଁ ଦିଶୁଥିଲା କ୍ଷୀର ଛିଣ୍ଡିଲା ଭଳି' ! ('ଦକ୍ଷିଣାବର୍ତ୍ତ', ପୃଷ୍ଠା- ୨୩)

- 'ଲୋକଟି ସହରକୁ ଆସିଥିଲା ଯେମିତି କି ନଇବଢ଼ରେ ବଡ଼ ବଡ଼ ମାଛ ମାନେ ସ୍ୱାଭାବିକ ଉଠି ଉଠି ଗୃଳନ୍ତି ସୁଅର ଉଜାଣିରେ **xxx**' । (ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୫୫)

ISSN NO.
2582-208X

- 'ମାଇପିଟି ହସିଲା ଟିକିଏ । ଗୋଲଗାଲିଆ ଦିହଟିତାର ଅଳ୍ପ ଟିକିଏ ଥଲଥଲ ହୋଇଗଲା । ଗୋରୁଙ୍କ ପିଠିରେ ମାଛି ବସିଗଲେ ଯେମିତି ଖସେଇ ପକାନ୍ତି ସେମାନେ । ସେମିତି ଖସେଇ ପକାଇଲା ସେ ଦିହରୁ ତାର ହସଟିକୁ ।'('ଅନ୍ୟଏକ ସମୟ ଅନ୍ୟଏକ ଭାରତ',ପୃଷ୍ଠା- ୧୪)

- 'କନକନିଆ ଶୀତରେ ମଣିଷ ଗୁଡ଼ାକ କୁଙ୍କୁଡ଼ି କାଙ୍କୁଡ଼ି ହୋଇ ଯାଉଥାନ୍ତି । ତାଙ୍କର ପୁଙ୍ଗୁଳା ଦେହର ଚ଼ମ ପାଲଟି ଯାଇଥାଏ ପର ଉପୁଡ଼ା ଚ଼ମ ପରି । ହାତ ପାଦ କଳା ଖାଇ ଦିଶୁଥାଏ ଏଣ୍ଡୁରି ପିଠାପରି' । (ଶକୁନ୍ତଳା, ପୃଷ୍ଠା- ୪୩)

- 'କଣ୍ୱ- ଗ୍ରାମ ଗୋଟିଏ ଡ଼ହ ଡ଼ହ ତାତିଲା ଜାଉ-ଥାଳ ପରି ପରିଣତ ହୋଇ ସାରିଥାଏ' ।

(ଶକୁନ୍ତଳା, ପୃଷ୍ଠା- ୮୬)

-'**xxx** ଯାବତୀୟ ଲୋକେ ବଣ୍ଡିଲିଏ ଜିଆନାଡ଼ ପରି ପରସ୍ପର ଦେହରେ ଗୁଡ଼େଇ ଶୋଇଥାନ୍ତି'। (ଶକୁନ୍ତଳା, ପୃଷ୍ଠା- ୫୦)

- 'ସେମାନେ କୋଉ ଦେଶର ଲୋକ ଏଠି ଆସି ପହଁରୁଛନ୍ତି ଆମରି ସମୁଦ୍ରରେ,ହଜାର ହଜାର ଡଲାର ଖର୍ଚ୍ଚ କରି ଏଠିକି , ପୁରୀକୁ ଆସୁଛନ୍ତି, ସମୁଦ୍ରେ ପହଁରିବାକୁ, ଆଉ ଆମେ ଓଡିଆ ନାଙ୍ଗୁଡ ଜାକିଜୁକି କୂଳରେ ଠିଆହୋଇ ପାଣିଛିଞ୍ଚି ହଉଛେ ମନ୍ତ୍ର ପଢିପଢିକା' (ଧରିତ୍ରୀର କାନ୍ଦ,ପୃ-୩୧୧) ।

- 'ସେ ଉଠିଗଲା ଉପରକୁ ଉପରକୁ । ଦଉଡି ଆଗରୁ ଝୁଲୁଥାଏ ସେ ତା ଆଖି ଯୋଡାକରୁ, ଅଦୃଶ୍ୟ ବୁଢିଆଣୀ ସୂତା ଆଗରୁ ବୁଢିଆଣୀଟାଏ ଝୁଲିଝୁଲିକା ତଳୁ ଗଛ ଉପରକୁ ଆପେଆପେ ଉଠିଗଲା ପରି । ('ଅନୁହଜିଯିବା ପରେ', ପୃ-୧୦)

-'ଟମଙ୍କ ଗାଡଘର ପଛପଟ ବୁଦା ଅଞ୍ଚଳଟା ବର୍ତମାନ ଏକ ଗୈରିକବସ୍ତ୍ର ପରିହିତ ଭାରତୀୟ ସନ୍ୟାସୀ ପରି ଦିଶୁଥାଏ ଗଂଭୀର ଆଉ ଉଦାସ ।'('ଅଦୃଶ୍ୟ ଜଗତରୁ ବାର୍ତ୍ତା',ପୃ-୧୨୫)

- 'ଅରୁଣାର ଡାହାଣହାତ ପାପୁଲି ବର୍ତମାନ ଲୀଳାଙ୍କର ବାଁକାନ୍ଧ ଉପରେ ରହିଥାଏ । ଥାପୁଡଉଥାଏ ଅରୁଣା ତା ବାନ୍ଧବୀର କାନ୍ଧକୁ, ହୁରୁଡା ଘୋଡା ପିଠିରେ ସବାର, ତା ଘୋଡାର ବେକକୁ ଥାପୁଡେଇଲା·· ପରି ।' ('ବିଲିଗୋଟ ବନାମ ଉରୁବେଳ ଘୋଟକ', ପୃ-୭୦) ।

ISSN NO.
2582-208X

- 'ଲେଗୁନ୍, ନଡିଆ ଗଛ, ଡ଼ଙ୍ଗା, ଡ଼ଙ୍ଗାରେ ଫୁଲରେ ମଣ୍ଡିତ ହୋଇବସିଛନ୍ତି ଝିଅ ଗୁଡାଏ, ଆଃ କିସୁନ୍ଦର, କି ସରଳ ମୁହଁ ଗୁଡିଏ,ସତେବା ଲେଗୁନର ସବୁଜଜଳ ଭିତରୁ ମସ୍ୟକନ୍ୟାଗଣ ଉଠିଆସି ବସିପଡିଛନ୍ତି ସେହି ମ—ୟଆକୃତିର, ଡ଼ଙ୍ଗାଗୁଡିକ ଉପରେ । (ତତ୍ରୈବ-ପୃ-୮) ।

ଚ଼ିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଔପନ୍ୟାସିକ ଶ୍ରୀ ଆଗୃର୍ଯ୍ୟ ଅପେକ୍ଷାକୃତ ଅଧିକ ବାସ୍ତବବାଦୀ ଶିଳ୍ପୀ । ସେ ଜୀବନର ବାସ୍ତବତାକୁ ଚ଼ିତ୍ରଣ କରିବାକୁ ଯାଇ ଇତର ଓ କେତେକାଂଶରେ ଅଶ୍ଳୀଳ ହେଲେହେଁ ମୌଳିକ ଓ ଜୀବନ୍ତ ଚ଼ିତ୍ର ବ୍ୟବହାର କରିଛନ୍ତି ।

(୪) ମିଥ୍ ର ପ୍ରୟୋଗ -

ଶ୍ରୀ ଆଗୃର୍ଯ୍ୟଙ୍କ ଉପନ୍ୟାସରେ ପ୍ରଯୁକ୍ତ ପୁରାବୃତ୍ତ (**Myth**) ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ,

(କ) ପୌରାଣିକ ପ୍ରସଙ୍ଗର ଅବତାରଣା ।

(ଖ) ପୌରାଣିକ ଚ଼ରିତ୍ର ସଂସ୍ଥାପନା ।

(କ) ପ୍ରସଙ୍ଗ ଅବତାରଣା -

ବାଲ୍ମିକୀ ଓ ରାମନାମ ଜପ, ବାଲ୍ମିକୀ ଓ ବ୍ୟାଧ, କ୍ରୌଞ୍ଚ ହତ୍ୟା ଓ ରାମାୟଣର ସ୍ରଷ୍ଟା ମାନସ, ରାବଣ ଓ ସୀତା-ଗ୍ରେରୀ, ସୀତା-ଲକ୍ଷଣଙ୍କ ତିନିଗାର ପ୍ରସଙ୍ଗ, ଶ୍ରୀକୃଷ୍ଣଙ୍କ ମୃତ୍ୟୁ, ଜୟଦ୍ରଥ-ବଧ ଓ ଅର୍ଜୁନ, ଶାମ୍ବ ପେଟରେ ଲୌହମୂଷଳ, ଦକ୍ଷଯଜ୍ଞ ଓ ମହାଦେବ, ଏକଲବ୍ୟର ଗୁରୁ ଦକ୍ଷିଣା । (ଶତାବ୍ଦୀର ନଚ଼ିକେତା ଓ ତିନୋଟି ରାତିର ସକାଳ) ।

- ରାମଚ଼ନ୍ଦ୍ର ଓ ଅହଲ୍ୟା ପ୍ରସଙ୍ଗ (ଦକ୍ଷିଣାବର୍ତ୍ତ), ବିଚ଼ିତ୍ର ରାମାୟଣର ସୀତାଗ୍ରେରୀ, ପ୍ରସଙ୍ଗ ('ଯାତ୍ରାର ପ୍ରଥମ ପାଦ') , ପୁତନା ଓ ଶ୍ରୀକୃଷ୍ଣ, ପାର୍ବତୀ, ଗଣେଷ ଓ କାର୍ତ୍ତିକ, ('ଅନ୍ୟଏକ ସମୟ ଅନ୍ୟଏକ ଭାରତ'), କଣ୍ୱ ଋଷି ଓ ଶକୁନ୍ତଳା, ପରଶୁରାମଙ୍କ ମାତୃହତ୍ୟା, ରାମ ଲକ୍ଷ୍ମଣଙ୍କ ମୃଗୟା ଓ ସୀତାଗ୍ରେରୀ ('ଶକୁନ୍ତଳା'), ଶ୍ରୀକୃଷ୍ଣଙ୍କ ନଟବର ରୂପ ('ମନ୍ତ୍ରୀଙ୍କ ସେୟାର'), ସାବିତ୍ରୀ ସତ୍ୟବାନ ଓ ଯମରାଜ ପ୍ରସଙ୍ଗ ('ଅନୁହଜିଯିବା ପରେ', ), ବୃହନ୍ନଳା ଉପାଖ୍ୟାନ ('ବିଲିଗୋଟ

ISSN NO.
2582-208X

ବନାମ ଉରୁବେଳ ଘୋଟକ'·), ଭୀମ ପ୍ରସଙ୍ଗ (ଧରିତ୍ରୀର କାନ୍ଦ·), ଗୌତମବୁଦ୍ଧ ପ୍ରସଙ୍ଗ (ଶକୁନ୍ତଳା),

(ଖ) ଚ଼ରିତ୍ର ସଂସ୍ଥାପନ -

- ଗରୁଡ଼, ପରଶୁରାମ, ଦ୍ରୌପଦୀ, ଖୋଦା, ଯୀଶସ୍ (ନରକିନ୍ନର), ବନଦୁର୍ଗା, ଦୁଃଶାସନ, ଦୁର୍ଯ୍ୟୋଧନ, ଦ୍ରୌପଦୀ, ଗାନ୍ଧାରୀ, ଶ୍ରୀଖଣ୍ଡି, ରାଧାକୃଷ୍ଣ, ହରପାର୍ବତୀ, (ଶତାବ୍ଦୀର ନଚ଼ିକେତା, ଓ ତିନୋଟି ରାତିର ସକାଳ), ଜାବାଳ (ଦକ୍ଷିଣାବର୍ତ୍ତ), ରାମ, କୃଷ୍ଣ, ଅର୍ଜୁନ, ଶ୍ରୀକୃଷ୍ଣ, ସଞ୍ଜୟ, ରାବଣ, ବିଷ୍ଣୁ (ଯାତ୍ରାର ପ୍ରଥମ ପାଦ), ଯଶୋଦା, ପୁତନା, ଦୁର୍ଗା (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ), ଦୁଷ୍ମନ୍ତ, ଶକୁନ୍ତଳା, କଣ୍ୱ, ରାମ, ଲକ୍ଷ୍ମଣ, ପାର୍ବତୀ, ଯଶୋଦା, ନନ୍ଦରାଜା, ପରଶୁରାମ, ଯୁଧିଷ୍ଠିର, ଦୁର୍ବାସା, କଂସ । (ଶକୁନ୍ତଳା), ସାବିତ୍ରୀ ସତ୍ୟବାନ, ଯମରାଜ, ନୃସିଂହ, ('ଅନୁହଜିଯିବା ପରେ', ), କୃଷ୍ଣ, ଜଗଜ୍ଜନନୀ, ('ମନ୍ତ୍ରୀଙ୍କ ସେୟାର',), ଜଗନ୍ନାଥ, ବଳଭଦ୍ର,ସୂର୍ଯ୍ୟ ('ଅଦୃଶ୍ୟ ଜଗତରୁ ବାର୍ତ୍ତା'),ବୃହନ୍ନଳା, ଇନ୍ଦ୍ର,ଲକ୍ଷ୍ମୀ, ('ବିଲିଗୋଟ ବନାମ ଉରୁବେଳ ଘୋଟକ'·),ଦୁର୍ଗା,ଲକ୍ଷ୍ମୀ , ସରସ୍ୱତୀ, ପାର୍ବତୀ ('ମନ୍ତ୍ରୀଙ୍କ ସେୟାର',)

(ଙ) ଗାଲଗଳ୍ପ ବା ଫାଣ୍ଟାସି (**Fantasy**) ପ୍ରୟୋଗ -

ଗାଲଗଳ୍ପ ବା ଫାଣ୍ଟାସି (**Fantasy**)କୁ ଶାନ୍ତନୁ ନିଜଶୈଳୀର ଏକ ଅଭିନ୍ନ ଅଙ୍ଗ ଭାବେ ଉପନ୍ୟାସ ରଚନାରେ ପ୍ରୟୋଗ କରି ଆସିଛନ୍ତି ତାଙ୍କ ପ୍ରତିଟି ଉପନ୍ୟାସରେ । ଏହି ଶୈଳୀର ବିଶେଷତ୍ୱ ହେଉଛି ପାଠକକୁ ଉପର ଠାଉରିଆ ଭାବେ ଏକ ମନୋରମ ଖଣ୍ଡିତ ଉପାଖ୍ୟାନ ଶୁଣେଇ ପଠନ ପ୍ରତି ତାର ଉତ୍କଂଠା ବଜାୟ ରଖିବା, ମାତ୍ର ଅସଲ ଉଦ୍ଦେଶ୍ୟ ହେଉଛି ମନୋରମ ଖଣ୍ଡିତ ଉପାଖ୍ୟାନରେ ପ୍ରତୀକିତ ଚିତ୍ରକଳ୍ପ ମଧ୍ୟଦେଇ ପାଠକର ଚେତନାରେ ଲେଖକୀୟ ଚିନ୍ତାର ଅନୁପ୍ରବେଶ କରେଇବା । । ଉଦାହରଣ ସ୍ୱରୂପ-

-'ଦାମା ହାତର ଗୁଆକାତିରୁ କର୍ କର୍ ଶବ୍ଦ ରହି ରହି ତଥାପି ବାହାରୁଥାଏ **XXX** ଆରେ ଶୁଣ ପୁଅ ଏ ସଂସାରଟା ହେଉଛି ରାଜା-ରାଜୁଡ଼ା ଧନୀ ଲୋକଙ୍କର ' ।(ଶକୁନ୍ତଳା, ପୃଷ୍ଠା- ୧୪୪/୧୪୫) ।

ISSN NO.
2582-208X

ଏଠାରେ ଶୁଆକାତି କଥା କହିବାଟା ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଅବାସ୍ତବ କଳ୍ପନା ହୋଇଥିଲେ ହେଁ, ଏହା ଜରିଆରେ ଦାମା ଗଉଡ଼( ଓ ଲେଖକ)ର ମାନସିକ ଚିନ୍ତନକୁ ବ୍ୟଞ୍ଜିତ କରାଯାଇଛି ।

ସେହିପରି- 'ଅଭୟପୁର ଉପରେ **XXX** ମୂଷା ମାନଙ୍କର ସଂଖ୍ୟା ବଢ଼ିଗଲିଲ।, ବେଶି ବେଶି ମୂଷା ବାହାରି ଘରଦ୍ୱାରା ରାସ୍ତା ଘାଟରେ ସାଲୁ ସାଲୁ ହେଲେ ଛଛଛ ସର୍ବ ସମକ୍ଷରେ ମୂଷା ମା' ମାନେ ଟିକିଟିକି ମୂଷାପିଲାଙ୍କୁ ଧରି ବୁଲିବାକୁ ଲାଗିଲେ । ମଣିଷ, ବିଲେଇ, କୁକୁର କାହାରି ପ୍ରତି ଭ୍ରୁକ୍ଷେପ ନକରି ସେମାନେ ସ୍ୱଚ୍ଛନ୍ଦରେ ଦିନ ଆଲୁଅରେ ଗାତରୁ ବାହାରି ଏଣେ ତେଣେ ଘୁରି ବୁଲିଲେ **XXX**' (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ) ।

କିମ୍ବା -'**XXX** ଯୁନକ, ସମଲିଙ୍ଗୀ ପୁରୁଷ, ଗେ' ମାନଙ୍କର ଗୋଟ।ଏ ଅଦ୍ଭୁତ ଶକ୍ତି ଥାଏ **XXX** ସେହି ଅସୀମ ଶକ୍ତିକୁ କହନ୍ତି ପୋଲଟରଜିଷ୍ଟ ଶକ୍ତି **XXX** ସେମାନେ ଯୋଉ ଘରେ ରହନ୍ତି ସେଠି ଏମିତି ଭୌତିକ କାଣ୍ଡ ସବୁ ଘଟେ ।.... ଶିଳଚକି ସବୁ ପବନରେ ଉଡନ୍ତି ଆପଣାଛାଏଁ । ଶୂନ୍ୟରୁ ଇଟାପଥର ପଡେ । ହଠାତ୍ ଇଲେଟ୍ରିକ୍ ବଲବ ସବୁ ହାଇଭୋଲଟେଜ ପାବାରରେ ଜଳିଉଠି ଫାଟନ୍ତି ଢୋ ଢା ।' ('ବିଲିଗୋଟ ବନାମ ଉରୁବେଳ ଘୋଟକ',ପୃ-୭୫) ।

କିମ୍ବା-'ଇଲେଟ୍ରୋ ମାଗନାଟିକ୍ ଫୋର୍ସରେ ଚାଲୁଛି ଟେଲିଫୋନ୍, ରେଡିଓ, ଟି·ଭି·ଇତ୍ୟାଦି । **XXX** ସେଫୋର୍ସର ମାଇଣ୍ଡ୍ ଅଛି । ଅର୍ଥାତ୍ ତାହାହିଁ ହନ୍ଦୁ ବେଦାନ୍ତର, ବ୍ରଂହ୍ମଚେତନାର ଗୋଟାଏ ଷ୍ପାର୍କ ମାତ୍ର ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା' ,ପୃ ୧୫୨) ।

କିମ୍ବା-'ବୃହସ୍ପତିଙ୍କ ଠାକୁର ଘର ଖଟୁଳି ଉପରେ ବସି ପୂଜା ପାଉଥିଲେ ସେ ପିତ୍ତଳ ଭୁବନେଶ୍ୱରୀ ମୂର୍ତ୍ତି , **XXX** ଓଠରେ ଗୋଟିଏ କଟାଚିହ୍ନ ଥାଏ । **XXX** ବ୍ରାହ୍ମଣ ହୋଇ **XXX** ଯଦି ମଦ୍ୟପ ପାଳଟିବେ **XXX** ଗଜପତି **XXX** କୁଳଗୁରୁ ଭାବି ଚରଣ ସ୍ପର୍ଶ କରି ସମ୍ମାନ କରିବାଟା ...। ମହାରାଜା ସ୍ଥିରକଲେ **XXX** କୁଳଗୁରୁଙ୍କ ପରୀକ୍ଷା କରିବାକୁ । **XXX** ପଚାରିଦେଲେ ପ୍ରଶ୍ନଟି- ସେଇ ପୋଖରୀ ଆରପାଖ ତୁଠରେ ବସି ସେ ଯୋଉ ଟୋକାଟା ବଂଶୀ ପକଉଚି, ସେ ବଂଶୀ ରେ କେତେ ବଡ ମାଛ ପଡିବ....? **XXX** କୁଳଗୁରୁଙ୍କ **XXX** ମୁହଁରୁ ବାହାରିଗଲ। **XXX** ସେ ବିଧର୍ମୀ ବାଳକ ଧରିବ ମାଛ ନୁହେଁ ମଣିମା, ଗୋଟାଏ ପାଣିକୁଆ, ଠିକ୍ ସେତିକିବେଳେ **XXX** ଫଡ୍‌ଫଡ୍ ଫଡ୍‌ଫଡ୍ ଶବ୍ଦଟା **XXX** ସେପାଖ ହୁଡାରୁ ଶୁଣାଯିବା ସହିତ ଗୋଟିଏ କଳାଚଢେଇ

ISSN NO.
2582-208X

ପାଣି ସଡସଡ୍ ହୋଇ **XXX** ଉଡିବାକୁ ଚେଷ୍ଟା କରୁଥାଏ **XXX** ମିଶ୍ରେ ଚାଲିଲେ ଭୁବନେଶ୍ୱରୀ ମନ୍ଦିର **XXX** ଠାକୁରାଣୀଙ୍କ **XXX** ଓଠରୁ ଧାରଧାର ହୋଇ ବୋହି ପଡୁଥାଏ ରକ୍ତ ।'(ଧରିତ୍ରୀର କାନ୍ଦ,ପୃ-୭୪) ।

ଏଗୁଡ଼ିକ ଫାଣ୍ଟାସି ବା ଗାଲଗଳ୍ପ ପରି ମନେ ହେଉଥିଲେ ହେଁ, ଏହାଦ୍ୱାରା ସାମ୍ପ୍ରତିକ ସାମାଜିକ ଅବ୍ୟବସ୍ଥା ଓ ବିଚ୍ଛିନ୍ନତାକୁ ହିଁ ସୂଚିତ କରାଯାଇଛି କିମ୍ବା ଇଚ୍ଛାଶକ୍ତି, ମନସ୍ତାତ୍ତ୍ୱିକ ଶକ୍ତି ଯେ ଆଣବିକ ଶକ୍ତିଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ, ଏ ଧରଣର ଭାବ ପ୍ରଖ୍ୟାପନ ଚମତ୍କାର କଥାଶୈଳୀ ମାଧ୍ୟମରେ କରାଯାଇଛି ।

(୬) ରୂପକଳ୍ପ ପ୍ରୟୋଗ-

-‘ **XXX** ଫସଲ ଉତୁରି ଆସୁଥାଏ - ଘର ଯୋଗ୍ୟା କୁଆଁରୀ କନ୍ୟାଙ୍କ ଦେହରେ ବାତୁଅ ପାଣି ଗଡ଼ିଗଲାପରି । (ଶକୁନ୍ତଳା, ପୃଷ୍ଠା- ୩୯୯) ।

- ‘ **xxx** ସେମାନେ ବାହାରି ପଡୁଥାନ୍ତି ପଦ୍ମ ତୋଳା ଶୁଣି ଗାତରୁ ସାପ ବାହାରିଲା ପରି **XXX** ଟାଉ ଟାଉ କରି ଗୋଡ଼ ବଢ଼େଇ ଗୋବିନ୍ଦ ମୂଷା ପାଣି କାଢ଼ିଲା ପରି, ପୁଣି ଆସୁଥାନ୍ତି ପଛକୁ' । (ଶକୁନ୍ତଳା, ପୃଷ୍ଠା- ୧୩୪)

- ‘ **xxx** ପୋଡ଼ା ଜମିଦାର ଘରଟି ସେଦିନ ସରିକି ଜ୍ୟେଷ୍ଠ ମାସରେ ଟାଙ୍ଗର ଭୂଇଁରେ କନ୍ଦା କଅଁଳିଲା ପରି କଅଁଳି ଉଠିଥାଏ'। (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ', ପୃଷ୍ଠା-୮୬)

- ‘ମଣିଷ ମାନଙ୍କ ମୁହଁ ଦିଶୁଥାଏ ସୂର୍ଯ୍ୟମୁଖୀ ଫୁଲଭଳି'।(ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୩୮)

- ‘ଦୁର୍ବୃତ୍ତମାନେ ଗୋଟିଏ ଛୁଞ୍ଚି ଗୃରିପଟେ ଲଦିହୋଇ ପଡ଼ିଥିବା ଗୋଟାଏ ବିଶାଳ ପାଳଗଦା ଭଳି ତାକୁ ହଜେଇ ଦେବାକୁ ଚେ଼ଷ୍ଟା କରିଥିଲେ **xxx** ' ।(ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୨୮)

- ‘ସମୁଦ୍ରର ରାବ କ୍ରମେ ବଢ଼ୁଥିଲା । ତାର ଫେଣୁଆ ମୁହଁ ଗୋଟାଏ ପାଗଳର ମୁହଁପରି ଦିଶୁଥିଲା । (ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୯) ।

- ‘ପ୍ଲାଷ୍ଟିକର ବାଟୁଲି ଗୁଡ଼ିଏ ତଳେ ଡ଼େଇଁ ଡ଼େଇଁକା ଗଡ଼ିଗଲା ପରି ଗଡ଼ି ଗୃଲିଗଲେ ସେମାନେ **xxx** ' । (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୧୩)

ISSN NO.
2582-208X

- 'ତାର ସେଇ ଲଣ୍ଡାମୁଣ୍ଡ ରୂପାର ପାହାଡ଼ ଭଳ xxx '। (ଶତାବ୍ଦୀର ନଚିକେତା,ପୃଷ୍ଠା-୧୭୭ ।

- 'ଖବର କାଗଜଟା ଜୟଦ୍ରଥର ମୁଣ୍ଡପରି ବିଭୁପ୍ରସାଦର କୋଳରୁ ଖସିପଡ଼ିଲା'।

(ତିନୋଟି ରାତିର ସକାଳ', ପୃଷ୍ଠା- ୧୬୯) ।

- 'ପ୍ରକୃତି ଓ ପୁରୁଷ ଏକାକାର ହୋଇ ଲୋଟିଯାଇଛି ଖଟୁଳି ତଳେ । ଖଟୁଳି ଉପରେ ରାଧାକୃଷ୍ଣ । ରାଧା ଧରିଛନ୍ତି କୃଷ୍ଣଙ୍କ ବଂଶୀ, ରାଧା ଫୁଙ୍କୁଛନ୍ତି କୃଷ୍ଣ ହସୁଛନ୍ତି'। (ଧରିତ୍ରୀର କାନ୍ଦ,ପୃ-୭)।

-'କଳା ବସନ୍ତଖିଆ ମୁହଁ ଭିତରୁ ତାଆଖି ଯୋଡାକ ଦିଶୁଥାଏ ଅନ୍ଧାରରାତିର ମେଘୁଆ ଆକାଶରେ ତଥାପି ଯୋଡାଏ ତାରା ଏଠିସେଠି ଦେଖାଗଲା ଭଳି·'(ଧରିତ୍ରୀର କାନ୍ଦ·ପୃ-୧୪) ।

- 'ମୃତ୍ୟୁ ଓ ଅନୁରାଗ ମଧ୍ୟରେ ଦେବୀ ସ୍ୱୟଂ ଯମରାଜ ଓ ସତ୍ୟବାନଙ୍କ ମଧ୍ୟସ୍ଥଳରେ ସାବିତ୍ରୀଙ୍କ ଭଳି ଅଣ୍ଟାରେ ହାତ ଦେଇ ଠିଆ ହୋଇ ରହିଥାଏ ସେଇ ମୁସଲମାନ ଝିଅଟି ।' ('ଅନୁହଜିଯିବା ପରେ', ପୃ-୮୩) ।

- 'ଭଲ ସୁନ୍ଦର ଜାତିଆ କୁକୁରଟିଏ ଧଳାରଙ୍ଗର, ଠିକ୍ ବରଫ ପରି ଧଳା ତାର ଗହଳିଆ ରୁମଗୁଡାକ ।'('ଅଦୃଶ୍ୟ ଜଗତରୁ ବାର୍ତ୍ତା', ପୃ-୧୧୫) ।

-'ମହାତ୍ମା ଗାନ୍ଧିଙ୍କ ମୁଣ୍ଡଛାପ ଥିବା ପାଂଚଶହ ଟଙ୍କିଆ ନୋଟଗୁଡାକ ଭିଣିଭିଣା ହେଇ ବିଛାଡି ହେଇପଡିଲା ବେଡରୁମ ସାରା । ଫାନପବନରେ ଉଡୁଥାଏ ସେଗୁଡାକ ଶୁଖିଲ ।ପତ୍ରକୁ ଖଣ୍ଡିଆଭୂତ ଉଡେଇଲା ପରି ଖରାଦିନେ ।'('ବିଲିଗୋଟ ବନାମ ଉରୁବେଳ ଘୋଟକ',ପୃ,୪୧) ।

- 'ଝାଉଁବଣ ଫାଙ୍କରୁ ଝଲଝଲ କରୁଥା।ଏ ଅସଂଖ୍ୟ ବାଚାଳ ଏପିଲେପ୍ଟିକ୍ ମଣିଷଙ୍କର ଫେଣୁଆ ମୁହଁରୁ ଶୁଣାଯାଉଥିବା ଦୁର୍ବୋଧ୍ୟ ଭାଷାପରି ସମୁଦ୍ରର ଅସଂଖ୍ୟ ମୁହଁରୁ ଗର୍ଜନ '। (ଧରିତ୍ରୀର କାନ୍ଦ·ପୃ-୫୦) ।

- ଏ ସମସ୍ତ ଭାଷା ଓ ଶବ୍ଦ ପ୍ରୟୋଗ ବ୍ୟତୀତ ଶ୍ରୀ ଆଗ୍ରୱାଲ୍ ରଚନାଦର୍ଶରେ ଦେଖାଯାଏ -

(୭) ଇତିହାସ ଓ କିମ୍ବଦନ୍ତୀ ର ପ୍ରାସଙ୍ଗିକ ଉପସ୍ଥାପନ -

(କ) ସଂଯୋଜିତ ଓ ଇତିହାସ ସିଦ୍ଧ ପ୍ରୟୋଗ -

ISSN NO.
2582-208X

ଭାରତର ସ୍ୱାଧିନତା ଲାଭ, ଲାଙ୍ଗୁଳା ଓ କୋଣାର୍କ ମନ୍ଦିର, ୧୯୨୧ ଅସହଯୋଗ ଆନ୍ଦୋଳନ, ୧୯୬୨ ଚୀନ ଭାରତ ଯୁଦ୍ଧ, ୧୯୬୬ ଓ ନ'ଅଙ୍କର ଶତବାର୍ଷିକୀ, ୧୯୪୨ ଭାରତ ଛାଡ଼ ଆନ୍ଦୋଳନ, ୧୯୧୮ ପ୍ରଥମ ବିଶ୍ୱ ଯୁଦ୍ଧ, ଇତ୍ୟାଦି । (ଶତାବ୍ଦୀର ନଚିକେତା ଓ ତିନୋଟି ରାତିର ସକାଳ) ।

-ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (ଅନ୍ୟ ଏକ ସକାଳ ଅନ୍ୟ ଏକ ଭାରତ) ।

-'ଭାରତରେ ନକସାଲ ବିପ୍ଳବର ଆରମ୍ଭ -୩ ମାର୍ଚ୍ଚ ୧୯୬୭, ୨୮ ଜୁଲାଇ ୧୯୭୨ ନକସାଲ ବିପ୍ଳବର କ୍ରମ ଆବସାନ, ୧୯୧୪/୧୬ ଚ଼ୀନର ଭାଷା ବିପ୍ଳବ, ୧୯୭୦ ମେ·ସି·ପି·ଆଇ (ଏମ୍,ଏଲ୍)ର କଂଗ୍ରେସ ଅଧିବେଶନ', ଇତ୍ୟାଦି । (ଶକୁନ୍ତଳା)

- **XXX** ୧୯୫୧ ଜୁଲାଇ ୧୯ ଦିନ **XXX** ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହେଇଗଲା କଲେଜ' (ଧରିତ୍ରୀର କାନ୍ଦ· ପୃ-୧୦୮)

- 'ମେ ମାସ ୧୯୬୪ । ବାହାରେ ବେଶ୍ ଖରା **XXX** ସେ ଜଣକ ଥିଲେ ବି·ବି·ସି· ଟି·ଭି·ର କେମରା ମେନ୍ ଗ୍ରାହାମ୍ ଟିଡ୍ଗେନ୍ ' । ('ଅଦୃଶ୍ୟ ଜଗତରୁ ବାର୍ତ୍ତା' ,ପୃ- ୧୬୪) · ।

(ଖ) ସଂଯୋଜିତ ଇତିହାସ ସିଦ୍ଧ ଚ଼ରିତ୍ର -

ହିଟଲର୍, ନେପୋଲିଅନ୍ (ନରକିନ୍ନର) । ଶିବାଜୀ, ରାଣାପ୍ରତାପ, ଖାରବେଳ, ଗଙ୍ଗାଧର ତିଳକ, ସୁଭାଷ ବୋଷ, ଗାନ୍ଧୀ, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, ଟି·ଇ·ରେଭେନ୍ସା, ପ୍ୟାରିମୋହନ, ନିଉଟନ, ଦାରଉଇନ୍ । (ଶତାବ୍ଦୀର ନଚ଼ିକେତା ଓ ତିନୋଟି ରାତିର ସକାଳ) । ନେହେରୁ, ରାମକୃଷ୍ଣ, ଅରବିନ୍ଦ, ମାଓ (ଯାତ୍ରାର ପ୍ରଥମ ପାଦ) । ଲେନିନ, (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ) । ମାର୍କସ୍, ଗୃରୁ ମଜୁମଦାର, ବିନୋବା ବାଭେ (ଶକୁନ୍ତଳା) । ମହତାବ୍, ପ୍ରଣକୃଷ୍ଣ ପରିଜା, ନବ ଚୌଧୁରୀ, ନୀଳକଣ୍ଠ ଦାଶ (ଧରିତ୍ରୀର କାନ୍ଦ ।

ISSN NO.
2582-208X

(୮) କିମ୍ବଦନ୍ତୀ ମୂଳକ ପ୍ରସଙ୍ଗ -

(କ) ଧରମା ଓ କୋଣାର୍କ, ଜଗନ୍ନାଥ ଓ ନିତାଇ, (ଶତାବ୍ଦୀର ନଚିକେତା ଓ ତିନୋଟି ରାତିର ସକାଳ) । ସୁଭାଷ ବୋଷଙ୍କ ଅନ୍ତର୍ଦ୍ଧାନ ଓ ଆବିର୍ଭାବ (ଶକୁନ୍ତଳା) ।

(ଖ) କିମ୍ବଦନ୍ତୀ ମୂଳକ ଚରିତ୍ର -- ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା (ଶକୁନ୍ତଳା) । କଳାପାହାଡ଼, କାମାକ୍ଷା ଠାକୁରାଣୀ (ଶତାବ୍ଦୀର ନଚିକେତା' ଓ ତିନୋଟି ରାତିର ସକାଳ) । ଲୁମେଇ ଓ ଗୌତମ ବୁଦ୍ଧ, କପିଳାବାସ୍ତୁ ଓ କପିଳେଶ୍ୱର (ଧରିତ୍ରୀର କାନ୍ଦ) ।

(୯) ପ୍ରାଚୀନ ପଦପଙ୍କ୍ତିର ଆରୋପ ବା ଅବତାରଣା -

ସଂସ୍କୃତ ଶ୍ଳୋକ ଓ ନୀତିବାକ୍ୟର ଉଦ୍ଧାର ତଥା ଲୋକକଥା, ଲୋକ କାହାଣୀ, ଜନଶ୍ରୁତି, ଇତ୍ୟାଦିର ଯଥାର୍ଥ ସଂସ୍ଥାପନ ରେ ଶ୍ରୀ ଆଗ୍ରର୍ଯ୍ୟଙ୍କ ଶିଳ୍ପରେ ଆଙ୍ଗିକ ବୈଚିତ୍ର୍ୟ ଆନୟନ କରାଯାଇଛି । ଅନେକତ୍ର ନିଜସ୍ୱ ଶୈଳୀରେ କବିତା ସୃଷ୍ଟିର ପ୍ରୟାସ କରାଯାଇ ଉପନ୍ୟାସରେ କାବ୍ୟିକତା ଓ ବ୍ୟଙ୍ଗାତ୍ମକ ଭାବବ୍ୟଞ୍ଜନା ସୃଷ୍ଟି କରାଯାଇଛି । ଏହିପରି ଭାବରେ ଆଙ୍ଗିକ ଆଦର୍ଶ, କ୍ଷେତ୍ରରେ ଶ୍ରୀ ଆଗ୍ରର୍ଯ୍ୟ, ବିଷୟ ବସ୍ତୁଚୟନ ଓ ଚରିତ୍ର ଉପସ୍ଥାପନ ରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କଲାଭଳି, ଏହାର ମନସ୍ତାତ୍ତ୍ୱିକ ଉପସ୍ଥାପନ ଓ ଉପସ୍ଥାପନା କୌଶଳରେ ଭାଷା ଓ ଶବ୍ଦଶିଳ୍ପ, କ୍ଷେତ୍ରରେ ବୈଚିତ୍ର୍ୟ ଆନୟନରେ ବି ନିଜର କାବ୍ୟିକତା ଓ ପ୍ରୟୋଗଧର୍ମିତାର ପରିଚୟ ଦେଇଛନ୍ତି ।

ଆଙ୍ଗିକ ଶିଳ୍ପ କଳା ଦୃଷ୍ଟିରୁ ସାମ୍ପ୍ରତିକ ଉପନ୍ୟାସ ସାହିତ୍ୟର ଆଦର୍ଶକୁ ଶ୍ରୀ ଆଗ୍ରର୍ଯ୍ୟ ସଫଳ ଭାବରେ ରୂପାୟନ କରିପାରିଛନ୍ତି । ବିଶେଷତଃ ଚରିତ୍ର ସଂଯୋଜନା ଅପେକ୍ଷା ଏମାନଙ୍କର ବ୍ୟଙ୍ଗାତ୍ମକ ବିଶ୍ଳେଷଣ ଓ ପ୍ରତୀକାତ୍ମକ ଉପସ୍ଥାପନା ସାଙ୍ଗକୁ ଚିତ୍ରକଳ୍ପ ଓ ଫାଣ୍ଟାସି ର ପ୍ରୟୋଗ ଉପନ୍ୟାସର ଭାବ ପରିଧିକୁ ତ୍ୱରାନ୍ୱିତ କରିପାରିଛି । ଏହା ବ୍ୟତୀତ ପ୍ରାଚୀନ ପ୍ରତିଷ୍ଠିତ ପଦପଙ୍କ୍ତିର ଅବତାରଣା ମାଧ୍ୟମରେ ମଧ୍ୟ ଶ୍ରୀ ଆଚାର୍ଯ୍ୟ ନିଜ ଉପନ୍ୟାସର ଭାବ ପ୍ରଳମ୍ବନ କରିଛନ୍ତି । ଯଥା-'ଚିତ୍ର ପ୍ରତିମା ପ୍ରାୟେ ଦିଶେ ସୁନ୍ଦର...' ଇତ୍ୟାଦି । 'ନରକିନ୍ନର' ରେ ଏହି ପଦପଙ୍କ୍ତିର ଉଦ୍ଧରଣ ମାଧ୍ୟମରେ ପାଗଳା ଚରଣ ରାଓର ମନଃ-ସ୍ଥିତି ପ୍ରତୀକିତ । ଠିକ୍ ସେହିପରି ଯାତ୍ରାର ପ୍ରଥମ ପାଦ'ରେ ମିନିର ଚୂଡି ଫିଙ୍ଗିବା ପ୍ରସଙ୍ଗରେ 'ହେ ବନଗିରି ହେ ଲତାଗିରି'

ISSN NO.
2582-208X

ପଦପଙ୍କ୍ତିର ସ୍ମରଣ କିମ୍ବା;'ଶତାବ୍ଦୀର ନଚିକେତା'ରେ,"ନାୟମାତ୍ମା ପ୍ରବଚନେ ଲଭ୍ୟୋ·······ବିବୃଣୁତେ ତନୁସ୍ବାମ୍' ର ବ୍ୟଂଗାତ୍ମକ ପ୍ରତିସାମ୍ୟ ବେଶ୍ କଳାତ୍ମକ ପ୍ରତୀତ ହୁଏ ।

ଉଚ୍ଚମାନର ଉପନ୍ୟାସ କେବେ ମଣିଷକୁ ଅବକ୍ଷୟମୁଖୀ କରାଏ ନାହିଁ । ଦେହାତୀତକୁ ଅନୁଭବ କରିବାର ଭାବ ପରି ମାନବାତ୍ମାନୁସନ୍ଧାନରେ ହିଁ କଳାର ସାର୍ଥକତା ଓ ପରିସମାପ୍ତି। ଉପନ୍ୟାସକାର ଶ୍ରୀ ଆଗ୍ରର୍ଯ୍ୟ ତେଣୁ କହନ୍ତି, ' **xxx** ଆଧୁନିକତାର ପରିଚ୍ଚୟ ହେଲା ସଂସ୍କାରମୁକ୍ତ ମନଟିଏ ନେଇ ମାନବାତ୍ମାର ଅନ୍ୱେଷଣ, ଆଉ ମାନବାତ୍ମାର ଅନ୍ୱେଷଣର ସ୍ଥାନ କେଉଁଠି ? ବଜାରରେ ? ଅଫିସରେ ? ଖବରକାଗଜ ପୃଷ୍ଠାରେ ? ଟି.ଭି. ପରଦାରେ ? ନା **xxx** ମାନବାତ୍ମାର ସ୍ଥାନ ଏତେ ବାହାରେ ନୁହେଁ ,ଖୁବ୍ ଗଭୀରରେ । ଏକବାରେ ଅଚେତନରେ, **'Collective Psyche'** ର ଘର ଯେଉଁଠି, ପ୍ରତ୍ୟେକ ମଣିଷ ମନର ଅତଳ ଗର୍ଭରେ, ଯେଉଁଠି ଧର୍ମ ବାସକରେ, ଭଗବାନ ବାସ କରନ୍ତି, ଯେଉଁଠି ସମସ୍ତ ପୃଥିବୀର ଅଗଣିତ ମାନବ ବାସକରନ୍ତି, ଅଗଣିତ ପଶୁପକ୍ଷୀ, ବୃକ୍ଷଲତା, କାଷ୍ଠ-ପାଷାଣର ଭାବମୟ ଆତ୍ମା ପୁରୁଷ ମାନେ, ଏକୀଭୂତ ହୁଅନ୍ତି **xxx**' ॥୪॥ ତେଣୁ ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ ଦେଖାଦେଇଥିବା ଆଧ୍ୟାତ୍ମିକ ଭାବସଙ୍କଟର ଚିତ୍ର ପରୋକ୍ଷରେ ଆଧ୍ୟାତ୍ମିକ ଅନୁସନ୍ଧିସାର ବ୍ୟଗ୍ରତାକୁ ହିଁ ବ୍ୟଞ୍ଜିତ କରୁଛି । ସେ ଦୃଷ୍ଟିରୁ ଶ୍ରୀ ଆଗ୍ରର୍ଯ୍ୟ ମଧ୍ୟ ମୁକ୍ତ ମନଥିବା ଜଣେ ମାନବାତ୍ମାର ଅନ୍ୱେଷଣକାରୀ ଆଧୁନିକ ଲେଖକ ଭାବେ ନିଜର ପରିଚ୍ଚୟ ଦେଇ ପାରିଛନ୍ତି । ଓଡ଼ିଆ ପାଠକର ପରିଚିତ ଓ ପ୍ରତିଷ୍ଠିତ ରୁଚି ବେଳେବେଳେ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ପଠନରେ ବ୍ୟାହତ ହୋଇଛି । ତଥାପି ଓଡ଼ିଆ ପାଠକ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସରେ, ବସ୍ତି ଇଲାକାର ଅନାବୃତ୍ତ ମଣିଷ ଜୀବନ, ତା ସହିତ, ମଣିଷର ଅନ୍ତଶ୍ଚେତନର ବହୁବିଧ ସଙ୍କେତକୁ ପ୍ରତ୍ୟକ୍ଷ କରେ । ଏହାହିଁ ସାମଗ୍ରିକ ଭାବେ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସର ବିଶେଷତ୍ୱ । ଔପନ୍ୟାସିକ ଶ୍ରୀ ଆଗ୍ରର୍ଯ୍ୟଙ୍କ ସମସାମୟିକ ଅନ୍ୟ କୌଣସି ଓଡ଼ିଆ ଔପନ୍ୟାସିକ ମଣିଷର ଅନ୍ତଶ୍ଚେତନକୁ ଏତେ ପ୍ରାଣପୂର୍ଣ୍ଣ ଓ ପ୍ରଭାବଦୀପ୍ତ କରି ଆଙ୍କି ପାରିନାହାନ୍ତି ।

ସର୍ବଶେଷରେ ଏତିକି କୁହାଯାଇପାରେ ଯେ, ପ୍ରାଚ୍ୟ ଚିନ୍ତାଚେତନା ଓ ପାଶ୍ଚାତ୍ୟ ଭାବଧାରାକୁ ନିଜ ସୃଷ୍ଟି ଧାରାରେ ଯଥାର୍ଥ ଆଧୁନିକ ରୀତିରେ ଉପସ୍ଥାପନ କରିବା ଦିଗରେ ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ଶାନ୍ତନୁ ଆଗ୍ରର୍ଯ୍ୟ' ଏକ ବଳିଷ୍ଠ ଓ ସଫଳ ପ୍ରତିଭା । ଉପନ୍ୟାସ ସମ୍ପର୍କରେ ଶ୍ରୀ ଆଗ୍ରର୍ଯ୍ୟଙ୍କ ନିଜସ୍ୱ ମତ, 'ସାହିତ୍ୟ ଜୀବନରୁ ସତ୍ୟ ଆହରଣ କରେ । ସତ୍ୟ ସ୍ୱଭାବତଃ

ISSN NO.
2582-208X

ଅପ୍ରୀତିକର । କିନ୍ତୁ ସେଥିରେ ଶିବ ଓ ସୁନ୍ଦରର ମିଶ୍ରଣ ଘଟିଲେ ତାହା ପ୍ରୀତିପ୍ରଦ ହୁଏ । ବୃହତ୍ତର ସମାଜର ମଙ୍ଗଳ ବିଧାନ କରେ ଏହି ଅପ୍ରିୟ ସତ୍ୟ ସହିତ ଶିବ ଓ ସୁନ୍ଦରର ମିଶ୍ରଣ ପ୍ରକ୍ରିୟାରୁ ଜନ୍ମନିଏ ଉପନ୍ୟାସ,'।୪ା ର ଯଥାର୍ଥ ଓ ସୁସ୍ପଷ୍ଟ ଉଦାହରଣ ହେଉଛି ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ସମୂହ । ଏହା ମଧ୍ୟ ତାଙ୍କ ଉପନ୍ୟାସ ପାଇଁ ସର୍ବଶ୍ରେଷ୍ଠ ମତାମତ ରୂପେ ଗ୍ରହଣ କରାଯାଇପାରେ ।

--------------000-------------

ଅନ୍ତଟୀକା-

୧- xxx ଉପନ୍ୟାସର ଜୀବନ ହେଲା କାହାଣୀ । କଥାଟିଏ କହୁଁ, କଥାଟିଏ କହୁଁ, କିସ କଥା ? ସେଇ କିସ କଥାର ନିର୍ବାଚ଼ନ କରେ ଆଇ ବୁଢ଼ୀ xxx ଆଗ କାହାଣୀର କଳ୍ପନା ତା ପରେ କାହାଣୀକୁ ପ୍ରବାହିତ କରିବାର ଚ଼ରିତ୍ର ଗୁଡ଼ିକ, ନାୟକ ନାୟିକା ମାନେ xxx ପାଠକ ପାଠିକା ମାନେ ଗୃହାନ୍ତି ମନକିଣା କାହାଣୀ xxx ' ।

କାହ୍ନୁଚ଼ରଣ ମହାନ୍ତି, 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚ଼ୟ' (ଅଭ୍ୟୁଦୟ ସାହିତ୍ୟ ସମାଜ) ପୃଷ୍ଠା- ୧୨/୧୪

୨-'ଦୀର୍ଘ ସାର୍ଦ୍ଧ ଦୁଇ ଶତାବ୍ଦୀ ବ୍ୟାପି ଅନୁଶୀଳନ ପରେ ଉପନ୍ୟାସ ଯେଉଁଠାରେ ଆସି ପହଁଚ଼ିଲାଣି xxx ତାହାକୁ ଅଣ ଉପନ୍ୟାସ କହିବା ହିଁ ସମୀଚ଼ୀନ ହେବ xxx ଏ ଉପନ୍ୟାସ ମାନଙ୍କରେ କୌଣସି କଥାଭାଗ ନାହିଁ ଘଟଣା ନାହିଁ, ଚ଼ରିତ୍ର ଚ଼ିତ୍ରଣ ନାହିଁ xxx ଏ ସବୁ ପୃଷ୍ଠା ପୃଷ୍ଠା ଧରି କେବଳ କେତେକ ଇନ୍ଦ୍ରିୟ ଲବ୍‌ଧ ଅନୁଭୂତିର ଦୁର୍ବୋଧ୍ୟ ବର୍ଣ୍ଣନା ମାତ୍ର । ଏବେ ଆଉ ସରଳରୈଖିକ ଉପନ୍ୟାସ ନାହିଁ xxx ' ।

ସୁରେନ୍ଦ୍ର ମହାନ୍ତି - 'ଉପନ୍ୟାସ ଏକ ଅଧ୍ୟୟନ' (ସୁରେନ୍ଦ୍ର ବିଚିତ୍ରା), ଫ୍ରେଣ୍ଡସ ପବ୍ଲିଶର୍ସ, ଦ୍ଵିତୀୟ ପ୍ରକାଶ- ୧୯୮୩, ପୃଷ୍ଠା- ୧୩୨ ।

୩- ଶାନ୍ତନୁ ଆଗ୍ରର୍ଯ୍ୟ, 'ଶାରଳା ପୁରସ୍କାର',(ଅଷ୍ଟମ ସାରସ୍ଵତ ଉବ ଉପଲକ୍ଷେ ପ୍ରଦତ୍ତ ଭାଷଣ)

୪- ଶାନ୍ତନୁ କୁମାର ଆଗ୍ରର୍ଯ୍ୟ, 'ସମ୍ବାଦ', ୧୨,୭,୧୯୮୭ ର ଏକ ସାକ୍ଷାତ୍‌କାର ।

୫- ଶାନ୍ତନୁ କୁମାର ଆଗ୍ରର୍ଯ୍ୟ, 'ଶାରଳାପୁରସ୍କାର' (ଅଷ୍ଟମ ସାରସ୍ଵତ ଉବ) ଉପଲକ୍ଷେ ପ୍ରଦତ୍ତ ଭାଷଣ, ୧୯୮୭ ।

ISSN NO.
2582-208X

## ସହାୟକ ଗ୍ରନ୍ଥସୂଚୀ

୧) କର ବାଉରୀବନ୍ଧୁ -
'ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ',କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର,କଟକ-୨,ପ୍ରଥମ ପ୍ରକାଶ- ୧୯୭୭ ।
୨) ଦାସ ରାଇଚରଣ (ସମ୍ପାଦକ)
(କ) 'ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ', ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ- ୧୯୮୧ ।
(ଖ) 'ଆଧୁନିକ ଅବବୋଧ', ଓଡ଼ିଆ ଗବେଷଣା ପରିଷଦ, କଟକ,ପ୍ରଥମ ପ୍ରକାଶ- ୧୯୮୩ ।
୩) ଦାସ ଅଭିନ ଚନ୍ଦ୍ର, 'ବୈଦିକ ସାହିତ୍ୟ ଓ ସଂସ୍କୃତି', ଗ୍ରନ୍ଥମନ୍ଦିର, କଟକ-୨,ଦ୍ୱିତୀୟ ସଂସ୍କରଣ- ୧୯୭୮ ।
୪) ଦାସ ଦାଶରଥୀ, 'ବିବିଧ ସମାଲୋଚନା', ଅଗ୍ରଦୂତ ପ୍ରକାଶନୀ, କଟକ-୨, ପ୍ରଥମ ସଂସ୍କରଣ- ୧୯୮୧ ।

## ଇଂରାଜୀ-

**1) Abrahms M.H. -"A Glossary To Literary Terms', Macmillan India Ltd. Delhi,Bombay, Calcutta, Madras, Third Edition-1981.**

**2) Akkins John, "Sex in Literature', The Erotic Tmpulse in Literature,Grove Press, New York, 1966.**

**3) Allot Miriam, ' "Novelists on the Novel', Routledge and Kegan paul.,London-1956.**

**4) Beach J. W., ;'"Twentieth Century Novel',India-1965.**

**5) Ebbatson Roger, "Lawrence and The Nature' Tradition, A Theme in English Fiction(1859-`9`4), Harvester Press Sussex, 1982.**

---------------000----------------

ବିଭାଗୀୟ ମୁଖ୍ୟ
ଉପାଧ୍ୟକ୍ଷର ଓଡ଼ିଆ ବିଭାଗ
କୋହ୍ଲଣ ବିଶ୍ୱବିଦ୍ୟାଳୟ,ଝାଡ଼ଖଂଡ଼

ISSN NO.
2582-208X

# କର ସୁଧିଜନେ ଚନ୍ତନ

(ସୁମାଧବ ଚଉତିଶା)



ଡ. ଅର୍ଜୁନ ଚରଣ ବାରିକ୍

ଠୂଳ ଶୂନ୍ୟ ପରେ ନିବାସ ଶ୍ରୀହରି ଜଗଦୀଶ ।
ଠାବ ଶ୍ରୀପୟର ଦର୍ଶନ୍ତୁ ଭକ୍ତଙ୍କୁ ପୀତବାସ ।୨୩।
ଠକ ନଯିବୁ ଯେବେ ମନ ଭଜ ରମାବିଳାସ ।
ଠଉର୍‌ଇ ଭକତ ମନ ଧନ ଦିଏ ରମେଶ ।୨୪।
ଡର ନାହିଁ ଆହେ ସାଧବ ଦେହିଣ ଭବବନ ।
ଡାକୁ ସରଦାର ଶ୍ରୀଧର ନାମ କର ଧ୍ୱନ ।୨୫।
ଡାକ ସେ ଶୁଣନ୍ତୁ ଇତର ଜୀବ କଲେ ସ୍ମରଣ ।
ଡାଳ ସକଳ ଦେବ ମୂଳ କୃଷ୍ଣ ରାଧା ମୋହନ ।୨୬।
ଢାଳ ମନ ପର୍‌ଶ ସଦା ହରି ଚରଣ ତଳ ।
ଢଳ ଢଳ ଦେଖ ସାଗର ଜଳ ଲହରୀ ମାଳ ।୨୭।
ଢକା ବଜା ପ୍ରଭୁ ଶ୍ରୀଧର କୃଷ୍ଣ ବାଳ ଗୋପାଳ ।
ଢମ ପଣ ଛାଡି ବିଦୂଷେ ଚନ୍ତ ନନ୍ଦ ଦୁଲ୍‌ଳ ।୨୮।
ନବନୀତ ଚୋର ଶ୍ରୀକୃଷ୍ଣ କେଶବ ନାମ ଯାର ।
ନକରିଣ ଡେରି ଭଜନ କର ଛନ୍ଦା ପୟର ।୨୯।
ନମ ହରି ପଦ ଆପଦ ବିଷାଦ ହେବ ଦୂର ।
ନରହରି କଳା ବାମନ କୃଷ୍ଣ ନନ୍ଦ କୁମର ।୩୦।
ତରୁଣ ଅରୁଣ କାନ୍ତ ଶ୍ରୀଧର ବିଶ୍ୱନାୟକ ।
ତ୍ରଇଲୋକ କରେ ପାଳନ ଚଉବର୍ଗ ଦାୟକ ।୩୧।

ISSN NO.
2582-208X

ତରଣୀ ସେ ଭବ ସିନ୍ଧୁର ପରେ ହୋଇ ନାବିକ ।
ତରକକୁ ଦୂର ନନ୍ଦ କୁମର ପୁଣ୍ଡରୀକାକ୍ଷ ।୩୨ ।
ଥୟ ହୋଇ ଚନ୍ତ ମନ ଶ୍ରୀକୃଷ୍ଣ କୃପା ସାଗର ।
ଥଣ୍ଡା ତାହାର ପିରତି ନୀଳମଣି ରାଧା ବର ।୩୩ ।
ଥରକୁ ଥର ଶ୍ରୀଧର ନାମକୁ ନରେ ସୁମର ।
ଥକା ମନ ଯାଇ ଦେଖ ଶ୍ରୀହରି ରଙ୍ଗା ପୟର ।୩୪ ।
ଦନୁଜ ନାଶନ ହରି ନୀଳ କନ୍ଦର ଶୋଭନ ।
ଦୟଣା ମାଳ ଭୂଷଣ ଶ୍ରୀକୃଷ୍ଣ ଯଦୁନନ୍ଦନ ।୩୫ ।
ଦଣ୍ଡ ସେ କରି ପାରଇ ହରି ଚଉବର୍ଗ ମାନ ।
ଦଇତାରୀ ମଧୁହାରୀ କଂସ ବେଶୀ ନସୂଦନ ।୩୬ ।
ଧଣ୍ଡା ମାଳଆ କାଳଆ ଶ୍ରୀହରି ଭକ୍ତ ଭୋଳଆ ।
ଧରଣୀ ଧାରଣ ହରି ଶ୍ରୀକୃଷ୍ଣ ବନମାଳଆ ।୩୭ ।
ଧୃତ ମକଳ କୁଣ୍ଡଳ ଶୋଭି କଉସ୍ତୁଭ ହୀଆ ।
ଧନ୍ୟ ସେ କଳାବାମନ ଧନ୍ୟ ତାର ଠାଣି ଠିଆ ।୩୮ ।
ନମସ୍ତେ ଭକତ ସୁଖ କଳାକର କଳାମୁଖ ।
ନମିଲେ ହରି ପୟର ନରହଇ ଭବ ଦୁଃଖ ।୩୯ ।
ନକରି ହେଳା ଭଜନ କର ହରି ପଙ୍କଜାକ୍ଷ ।
ନୃହରି ଦଧିବାମନ ସକଳ କରଣେ ଦକ୍ଷ ।୪୦ ।
ପତିତତାରଣ ହରି ମନ ମୋହନ ମୁରାରୀ ।
ପାବନ ଯାହାର ନାମ ଧାମ ଶିରୀ କ୍ଷେତ୍ର ପୁରୀ ।୪୧ ।
ପଦକର ତା ନଥାଇ ତାରିପାରେ ଭବ ବାରି ।
ପୂର୍ଣ୍ଣ ବ୍ରହ୍ମ ଘନଶ୍ୟାମ ନାମ ଯାହାର ଶ୍ରୀହରି ।୪୨ ।
ପଂଗୁ ରସିଆ ମାଧବ ଦୀନବାନ୍ଧବ କେଶବ ।
ଫଳଦାତା ଏକା ସେହି ଭାବଗ୍ରାହୀ ବାସୁଦେବ ।୪୩ ।

କ୍ରମଶଃ.......

ସାଃପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ସ୍ୱପ୍ନ ମୋହିନୀ



ଦିବାକର ନାୟକ

ଆଖି କବାଟରେ ମୋର
ଠକଠକ କିଏ କଲା
ନିଦକୁ ପଠାଇଥିବ
ପ୍ରିୟା ସଞ୍ଜେ କହିଥିଲା (୦)

ପେଟ ପୋଷିବାକୁ ମୁଁ ଯେ
ହେଲି ପରଦେଶୀ
ଘର କି ଚଳନ୍ତା ମୋର
ଘରେ ଥିଲେ ବସି;
ନ କୁହନ୍ତା କିଏ ମୋତେ
ଭାରି ଅଳସୁଆ
ହେଲେ ପ୍ରିୟା କହେ ନିତି
ଭାରି ଅମାନିଆ;

ଏମିତି ପ୍ରିୟାର କଥା
କିଏ ବା ଭୁଲିବ ଭଲା
ସତରେ ନ ହେଲେ ନାହିଁ
ସପନେ ଆସିଲେ ଗଲା..

ISSN NO.
2582-208X

ଆଖି କବାଟରେ ମୋର
ଠକଠକ କିଏ କଲା (୧)

ଆଜି ବି ପଠାଇଥିବ
ନିଦ ସେଥିପାଇଁ
ନିଦ ହେଲେ ସପନରେ
ହେବୁ ଛୁଆଁଛୁଇଁ;
ସପନ ମୋ ସଞ୍ଜୀବନୀ
ପ୍ରିୟା ଥିଲେ ଦୂରେ
ସାରା ଦିନର ଅବଶ
ଏମିତି ସେ ହରେ;

ଯେଉଁ ପ୍ରିୟା ମୋତେ ଏତେ
ନିତି ବୁଝି ପାରୁଥିଲା
ନିଦରେ ସପନେ ଆସି
ରାତି ସାରା ରହୁଥିଲା..
ଆଖି କବାଟରେ ମୋର
ଠକଠକ କିଏ କଲା (୨)

ଆକାଶବାଣୀ ଗୀତିକାର
ପାଟପୁର, କନସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ, ମୋ-୯୯୩୮୭୧୯୯୮୧

ISSN NO.
2582-208X

# ନୀତି ନୈମିତ୍ତିକୀ
# *ଚତୁର୍ଥ ତରଙ୍ଗ*



ଶେଷଦେବ ପଣ୍ଡା

-1-

ପରନିନ୍ଦା ପରଚର୍ଚ୍ଚା ପରଈର୍ଷା
କରେ ଅବିବେକୀ ଜନ,
ଆତ୍ମୋନ୍ନତି ଆତ୍ମସମୀକ୍ଷଣ କାର୍ଯ୍ୟେ
ରତ ଯେ ବିବେକୀ ପୁଣ ।

-2-

ହାତର ସାହାଯ୍ୟ ମନର ଆଘାତ
ମଣିଷ କି ପାରେ ଭୁଲି,
ଜୀବ ଥିବାଯାଏ ଗୁଣି ହେଉଥାଏ
ଅନ୍ତର ଭିତରେ ଖାଲି ।

-3-

ରତ୍ନ ଅଳଙ୍କାର ହୁଅଇ ମାର୍ଜିତ
ଘର୍ଷଣ ତାକୁ କରିଲେ,
ମାନବ ଚରିତ୍ର ଉଜ୍ଜ୍ୱଳ ହୁଅଇ
ସମସ୍ୟା ସହ ଯୁଝିଲେ ।

ISSN NO.
2582-208X

-4-

ଅତି ଆଲୋକରେ ଆଖି ନ ଦିଶଇ
ଧନାଧିକ୍ୟେ ମତିଭ୍ରମ,
ଅତି ଲବଣରେ ସ୍ୱାଦଭ୍ରଷ୍ଟ ଯେହ୍ନେ
ଅଶୁଦ୍ଧ ହୁଏ ବ୍ୟଞ୍ଜନ ।

-5-

ଅପେକ୍ଷା କରନା ଭବିଷ୍ୟତେ ବଡ
ସୁଯୋଗ ଆସିବ ବୋଲି,
ବର୍ତ୍ତମାନ ଥିବା ସାନ ସୁଯୋଗର
ସୁବିଧା ନ ଦିଅ ଟାଳି ।

-6-

ଅମର ହୋଇ ତୁ ପାରିବୁନି ବାବୁ
କୃତି ତୋ' ହେଉ ଅମର,
ସମୟ ସୈକତେ ଆଙ୍କ ପଦଚିହ୍ନ
ଶରୀର ଗୋଟି ନଶ୍ୱର ।

-7-

ମଧୁପାନ ବେଳେ ମଧୁମକ୍ଷୀ ଥାଏ
ନୀରବ ଏକାଗ୍ର ସ୍ଥିର,
କର୍ତ୍ତବ୍ୟ ପାଳନେ ଏହି ଦିବ୍ୟ ଗୁଣ
ଅନୁସରିବ କି ନର ।

-8-

ବିଚିତ୍ର ଅଟଇ ମଣିଷ ବେଭାର
ଦେଖି ଲାଗେ ଆଚମ୍ବିତ,
ଗୀତା ଧରି ତାହା ମିଛ କହିଯାଏ
ବୋତଲ ଧରିକି ସତ୍ୟ ।

ISSN NO.
2582-208X

– ୨ –

ପିକ ହୋଇଥାଏ ବାବଦୂକ ସିନା
ବସନ୍ତର ଆଗମନେ,
ଉଲୁକ ଲୁଚଇ ବୃକ୍ଷ କୋଟରରେ
ନୀରବ ନିଥର ସ୍ୱନେ ।

– 10 –

ସ୍ୱାର୍ଥ କି ସର୍ତ୍ତରେ ବନ୍ଧା ଯେ ସମ୍ପର୍କ
ଅଟେ ସେ ପାଣିର ଗାର,
ଶ୍ରଦ୍ଧା ବିଶ୍ୱାସରେ ଗଢିଲେ ସମ୍ପର୍କ
ସେ ସିନା ଚିର ଅମର ।

(କ୍ରମଶଃ....)

ସ୍ନାତକ ଶିକ୍ଷକ (କଳା)
ସ୍ୱର୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ମଧୁମାସ



ପ୍ରଭାତ ନଳନୀ ସାହୁ

କାହା ପାଇଁ ଆଜି ପାଦପେ ପାଦପେ
ନବ କିଶଳୟ ଶୋହେ,
ଶିମିଳି ଫୁଲଟି ରଙ୍ଗ ମାଖି ଦେହେ
ସବୁରି ମନକୁ ମୋହେ।
ନାରଙ୍ଗୀ ରଙ୍ଗରେ ଦେହକୁ ସଜେଇ
ହସ ବିତରେ ପଳାଶ,
ଓଠ ନାଲି କରି ପେନ୍ଥା ପେନ୍ଥା ଦେଖ
କୃଷ୍ଣଚୂଡାର ବିକାଶ।
ବଉଳର ବାସ ଚହଟିଯାଏରେ
ମୁହଁ କାଢେ ଆମ୍ବଚଣା,
ଚଗଲା ମଳୟ ଥିରି ଥିରି ବହି
କରିଦିଏ ଆନମନା।
ଫୁଲର ଗହଣା ଭେଟିଦିଏ କିଏ
ସୁରଭି ଚହଟିଯାଏ,
ପାଗଳ ମଧୁପ ଗୁଞ୍ଜନ ତୋଳି
ପ୍ରେମର ଗୀତିକା ଗାଏ।

ISSN NO.
2582-208X

ରଙ୍ଗର ପସରା ହାତେ ଧରି କିଏ
ଆସିଛି ମରତ ଭୂଇଁ,
କାହାପାଇଁ ଏତେ ଉଲ୍ଲାସ, ଉଚ୍ଛ୍ୱାସ
ସବୁ ମନ ଯାଏ ଛୁଇଁ।
ପ୍ରୀତି-ପାରାବାରେ ହଜାଏ କିଏସେ
ମତୁଆଲା କରେ କିଏ,
ଭୂମିରୁ ଭୂମାକୁ ରଙ୍ଗର ବର୍ଣାଳୀ
ଶିହରଣ ଭରିଦିଏ।
ମଧୁଠୁ ମଧୁର ପ୍ରୀତି-ମଧୁ ତାର
ପ୍ରେମ ପିଆଲାରେ ଢାଳେ,
ମଧୁମାସ ଏ ଯେ ରଙ୍ଗ ବରଷଇ
କୁହୁକୁହୁ ଗୀତ ତାଳେ।
ମଧୁର ମଧୁର ପ୍ରୀତି ସମ୍ଭାଷଣ
ସ୍ୱାଗତ କରୁଛୁ ବଂଧୁ,
ତୁମ ଆଗମନେ ଝରିଆସୁ ନିତ୍ୟ
ଶାନ୍ତି, ମୈତ୍ରୀ, ପ୍ରୀତି-ମଧୁ।

ଛେଣ୍ଡ କଲୋନୀ
ରାଉରକେଲା-୧୫

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## କୈଶୋର ଉମଙ୍ଗ

(୧)

ଦୀର୍ଘ କୋଡ଼ିଏ ବର୍ଷ ବାଦ ମାଳତୀ ତା' ଜନ୍ମ ସ୍ଥାନକୁ ଯାଇଛି । ଏଇଠି ସେ ତେରଟି ବର୍ଷ କଟେଇ ଦେଇଥିଲା । କେତେ ମିଠା, କେତେ ତିକ୍ତ ସ୍ମୃତି । ସେଇଦିନ ସେଇ ଯେ ରାହା ଧରି କାନ୍ଦି କାନ୍ଦି ସବାରିରେ ଭାଲୁ ସାଙ୍ଗରେ ବସି ଗାଁ ଛାଡ଼ିଥିଲା, ତାପରେ ପୁଣି ଥରେ କେତେ ବର୍ଷ ପରେ ଆସିଥିଲା । ଯେଉଁଦିନ ସଭିଏଁ ମୁଣ୍ଡ ପିଟି ପିଟି କାନ୍ଦୁଥିଲେ । ବାପାଙ୍କର ଦେହାନ୍ତ । ଅବଶ୍ୟ ସେଦିନ ସେ ସବାରି ଭିତରେ ଭାଲୁ ସଂଗେ ବସି ଆସି ନ ଥିଲା । ଆସିଥିଲା ଗୋଟେ ଚାରିଚକିଆ ଜିପ୍ ଗାଡ଼ିରେ । ପାଖରେ ବସି ଥିଲେ ସ୍ୱାମୀ ମଧୁସୂଦନ । ବାପାଙ୍କୁ କୋକେଇରେ ଶୁଆଇ ବାଲୁ ଭାଇନା ତାଙ୍କ ଓପର ଧଳା ଲୁଗା ଖଣ୍ଡକୁ ସଜାଡୁ ଥିଲା । ମଢ ଉପରେ "ବାପା' କହି କଚାଡ଼ି ପଡ଼ିଥିଲା ମାଳତୀ ।

ସେଥର ଆସିବାଟା ଥିଲା ପୁରାପୁରି ବେଦନା ଜନକ । ବାପା ଚାଲି ଯାଇଛନ୍ତି । କୁହାଯାଏ ବାପ ଚାଲିଗଲେ ପିଲାଙ୍କ ମୁଣ୍ଡରୁ ଛତା ଚାଲିଯାଏ । ଉପରକୁ ତା ଜୀବନର ପ୍ରଥମ ତଥା ଗୋଟାଏ ମହା ସଂଘର୍ଷ ଚାଲିଥିଲା । ସେତେବେଳେ ଗାଁରେ ସବୁ କ'ଣ ବଦଳିଛି ସେ ସବୁ ଦେଖିବାର ଉତ୍ସାହ ଉତ୍କଣ୍ଠା କିଛି ନ ଥିଲା । ହେଲେ ଆଜି.... ଆଜି ସେ ସେଇ ଗାଁକୁ ଆସିଛି ତାର ଛୋଟ ପରିବାର ସ୍ୱାମୀ, ପୁଅଙ୍କ ସାଂଗେ । କେବଳ ସେତିକି ନୁହେଁ, ଗରମ ତେଲ କରେଇରେ ଭାଜି ହେଉଥିବା ଜଣେ ମଣିଷକୁ ଉଦ୍ଧାର କରିବାକୁ ସେ ଆସିଛି । ସଞ୍ଜ

ISSN NO.
2582-208X

ହେଇ ଆସୁଥିଲା । ତଥାପି ମଧ୍ୟ ଜହ୍ନ ଆଲୁଅରେ ସବୁ କିଛି ତୋଫା ଦେଖାଯାଉଥିଲା । ଦାଣ୍ଡ ବାଡ଼ିର କରମଙ୍ଗା ଗଛଟା ନାଁକୁ ମାତ୍ର ମୁଣ୍ଡ ଟେକିଛି । ଗୋଟେ ବୋଲି ଫଳ ନାହିଁ । ହେଲେ ଖଳା ବାଡ଼ିର ସେଇ ମୁଚୁକୁନ୍ଦ ଗଛଟା । ସତେ ଯେମିତି ଗଗନକୁ ଚୁମିବାର ପ୍ରୟାସ କରୁଛି । ଗୋଟାଏ ଅଧେ ଫୁଲ ବି କୋଉଠି କାଁ ଭାଁ ପତର ସନ୍ଧିରେ ମୁହଁ ଗୁଂଜିଛନ୍ତି । ଏଇ ଗଛୁଟାକୁ ବାଦ ଦେଲେ ବାଡ଼ି ବଗିଚା ସବୁ ନାରଖାର । ଫାଟକ ପାଖ ଚାଉଳିଆ ଗଛରୁ ଗୋଟେ ବଡ଼ ପାଚିଲା ଚାଉଳିଆ ତୋଳି ଆଣି ଅମର କହୁଥିଲା । "ଆଇ ଦେଖିଲ କେତେ ବଡ଼ ପିଜୁଳିଟାଏ ।"

ଦେଖିଲୁ ତ ମାଲୁ କେତେ ବର୍ଷ ହେଲା ଗଛୁଟା ଆଉ ଫଳ ଦୋଉ ନଥେଲା । ନାତି ଟୋକା ଆଉଛି ବୋଲି ଖୁସିରେ ଗୋଟେ କିମିତି ଆସି ଯାଇଚି ।

ବାଡ଼ି ବଗିଚା ଇମିତି ନାରଖାର ହେଇ ପଡ଼ିଛି । ବାଲୁ ଭାଇନା, ଭାଲୁ କାହା ଆଖିକୁ ଆସୁନି ବୋଉ । ସପୁରୀ ବୁଦା ପାଖକୁ ମୁଁ ଯୋଉ ମାଳତୀ ଗଛଟା ଲଗେଇଥିଲି ସେଇଟା କ'ଣ ମରିଗଲା ।

ନାଁ ଲୋ ମାଲୁ । ସେଇଠି ସିମିତି ଠିଆଟା ହେଇଚି । ହେଲେ ଫୁଲ ଦବା ବନ୍ଦ କରି ଦେଇଚି। ସଂସାରର ମହକ ଉଡ଼ି ଯାଇଚି ପରା । ଏ ଗଛ ବୁରୁଛଙ୍କୁ କିଏ ପଚାରେ । କାଲି ଦିନରେ ଦେଖିବୁ ।

ସେଇ ବାଡ଼ରେ ଆଉ ଗୋଟେ ଯୋଉ ଲଟା ମାଡ଼ିଛି ତାକୁ କିଏ ନଗେଇଲା ବୋଉ ?

ତୋ ବାପା ତାକୁ ନଗେଇଥିଲେ । କୋଉଥେଲେ, ମାଳତୀ ଫୁଲ ନଦେଲା ନାହିଁ ଏଇଟା ଆମ ଅଗଣାକୁ ଚମକେଇ ଦେବ । ଆଉ ଟିକିଏ ଭଲକି ସଞ୍ଜ ହେଇଯାଉ ତାରା ଫୁଲ ପରି ମାଳ ମାଳ ହେଇ ଫୁଲ ସବୁ ଫୁଟି ଉଠିବେ । ଦରଫିଟା କଢ଼ରୁ ବାସନା ଆସିବା ଆରମ୍ଭ ହେଇଗଲାଣି ।

ସେ ଗଛ ନାଁ ଜାଣିଛୁ ତ ?

ISSN NO.
2582-208X

ନାଁ ଲୋ ମାଲୁ, ସିଏ ତ କାଠଗଡ଼ା ଖଣ୍ଡେ ହେଇ ପଡ଼ି ରଇଲେ । ତାଙ୍କୁ ଆଉ କ'ଣ ପଚାରିଥାନ୍ତି ?

ତା' ନାଁ ହେଲା ମଧୁ ମାଳତୀ ।

ମାଳତୀ ହୋଉ ବା ମଧୁମାଳତି, ସବୁକୁ ତ ଏବେ ଛିଃ କରିଦେଇ ମତେ ଯିବାକୁ ହବଲୋ ମାଲୁ ।

ମନ ଊଣା କରନା ବୋଉ, ଯୋଉଠିକି ଯାଉଚୁ ସେଠି ସେ ଗଛ ଗୁଡ଼ାକ ଭର୍ତ୍ତି । ଦିନ ରାତି ବସି ମନ ଭରିବୁ । ଜଜମ ନଗେଇଥିଲେ ।

କ'ଣ ଏତେ ଦେଖୁଛୁ । କାଲି ଦିନଟା ପୁରାପୁରି ପଡ଼ିଛି । ଯା' ଲୁଗାପଟା ବଦଳେଇ ଖାଇବା ବାଢ଼ । କହୁଥିଲୁ ନା ବୋଉଙ୍କୁ ବଘରା ମୁଗ ଡାଲି ବଡ଼ି ଚୁରା ବହୁତ ପସନ୍ଦ । ବରି ନନା ଦୋକାନରୁ ବନ୍ଧେଇ ଆଣିଛି, ଥଣ୍ଡା ହେଇଯିବ । ଶାଶୁଙ୍କ ପାଦରେ ମୁଣ୍ଡିଆଟାଏ ମାରୁ ମାରୁ କହିଲା ମଧୁସୂଦନ ।

ଅମର ଭିତରକୁ ଚାଲିଗଲା ପରେ ମଧୁସୂଦନ ଆରମ୍ଭ କଲା, “ଦୁଆର ମୁହଁ ପାଖକୁ ଏ କଳା ବେଗୁନିଆ ଗଛଟା ଶୁଖି ପଡ଼ିଚି । କେତେବେଳେ ମରିଯିବ କହି ହବନି । ରାତିରେ ତ ଗଛ କଟା ଯାଏନା, କାଲି ସକାଳେ ମତେ "କତା' ଖଣ୍ଡେ ଦବ ବୋଉ । ମୁଁ ତାକୁ ହାଣି ଠିକ୍ କରିଦେବି ।

ତମେ କାଇଁକି ଛାନିଆ ହୋଉଚ ଜୋଇଁ ବାବୁ । ସିଏ ତା କରାମତି ଦେଖେଇ ସାରିଲାଣି । ସବୁଦିନ ପାଇଁ ବାଲୁ ବାପାଙ୍କୁ ନେଇଗଲା । ଏ ଅଲୋଡ଼ା ଜୀବନଟାକୁ ନେଉନି କାହିଁକି କେଜାଣି ? ମତେ ହେଲେ ନେଇ ଯାଇ ଥାଆନ୍ତା ।

ତୁମୁକୁ ତ ମଧୁ ମାଳତୀ ଗଛ ଦୋଳି ଖେଳେଇବାକୁ ବସିଲାଣି । ସେ ଅମଙ୍ଗଳିଆ ଗଛଟା କଥା କାଇଁକି ମନେ ପକୋଉଚ !

ISSN NO.
2582-208X

ରାତି ଖାଇବା ଶେଷ କରି ବାପ ପୁଅ ଶୋଇ ପଡ଼ିଲେ । ମା' ଝିଅ ଦିହେଁ ବିଛଣାରେ ପଡ଼ିଥିଲେ ସତ ହେଲେ ଦୁହିଁଙ୍କ ଆଖିରେ ନିଦ ନ ଥିଲା । ଦୁଃଖ ସୁଖ ହେଉ ହେଉ କେତେବେଳେ ପାହାନ୍ତିଆ ପହର ହେଇଗଲା ଜଣା ପଡ଼ିଲାନି । ଦାଣ୍ଡ ବାଡ଼ିରୁ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ । କୋଉଠି ଥିଲା ଅଣ୍ଡିରା କୁକୁଡ଼ାଟା, ଗାଇ ଉଠିଲା ତା ଭାଷାରେ 'କୁ କୁ କୁ .... କୁ ।' ମୁଚୁକୁନ୍ଦ ଗଛ ଓପୁରୁ କପୋତଟି ଯେମିତି କାନ୍ଦୁରା ଗଳାରେ କୋହୁଥିଲା, 'ସେର ପୁରିଲା, ମାଣ ପୁରିଲା ଉଠରେ କପୋତ...' ଆକାଶରେ ଝାଉଁ ବଣ ସେପାରିରୁ ସୁରୁଜ ଚିହିଙ୍କିଲା । ପୂରୁବ ଦିଗରୁ ନାରଙ୍ଗୀ ରଙ୍ଗର କିରଣ ବିଞ୍ଚି ହେଇ ଆସୁଛି । ନୈରୁତ କୋଣର ଆକାଶଟାରୁ ବି କେତେଟା ଭାଗ ଉଜ୍ଜ୍ୱଳ କରି ଦେଉଛି। ଦାଣ୍ଡ ପିଢ଼ା ଓପରେ ବସି କାଉ କେଇଟା କୋହୁଛନ୍ତି କା... କା....କା.. ।

ସକାଳ ହେଇଗଲାଣି ଲୋ ମାଲୁ । ତୁ ଘଣ୍ଟେ ଶୋଇ ପଡ଼ । ମୁଁ ଯାଏ ଦେଖେ ।

ତୁ ବି ଟିକିଏ ଶୋଇପଡ଼ ବୋଉ । ଦିହ ଖରାପ ହେଇଯିବ ।

କି କଥା କୋଉଚୁ । ସୁରୁଜ ଦେବତାଙ୍କୁ ବେଖାତିରି କରି ମୁଁ ଆଉ ଥରେ ବିଛଣା ଧରିବି !!

ତେବେ ମତେ କେମତି ଶୋଇବାକୁ କୋହୁଛୁ ?

ତମେମାନେ ଆଜିକାଲିକା ପିଲା । ତମମାନଙ୍କ ପାଇଁ ନଗା ନା ପଘା । ଆମେ ହେଲୁ ପୁରୁଣା କାଳିଆ । ତୋ ବାପା ଜେଜେ କୋଉଥିବା "ବ୍ରାମ ମୁହୁଁତୁଟାକୁ' ଆମେ ଚିହ୍ନୁ ।

"ବ୍ରାହ୍ମ ମୁହୂର୍ତ୍ତ" ବୋଉ
ହଁ ସେଇଆ, ମୋ ଜିଭରେ ନେଉଟୁନି ।

ସକାଳୁ ସକାଳୁ ଗାଧୁଆ ପାଧୁଆ କରି ବାପ ପୁଅ ଦିହେଁ ଭଲ ଜାମା ପଟା ପିନ୍ଧି ଯେମିତି ସାକ୍ଷାତକାର ଦେବା ପାଇଁ ଜଗି ବସି ରହିଲେ । ଅମର ପ୍ରଥମ ଥର ପାଇଁ ଗାଁ ମାଟି ମାଡ଼ିଛି। ମଧୁସୂଦନ ବହୁବାର ଆସିଥିଲେ ମଧ୍ୟ ଏଥର ଆସିବାଟା ନିଆରା । ଗାଁ

ISSN NO.
2582-208X

ମୁଖିଆମାନେ ତାକୁ ଘେରି ବସିଥିଲେ । ଭିଟାମାଟି ଛଡ଼େଇ ବାଲୁବୋଉକୁ ତମେ ନେଇଯିବ ଜୋଇଁ ବାବୁ ।

ଧୀର ସ୍ୱରରେ ମଧୁସୂଦନ ଉତ୍ତର ଦେଲା, ଯାହାର ପ୍ରକୃତ ଭିଟାମାଟି ସିଏତ କେବେଠୁ ଗଲେଣି । ବୋଉ ୟାକୁ ଗ୍ରହଣ କରିଛନ୍ତି ମାତ୍ର । ତା' ଛଡ଼ା ସିଏ ତ ତାଙ୍କ ଜନ୍ମକଲା ପିଲା ପାଖକୁ ଯାଉଛନ୍ତି ।

ଏଇମିତି ସାକ୍ଷାତକାରରେ ବ୍ୟସ୍ତ ରହି ମଧୁସୂଦନ ପୁରାପୁରି ମଜ୍ଜି ଯାଇଥିଲା । ଗାଁର ମୁଖିଆମାନେ ଘେରିଛନ୍ତି । ଟୋକା, ପିଲାଗୁଡ଼ାକ ଭରସି ଆସି ପାରୁନଥିଲେ । ସହରର ବଡ଼ ଅଫିସର, ଗାଁର ଜୁଆଇଁ ହେଲେ ତ କ'ଣ ହେଲା । ଦିପହର ଖାଇବା ପରଠାରୁ ଆରମ୍ଭ ହେଇଗଲା ଅମରର ସାକ୍ଷାତକାର । ଅମରଠାରୁ ବୟସରେ ସାନ କେଇଟା ଟୋକା କୋହୁଥିଲେ, “ସହରଟା ଦେଖିବାକୁ କ'ଣ ଭୋଉତୁ ସୁନ୍ଦର । ସହରି ଲୋକମାନେ ସତରେ ସେନେହ ଶରଧାକୁ ‘ଗାଉଁଲି’ ବୋଲି ଆଖ୍ୟା ଦେଇଥାନ୍ତି ।” ସମ୍ପର୍କୀୟ ପୁତୁରା ଘାଲୁଆ ଅମରଠାରୁ ବୟସରେ ବେଶ୍ ବଡ଼ ହେଲେ ମଧ୍ୟ ସମ୍ପର୍କରେ ଅମର ପୂଜ୍ୟସ୍ପଦ । ପ୍ରଶ୍ନ କଲା, “କହିଲ କାକୁ ସହରରେ କ'ଣ ସବୁ କିଛି ଆମ ଗାଁ ଠୋଉଁ ନିଆରା । ହେଲେ ଦେଖିଲ, ନାଁ ଦବାରେ କେତେଟା ମେଳ ରହିଛି । ସେଇ ଏକା କଥା, ହେଲେ ବଡ଼ ପିଇସୀ ନାନୀ, ବଡ଼ ପିଇସା କେତେ ଭାବି ଚିନ୍ତି ନାଁ ଦେଇଛନ୍ତି । ଆମ ଗାଉଁଲିଆମାନଙ୍କ ଭଳି ଦେହସାରା ବାଳ ତ ବାଲୁଆ, ନାଳ ଗଡୁଥିଲେ ନାଲୁଆ, ବୋହୁତୁ ମୋଟା ହେଇଥିଲେ ଭାଲୁଆ ଦିନ ରାତି ଘାଲେଇ ପଡୁଥିଲେ ଘାଲୁଆ । ସେମାନେ କେତେ ଯତନରେ ନାଁ ଦେଇଛନ୍ତି ଅମର । ମାନେ ଯିଏ କେବେ ମରିବନି ।” ସେଇ କଥା ଉପରେ ପୁଣି ଆରମ୍ଭ ହେଇଗଲା କେତେ କେତେ ଆଲୋଚନା । ଧୂଳିଆ ଭାଇନା ଆରମ୍ଭ କଲା । ସେ କଥା କେମିତି ହେବ । ମର୍ତ୍ତ୍ୟ ମଣ୍ଡଳେ ଜନ୍ମ ହୋଇ, ଦେବତା ହେଲେ ବି ମରଇ । ଭାଗବତ ପଢ଼ିବନି, ଜାଣିବ କେମିତି ?

ତୋର ଯେତେ ଅପରଛନିଆ କଥା ଧୂଳି ଭାଇନା ବଡ଼ ପିଇସୀ ନାନୀ ସିନା ଅପାଠୋଇ, ବଡ଼ ପିଇସା । କେତେ ପାଠୁଆ କହିଲୁ ! ସେ ପା କ'ଣ ଗୋଟେ ବି.ଡ଼ି.ଓ. ଅଛନ୍ତି ।

ISSN NO.
2582-208X

ହଁ ବା, କକେଇ ବି ସେଇ କଥା କୋଉଥିଲେ, ବିଡ଼ି ବେପାର । ଭଲ ଗଣ୍ଡାଏ ପଇସା ।

ବିଡ଼ି ବେପାର, ଓ... ହଁ, ଦୋକତା ବେପାର ବି ହେଇଥେବ ।

ନାଇଁ ବା ଆଉ କ'ଣ ହେଇଥେବ । ଆମ ହାତରେ ବିଡ଼ି ଖଣ୍ଡେ ଦେଖିଲେ କକେଇ ନାଇଁ ନ ଥିବା ରାଗ କରନ୍ତି । ଆଉ ତାଙ୍କ ଜୁଆଁଇ ପିଲାଟା ବିଡ଼ି ବେପାର କରୁଛି ।

ତୁ ଗୋଟେ ଅକାଳ କୁଷ୍ମାଣ୍ଡରେ ମାଗୁଣି, ବିଡ଼ି ବେପାର ନୁହେଁ । ଭି.ଡ଼ି.ଓ ଦୋକାନ ହେଇଥେବ । ଆଜିକାଲି ସହରମାନଙ୍କରେ ପରା କ'ଣ ସବୁ ଭି.ଡ଼ି.ଓ.ରେ ଯାତରା, ଗୀତ, ନାଟ, ସବୁ କିଛି ଦେଖା ଯାଉଛି ।

କିଶୋର ମାନଙ୍କର କଥା ଶୁଣି ଖୁବ୍ ଜୋରରେ ହସି ଉଠିଲା ମାଳତୀ ।

"କ'ଣରେ ପିଲାଏ, ତୁମେମାନେ ବି.ଡ଼ି.ଓ ର ମାନେ ଜାଣିନା । ଅମର ବାବା, ବୁଝେଇ ଦେ ତ" କହି ନଇ ପଠା ଆଡ଼କୁ ଆଗେଇଲା ମାଳତୀ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସତେ ମୁଁ କେଡେ ଅଜ୍ଞାନ



ଅଳକା ମହାନ୍ତ

ସତେ ମୁଁ କେଡେ ଅଜ୍ଞାନ
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !!

ବୁଝାଇ କହିଲେ ପିତାମାତା ମୋତେ
ତୁହିଟି କନ୍ୟା ସନ୍ତାନ,
ଭାଇ ଭାଗେ ସବୁ ସମ୍ପତି ମିଳିବ
ଶାଶୁ ଘରେ ତୋର ସ୍ଥାନ,
ସତେ ମୁଁ କେଡେ ଅଜ୍ଞାନ!
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !! (୧)

ସାଥୀ ମିଳିଥିଲେ ଦୁଃଖ ହରି ନେବେ
ସୁଖେ ଭରିବେ ଜୀବନ,
ଈର୍ଷା ଦ୍ୱେଷ ସବୁ ଅଗ୍ନି ସମ ତାଙ୍କ
ହୃଦରେ ନଦେଲେ ସ୍ଥାନ,
ସତେ ମୁଁ କେଡେ ଅଜ୍ଞାନ
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !! (୨)

ISSN NO.
2582-208X

କଳିଯୁଗ ସେତ ବିଷମ ଜଗତେ
କଳୁଷିତ ତନ ମନ,
ମନ କେ ବୁଝିବ ହୃଦେ ସ୍ଥାନ ଦେବ ?
ବିଶ୍ୱାସ ଘାତକ ଜନ,
ସତେ ମୁଁ କେଡେ ଅଜ୍ଞାନ
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !! (୩)

ମିଛ ମାୟା ଜାଲେ ବନ୍ଧକ ସଭିଏ
କେ ନୁହେଁ ମିତ୍ର ସମାନ,
ଅଡୁଆ ଜାଲ ସେ ନିଜେ ଛଟପଟ
ଅଫିଟା ଯାର ବନ୍ଧନ,
ସତେ ମୁଁ କେଡେ ଅଜ୍ଞାନ
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !!(୪)

ସଭିଏ କହିଲେ ଆପଣା ମଣିଷ
ଘଟାଏ ଜୀବନେ ବିଘ୍ନ,
ଝାସ ଦେଇଦେଲି ଜ୍ୱଳନ୍ତ ଅଗ୍ନିରେ
ଆଗ୍ରହୀ କୀଟ ଯେସନ,
ସତେ ମୁଁ କେଡେ ଅଜ୍ଞାନ
ସବୁ ଜାଣିଶୁଣି ସବୁ ବୁଝି ସୁଝି
କରୁଥାଏ ଅଭିମାନ !! (୫)

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# କବିତା, ଜ୍ୟାମିତି ଧାରା



ଆଶୁତୋଷ ମେହେର

ବିନ୍ଦୁ ଯୋଡେ ବିନ୍ଦୁ ଅକ୍ଷର ଅକ୍ଷରେ ଶବଦର ବୃତ୍ତଚିତ୍ର
ପଦ ଲାଳିତ୍ୱରେ ବନ୍ଧା ପଡିଥାଏ କବିତା ର ମାନପତ୍ର ।
ସରଳରେଖାରେ ସରଳ ଝଟକେ ଅସୁମାରି ଭାବଧାରା
ଆୟତ କ୍ଷେତ୍ରର ପରିସୀମା ଦେହେ ଗୁଞ୍ଜନ ବ୍ୟଞ୍ଜନ ଭରା । ।

କେନ୍ଦ୍ରେ ଭାବବନ୍ଧା ଭିଡି ଧରିଥାଏ ସଂପର୍କର କାରାବନ୍ଦୀ
ପରିଧିରେ ଖେଳେ ଶବଦ କାକଳୀ ପାଦରେ ପଦରେ ଛନ୍ଦି ।
କବି ମନ କଥା ସମୁଦ୍ର ଲହରୀ ତୀରେ ଆସି ମଥାନତ
ଘୁରି ବୁଲୁଥାଏ ଜ୍ୟାମିତିର ଖେଳେ ବାରବାର ଶତଶତ । ।

ଶବଦ ମାଧୁରୀ ହାତ ଛନ୍ଦା ଛନ୍ଦି ପ୍ରଭୁଙ୍କ ଆଶୀଷ ଧାର
ଭାବେ ଖୁନ୍ଦାଖୁନ୍ଦି ସୁଗନ୍ଧେ ମହକ ହୃଦୟ ଭିତର ଗାର ।
ଶବଦ କଲ୍ଲୋଳେ ଛନ୍ଦ ପାଦେ ବନ୍ଧା ଜୀବନର ଇତିବୃତ୍ତି
କବିତା କୁହେ ତ ଜ୍ୟାମିତିର ଧାରା ପ୍ରେମର ପରିମିତି । ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ  9437085396

ISSN NO.
2582-208X

# ସପନ ଦେଖୁଛି ଆଜି



ରଘୁନାଥ ତ୍ରିପାଠୀ

ସପନ ଦେଖୁଛି ଆଜି ପକ୍ଷୀରୂପେ ନିଅନ୍ତି ଜନମ
ସବୁ ବନ୍ଧନକୁ କାଟି ଉଡିଯାନ୍ତି ନୀଳାକାଶେ ଆମ ।

ଇଚ୍ଛାମତେ ବୁଲନ୍ତି ମୁଁ ଦୁନିଆର ଶିଖର ପାହାଡେ
ଯେଉଁଠାରେ ଆଷାଢ଼ ତା ସଂଗୀତରେ ନବ ବାରି ସିଞ୍ଚେ ।

ମୟୁର ହୋଇ ଦେଖନ୍ତି ଅଂଶୁମାଳୀ ଜିମୂତ ପ୍ରେମକୁ
ସପ୍ତରଙ୍ଗେ ଖେଳୁଥିବା ଦୁହିଁଙ୍କର ପ୍ରୀତି ସ୍ୱରୂପକୁ ।

ରଙ୍ଗୀନ ଡେଣାକୁ ମେଲି ନାଚି ଗାଇଥାନ୍ତି ଖୁସି ଭରେ
ତାକୁ ଦେଖି ଇନ୍ଦ୍ରଧନୁ ଛଟପଟ ହୁଅନ୍ତା ଇର୍ଷାରେ ।

ଶରତେ ମୁଁ ନିରେଖନ୍ତି ଚଳମାନ ଆକାଶର ରଙ୍ଗ
ନୀଳ ଗଗନର ତାରା ଚାନ୍ଦ ମୋର ହୋଇଥାନ୍ତେ ସାଙ୍ଗ ।

ଶୁଣନ୍ତି ବୃକ୍ଷ ସଂଗୀତ ନିର୍ଝରିଣୀ କଳ କଳ ନାଦ
ଘୋର ଶୀତ ପ୍ରକୋପରେ ଶୁଷ୍କ ପତ୍ର ଗାଉଥିବା ଗୀତ ।

ISSN NO.
2582-208X

କୋକିଳ ହୋଇ ବସନ୍ତେ ବକୁଳର ସୌରଭେ ନିରତେ
ଛୁଟାଇ ମୋ କୁହୁତାନ ଡାକୁଥାନ୍ତି ମୋ ପ୍ରିୟାକୁ ସାଥେ ।

ନିଦାଘେ ମୋ ମିତ ଥାନ୍ତେ ପଡିଆର ଯେତେ ଘାସଫୁଲ
ଭେଟି ଦିଅନ୍ତେ ପାଦପେ ନାନାଜାତି ରଙ୍ଗ ପକ୍ୱଫଳ ।

କାଳ ମୋର କଟିଯାନ୍ତା ଘଞ୍ଚ ବନ ସବୁଜ ପ୍ରାନ୍ତରେ
ନ ଥାନ୍ତା ମୋ ଲୋଭ ମୋହ ସଦା ଶାନ୍ତି ପ୍ରଭୁଙ୍କ ଦୟାରେ ।

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ସେବା ଗ୍ରାମରେ ଦିବ୍ୟ ଅନୁଭୂତି

ପ୍ରିୟବ୍ରତ ପାତ୍ର

ସୀମାନ୍ତ ଗାନ୍ଧୀ: – ଆବଦୁଲ୍ ଗଫର୍ ଖାନ୍ ସୁଦୂର ସିନ୍ଧୁ ପ୍ରଦେଶରୁ ଆସିଥିଲେ ଏବଂ ଆଦି ନବାସରେ ଗାନ୍ଧୀଙ୍କ ସହ ରହୁଥିଲେ । ସେ ସମସ୍ତ ଧର୍ମୀୟ ସ୍ୱାଧୀନତା ପାଇଥିଲେ ଏବଂ ଆମିଷ ଖାଇବାକୁ ଅନୁମତି ପାଇଥିଲେ ସୁଦ୍ଧା ସଂମ୍ପୂର୍ଣ୍ଣ ନିରମିଷାଶୀ ଭାବେ ଜୀବନ ବିତାଉଥିଲେ । ଭଗବାନଙ୍କ ସେବକ ବୋଲି ନିଜକୁ ପରିଚୟ ଦେଉଥିଲେ ।

ସନ୍ଥ ତୁକଡଜୀ ମହାରାଜ:–ଆଦି ନବାସରେ ଏକ ମାସ ଧରି ରହିବା ପରେ ଗାନ୍ଧୀ ଚେତନାରେ ଉଦବୁଦ୍ଧ ହୋଇ ସେବାଗ୍ରାମ ଢାଞ୍ଚାରେ ନିଜ ଆଶ୍ରମ ଗଢିଥିଲେ । ଦୈନିକ ପ୍ରାର୍ଥନା ପରେ ତାଙ୍କ ସୁଲଳିତ କଣ୍ଠରୁ ଗୀତ ଶୁଣିବା ପାଇଁ ଗ୍ରାମବାସୀମାନେ ରୁଣ୍ଡ ହେଉଥିଲେ ।

ଲର୍ଡ ଲୋଥିଆନ୍:- ଜଣେ ବିଶିଷ୍ଟ ଇଂରେଜ ସାହେବ ବଳଦ ଗାଡି ଚଢି ଓ୍ୱାର୍ଦ୍ଧାରୁ ସେବାଗ୍ରାମକୁ ଆସିଥିଲେ ଓ ତିନିଦିନ ସେଥାରେ ରହିବା ପରେ ଅନନ୍ୟ ଅନୁଭୂତି ନେଇ ଫେରି ଯାଇଥିଲେ । ଜୀବନରେ କେବେ ସେଭଳି ପ୍ରଶାନ୍ତ ଓ ଆନନ୍ଦ ଲାଭ କରି ନାହାନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ଲୁଇସ୍ ଫିସର:- ଏହି ବିଖ୍ୟାତ ଆମେରିକୀୟ ସାମ୍ବାଦିକ ଏହି ଆଶ୍ରମରେ ଏକ ସପ୍ତାହ ରହିଥିଲେ ଏବଂ ଦୈନିକ ଏକ ଘଣ୍ଟା ସେ ଗାନ୍ଧୀଙ୍କ ସହ କଥୋପକଥନରେ କଟାଉଥିଲେ । ତା ଛଡା ଖାଇବା, ବସିବା ସମୟରେ ଗାନ୍ଧୀଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ପାଇଥିଲେ । ସେ ଲେଖିଥିବା ବିଖ୍ୟାତ ପୁସ୍ତକ "ଗାନ୍ଧୀଙ୍କ ସାତ ଦିନ" ରେ ଖୁବ୍ କମନୀୟ ଭାବେ ଗାନ୍ଧୀ ଓ ଆଶ୍ରମ ଜୀବନ କଥା ଉଲ୍ଲେଖ ରହିଛି । ଗାନ୍ଧୀଙ୍କ ଶିଶୁ ସୁଲଭ ହସ, ଚିତ୍ତାକର୍ଷକ ବାକ୍ୟଭାଷା, ଦୂରଦର୍ଶିତା ଦ୍ୱାରା ଏତେ ଅଭିଭୁତ ହୋଇଥିଲେ ଯେ, ପୃଥିବୀର ବିରଳତମ ବ୍ୟକ୍ତିତ୍ୱ ରୂପେ ଗାନ୍ଧୀଙ୍କୁ ସ୍ଥାନ ଦେଇଥିଲେ ।

ISSN NO.
2582-208X

ବାପୁ କୁଟୀର – ଏକ ଅବଲୋକନ:

କଛି କୁଟୀର ନଜ ଅସାଧାରଣତ୍ୱ ଯୋଗୁଁ ବହୁ ଲୋକଙ୍କ ଦ୍ୱାରା ଆଦୃତ ହୋଇଥାଏ । "ଟମ୍ କକାଙ୍କ କୁଟୀର" ନାମକ ଉପନ୍ୟାସ ଉତ୍ତର ଆମେରିକାରେ ଗୃହ ଯୁଦ୍ଧ ଲଗାଇ ଦେଇଥିଲା ଏବଂ କ୍ରୀତଦାସଙ୍କ ପ୍ରତି ସଂଗଠିତ ନିଷ୍ଠୁରତାକୁ ସାରା ବିଶ୍ୱରେ ପଦାରେ ପକାଇ ଦେଇଥିଲା । ଶ୍ରୀ ରାମଙ୍କ ପଞ୍ଚବଟୀର ପର୍ଣ୍ଣ କୁଟୀର ସବୁ ଭାରତୀୟଙ୍କ ସ୍ମୃତିରେ ଏକ ଭାବ ବିଜଡିତ କଳ୍ପନା-ଯେଉଁଠାରେ ପତି ପତ୍ନୀ, ଭାଇ ଭାଇ, ମଣିଷ ଓ ଜୀବଙ୍କ ଭିତରେ ସ୍ନେହ ଓ ମମତାର ଅତୁଟ ବନ୍ଧନ ସ୍ୱତଃ କଳ୍ପନାରେ ଭାସି ଆସେ । ଗାନ୍ଧୀଙ୍କ କୁଟୀର ସେଭଳି ଏକ ପବିତ୍ରସ୍ଥଳୀ, ଯାହାକି ସବୁ ଯୁଗର ମଣିଷଙ୍କ ଆଖି ଖୋଲି ଦେବାର ପ୍ରତିଶ୍ରୁତି ବହନ କରେ । ସେହି କୁଟୀରର ବାର୍ତ୍ତା ହେଲା ପ୍ରେମ, ମମତା, ପବିତ୍ରତା, ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକତା ।

ଏହି ମହାନ କୁଟୀର ଭିତରେ ପ୍ରବେଶ କରିବା ପୂର୍ବରୁ ପଦାରେ ଚପଲ ରଖି ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ହୋଇଯିବାକୁ ପଡେ । କୁଟୀର ଭିତରକୁ ଯିବାପାଇଁ କୌଣସି କବାଟର ବ୍ୟବସ୍ଥା ନାହିଁ । ପ୍ରଥମେ ଆସେ କେନ୍ଦ୍ରସ୍ଥ କୋଠରୀ ଯାହାକି ଆକାରରେ ଟିକଏ ବଡ ଓ ଏକାଥରେ ଦଶ ଜଣ ବସାଉଠା କରିବା ପାଇଁ ଯଥେଷ୍ଟ । ଏହି ସାହାଣ ବେଲା କୋଠରୀକୁ ଯିଏ ମଧ୍ୟ ଯାଇ ପାରିବ, ଯେତେବେଳେ ଯାଇପାରିବ, ସମୟର ପ୍ରତିବନ୍ଧ ନାହିଁ କି ଟିକଟ ଦେବାକୁ ପଡେନ । ପୁଲିସ୍ ପରି ବାଡି ଧରି ଜଗିଥିବା ସତର୍କ ତଦାରଖକାରୀଙ୍କ ଦୟାରେ ବସଉଠ ମଧ୍ୟ ହେବାକୁ ପଡେନ । ଏହି କୋଠରୀକୁ ଲାଗି ବାପୁଙ୍କ ଶୋଇବା ଓ ଲେଖା ପଢା କରିବା ଜାଗାଟି । ଶୋଇବା ପାଇଁ ଶେଜଟିଏ ପଡିଛି, ଆଉଜିବା ପାଇଁ ମାଣ୍ଡି ତକିଆ ଖଣ୍ଡେ ରହିଛି, ଅଲୋଡା କାଗଜପତ୍ର ପକେଇବା ପାଇଁ ସ୍ୱହସ୍ତେ ତିଆରି ବାଉଁଶ ବତାର ଛିଟିକଟାଏ ରହିଛି । ସେହି ବସାଉଠା କରିବା ଜାଗାର ଦୁଇପଟେ ଦୁଇଟି କୋଠରୀ, ଗୋଟିଏ ଅତିଥିଙ୍କ ପାଇଁ ଓ ଅନ୍ୟଟି ଅସୁସ୍ଥ ଅତିଥିଙ୍କ ପାଇଁ । ଶୋଇବା ଜାଗାକୁ ଲାଗି ରହିଛି ଗୋଟିଏ ବଡ ବାରଣ୍ଡା, ତା ଉପରେ ଦେଶୀ ଟାଇଲ୍ ଓ ବାଉଁଶର ଛାତ । କେନ୍ଦ୍ରୀୟ କୋଠରୀ ସହ ଅନ୍ୟପଟେ ସଂଲଗ୍ନ ହୋଇ ରହିଛି ବାପୁଙ୍କ କୋମଡ ଯୁକ୍ତ ଗାଧୁଆଘର, ଯାହାକି ପରିଷ୍କାର ଓ ସୁସ୍ଥ ପରିବେଶକୁ ଧ୍ୟାନ ଦେଇ ତିଆରି ହୋଇଛି । ତା ପାଖକୁ ରହିଛି କଦବା ବ୍ୟବହୃତ ହେଉଥିବା ସାଧା ଖଟ ସାଙ୍ଗକୁ ତୈଳ ମର୍ଦ୍ଦନ ବେଳେ ବ୍ୟବହୃତ ହେଉଥିବା ଅଳ୍ପ ଉଚ୍ଚା ବେଞ୍ଚ୍ ପରି ଦିଶୁଥିବା ଆଉ ଏକ ଖଟ । ସମ୍ପୂର୍ଣ୍ଣ କୁଟୀରଟି

ISSN NO.
2582-208X

ବାଉଁଶ, କାଠ ଓ ଝାଟିମାଟିରେ ତିଆରି । ମୀର୍‌ବେନ୍ ନିଜ ହାତରେ ଈଷତ୍ ଧଳା ରଙ୍ଗ ଦିଶୁଥିବା କାଦୁଆର ପଲସ୍ତର୍ ଦେଇଛନ୍ତି ଓ କେଉଁଠି କେଉଁଠି ଓମ୍, ମୟୁର ତଥା ଅରଟର ଚିତ୍ର ମାଟି ଦ୍ୱାରା ହିଁ କରିଛନ୍ତି । ଏସବୁ ହେଉଛି ଯଥାକ୍ରମେ, ଭଗବାନ୍, ଜୀବନ୍ତ ପ୍ରକୃତି ଓ ମଣିଷର କର୍ମ ପ୍ରବଣତାର ପ୍ରତୀକ । ଦେଶୀ ଝିକର ଓ ମାଟି କାନ୍ଥ ଯୋଗୁଁ ପ୍ରଚଣ୍ଡ ଗ୍ରୀଷ୍ମରେ ମଧ୍ୟ କୋଠରୀ ଗୁଡିକ ଅପେକ୍ଷାକୃତ ଶୀତଳ ଲାଗେ । ସାଇତା ହୋଇଥିବା ଜିନିଷମାନଙ୍କ ମଧ୍ୟରେ ରହିଛି ଗାନ୍ଧୀଙ୍କ ବାଡି ଖଣ୍ଡିକ, ପିନ୍ଧା କଠଉ, ମାଟି ହାଣ୍ଡି, ତମ୍ବା ହାଣ୍ଡି, ଗୀତା, ବାଇବେଲ୍ ଓ କୋରାନ୍ । ଛୋଟିଆ ପେଢି ଭିତରେ ରହିଛି ଗାନ୍ଧୀଙ୍କ ପ୍ରସିଦ୍ଧ ସରଳ ଚଷମା ଖଣ୍ଡିକ, ତିନି ଇଞ୍ଚ୍ ଲମ୍ବ ଓ ଇଞ୍ଚେ ଉଚ୍ଚାର ଚିନାମାଟି ତିଆରି ତିନି ମାଙ୍କଡଙ୍କ କଣ୍ଢେଇଟି, ଛୋଟିଆ ପେନସିଲ୍ ଦୁଇଟି, ଗୋଟିଏ ଝର କଲମ, ପେପର୍ ୱେଟ୍ ଭାବେ ବ୍ୟବହୃତ ଚିକ୍କଣ ପଥର ଦୁଇଖଣ୍ଡ । ଗାନ୍ଧୀଙ୍କ ଶେଜ ପାଖରେ ରହିଛି ତାଙ୍କର ଅତି ପ୍ରିୟ ଲଣ୍ଠନ ଖଣ୍ଡିକ, ଯାହାକି ବିଶ୍ୱର ସମସ୍ତ ଅନ୍ଧକାରକୁ ଦୂର କରିବା ପାଇଁ ଯଥେଷ୍ଟ । ଶେଜ ପାଖରେ ବାଉଁଶ ତିଆରି ଛୋଟିଆ ଟୁଲ୍ ଖଣ୍ଡିଏ, ଏକଦା ତଳେ ଚକା ପକେଇ ବସିବାକୁ ଅସମର୍ଥ ଅତିଥିଙ୍କୁ ଦିଆ ଯାଉଥିଲା ।

ଗାନ୍ଧୀ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ତାଙ୍କର ଚିରାଚରିତ ଗୋଡକୁ ଭାଙ୍ଗି ବସିବା ମୁଦ୍ରାରେ ବସି ଯାଉଥିଲେ ଏବଂ ଘଣ୍ଟା ଘଣ୍ଟା ଧରି ଯାବତୀୟ ପ୍ରଶ୍ନ ଉତ୍ତର, ଲେଖା ପଢା, ଆଲୋଚନା ସେଠାରେ ହିଁ କରୁଥିଲେ । ପତ୍ର ସେଜା ହୋଇ ପରଦା କରାଯାଉଥିଲା ଏବଂ ସେଥିରେ ପାଣି ସିଞ୍ଚାଯାଇ ବସିବା ଜାଗାକୁ ଥଣ୍ଡା ରଖା ଯାଉଥିଲା । ପ୍ରଚଣ୍ଡ ଗ୍ରୀଷ୍ମରେ ମଧ୍ୟ ତାହାରି ଛାୟାରେ ଗାନ୍ଧୀ ବସିବା ଜାରି ରଖୁଥିଲେ । କନାର ବିଞ୍ଚଣାଟିଏ ଦୋଳାୟମାନ କରି କେବେ କେମିତି ଆଶ୍ରମବାସୀ ଜଣେ କର୍ମକ୍ଳାନ୍ତ ଗାନ୍ଧୀଙ୍କୁ ଶୀତଳତା ଯୋଗାଉଥିଲେ । ତାଳପତ୍ରରେ ତିଆରି ପଟି ଉପରେ ସମସ୍ତ ଅତିଥି, ସାମ୍ବାଦିକ, କଂଗ୍ରେସକର୍ମୀ ବସୁଥିଲେ । ନିକଟସ୍ଥ ଗାନ୍ଧୀଙ୍କ ଅଫିସରେ ସେକ୍ରେଟାରୀ ମହାଦେବ ଦେଶଇ, ପ୍ୟାରି ଲାଲ ବା ଅନ୍ୟ କିଏ ଅନବରତ କାମରେ ଲାଗିରହୁଥିଲେ । ଦିନକୁ ଦିନ କାମ ବଢିବା ପରେ ରାଜକୁମାରୀ ଅମ୍ରିତ କାଉର ଓ ଅନ୍ୟ ଆଶ୍ରମବାସୀମାନେ ଗାନ୍ଧୀଙ୍କୁ ଚିଠିପତ୍ର ଉତ୍ତର ଦେବାରେ ସାହାଯ୍ୟ କରୁଥିଲେ । ତତକାଳୀନ ଭାଇସରାଏଙ୍କ ପ୍ରଦତ୍ତ ଟେଲିଫୋନ୍ ଟି ସେହି ଅଫିସରେ ଏବେ ବି ଅଛି । ସାଧାରଣ ରୋଷେଇ ଘରେ ବଡ ପଥର ଲଗା ଗହମ ପେଷା ଚକି ରହିଛି, ଗାନ୍ଧୀ ଦୈନିକ ସେଥିରେ କାମ କରୁଥିଲେ । ମହାଦେବ ଦେଶାଇ ଓ କିଶୋରୀ ଲାଲ୍ ଭାଇ ନିଜ ଘରକୁ ଖାଦ୍ୟ ନେଇ ପରିବାର ସହ ଭୋଜନ କରୁଥିଲେ, ବାକି ସମସ୍ତେ ସେଠାରେ ଖାଦ୍ୟ ଗ୍ରହଣ

ISSN NO.
2582-208X

କରୁଥିଲେ । ସେହି ଜାଗାରେ ଅନେକ ବିଷଧର ସର୍ପ ଓ ବିଛା କଙ୍କଡାଙ୍କ ଆତଯାତ ଲାଗି ରହୁଥିଲା । ସେମାନଙ୍କୁ ଧରିବା ପାଇଁ ବ୍ୟବହୃତ କାଠ ଚମୁଟା ଓ ଧରିବା ପରେ ରଖା ଯାଉଥିବା କାଠ ଓ ଜାଲିଦିଆ ବାକ୍ସ ଏବେ ମଧ୍ୟ ଅଫିସ୍ ଭିତରେ ରହିଛି । କୌଣସି ପରିସ୍ଥିତିରେ ଜୀବମାନଙ୍କୁ ମାରିବା ସମ୍ପୂର୍ଣ୍ଣ ନିଷେଧ ଥିଲା । ଗାନ୍ଧୀଙ୍କ କୁଟୀର ପାଖରେ ଥିଲା ଉପାସନା ବା ପ୍ରାର୍ଥନା ଜାଗା । କୋଡିଏ ଫୁଟ ଦୈର୍ଘ୍ୟ ଓ କୋଡିଏ ଫୁଟ ପ୍ରସ୍ଥ ବିଶିଷ୍ଟ ଜାଗାଟିଏ କଞ୍ଚି ନିଜ ବାଉଁଶ ଦ୍ୱାରା ଘେରା ହୋଇ ରହିଛି । ବର୍ଷା ଦିନେ କାଦ ମାଟିରୁ ରକ୍ଷା ପାଇଁ ଜାଆଟିରେ ବିଛାଯାଇଛି ସରୁ ଗୋଡି । ଉପାସନା ଜାଗାରେ କୌଣସି ଫଟୋ ନାହିଁ କି ମୂର୍ତ୍ତି ନାହିଁ କି ନାହିଁବି ଫୁଲ ଧୂପ ଦେବାର ବ୍ୟବସ୍ଥା । ଏବେ ମଧ୍ୟ ଦୈନିକ ଦୁଇଥରେ ସେଠାରେ ପ୍ରାର୍ଥନା କରାଯାଉଛି । ସାରା ସେବାଗ୍ରାମ ଆଶ୍ରମ ଭିତରେ ଗୋଟିଏ ମଧ୍ୟ ଗାନ୍ଧୀ ଫଟୋ କି ମୂର୍ତ୍ତି ନାହିଁ । କାରଣ ଜୀବିତାବସ୍ଥାରେ ମଧ୍ୟ ଗାନ୍ଧୀ ଏଭଳି ପ୍ରତିମା ବା ଫଟୋ ପୂଜାକୁ ବିରୋଧ କରୁଥିଲେ ।

ଆଶ୍ରମ ସନ୍ନିକଟେ ଏକ "ନୂଆ ତାଲିମ କେନ୍ଦ୍ର" ଖୋଲା ଯାଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଶ୍ରମ ସହ ରୋଜଗାର, ମାନସିକ ଶାନ୍ତି ଓ ସର୍ବଜନ ମଙ୍ଗଳ । ତାଲିମ ଭିତରେ ଥିଲା କୁଟୀର ଶିଳ୍ପ, ଉଦ୍ୟାନ ବିଜ୍ଞାନ, କୃଷି, ଫଳ ଚାଷ, ଗୋ ଚାଷ, ହସ୍ତତନ୍ତ, ସୂତା କଟା, ପ୍ରାକୃତିକ ସାର ତିଆରି ଇତ୍ୟାଦି । ଆଶ୍ରମରେ ଗୋ-ସେବା ସଂଘ ଆରମ୍ଭ ହୋଇଥିଲା, ଯେଉଁଠାରେ ଗୋ ସମ୍ପଦର ରକ୍ଷଣାବେକ୍ଷଣ ସହ ଅହିଂସା ମାର୍ଗରେ ଗୋ ସମ୍ପଦର ଉପଯୋଗ ବିଷୟରେ ତାଲିମ ଦିଆଯାଉଥିଲା । ଏବର ଆଶ୍ରମ ନିକଟସ୍ଥ ଗୋ ଶାଳା ତାର ପରିବର୍ଦ୍ଧିତ କଳେବର ।

ପରିଣତ ବୟସରେ ଗାନ୍ଧୀଙ୍କ ଶେଷ ସମୟରେ ବାର ବର୍ଷ କାଳ ଏହି ଆଶ୍ରମ ଏକ ପ୍ରୟୋଗଶାଳା ରୂପେ କାର୍ଯ୍ୟ କରିଥିଲା । ସତ୍ୟ ଓ ଅହିଂସାକୁ ପାଥେୟ କରି ଜୀବନ କିଭଳି ବଞ୍ଚିବାକୁ ହୁଏ ଥାହାର ଏକ ପ୍ରୟୋଗଶାଳା । ଭାରତ ପରେ ପରେ ତୃତୀୟ ବିଶ୍ୱର ଅନେକ ଦେଶ ଏହି ମାର୍ଗରେ ସ୍ୱାଧୀନତା ପାଇଥିଲେ । ସଂସାରର ଗରିବତମ ବ୍ୟକ୍ତି ସହ ନିଜକୁ ସାମିଲ କରିବା ପାଇଁ ଗାନ୍ଧୀ ସରଳ ଜୀବନକୁ ଆପଣେଇଥିଲେ, ସ୍ୱଇଚ୍ଛାରେ ଦାରିଦ୍ର୍ୟ ଓ ନିମ୍ରମୟ ଜୀବନ କଟେଇଥିଲେ । ନିର୍ଭରଶୀଳତା ହିଂସା ସୃଷ୍ଟି କରେ ଓ ଅକ୍ଷମ ହୋଇ ପଡିବାର ଭୟାନକ ମାନସିକତା ସୃଷ୍ଟି କରେ । ଏହି ଆଶ୍ରମ ଏଭଳି ଏକ ଜୀବନ ଶୈଳୀର ଦିଗଦର୍ଶନ ଦିଏ ଯାହା ଦ୍ୱାରା ପ୍ରତ୍ୟେକେ ସ୍ୱାବଲମ୍ବୀ ଓ କର୍ମୀ ବୋଲି ଅନୁଭବ

ISSN NO.
2582-208X

କରିପାରିବେ । ନବ ଭାରତ ନିର୍ମାଣରେ ତାଲିମ କେନ୍ଦ୍ର ଓ ପରୀକ୍ଷାଗାର ରୂପେ ସେବାଗ୍ରାମ ବ୍ୟବହୃତ ହୋଇଛି । ଆଶ୍ରମବାସୀଙ୍କ ନିମନ୍ତେ ଯେଉଁ ଏଗାରଟି ଶପଥ ନିଶ୍ଚିତ ରୂପେ ମାନିବାକୁ ପଡୁଥିଲା ସେସବୁ ହେଲା – ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ, ନିର୍ଲୋଭ, ଚୋରି ନ କରିବା, ଶ୍ରମ, ଜିହ୍ୱା ସଂଯମ, ସର୍ବଧର୍ମ ସମନ୍ୱୟ, ସ୍ୱଦେଶୀ ଓ ଅସ୍ପୃଶ୍ୟତା ଦୂରୀକରଣ । ଆଶ୍ରମର ଲକ୍ଷ୍ୟ ଥିଲା – ଅନ୍ୟ ଦେଶକୁ ଘୃଣା ନ କରିବା, ମାତୃଭୂମିର ସେବା କରିବା, ଅନ୍ୟ କାହାକୁ ଯନ୍ତ୍ରଣା ନ ଦେଇ ଆଧ୍ୟାତ୍ମିକତା ବୃଦ୍ଧି କରିବା, କାମନା ବାସନାର ପବିତ୍ରତା ରଖିବା, ସମାଜ ତଥା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ଓ ବସ୍ତୁ ଅକଳର ଯଥାର୍ଥ ଯତ୍ନକାରୀ ହେବା, ଜୀବନର ଛୋଟବଡ ଆବଶ୍ୟକତା ଭିତରେ ଆତ୍ମ ସଚେତନ ହେବା । ଗାନ୍ଧୀ କୁଟୀରରେ G C Larimer ଙ୍କ ଯେଉଁ ସୁନ୍ଦର ବାଣୀ ଖଣ୍ଡିକ ଲେଖା ଅଛି, ତାର ଭାବାର୍ଥ ହେଲା – "ଯେତେବେଳେ ତୁମେ ଠିକ୍ କରିଛ ବୋଲି ଭାବୁଛ, ତେବେ କ୍ରୋଧ ପ୍ରକାଶର ଆବଶ୍ୟକତ ନାହିଁ । ଯେତେବେଳେ ତୁମେ ଭୁଲ୍ କରୁଛ ତେବେ କ୍ରୋଧ ପ୍ରକାଶର ଆବଶ୍ୟକତ ନାହିଁ ।" କ୍ରୋଧମୁକ୍ତ ହୋଇ ଜୀବନକୁ ରୂପାନ୍ତରିତ କରିବାରେ ଏହି ବାଣୀ ଗାନ୍ଧୀଙ୍କୁ ଖୁବ୍ ପ୍ରଭାବିତ କରୁଥିଲା ।

ସେବାଗ୍ରାମରେ ଥିବାବେଳେ ଗାନ୍ଧୀ ଏକଦା କହିଥିଲେ – "ମୁଁ ଯେଉଁଭଳି ବଞ୍ଚିବାକୁ ଚାହୁଁଥିଲି ଚାହୁଁଥିଲି ବର୍ତ୍ତମାନ ନିଶ୍ଚିତ ରୂପେ ସେଭଳି ବଞ୍ଚି ପାରୁଛି । ଆହା ଆଜି ଜୀବନର ଅପରାହ୍ନରେ କରୁଛି, ଉପଯୁକ୍ତ ପ୍ରଜ୍ଞାର ଉନ୍ମେଷ ଘଟିଥିଲେ ବୋଧେ ବହୁ ଆଗରୁ ସେଭଳି କରି ପାରିଥାନ୍ତି । ମୁଁ କଣ ବୋଲି ଜାଣିବାକୁ ଯାଦି ଇଚ୍ଛା କରୁଛନ୍ତି, ତେବେ ଏଠାକାର ଜୀବନ ଶୈଳୀକୁ ଦେଖନ୍ତୁ, ଚାରି ପାଖର ପରିବେଷ୍ଟନୀକୁ ଶ୍ରଦ୍ଧାର ସହ ଅନୁଧ୍ୟାନ କରନ୍ତୁ ।"

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

((()))

ISSN NO.
2582-208X

# ଭାବନାର
# କ୍ଷେତ୍ରଫଳ
# ଭାବନାର ମହକ



ବିନୋଦିନୀ ଦାଶ

ଚେତନ ମନରେ ଜୁଟିଥାଏ କେତେ
ଦିଗନ୍ତ ପ୍ରସାରି ଭାବନା
ଅସୀମିତ ତା'ର ପରିସୀମା ପରା
କେବେ ମାପ କରି ହୁଏନା
ସତ୍ ଚିନ୍ତାରେ
ଥାଏ ଯେବେ କେହି ଭାବୁକ
ତା' ପରିସରର କ୍ଷେତ୍ରଫଳଟିରୁ
ଛୁଟାଏ ଜୀବନେ ମହକ ।

ଭାବନା ସେଠାରେ ହୁଅଇ ସଫଳ
ଦିଗ ଥିଲେ ବି ଭିନ୍ନ ଭିନ୍ନ
ଅଲଗା ଅଲଗା ବାସ ଚହଟାଏ
ହସଇ ଯେମିତି ପ୍ରସୂନ
ଯେତେ ବାଧକ
ଆଗରେ ଆସି ହେଲେ ଠିଆ
ମନ-ପବନରେ ଭାସିଯାଇ ଦୂରେ
ମହକାଇ ପାରେ ଦୁନିଆ ।

ISSN NO.
2582-208X

ଫୁଲର ମହକ କିଛି କ୍ଷଣ ରହେ
ଭାବନା ବାସ ଚିରସ୍ଥାୟୀ
ହୃଦୟୁ ହୃଦୟ କିଣିନେଇ ପାରେ
ବିଜୟ କେତନ ଉଡ଼ାଇ
କାଳ ବକ୍ଷରେ
ସ୍ୱର୍ଣ୍ଣିମ ସ୍ୱାକ୍ଷରେ ଉଜ୍ଜ୍ୱଳ
ପିଢ଼ି ପରେ ପିଢ଼ି ତା'ର ମହକରେ
ହରଷେ ହୁଅନ୍ତି ବିହ୍ୱଳ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ବନ୍ଧୁ ହେବ ତ ଏମିତି



ବାଙ୍କାବିହାରୀ ମହାକୁର

ଜାତି ଆଭିଜାତ୍ୟ ବିଶାଳ ସ୍ଥାପତ୍ୟ
ଲୋଡା ହୁଏନାହିଁ ଧନ
ଦୁଇଟି ନିର୍ମଳ ହୃଦୟର ବଳେ
ବନ୍ଧୁତା ହୁଏ ସ୍ଥାପନ ।

ଦ୍ୱପର ଯୁଗରେ  ପ୍ରମାଣ ପୋଥିରେ
କୃଷ୍ଣସୁଦାମା ବନ୍ଧୁତା
ଭାବ ସମର୍ପଣ କେତେ ଯେ ମହାନ
ବିସ୍ତାରି ଦିଏ ବାରତା  ।

ନିଃସ୍ୱାର୍ଥ ଭାବନା କରେ ପରିପୂର୍ଣ୍ଣ
ବନ୍ଧୁତ୍ୱର ପରିଭାଷା
ସ୍ୱାର୍ଥର ବନ୍ଧୁତା ଦିଅଇ ଶୂନ୍ୟତା
ଭାଙ୍ଗେ ଆଶା ଓ ଭରଷା ।

ଏ ଧରାଧାମରେ ମାନବ ଜାତିରେ
ପ୍ରକୃତ ବନ୍ଧୁଟି ସିଏ
ବନ୍ଧୁ ସୁଖେଦୁଖେ ରହି ପାଖେପାଖେ
ମନବଳ ଦିଏ ଯିଏ ।

ମାନବୀୟ ଗୁଣ  ପ୍ରଫୁଲ୍ଲିତ ମନ
ବନ୍ଧୁପ୍ରିତୀ ଯାର ଥାଏ
କର୍ମ ଓ ବଚନ  ଗୋଟେ ମନପ୍ରାଣ
ବନ୍ଧୁତା ସମ୍ମାନ ପାଏ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଗୀତା କର ଧ୍ୟାନ



ଅଧ୍ୟାପିକା ରେଜାଲିନ୍ ବାରିକ୍

ଗୀତା କର ଧ୍ୟାନ ଭଜନ କୀର୍ତ୍ତନ ନାମେ ପାବନ ସଂସାର ।
ଗୀତା ଶ୍ରେୟ ଗୀତା ଧେ୍ୟୟ କଳିଯୁଗେ ସକଳ ଦୂରୀତ ହର ।
ଗୀତା ପଢ଼ ବୁଝି କି ଅବା ନବୁଝି ଭବ କ୍ଳେଶ ହେବ ଦୂର ।
ଗୀତା ନାମ ଶ୍ରେଷ୍ଠ ଅଟଇ ବରିଷ୍ଠ ତାରେ ସଂସାର ସାଗର ।
ଗୀତା ଜପ କର ଶାସ୍ତ୍ର ମଧ୍ୟେ ସାର ଉତ୍ତମ ଗୃହ କୃଷ୍ଣର ।
ଗୀତା ଶ୍ରେଷ୍ଠ ଜ୍ଞାନ ପରମ ପାବନ ନିଶି ଦିନ ସ୍ମର ନର ।
ଗୀତା କୃଷ୍ଣ ମୁଖୁଁ ହୋଇଛି ବାହାର ଗଙ୍ଗା ଶ୍ରବୁଛି ପୟର ।
ଗୀତା ଶାସ୍ତ୍ର ନମନ ମନନ କରି ପୁନର ଜନ୍ମ ମାନ ହର ।
ଗୀତା ଗଙ୍ଗା ଗାୟତ୍ରୀ ଗୋବିନ୍ଦ ନାମ ସଂଯୁକ୍ତ ଚତୁର୍ଗ କାର ।
ଗୀତା ମାତା ଗୀତା ଭବ ଭୟ ତ୍ରାତା ଗତି ମୁକତି ର ଦ୍ୱାର ।
ଗୀତା ହିଁ ମହାନ ଦରଶନ ଶାସ୍ତ୍ର ସକଳ ସମସ୍ୟା ହର ।
ଗୀତା ମନ୍ଦାକିନୀ ଗାୟତ୍ରୀ ଗୋବିନ୍ଦ ନାମେ ଭବ ଭୟ ଦୂର ।।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନା, ଏବେ ଖରା ନାହିଁ



କୁଞ୍ଜ ବିହାରୀ ସାହୁ

ପାଣିପାଗ ବିଭାଗ ସଭିଙ୍କ ମନରେ ଛନକା ଭରିଦେଲାଣି– ତିନି ଚାରିଦିନ ଖରାର ତେଜ ବଢ଼ିବ ।

ଖବରଟା ଖରାର ତେଜ ପରି ଅସହ୍ୟବୋଧ ହେଲା । ଶୀତଦିନେ ଶୀତ ଲାଗୁଥିଲା ବୋଲି ଓଦାଳିଆ ଖରାକୁ ନିମନ୍ତ୍ରଣ କରୁଥିଲେ । ହେଲେ, ଫଗୁଣରେ ଏମିତିକା ଖରା ହେଉଛି ଯେ ଘରୁ ବାହାରିହେଉନି । ଆବଶ୍ୟକତାନୁଯାୟୀ ଚାଲିଲେ ନିସ୍ତେଜ ଲାଗୁଛି ।

ଅସ୍ତଗାମୀ ସୂର୍ଯ୍ୟର ଲାଲିମା ନିଷ୍ପ୍ରଭ ହେଇଗଲାଣି ପ୍ରତୀଚି ଲଲାଟରେ । ମଳିଚିଆ ଅନ୍ଧାର ଢାଙ୍କିଦେଉଛି ସାରା ପରିବେଶକୁ । ଦୃଷ୍ଟି ପହଁରେଇଲାବେଳକୁ ଏଣେତେଣେ ପଡ଼ିରହିଛି ଚିରାକାଗଜ, ଭଙ୍ଗା କାଚ, ଛିଣ୍ଡା ଅନ୍ତଃବାସ । ଭଙ୍ଗା ଆଜବେଷ୍ଟସ ଉପରକୁ ଅନେଇଲେ କିଛି ଦେଖାଯାଉନି । ଅଥଚ ଫଡଫଡ ଶୁଭିଲା । ରେଳ ଫାଟକ ପାଖ ବସ୍ତିରେ ନଚିକେତା କିନ୍ନର ଦେଖିଦେଲା ଏସବୁ । କୋଉ ଗରାଖ ଆସି ଲୁଚିଯାଇଛି କି ??

କିଛି ସମୟ ନିଜ ଭାବନାକୁ ମନ ଭିତରେ ଅଟକାଇଲା । ବୋଧହୁଏ ଖରାବେଳର ତାତି ସମ୍ଭାଳି ନ ପାରି ଧଇଁସଇଁ ହୋଇ ଧାଇଁ ପଳେଇଆସିଛି ଅଚିହ୍ନା/ ଅଶୁଣା ଗରାଖଟିଏ । ଦେହ ବେପାର କରୁ କରୁ କ୍ଲାନ୍ତ ହୋଇପଡିଛି !! ହେଲେ କାହିଁ କୋଉଠି ଜଣାପଡୁନି । ଆଜିକାଲିକା ସହରିଆ ସ୍କୁଲଟୋକା କଲେଜ ଟୋକାଙ୍କଠୁ ଆହୁରି ଧୂର୍ତ୍ତ । ବେଳ ଦରାଣ୍ଡି ପଳେଇଆସିଥିବ, ମନର ଭୋକ ମେଣ୍ଟିଗଲାପରେ ଆମରି ପରି ସୁନ୍ଦରୀ କିନ୍ନରକୁ ଖଣ୍ଡିଆ ଖାବରା କରି ଫେରିଯାଇଥିବ । ମୁଁ ଏତେ ପାରିଲା ଲୋକ ହୋଇ ଜାଣିପାରିଲିନି କେମିତି !

ନିଃଶ୍ୱାସ ମାରିଲା ନଚିକେତା ।

ISSN NO.
2582-208X

ନଚିକେତା ରାତିସାରା ଏଣୁତେଣୁ ଭାବୁ ଭାବୁ ଦଲଜାଏ ପବନ ତା ଦେହତେ ଗୁଡେଇ ତୁଡେଇ ହେଲା । ପିନ୍ଧା ବସନ ଓଲଟପାଲଟ ହେଲାପରି ଲାଗିଲା । ପ୍ରଗଳଭ ଖୁସି ମନ ଭିତରେ । ନିଜକୁ ଆବିଷ୍କାର କଲା ରୋମାଣ୍ଟିକ ମୁଡରେ ।

ସିନ୍ଦୁରା ଫାଟିଲା । ସକାଳ ହେଲା । ଗଛଡାଳରେ ଶୁଭିଲା କିଚିରିମିଚିରି । ପକ୍ଷୀମାନେ ପ୍ରକୃତିକୁ ଉପଭୋଗ କରି ଗୀତ ଗାଉଛନ୍ତି ।

ନଚିକେତା ଶୀତୁଆ ସଞ୍ଜକୁ ଝୁରିହେଲା । ମନେପଡିଗଲା ଅତୀତର ମନଭୁଲାଣିଆ ମୁହୂର୍ତ୍ତ। ତା ଫୁଲକା ଫୁଲକା ଦେହରେ ଅତର ମାଖିଦେଇ ବାହାରିପଡିଲେ କେତେ କଲେଜ ଟୋକାଙ୍କ ଭିଡ ଜମିଯାଉଥିଲା । ନେହେରୁ ପାର୍କ କି ଗାନ୍ଧୀ ମଇଦାନ, ଅବା ପହାଡ ତଳି ନିଜାଞ୍ଜନ ଜାଗା, ସବୁଠି ରସିକିଆ ଟୋକାଙ୍କ ଆଡ୍ଡା ଜମିଯାଇ ତା ଗୋର ତକତକ ଦେହକୁ ରଙ୍ଗେଇ ଦେଉଥିଲେ । ଆଖି ନଚେଇ ଟାଣି ନେଉଥିଲା ପାଖକୁ । ଭୋକିଲା ପରି ଦେହର ଭୋକ ମେଣ୍ଟାଇ ଦେଉଥିଲା । ଶୀତଦିନେ ଭଲ କଷ୍ଟ୍ୟୁମରେ ସଜେଇ ହେଉଥିଲା ନଚିକେତା।

ଟି.ଭି ରୁ ସମ୍ବାଦ ପ୍ରସାରିତ ହେଲାପରେ ଚମକିଗଲା ନଚିକେତା । ଭାବିଲା- ଏ ନିଆଁଲଗା ଖରା ଆସିଲା ଯେ ଦେହ, ମୁଣ୍ଡ ଝାଇଁ ଝାଇଁ ହେଇଯାଉଛି । ଦେହରୁ ପିନ୍ଧା ବସନ ବାହାର କରିହେଉନି କି କାହା ସହ ପଦେ ଅଧେ ଗପିଲାବେଳକୁ ଏଣୁତେଣୁ ଶୁଣିବାକୁ ମିଳୁଛି ।

ନଚିକେତାର ମୁହଁକୁ ଚାହିଁରହିଥିଲା ସୁନାନାକି କିନ୍ନର । ପାଖ ଆଜବେଷ୍ଟସ ଘରୁ ବାହାରି ଆସି ନଚିକେତାର ଭାବନାକୁ ଛଡେଇନେଲା । ପିଠିରେ ହାତ ମାରି ଆଶ୍ୱାସନା ଦେଲା । କହିଦେଲା - "ଆଲୋ ଏ ନାନୀ, ତୁ ଏ ଖରାକୁ ଡରିଯାଉଛୁ । ପାଣିପାଗ ବିଭାଗର ବ୍ଲାକବୋର୍ଡରେ ଯାହା ଲେଖାହେଇଛି, ସେଇକଥାହିଁ ପ୍ରଚାର ହେଲା । ତୁ ଯେମିତି ହଉଛୁ ନା , ....ଆମେ ତ କିନ୍ନର ଜାତି । ବାପା- ମା' ଘରଦ୍ୱାର ଛାଡିଆସିଛେ । ବାଇଚଢେଇ ପରି କୋଉ ତାଳ ଗଛରେ ବସା ବାନ୍ଧୁଛେ । ନା ଅଛି ଠିକଣା ନା ପରିଚୟ । କେତେବେଳେ ମ୍ୟୁନିସିପାଲିଟି ନାଲି ଆଖି ଦେଖେଇଲେ ଆଉ ଗୋଟିଏ ଜାଗାକୁ ଯିବାକୁ ପଡୁଛି । ତାଳି ମାରି ରାସ୍ତାକଡରେ ଠିଆହେଲେ ସିନା ରୋଜଗାର କରିପାରିବା । ମୁହଁ ଦେଖେଇ, ଦେହକୁ ଘଷେଇଦେଲେ ନିଜର ସ୍ୱାର୍ଥ ହାସଲ କରିବା । ଫଗୁଆ ଖରାକୁ ଡରିଗଲେ ଆମ ପେଟକୁ କିଏ ଦାନା ଦେବ ?? ଆ...ଆ ଘରୁ ବାହାରି ଆ, ଦେଖିବୁ ଖରା

ISSN NO.
2582-208X

ଆପେ ଆପେ ତା ବାଟରେ ଫେରିଯିବ । ତୋର ତ ଉସମାନିଆ ତାରା ପରି ଚେହେରା ଅଛି । ଗାଲ ଦିଇଟା ସେଓ ପରି । ଛାତିଟାକୁ ଏମିତି ସଜେଇଛୁ ଯେ ... ଚାଲିଲା ଲୋକ ବି ଦଣ୍ଡେ ଠିଆ ହେଇ ଅନେଇରହୁଛି । ତୋ ସହ ସାଥୀ ହେବା ଦିନଠୁ ମୁଁ କେମିତି ଅୟସରେ ବୁଲୁଛି । ଖରା, ବର୍ଷା, ଶୀତ ସବୁତ ମୋ ପାଇଁ ସମାନ । ଟିକେ କାନ୍ଥକୁ ଆଉଜି ହେଇଗଲେ ଚଳିବ । ମଜା ଉଠେଇପାରିଲେ ତୁ ବେଶୀ ରୋଜଗାର କରିପାରିବୁ । ତୁ ଖରାକୁ କିଆଁ ଡରିଯାଉଛୁ ? ଦିନବେଳା ସିନା ଖରାର ତେଜ ବଢିଯାଉଛି, ବେଳ ରତ ରତ ହେଲେ କଷ୍ଟ୍ୟୁମ ଚେଞ୍ଜ କରି ବୁଲିବୁ ଯେ ତୋ ଦେହରେ ମଳୟ ପବନ ବାଜିବ । ଫୁଲରେ ପ୍ରଜାପତି ବସିଲାପରି ତୋ ଛାତିକୁ ଖରାଖ ଚୁମିଦେବେ । ହେଇ...ହେଇଲୋ କହିଲାବେଳକୁ ଟୋକାମାନେ ଫି..ଫି..ହସିଉଠିବେ । ଆଜିକାଲିକା ସହରିଆ ଟୋକା । ମନ ତ ଉଛୁଳା ଜୁଆର ପରି ଦେହ ଉପରେ ମାଡିଆସୁଛି । ତୁ ଆଖି ଠାରିଦେଲେ ତୋ ଉପରେ ଅଜାଡି ହୋଇଯିବେ । ଗଦ ଶୁଙ୍ଘେଇ ଦେବୁ ଯେ ଖରାଖ ଖୁସି ହେଇଯିବ, ତୁ ବି ମଜା ଉଠେଇଦେବୁ । ମୁଁ କଷ୍ଟ୍ୟୁମ ବଦଳାଇ ମନଖୁସିରେ ବୁଲୁଛି । ଆ, ଆମେ ଖରାକୁ ଜିତିଯିବା । ପାଣିପାଗ ବଦଳିଯିବ ଆପେଆପେ ।

ସୁନାନାକିର କଥାକୁ ଦେହ ଭିତରକୁ ନେଲା ନଚିକେତା । ନିଜକୁ ନିଜେ ଗପିଲା । ତା ମାଉଁସିଆ ଦେହରେ ହାଲକା ଡ୍ରେସ ପିନ୍ଧିଦେଲେ ସେ ସୁନ୍ଦରୀ ଦେଖାଯିବ । କଳାଘୁମର ଆଖି ନଚେଇ ନଚେଇ ପହାଡ ତଳେ ଠିଆ ହୋଇ ଖରାଖକୁ ଆଖିମିଟିକା ମାରିବ, ଖରାଖ ଆସିବେ, ବେଶ କିଛି ରୋଜଗାର ହେବ । ସମୟ ସାଥିରେ ତାଳ ଦେଇ ଚାଲିଲେ ସବୁ କିଛି ସମ୍ଭବ ହୋଇପାରିବ ।

କଷ୍ଟ୍ୟୁମ ଚେଞ୍ଜକଲା ନଚିକେତା। ଗାରମେଣ୍ଟସ ଦୋକାନ ଆଗରେ ଟଙ୍ଗା ହୋଇଥିବା ମଡେଲ ପରି ଦିଶିଲା । ବାହାରିଗଲା ରୋଜଗାର ପାଇଁ । ଦେହ ଦେଖଇବ, ମନକୁ ରସାଣିତ କରିବ । ଖରାଖ ସହ ଗପିଗପି ଫାଇଦା ଉଠେଇବ। ସଞ୍ଜ ନଇଁଆସୁଥିଲା ହାଇୱେ ରାସ୍ତାକଡରେ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X


# ନବଘନ

ମାନସ ଦାଶ

ବତାସ ଆସୁଛି ଘେରି
ପ୍ରକୃତିସ୍ଥ ହୁଅ ନବଘନ....

ଧୂଳି ଧୂସରିତ ଉଛୁଳା ନଈର ପାଉଁସରୁ
ଆଉ ଖୋଜନାହିଁ ଯାଯାବର ମନ...

ଆଉଜା କବାଟ ପଛରେ
ଜଗିଛି ବିଲେଇ.....

ବେଳ କାଳ ଦେଖି
ପଶିବ ଧସେଇ.....

ସିମଟି ଯାଉଥିବା ତ୍ୱଚାକୁ
ଇଚ୍ଛାର ଲୋସନ ଲଗାଇ ମସୃଣ କରନାହିଁ ନବଘନ....

ଭ୍ରମିତ ସୁଖର ସଂଧାନେ ନେଇଥିବା ନିଃଶ୍ୱାସ
ଏବଂ ଦୁଃଖ ରେ ଜର୍ଜରିତ ପ୍ରଶ୍ୱାସ ମଧ୍ୟରେ ହସୁଛି ଜୀବନ.....

ISSN NO.
2582-208X

ଏବେ ନିଦରୁ ଉଠି ପଡିବାର
ସମୟ ବାବୁ ନବଘନ.....

ଏବେ ସତରେ ନିଦ୍ରା ତ୍ୟାଗି
ଜାଗ୍ରତ ହୁଅ ନବଘନ.....

ବାଡିପଟେ କୁହାଟ ଛାଡୁଛି....
ଅଶରୀରେ ଅନଚାସ ପବନ....

ISSN NO.
2582-208X

# ପଡେ ଆଜି ମନେ



ନନ୍ଦିନୀ ରାଉତ

ଯନ୍ତ୍ର ଯାନ ଧୀରେ ଯାଉଛି
ବହେ ପବନ ଖର
ଝିପି ଝିପି ବର୍ଷା ଲାଗିଛି
ଝିଅ ମନ ଅସ୍ଥିର..
ପିତାଙ୍କ ଘରକୁ ଯିବ ସେ
ଗାଁ ମାଟିକୁ ଧାଇଁ
ସେ ମାଟି ମମତା ଟାଣୁଛି
ତାକୁ ସେନେହ ଦେଇ..
ଭାବି ବସେ କନ୍ୟା ରତନ
ତାର ବାଲୁତ କଥା
ଜେଜେଙ୍କ ନୟନ ମଣିସେ
ଜେଜୀ ସୁନାର ସୂତା..
ବାପାଙ୍କର ଥିଲା ଜୀବନ
ସାହି ପଡିଶା ଗେହ୍ଲି
ସାଙ୍ଗ ସାଥିଙ୍କର ସରାଗ
ସେତ ବଣର ମଲ୍ଲୀ..

ବାଲିପଟା ନାମେ ଗାଁ ଟି
କାହିଁ କେତେଯେ ଦୂର
ସେ ଗାଁ ରେ ମୋତେ ଛାଡିଲ
କରି ଦେଲ ତ ପର..
କେଉଁ ଅପରାଧ କରିଲି
କୁହ ବାପା ତୁମର
ହୃଦୟ ମଧ୍ୟରୁ ବାପାହେ
ମୋତେ କଲ ଅନ୍ତର..
ମାଆ କିଏ ଜାଣି ନଥିଲି
ତୁମ ମମତା ପାଇ
ସେ ସ୍ନେହ କୁ ଭୁଲିଗଲ ହେ
ଆଜି କୁହ କିପାଇଁ..
ମାଆ ମଙ୍ଗଳା ଙ୍କ ପୀଠ ମୋ
ଥିଲା କେଡେ ନିଜର
ମୋ ବାଡ଼ି ବଗିଚା ଝୁରିବ
ଗଛ ପତର ମୋର..

ISSN NO.
2582-208X

ସାଙ୍ଗ ସାଥି ମୁଁହି ଛାଡ଼ିବି
କୁହ କେଉଁ ପ୍ରକାରେ
କଇଁ ଫୁଲ କାଁହୁ ତୋଳିବି
ଭାଲୁ କୁଣି ର ବେଳେ..
ଗଛ ଚଢ଼ା ପାଣି ପହଁରା
ହୋଇ ପାରିବ ନାହିଁ
ଯାଉଅଛି ଆଜି ବୋଉଲୋ
ବନ୍ଦୀ ମୁଁ ହୋଇଯାଇ..
ଏତେ ଦୁଃଖ ଦେବା ମନରେ
ଯେବେ ଥିଲା ତୁମର
କାହିଁ ପାଇଁ ସ୍ନେହ କରିଲ
ହେଲ ଆଜି ପଥର..
ଦୁଃଖ ଜଞ୍ଜାଳ ମୁଁ ଦିନେ ତ
କେବେ ବୁଝି ନଥିଲି
ପରିବାର ନେଇ କିପରି
ଆଜି ଚଳିବି ବୋଲି..
ସାତ ପର କରିଦେଲ ଗୋ
ମୋର ମାଆ ମାଉସୀ
ଅଗାଧ ଜଳରେ ଆଜି ମୁଁ
ଏକା ଯାଉଛି ଭାସି..

ଦୟା କରିଥିବ ପ୍ରଭୁ ହେ
ତୁମେ ଜଗତ ନାଥ
ବିପଦ ଆପଦ ଆସିଲେ
ଦୂରେଇବ ତୁରିତ..
ଗାଁ ମୁଣ୍ଡେ ଆସି ରହିଲା
ମୋର ଭାବନା ଯୂଥ
ବୋହୂ ହୋଇ ଆସିବା
କଥା ଗଲା ମନୁ ତ..

ବାଲିପଙ୍ଗା, ଅନୁଗୁଳ

ISSN NO.
2582-208X

# ନଧନ ଶଙ୍ଖାଳ



ବାସନ୍ତୀ ଲତା ଜେନା

ରଙ୍କୁଣୀ ଧନ ମୋ ନିଧନ ଶଙ୍ଖାଳି
କରିଥିଲି କେତେ ଆଶା
ପାଠ ପଢାଇଲି ମଣିଷ କରିଲି
ହେବୁ ତୁ ସାହା ଭରସା ।୧।

ବଡ଼ ଚାକିରୀ ପାଇଁ ଗଲୁ ତୁ ବିଦେଶ
ମାତା ପିତା ଭୁଲି ଗଲୁ
ସେଠାରେ ରହିଲୁ ବିଭା ହୋଇଗଲୁ
ଏମିତି କିପରି କଲୁ ।୨।

ମନରେ ଆଶା ତ ବାନ୍ଧି ରଖିଥିଲି
ଆଣିବି ସୁନ୍ଦରୀ ବହୂ
ନାତି ନାତୁଣୀଙ୍କୁ କୋଳରେ ଧରିଣ
ଦିନ ମୋର ବିତି ଯାଉ ।୩।

ସବୁ ଆଶା ମୋର ଆଶାରେ ରହିଲା
ସ୍ୱପ୍ନ ମରୀଚିକା ହେଲା
ଦେଖି ପାରୁ ନାହିଁ ମୋ ଗେହ୍ଲା ପୁଅକୁ
ବିଦେଶୀ ତ ହୋଇଗଲା ।୪।

ISSN NO.
2582-208X

ଫୋନରେ କଥା ନିତି ହେଉ ଥିଲା
ଏବେ ହୋଇଗଲା ଅଧା
ହୃଦୟର ଦୁଃଖ ବଢ଼ି ବଢ଼ି ଯାଏ
ମନରେ ଲାଗୁଛି ବାଧା ।୫।

ପୁଅ କହୁଅଛି ମୋ ପାଖକୁ ଆସ
ଏଠି ମୁଁ ଭଲରେ ଅଛି
ଅଫିସରୁ ଛୁଟି ମୋତେ ମିଳୁନାହିଁ
ଦିନ ରାତି ଖଟୁ ଅଛି ।୬।

ଗାଆଁ ଭିଟା ମାଟି ଛାଡିପାରୁ ନାହିଁ
ମମତାରେ ବାନ୍ଧି ହୋଇ
ବାର୍ଦ୍ଧକ୍ୟ ହସୁଛି ଅଟହାସ୍ୟ କରି
ଆଶ୍ରା ଜଗତ ଗୋସାଇଁ ।୭।

ମୋର ଦିନ କାଳ ଶେଷ ହେଉଅଛି
କିମ୍ପାଇ କରିବି ମାନ
ଯେଉଁ ଠାରେ ଥାଅ ଭଲରେ ଥାଆରେ
ତୁ ମୋର ହୃଦ ଚନ୍ଦନ ।୮।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଉତ୍କଳ ଜନନୀ, ସୌଭାଗ୍ୟ ଦାୟିନୀ



ଜୟ କୁମାର ମିଶ୍ର

ଉତ୍କଳ ଜନନୀ, ବୀର ପ୍ରସବିନୀ
ସୌଭାଗ୍ୟ ଦାୟିନୀ ସିଏ,
କେତେ ସୁର ବୀର, କୋଳେ ଧରି ତାର
ମଥା ଟେକି ଆଜି ରହେ ।
ସୁବାସ ବୋଷ, ସୁରେନ୍ଦ୍ର ସାଏ ଗୋପବନ୍ଧୁ, ମଧୁବାବୁ,
ଜୟୀ ରାଜୁଗୁରୁ, ଲକ୍ଷ୍ମଣ ନାୟକ
ସଂଗ୍ରାମୀ ପୁରୁଷ ସବୁ ।
ମାଟି ମାଆ ଚାନ୍ଦ, ରାଜା କୃଷ୍ଣ ଚନ୍ଦ୍ର
ନବ ଉତ୍କଳକୁ ଗଢ଼ି,
ନୁଆଁ ଇତିହାସ, ରଚିଲେ ଅବଶ୍ୟ
ଦେଲେ ପରିଚୟ ବାଢ଼ି ।
ଭାଷାଟି ଓଡ଼ିଆ, ଅତ୍ୟନ୍ତ ବଢିଆ
ଅତି ପୁରାତନ ସିଏ,
କେତେ ଶିଖାଇଛି, କେତେ ସେ ଦେଇଛି
କଳନା କରିବ କିଏ ??
ପୂରାଣ ସାହିତ୍ୟ, ପୋଥି ଭାଗବତ
ରାମାୟଣ ମହାଭାରତ,
ସେଇ ଅବଦାନ, ନିଇତି ନୂତନ

ISSN NO.
2582-208X

ଦେଖାଏ ସୁଗମ ପଥ ।
ଓଡ଼ିଆ ଚଳଣି, ସବୁ ହୀତ ବାଣୀ
ସରଳ, ତରଳ କଥା,
ସେଇ ତ ପ୍ରେରଣା, ଆଦର୍ଶରେ ଗଣା
ଟେକି ଗଉରବେ ମଥା ।
ସାରଳା, କୁନ୍ତଳା, ମଧୁ, ରାଧାନାଥ,
ଗୋପବନ୍ଧୁ, ନୀଳକଣ୍ଠ,
ପଞ୍ଚସଖା କବି, କିରତିର ଛବି
କରିଛନ୍ତି ପରିପୃଷ୍ଠ ।
କବି ଗଙ୍ଗାଧର, ଗୋପାଳ କୃଷ୍ଣଙ୍କୁ
ଦିଏ ପରିଚୟ, କାବ୍ୟ,
ଆମ ଗୋଦାବରୀ, ବାବୁ ମାୟାଧର
କବି ସୂର୍ଯ୍ୟ ବଳଦେବ ।
କବିରେ ସମ୍ରାଟ, ଉପେଇନ୍ଦ୍ର ଭଞ୍ଜ
ଓଡିଶା ମାଟିର ପୁଅ,
ଲେଖନୀକୁ ନେଇ, ହେଲେ କାଳ ଜୟୀ
ସଦା ପ୍ରଶଂସାର ସୁଅ ।
କେତେ ଯେ ଲେଖକ, ରଖିଛନ୍ତି ଟେକ
ଉପନ୍ୟାସ, ଗଳ୍ପ ଲେଖି,
ଫକୀର ମୋହନ, କଲେ ଅବଦାନ
ମାଟି ମମତାକୁ ରଖି ।
ଶିଳ୍ପ, କାରିଗରି, ଆମ ବାହାଦୂରୀ
ଦେଶ ବିଦେଶକୁ ଯାଏ,
ଯିଏ ସେ ଦେଖୁଚି, ଦଣ୍ଡେ ରହୁଅଛି
ତାର ଗୁଣାର୍ଣ୍ଣବ ଗାଏ ।
ଆମ ବାର ବ୍ରତ, ପୂଜାପର୍ବ ପଥ
ସଂସ୍କୃତି, ସଂସ୍କାର ଚିତ୍ର,

ISSN NO.
2582-208X

ଭାବ ଦିଆ ନିଆ, ଆପଣାଏ ଯାହା
ଶତ୍ରୁ ଦେଖି ହୁଏ ମିତ ।
ଜଗତର ନାଥ, ସେହି, ଜଗନ୍ନାଥ
ଅନାଥ ଜନଙ୍କ ନାଥ,
ସେତ ଆହାଃ ସାହା, ଦିଏ ନବ ରାହା
କୋଳେ କରି, କୋଳାଗ୍ରତ ।
ନିଇତି ଯାତରା, ଯାଆ ଆସ ପରା
ଦେଶ ବିଦେଶରୁ ନିତ୍ୟ,
କରୁଛି ମମତା, ଏକ ଏକାଗ୍ରତା
ଭୁଲି ଭେଦଭାବ ମତ ।

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ନାଟକ

# ।। ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

| | |
|---|---|
| ବଳୟ ମହାପାତ୍ର | -ଏସ.ପି |
| ମଳୟ ମହାପାତ୍ର | - ଭାଇ |
| ନିହାର | - ଇନ୍ସପେକ୍ଟର |
| ବେଣ୍ଟ ମହାକୁଡ଼ | - କନେଷ୍ଟବଳ |
| ନବିନା | - କନେଷ୍ଟବଳ |
| ନିର୍ମଳ ଭାବମୂର୍ତ୍ତି | - ମନ୍ତ୍ରୀ |
| ନାଗେଶ୍ୱର | - ପୁଅ |
| ରାଧାକାନ୍ତ | - ସୂତ୍ରଧର/ପି.ଏସ |
| ଗୋଗା | - ମାଫିଆ |
| ଯୋଗା | - ମାଫିଆ |
| କଉ ମହାନ୍ତି | - ଚାମଚା |
| କପିଳ | - ପୁଅ |
| ଅଶୋକ | - କଲେଜ ଛାତ୍ର |
| ସେବକ ଦାସ | - ନେତା |
| ଅଖିଳ ପଣ୍ଡା | - ଇନ୍ସପେକ୍ଟର |
| କାଳୀପଦ | - କଣ୍ଡାକ୍ଟର |
| ମି: ଦାସ | - ପ୍ରଫେସର |

ISSN NO.
2582-208X

ପୂର୍ଣ୍ଣିମା - ବଳୟର ସ୍ତ୍ରୀ
ରଶ୍ମି . - ମଳୟର ପ୍ରେମିକା
ଆଶା - ବଳୟର ଭଉଣୀ
ନାରଙ୍ଗୀ - କନେଷ୍ଟବଳ
ପପୁ - ବଳୟର ପୁଅ(୧୦ ବର୍ଷ)

## ।। ୧ ଦୃଶ୍ୟ ।।

[ଦ୍ୱିତୀୟ ମଞ୍ଚରେ ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଜାଜ୍ୱଲ୍ୟମାନ। ଶ୍ରୀମଦ ଭଗବତ ଗୀତାର ଶ୍ଳୋକ ଶୁଭୁଥଏ। ପ୍ରଥମମଞ୍ଚର ଜୋନ ଲାଇଟ ରେ ଏକାକୀ ରାଧାକାନ୍ତ କିଛି କହିବା ଅଭିପ୍ରାୟରେ ଦଣ୍ଡାୟମାନ।]

ଗୀତା ଶ୍ଳୋକ:

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିରଭବତି ଭାରତ
ଅଭ୍ୟୁଥାନମ ଅଧର୍ମସ୍ୟ ତଦାତ୍ମାନମ ସୃଜମ୍ୟ
ପରିତ୍ରଣାୟ ସାଧୁନା ବିନାଶୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।

[ଗୀତା ଶ୍ଳୋକ ସମାପ୍ତ ହେବାପରେ ରାଧାକାନ୍ତ ଜୋନରେ ରହି କହେ-]

ରାଧାକାନ୍ତ- ଭଲ ମଣିଷ ଖୋଜିବା ଆସ। ଅସମ୍ଭବ! ବିଲକୁଲ ଇମ୍ପୋସିବଲ! ଏତେ ବଡ଼ ଗୁରୁଦାୟିତ୍ୱକୁ ବହନ କରି ମୁଁ କଣ ସୂତ୍ରଧରର ଚରିତ୍ର ଚିତ୍ରଣ କରିପାରିବି? ବୋଧହୁଏ ଆଜିର ଦୁନିଆ ରେ ଭଲ ପଶୁ, ଭଲ ପକ୍ଷୀଟିଏ ଖୋଜିବା ସହଜ କିନ୍ତୁ ଏ ମଣିଷ ଜଙ୍ଗଲରେ ଭଲ ମଣିଷ ଖୋଜିବା ବଡ଼ କଠିନ। କାହାକୁ କହିବେ ଭଲ ମଣିଷ? ନିଜର ଅସ୍ତିତ୍ୱ ଯେତେବେଳେ ନିଜତ୍ୱ ହରାଉଛି ସେ ପରିସ୍ଥିତିରେ ଭଲ ମଣିଷ କହିବେ କାହାକୁ?

ISSN NO.
2582-208X

ତଥାପି ଖୋଜିବାକୁ ହେବ। ନହେଲେ ସୂର୍ଯ୍ୟ ଚନ୍ଦ୍ର ତାରାଙ୍କର ସ୍ଥିତି ଅଟଳ ରହିଛି କେମିତି? ଏଇ ଦେଖୁ ନାହାଁନ୍ତି ଭଲ ଖରାପର ଅବିଗୁଣ ବାହାର କରୁ କରୁ ଏ ପର୍ଯ୍ୟନ୍ତ ମୁଁ ମୋ ପରିଚୟ ବି ଦେଇପାରିନି। ଆଜ୍ଞା ନମସ୍କାର! ମୁଁ ରାଧାକାନ୍ତ ପାତ୍ର। ମହାଭାରତର ଶ୍ରୀକୃଷ୍ଣ ନୁହେଁ କିନ୍ତୁ ଏ ନାଟକର ସୂତ୍ରଧର। ନାଟ୍ୟକାରଙ୍କ ନିର୍ଦ୍ଦେଶକ୍ରମେ ନାଟକରେ ଥିବା ଅଡୁଆ ସୂତାରୁ ଖିଆ ବାହାର କରି ମୋତେ ହିଁ ଶେଷ ଦୃଶ୍ୟ ପର୍ଯ୍ୟନ୍ତ ଯିବାକୁ ହେବ। ତେବେ ମୋର ଏ ନାଟୁଆ ଚରିତ୍ର ଦୁଇଟି ମୋଡ଼ରେ ଗତି କରୁଛି। ସେଥିପାଇଁ ବୋଧହୁଏ ଭଗବାନ ଶ୍ରୀକୃଷ୍ଣ ଦୁଇ ପ୍ରକାର ଅଭିନୟ କରି କୁରୁକ୍ଷେତ୍ର ନିକଟରେ ମହାଭାରତ ଯୁଦ୍ଧ ସୃଷ୍ଟି କରିଥିଲେ। ସମସ୍ତ ଦୁଷ୍କୃତଙ୍କର ଦଳନ ପାଇଁ ଭାରତର କୋଟି କୋଟି ବୀର ସମୂଳେ ଧ୍ୱଂସ ପାଇଥିଲେ। କୁରୁକ୍ଷେତ୍ର ସମର ପରେ ଭାରତ ହୋଇଥିଲା ନିକ୍ଷତ୍ରିୟ। ତାପରେ ବାଦଶାହାମାନେ ଆମ ଦେଶକୁ କିଛି କାଳ ଶାସନ କଲେ। ବାଦଶାହଙ୍କ ପରେ ଆସିଲେ ଭାସ୍କୋଡାଗାମା। ଜଳପଥ ଆବିଷ୍କାର କରୁ କରୁ ଭାରତବର୍ଷ ଆବିଷ୍କାର କରିନେଲେ। ଭାରତରେ ଗଢି ଉଠିଲା ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନକଳ......

[ଦ୍ୱିତୀୟ ମଞ୍ଚରେ ଇଂରେଜମାନେ ନିରୀହ ଜନତାଙ୍କ ପ୍ରତି ପ୍ରହାର ଏବଂ ଭାରତୀୟ ନାରୀଙ୍କ ପ୍ରତି ଅତ୍ୟାଚାର କରିବାର ଦୃଶ୍ୟ]

ରାଧା-(ଜୋନ ଲାଇଟରେ) ଦିନେ ଏଇ କ୍ରୁର ଇଂରେଜମାନେ ଆମ ଦେଶର ମା' ଭଉଣୀଙ୍କ ଇଜ୍ଜତ ସହିତ ଖେଳୁଥିଲେ। ସେଦିନ ଆମ ଦେଶ ପରାଧୀନତାର ଶୃଙ୍ଖଳରେ ବାନ୍ଧିହୋଇ ଏଭଳି ସତ୍ତାଶ୍ଚର୍ଯ୍ୟ ଦେଖି ନିରବ ରହୁଥିଲା। ହେଲେ ଆଜି ଆମେମାନେ ସ୍ୱାଧୀନ। ସର୍ବ ଭୌମ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ। ଏ ଦେଶର ନାମ ଭାରତବର୍ଷ। ବିଭିନ୍ନ ଜାତି, ବିଭିନ୍ନ ଧର୍ମକୁ ନେଇ ଗଢ଼ା ଆମ ଦେଶ। ଆଉ ଆଜି ଏଠି ଚାଲେ ସାମ୍ବିଧାନିକ ରାଜନେତାଙ୍କ ଶାସନ......

[ପୁନଃ ଦ୍ୱିତୀୟ ମଞ୍ଚରେ ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତି ରଶ୍ମିର ଦେହରୁ ବସ୍ତ୍ର ବାହାର କରୁଥାଏ। ରଶ୍ମିର ଶତ ଶତ ପ୍ରତିବାଦ ସତ୍ତ୍ୱେ ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତି ରେଫ କରିବାର ଦୃଶ୍ୟ]

ISSN NO.
2582-208X


ରାଧା-(ଜୋନ ଲାଇଟରେ) ଏ ଦୃଶ୍ୟ ଦେଖି ଆପଣମାନେ କହି ପାରିବେ ଏ ହତଭାଗୀ ଭଉଣୀ କେଉଁ ଭାଇର? କହିପାରିବେ ଏ ସୁନ୍ଦରୀ ଝିଅଟି କୋଉ ବାପର? କହିପାରିବେ ଇଏ କେଉଁ ସ୍ୱାମୀର ସ୍ତ୍ରୀ? ଚିହ୍ନିଛନ୍ତି ଇଏ କାହାର ଝିଅ, କାହାର ଭଉଣୀ, କାହାର ସ୍ତ୍ରୀ? ଥରୁଟିଏ ଚିହ୍ନିବାକୁ ଚେଷ୍ଟା କରନ୍ତୁ ଆଜ୍ଞା! କେବଳ ଥରୁଟିଏ... କେହି ଚିହ୍ନିବାକୁ ଆସିବେନି। କେହି ଟିକେ ସମବେଦନା ଜଣାଇବେନି। ଯିଏ ଯେଉଁଠି ସିଏ ସେଇଠି ନିର୍ବାକ। ଭଲ ଲୋକ ଭିତରେ ବି ଭେଳିକିର ଅଭିନୟ କରିବେ। ଆଜି ଭାବ କାହିଁ ନା ଭାବର ଆଦାନ ପ୍ରଦାନ କାହିଁ? ପ୍ରକୃତରେ ଆଜ୍ଞା! ବଞ୍ଚି ରହିବା ଏଠି ଗୋଟେ ବିରାଟ ହଶାବ ଖାତା। ଯାହାକି ପ୍ଲସ ମାଇନସ ଭାଗଶେଷ ଶୂନ।

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଅଥମାରମ୍ଭ



ଅମୃତ ନାରାୟଣ ଶତପଥୀ

ନୂତନ କର୍ତ୍ତବ୍ୟ ନୂତନ ଆରମ୍ଭ ନୂତନ ପୁଣି ପ୍ରାରମ୍ଭ,
ମନୁଷ୍ୟ ଜୀବନେ ପ୍ରତିଦିନ ହୁଏ ନୂତନ ଅଥମାରମ୍ଭ।(୧)

ନବ ପୁଣି ଆଶା ମନର ସଙ୍କଳ୍ପ ବଢାଏ ଆତ୍ମବିଶ୍ୱାସ,
ସେହି ବିଶ୍ୱାସକୁ ବଢାଇ କରିବା ସର୍ବାଙ୍ଗୀନ ଯେ ବିକାଶ।(୨)

ନିରାଶା ହତାଶା ଆଉ ପୁଣି ଯେତେ ମନର କୁସ୍ଵାରଚନା,
ମନ ମଧ୍ୟେ କେବେ ଭରି ନ ରଖିବା ଅଧିକ ହେଉ ବା ଊଣା।(୩)

ନହେଲେ ଏ ଶ୍ରେଷ୍ଠ ମନୁଷ୍ୟ ଜୀବନେ ହୋଇଯିବା ବାଟବଣା,
ଧର୍ମ କର୍ମରୁ ବିମୁଖ ହୋଇଲେ ଅଦୃଷ୍ଟ ଚଟକଣା।(୪)

ସମର୍ପିତ ନିଜ ଜୀବନ ପ୍ରଭୁ ପଦେ ନୂତନ ଦିନ ଆରମ୍ଭ,
ଅଭ୍ୟସ୍ତ ହୋଇଲେ ଏଥିରେ ପୁଣି ତ ନୂତନ ଅଥମାରମ୍ଭ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଫୁଲର ଫଗୁଣ

ଡଃ ପ୍ରିୟମ୍ବଦା ସାମଲ

ଫୁଲର ଫଗୁଣ ଚହଟ ଚନ୍ଦନ
ବାସମୟ ଏ ଧରଣୀ
ଋତୁରାଜ ଆଗମନ ସ୍ବରୁଚନ୍ଦ
ଫୁଲର ସତେ ରେଷଣୀ ।

ମଳୟନଳର ସ୍ପର୍ଶେ ଫୁଲମତୀ
ଶୋଭାମୟୀ ବସୁନ୍ଧରା
ହସଇ କୁସୁମ ବାସଇ ଜଗତ
ଫୁଲରେଣୁ ସସାଗରା ।

ପତ୍ରହୀନ ବୃକ୍ଷ  ନବ କଶଳୟେ
ମଣ୍ଡିତ ନବ ଜୀବନ
ଅମୀୟ ପାନ ପୁଲକତେ ଉଲ୍ଲସି
ପ୍ରସ୍ଫୁଟିତ ଫୁଲବନ ।

ବିଛୁରି ସୌରଭ ରକ୍ତବର୍ଣ୍ଣ କାନ୍ତ
ହସଇ ପଳାଶ ଫୁଲ
ପଦ୍ମ କୋରକର କେଶର ମଣ୍ଡଳେ
ପରଗ ରେଣୁ ଜାଜୁଲ୍ୟ ।

ISSN NO.
2582-208X

ଆଲିଙ୍ଗନେ ମଧୁ ମଳୟ କୁଞ୍ଜକୁ
ଅଶୋକ କାଞ୍ଚନ ଫୁଲ
ବାସଙ୍ଗ ମାଧବୀ କଂଶୁକ ଶାଲ୍ମଳୀ
ନର୍ତ୍ତନେ ହୁଅନ୍ତୁ ଗେଲ ।

ସୁବର୍ଣ୍ଣ ବର୍ଣ୍ଣରେ ସୁନାରୀ ପାଦପ
କେନ୍ଦୁ ପଲ୍ଲବିତ ତାମ୍ର
ବସନ୍ତର ଯାଦୁକରୀ ସ୍ପର୍ଶେ ସତେ
ଲଭିଛନ୍ତୁ ପୁନର୍ଜନ୍ମ ।

ନବ ଜୀବନ ଆବାହନେ ପ୍ରକୃତି
ଆମ୍ରବିଭ୍ରେର କଲ୍ଲୋଳେ
ଫୁଲର ଫଗୁଣ ରଚ ବର୍ଣ୍ଣ ବିଭ୍ର
ମଧୁମୟ ମାୟାଜାଲେ ।

ରସବନ୍ତ ରସସିକ୍ତ ରସମୟ
ଫୁଲର ଫଗୁଣ ଧରି
କମନୀୟା ନମନୀୟା ଶୋଭାମୟୀ
ବିରାଜେ ଫୁଲ ସବାରି ।

ନନ୍ଦନ ବିହାର, ପଟିଆ, ଭୁବନେଶ୍ୱର

ISSN NO.
2582-208X

# ହୋଲି



ହିମାଂଶୁ ଭୂଷଣ ଜେନା

ବସନ୍ତ ଆସିଛି ସମ୍ଭାବନାର ସୁରଭି ନେଇ ହୃଦୟେ ଭରିଛି ପ୍ରଶାନ୍ତିର ସୌରଭ
ମାନବିକତାର  ସଙ୍ଗୀତ ଗାଇ ଆସ କର୍ତ୍ତବ୍ୟ ପଥରେ ଆଣିଦେବା କେତେ ଗୌରବ

ଭୁଲି ସବୁ ଭେଦଭାବ ଗାଇବା ଭ୍ରାତୃତ୍ୱର ଗୀତ
ଆଙ୍କିବା ହୋଲିର ବର୍ଣାଳୀରେ ଜୀବନର ନୁଆ  ରୂପରେଖ

ନା ଏଠି ଥିବ ଅସହିଷ୍ଣୁତାର ଅଭିଶପ୍ତ ଅଧ୍ୟାୟ
ନା ଥିବ କୁଟ କପଟତାର କଳଙ୍କିତ ସ୍ୱାକ୍ଷର
ଏଠି କେବଳ ପରୋପକାରିତାର ପରମ ସାନ୍ନିଧ୍ୟ
ଆଧ୍ୟାତ୍ମିକତାର ଅମ୍ଳାନ ଧାରା
ହୃଦୟକୁ ଜୟ କରିବାର ପରମାନନ୍ଦ
ପରସ୍ପର କୁ ଭଲ ପାଇବାରେ,
ନିଜ ଠୁଁ ନିଜର କରିବାରେ ଆତ୍ମତୃପ୍ତି
କେବଳ ମହାନିର୍ବାଣର ଅନ୍ତଃସ୍ୱର...

ISSN NO.
2582-208X

# ଜଗନ୍ନାଥ

ହୃଷିକେଶ ସାହୁ

ଆସ ଆସ ହେ ସଖି ସଙ୍ଗାତ ଆସ
ନଷ୍ଟେ ଯିବା ଯେ ଆମେ ବଡ
ଦେଉଳ ପାସ
ଦେଖିବା ପତ୍ତି ଆଜି ବଡ଼ସିଂହାର ବେଶ

ଏତେଦିନ ପରେ ଲଗି ଅଛି ଡୋରି
ଜଗା ନେଉଅଛି ହାତକୁ ମୋ ଭିଡି
ଦେଖି ଦେବା ତାକୁ ହୋଇ ହରଷ
ସାଙ୍ଗରେ ଥିବ ଯେ ତୁଳସୀ ବାସ
ଆସ ଆସ ହେ ସଖି ସଙ୍ଗାତ ଆସ

ଏଇତ ଦିଶିଲ୍ ପତିତପାବନ ବାନା
ଥୁଆ ହୋଇଅଛି ନୀଳଚକ୍ର ର
ଫର ଫର ଉଡେ ନାଲିଆ ନେତ ଯେ
ଦିଶୁଥାଏ ସିଏ କେଡେ ସୁନ୍ଦର
ନଷ୍ଟେ ଯିବା ଯେ ଆମ୍ଭେ ଶିରୀ ମନ୍ଦିର

ପ୍ରଥମ ରୁ ମାରି ମୁଣ୍ଡିଆ
ଅରୁଣ ସ୍ତମ୍ଭ ପାଶେ ହୋଇଣ ଠିଆ
ଯିବା ଗ୍ଳଲି ଆମେ ଆଗକୁ
ବାଇଶି ପାହାଚେ ଖାଇ ବେତ ବାଡ଼ିଆ

ISSN NO.
2582-208X

ତା ପୂର୍ବରୁ ଥରେ କରି ଦର୍ଶନ
ସିଂହାଦୁଆର ରୁ ମଦନ ମୋହନ
ବାଇଶି ପାବଛ ଧୂଳ ଚନ୍ଦନ
ତାଳୁ ରୁ ତଳପା ବୋଳବା ଜାଣ

ମନ୍ଦିର ଭିତରେ ବୁଲିଆସିବା
ନାଟ ମଣ୍ଡପେ ଠିଆ ହୋଇବା
କୋଇଲି ବୈକୁଣ୍ଠ ସାଙ୍ଗରେ ଫୁଣି
ବଟ ଗଣେଷ ଙ୍କୁ ଦର୍ଶନ ସାରି

ମା ଲକ୍ଷ୍ମୀ ମୋର ମନ୍ଦିରେ ଥିବେ
ଆଶିଷ ତାହାଙ୍କ ଶଙ୍ଗରେ ନେବେ
ପାର୍ଶ୍ଵ ଦେବା ଦେବି ଦର୍ଶନ ସାରି
ମନ୍ଦିରେ ଦେଖିବା ଶ୍ରୀ ନରହରୀ

ଭାଇ ବଳରାମ ଭଗିନୀ ନେଇ
ଆସନ୍ତି ଥରୁଟେ ଘରୁ ବାହାରି
ସୁଭଦ୍ରା ମା ଙ୍କୁ ମେଲାଣି ମାଗି
ବଡ ଦାଣ୍ଡେ ଠିଆ ହାତକୁ ଟେକି

ଜାଗା କୁ ଏବେଠୁ ବିଦାୟ ମାଗି
କହିବା ଜଗତ ଟେକ କୁ ଟେକି ॥

ବିନ୍ଧାଣିମାଁ, ତିଗିରିଆ
୭୫୪୦୩୦

ISSN NO.
2582-208X

# ମାତୃତ୍ୱ



ଅରୁଣ କୁମାର ମହାପାତ୍ର

କଛି ବୁଝିବା ପୂର୍ବରୁ ହଠାତ୍ ସୋଫା ଉପରେ ବସି ପଡ଼ିଲା ଶାଶ୍ୱତୀ। ମୁଣ୍ଡଟା ଟିକେ ବୁଲେଇ ଦେଉଛି। କଛି ଦିନ ହେବ ମଝିରେ ମଝିରେ ଏହା ଅନୁଭବ କରୁଛି ସେ। ବନର କାନ୍ଦରେ ପ୍ରକୃସ୍ଥିତ ହେଲା ଶାଶ୍ୱତୀ। ବଞ୍ଚିବାର ସେଇ ଏକ ଆଶ୍ୱାସନା। କେମିତି କେଜାଣି ଶ୍ରେଣୀ ଗୃହରେ ମିସେସ ମିଶ୍ରଙ୍କ ସହ ବଢ଼ି ଯାଇଥିଲା ଏତେ ସ୍ନେହ ଆଉ ଆଜି ତା ହାତକୁ ବନକୁ ବଢ଼େଇ ଦେଇ ସୁଖ ନଦ୍ରାରେ ଶୋଇ ଗଲେ ଚର ଦିନ।

ତାପରଠୁ ବିଦ୍ୟାଳୟ ମୋହ ବି ତୁଟି ଯାଇଥିଲା। ନଜର ଗନ୍ତବ୍ୟ ପଥ କନ୍ତୁ ବଦଳ ନଥିଲା। ଗାଆଁ ଲୋକଙ୍କ ଅନୁରୋଧରେ ପିଲାମାନେ ଆଜିବି ପଢନ୍ତୁ ତା ପାଖରେ, ତା ଘରେ। ବାପା ମାଆ ଛେଉଣ୍ଡ ଶାଶ୍ୱତୀ ପ୍ରତି ସାରା ଗାଁର ଦରଦ। ମହାମାରୀ ଅନେକ ଲୋକଙ୍କ ସହ ତାକୁ ବି ହୀନମାନ କରି ଛାଡି ଯାଇଥିଲା ଏହି ଯୁବା ବୟସରେ। ଲୁହ ବନ୍ଧ ଭଙ୍ଗି ବହି ଚାଲିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୋଇଥିଲେ ସାହାରା। ଏକା ରୁହନ୍ତି। ସ୍ୱାମୀଙ୍କ ବାହାରେ ଚାକରି। ପ୍ରାୟ ଦେଢ଼ ବର୍ଷ ହେବ ବିବାହ କରିଛନ୍ତି। ହୁଏତ କଛି ଦିନ ପରେ ଚେଷ୍ଟା କରି ସହରକୁ ପଳେଇ ଯାଇ ପାରନ୍ତି, ସ୍ୱାମୀଙ୍କ ପାଖକୁ, ଏହି ଛୁଆ ଜନ୍ମ ପରେ।

ଛୁଟି ନେଇ ଆସିଥିବା ସ୍ୱାମୀଙ୍କ ସହ ମିସେସ୍ ମିଶ୍ର ବାହାରିଥିଲେ ଖୁବ୍ ଶୀଘ୍ର ଦୁନଆକୁ ଆସିବାକୁ ଥିବା କୁନ ଅତିଥିଙ୍କ ପାଇଁ କଛି ସ୍ୱତନ୍ତ୍ର ସାମଗ୍ରୀର କଣା କଣି ପାଇଁ।

ISSN NO.
2582-208X

ନୟତିର ନର୍ଦ୍ଦେଶ ଥିଲା ଭିନ୍ନ। ଖବର ପାଇ ଶାଶ୍ୱତୀ ପହଞ୍ଚି ଥିଲା ଡାକ୍ତରଖାନାରେ। ବହୁ ଚେଷ୍ଟା ପରେ କେବଳ ଛୁଆଟିକୁ ବଞ୍ଚେଇ ଥିଲେ ଡାକ୍ତର। କେହି ଆଗେଇ ଆସିଲେନ ଛୁଆଟିକୁ ନଜର କରିବା ପାଇଁ। ଆଜିର ଦୁନଆରେ ପୁଣି ଝିଅଟିଏ। କିଏ ବା ଆସିବ?

ପରିବାରର ଇଛା ବିରୁଦ୍ଧରେ ବିବାହ କରିଥିବା ପ୍ରଧାନ ଶିକ୍ଷୟତ୍ରୀ ଦମ୍ପତିଙ୍କ ସାହାଗ୍ ଆଜି ଶାଶ୍ୱତୀ। ଆପଣେଇ ନେଇଥିଲା ଛୁଆଟିକୁ। ବନକୁ କୋଳରେ ଧରି ଗ୍ଲୁହିଁ ରହିଥିଲା ବାଡ଼ିର କଣ୍ଟା ଗଛକୁ ଚଢ଼ିବାକୁ ଚେଷ୍ଟା କରୁଥିବା ଛେଳ ଓ ତାର ଛୁଆକୁ। ଆଜି ସେ ପାଇଛି ମାତୃତ୍ୱ। ବାପା ମାଆଙ୍କ ସ୍ନେହରୁ ବଞ୍ଚିତ ହୋଇ ଦେବାକୁ ଚେଷ୍ଟା କରୁଛି ବାପା ମାଆଙ୍କ ସ୍ନେହ ମମତା।

ISSN NO.
2582-208X

# ଜଗତର ନାଥ
# କାଳିଆ ସାଆନ୍ତ

ଅଲିଭ୍ ମେହେର

ଜଗତର ନାଥ   କାଳିଆ ସାଆନ୍ତ
ଚାରୁବ୍ରହ୍ମ ଅନ୍ତର୍ଯ୍ୟାମୀ,
ପ୍ରଭୁ ନାରାୟଣ   ପତିତପାବନ
ତୁମେ ତ ସଭିଙ୍କ ସ୍ୱାମୀ ।।   (1)
ଶଙ୍ଖ ଚକ୍ରଧାରୀ   ପ୍ରଭୁ ଲୀଳାକାରୀ
ତୁମେ ତ ପାଳନକର୍ତ୍ତା,
ତୁମରି ବିନା ଯେ   ରହି ପାରିବନି
ଏ ସାରା ସୃଷ୍ଟିର ସତ୍ତା ।।   (2)
ମନୁଷ୍ୟଠାରୁ ଯେ   ପଶୁ ପକ୍ଷୀ ଯାଏ
ତୁମ୍ଭରି ଆଶ୍ରିତେ ସର୍ବ,
କରୁଣାର ବର୍ଷା   ଢାଳି ଦିଅ ପ୍ରଭୁ
ରହିଥାନ୍ତୁ ସର୍ବେ ନିର୍ଭୟ ।।   (3)
ହେ ମାଧବ ହରି   ମୁକୁନ୍ଦମୁରାରୀ
ଗୋବିନ୍ଦ ବାସୁଦେବ ,
ଗରୁଡାସନ   ହେ ଚକା ନୟନ
ଚକ୍ର ଆଢୁଆଳେ ରଖିଥିବ ।।   (4)
ନୀଳାଦ୍ରି ବିହାରୀ   ପ୍ରଭୁ ଚକ୍ରଧାରୀ
ଡାକୁ ଅଛି ମୁହିଁ  ହୃଦେ,
କୋଟି ପ୍ରଣାମ ଘେନ   ପ୍ରଭୁ ମୋର
ଏ ମୂଢ଼ର ଅପ୍ରମାଦେ ।।   (5)

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଓଡ଼ିଆ ସମ୍ମାନ  ୨ୟ ବର୍ଷ, ଜିଲ୍ଲା - ବରଗଡ

ISSN NO.
2582-208X

# ଜାଗ୍ରତେ ଅନୁଭବ



ମୀନାକ୍ଷି ପାଢ଼ୀ

ଜାଗ ଉତ୍କଳୀୟ ଜାଗ,
ଆଖି ଖୋଲି ଦେଖ ପ୍ରାଚୀ ଗଗନରେ
ନୂତନ ରକ୍ତରାଗ ।

ପୁରୁବ ଆକାଶେ ରବି,
ଶୁଣାଇ ପ୍ରଭାତେ ନବୀନ ସଂଗୀତ
ପ୍ରକାଶେ ଜୀବନ୍ତ ଛବି ।

ତୋ ପୂର୍ବ ପୁରୁଷ ସେହି,
ଫେରାଇ ଥିଲେ ଯେ ସ୍ୱାଧୀନତା କେତେ
ଦାରୁଣ ଯାତନା ସହି ।

ସ୍ୱାର୍ଥପର ହୁଏ ଯେବେ,
ମଣିଷ ରଖେ କି ମଣିଷ ପଣିଆ
ନିଜ ପାଇଁ ସିନା ଭାବେ ।

ମଣିଷ ଜୀବନ ପାଇ,
ନିଜ ସୁଖେ ଅନ୍ଧ ହୋଇଲେ ସେ ନିଜେ
ସାର୍ଥକ ଜନ୍ମ କି ସେଇ ?

ISSN NO.
2582-208X

'ମୁଁ ,'ମୋର' ଭାବ ରହିଲେ,
ବୃକ୍ଷ, ନଦୀ, ବାୟୁ ଭାବିକି ପାରନ୍ତେ
ଜଗତ କଲ୍ୟାଣ କାଳେ ?

ହୃଦେ ଅବସାଦ ନୋହି,
ରାତ୍ରିର ଶେଫାଳୀ ଝରଇ ନିରବେ
ମନରେ ତା' କ୍ଲେଶ ନାହିଁ ।

ଅଳପ କ୍ଷଣକୁ ଆସି,
ବିତରି ଯାଏ ସେ ରୂପ, ରସ, ବାସ
ଝଡ଼ିଯାଏ ହସି ହସି ।

ସଭିଏଁ ଆସିବେ ଯିବେ,
ସମୟର ମୂଲ୍ୟ ବୁଝେ ସେ ଜୀବନ
କାମରେ ଲଗାଏ ତେବେ ।

ଜାଗିରେ ଜଗାଏ ମନେ,
ଅକ୍ଷୁର୍ଣ୍ଣ ରହୁ ଏ ଅଖଣ୍ଡ ଭାରତ
କାୟ,ମନ ଓ ବଚନେ ।

ଯଦି କେହି ସାଥେ ନାହିଁ,
ଏକା ଏକା ଆଜି ଚାଲିବାକୁ ପଥ
ଡରୁ ମନେ କାହିଁ ପାଇଁ ?

ଜାଗ ଉତ୍କଳୀୟ ଜାଗ,
ଜୀବନ ବ୍ୟାପି ଏ ସାଧନା ଅସୀମ
ତୁ ଜାଗ୍ରତେ ଅନୁଭବ ।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ନାରୀ ପବିତ୍ରତାର ବାଧକ



ଜୟନ୍ତୀ ଦେବୀ

ନାରୀ ଅଟେ ସିନା ସ୍ୱୟଂ ନାରାୟଣୀ
ଏହା ଶାସ୍ତ୍ରର ବଚନ ।
ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର
ଦେବତା ହିଁ ପ୍ରମାଣ ।
ପରନ୍ତୁ ନାରୀର ପବିତ୍ରତା ଭାବ କିପରି ହୁଅଇ ନାଶ ।
ସହ ଶିକ୍ଷା ଯୋଗୁଁ ଉଭୟଙ୍କ ଚିନ୍ତା
ସମାନତା ରେ ପ୍ରକାଶ ।
ଚାକିରୀ କ୍ଷେତ୍ରରେ ନାରୀର ଅନୁପ୍ରବେଶ ଅଟଇ ଦ୍ୱିତୀୟ ।
ତୃତୀୟଟି ଅଟେ ଦୂରଦର୍ଶନ
ମାଧ୍ୟମେ ଅସତ ପ୍ରଶୟ ।
ଚତୁର୍ଥ ରେ ଶାଶୁ ଶଶୁରଙ୍କ ସେବା
ଠାରୁ ଦୂରରେ ରହିବା ।
ପଞ୍ଚମେ ସ୍ୱାମୀ ଶ୍ରେୟ ପରାୟଣ
ନ ହୋଇ ସ୍ତ୍ରୀ ସର୍ବସ୍ୱ ହେବା।
ବିବାହ ଚୟନେ ଯେହେତୁ ପୁରୁଷ
ଶ୍ରେଷ୍ଠ ଅଟଇ ଟି ଜାଣ ।
ନାରୀ ପାଇଁ ପାଗଳ ହେଲେ ପୁରୁଷ ନ ଜନ ମେ ସୁସନ୍ତାନ।
ବୟସରେ ନୈକଟ୍ୟତା ବିବାହରେ
ନାରୀ ପବିତ୍ରତା ହରେ ।

ISSN NO.
2582-208X

ଅଷ୍ଟମେ ପତି କୁଳର ପ୍ରୟୋ ଜନ
ଉପେକ୍ଷା ଅନିଷ୍ଟ କରେ ।
ପିତୃ କୁଳ ସେବା କୁ ଶ୍ରେୟ ମଣିବା
ହରେ ନାରୀ ପବିତ୍ରତା ।
ନବମେ ସ୍ୱାମୀ କୁଳ ଦୋଷ ଦର୍ଶନ
ଆରେକ ଅଟେ ସତ୍ୟତା ।
ଦଶମେ ପର ପୁରୁଷର ସଂସର୍ଗ
ନାରୀ ପବିତ୍ରତା ନାଶେ ।
ନାରକୀୟ ନାରୀ ମାନଙ୍କର ସଂଗ
ନାରୀ ପାବନ ତା ଧ୍ୱଂସେ ।
ଉପଯୁକ୍ତ ଆହାର ବିହାର ଆଉ
ସଦାଚାରର ଅଭାବ ।
ହରେ ଦ୍ୱାଦଶ ରେ ନାରୀର ସ୍ୱଚ୍ଛତା ଜାଣି ଥାଅ ହେ ସାଧବ ।
ଆଧ୍ୟାତ୍ମିକ ଚିନ୍ତା ରଖିବା ସର୍ବଦା
ସେବା ନିବୃତ ନ ହେବା ।
ସ୍ୱାମୀ ଶାଶୁ ଶଶୁର ଆତ୍ମୀୟ ସାଥେ
ସର୍ବଦା ବାସ କରିବା ।।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଜିର ଦ୍ରୋପଦୀ ଓ ସୀତା ମାନଙ୍କୁ



ଅଳକା ରାୟ

ସମୟ ଓ ଜୀବନ ପରିବର୍ତ୍ତନ ଶିଳା ରଙ୍ଗ ବଦଳଉଥାଏ ପ୍ରତି ମୁହୂର୍ତ୍ତରେ ନିରନ୍ତର। ମୁହୂର୍ତ୍ତରେ ପରିବର୍ତ୍ତନ ହେଇଯାଉଛି ଜୀବନ। ମୁହୂର୍ତ୍ତରେ ଝଡିପଡୁଛନ୍ତି ଶ୍ରଦ୍ଧା, ରଶ୍ମି ରୁଚିକା ମାନଙ୍କ ପରି କଅଁଳ ଜୀବନ ପ୍ରଦୀପମାନ। ମୁହୂର୍ତ୍ତର ଆବେଗରେ ବଶବର୍ତ୍ତୀ ହୋଇ ଆଜିର ଯୁବସମାଜ ଘଟାଉଛନ୍ତି ନୃଶଂସ କାଣ୍ଡ ମାନ। ନିକଟ ଅତିତରେ ଘଟିଥିବା (ଆଫତାବ ଓ ଶ୍ରଦ୍ଧା)ଙ୍କ ଘଟଣାରୁ ଏହା ସ୍ୱଷ୍ଟ ଯେ ଆଫତାବ କ୍ଷଣିକ କୋପର ବଶବର୍ତ୍ତୀ ହୋଇ ତାର ଲିଭ-ଇନ ପ୍ରେମିକା ଶ୍ରଦ୍ଧା କୁ ଅତି ନୃଶଂସ ଭାବରେ ହତ୍ୟା କରିଥିଲା।

କେବଳ ଏହି ଗୋଟେ ଘଟଣା ନୁହେଁ ଏହିପରି ସହ ସହ ଘଟଣାମାନ ଆମ ସମାଜ ତଥା ଆମ ଚତୁଃପାର୍ଶ୍ୱରେ ଘଟିଚାଲିଛି। ନାରୀ ମାନଙ୍କ ପ୍ରତି ନିର୍ଯ୍ୟାତନା ଓ ନିଷ୍ଠୁରତା କ୍ରମଶଃ ବଢ଼ି ଚାଲିଛି ପଛେ କମିବାର ନାଁ ନେଉନାହିଁ। ତେଣିକି ନାରୀମାନେ ଅଶିକ୍ଷିତ, ଶିକ୍ଷିତ କିମ୍ବା ଉଚ୍ଚଶିକ୍ଷିତ ହେଲେ ବି ଏ ସବୁ ଜଘନ୍ୟ କାଣ୍ଡରୁ ବର୍ତ୍ତି ପାରୁନାହିଁ। ସମୟ ସହିତ ତାଳ ଦେଇ ପରିବେଶ, ପରିସ୍ଥିତି ସବୁକିଛି ବଦଳୁଛି କିନ୍ତୁ ନାରୀ ନିର୍ଯ୍ୟାତନା ଯୁଗେ ଯୁଗେ ଅପରିବର୍ତ୍ତିତ ହୋଇ ରହିଛି। ଆମ ପୁରାଣ, ରାମାୟଣ, ମହାଭାରତ ତଥା ଇତିହାସ ନାରୀ ନିର୍ଯ୍ୟାତନା ଘଟଣାମାନରେ ପରିପୂର୍ଣ୍ଣ। ଦେବୀ ଦ୍ରୋପଦୀ, ମାତା ସୀତାଙ୍କ ଠାରୁ ଆରମ୍ଭ କରି ଅହଲ୍ୟା ଓ କାରୁବାକି ପର୍ଯ୍ୟନ୍ତ ବିଜ୍ଞ ତଥା ମହିୟସୀ ନାରୀମାନେ ବି ନିର୍ଯ୍ୟାତନାରୁ ବର୍ତ୍ତି ପାରିନାହାନ୍ତି। କିନ୍ତୁ ବର୍ତ୍ତମାନ ର ଦ୍ରୋପଦୀ ଓ ସୀତା ମାନଙ୍କୁ ମନେ ରଖିବାକୁ ପଡିବ

ISSN NO.
2582-208X

ଯେ ମହାଭାରତ ଓ ରାମାୟଣ କାଳର ଦ୍ରୋପଦୀ ଓ ସୀତା ଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଓ ରାମଚନ୍ଦ୍ର ପରି ଅବତାରି ପୁରୁଷ ଏ କଳି କାଳରେ ବିରଳ। ରାବଣ ଓ ଦୁଃଶାସନ ପରି ଚରିତ୍ର ମାନ ଆମ ଚତୁଃପାର୍ଶ୍ୱରେ ଘୁରି ବୁଲୁଛନ୍ତି। ତେଣୁ ସଚେତନତା ଓ ସତର୍କତା ହଁ ସୁରକ୍ଷାର ଏକ ମାତ୍ର ମାର୍ଗ।

ବିଗତ କିଛି ଦିନ ତଳର ଘଟଣାରୁ ଏହା ସ୍ପଷ୍ଟ ଯେ ବର୍ତ୍ତମାନ ସମାଜରେ ଘଟୁଥିବା ହତ୍ୟା, ଆତ୍ମହତ୍ୟା ଓ ବ୍ୟଭିଚାର ଆଦି ଘଟଣା ମାନ ପ୍ରେମ ସମ୍ବନ୍ଧୀୟ । ସତ ଚରିତ୍ର ସବୁଠାରୁ ବଡ଼ ଭୂଷଣ ଅଟେ। କିନ୍ତୁ ଆଜି ର ଯୁବସମାଜ ଘୋର ଚାରିତ୍ରିକ ସ୍ଖଳନ ର ଶିକାର। ଯେତେ ଶିକ୍ଷିତ ଯେତେସ୍ୱଚ୍ଛଳ ସେତେ ସ୍ୱେଚ୍ଛାଚାର। ଜୀବନକୁ କେବଳ ଉପଭୋଗ କରିବା ଓ ବନ୍ଧନହୀନ ଓ ଉତ୍ତରଦାୟିତ୍ୱହୀନ ଜୀବନର ଗାଡି ବେସି ସମୟ ଚାଲି ପାରେନାହିଁ। ସତ୍ତା ହରାଇ ମାଟି କାମୁଡିବା କେବଳ ସାର ହୁଏ। ଅଭିନେତ୍ରୀ ମାଧୁରି ଦିକ୍ଷୀତ ଙ୍କ ଲୋକପ୍ରିୟ ଗୀତ (କେ ସରା ସରା ଜୋ ଭି ହୋ ସୋ ହୋ, ହାମେଁ ପ୍ରାର କି ହୋ ଆସରା ଫିର ଚାହେ ଯୋ ହୋ) ଟି ଯୁବସମାଜ ରେ ବେଶ ଆଦୃତ ହୋଇଥିଲା। କିନ୍ତୁ ବୁଝିବା କଥା ଯେ ମନୋରଞ୍ଜନ ଓ ବାସ୍ତବ ଜୀବନରେ ଆକାଶ ପାତାଳ ଫରକ ରହିଛି। ନିଜ ଇଚ୍ଛାରେ ଜୀବନ ଜୀଇଁବା, ପ୍ରେମ କୁ ସବୁକିଛି ମାନି ଅବାଟରେ ପାଦ ଥାପି ଫିରଚାହେ ଯୋ ହୋ କହି ବେପରୁଆ ହେବା ଯେ କେତେ ଭୟଙ୍କର ତାହା ବର୍ତ୍ତମାନ ର ହତ୍ୟା ଓ ଆତ୍ମହତ୍ୟା ଘଟଣାମାନରୁ ଶିକ୍ଷା ଲାଭ କରିବା କଥା। କ୍ଷଣିକ ଆବେଗରେ ବଶବର୍ତ୍ତୀ ହୋଇ କରିଥିବା ଭୁଲ ଯୋଗୁଁ ଜୀବନ କିପରି ଦୁର୍ବିସହ ହୋଇଥଯାଏ ତାହା ହୃଦୟଙ୍ଗମ କରିବା କଥା ।

ଆଜିର ନାରୀ ମାନେ ଶିକ୍ଷିତା ତଥା ସ୍ୱାବଲମ୍ବୀ ହେଲେ ମଧ୍ୟ ସ୍ୱାଧୀନତା ଓ ସ୍ୱେଚ୍ଛାଚାରି ମଧ୍ୟରେ ପ୍ରଭେଦ ଜାଣିବା ଦରକାର। ପ୍ରେମ ରେ ଅନ୍ଧ ନ ହୋଇ ଛଳନା ପୂର୍ଣ୍ଣ କଥାରେ ବିମୋହିତ ନ ହୋଇ ପରିବାର ତଥା ମାତା ପିତାଙ୍କ ଇଛା ବିରୋଧରେ ନ ଯାଇ ଜୀବନ ର ପ୍ରକୃତ ମୂଲ୍ୟ କୁ ବୁଝିବା ଓ ବାସ୍ତବ ତାକୁ ଗ୍ରହଣ କରିବା ଆଦି ଗୁଡ଼ିକୁ ଆପଣାଇ ପାରିଲେ ଜୀବନର ଚଲାପଥରେ ଘାତକ ପ୍ରତିଘାତ ଆସିଲେ ମଧ୍ୟ ଅମୁଲ୍ୟ ଜୀବନ ମାନ ରକ୍ଷା କରିପାରିବେ। ମାତା ପିତାଙ୍କ ପରି ଟିଏ ନ ସାଜି ତାଙ୍କର ସ୍ୱାଭିମାନ ସାଜିଲେ,ପ୍ରେମିକର ଅନ୍ଧ ପ୍ରେମିକା ନ ସାଜି ପରିଣିତା ସାଜିଲେ ସର୍ବୋପରି ଲିଭ-ଇନ ରିଲେସନସିପ ଭଳି ୟୁଜ ଏଣ୍ଡ ଥୋ ନାମକ ଲଜ୍ୟା ଜନକ ରିଲେସନସିପର ମାୟାଜାଲରୁ ନିଜକୁ ଦୂରେଇ ରଖିଲେ

ISSN NO.
2582-208X

ଅମୂଲ୍ୟ ଜୀବନ ଗୁଡିକ ରକ୍ଷାକରି ହେବ। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ ର ପଟାନ୍ତର ନାହିଁ। ବିବାହ ନ କରି ସିନ୍ଦୁର ଲଗାଇ ସାବିତ୍ରୀ ବ୍ରତ ପାଳନ କରି ସର୍ଯ୍ୟାସଙ୍ଗିନୀ ପାଲଟି ଥିବା ନାରୀ ସ୍ତ୍ରୀ ର ପଦବାଚ ଲାଭ କରିପାରେ ନାହିଁ। ଗଢି ଉଠିଥିବା ଏପରି ସଂପର୍କ କିଛି ଦିନ ମଧ୍ୟରେ ଭାଙ୍ଗିଯାଏ ଓ ଏଥିରେ ନାରି ଟି ହିଁ ବେଶି ମର୍ମାହତ ହୋଇଥାଏ ଓ ପରେ ସୋସିଆଲ ମିଡିଆରେ (ଯାହା ପାଇଁ ମୁଁ ପୂରା ଦୁନିଆକୁ ଛାଡ଼ିଦେଲି ସେ ଆଜି ମୋତେ ଛାଡ଼ି ଦେଲେ ଓ ଏବେ ମୁଁ ଦୁନିଆରୁ ଚାଲିଯାଉଛି )ପରି କିଛି ଲେଖାମାନ ପୋଷ୍ଟ କରି ଆତ୍ମହତ୍ୟା ରାସ୍ତା କୁ ବାଛି ନେଉଛନ୍ତି ।

ବର୍ତ୍ତମାନ ସମୟରେ ଭୁଲୁ ଠିକ୍ ରୁ ଉର୍ଦ୍ଧ୍ୱକୁ ଯାଇ ଯୁବସମାଜ କୁ ବିପଥଗାମୀ ହେବାରୁ ରୋକିବା, ସେମାନଙ୍କୁ ଚାରିତ୍ରିକ ଭୂଷଣରେ ବିମଣ୍ଡିତ କରାଇବା, ଅନୁଶାସନ ଭିତରେ ରଖିବା, ସର୍ବୋପରି ପାରିବାରିକ ସୁରକ୍ଷା ପ୍ରଦାନ କରିବା ବର୍ତ୍ତମାନର ଆବଶ୍ୟକତା। ତେବେ ଆଜିର ସ୍ୱତନ୍ତ୍ରା ମାନେ ଆଇନ ଅନୁମୋଦିତ ଲିଭ-ଇନ ରିଲେସନସିପ ଓ କୁମାରୀ ଗର୍ଭପାତ ଭଳି  ଆଇନ ର ଦୁରୁପଯୋଗ ନ କରି ପରିବାର ତଥା ପିତା ମାତାଙ୍କ ସୁରକ୍ଷା ବଳୟ ମଧ୍ୟରେ ରହି ପ୍ରେମ କୁ ବି ହାସଲ କରିପାରିବେ ଓ ନିଜର ଉଚ୍ଚ ଅଭିଳାଷ କୁ ମଧ୍ୟ ପୂରା କରିପାରିବେ। ନୈତିକ ଶିକ୍ଷା ରେ ବିମଣ୍ଡିତ ହେଲେ ଆଜିର ସହ ସହ ଦ୍ରୋପଦୀ ଓ ସୀତା ମାନେ ଅକାଳ ରେ ଝରି ନ ପଡ଼ି ସ୍ୱାଭିମାନ ଓ ଆତ୍ମସନମାନ ର ସହ ସମାଜରେ ଦୀର୍ଘାୟୁ ହେବ। ଧକ୍କା, ଧୋକା ଓ ବିଶ୍ୱାସଘାତକତା କୁ ପରାହତ କରି ଝଡ, ଝଞ୍ଜା ସଂକଟ ଓ ସମସ୍ୟା କୁ ପଛରେ ପକାଇ ଇଗଲ ଭଳି ବିଜୟର ବାନା ସମାଜ ରେ ଉଡାନ୍ତୁ, ଏତିକି କାମନା ଆଜିର ନାରୀ (ଦ୍ରୋପଦୀ ଓ ସୀତା) ମାନଙ୍କ ପାଇଁ ।

ନୟାପଲ୍ଲୀ ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ହେ ସୂର୍ଯ୍ୟ ସହସ୍ରାଂଶୁ......



କୁଞ୍ଜବିହାରୀ ରାଉତ

ତୁମେ ତ ଦେଖିଥିଲ
ଶ୍ରୀକୃଷ୍ଣ ଙ୍କର  ଶେଷ ହସ,
ପୃଥ୍ୱୀ ବଲ୍ଲଭ ସହ ପ୍ରଜାପତି କୁ ଉଡାଇ
ଅନ୍ଧଦିଗନ୍ତ, ନୀଳଶୈଳ,
ବାପୁ, ହଂସଗୀତି, ମଧୁସୂଦନ ଦାସ
ପୁଣି ଫକୀର ମୋହନ, ଶ୍ରେଷ୍ଠଗଳ୍ପ,
ଶତାବ୍ଦୀର ସୂର୍ଯ୍ୟ ସହ ନିଳାଦ୍ରୀ ବିଜୟ
ସବୁଥିରେ ଥିଲା ତୁମ ଅମୂଲ୍ୟ ସ୍ୱାକ୍ଷର,
ପୁଣି ପଥ ଓ ପୃଥିବୀର ଆଜୀବକର ଅଟ୍ଟହାସ୍ୟ,
ନେତନେତି, କାଳାନ୍ତର, କୃଷ୍ଣାବେଣୀର ସନ୍ଧ୍ୟା,
ଫଟାମାଟି, ଓଡିଆ ସାହିତ୍ୟର ମଧ୍ୟପର୍ବ,
ସହ ଶେଷସ୍ତମ୍ଭ, ଅଚଳାୟତନ,
ସହସ୍ର ଶଯ୍ୟାର ନାୟିକା ସହ ବଧୁ ଓ ପ୍ରିୟା
ମହାନଗରର ରାତ୍ରିର କୃଷ୍ଣଚୁଡା,
ରୁଟି ଓ ଚନ୍ଦ୍ର ର ଶେଷ କବିତା
ସବୁଜ ପତ୍ର ଓ ଧୂସର ଗୋଲାପରେ
ଦୁଇ ସୀମାନ୍ତ ମରାଳର ମୃତ୍ୟୁ,

ISSN NO.
2582-208X

ମାଂସର କୋଣାର୍କର ମହାନିର୍ବାଣ
ଓଃ କାଲକାଟା ର କବି ଓ ନର୍ତ୍ତକୀ
କିପରି ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପରେ
ସଂଚରି ଯାଇଛି ଜୀଅନ୍ତା ମଣିଷର
ଜୀବନର ଜଳଛବି
ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପରେ ....
ଓଡିଆ ସାହିତ୍ୟର କ୍ରମବିକାଶ
ପେକିଂ ଡାଏରୀ ସହ କୁଳବୃଦ୍ଧ
ସାହିତ୍ୟ ସମାଜକୁ କରି ଉଦବୁଦ୍ଧ
ଆଜିବି ଅମର ହେ ପ୍ରୟାତ ପୁରୁଷ
ତୁମେ ହିଁ ଏକମାତ୍ର ଓଡିଶାର ଅନନ୍ୟ ପୌରୁଷ
ତୁମେ ଥିଲ ଓଡିଆ ସାହିତ୍ୟର ପ୍ରଚଣ୍ଡ ମାତଣ୍ଡ
ଆମ ସାହିତ୍ୟର ନଗାଧିରାଜ ହିମାଳୟ
ପୁଣି ପବର୍ତ୍ତକ ଥିଲ ନବ୍ୟ ଗଦ୍ୟଧାରାର
ହେ ସୌନ୍ଦର୍ଯ୍ୟ ତୃଷ୍ଣାର ସଂଭ୍ରାନ୍ତ ଭାଷ୍ୟକାର....
ଉତ୍କଳ ଯୁଗେଯୁଗେ ଝୁରୁଛି ତୁମକୁ
ଲର୍ଡ ଜଗନ୍ନାଥ,ଶେଷସ୍ତମ୍ଭ ସବୁଥିରେ
ଥିଲା ତୁମରି ସ୍ୱର୍ଶ, ହେ ଅଭିନବ ଯଯାତି
ନାମକୁ ସାର୍ଥକ କରିଛ ଆହେ ସୁରେନ୍ଦ୍ର ମହାନ୍ତି ....
ହେ ସୂର୍ଯ୍ୟ ସହସ୍ରାଂଶୁ !
ତୁମ ଶାରୀପୁତ୍ତ ବୌଦ୍ଧ ଜଗତର
ଅନନ୍ୟ କୋଣାର୍କ
ତୁମେ ଏ ଜାତିର ଉପଗୁପ୍ତ
ଏ ଜାତିର ମୁକ୍ତିର ମଶାଲ..

ISSN NO.
2582-208X

ସୂର୍ଯ୍ୟ ର ଅଂହକାର ନେଇ
ହେ ସୂର୍ଯ୍ୟସ୍ନାତ ଆଗ୍ନେୟ ପୁରୁଷ!
ସମୟର ବ୍ୟବଛେଦ କରି
ତୁମ ସୃଷ୍ଟି ଏ ଜାତି ଅସ୍ମିତାର
ଗୌରବର ଗାନ
ତୁମେ ମୃତ୍ୟୁଞ୍ଜୟୀ !
କାଳାନ୍ତର ସାହିତ୍ୟର ସହସ୍ରାଂଶୁ !
ହେ ସିଦ୍ଧ ପୁରୁଷ !
ସାହିତ୍ୟର ଅନବଦ୍ୟ ତୀର୍ଥେ
ହେ ଶବ୍ଦର ସୌଦାଗର
ଘେନାକର ଏ ଜାତିର କୋଟି ନମସ୍କାର .....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

Please visit our YouTube Channel by typing the below mentioned link on your browser and watch many videos of different places.

Request to Subscribe our Channel.

https://youtube.com/@unexploredensation7226

ISSN NO.
2582-208X

# ଫଗୁଣ



ନରେନ୍ଦ୍ର ପ୍ରସାଦ ବେହେରା

ଶାସ୍ତ୍ର ଅନୁଯାୟୀ ଫଗୁଣ ମାସଟି
ମହତ୍ତ୍ୱ ପୂର୍ଣ୍ଣ ଅଟଇ
ଗଙ୍ଗାନଦୀ ଜଳେ କରିଲେ ସ୍ନାହାନ
ପୂର୍ଣ୍ଣ ଫଳ ଯେ ମିଳଇ ।୧।

ମାନ୍ୟତା ରହିଛି ସଙ୍ଗମ ତଟରେ
ଦେବତା କରନ୍ତି ବାସ
ହିନ୍ଦୁ କ୍ୟାଲେଣ୍ଡରେ ଫଗୁଣ ମାସଟି
ବର୍ଷର ଅନ୍ତିମ ମାସ ।୨।

ଫଗୁଣ ମାସର ଅମାବାସ୍ୟା ଅଟେ
ଶ୍ରାଦ୍ଧ କର୍ମ ପାଇଁ ଶୁଭ
କାଳ ସର୍ପ ଦୋଷ ନିବାରଣ ପାଇଁ
ଆଶିଷ ସର୍ବଦା ଲଭ ।୩।

ISSN NO.
2582-208X

ଏହି ଦିନ ଗଙ୍ଗା ନଦୀରେ ସ୍ନାହାନ
ଶୁଭ ବୋଲି ଧରାଯାଏ
କରିଲେ ବିଶ୍ୱାସ ମନ ହେବ ସ୍ୱଚ୍ଛ
ଏ ଜୀବନ ଥିବା ଯାଏ ।୪।

କରିଲେ କାହାକୁ ଦାନଧ୍ୟାନ ପୁଣି
ନିଜର ସାମର୍ଥ୍ୟ ଦେଖି
ମହାପୂର୍ଣ୍ଣ ହେବ ଏସାରା ଜଗତେ
ପାଣ୍ଡୁଲିପି ଥିବ ସାକ୍ଷୀ ।୫।

ଶ୍ରାଦ୍ଧ ଦେଇ ଆମ୍ଭେ ପୂର୍ବ ପୁରୁଷଙ୍କ
ମନକୁ କରିବା ତୃପ୍ତି
ହାତଯୋଡି ଆମ୍ଭେ କହିବା ତାହାଙ୍କୁ
ହୋଇଯାଅ ମୋକ୍ଷ ପ୍ରାପ୍ତି ।।୬।।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଏଇତ ଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଜୀବନ କ'ଣ ଏମିତି ?
ବୁଝି ନ ବୁଝିବାର
ଅଭିନୟ କରିବାକୁ ହୁଏ ।
ପାଇ ହରାଇ ଦେବାର
ଯନ୍ତ୍ରଣାରେ ଜୀଇଁବାକୁ ହୁଏ ।
ଦୋଷ ନ କରି
ଅପବାଦ ସହିବାକୁ ହୁଏ ।
ତେଣୁ ଏ ଜୀବନେ ...
ମୋତେ ବଞ୍ଚିବା ପାଇଁ
ଏକ ନବୃତ୍ତ ମୁହୂର୍ତ୍ତ ଲୋଡ଼ା
ଯେଉଁଠି ନା ଥିବ ଆକାଶ
ନା' ମାଟିର ଆହ୍ୱାନ ।
ମୋତେ କାଳ କାଟିବା ପାଇଁ
ଏମିତି ସମୟଟିଏ ଲୋଡ଼ା
ଯେଉଁଠି ନା' ଥିବ କୋଳାହଳ
ନା' ଥିବ ଅଥୟ ଇସ୍ତାହାର ।
ମୋତେ କ୍ଷୁଧା ମେଣ୍ଟାଇବା ପାଇଁ
ଏମିତି ସ୍ମୃତିଟିଏ ଲୋଡ଼ା
ଯେଉଁଠି ନା' ଥିବ ଦେହ
ନା' ଥିବ ମୋହର ଆସର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର/ମୋ:୮୯୫୧୪୧୭୨୭

ISSN NO.
2582-208X

# ଜାତୀୟତା



ତ୍ରିପତି ପ୍ରଧାନ

ଜାତି ଜାତି କହି ପାଟି କଲେ ଶୋଇ
ବିକାଶ ପଥ କି ? ଆସିବ
ସ୍ୱାର୍ଥ ପରିହାରି ଶ୍ରମ ଦାନକରି
କରାଇବା ଆପଣାଇବ (୧)
ବ୍ୟାଘାତକୁ ହତ ଟାଣ କରିମତ
ସର୍ବେ ଆପଣାର କରିବ
ଉଚ୍ଚ ନୀଚ ଭୁଲି ଧର୍ମ ପଥେ ଚାଲି
ଜାତି ଭାଇ ହାତ ଟାଣିବ (୨)
ସଂଗଠନେ ମନ ଦେଇତନ ଧନ
ଯଜ୍ଞାହୁତେ ଘୃତ ଢାଳିବ
ହିଂସା, କ୍ରୋଧ, ଦଣ୍ଡ କରି ଖଣ୍ଡ ଖଣ୍ଡ
ପ୍ରେମ, ଶାନ୍ତି, କ୍ଷମା, ଗାଇବ (୩)
ଯଜ୍ଞ ନାଶାସୁର ଆସିବେ ପ୍ରବଳ
ଦଣ୍ଡାଧାରୀ ବନି ଜଗିବ
ପଦଭୟେ ଶଚି ପେଶିବେ ଉର୍ବେଶୀ
ଋଷି ସଂଯମତା ଧରିବ (୪)
ଜାତୀ ନିର ସିନ୍ଧୁ ମଧୁ ଗୋପବନ୍ଧୁ
ଫକୀର, ଲକ୍ଷ୍ମଣ, ସାହେବ

ISSN NO.
2582-208X

ବିଦ୍ୟା, ଭୀମ, ବାଜି, ସୁଭାଷ, ଗାନ୍ଧିଜୀ
ଗଙ୍ଗାଧର ବହି ଚାଲିବ (୫)
ଲକ୍ଷ୍ୟ ରଖ ନେଇ ଡର ଡର ନୋହି
ବିଚାରବନ୍ତଟି ହୋଇବ
ଜାତୀ ଘୋଷ ରଥ ଗଡ଼ିବ ସୁପଥ
ମନ ବଳ ଦୃଢ଼ ଧରିବ (୬)
କୃଷ୍ଣ ଗଜପତି ଚିତ୍ତେ ରଖି ମତି
ଜନସେବା ସଂଘ ଗଢ଼ିବ
ତେବେ ସିନା ଭାଇ ହୃଦ କିଣି ନେଇ
ଜାତୀୟତା ବାସ ବହିବ (୭)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ନିକୋଲସ୍ କୋପରନିକସ: ଯାହାଙ୍କ ଉପରେ ଦୁନିଆ ଗର୍ବିତ



ଅସିତ ମହାନ୍ତ

୧୫୬୬ ମସିହା, ପୋଲାଣ୍ଡ ଦେଶର ଥର୍ନ ସହର ଉପକଣ୍ଠରେ ଅବସ୍ଥିତ ଏକ ସମାଧି ସ୍ଥଳ। ଏକାଧାରରେ ବହୁଜନ ପ୍ରଶଂସିତ ଓ ବହୁଜନ ନିନ୍ଦିତ ଜଣେ ଜ୍ୟୋତିର୍ବିଜ୍ଞାନୀଙ୍କର ସମାଧୀରେ ଦୁଇ ଆଞ୍ଜୁଳା ଫୁଲ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଛୁଟି ଆସିଥାନ୍ତି ପାଦ୍ରୀ ପୋଷାକ ପରିହିତା ଜଣେ ୧୮ ବର୍ଷ ବୟସ୍କ ଇଟାଲୀୟ ତରୁଣ । ଖୋଜି ଖୋଜି ନିର୍ଦ୍ଦିଷ୍ଟ ସ୍ଥାନରେ ସମାଧି ସ୍ତମ୍ଭଟିକୁ ଦେଖି ଯୁବକ ଜଣକ ଭାବବିହ୍ୱଳ ହୋଇପଡିଥିଲେ । ସ୍ତମ୍ଭରେ ଖୋଦିତ ପ୍ରାର୍ଥନାକୁ ପଢି ନିଜକୁ ସେ ହଜାଇ ଦେଇଥିଲେ । ଖ୍ରୀଷ୍ଟୀୟ ଧର୍ମତନ୍ତ୍ର ଦ୍ୱାରା ମରୋଣତ୍ତର ଭାବରେ ସମ୍ମାନ ପାଇଥିବା ସେହି ବ୍ୟକ୍ତି ଜଣଙ୍କର ନାମ ଥିଲା ନିକୋଲସ୍ କୋପରନିକସ୍ । ଅଭିଭୂତ ହୋଇପଡିଥିବା ତରୁଣ ଜଣକ ଥିଲେ ଫିଲିପୋ ଜିଓର୍ଦନୋ ବ୍ରୁନୋ । ବାସ୍ତବରେ କୋପରନିକସ୍ ଙ୍କ ଦ୍ୱାରା ଲେଖାଯାଇଥିବା ଐତିହାସିକ ବହି "ସ୍ୱର୍ଗୀୟ ଗୋଲକ ଗୁଡିକର ଆବର୍ତ୍ତନ" (De Revolutionsibus Orbium Coelestium) ପୋପଙ୍କ କବଳରୁ ବଞ୍ଚାଇ ରଖିବା ପାଇଁ କୋପରନିକସ୍ ଯେଉଁ କୌଶଳ ଅବଲମ୍ବନ କରିଥିଲେ ତାହା ଏଠାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ, ସେ ପର୍ଯ୍ୟନ୍ତ କୋପରନିକସ୍ ଙ୍କର ବହିଟିକୁ ରୋମାନ କ୍ୟାଥୋଲିକ ଚର୍ଚ୍ଚର କର୍ତ୍ତୃପକ୍ଷ ନିଷିଦ୍ଧ କରିନଥିଲେ । ଏହା ପଛରେ କୋପରନିକସ୍ ଙ୍କର ଦୁରଦୃଷ୍ଟି ଥିଲା, କୋପାରନିକ୍ସ ଙ୍କୁ ଜଣ ଥିଲା ଯଦି ଏହି ବହିରେ ସିଧା ସିଧା କିଛି ଲେଖା ଯାଏ ତେବେ ଏହା ଧାର୍ମିକ ଦୃଷ୍ଟିକୋଣ ଉପରେ ପ୍ରଭାବ ପଡିବ, ଅର୍ଥାତ ଏହା ପୃଥିବୀ ବିଷୟରେ ଧାର୍ମିକ ଦୃଷ୍ଟିକୋଣ ପ୍ରଭାବିତ ହେବ । ତେଣୁ ସେହି ହିସାବରେ ସେ ଏକ କୌଶଳ ଅବଲମ୍ବନ କରିଥିଲେ । ଧର୍ମତନ୍ତ୍ର ର

ISSN NO.
2582-208X

ସନାତନ ଓ ପ୍ରଚଳିତ ଶିକ୍ଷା ସହିତ ସାମଞ୍ଜସ୍ୟ ନଥିବା କେତେକ ବିଷୟ ଏହି ବହିଟିରେ ରହିଛି ବୋଲି ସେମାନେ ବୁଝିଥିଲେ ।

ପ୍ରଥମତଃ ବହିଟି ପୋପ ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ଦ୍ୱିତୀୟତଃ ବହିର ପ୍ରକାଶକ ତଥା ଲେଖକ କୋପରନିକସ୍ ଙ୍କର ବନ୍ଧୁ ଆଣ୍ଡ୍ରିୟାସ ୟୁସିଏଣ୍ଡର ବହିଟିର ମୁଖବନ୍ଧ ଲେଖିଥିଲେ ଯେ "ଏହି ବହିରେ ପୃଥିବୀର ଆବର୍ତ୍ତନ ସମ୍ପର୍କରେ ଯାହା ଉଲ୍ଲେଖ ଅଛି ତାହା ଏକ କାଳ୍ପନିକ ପ୍ରସ୍ତାବ ଓ ଏହା ସହ ବାସ୍ତବତାର କୌଣସି ସମ୍ପର୍କ ନାହିଁ । ଜ୍ୟୋତିର୍ବିଜ୍ଞାନୀ ମାନଙ୍କୁ ବହୁପ୍ରକାର ଗାଣିତିକ ପରିକଳ୍ପନା କରିବାକୁ ହୋଇଥାଏ । କୋପରନିକସ୍ ତାହାହିଁ କରିଛନ୍ତି । ଯଦି ଏହି କୌଶଳଟି କୋପରନିକସ୍ ଲାଗୁ କରିନଥାନ୍ତେ ତାହେଲେ ଏହି ମହତ୍ୱପୂର୍ଣ୍ଣ ବହିଟି ଆଗାମୀ ଦିନରେ ଲୋକ ଲୋଚନକୁ ଆସିପାରି ନଥାନ୍ତା । ବାସ୍ତବରେ ଏହି ସ୍ଥାନରେ କୋପରନିକସ୍ ଙ୍କର ମହନୀୟତା । ଏହା ସତ୍ୟ ଯେ, ମୁଖବନ୍ଧରେ ଲେଖାଥିବା ଲେଖାଟି ପାଇଁ ସତ୍ୟଟି ଲୁଚି ରହିଥିଲା ଏବଂ ଅନ୍ୟ କେହି ଏହା ସତ୍ୟ ବୋଲି କହିବା ପାଇଁ ସାହସ କରିନଥିଲେ । କିନ୍ତୁ ଏହା ସତ୍ୟ ବୋଲି ପ୍ରଥମ ଥର ବୃନୋ କହିଥିଲେ ଏବଂ ସେ କହିଥିଲେ ଏହି ମୁଖବନ୍ଧ ଲେଖାଟି ପାଇଁ ଏତେବଡ ଯୁଗାନ୍ତକାରୀ ଆବିଷ୍କାର ସମାଜରେ ସ୍ୱୀକୃତି ପାଇନାହିଁ । ଏଥିପାଇଁ ବୃନୋ ଙ୍କୁ ଜୀବନ ଦେବାକୁ ହୋଇଛି ।

ନିକୋଲସ୍ କୋପରନିକସ୍ (୧୯ ଫେବୃଆରୀ ୧୪୭୩ - ୨୪ ମଇ ୧୫୪୩) ଜଣେ ପୋଲାଣ୍ଡରେ ଜନ୍ମିତ ଇଉରୋପୀୟ ଜ୍ୟୋତିର୍ବିଜ୍ଞାନ ଏବଂ ଗଣିତଜ୍ଞ ଥିଲେ । ସେ ଏହି ବୈପ୍ଳବିକ ସୂତ୍ର ଦେଇଥିଲେ ଯେ ପୃଥିବୀ ମହାକାଶର କେନ୍ଦ୍ରରେ ନାହିଁ। ନିକୋଲସ୍ ପ୍ରଥମ ୟୁରୋପୀୟ ଜ୍ୟୋତିର୍ବିଜ୍ଞାନ ଥିଲେ ଯିଏକି ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ବାହାରେ ବିବେଚନା କରିଥିଲେ, ଯଥା ହେଲିଓସେଣ୍ଟ୍ରିଜିମ୍ ମଡେଲ୍ ପ୍ରୟୋଗ କରିଥିଲେ । ଜ୍ୟୋତିର୍ବିଜ୍ଞାନରେ କୋପରନିକାନ୍ ପ୍ରଣାଳୀ, ସୂର୍ଯ୍ୟ ଏବଂ କେନ୍ଦ୍ରୀଭୂତ ସୂର୍ଯ୍ୟ ଏବଂ ଅନ୍ୟାନ୍ୟ ଗ୍ରହମାନେ ଏହାର ଚତୁର୍ଦ୍ଦିଗରେ ଘୂରି ବୁଲନ୍ତି, ନିକୋଲସ୍ କୋପରନିକସ୍ ଦ୍ୱାଦ୍ୱାରା ପ୍ରସ୍ତୁତ ଏବଂ ୧୫୪୩ ମସିହାରେ ପ୍ରକାଶିତ ହୋଇଥିଲା। ଏହା ଆବିଷ୍କାର କରି ପୃଥିବୀ ଏବଂ ଗ୍ରହମାନେ ସୂର୍ଯ୍ୟଙ୍କ ଚାରିପଟେ ଘୂରି ବୁଲୁଥିଲେ, କୋପର୍ନିକସ୍ ବୈଜ୍ଞାନିକ ଚିନ୍ତାଧାରାରେ ଏକ ପ୍ରମୁଖ ବିପ୍ଳବ ଆରମ୍ଭ କରିଥିଲେ ଯାହା ଦ୍ୱାରା ଲୋକମାନେ ଆକାଶ ଏବଂ

ISSN NO.
2582-208X

ତାରାମାନଙ୍କ ମଧ୍ୟରେ ଗ୍ରହକୁ ଦେଖିବାର ପ୍ରଣାଳୀକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିଲେ। ନିକୋଲସ୍ କୋପରନିକସ୍ ଏକ ନବଜାଗରଣ ପଲିମାଥ୍ ଥିଲେ ଯାହାଙ୍କୁ କିଛି ଲୋକ "କୋପରନିକନ୍ ବିପ୍ଳବ" ବୋଲି କହିଥିଲେ। କୋପରନିକସ୍ ସୂର୍ଯ୍ୟଙ୍କୁ ପୃଥିବୀ ପରିବର୍ତ୍ତେ ବ୍ରହ୍ମାଣ୍ଡର କେନ୍ଦ୍ରରେ ରଖିଲେ । ନବଜାଗରଣ ଏବଂ ବୈଜ୍ଞାନିକ ବିପ୍ଳବ ବୋଧହୁଏ ଇତିହାସର ବିଜ୍ଞାନର ଆବିଷ୍କାର ଏବଂ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ । ହେଲିଓସେଣ୍ଟ୍ରିକ୍ ସୌର ପ୍ରଣାଳୀ ଏବଂ ଗ୍ରହ ଗତିର ନିୟମ ପରି ଚିନ୍ତାଧାରାର ପରିଚୟ ପାଇଁ ନବଜାଗରଣ ଏବଂବୈଜ୍ଞାନିକ ବିପ୍ଳବ ଦାୟୀ ଥିଲା । ଆଜି ଆମେ ଏହି ମହାନ ଜ୍ୟୋତିର୍ବିଜ୍ଞାନୀ ନିକୋଲସ୍ କପର୍ନିକସ୍ ଙ୍କ ଜନ୍ମଦିନ ପାଳନ କରୁଛୁ । ଫେବୃଆରୀ ମାସରେ ଦୁନିଆର ଦୁଇ ମହାନ ସମସାମୟିକ ଜ୍ୟୋତିର୍ବିଜ୍ଞାନୀଙ୍କ ଜନ୍ମଦିନ କେତେ ଅଦ୍ଭୁତ ଘଟଣା । ଅନ୍ୟ ଜଣେ ହେଉଛନ୍ତି ମହାନ ବୈଜ୍ଞାନିକ ଗାଲିଲିଓ । ନିକୋଲସ୍ କୋପରନିକସ ହେଉଛନ୍ତି ପ୍ରଥମ ୟୁରୋପୀୟ ଯିଏ ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ରରୁ ବାହାର କରିଥିଲେ । ତାହା ହେଉଛି, ହେଲିଓସେଣ୍ଟ୍ରିଜିମ୍ ମଡେଲ୍ କାର୍ଯ୍ୟକାରୀ କରାଯାଇଥିଲା । ଅନ୍ୟଥା, ଏହି ସମଗ୍ର ୟୁରୋପ ଅରସ୍ତୁ ଙ୍କ ମଡେଲରେ ବିଶ୍ୱାସ କରୁଥିଲା, ଯେଉଁଠାରେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ର ଥିଲା । ଏବଂ ସୂର୍ଯ୍ୟ, ତାରା ଏବଂ ଅନ୍ୟାନ୍ୟ ଶରୀର ଏହାର ଚାରିପାଖରେ ଘୂରି ବୁଲୁଥିଲେ । କୋପରନିକସ ଏହାକୁ ଅସ୍ୱୀକାର କରିଥିଲେ। ୧୫୩୦ ମସିହାରେ, କପର୍ନିକସ୍ ଙ୍କ ପୁସ୍ତକ ଡି ରିଭୋଲ୍ୟୁସନିବସ୍ ପ୍ରକାଶିତ ହୋଇଥିଲା, ଯେଉଁଥିରେ ସେ କହିଥିଲେ ଯେ ପୃଥିବୀ ଗୋଟିଏ ଦିନରେ ନିଜ ଅକ୍ଷରେ ଘୂର୍ଣ୍ଣନ କରେ ଏବଂ ଗୋଟିଏ ବର୍ଷରେ ସୂର୍ଯ୍ୟକୁ ସମାପ୍ତ କରେ । ତାରାଗୁଡ଼ିକର ସ୍ଥିତି ନିର୍ଣ୍ଣୟ କରିବା ପାଇଁ କୋପରନିକସ୍ ପ୍ରୋଟେନିକ୍ ଟେବୁଲ୍ ସୃଷ୍ଟି କରିଥିଲେ, ଯାହା ଅନ୍ୟ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଥିଲା । ସ୍ପେସ୍ ବିଷୟରେ କୋପର୍ନିକସ୍ ଙ୍କର ସାତୋଟି ନିୟମ ଯାହା ତାଙ୍କ ପୁସ୍ତକରେ ଉଲ୍ଲେଖ କରାଯାଇଛି: ୧। ସମସ୍ତ ସ୍ୱର୍ଗୀୟ ଶରୀର ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରର ଚାରିପାଖରେ ନାହିଁ । ୨। ପୃଥିବୀର କେନ୍ଦ୍ର ବ୍ରହ୍ମାଣ୍ଡର କେନ୍ଦ୍ର ନୁହେଁ। ଏହା କେବଳ ମାଧ୍ୟାକର୍ଷଣ ଏବଂ ଚନ୍ଦ୍ରର କେନ୍ଦ୍ର ଅଟେ । ୩- ସମସ୍ତ କ୍ଷେତ୍ର (ସ୍ୱର୍ଗୀୟ ଶରୀର) ସୂର୍ଯ୍ୟ ଚାରିପଟେ ଘୂରି ବୁଲନ୍ତି । ଏହିପରି ସୂର୍ଯ୍ୟ ହେଉଛି ବ୍ରହ୍ମାଣ୍ଡର କେନ୍ଦ୍ର । (ଏହି ନିୟମ ମିଥ୍ୟା ଅଟେ।) ୪ -ପୃଥିବୀଠାରୁ ଆକାଶରୁ ଦୂରତା ତୁଳନାରେ ସୂର୍ଯ୍ୟଠାରୁ ପୃଥିବୀର ଦୂରତା ବହୁତ କମ । ୫- ଆକାଶରେ ଆମେ ଯାହା କିଛି ଗତି ଦେଖୁ ତାହା ପ୍ରକୃତରେ ପୃଥିବୀର ଗତି ଯୋଗୁଁ ହୋଇଥାଏ । (ଆଂଶିକ ସତ୍ୟ), ୬- ଆମେ ଯାହା

ISSN NO.
2582-208X

ସୂର୍ଯ୍ୟଙ୍କ ଗତି ଦେଖନ୍ତି, ଏହା ପ୍ରକୃତରେ ପୃଥିବୀର ଗତିବିଧି, ୭ - ଗ୍ରହମାନଙ୍କର ଗତି ଯାହା ଆମେ ଦେଖୁ, ଏହା ପଛରେ ପୃଥିବୀର ଗତି ମଧ୍ୟ ଦାୟୀ । ବିଶେଷ କଥା ହେଉଛି କପର୍ନିକସ୍ କୌଣସି ଅପ୍ଟିକାଲ୍ ଯନ୍ତ୍ରର ବ୍ୟବହାର ବିନା ଏହି ସିଦ୍ଧାନ୍ତଗୁଡିକ ହାସଲ କରିଛନ୍ତି । ସେ ଖାଲି ଆଖିକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହୁଥିଲେ ଏବଂ ଗାଣିତିକ ଗଣନା ମାଧ୍ୟମରେ ସଠିକ୍ ସିଦ୍ଧାନ୍ତ ନେବାକୁ ଚେଷ୍ଟା କରୁଥିଲେ । ପରେ, ଯେତେବେଳେ ଗାଲିଲିଓ ଟେଲିସ୍କୋପ ଉଦ୍ଭାବନ କଲେ, ତାଙ୍କର ଅନୁସନ୍ଧାନ ନିଶ୍ଚିତ ହେଲା । ଜ୍ୟୋତିର୍ବିଜ୍ଞାନୀ ହେବା ବ୍ୟତୀତ କୋପର୍ନିକସ୍ ଜଣେ ଗଣିତଜ୍ଞ, ଚିକିତ୍ସକ, ଅନୁବାଦକ, କଳାକାର, ବିଚାରପତି, ରାଜ୍ୟପାଳ, ସାମରିକ ନେତା ତଥା ଅର୍ଥନୀତିଜ୍ଞ ମଧ୍ୟ ଥିଲେ । ମୁଦ୍ରା ଉପରେ ଗବେଷଣା କରିବାବେଳେ ସେ ପ୍ରସିଦ୍ଧ ଗ୍ରେଶାମଙ୍କ ନିୟମ ପ୍ରତିଷ୍ଠା କରିଥିଲେ, ଯାହା ଅନୁଯାୟୀ ଖରାପ ମୁଦ୍ରା ଭଲ ମୁଦ୍ରାକୁ ପ୍ରଚାରରୁ ବାହାର କରିଦିଏ । ସେ ଅର୍ଥର ସାଂଖ୍ୟିକ ସିଦ୍ଧାନ୍ତର ସୂତ୍ର ଦେଇଥିଲେ । କୋପରନିକସ୍ ଙ୍କ ପରାମର୍ଶ ମୁଦ୍ରାର ସ୍ଥିରତା ଉପରେ ପୋଲାଣ୍ଡ ସରକାରଙ୍କୁ ବହୁତ ସାହାଯ୍ୟ କରିଥିଲା । କୋପରନିକସ୍ ଙ୍କ ଅବଦାନକୁ ବିଶ୍ୱ କ୍ୱଚିତ୍ ଭୁଲିପାରେ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ନାରୀର ସଂସ୍କାର



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ପାଂଚ ବର୍ଷ ଯାଏ
ପିଲାଙ୍କୁ ମାରନି
ଲାଳନ ପାଳନ କର
ମିଠା କଥା କହି
ପିଠିକୁ ଆଉଁସି
କାମଟା ଆଦାୟ କର।

ପିଲା ନ ଖାଇଲେ
ତୁମେ ଖାଅ ନାହିଁ
ଜିଦିରେ ଅଟଳ ରହ
ଭୋକ ହେଲେ ପିଲା
ତୁମକୁ ଡାକିବ
ଜମା କଥା ନାହିଁ କହ।

ଜାଣିବ ସେ ପିଲା
ମାଆ ମୋ' ରାଗିଛି
କରିବ ସେ ଖୋସାମତ
ତୁମ ମନ ସାଥେ
ତା' ମନ ମିଶିବ
ବୁଝିବ ସେ ରୀତିମତ।

କଅଁଳା ପିଲାକୁ
ମାଡ ମାରି ଦେଲେ
ଦେହେ ଦାଗ ହୋଇଯିବ
ବୁଢା କାଳଯାଏ
ମନରେ ତାହାର
ହିଂସ୍ର ଭାବ ରହିଯିବ।

ପିଲା ସାଥେ ରହି
ପିଲାକୁ ଖେଳାଅ
କୁହ ରାମ କୃଷ୍ଣ କଥା
ଯେତେ ଅବସାଦ
ତିରୋହିତ ହେବ
ଘୁଂଚିଯିବ ସବୁ ବ୍ୟଥା।

ISSN NO.
2582-208X

ନୂଆ ଗପ କହି
ପିଲାର ମନକୁ
ଶୂନ୍ୟରେ ଉଡାଇ ଦିଅ
ବାରମ୍ବାର ସିଏ
ତୁମକୁ କହିବ
"ଗପଟିଏ ମାଆ କହ।"

ଏହି ଅବସରେ
ଯେତେ କାମ ଅଛି
ତାଠାରୁ ଆଦାୟ କର
ଯାହା ବି କହିବ
ତାହା ସେ କରିବ
ନିଜକୁ ପ୍ରସ୍ତୁତ କର।

ଛଅ ବର୍ଷ ଠାରୁ
ଦଶଟି ବରଷ
ଆକଟରେ ତାକୁ ରଖ
ମୂଳଦୁଆ ତାର
ମଜବୁତ ଥିବ
କଅଣ କରୁଛି ଦେଖ।

ପାଂଚ ବର୍ଷ ଯାଏ
ଯେଉଁ ସଂସ୍କାରଟା
ଦେଇଥିବ ତୁମେ ତାକୁ
ବାଧ୍ୟ ହୋଇଥାଏ
ଗୁରୁଜନଂକର
ବୋଲ ସିଏ ମାନିବାକୁ।

ଶିକ୍ଷକମାନଂକ
କଥା ସିଏ ଶୁଣେ
ମନ ଦେଇ ପାଠ ପଢେ
ଆଗାମୀ ଦିନରେ
ନିଜ ଜୀବନକୁ
ମାର୍ଜିତ କରି ସେ ଗଢେ।

ଶିକ୍ଷକ ତାହାକୁ
ଆଦର କରନ୍ତି
କେବେ ବି ଦିଅନ୍ତି ମାଡ
ସେହି ମାଡ ଦିନେ
ବଦଳାଇ ଦିଏ
ତାହା ଜୀବନର ମୋଡ।

ଷୋଳ ବର୍ଷ ଯେବେ
ସୁରୁ ହୋଇଯାଏ
ହୋଇଯାଅ ତାର ସାଙ୍ଗ
ତୁମରି ଘରର
ହାନୀରେ ଲାଭରେ
ଧୀରେ ଧୀରେ ନେଉ ଭାଗ।

ଧୀରେ ଧୀରେ ସିଏ
ବଡ ହୋଇଯିବ
ଘରର ଦାୟିତ୍ୱ ନେବ

ISSN NO.
2582-208X

ବାପାମାଆଙ୍କର
ଦାୟିତ୍ୱ ସଂପର୍ଣ୍ଣ
ପୁଅଟିଏ ହୋଇଯିବ।

ସୁଶ୍ରୀ ଓ ସୁନ୍ଦରୀ
ଝିଅଟିଏ ଦେଖି
ବିଭା ତାକୁ କରିଦେବ
ଗୁରୁତ୍ୱ ବି ଦେବ
ସଂସ୍କାରୀ ଘରର
ଝିଅ ସିଏ ହୋଇ ଥିବ।

ବୋହୂସାଥେ ତୁମେ
ଝିଅ ଭାବ ରଖ
ହୋଇଯାଅ ତାର ମାଆ
ଭଲ ଶାଶୁ ହୋଇ
ଗାଆଁରେ ସହରେ
ରଖି ଯାଅ ତୁମ ନାଆଁ।

ସେହି ବୋହୂ ତୁମ
ସେବା ହିଁ କରିବ
କାହିଁ ଛାଡି ଯିବ ନାହିଁ
ସୁନା ବୋହୂ ହୋଇ
ସୁନାମ ଅର୍ଜିବ
ଦୁର୍ନାମ ରଟିବ ନାହିଁ।

ମୋ ନଂ 9937462507

ISSN NO.
2582-208X

# ଦୀପାଳୀ



ଝରଣା ବାରିକ

ଦୀପ ଟିଏ ହୋଇ ଜଳୁ ଥିବି ମୁହିଁ
ଲୁହକୁ କରି ବି ତେଲ,
ମନକୁ ମୋହର ସଳିତା କରିବି
ଯଦି ତୁମେ ପାଅ ଭଲ ।

ହୃଦୟ ମନ୍ଦିରେ ଦେବତା କରିବି
ପ୍ରେମକୁ ତୁମର ନେଇ,
ଆଜି ବି କହୁଛି କାଲି କହୁଥିବି
ଭଲପାଏ ବୋଲି ମୁହିଁ ।

ଯେବେ ନେବ ତୁମ ଘରକୁ ତୁମର
ନବ ବଧୂ ଟିଏ କରି
ଜଳି ଜଳି ନିଜେ ଆଲୋକ ବାଣ୍ଟିବି
ହସ ଖୁସି ଦେବି ଭରି

ହୃଦୟ ମୋହର ତୁମକୁ ଦେଇକି
ଯାଇଛି ତୁମରି ହୋଇ,
ତୁମରି କୋଳରେ ମୁଣ୍ଡ ରଖିଦେଲେ
ସବୁ ସୁଖ ଯାଏ ପାଇ।

ISSN NO.
2582-208X

ତୁମେ ମୋ ସିନ୍ଦୂର ତୁମେ ହିଁ ସୁହାଗ
ମୋ ଜନମ ତୁମ ପାଇଁ,
ତୁମରି କୁଳର ନବ ବଧୂ ସାଜି
ସବୁବେଳେ ଥିବି ରହି।

ତୁମ ହସ ହୋଇ ଝରୁଥିବି ନିତି
ଆଖିରେ ଦେବିନି ଲୁହ,
ଭଲପାଇବାର ମଞ୍ଜି ଦେବି ବୁଣି
ଛୁଟିବ ଖୁସିର ସୁଅ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ମହାଜନ ଦଇତାରୀ ପଣ୍ଡା ମୁଣ୍ଡରେ ଗାମୁଛାଟେ ବାନ୍ଧି ସଁ ... ସଁ ହୋଇ ଚାଲିଛି । ବିକାଶ ଓ କହ୍ନେଇକୁ ଦେଖି ଭୋ ଭୋ କାନ୍ଦି ପକାଇଲା । ବିକାଶବାବୁ କହିଲେ କଣ ହୋଇଛି କି ମହାଜନେ ? ଆଜି କଣ ଆଖିରେ ଲୁହ । ନିଃଶ୍ୱାସ ଯେପରି ନାସାପଥ ଦେଇ ବହିଯାଏ ସେହିପରି ଚକ୍ଷୁରେ ଲୁହ ସବୁ ଦୁଇଟି ଆଖିରୁ ଝରି ପଡୁଥିଲା । ମହାଜନ ଦଇତାରୀ ପଣ୍ଡା ବିକାଶ ଓ କହ୍ନେଇକୁ ଡାକ୍ତରଖାନାର ୧୦୫ ନମ୍ବର ବେଡକୁ ନେଇଗଲେ । ସେଠାରେ ବିଚିତ୍ର ଏମାନଙ୍କୁ ଦେଖି ବହୁତ ଜୋରରେ କାନ୍ଦିଉଠିଲା । ଜାଣିଛ କହ୍ନେଇବାବୁ, ମୁଁ ବଡ ମହାପାପ କରିଛି, ସେଥିପାଇଁ ଭଗବାନ ମୋତେ ବହୁତ ବଡ ରୋଗ ଦେଇଦେଲେ । ବହୁତ ଝିଅମାନଙ୍କର ଇଜତ ସହିତ ଖେଳିଛି । ଗରିବର ଭୋକ ଛଡେଇଛି । ସେଥିପାଇଁ ମତେ ଏଡସ୍ ଭଳି ମାରାତ୍ମକ ରୋଗ ହୋଇଯାଇଛି । କହ୍ନେଇ ଭାଇ ମୋତେ ଆପଣ କ୍ଷମା କରିଦେବେ ।

ଖାଲି ସେତିକି ନୁହଁ, ମୋ ବାପାଙ୍କୁ ମଧ୍ୟ ଛାଡି ନାହିଁ । ମୁଁ ମୋ ପାପରେ ଅନ୍ଧହୋଇ ଏମିତି ରାକ୍ଷସ ପଲଟି ଗଲିଯେ, ଦିନେ ଜୋର୍ ରାଗିକରି ପ୍ରବଳ ବର୍ଷା ହେଉଥାଏ । ବାପାଙ୍କୁ ମାମୁଁଙ୍କ ଦେହ ଅସୁସ୍ଥ କହି ତାଙ୍କ ଘରକୁ ବାହାନା କରି ଗାଡିରେ ନେଇଗଲି । କଲିକତାକୁ ନେଇ ଗୋଟେ ବୃଦ୍ଧାଶ୍ରମ ପାଖରେ ଛାଡିଦେଇ ଚାଲିଆସିଲି । ଗଭୀର ଅନ୍ଧାର ଭିତରେ ଯେଉଁ ବିକଳ ଚିତ୍କାର, ବାବାରେ ମତେ ଏ ଅନ୍ଧାର ଭିତରେ କାହିଁକି ଛାଡିଦେଉଛୁ ? ଗୋଟା

ISSN NO.
2582-208X

ଓଦାରେ ଧନ ମୋ ଦେହ ଶୀତେଇ ଉଠୁଛିରେ ମୁଁ ଆଉ ତୋତେ କିଛି କହିବିନି । ମୁଁ ଭିକ ମାଗି ଖାଇବି, ତୋ ଉପରେ ଆଉ ବୋଝ ହେବିନାହିଁ । ମତେ ଏଠାରୁ ନେଇ ଯାଆରେ । ଘଡଘଡି ବିଜୁଳି ସହିତ ବର୍ଷାରେ ତିନ୍ତି ବହୁତ ଡର ଲାଗୁଛି । ଭୋ ଭୋ କାନ୍ଦୁଥାନ୍ତି ମୁଁ ଗାଡି ଧରି ନ ଶୁଣି ଚାଲିଆସିଲି । ତା ପରେ ଆଉ କେବେ ମନେପକାଇ ନାହିଁ ।

ତା ପରେ କଣ ହେଲା ଜାଣିଛ କହ୍ନେଇ, ଦଇତାରୀ ମହାଜନ କହିଲେ । ନାତି ଟୋକା ଆସି କହିଲା ଜେଜେ କଣ ଭାବୁଛନ୍ତି । ମୋ ବୋଉକୁ ଗ୍ରହଣ କରିନିଅନ୍ତୁ । ସେ ସବୁ ସେବା କରିବ । ସେ ବେଶି କାନ୍ଦୁରୀ । କାନ୍ଦି କାନ୍ଦି ମୋତେ ଦିଲ୍ଲୀରୁ ଡକାଇ ଦେଇଛି । ତୁ ଆସ ତୋ ଜେଜେଙ୍କୁ ଦେଖା କରିବୁ । ମୁଁ ତ ଖୁସୀରେ ପାଗଳ ହୋଇଗଲି ।

ପୂରାପୂରି ଅବିକଳ ବିଚିତ୍ର ।

ତୁ ବିଚିତ୍ର ..... ?

ହଁ ବାପା । ସେ ଆପଣଙ୍କର ନାତି ।

ନାଇଁରେ ମା ମୁଁ ତାର ଜେଜେ । ସେ ମୋ ବିଚିତ୍ର । ମତେ ଆଉ କହନା ସଅଁବାରି । ମୁଁ ଜାଣି ସାରିଲିଣି ବିଚିତ୍ରର ନାକ । ବିଚିତ୍ରର ଆଖି ହେଲେ, ତୁମେମାନେ ଏଠାରେ କେମିତି ?

ହଁ ବାପା । ଆପଣଙ୍କୁ ଘରୁ ଚାଲିଆସିଲା ପରେ ଆମ ଗାଁ ବେଗୁନିଆରେ ବାପା ମତେ ଲୁଚେଇ ରଖିଥିଲେ । କେତେ ଜଣ ବାଧ୍ୟ କରିଥିଲେ ପିଲାକୁ ନଷ୍ଟ କରିଦେବାକୁ ହେଲେ ମୁଁ ମୋ ପିଲାକୁ ନଷ୍ଟ ନକରି ଜନ୍ମ ଦେବାକୁ ସିଦ୍ଧାନ୍ତ ନେଲି । ଡାକ୍ତର ବାବୁ ଓ ଆଶା ଦିଦିଙ୍କ ସହାଯ୍ୟରେ ମେଡିକାଲରେ ଜନ୍ମ କଲି, ହେଲେ ସେ ଦିନ ମଧ୍ୟ ସାନବାବୁ ବିଚିତ୍ର କ୍ଷମା କଲେନାହିଁ, କିଛି ମିଡିଆ ଓ ଗୁଣ୍ଡା ଆଣି ଡାକ୍ତରଙ୍କୁ ଧମକାଉଥିବା ବେଳେ ପଛପଟ ଗେଟ ଦେଇ ମୁଁ ପୁଅକୁ ଧରି ଚାଲିଆସିଲି । ଏହି ଟିକି ଧନର ଖୁସିପାଇଁ କଲିକତା ଆସି ଗୋଟେ ମେଡିକାଲରେ କାମ କଲି । ସେଠାରୁ ଆସି ଏହି ବୃଦ୍ଧାଶ୍ରମରେ କାମ କରୁଛି ।

ISSN NO.
2582-208X

ଜେଜେ, ମୁଁ ଦିଲ୍ଲୀରେ ଗୋଟେ କମ୍ପାନିରେ କାମ କରୁଛି ।

ହଁ ରେ ଧନ, ମୋର ଆଉ କିଛି ଚିନ୍ତା ନାହିଁ । ମୁଁ ଏବେ ଖୁସିରେ ମରିପାରିବି ।

ଏମିତି କାହିଁକି କହୁଛନ୍ତି ବାପା? ଆପଣଙ୍କର କିଛି ହେବ ନାହିଁ । ସବୁ ଠିକ୍ ହୋଇଯିବ । ଜାଣିଛନ୍ତି ବାପା ଚେତାଶୂନ୍ୟ ହୋଇ ପଡିଗଲା ପରେ ଆମ ସିକ୍ୟୁରିଟି ଆସି ମତେ ଡାକିଲେ । ମୁଁ ଆପଣଙ୍କୁ ଚିହ୍ନିପାରି ବହୁତ ଆନନ୍ଦ ଲାଗିଲା । ହଁ ବାପା ମୁଁ ଆଦିବାସୀ ବୋଲି ମତେ ଗ୍ରହଣ ଅରିବେନି ତ? ମୋର କିଛି ଦୁଃଖ ନାହିଁ । ମତେ ଖାଲି ଆପଣଙ୍କ ସେବା କରିବାକୁ ଅନୁମତି ଦିଅନ୍ତୁ ବାପା । ଆପଣଙ୍କ ଗୋଡ ଧରୁଛି ବାପା ମତେ ମନା କରନ୍ତୁ ନାହିଁ । ଏତେ ଭଲ ପାଇବା ପାଖରେ ମୁଁ ହାରିଗଲି ।

ଉଠ.. ଉଠ.. ସଅଁବାରି ମୁଁ ତ ମହାପାପୀଟେ । ତତେ ସେ ଦିନ ଗ୍ରହଣ କରି ବୋହୂ କରି ଦେଇଥିଲେ ହୁଏତ ଆଜିପରି ଦୁର୍ଘଟଣା ଘଟିନଥାନ୍ତା । ବାପପରି ମହାନ ବ୍ୟକ୍ତିତ୍ୱକୁ ପୁଅ ଗୋଟେ ବୃଦ୍ଧାଶ୍ରମରେ ବର୍ଷା ରାତିରେ ଏକୁଟିଆ ଛାଡି ଦେଇ ଯାଇ ନଥାନ୍ତା । ମତେ ତୁମେ ଦୁଇ ମା ପୁଅ କ୍ଷମା କରିଦିଅ ।

ତିନିଜଣ ମିଶି ଆନନ୍ଦରେ କାନ୍ଦି ପକାଇଲେ । କିଛି ଦିନ ପରେ ବାଲେଶ୍ୱର ଆସିବାକୁ ଜିତି ଧରିବାକୁ ସଅଁବାରି ଓ ନାତି ରାଜୁ ମତେ ଧରି ଏଇ କିଛି ମାସ ହେଲା ଆସିଛୁ । ହେଲେ ଏଠାରେ ବିଚିତ୍ରର ଏପରି ଅବସ୍ଥା ଜାଣି ସବୁ ଦୁଃଖ ଅପମାନ ଭୁଲି ସଅଁବାରି ବିଚିତ୍ରର ସବୁ ସେବା କରୁଛି ।

ଏହି ସମୟରେ ସଅଁବାରି ଓ ରାଜୁ ଭିତରକୁ ପଶିଆସିଲେ । ରାଜୁ କହିଲା, ଜେଜେ, ତୁମ ପାଇଁ ଖାଇବା ଆଣିଛି ଖାଇନିଅ । କହ୍ନେଇ ଓ ବିକାଶକୁ ଦେଖାଇ, ସଅଁବାରି ଏମାନଙ୍କୁ ଜୁହାର କର ପୁଅ । ରାଜୁ ଯାଇ ଜୁହାର କଲା । ଠିକ୍ ଅଛି କହ୍ନେଇ କହିଲେ । ସତରେ ଆଜି ବହୁତ ଖୁସି ଲାଗୁଛି ଦଇତାରୀ ପଣ୍ଡା କହିଲେ । ଆଖିରୁ ଲୁହ ଝରାଇ ବିଚିତ୍ର କହିଲେ ମତେ ସମସ୍ତେ କ୍ଷମା କରିଦେବ । ମୁଁ ସମସ୍ତଙ୍କ ପାଖରେ ପାପ କରିଛି । ଏମିତି ବିକଳ

ISSN NO.
2582-208X


ବିଳାପ କରୁଥାନ୍ତି ବିଚିତ୍ର । ସଅଁବାରି ତାଙ୍କ ପାଖରେ ବସି ଗୋଡ ଚିପୁଚିପୁ କହିଲା । ଏମିତି କୁହନା ସାନବାବୁ । ଲୁହଗୁଡାକ ବିଚିତ୍ରଙ୍କ ଗୋଡରେ ଝରି ପଡୁଥିଲା । ମତେ କ୍ଷମା କରି ଦେଇଛ ନା ସଅଁବାରି । ମୋ ପୁଅକୁ ଜମାରୁ ଖରାପ ଅଭ୍ୟାସରେ ସମ୍ପୃକ୍ତ କରିବନାହିଁ । ମୋ ପରି ହତଭାଗ୍ୟ ବାପ ପରି ସେ ଯେମିତି କାହା ଆଗରେ ଅପନିନ୍ଦା ନ ପାଉ ।

ନାଇଁ ବାପା ଏମିତି କୁହନ୍ତୁ ନାହିଁ । ରାଜୁ କହିଲା । ବୋଉ ସବୁବେଳେ କହିଛି, ବାପା ମା ଙ୍କ ପରି ଦୁନିଆରେ ଆଉ କୌଣସି ଦେବତା ନାହିଁ । ତୁମକୁ ଆମେ କେବେ ଛାଡିକି ଯିବୁ ନାହିଁ । ମୋ ବଉ ବି ତୁମମାନଙ୍କୁ ମନେପକାଇ ଅନେକ କାନ୍ଦିଛି । ମୁଁ ଆଉ ତାକୁ କନ୍ଦେଇବାକୁ ଚାହୁଁନି ବାପା । ଆରେ ଧନ, ଆଉଥରେ ମତେ ବାପା ବୋଲି ଡାକ ରେ । ଏହି ବାପା ଡାକରେ ମୋ ଆତ୍ମା ନିଶ୍ଚୟ ଶାନ୍ତି ପାଇଯିବ । ମୋ ପାପ କମିଯିବ । ଅନେକ ଦୁଃଖ ଦେଇଛିରେ ତୋ ବଉକୁ । ସେଥିପାଇଁ ତ ମୁଁ ଅନେକ ଦୁଃଖ ପାଇଲିଣି । ଭବଗାନ ମତେ ବହୁତ ଦୁଃଖ ଦେଇ ସାରିଲେଣି ।

କହ୍ନେଇ କହିଲା – ବେଶୀ ଭାବନି ବିଚିତ୍ର ତୁମେ ଭଲ ହୋଇଯିବ । ଚିନ୍ତା କଲେ ଅସୁସ୍ଥ ହୋଇଯିବ ।

ହଁ କହ୍ନେଇ ଭାଇ ।

ସକାଳ ତୀତର ସେ ଏକ କରୁଣ କାହାଣୀ ଫଗୁଣ ଜ୍ୟୋସ୍ନା ପିତୁଳା ବଉଳର ସୁବାସକୁ ଗୋଟଇ ଗୋଟାଇ ଅନେକ ବିଷାକ୍ତ ପରିବେଶକୁ ନିଜର କରିଦେଇଥିଲି ସେଦିନ । ସେ ସବୁ ସ୍ମୃତି ଆଜି ଅବୁଝା ମନକୁ ଦଂଶନ କରୁଛି ଯେମିତି । ଅନ୍ଧକାରର ନିର୍ଜନ କଥାଗୁଡିକ ଆଜି ବହୁତ କଷ୍ଟ ଦେଉଛି । ଅସ୍ପଷ୍ଟ ଅତୀତ ସ୍ପଷ୍ଟ ପ୍ରତୀତ ହେଉଥିଲା । ଚିନ୍ତାର ଲହରୀ ମନର ସାଗର ବେଳାରେ ବାରମ୍ବାର ଧକ୍କା ମାରୁଥିଲା । ଅତୀତର ପାପ ବର୍ତ୍ତମାନକୁ ଜାଳିପୋଡି ଦେଇଛି । ଘଟଣାବହୁଳ ଜୀବନରେ ପ୍ରତିଟି ସ୍ମୃତି ପ୍ରତି ମୁହୂର୍ତ୍ତକୁ ତିକ୍ତତା କରିଦେଇଛି । କହ୍ନେଇ ଓ ବିକାଶ ବିଚିତ୍ରର ମୁଣ୍ଡ ଆଉଁସି ଦେଉଥିଲେ । ବିଚିତ୍ର ଭାବି ଚାଲିଥିଲା, ଗୋଟେ ତିନି ବର୍ଷର ନିରିହ ଝିଅକୁ କେମିତି ରକ୍ତାକ୍ତ କରି ମାରିଦେଇ କିଆବୁଦା ମୂଳକୁ ଫିଙ୍ଗି

ISSN NO.
2582-208X

ଦେଇଥିଲା । ଏମିତି ନିନ୍ଦନୀୟ, ଜଘନ୍ୟ ପାପ ଭାବିଲେ ଦେହ ଶୀତେଇ ଉଠୁଛି । ଛୋଟବେଳୁ ମାଆକୁ ହରାଇ ବାପାର କୁଶିକ୍ଷାରେ ଜଡିତ ରହିଲି । ଘରେ କାମ କରୁଥିବା ରାମ ସିଂର ଝିଅକୁ ମଧ୍ୟ ଛାଡି ନଥିଲି । କାମନାର ଜ୍ୱାଳାରେ ଅନ୍ଧ ହୋଇ ଯାଇଥିଲି । ତା ପରେ ଅନେକ ଝିଅଙ୍କୁ ନେଇ ପାପ କାର୍ଯ୍ୟରେ ଆଗେଇ ଯାଇଛି । ଅନେକ ଲୋକଙ୍କୁ ହଇରାଣ କରିଛି । ଭଗବାନ ମୋତେ କେମିତି କ୍ଷମା କରିବେ କହିଲ । ଲୁହଗୁଡାକ କଥା ନ ମାନି ବହି ଯାଉଥାନ୍ତି । ହଠାତ୍ ବିଚିତ୍ର ଚିତ୍କାର କରି ଉଠିଲା ବାପା ବାପା .... ବାସ । ତା ପରେ ରକ୍ତ ବାନ୍ତି । ଡାକ୍ତର ଆସି ଇଞ୍ଜେକସନ୍ ଗୋଟାଏ ଲଗାଇ ଦେଲେ । ହେଲେ ସଙ୍ଗେ ସଙ୍ଗେ ସବୁଦିନ ପାଇଁ ଶୋଇଗଲେ ବିଚିତ୍ର । ମହାଜନ ଦଇତାରୀ ପଣ୍ଡା ଭୋ ଭୋ କାନ୍ଦି ଉଠିଲେ । ମୋରି ପାପ ପାଇଁ, ମୋର କୁଶିକ୍ଷା ପାଇଁ ବିଚିତ୍ର ଆଜି ମତେ ଛାଡି ଚାଲିଗଲା । ମୁଁ ଯଦି ଛୋଟବେଳୁ ଠିକ୍ ଶିକ୍ଷା ଦେଇଥାନ୍ତି, ସେ ଆଜି ଏଡସ୍ ପରି ରୋଗରେ ଆକ୍ରାନ୍ତ ହୋଇନଥାନ୍ତା । କହ୍ନେଇ ଓ ବିକାଶ ମହାଜନଙ୍କୁ ବୁଝାଇ ବାହାରକୁ ବାହାରି ଆସିଲେ ଘରକୁ ଯିବାପାଇଁ ।

ମହାଜନ ଦଇତାରୀ ପଣ୍ଡା ବିକଳ ହୋଇ ମୁଣ୍ଡ ବାଡେଇ ହେଉଥାଏ । ସଅଁବାରି ଅବସ୍ଥା କହିଲେ ସରିବନି । ଅତ୍ୟନ୍ତ ଦୁଃଖରେ ମୂର୍ଚ୍ଛନା ହୋଇ ଯାଉଥାଏ । ରାଜୁ ମଧ୍ୟ ଅତି ଦୟନୀୟ ହୋଇ କାନ୍ଦୁଥାଏ । ମହାଜନ ବାହାରକୁ ଆସି କହ୍ନେଇ ଓ ବିକାଶକୁ ବିଦାୟ ଦେଲେ ଏବଂ ଅତି ବିନତି ହୋଇ ବିକଳତା ପ୍ରକାଶ କରୁଥିଲେ । କାରଣ ପୁଅର ମୃତ୍ୟୁ ପାଇଁ ନିଜକୁ ଦୋଷୀ କରି ବହୁତ ଧିକ୍କାର କରୁଥିଲେ । ହୃଦୟଟା ଅନେକ ଆହତ ହୋଇ ଯାଉଥାଏ । ଭିତରକୁ ଯାଇ ବିଚିତ୍ରର ଶବ ନେବାର ବ୍ୟବସ୍ଥା କରିଲେ । ମା ସଅଁବାରି ଆଉ କାନ୍ଦନାରେ ଯାହା ଭାଗ୍ୟରେ ଥିଲା ହୋଇଗଲା । ମୋ କର୍ମର ଫଳ ମୁଁ ପାଇଗଲି । ଶିକ୍ଷା ଦୀକ୍ଷା ସବୁ କୁସଂସ୍କାରପୂର୍ଣ୍ଣ ହୋଇଥିବା ଯୋଗୁଁ ସେ ଆଜି ଏମିତି ଖରାପ କାର୍ଯ୍ୟ କରି ଦଣ୍ଡ ପାଇଲା ।

କାହିଁକି ଏମିତି କହୁଛନ୍ତି ବାପା ?

ISSN NO.
2582-208X

ମହାଜନେ ଆଖିରୁ ଲୁହ ପୋଛି କହିଲେ - ମୋ କଥା ଶୁଣ ମା ମୁଁ ଆଉ କେତେ ଦିନ ବଞ୍ଚିବି । ହେଲେ ତୁ ମୋ ରାଜୁକୁ ଭଲ ଶିକ୍ଷା ଦେଇଛୁ ଆଉ ଭଲ ମଣିଷ କରି ରଖିବୁ ।

ଛି ବାପା...! ମୋର ଆଉ କିଏ ଅଛି ଆପଣଙ୍କୁ ଛାଡିଦେଲେ । ମଝିରେ ଶୁଣିଲି ମୋ ଭଉଣୀ ନିଜ ଇଚ୍ଛାରେ ବାହା ହୋଇଯାଇଛନ୍ତି । ବାପା ମଦ ପିଇ ନିଶାରେ ମରିଗଲେ । ରାଜୁ ହିଁ ମୋର ଏକମାତ୍ର । ଆପଣ ଆମକୁ ପର କରନ୍ତୁ ନାହିଁ ବାପା । ଆମେ ଅନାଥ ହୋଇଯିବୁ । ଜେଜେ ଆପଣ ଆଉ ଜମାରୁ ମରିବା କଥା କହିବେ ନାହିଁ, ନହେଲେ ଆମେ ବି ମରିଯିବୁ ରାଜୁ କହିଲା । ଧନରେ ତୋ ପାଇଁ ମୋର ସବୁ ତ୍ୟାଗ କରିଦେବିରେ ବାବା । ମୁଁ ଜମାରୁ ମରିବିନି । ତତେ ଆଗ ବୁଢା କରିସାରିଲେ ଯାଇ ଯାହା କଥା ।

ଚାଲନ୍ତୁ ବାପା ଡେରି ହେଉଛି । ଶବ ସତ୍କାର ବ୍ୟବସ୍ଥା କରିବାକୁ ହେବ । ହଁ ରେ ସଅଁବାରି, ରାଜୁକୁ ନେଇ ତୁ ଗାଡିରେ ବସ, ମୁଁ ଯାଉଛି । ହଁ ବାପା ଆମେ ଯାଉଛୁ । ସଅଁବାରି କହିଲା ।

ରାଜୁ ଓ ସଅଁବାରି ଯାଇ ଗାଡିରେ ବସିଲେ । ତା ପରେ ଶବ ଧରି ତିନିଜଣ ଯାକ ଗାଁ ଅଭିମୁଖେ ଚାଲିଲେ । ଆଖିରୁ ଅମାନିଆ ଲୁହ ଗୁଡାକ ଝରି ପଡୁଥିଲା । ଆଜି ଯେମିତି ଲୁହ ସବୁ ଅତି ବିକଳତାରେ କ୍ଷତବିକ୍ଷତ ଲାଉଥିଲେ । ମଝିରେ ମଝିରେ ରାଜୁ ସଅଁବାରିର ଲୁହ ପୋଛି ଦେଉଥାଏ । ସୂର୍ଯ୍ୟ ଅସ୍ତ ହୋଇ ଆସୁଥାନ୍ତି । ନୀରବତା ଯେମିତି ସମସ୍ତଙ୍କୁ ବନ୍ଦୀ କରି ଦେଇଥାଏ । ଅନେକ ଦରଦକୁ ନେଇ । ବେଳେବେଳେ ବିଚିତ୍ରଙ୍କ ହାତକୁ ଜାବୁଡି ଧରି କୋହଗୁଡାକ ଛାତି ଥରାଇ ଲୁହକୁ ନିଗାଡି ଦେଉଥିଲା ସଅଁବାରି । ଏମିତି ଏକଲା କରି ଚାଲିଯିବ ଭାବି ନଥିଲି । ଏଇତ କେତେଦିନ ହେଲା ଆମ୍ଭମାନଙ୍କୁ ଛାଡି ଚାଲିଗଲ । ଏଇଇ .... ସାନବାବୁ । ମୁଁ ତୁମକୁ ଛାଡି କେମିତି ବଞ୍ଚିବି କୁହ । ବହୁଦିନ ପରେ ପାଇ ଛାଡିବାର ଦୁଃଖ ମୁଁ ସହିପାରୁନାହିଁ । ତୁମେ କୁହ, ମୋ ଜୀବନ କେମିତି ବଞ୍ଚିବ ।

ସଅଁବାରି ଦରଦକୁ ଜାଣିପାରି ମହାଜନେ କହିଲେ - ଆରେ ସଅଁବାରି, ରାଜୁକୁ ଦେଖ । ସେ ଦୁଃଖରେ ପୂରାପୂରି ଚୁପ୍ ହୋଇଯାଇଛି । ତୁ ଏମିତିହେଲେ ତାକୁ କିଏ ସମ୍ଭାଳିବ ।

ISSN NO.
2582-208X

ହଁ ବାପା । ଲୁହ ପୋଛି ସଅଁବାରି କହିଲା ।

ମହାଜନେ କହିଲେ - ମା ରେ ଜନ୍ମମୃତ୍ୟୁ ସତ୍ୟ, କେହି ବି ସେଥିରୁ ବାହାର ନୁହଁ । ଜନ୍ମ ହୋଇଛି ତ ନିଶ୍ଚିତ ମୃତ୍ୟୁ ହେବ । ତୁ ଯଦି ଭାଙ୍ଗି ପଡିବୁ ରାଜୁ, ମୁଁ ବୁଢା ଲୋକଟା କଣ କରିବି ।

ସଅଁବାରି ନିଜକୁ ଦୃଢ କରି କହିଲା - ହଁ ବାପା ! ମୋ ଭାଗ୍ୟରେ ଏତେ ସୁଖ ନାହିଁ ବୋଧେ । ହତଭାଗୀ ଟେ ମୁଁ ।

ଏମିତି କହନାରେ ମା । ତୁମ ମାଆ ପୁଅ ପାଇଁ ମୋ ଜୀବନ ଧନ୍ୟ ହୋଇଗଲା । ମୋ ନାତିଆର ସର୍ବମଙ୍ଗଳ ପାଇଁ ମୁଁ ସବୁ କରିବି ।

ରାଜୁ କହିଲା, ଘର ପହଞ୍ଚିଗଲେ ଜେଜେ ।

କ୍ରମଶଃ ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ

ISSN NO.
2582-208X

# ଦେବାତ୍ମା ଗଙ୍ଗାଧର



ଅଲେଖ ମେହେର

ଜ୍ୟୋତିର୍ମୟୀ ବେଶେ  ବିଲୋକି ସାରଦା
   ଚଳାଇ ଲେଖନୀ ଗାର,
ତପସ୍ୱିନୀ ସାଥେ  ପ୍ରଣୟ ବଲ୍ଲରୀ
  ଇନ୍ଦୁମତୀ କାବ୍ୟହାର।
ଅର୍ଘ୍ୟଥାଳୀ ଆଉ   କିଚକ ବଧକୁ
   ନିରେଖିଲେ ପ୍ରାଜ୍ଞ ଜନ,
ମୋଦରେ ଉଛୁଳେ  ପୁଲକିତ ମନ
    ଲଭି ଅମୂଲ୍ୟ ରତନ।
ପ୍ରତ୍ୟୁଷ ବର୍ଣ୍ଣନା   ଆଶ୍ରମେ  ଚକିତ
   ଉତ୍କଳୀୟ  ନରନାରୀ,
ନିଖୁଣ ବିନ୍ଧାଣୀ   ପ୍ରକୃତି ପ୍ରେମିକ
ଧନ୍ୟ ପ୍ରିୟ ସଦାଚାରୀ।
ପ୍ରତିଭା ଲୁଚେନା   ଦଦରା ବାସରେ
   ଯେତେ କରୁ କସାଘାତ,
ସମ୍ବଲକ ଭୂମି   ହେଲା କୃତ୍ୟ କୃତ୍ୟ
   ପାଇ ଯୋଗ୍ୟତମ ସୂତ ।

ISSN NO.
2582-208X

ଓଡିଆ ସଂସ୍କୃତି ଭାଷାର ଉତ୍ଥାନ
ବ୍ରତ ରୂପେ ଧରି ଶିରେ,
ରସାଳ ଭାବର ପୀୟୁଷ ଭରିଲ
ଅଦ୍ୱିତୀୟ ଲେଖନୀରେ l
ଉଚ୍ଚାରଣ ସାଥେ ଆଚରଣ କରି
ଦେଖାଇଲ ଦୀପ୍ତ ପଥ,
ଯେଉଁ ରାହାଧରି ଅଟନ କରିଲେ
ପୂର୍ଣ୍ଣ ହୁଏ ମନୋରଥ l
ବରପାଲି ମାଟି ପ୍ରଜ୍ଞା ପ୍ରସବିଲା
ପାନ କରେ ଆଜ ନର,
ଧନ୍ୟ ରଙ୍ଗାଜୀବି ଅବତାରୀ ଆତ୍ମା
ଜୟ ଜୟ ଗଙ୍ଗାଧର l

ସୋହେଲ୍, ବରଗଡ
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ଫମ୍ପା ମାଠିଆର
# ଶବ୍ଦ ବେଶୀ



ସତ୍ୟନାରାୟଣ ପ୍ରସାଦ ନାୟକ

ଆଜିର ମଣିଷ  ଯାଉଛି ବଦଳି
ଭାବୁଛି ନିଜକୁ ସଭ୍ୟ ମଣିଷ,
ଖୋଳପାଟା ସିନା ଉପରୁ ମଣିଷ
ଭିତରେ ଭରିଛି ଉତ୍କଟ ବିଷ I

ସଂସ୍କାର ନାହିଁ କି ବିଚାର ନାହିଁ
ଅନ୍ୟାୟ ଅଧର୍ମେ ପାଦ ବଢ଼େଇ
ସ୍ୱାର୍ଥ ସାଧନରେ ନିଜକୁ ହଜେଇ
ଦିଅଁ ତ ଦିଅଁ ଖଟୁଲିକୁ ଯାଏ ଖାଇ I

ଶୁଣରେ ମଣିଷ ଭାଇ !
ବୁଦ୍ଧି ବିବେକକୁ ବନ୍ଧା ପକେଇ
ଭ୍ରଷ୍ଟାଚାରକୁ ତ ନେଲ କୋଳେଇ
ସମୟ ଆସିଲେ ସତ୍ତା ହଜିଯିବ
ପଡିବେନି କେହି ପିଠିରେ ଭାଇ I

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ପବନ


କୀର୍ତ୍ତି ଦେବୀ

ପବନ ତୋ ପାଇଁ
ରହିଛି ଜୀବନ ।
ଗଛପତ୍ର ଡାଳ ଆଦି
ହୁଅନ୍ତି ଖୁସି ତୋ ପାଇଁ
ସଭିଙ୍କୁ ତୁ ଦେଉ
ସମାନ ଅନୁଭବ ।
ସବୁଠାରେ ତୋ ଆଦର
ନଈ, ସମୁଦ୍ର, ପୋଖରୀ
ଆଉ ପୁଣିସାଗର, ମହାସାଗର
ତୋ ପାଇଁ ହୁଏ ମଧୁର ।
ହୃଦୟ ଭିତରେ ଧରି ତୋତେ
ମଣିଷ ହୁଏ ଜୀବିତ ।
ତୁ ବାହାରି ଆସିଲେ
ସିଏ ହୁଏ ଏଠି ଶବ ।
ତୋର ଭିନ୍ନ ରୂପ
କାଲୁଆ ପବନ, ବର୍ଷାପବନ, ଖରା ଦିନିଆ ପବନ
ସବୁକୁ ଅନୁଭବ କରେ ଏ ମଣିଷ ।

ISSN NO.
2582-208X

ଥରେ ହେଲେ ତୋ ହିତ ପାଇଁ ଚିନ୍ତା କରେନି
ନିଜ ଇଛା ମତେ ଗଢ଼େ କଳ କାରଖାନା ।
କେମିତି କହିବି ତୋ ଗୁଣ,
ନାହିଁ ଭାଷା ମୋ ପାଖରେ ।
ଏତିକି କହିବି ନେହୁରା ହୋଇ
ତୋ ଗୁଣ ଓ ବ୍ୟବହାର
ଶିଖାଇଦେ ଜଗତବାସୀଙ୍କୁ ।
କାଳେ ବୁଝିଯିବେ ତୋ କଥାକୁ
ଗାଁ ପରିମଳ ଧୋବା ତୁଠରୁ ପରି,
ଏ ସଂସାରେ ପବନ ତୁ ହେବୁ ଶୁଦ୍ଧ ଓ ଶୀତଳ ।

ସିଭିଲ ଟାଉନସିପ୍,
ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ମହତ୍ତର ଚେତନାର କ୍ରମଉତ୍ତରଣ : ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସ ଦକ୍ଷିଣାବର୍ତ୍ତ : ଏକ ବିଶ୍ଳେଷଣ



ଡ: ମନୋଜ କୁମାର ମହାପାତ୍ର

୧୯୭୩ ମସିହାରେ ରଚିତ ହୋଇଥିବା *ଦକ୍ଷିଣାବର୍ତ୍ତ* ଶାନ୍ତନୁ ଆଚାର୍ଯ୍ୟଙ୍କ ଚତୁର୍ଥ ଉପନ୍ୟାସ । କଥା କଳ୍ପନା ଓ ଭାବ ସରଂଚନା କ୍ଷେତ୍ରରେ ଏ ଉପନ୍ୟାସ ଭାରତୀୟ କଥା ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରେ । ଦକ୍ଷିଣାବର୍ତ୍ତ ପୂର୍ବରୁ ଶାନ୍ତନୁଙ୍କ କଥାକର୍ମ ହୋଇସାରିଥିଲା ପ୍ରଖର ଓ ପ୍ରସିଦ୍ଧ । 'ନରକିନ୍ନର'', 'ଶତାବ୍ଦୀର ନଚିକେତା'' ତଥା 'ତିନୋଟି ରାତିର ସକାଳ'' ପରି ସଫଳ ଓ ପ୍ରୟୋଗଧର୍ମୀ ଉପନ୍ୟାସ ରଚନା କରିସାରିଥିବା ଶାନ୍ତନୁ 'ଦକ୍ଷିଣାବର୍ତ୍ତ''ରେ ଅବତାରଣା କରିଛନ୍ତି ଏକ ଭିନ୍ନ ପ୍ରସଙ୍ଗ ।

ଉପନିଷଦୀୟ ଦର୍ଶନ ଓ ଆତ୍ମ ଅନ୍ୱେଷଣର ଏକ ଅବିଚ୍ଛିନ୍ନ ଧାରାପ୍ରବାହ 'ଦକ୍ଷିଣାବର୍ତ୍ତ''ର ମୂଳକଥା । ଚରିତ୍ରର ମାନସିକ ଚେତନାର କ୍ରମ ଉତ୍ତରଣ ଓ ନିଜକୁ ନିଜେ ଖୋଜି ହେବାର ଏକ ସାଂକେତିକତା ଉପନ୍ୟାସଟିକୁ ଗତିଶୀଳ କରାଇଛି । 'ଦକ୍ଷିଣାବର୍ତ୍ତ''ରେ ଅତିମାନସ ଚେତନାର ଅବତରଣ, ପୂର୍ଣ୍ଣାଙ୍ଗ ମଣିଷର ସ୍ୱପ୍ନ ଓ ସେଥିପାଇଁ ଅର୍ନ୍ତଯାତ୍ରାର ରୂପକଥା ପ୍ରତୀକିତ ହୋଇଛି ରୈକ୍ୱ ମାଧ୍ୟମରେ । ମନୁଷ୍ୟର ଆତ୍ମିକ ଉତ୍ତରଣ ଓ ପରିପୂର୍ଣ୍ଣତା ପ୍ରତି ଆକାଂକ୍ଷା ପ୍ରତିପାଦିତ ହୋଇଛି ଏଇଠି । ଜୀବନ ସଂଘର୍ଷରେ ମ୍ରିୟମାଣ ମଣିଷ ହଠାତ୍ ଅନ୍ତର୍ଯାତ୍ରା ପାଇଁ ଉନ୍ମୁଖତା ପ୍ରକାଶ କରିଛି । ପ୍ରଶାନ୍ତି ଓ ପ୍ରଗଲ୍‌ଭତା ମଧ୍ୟରୁ ସେ ପ୍ରଶାନ୍ତିକୁ ହିଁ ଚୟନ କରିଛି । ମୃତ୍ୟୁକୁ ଜୟ କରି ଅମୃତର ସନ୍ଧାନରେ ବାହାରିଛି । ଅନ୍ଧକାର ପ୍ରତି ଆକର୍ଷଣ ତାର ପ୍ରବୃତ୍ତିଗତ ହେଲେ ହେଁ, ଆଲୋକର ଅନ୍ୱେଷଣରେ ସେ ଆଗେଇଚାଲିଛି ପଛକୁ ମୁହଁ ନକରି । ବୋଧ ଓ ପ୍ରଜ୍ଞା ବଳରେ ମନୁଷ୍ୟରୁ ଉନ୍ନୀତ ହୋଇ

ISSN NO.
2582-208X

ଦେବତାର ସ୍ତରକୁ ପହଞ୍ଚିବାର ସ୍ୱପ୍ନ ଦେଖିଛି । ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟଙ୍କ ଜୀବନଦୃଷ୍ଟି ଏଇଠି ହୋଇଛି ଅଧିକ ଅନ୍ତର୍ଦୃଷ୍ଟିମୂଳକ ଓ ଆଧ୍ୟାତ୍ମିକ ।

ମଣିଷ ତା ପ୍ରାଣରେ ସବୁ ବେଳେ ଏକ ଅତୃପ୍ତି ବୋଧ ଅନୁଭବ କରୁଥାଏ । ନିଜେ ସେ ଜାଣିପାରେ ନାହିଁ କ''ଣ ଖୋଜୁଛି ଅଥଚ ନିରବିଛିନ୍ନ ତା''ର ସେ ଅନ୍ୱେଷଣ । ଆତ୍ମାର ଅତୃପ୍ତି ତାକୁ କେଉଁଠି ବି ଶାନ୍ତିରେ ରହିବାକୁ ଦିଏ ନାହିଁ । ଯୁଦ୍ଧଭୂଇଁରେ ବି ନୁହେଁ । ଅନ୍ୟକୁ ଜିଣିବାର ମାନସିକତା ହୁଏତ ତାକୁ ପ୍ରଗଲ୍ଭ ରଖିପାରେ କିଛିକାଳ କିନ୍ତୁ ଏକ ବୃହତ୍ତର ସମୟ ଖଣ୍ଡରେ ସେ କାମନା କରୁଥାଏ ଅସୀମ ଶାନ୍ତି । ଶତ୍ରୁତା ନୁହେଁ ବରଂ ସେ ଚିରକାଳ କାମନା କରୁଥାଏ ମୈତ୍ରୀ । ସମର ଶିକ୍ଷାର୍ଥୀ କଥାନାୟକଟି ତେଣୁ ଦିବ୍ୟ ଶାଢ଼ୀଗୁଡ଼ିକ ପିନ୍ଧି ପାଟଳିପୁତ୍ରର ସୁନ୍ଦର ସନ୍ଧ୍ୟାରେ ଭ୍ରମଣ କରୁଥିବା ରମଣୀମାନଙ୍କ ଜୟଗାନ କରିଛି । ଯୁଦ୍ଧ ଶିକ୍ଷାରୁ ସାପ୍ତାହିକ ଅବସର ପ୍ରଦାନ କରି ଆତ୍ମମଗ୍ନ ହେବାକୁ ସୁଯୋଗ ଦେଇଥିବା ଶନିବାର ସନ୍ଧ୍ୟାର ଜୟଗାନ କରିଛି । ବ୍ୟକ୍ତିସ୍ୱତନ୍ତ୍ରତା ପ୍ରଦାନ କରିଥିବା ଡିମୋକ୍ରାସିର ଜୟଗାନ କରିଛି । ଡିମୋକ୍ରାସି ଶବ୍ଦଟି ତାକୁ ମନେ ହୋଇଛି ମନ୍ତ୍ର ପରି । ଦିବ୍ୟ ଫଳଗୁଡ଼ିକର ନାମୋଚ୍ଚାରଣରେ ସେ ପୁଲକିତ ହୋଇଛି । ଶାନ୍ତିକାମୀ ମଣିଷର ଅସଲ ଚେହେରାଟିକୁ ଉଦ୍‌ଘାଟିତ କରିବାରେ ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ଏଇଠି ସଫଳ ହୋଇଛନ୍ତି । ଏ ସମ୍ପର୍କରେ ଏକ ସାକ୍ଷାତକାରରେ ସେ କୁହନ୍ତି, 'xxx identification problem ରହୁଛି। Socio economic problem ରହୁଛି। ଯାହାର ପରିଣତି ହେଲା ମୁଁ ଗୋଟିଏ ସମୟରେ ପାଗଳ ହୋଇଯାଇଥିଲି । ସେ ପାଗଳାମି ଗୋଟାଏ spiritual dimension ନେବାକୁ ଚାହୁଁ ଥିଲା । 'ଦକ୍ଷିଣାବର୍ତ୍ତ'' ସଂପର୍କରେ ବହୁ ସାକ୍ଷାତକାରରେ ମୁଁ ଏକଥା କହିଛି ।''

ସମରାଭ୍ୟାସରୁ ଆରମ୍ଭ ହୋଇଥିବା ଉପନ୍ୟାସର କଥାବସ୍ତୁଟି ଶେଷ ହୋଇଛି ଶାନ୍ତି ଓ ପରିପୂର୍ଣ୍ଣ ମଣିଷ ତିଆରି ଅଭିଯାନରେ । ଯୁଦ୍ଧଭୂମି ଛାଡ଼ି କଥାନାୟକ ଚାଲି ଯାଇଛି ଗଙ୍ଗା କୂଳର ସେଇ ଲିଚୁ ବଗିଚାକୁ । ବିଧ୍ୱଂସାତ୍ମକ ନୁହେଁ ବରଂ ସୃଜନାତ୍ମକ କୃତ୍ୟ ପାଇଁ ପ୍ରସ୍ତୁତ ହୋଇଛି ସେ । ସମ୍ବେଦନଶୀଳ ଆତ୍ମା ତା''ର କୌଣସି ଶତ୍ରୁକୁ ସ୍ୱୀକାର କରିପାରିନାହିଁ । ବାରାକ୍‌ରୁ ବାହାରି ଯାଇଥିବା ରୈକ୍ୱ ଓରଫ୍ ଏକଶୋପାଞ୍ଚ ପରିଶେଷରେ ଦିନେ ଦକ୍ଷିଣାବର୍ତ୍ତ ହୋଇଛି ।

ISSN NO.
2582-208X

ଉପନ୍ୟାସର ମୂଳରୁ ଶେଷଯାଏଁ ମଣିଷର ଅନ୍ତର୍ଜଗତରେ ଆଲୋଡ଼ିତ ହେଉଥିବା ଚେତନାର ପରମଦଶାକୁ ଉତ୍ତରିତ ହେବାର ଆକାଂକ୍ଷା ହିଁ ପ୍ରକାଶିତ ହୋଇଛି । ବାରାକ୍‌ରୁ ଖସି ଯାଇଥିବା ଯୁଦ୍ଧବିମୁଖ କଥାନାୟକଟି ହିଂସା ଆଚରଣ କରିବାକୁ କିମ୍ବା କାହା ସହ ଶତ୍ରୁତା କରିବାକୁ ରାଜି ହୋଇ ପାରିନାହିଁ । ସମର ଶିକ୍ଷାର୍ଥୀ ସୈନିକବନ୍ଧୁ ଜଣଙ୍କ ମଧ୍ୟ ଗଙ୍ଗା ନଦୀରେ ନିଜ ବନ୍ଧୁକ ଫିଙ୍ଗି ଦେଇ ସମମନୋବୃତ୍ତିର ପରିଚୟ ପ୍ରଦାନ କରିଛି । ଏକ ବିରକ୍ତିକର ଉଦ୍ଭଟ ଜୀବନକୁ ଆଉଥରେ ଆପଣେଇ ନେବାର ସ୍ପୃହା ନଥିବା ସେଇ ସୈନିକଟି କହେ – 'ମୋର କେହି ଶତ୍ରୁ ନାହିଁ ! କେହି ମୋର ଶତ୍ରୁ ନୁହେଁ। ମୋର ଶତ୍ରୁ କିଏ ? ମୋର ଜନ୍ମ ଏଇ ଭାରତ ମାଟିରେ, ଜଣେ ଭାରତୀୟର ପୁଣି ଶତ୍ରୁ କିଏ ।''

ପରୋକ୍ଷରେ ତାର ପ୍ରେରଣା ପାଇ ରୈକ୍ୱ ଯୁଦ୍ଧଭୂମି ପରିତ୍ୟାଗ କରି ମା''କୁ ଦେଖା କରିବାପାଇଁ ଅରମା ବଣ ବିଲ ନଇ ପାର ହୋଇ ଘରେ ପହଞ୍ଚିଛି । ମାତୃଭୂମି ଓ ମା'' ଉଭୟଙ୍କ ମଧ୍ୟରୁ ସେ ମା'' କୁ ହିଁ ଅଧିକ ଗୁରୁତ୍ୱ ଦେଇଛି । କିନ୍ତୁ ଘରେ ପଶି ଯିବା ପୂର୍ବରୁ ସାମରିକ ଆଇନ ଭାଙ୍ଗିଥିବା ଅପରାଧରେ ସେ ବନ୍ଦୀ ହୋଇଛି । ବିଚାରପରେ ଦୁଇ ବର୍ଷ କାରାବରଣ କରି ସେ ପୁଣି ଫେରିଛି ନିଜର ମାତୃଭୂମିକୁ। ଦୁଇବର୍ଷ ଜେଲର ରହଣି ତାକୁ ଆତ୍ମବିଶ୍ଳେଷଣ କରିବା ପାଇଁ ବାଧ୍ୟ କରିଛି । ମାତ୍ର ଘରେ ପହଞ୍ଚି ତାର ମୋହ ଭଙ୍ଗ ହୋଇଛି । ଘର ଭିତରେ ପରମେଶ୍ୱରଙ୍କ ନିକଟରେ 'କିଛି ମାଗୁ ନାହିଁ ତୋତେ'' ବୋଲି ପ୍ରାର୍ଥନା କରୁଥିବା ମା'କୁ ନ ଭେଟି ଏକ ଆହତ ଅଭିମାନରେ ସେ ଫେରି ଯାଇଛି ପଛକୁ । ମା'ର ମମତା କିମ୍ବା ରକ୍ତ ମାଂସର ସମ୍ପର୍କକୁ ସେ ତୁଚ୍ଛ ବୋଲି ଭାବିଛି । ଘର ଛାଡ଼ି ବାହାରି ଯାଇଛି ସେ ଏକ ଅଜଣା ଆଲୋକର ସନ୍ଧାନରେ । ଯଦିଓ ସେ ଜାଣେନା ତାର ଲକ୍ଷ୍ୟ କେଉଁଠି । କେଉଁ ବାଟର ବାଟୋଇ ସେ ।

ମଣିଷର ଯାତ୍ରା ଅବାରିତ । ଅନ୍ଧକାରରୁ ଆଲୋକ ଆଡ଼କୁ । ମୃତ୍ୟୁରୁ ଅମୃତ ଆଡ଼କୁ ଓ ଅସତ୍ୟ ରୁ ସତ୍ୟ ଆଡ଼କୁ । ଅନ୍ଧକାର, ଅସତ୍ୟ ଓ ମୃତ୍ୟୁ ତାର ଚିର ସହଚର । ସେଇଥିରେ ସେ ଜନ୍ମ ନିଏ ସତ ମାତ୍ର ଆଲୋକ, ଅମୃତ ଓ ସତ୍ୟ ପ୍ରତି ତାର ଅଭୀପ୍‌ସା ପ୍ରବଳ । କଥା ନାୟକ ରୈକ୍ୱ ମଧ୍ୟ ସେହିପରି ଜନ୍ମ ନେଇଛି ଏକ ତମସାଚ୍ଛନ୍ନ ପରିବେଶରେ । ତା ମା' ମୁହଁରୁ ସେ ଶୁଣିଛି ଅନେକ ବାର, 'ତୁ ତ ଜନ୍ମନେଲୁ ଗହୀର ବିଲରେ ଟେଣ୍ଟେଇ ଡିମ ପାରିଲା ପରି । ଘଣ୍ଟାଏ ଯାକେ ତୋ ତୋଟିରେ ଶବ୍ଦ ଦେଲା ନାହିଁ

ISSN NO.
2582-208X

ଷଠୀଦୁଶୀ । କିଟିକିଟି ଅନ୍ଧାର, ଦୀପରେ ତେଲ ନଥାଏ । ବାପ ଯାଇଥାଏ କୋଉ ବିଦେଶରେ । ଦିଆସିଲି ମୁଠାଟା କୋଉଠି ରଖିଥିଲି କେଜାଣି! ଅନ୍ଧାର, ଅନ୍ଧାର ଚାରିଆଡ଼େ---କିଟିକିଟି ଅନ୍ଧାରଲୋ ମା'। ତୁ ଜନମ ହେଲୁ ସେଇ ଅନ୍ଧାରରେ ।''

ଅନ୍ଧାର- ଅଜ୍ଞାନତା ଓ ଅସହାୟତାର ପ୍ରତୀକ । ରୋଗ, ଦୁଃଖ ଶୋକ ଓ ମୃତ୍ୟୁଭୟର ପ୍ରତିନିଧିତ୍ୱ କରେ ଏଇ ଅନ୍ଧାର । ଏଥିରୁ ମୁକ୍ତି ପାଇବାକୁ ମଣିଷର ଆପ୍ରାଣ ଉଦ୍ୟମ କେଉଁ ଅନାଦି କାଳରୁ । ବୈଦିକ ଋଷି ତେଣୁ ଉଦାତ୍ତ କଣ୍ଠରେ ଆହ୍ୱାନକରେ--

*ତମସୋ ମା ଜ୍ୟୋତିର୍ଗମୟ
ଅସତୋ ମା ସଦ୍‌ଗମୟ
ମୃତ୍ୟୁର୍ମାଂ ଅମୃତମ୍‌ଗମୟ*

ଏଇ ଅନ୍ଧକାରକୁ ପିଲାଟି ଦିନୁ ଭାରି ଡର ରୈକ୍ୱର । ସେ ଦେଖିଛି ତା ମା' ବି ପ୍ରତିବାଦ କରେ ଏଇ ଅନ୍ଧକାରକୁ । ଦୀପ ବତୀଟି ଲିଭିବାର ଆଶଙ୍କା କରି ସେ ଅନ୍ଧାରକୁ ଗାଳି ଦିଏ। 'ଏଇକ୍ଷଣି ପୁଣି ମାଡ଼ି ଆସିବ ଯୋଗିନୀ ଖିଆ ଅନ୍ଧାର'। ଭାତୃବିବାଦ ଯୋଗୁଁ ପ୍ରବାସୀ ହୋଇଯାଇଥିବା ସ୍ୱାମୀର ଅସହାୟତାକୁ ମନେପକାଇ ସେ ଅନ୍ଧାରକୁ ରୈକ୍ୱର କକେଇ ବୋଲି କୁହେ ।

ରୈକ୍ୱ ଏଭଳି ଏକ ଅସହାୟ ପରିବେଶରୁ ନିଜକୁ ମୁକ୍ତ କରିବାକୁ ଦିଗହୀନ ଯାତ୍ରୀ ଭାବେ ଘର ଛାଡ଼େ । ଏକାନ୍ତ ବଣରେ ବୃକ୍ଷତଳେ ରାତ୍ରୀଯାପନ କରେ ଓ ସକାଳେ ବୃକ୍ଷ ଉପର ଚଢ଼େଇଟିକୁ କେଉଁ ଆଡ଼େ ଯିବି ବୋଲି ପ୍ରଶ୍ନ କରେ । ଚଢେଇଟି ଉଡ଼ିଯାଏ ଦକ୍ଷଣଦିଗକୁ ଓ ସେ ମଧ୍ୟ ଦକ୍ଷିଣ ଦିଗ ଆଡ଼େ ଯାତ୍ରା ଆରମ୍ଭ କରିଦିଏ । ମାତ୍ର ନଦୀପାର ହେବା ପାଇଁ ଘାଟଟିଏର ଅନ୍ୱେଷଣରେ ଅନେକ ବାଟ ଗଲା ପରେ ଦୂରରୁ 'ରାମରେ ହେ'' ଡାକ ଶୁଣି ସେଇ ଡାକକୁ ଲକ୍ଷ୍ୟ ରଖି ନଦୀ କୂଳେ କୂଳେ ଆଗେଇ ଚାଲେ । ଶେଷରେ ଏକ ଘାଟରେ ପହଞ୍ଚି ଆଉ କୂଳକୁ ଯାଇଥିବା ଡଙ୍ଗା ଓ ନାଉରୀକୁ ଅପେକ୍ଷା କରେ । ଘାଟ ପାଖରେ ଅପେକ୍ଷା କରିଥିବା ଲୋକଙ୍କୁ 'ରାମ କିଏ'' ବୋଲି ଜିଜ୍ଞାସା କରେ । 'ହୋ ରାମ ଖୋଜାଳୀ ବାବା, ଘରେ ବୁଢ଼ୀ ମା''କୁ ଛାଡ଼ି ଏକୁଟିଆ ପଳେଇ ଆସିଛଟି ?''-ବୋଲି ପ୍ରତ୍ୟୁତ୍ତର

ISSN NO.
2582-208X

ଦେଇଥିବା ବୃଦ୍ଧବ୍ୟକ୍ତି ପ୍ରତି ଏକ ଅଜଣା ଆକର୍ଷଣରେ ତା''ରି ଲୁଗା ଗଣ୍ଠିଲି ଧରି ତା'' ଘରକୁ ଯାଏ । ଦିନ ଦିନ ଧରି ଧୋବା ତୁଠରେ ମଇଳା ଲୁଗା କାଚି ସେ ପାଲଟିଯାଏ ଧୋବାଟିଏ । ଉପନିଷଦର ଦୁଇଟି ଚରିତ୍ର ସତ୍ୟକାମ ଜାବାଳ ଓ ରୈକ୍ୱ ହିଁ ପ୍ରତିନିଧିତ୍ୱ କରନ୍ତି 'ଦକ୍ଷିଣାବର୍ତ୍ତ''ର ଡିମୋକ୍ରାସି ଜାବାଳ ଓରଫ ନାଇଣ୍ଟିସେଭେନ ଏବଂ ରୈକ୍ୱ ଓରଫ୍ ଏକଶୋପାଞ୍ଚ ଓରଫ ବାବାଜୀକୁ । ଶଗଡ଼ିଆ ରୈକ୍ୱ ଯେପରି କର୍ମଯୋଗ ସିଦ୍ଧାନ୍ତରେ ଆସ୍ଥା ରଖି ଶଗଡ଼ ବୋହିବା ଓ ପରମାର୍ଥକୁ ଉପଲବ୍‌ଧ ହେବାରେ ସକ୍ଷମ ହୋଇପାରିଥିଲା ଠିକ ସେଇପରି ଦକ୍ଷିଣାବର୍ତ୍ତର ରୈକ୍ୱ ଧୋବା ତୁଠରେ ସଫ । କରିଛି ଗାଁ ଗୋଟାକର ମଇଳା ଲୁଗା । ଅନ୍ତର୍ମନକୁ ସଫା କରି ନଦେବା ଯାଏଁ ଯେପରି ଅତିମାନସର ଅବତରଣ ସମ୍ଭବ ହୁଏ ନାହିଁ ।

ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ଅତ୍ୟନ୍ତ ନିଷ୍ଠାପର ଦ୍ରଷ୍ଟା ଭଳି ଏଇଠି ମଣିଷର ସ୍ୱତନ୍ତ୍ରତା ସମ୍ପର୍କରେ ଉପଯୁକ୍ତ ସୂଚନା ପ୍ରଦାନ କରିଛନ୍ତି । ବ୍ୟକ୍ତିସ୍ୱତନ୍ତ୍ରତାର ଧ୍ୱଜାଧାରୀ 'ଡିମୋକ୍ରାସି''-ଗଣତନ୍ତ୍ର ରାଷ୍ଟ୍ରରେ ସୁଦ୍ଧା ଯୁଦ୍ଧଖୋର ମନୋବୃତ୍ତିରୁ ମୁକ୍ତ ନୁହେଁ । ବ୍ୟକ୍ତି ମାତ୍ରେଇ ରାଷ୍ଟ୍ରର ଗୋଲାମ ଅଟେ । ମା'' ବାପାଙ୍କ ଗୁଣସୂତ୍ର ନେଇ ବ୍ୟକ୍ତି ଜନ୍ମ ଗ୍ରହଣ କରେ । ତାର ଶରୀର ପିତୃମାତୃଦତ୍ତ । ରଙ୍ଗ, ରୂପ ଓ ସ୍ୱଭାବରେ ସେ ପିତା ମାତାଙ୍କ ଭଳି ହୋଇଥାଏ । ଯଦି ହିନ୍ଦୁ ଘରେ ଜନ୍ମ ହୋଇଥାଏ ତ ସେ ହିନ୍ଦୁ ହୁଏ, ମୁସଲମାନ ଘରେ ଜନ୍ମ ହୋଇଥାଏ ତ ମୁସଲମାନ ହୁଏ । ସମାଜରେ ପ୍ରତିପାଳିତ ହୁଏ । ଯେଉଁ ଦେଶରେ ଜନ୍ମ ହୋଇଥାଏ ସେଇ ଦେଶର ଭାଷା କହିବାକୁ ବାଧ୍ୟ ହୁଏ । ପରିବାରରୁ ଭାଷା, ଆଚାର, ଧର୍ମ ଓ ମାନ୍ୟତା ଆଦି ଶିକ୍ଷା କରେ । ସମାଜରୁ ସଂସ୍କାର ଗ୍ରହଣ କରେ । ମନ୍ଦିର ଯିବ ନା ମସଜିଦ, କେଉଁ ରୀତିରେ ବିବାହ କରିବ, ତାହା ତାର ହାତରେ ନଥାଏ । ସାମାଜିକ, ସାଂସ୍କୃତିକ ଧାର୍ମିକ ମାନ୍ୟତାର ସେ ଦାସ ଅଟେ । ତାର ମନ ମଧ୍ୟ ରାଷ୍ଟ୍ର ଦ୍ୱାରା ସଂଚାଳିତ ହୁଏ । ଏହିପରି ଭାବରେ ତାର ଶରୀର ଓ ମନ ପରତାନ୍ତ୍ରିକ ଅଟେ । ଶରୀର ଓ ମନ ପରତାନ୍ତ୍ରିକ ରହୁଥିଲେ ମଧ୍ୟ ତାର ଚେତନା ବା ଆତ୍ମା ସ୍ୱତନ୍ତ୍ର ଅଟେ । ତାହା ନା ଶରୀରରୁ ଆସିଥାଏ ନା ସମାଜରୁ ନା ସଂସ୍କାରରୁ ପ୍ରାପ୍ତ ହୁଏ । ତାହା କୌଣସି ବାହ୍ୟତତ୍ୱ ଦ୍ୱାରା ପ୍ରଭାବିତ ନୁହେଁ । ଶରୀର ଆଉ ମନ ଠାରୁ ମୁକ୍ତ ହୋଇ ଚେତନାରେ ସ୍ଥିର ହେବା ହିଁ ପ୍ରକୃତ ଆଧ୍ୟାତ୍ମିକତା । ଶାନ୍ତନୁ ବାବୁ ଏଇ ଉପନ୍ୟାସରେ ରୈକ୍ୱ ଚରିତ୍ର ମାଧ୍ୟମରେ --ଚେତନାର ଉତ୍ତରଣ ଦ୍ୱାରା ବ୍ୟକ୍ତି ପରମ ସ୍ୱତନ୍ତ୍ରତାକୁ ଉପଲବ୍ଧ

ISSN NO.
2582-208X

ହୋଇପାରେ; ଏହା ହିଁ ସିଦ୍ଧ କରିବାକୁ ଚେଷ୍ଟା କରିଛନ୍ତି । ଦକ୍ଷିଣାବର୍ତ୍ତ ଉପନ୍ୟାସରେ ମହାଯୋଗୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗଯୋଗ ଓ ପାଠଚକ୍ରର ଅବତାରଣା, ଅରବିନ୍ଦ ଦର୍ଶନ ଓ ଅତିମାନସ ଶକ୍ତିର ଅବତରଣ ତଥା ନୂତନ ମଣିଷର ପରିକଳ୍ପନା ଇତ୍ୟାଦି ସ୍ପଷ୍ଟ ଭାବରେ ପ୍ରତୀକିତ ହୋଇଛି ।

ମଣିଷ କର୍ମ କରିଯାଏ । ନିଷ୍ଠାପର ଭାବରେ କର୍ମ କରୁକରୁ ଫଳାକାଂକ୍ଷା କରେ । ଅଥଚ କୌଣସି ଉଲ୍ଲେଖଯୋଗ୍ୟ ଫଳପ୍ରାପ୍ତି ନ ହେଉଥିବାରୁ ସେ ନିରାଶ ହୁଏ । ତାରି ଭିତରେ ନାନା ଦୁର୍ଦ୍ଦଶା, ଦୁର୍ଘଟଣାର ସେ ସମ୍ମୁଖୀନ ହୁଏ । ସବୁ ମଣିଷଙ୍କ ଭାଗ୍ୟରେ ଏହା ଯେପରି ଅଦୃଷ୍ଟର ଇଙ୍ଗିତ । ରୈକ୍ୱ ମଧ୍ୟ ଦିନଦିନ ଧରି ମଇଳା ଲୁଗା କାଚେ । ଧୋବା ତୁଠରେ ହିସସ୍‌ଫଟ୍ - ହିସ୍‌ସ ଠୋ, ମନ୍ତ୍ରୋଚ୍ଚାରଣ କରିକରି ସେ ସିଦ୍ଧ ହୁଏ । ଅଥଚ ଅଜଣା ଏକ ନୈରାଶ୍ୟରେ ହଠାତ୍ ଦିନେ ସେ ଧୋବା ଘରୁ ଅନ୍ତର୍ଦ୍ଧାନ ହୋଇଯାଏ । କିନ୍ତୁ ବୁଢ଼ା ବୁଢ଼ୀଙ୍କର ସ୍ନେହର ବନ୍ଧନ ଏଡ଼ି ଦେଇ ନପାରି, ଫେରି ଆସି ଅଧରାତି ବେଳକୁ ପିଠା ତଳେ ଖୁମାଣିଆ ହୋଇ ବସିଥାଏ । ସେମାନଙ୍କର ଅନେକ ପ୍ରଶ୍ନ ପରେ ମୁହଁ ଖୋଲେ-'ମୁଁ ସନ୍ଦେହରେ ପଡ଼ିଯାଇଛି ମଉସା । ତୁମେ କ''ଣ ଜାଣିନା ମୋ ମନ କଥା । ତୁମେ ମାନେ ମୋତେ ଗୁଣୀ କଲାଭଳି ବାନ୍ଧିଛ ସ୍ନେହରେ-କାହିଁକି, କାହିଁକି ? ସଂସାରରେ ସ୍ନେହ ଶ୍ରଦ୍ଧା ମଣିଷ ମଣିଷ ଭିତରେ କାହିଁକି, କାହିଁକି ଏତେ ?'' ପରଦିନ ସକାଳୁ ପୂର୍ବଭଳି ସେ ପୁଣି କର୍ମରେ ମାତିଯାଏ ।

ମାତ୍ର ପ୍ରତି ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ପରିବେଶରେ ଧୋବା ବୁଢ଼ାର ପିଠାରେ ପାଠଚକ୍ର ଅନୁଷ୍ଠିତ ହେବାପରେ ଓ ସ୍ୱତଃପ୍ରବୃତ୍ତ ଭାବରେ ଧ୍ୟାନର ଗଭୀରତାରେ ପ୍ରବେଶ କରିବା ପରେ ତା ମନରୁ ଏ ଦ୍ୱନ୍ଦ୍ୱ ଦୂର ହୋଇଯାଏ । ମଣିଷ ନିମନ୍ତେ ଉଦ୍ଦିଷ୍ଟ ଏତେ ପ୍ରଶ୍ନକୁ ସେ ଗୁରୁତ୍ୱ ନଦେଇ ମଣିଷକୁ ହିଁ ସେ ମହତ୍ୱ ପ୍ରଦାନ କରେ । ମଣିଷ ପ୍ରତି ଥିବା ତାର ସମସ୍ତ ପୂର୍ବ ଧାରଣା ଦୂର ହୋଇଯାଏ । ସେ ଭଲପାଇ ବସେ ମଣିଷକୁ । ଧୋବା ସାଇର ଅସନା, ମସନା, ମଳିମୁଠିଆ, ଆବଡ଼ା ଖାବଡ଼ା କାଳିଆ ମୁହାଁ ମଣିଷକୁ ସେ ନିଘାକରି ଦେଖିବା ପାଇଁ ଓଳିଟା ଯାକ ଧୋବା ସାଇରେ ଯାଇ ବୁଲିଆସେ । ଲୁଗା କାଚିଲାବେଳେ ତାରି ପାଖରେ ଥିବା ମଣିଷଟିର ପ୍ରଶ୍ନ--'ଆମର ଦୁଃଖ କେବେ ଦୂର ହେବ ବାବାଜୀ ?'' ଏଇ କଥାଟିକୁ ଗଣ୍ଠିଧନ କରି ସେ ଅନୁସନ୍ଧାନ କରେ ସତ୍ୟ, ଆଲୋକ, ଅମୃତ । ପ୍ରତିସନ୍ଧ୍ୟାରେ

ISSN NO.
2582-208X

ପାଠଚକ୍ରରେ ଲୋକଙ୍କୁ ଉଦବୋଧନ ଦିଏ । ସ୍ନେହ ଶ୍ରଦ୍ଧା ଓ ନିଷ୍କାମ କର୍ମର ପ୍ରଭାବରେ ଗାଁଟାଯାକ ଲୋକ ପାଠଚକ୍ରରେ ଅଂଶଗ୍ରହଣ କରନ୍ତି । ଯୁଗଯୁଗର ଅଜ୍ଞତା ଦୂର ହୁଏ । ଲୋକେ ଧ୍ୟାନସ୍ଥ ହୋଇ ଅପୂର୍ବ ଆନନ୍ଦ ଅନୁଭବ କରନ୍ତି । ଗ୍ରାମର ପ୍ରତିପତ୍ତିଶାଳୀ ଧନୀ ଜମିଦାର ସୁଦ୍ଧା ସପରିବାରେ ଆସି ଧୋବାବୁଢ଼ାର ପିଠାରେ ଅନୁଷ୍ଠିତ ହେଉଥିବା ପାଠଚକ୍ରରେ ଅଂଶଗ୍ରହଣ କରନ୍ତି । ଏକ ସିଦ୍ଧ ଯୋଗୀ ଭଳି ରୈକ୍ୱର ଅମୃତ ବାଣୀ- 'ଭାରତ । ଅଜ୍ଞମାନେ କର୍ମଫଳାକାଂକ୍ଷୀ ହୋଇ ଯେପରି କର୍ମ କରନ୍ତି ଜ୍ଞାନୀ ମାନେ ଅନାସକ୍ତହୋଇ ଲୋକ ମାନଙ୍କୁ ସ୍ୱଧର୍ମରେ ପ୍ରବର୍ତ୍ତାଇବା ପାଇଁ ସେପରି କର୍ମ କରିବେ''- ଗାଁ'ର ସାଧାରଣ ଜନତାଙ୍କ ଉପରେ ଖୁବ ପ୍ରଭାବ ବିସ୍ତାର କରିଛି । ପାଠଚକ୍ର ଉଠିଯାଇଛି ଧୋବା ସାଇରୁ ଗାଁର ମଧ୍ୟ ସ୍କୁଲକୁ । ମହାଜନଙ୍କ ବିଶାଳ ଘରକୁ । ବାବାଜୀ ଲୁଗା କାଚିବା ଛାଡ଼ି ଅଗରବତୀ କାରଖାନାରେ କାମକରେ । ସୁବାସ ମାଧ୍ୟମରେ ସତ୍ୟଯୁଗ ଆସିବ ବୋଲି ବିଶ୍ୱାସ କରେ ।

ଅତିମାନସ ଶକ୍ତିର ଧରାବତରଣ ଆଦିର ବ୍ୟାଖ୍ୟାନ ଓ ଧ୍ୟାନର ଗଭୀରତା ଅନୁଭବ ପରେ ବାବାଜୀ ଘୋଷଣା କରେ, ଦୁଃଖ ଜରା, ମୃତ୍ୟୁର ଯନ୍ତ୍ରଣାରୁ ଦିନେ ଏ ମଣିଷ ମୁକ୍ତ ହେବ । 'ଏଇ ସେଇ ମଣିଷ, ସେ ସମସ୍ତ ଅସମ୍ଭବକୁ ସମ୍ଭବ କରିପାରିବ, ଅମର ହେବ । ବୁଢ଼ା ହଡ଼ା ହେବନି, ଭୋକଶୋଷ ରହିବନି ତା''ର; ଦୁଃଖ କ''ଣ ଜାଣିବନି--ଏଇ ମଣିଷ ଏମିତି ହେବ ।'' ଯେଉଁ ବିବର୍ତ୍ତନ ପ୍ରକ୍ରିୟାରେ ଆଜି ପଶୁ, ମଣିଷରେ ପରିଣତ ହୋଇଛି, ସେହି ବିବର୍ତ୍ତନଟି କାହିଁକି କେଜାଣି ଅଟକି ରହିଛି ହଜାର ହଜାର ବର୍ଷ ଧରି । ମଣିଷ ଖାଲି ଘୋର ଅନ୍ଧାର ଭିତରେ ଦରାଠି ହେଉଛି, ଧନ୍ଦି ଧୂନ୍ଦାଳି ହେଉଛି । ସେଇ ବାଉଳା ମଣିଷଙ୍କୁ ଉଚିତ୍ ମାର୍ଗରେ ଚଳାଇବାକୁ ଚେଷ୍ଟା କରିଛି ବାବାଜୀ ।

କ୍ରମେ ମହାଜନ ଘରେ ପାଠଚକ୍ର ସଂଖ୍ୟା ବଢ଼ିଚାଲେ । ନିମନ୍ତ୍ରିତ ହୋଇ ଆସନ୍ତି ଅନେକ ବକ୍ତା, ସିଦ୍ଧପୁରୁଷ ଓ ଯୋଗୀମାନେ । ଅତିମାନସ ତତ୍ତ୍ୱର ପ୍ରଚାର ପ୍ରସାର ହୁଏ । ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ଜଣେ ସତ୍ୟଦ୍ରଷ୍ଟା ଯୋଗୀ ଭଳି ଧ୍ୟାନ ଓ ଆଧ୍ୟାତ୍ମର ପ୍ରଭାବରେ ପରମ ସତ୍ୟର ଉପଲ୍‌ବ୍ଧିକୁ ରୈକ୍ୱ ଚରିତ୍ର ମାଧ୍ୟମରେ ପ୍ରତିଫଳିତ କରାଇଛନ୍ତି। ମଣିଷ ତା ଭିତରେ ଥିବା ଦିବ୍ୟ ଚେତନା ଜାଗ୍ରତ କରାଇ ଏକ ଅଲୌକିକ ଶକ୍ତିର ଅଧିକାରୀ ହୋଇପାରିବ-ଏ ବିଶ୍ୱାସ ସୃଷ୍ଟି ହୋଇଛି । ବାବାଜୀ ଦିନେ ପାଠଚକ୍ରରେ

ISSN NO.
2582-208X

ଘୋଷଣା କରିଛି, 'ଏଇ ମଣିଷ ସେ ଯାହାର ଚୈତ୍ୟ ପୁରୁଷଟି କୋଉ ଅନନ୍ତ କାଳରୁ ଶୋଇଛି ଖାଲି ନିଘୋଡ଼ ନିଦରେ ତାରି ନିଜ ଭିତରେ, ଯେମିତି ଖୋସା ଭିତରେ ପ୍ରଜାପତି ଯେମିତି ବାପା ଭିତରେ ପୁଅ, ଯେମିତି ସୂର୍ଯ୍ୟ ଭିତରେ ଥିଲା ଏଇ ଆମ ପୃଥିବୀ, ଆଉ ତାର ଏଇ ନଦୀ, ବନ, ପର୍ବତ ଲଗାୟତ ମଣିଷ, ଆଉ ଏ ଯେତେ ସବୁ ବିଚିତ୍ରବର୍ଣ୍ଣ, ବିଚିତ୍ର ବାସ୍ନା, ବିଚିତ୍ର ସ୍ପର୍ଶ, ବିଚିତ୍ର ସ୍ୱାଦ ଆଉ ଯେତେ ସବୁ ବିଚିତ୍ର ପୁଲକ ଏଇ ମଣିଷର ଚମରୁ ମିଳେ । ସେ ଗୁଡ଼ିକ ସବୁ ବାହାରିଛି ଧୀରେ ଧୀରେ ଗୋଟିଏ ଭାବନାର ଖିଅ ପରି, ଶିବଙ୍କ ଜଟା ପରି ଆମର ପୃଥିବୀରୁ । ଆଉ କେଜାଣି କାହିଁକି ଅଟକି ଯାଇଛି ସେ କ୍ରିୟାଟି ଆଜିକୁ କେତେ ହଜାର ବର୍ଷ ଧରି କେଜାଣି, ଖାଲି ଦରାଠି ହେଉଛି, ଧନ୍ଦି ଧୁନ୍ଦୁକି ହେଉଛି ସିନା ଏ ମଣିଷ, କିନ୍ତୁ ଚାଲୁ ନାଇଁ ଆଉ ସେ କୁଆଡ଼କୁ । ତାକୁ ଚଳେଇବାକୁ ହେବ, ତାକୁ ଦେଖେଇବାକୁ ହେବ, ତାକୁ ଉଦ୍ଧାରିବାକୁ ହେବ ଏଇ ଅନ୍ଧକୂପ ଭିତରୁ, ଏଣିକି ରାତି ତମାମ ବାଉଳି ହେବନି ସେ ଆଖୁ କିଆରୀରେ - ହୋ କଅଣ ...... ? ପଚାରିବ ନାଇଁ ସେ ଅନ୍ଧଭଳି ଯାହାକୁ ପାରେ ତାକୁ ଦେଖିବା ମାତ୍ରେ- ମତଲବ.......? ଧାଇଁବ ନାଇଁ ସେ ଦିନ ତମାମ ଇସ୍କୁଲ ପିଲାଏ ଶହେ ମିଟର ଦଉଡ଼ ପ୍ରତିଯୋଗିତାରେ ଦଉଡ଼ିଲାପରି- ଆଗରେ ଦଉଡ଼ିଲା ମଣିଷକୁ ଅନେଇ ରବେଇ ଖବେଇ ହୋଇ ଡାକିବ ନାହିଁ ସେ ଭଗବାନଙ୍କୁ- ମାରିଦିଅ । ତାକୁ ମାରିଦିଅ ପ୍ରଭୁ କଉଁସିଲା ପ୍ରକାରେ ।''

ଶ୍ରୀ ଅରବିନ୍ଦଙ୍କ ମତରେ ଏଇ ମୃତ୍ୟୁ ହିଁ ସବୁ ଦୁଃଖ ଓ ପାପର ମୂଳ। ମୃତ୍ୟୁ କହିଲେ ଆମେ କେବଳ ଦୈହିକ ମୃତ୍ୟୁକୁ ବୁଝିବା ନାହିଁ । ମୃତ୍ୟୁ ହେଲା ଏକ ନୈରାଶ୍ୟକର ନାସ୍ତିତ୍ୱ। ମଣିଷକୁ ଜନ୍ମ ଦେଇସାରି, ଜୀବନ ଦେଇସାରି ଶେଷରେ ତାକୁ ଦେଖେଇ ଦିଆଗଲା ଓ ବୁଝେଇଦିଆଗଲା ଯେ, ଏସବୁ କିଛି ନୁହେଁ, ଏ ସବୁ କିଛି ନାହିଁ ଓ ଏସବୁ କିଛି ନଥିଲା ଏବଂ ଏସବୁ ମଧ୍ୟ କିଛି ରହିବ ନାହିଁ । ସବୁ ଅନିତ୍ୟ, ଅସତ୍ୟ ଛାୟାବାଜି କୁହୁକବତ୍ । ଏଠିତୁମେ ମିଥ୍ୟା-ତୁମର ସବୁ ଅନୁଭବ ମିଥ୍ୟା- କାର୍ଯ୍ୟ ମିଥ୍ୟା- ଚିନ୍ତା ମିଥ୍ୟା- ମଣିଷ ଏଇ ମିଥ୍ୟା ବୋଧରେ ରହିଲାପରେ, ଘୋର ସଂଶୟ, ନୈରାଶ୍ୟ ଓ ଦୁଃଖରେ ନିତ୍ୟ ଘାରି ହୋଇ ମରୁଛି । ଏହି ମିଥ୍ୟାବୋଧକୁ ଶ୍ରୀ ଅରବିନ୍ଦ ମୃତ୍ୟୁ ବୋଲି ଅଭିହିତ କରିଛନ୍ତି ।

ISSN NO.
2582-208X

ମୃତ୍ୟୁ ବା ଏହି ମିଥ୍ୟା ବୋଧ ଆମ ଭିତରେ ଏକ ପାରଂପରିକ ବିଶ୍ୱାସରୂପେ ଆଜି ପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ପ୍ରବୃତ୍ତି ହୋଇ ତାର ପରାକ୍ରମ ଦେଖାଇ ଚାଲିଛି । ଏଇ ମୃତ୍ୟୁବୋଧ ଆତ୍ମାରେ ନାହିଁ। କିନ୍ତୁ ମନୁଷ୍ୟ ଏଯାବତ୍ କେବଳ ତା''ର ଦେହ ପ୍ରାଣ ଓ ମନକୁ ନେଇ ବଞ୍ଚିଛି । ତେଣୁ ତା''ର ଦେହ, ପ୍ରାଣ ଓ ମନ ସତ୍ତାରେ ମୃତ୍ୟୁ ଘଟୁଛି । ମାତ୍ର ଯେତେବେଳେ ମଣିଷର ଦେହ, ପ୍ରାଣ ଓ ମନ ତା''ର ଆତ୍ମାଠାରୁ ବିଛିନ୍ନ ନ ହୋଇ ଆତ୍ମା ସଙ୍ଗେ ଏକୀଭୂତ ହୋଇଯିବ, ସେତେବେଳେ ମଣିଷର ଆଉ ମୃତ୍ୟୁ ରହିବ ନାହିଁ- କାରଣ ତା''ର ମୃତ୍ୟୁ ସ୍ମୃତି ଓ ମୃତ୍ୟୁବୋଧ ଲୋପ ପାଇଯିବ । କିନ୍ତୁ ଏହା କ''ଣ କେବେ ସମ୍ଭବ ? ଆଜି ପର୍ଯ୍ୟନ୍ତ ମୃତ୍ୟୁକୁ ଏକ ଅନିବାର୍ଯ୍ୟ ପରିଣତି ରୂପେ ଆମେ ଦେଖି ଆସିଛୁ । ଯଦି ଏହା ସତ୍ୟ ଓ ବାସ୍ତବ ହୋଇପାରେ, ତେବେ 'ମୃତ୍ୟୁ''କୁ କିପରି ଜୟ କରାଯାଇପାରେ ? ମୃତ୍ୟୁ ଭଳି ସର୍ବଶ୍ରେଷ୍ଠ ବଳୀୟାନ ଶତ୍ରୁକୁ ଆଉ କୋଉ ଶକ୍ତି ପରାସ୍ତ କରିପାରେ ?

ଶ୍ରୀଅରବିନ୍ଦଙ୍କ ମତରେ ଏହି ନକାରାତ୍ମକ, ନାସ୍ତିବାଚକ ମୃତ୍ୟୁର ଏକମାତ୍ର ପ୍ରତିପକ୍ଷ ହେଲା 'ପ୍ରେମ'' । ଏ ପୃଥିବୀରେ ବର୍ତ୍ତମାନ ଏ ଦୁଇଟି ଶକ୍ତିର ପ୍ରତିଦ୍ୱନ୍ଦିତା ଚାଲିଛି ଏବଂ ଏ ଯାବତ୍ 'ମୃତ୍ୟୁ'' ହିଁ ଏହି ଭୂମିକୁ କରଗତ କରି ବିଜୟୀ ହୋଇ ରହିଛି ମାତ୍ର ପ୍ରେମ ପରାଜିତ ହୋଇନାହିଁ । ପ୍ରେମକୁ ମୃତ୍ୟୁ କବଳିତ କରିପାରିନାହିଁ । 'ପ୍ରେମ'' ହାତରୁ 'ମୃତ୍ୟୁ' ଛଡ଼ାଇ ନେଇଛି ତାର ପାତ୍ର ବା ପାତ୍ରୀଟିକୁ। ମାତ୍ର 'ପ୍ରେମ'' ସ୍ୱୟଂ 'ମୃତ୍ୟୁ' ହାତରେ ଧରା ଦେଇନାହିଁ ।''

ଏହି ଦିବ୍ୟ ପ୍ରେମର ଅବତରଣ ଫଳରେ ମନୁଷ୍ୟର ମିଥ୍ୟାବୋଧ ଭାଙ୍ଗିଯିବ । ମଣିଷ ମଣିଷ ଭିତରେ ଥିବା ହିଂସା, ଦ୍ୱେଷ, ଆସକ୍ତି, ଅତ୍ୟାଚାର ଲୋପ ପାଇବ । ମଣିଷ ଜାଣିବ, ମରଣଶୀଳ ଏହି ଶରୀରର, ମନର ସିନା ମୃତ୍ୟୁ ସମ୍ଭବ କିନ୍ତୁ ତାର ଆତ୍ମା ଚିର ଅମର। ସେଇ ଅମୃତତତ୍ୱ ଆତ୍ମାର ସନ୍ଧାନ କେବଳ ସମ୍ଭବ ହୋଇପାରିବ ପ୍ରେମର ମହାନତମ ଉପଲବ୍ଧିରେ । ମଣିଷ ଯଦି ଶରୀର ଓ ମନର ପର୍ଯ୍ୟାୟରୁ ନିଜକୁ ଉଠାଇ ଆତ୍ମାର ସ୍ତରରେ ନିଜକୁ ଅନୁଭବ କରେ ତେବେ ଦିନେ ନା ଦିନେ ସିଏ ଏଇ ଅମୃତ ତତ୍ୱକୁ ଉପଲବ୍ଧ କରିପାରିବ। ଧ୍ୟାନ ହିଁ, ନିର୍ବିଚାର ଅବସ୍ଥାରେ ଆତ୍ମସାକ୍ଷାତ୍କାର ହିଁ, ଦ୍ରଷ୍ଟା ବା ସାକ୍ଷୀଭାବ ହିଁ, ଚେତନାକୁ ପରମ ଅବସ୍ଥାରେ, ସମାଧିରେ ପହଞ୍ଚାଇଦେବ । ଏଣୁ ପାଠଚକ୍ର ଆରମ୍ଭରେ ବାବାଜୀର ସାନ୍ନିଧ୍ୟରେ ଆଖିବୁଜି ସମସ୍ତେ ଧ୍ୟାନସ୍ଥ ହୁଅନ୍ତି ।

ISSN NO.
2582-208X

ଆତ୍ମମଗ୍ନ ଅବସ୍ଥାରେ ସମସ୍ତେ ସେଇ ଦିବ୍ୟ ପ୍ରେମର ଅନୁଭୂତିକୁ ଆପଣ ଆପଣା ଭିତରେ ଅନୁଭବ କରନ୍ତି ।

ରେିକ୍, ମହାଜନର ବଡ଼ଝିଅ ଭିତରେ ସେଇ ଦିବ୍ୟତାର ପରିପ୍ରକାଶକୁ ଅନୁଭବ କରିଛି । ଧୋବାଘର ପିଠାରୁ ପାଠଚକ୍ର ଉଠିଯାଇଛି ତେଣୁ ମହାଜନ ଘରକୁ । କେବଳ ବାବାଜୀ କାହିଁକି, ସମଗ୍ର ଗ୍ରାମବାସୀ ମହାଜନ ଘର ପାଠଚକ୍ରରେ ଏକ ସାତ୍ୱିକ ଦିବ୍ୟଭାବକୁ ଅନୁଭବ କରିଛନ୍ତି । ଏପରିକି ମହାଜନ ପରିବାରର ସ୍ତ୍ରୀଲୋକମାନେ ମଧ୍ୟ ଅତ୍ୟନ୍ତ ଦିବ୍ୟ ଓ ସାତ୍ୱିକ ଭାବରେ ଆଲୋଚନା-ଚକ୍ର ଓ ପାଠଚକ୍ରରେ ଅଂଶ ଗ୍ରହଣ କରୁଥିଲେ । ମହାଜନ ପରିବାରର ମହିଳାମାନଙ୍କର ଏତାଦୃଶ ସକ୍ରିୟ ସହଭାଗିତାକୁ ଲକ୍ଷ୍ୟ କରି ତେଣୁ ବାବାଜୀ କହିଛି, 'ଜଗତରେ ମାତୃଶକ୍ତି ହିଁ ପ୍ରତିଷ୍ଠିତ ହେବ--କାମ ପରିଣତ ହେବ କରୁଣାରେ । ପୌରୁଷ ଅବତରିବ ବାତ୍ସଲ୍ୟରେ ।'

ଧୀରେ ଧୀରେ ପାଠଚକ୍ରର ସଂଖ୍ୟା ବଢ଼ିବାରେ ଲାଗିଛି । ଏହା ଏକ ଆନ୍ଦୋଳନର ରୂପ ନେଇଛି । କେବଳ ସେଇ ଗାଁ''ରେ ନୁହେଁ ଆଖ ପାଖ ଗାଁ ରେ ମଧ୍ୟ ଖୋଲି ଯାଇଛି ଅସଂଖ୍ୟ ପାଠଚକ୍ର । ବାବାଜୀକୁ ମଧ୍ୟ ଡାକରା ଆସୁଥାଏ ଅନେକ ଜାଗାରୁ ପ୍ରବଚନ ପାଇଁ, ସହଯୋଗ ପାଇଁ । 'କିନ୍ତୁ ଆପଣାର ଅନ୍ତରର ସେଇ ଶୁଭେଚ୍ଛାଟିର ସଂପ୍ରସାରଣ ଯେତିକି ବଢୁଥାଏ, ସେତିକି ସଙ୍କୁଚୁଥାଏ ବାବାଜୀର ହୃଦୟ ଭିତରେ ବସି ଥିବା ସେଇ ଆବେଗମୟ ପୁରୁଷଟିର ଜ୍ୟୋତି ଚକ୍ରଟି ସତେକି !'' ଦିନେ ବଡ଼ି ଭୋରରୁ ସେ ଘୋଷଣା କରେ, 'ମଉସା ଯାଉଛି ମୁଁ । ଆଉ ସତରେ ସେ ଘର ଛାଡ଼ି ବାହାରି ଯାଏ । ତା କଥା ଶୁଣି ସଦ୍ୟ ପୁତ୍ରବିୟୋଗରେ ମର୍ମାହତ ଦମ୍ପତି ମଧ୍ୟ ତା ସହିତ ଯିବା ପାଇଁ ବାହାରନ୍ତି । ବୁଢ଼ାବୁଢ଼ୀ ମଧ୍ୟ ତା ସହ ଦକ୍ଷିଣ ଦିଗକୁ ଯିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ଚାହୁଁ ଚାହୁଁ ଗାଁରେ ଏ ଖବର ପ୍ରଚାର ହୋଇଯାଏ ଓ ସମଗ୍ର ଗାଁ''ଟା ଯାକ ଲୋକ ଦକ୍ଷିଣଯାତ୍ରାକୁ ବାହାରନ୍ତି । ମହାଜନ ଘରେ ପଙ୍ଗତ ଖାଇସାରି ରାତିରେ ବିଶ୍ରାମ ପରେ ସକାଳୁ ସମସ୍ତେ ରେଳଷ୍ଟେସନ ଅଭିମୁଖେ ଯାତ୍ରା କରନ୍ତି । ଧନୀ ମହାଜନ ସୁଦ୍ଧା ସେଇ ଦିବ୍ୟ ଯାତ୍ରାରେ ସାମିଲ ହୋଇଯାଏ । ନିଜର ବ୍ୟାବସାୟିକ ବୁଦ୍ଧି ଭିତରେ ବି ସେ ଦେଖୁଥାଏ ନିଜର ପଦ୍ମଫୁଲ ଭଳି ଝିଅଟିକୁ ଆଉ ନିଜର ପଙ୍କିଳତାକୁ ଆଶ୍ୱାସନା ଦେଇ ଚାଲିଥାଏ-

ISSN NO.
2582-208X

ପଦ୍ମଫୁଲର ବାପ ତୁ , ପଦ୍ମଫୁଲର ବାପ ତୁ ! ଶାନ୍ତ ହ, ଚୁଉପ ହ, ସ୍ଥିର ହ, ମଣିଷର କର୍ତ୍ତା ତୁ ... କର୍ତ୍ତା ତୁ ...

ଦକ୍ଷିଣାବର୍ତ୍ତ ଉପନ୍ୟାସରେ ଭରି ରହିଛି ଚମତ୍କାର ପ୍ରତୀକ ଓ ଚିତ୍ରକଳ୍ପ । ଅସାଧାରଣ କଥକତା ଓ ଚରିତ୍ରର ଉପସ୍ଥାପନା ଉପନ୍ୟାସର ପିଞ୍ଜରକୁ କରିଛି ଶକ୍ତିଶାଳୀ । ରୈକ୍ୱ, ପାଟଳିପୁତ୍ର, ଏକୁଟିଆ ପକ୍ଷୀ, ରାମରେ -ହେ, ଜାବାଳ, ଧୋବାଘାଟ ଓ ବାବାଜୀ, ମହାଜନ, ପଦ୍ମଫୁଲ ଓ ଏପରିକି ଦକ୍ଷିଣ ଦିଗକୁ ଯାତ୍ରା ଏସବୁକିଛି ପ୍ରତୀକାତ୍ମକ ଭାବେ ରୂପାୟିତ ହୋଇଛନ୍ତି ଉପନ୍ୟାସରେ । ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ ପରି ଶାନ୍ତନୁଙ୍କ ରୈକ୍ୱ । ସିଦ୍ଧାର୍ଥ ଆଧ୍ୟାତ୍ମର ଆତ୍ୟନ୍ତିକ ଅନୁଭୂତି ପାଇଁ ଗୁରୁର ଆନୁସନ୍ଧାନ କରି ଘୁରିବୁଲିଛି ଦିଗ ବିଦିଗ । ରୈକ୍ୱର ମଧ୍ୟ ଅନୁରୂପ ଅବସ୍ଥା । ଘଟଣା ଚକ୍ରରେ ସେ କେଉଁଠି ଅଟକି ଯାଉଛି ଓ ଅଟକି ଯିବା ହିଁ ସିଦ୍ଧ କରୁଛି ତାର ଅପରିପକ୍ୱ ଜୀବନର ସ୍ଥୂଳତାକୁ ।

ମିଲିଟାରୀ କ୍ୟାମ୍ପ ଛାଡ଼ି ଗଙ୍ଗା କୂଳର ଲିଚୁ ବଗିଚାରେ ସାଂଧ୍ୟ ଭ୍ରମଣ, ଘର ଛାଡ଼ି ଅନିର୍ଦ୍ଦିଷ୍ଟ ଭାବେ ଗଲାବେଳେ ଏକୁଟିଆ ପକ୍ଷୀଟିକୁ କେଉଁ ଦିଗକୁ ଯାତ୍ରା କରିବି ବୋଲି ପ୍ରଶ୍ନ କରିବା, କ୍ରମେ ଧୋବାତୁଠ, ହିସ୍‌ସ୍ ଫଟ୍, ହିସ୍‌ସ ଠୋ ଧ୍ୱନି ଉଚ୍ଚାରଣ, ଲୁଗା ଗଠିରାକୁ ଠାକୁର ଜ୍ଞାନ କରିବା, ଧୂପବତୀ କାରଖାନାରେ କାମକରିବା ଏବଂ ସବୁ ପାର୍ଥିବ ମୋହ ପରିହାର କରି ଜନମାନସକୁ ଦକ୍ଷିଣଯାତ୍ରାରେ ସାମିଲ କରିବା ଆଦି ନାନା ପ୍ରସଙ୍ଗ, ପ୍ରତୀକ ଓ ଚିତ୍ରକଳ୍ପ ମାଧ୍ୟମରେ ପ୍ରତିଭାତ ହୋଇଛି । 'ଦକ୍ଷିଣାବର୍ତ୍ତ' ର ଦକ୍ଷିଣ ଦିଗଟି ପରୋକ୍ଷ ଭାବେ ପଣ୍ଡିଚେରୀସ୍ଥ ଶ୍ରୀ ଅରବିନ୍ଦଙ୍କ ସାଧନାଭୂମିକୁ ହିଁ ବୁଝାଉଛି । ଦକ୍ଷିଣ ଦିଗକୁ ଯାତ୍ରା- ଆସ୍ଥା, ବିଶ୍ୱାସ, ଆଲୋକ, ଆନନ୍ଦ ଓ ପବିତ୍ରତା ଦିଗରେ ଯାତ୍ରା । ରୈକ୍ୱ ଚରିତ୍ର ଯାତ୍ରା ମାଧ୍ୟମରେ ହିସାବୀ ଜୀବନଯାପନ ଓ କାମନାର ବଳୟରେ ପିଷ୍ଟ ବ୍ୟକ୍ତି ମଣିଷର ଉତ୍ତୀର୍ଣ୍ଣ ଓ ମହତ୍ତର ହେବାର ଅଭିଳାଷ ପ୍ରକଟିତ ହୋଇଛି ।

ଶାନ୍ତନୁଙ୍କ କଥା ସୃଷ୍ଟିରେ ଚମକ ଥାଏ ତାଙ୍କ ଚରିତ୍ର ରୂପାୟନରେ । ସେ ଚରିତ୍ରମାନଙ୍କୁ ଉଠାଇଆଣନ୍ତି ଅତି ନିପଟ ସାଧାରଣ ପରିବେଶରୁ । ଯେପରି ଜର୍ଜ, ଯେପରି ନଟବର ଓ ରୈକ୍ୱ । ଚରିତ୍ର ମାନେ ଆସିଥାନ୍ତି ପୁରାଣ, ଉପନିଷଦ ବା ପ୍ରାଚୀନ ମିଥ୍‌ରୁ । ସେମାନେ ପ୍ରତୀକିତ ହୁଅନ୍ତି ସାର୍ବଜନୀନ ଚରିତ୍ର ଆବେଶରେ । ମିଥ୍‌ରୁ ଉଠିଆସିଥିବା ଚରିତ୍ର,

ISSN NO.
2582-208X

ସାଂପ୍ରତିକ ଜୀବନଚର୍ଯ୍ୟାରେ ଜୀବନ୍ତ ହୋଇଯାଆନ୍ତି ଲେଖକୀୟ କାଉଁରୀ ସ୍ପର୍ଶରେ । ଚରିତ୍ର ପାଲଟିଯାଏ ଜୀବନ, ଜୀବନର ଏକ ଅଂଶ । ଅନ୍ୟଭାବେ କହିବାକୁ ଗଲେ ପରିପୂର୍ଣ୍ଣ ଜୀବନର ଗୋଟିଏ ଗୋଟିଏ ପ୍ରତୀକ । 'ଦକ୍ଷିଣାବର୍ତ୍ତ''ର ରେଁକ୍ସ ଓଡ଼ିଆ ଉପନ୍ୟାସ ଚରିତ୍ର ଜଗତରେ ଯେ ଏକ ପ୍ରମୁଖ ତଥା ଅବିସ୍ମରଣୀୟ ଚରିତ୍ର, ଏହା ନିଃସନ୍ଦେହରେ କୁହାଯାଇପାରେ । ଶାନ୍ତନୁଙ୍କ ଜୀବନ ଦୃଷ୍ଟି ଏଇଠି ଅନ୍ତର୍ଜଗତ ବା ଆଧ୍ୟାତ୍ମ ପ୍ରତି ଉନ୍ମୁଖ ହୋଇ ତାଙ୍କୁ ଜଣେ ଉଚ୍ଚକୋଟୀର ସ୍ରଷ୍ଟାଭାବେ ଆଶାତୀତ ସଫଳତା ଆଣିଦେଇଛି ।

Bibliography

୧-ଆଚାର୍ଯ୍ୟ ଶାନ୍ତନୁ କୁମାର, ସାକ୍ଷାତକାର, ଅଲୌକିକ ଦର୍ପଣ, ଜିଲ୍ଲା ଲେଖକ ପରିଷଦ, ବଲାଙ୍ଗୀର, ପୃ ୭୮/୭୯
୨-ଆଚାର୍ଯ୍ୟ ଶାନ୍ତନୁ କୁମାର, ଦକ୍ଷିଣାବର୍ତ୍ତ, ଓଡ଼ିଶା ବୁକ୍ ଷ୍ଟୋର କଟକ
୩- ସାହୁ, ମହାପାତ୍ର ନୀଳମଣି, ଶ୍ରୀ ଅରବିନ୍ଦ ଙ୍କ ସାବିତ୍ରୀ, ଶ୍ରୀ ଅରବିନ୍ଦ ଆଶ୍ରମ ପଣ୍ଡିଚେରୀ, ୨୦୦୩, ପୃ ୫/୬
୪ - ପାଣ୍ଡବ ଶତ୍ରୁଘ୍ନ, ଶାନ୍ତନୁ ଆଚାର୍ଯ୍ୟଙ୍କ କଥା ଜଗତ( ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ ) ପୃ -୧୫୬

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
କୋଲହାନ ବିଶ୍ୱବିଦ୍ୟାଳୟ, ଚାଇବାସା, ଝାରଖଣ୍ଡ
ଦୂରଭାଷ- ୮୩୪୦୫୫୬୮୮୭
shivanand.jsr@gmail.com

ISSN NO.
2582-208X

# ହେଲ କି ନିଷ୍ଠୁର



ହର ପ୍ରସାଦ ସୁଆର

ସୂର୍ଯ୍ୟମାମା, ସୂର୍ଯ୍ୟମାମା, ତୁମେ ପରା ସୂର୍ଯ୍ୟନାରାୟଣ,
ମକରଠାରୁ ତୁମରି ଆସ୍ଥାନ ଅଟେ ଉତ୍ତରାୟଣ ।
ଶୀତୁଆ ସକାଳ ଉପଭୋଗ କରିବାକୁ ତୁମେ ନଦେଲ ସୁଯୋଗ,
ତୁଚ୍ଛାଟାରେ ତୁମେ କାହିଁ କରୁଅଛ ଏତେ ରାଗ ।

ପିଲାବେଳୁ ଆମେ ଜାଣୁ ମାଘ ମାସରେ ହୁଏ ବାଘଭଳି ଶୀତ,
କମ୍ବଳ, ଚାଦର, ସୁଏଟର୍, ଟୋପି ଓ ମଫଲର୍
କିଛି ମାନେନାହିଁ ଶୀତ, କି ଭୟଙ୍କର ଶୀତ,
ଉପର ପାଟିର ଦାନ୍ତସହ ତଳପାଟିର ଦାନ୍ତ ବାଜେ କରି ଠକ୍ କଠକ୍ ।

ମାଘ ମାସର ଶୀତ ସତରେ ବାଘଙ୍କ ଭଳି ଭୟଙ୍କର,
ଏସବୁତ ଶାସ୍ତ୍ରର କଥା, ସେଦିନର କଥା ।
ହେଲେ ଆଜି ! ଉପକୂଳ ଜିଲ୍ଲା ଆମ ରାଜଧାନୀ ସହର,
ଜାନୁଆରୀରେ ପାର କରିଛି ପଇଁତିରିଶି ଡିଗ୍ରୀ ଟେମ୍ପରେଚର ।

ଗ୍ଲୋବାଲ୍ ୱାର୍ମିଂ ଯୁଗରେ ଆଉ ଫେରିବକି ଶୀତ,
ନା ଆମେ ଆମ ମତ ବଦଳେଇ ଦେଇ କହିବା
ମାଘ ମାସରେ ବାଘଭଳି ଗ୍ରୀଷ୍ମ,
ହାୟରେ ମନୁଷ୍ୟ, ହାୟରେ ପ୍ରକୃତି ତୁମେ ହେଲକି ନିଷ୍ଠୁର ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ମୋ - ୭୫୦୧୬୫୨୪୨୮

ISSN NO.
2582-208X

# ଗୋପ ନଗରୀରେ


ବିଜୟ କୁମାର ସାହୁ

ଗୋପ ନଗରୀରେ ସବୁଠାରୁ ଚୋର
ବୋଲାଇଲେ ନନ୍ଦ ନନ୍ଦନ
ଯମୁନା କୂଳରେ ଗୋପୀ ବସ୍ତ୍ର ନେଇ
ରଖାଇଲେ ବୃକ୍ଷ ଉପର
ଇଷ୍ଟତକୁ ନାହିଁ ତା'ର ଡର ସେ ଗୋପ ନାଗର ॥ ୧
ରାଧିକା ରାଣୀଙ୍କ ହୃଦୟ ଚୋର ହେ
ନବାମ୍ବୁଦ ଶ୍ୟାମଳ ବର୍ଣ୍ଣ
ଅନେକ ଜନ୍ମର ପାପ ରାଶି ମୋର
ଚୋରାଇ ନିଅ ଚିତ୍ତ ଚୋର
ହେ ଚୌରାଗ୍ରଗଣ୍ୟ ପୁରୁଷ ୨ ॥ ୨
ଶୁଣିଛି ଶ୍ରବଣେ ଗିରି ସମ ଅଘ
ଅପହୃତ କର ମାଧବ
ପଦାଶ୍ରିତ ଜନ ଆଶ୍ରୟ କରିଲେ
କରିଦିଅ ତାକୁ କାଙ୍ଗାଳ
ଦୀନବନ୍ଧୁ ନାମେ ନୁହଁ କି କଳଙ୍କ ?
ହେ ରାଧା ମାଧବ ହେ ରାଧା ମାଧବ ॥ ୩

ISSN NO.
2582-208X

ପରେତରାଟର ଭବପାଶରୁ ହେ
ମୁକ୍ତ କରିବାରେ ବଳିଷ୍ଠ
ଛିନ୍ନ କରିଦିଅ ମୋ ଭବ ବନ୍ଧନ
ଆଶ୍ରୟ ମୁଁ ତବ ପୟର
ହେ ବିଦଗ୍ଧ ଚୌର ଶ୍ରେଷ୍ଠ ୨ ॥ ୪
ଧନ ନିଅ ପ୍ରଭୁ ମାନ ନିଅ ପ୍ରଭୁ
ନେଇଯାଅ ବା ପ୍ରାଣ ମୋର
ସର୍ବସ୍ୱ ମୋହର ନେଇ ଯାଅ ପଛେ
ଅବିଚଳ ଭକ୍ତି ଦିଅ
ହେ ରାଧା ବଲ୍ଲଭ ! ହେ ରାଧା ବଲ୍ଲଭ ! ॥ ୫
କୋମଳ ହୃଦୟ ନବନୀତ ପ୍ରାୟ
ତ୍ରିଭୁବନେ ଖ୍ୟାତ ବିଶେଷ
ଦୁଷ୍ଟ ଜନ ପାଇଁ ମହାକାଳ ତୁମେ
ମହାଜାଗତିକ ଈଶ୍ୱର
ହେ ଶ୍ୟାମ ସୁନ୍ଦର ! ହେ ଶ୍ୟାମ ସୁନ୍ଦର ! ॥ ୬
ପାପ ଚୌର୍ଯ୍ୟ ଦଣ୍ଡ ଅସହ୍ୟ ମୋହର
ଆଶ୍ରୟ ନେବି ବା କାହାର
ଅକିଞ୍ଚନ ଭୃତ୍ୟ ପଦାଶ୍ରିତ ତବ
ଅଭୟ ପାଦ ପଙ୍କଜ
ରକ୍ଷାକର ହେ ପାପ ଚୋର ୨
କରୁଛି ଗୁହାରୀ ବିଜୟ ॥ ୭

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ – ୮୭୬୩୧୪୮୬୨୩

ISSN NO.
2582-208X

# କ୍ରାନ୍ତିକାରୀ ତୁମେ କବି

ବେଣୁଧର ସୂତାର

ମାନବ ବାଦର ଦୃପ୍ତ ବାହକ
ତୁମେତ  କ୍ରାନ୍ତିର  କବି
ନୟନ ପଟଳେ ଜାଗିଉଠେ ତୁମ
ନିଖିଳ ବିଶ୍ୱର ଛବି
ଜଳାଅ ଜ୍ଞାନର ହବିଃ
ଯା ଲେଖନୀଧାରେ ଜ୍ଞାନରତ୍ନ ଝରେ
ସାରସ୍ୱତ ପ୍ରଜ୍ଞା ପବି ॥

ତୁମେ କ୍ରାନ୍ତି ସୁର ବିଳ୍ପବୀ ବୀର
କୋଟିହୃଦ କର ଜୟ
କ୍ରାନ୍ତିକାରୀ ର ଶୋଣିତରେ ଲେଖା
ନିଖିଳ ର ପରିଚୟ
ଇତିହାସେ ସ୍ମରଣୀୟ
ତୁମରି ସାଧନା ବାସ୍ତବ ଭାବନା
ବିଶ୍ୱ କରେ ମଧୁମୟ ॥

ତୁମେ ଲଙ୍ଘିପାର ଦୁର୍ବାର ଶପଥେ
ଆକଟ ଲକ୍ଷଣ ରେଖା
ତୁମେ ଜାଳିପାର ମହା ବିଳ୍ପବର
ଲେଲିହାନ ଅଗ୍ନିଶିଖା
ମଣିଷ ଜାତିର ସଖା
ଅମଣିଷ ହୃଦେ କମ୍ପନ ତୋଳେ
କ୍ରାନ୍ତିର ଶାଣିତ ଲେଖା ॥

ISSN NO.
2582-208X

ଲେଖନୀର ଧାରେ ତୁମେ ଫୁଟାଇଛ
ଅଧୁରା ଅଧରେ ହସ
ଲେଖିଛ ତା ଗୀତ ପ୍ରାଣର ସଙ୍ଗୀତ
ଦେଇ ନୂଆ ଜୀବନ୍ୟାସ
ତୁଟାଇଛ ଅବସୋସ
ତୁମେ କ୍ରାନ୍ତିକାରୀ ପ୍ରବୀଣ ପ୍ରଭାରୀ
ଏକଳି ଯୁଗର ବ୍ୟାସ ॥

ମାନବ ସେବାର ମଞ୍ଜୁଳ ମନ୍ତ୍ର ଏ
ନିଖିଳର ପ୍ରାଣବାହୀ
କ୍ରାନ୍ତି ବିନା ଏଇ ମାନବ ବାଦର
ଇତିହାସ ଲେଖା ନାହିଁ
ଆଗାମୀ ଏ ବିଶ୍ୱ ପାଇଁ
ଲେଖନୀ ଯାହାର ସାମ୍ୟ ସମତାର
ପରିଭାଷା ଗାଉଥାଇ ॥

ତୁମେତ ବିଶ୍ୱର ମହା ଭାଷ୍ୟକାର
ମୈତ୍ରୀ ମଧୁରତାର
ବଜ୍ର ନିର୍ଘୋଷ ଭାଷାରେ ଯାହାର
ବେସାଲିସ୍ ଇସ୍ତାହାର
ଯୁଗ ଆଉ ଯୁଗାନ୍ତର
ନିର୍ଭୀକ ସମୀରୁ ଝରୁଥାଉ ତୁମ
କ୍ରାନ୍ତିର ମହା ସୁର ॥

କେଣଦୁର୍‌ପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଏତିକି କରୁଛି ମୁଁ
# ନିବେଦନ



ରାଜକିଶୋର ସ୍ୱାଇଁ

ଆଜି ପରା ଶିବଙ୍କର ଜନମ ଦିନ
ମହା ଶିବରାତ୍ରି ତା ନାମ
କରିବି ଧ୍ୟାନ ମନେ ଚିନ୍ତନ
କରିବି ଧ୍ୟାନ ମନେ ଚିନ୍ତନ
ଚରଣେ ତାଙ୍କରି ସମର୍ପି ମନ
ଅରପିବି ଭକ୍ତି ସୁମନ ।୧ ।
ଅଳପରେ ତୋଷ ହୋଇଥିବାରୁ
ନାଆଁ ହେଲା ଆଶୁତୋଷ
ପାନ କରି ସେ ଜଗତ ତାରିଲେ
ସାଗରରୁ ଜାତ ବିଷ
ହେ ମହେଶ୍ୱର ଭୋଳା ଶଙ୍କର
ହେ ମହେଶ୍ୱର ଭୋଳା ଶଙ୍କର
ତୋଲାଗି ହସୁଛି ବିଶ୍ୱ ଭୁବନ ।
ଏ ପରାଟି ତୋ ବରଦାନ ।
ଆଜି ପରା ଶିବଙ୍କର ..... ।୧ ।
ନିଜ ଦେହରେ ନ ଲେପି ଚଇନ
କରନ୍ତି ଭସ୍ମ ଲେପନ
ମୂଲ୍ୟବାନ ଅଳଙ୍କାର ସେ ତେଜି

ISSN NO.
2582-208X

ଭୁଜଙ୍ଗ କଲେ ଭୂଷଣ
ହେ ଜଟାଧାରୀ ଶ୍ମଶାନଚାରୀ
ହେ ଜଟାଧାରୀ ଶ୍ମଶାନଚାରୀ
ହୁଅଇ ପରାଣ ତୋର ଉଚ୍ଛନ୍ନ
ଭକତ ତୋ ଜୀବନ ଧନ ।
ଆଜି ପରା ଶିବଙ୍କର ..... ।୨।
ଭରିଦିଅ ମନେ ତୋର ଭାବନା
ଆହେ ପ୍ରଭୁ ଭୋଳାନାଥ
କଣ୍ଠେ ଦିଅ ଭାଷା ଗାଇବା ପାଇଁ
ତୋର ଭକତି ସଙ୍ଗୀତ
ଆହେ ମହେଶ ହର କଳୁଷ
ଆହେ ମହେଶ ହର କଳୁଷ
ଏତିକି କରୁଛି ମୁଁ ନିବେଦନ
ତୋ ପ୍ରେମରେ ହୁଏ ତଲ୍ଲୀନ
ଆଜି ପରା ଶିବଙ୍କର..... ।୩।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# "ଗାଡି ନମ୍ବର ୧୦୮"



ଡକ୍ଟର ପ୍ରବୀଣା ପରିଡା

ରାସ୍ତାର ଭିଡ ଭିତରେ କେତେ ଗାଡି, ମଟରର ଘୁଁ-ଘାଁ ଶବ୍ଦ।

କିଏ ଆଗରେ ତ କିଏ ପଛରେ।ଘଣ୍ଟା, କଣ୍ଟା ଆଗକୁ ଆଗେଇବା ପରି ସମୟ ସ୍ରୋତ ରେ ସବୁ ଆଗେଇଚାଲିଛନ୍ତି ।

୧୦୮ ନମ୍ବର ଗାଡିର ହର୍ଣ୍ଣ ଶବ୍ଦ ଶୁଣିଲେ, ମୁହଁରୁ ଆପେ ବାହାରିଯାଏ, ପ୍ରଭୁ! ଅସୁସ୍ଥ ଲୋକଟିକୁ ସୁସ୍ଥ କରିଦିଅ, ରୋଗ ଯନ୍ତ୍ରଣାର କଷ୍ଟ ସହିବାକୁ ଶକ୍ତି ଦିଅ। ଦୂରରୁ ଥାଇ ପ୍ରଭୁଙ୍କୁ ଆକୁଳ ପ୍ରାର୍ଥନା କରେ ଶ୍ରୀୟା।କିନ୍ତୁ ଏବେ!!!!

୧୦୮ ନମ୍ବର ଗାଡିର ଶବ୍ଦ ଶୁଣିଲେ ଦେହରେ ଅଜଣା ଭୟରେ ଦେହ ଥରିଉଠେ। ଆଖିରେ ଲୁହ ଜକେଇ ଆସେ। ସେ ଦିନର ସବୁ ଘଟଣା ଆଖି ଆଗରେ ଚଳଚ୍ଚିତ୍ର ଦୃଶ୍ୟ ପରି ନାଚିଉଠେ ।

ଦୁଇବର୍ଷ ତଳେଥିବା ଜୀବନ ଯୁଦ୍ଧ ରେ ହାରିଯାଇ ଶ୍ରୀୟାର ବାପା ଆର ପୁରକୁ ଚାଲିଗଲେ। କେତେ ଆଶା, କେତେ ସ୍ୱପ୍ନ। ଅନେକ ଖୁସିର ଶାମୁକା ନେଇ ସଜାଇଥିଲେ ସଂସାର। ପିଲାମାନଙ୍କୁ ଅତି ସ୍ନେହ, ମମତା ଦେଇ ମଣିଷ କରିଥିଲେ। ସମସ୍ତଙ୍କ ପାଇଁ ସେ ଥିଲେ ଆଦର୍ଶ। ପିଲାମାନେ ଯିଏ ଯାହାର ସଂସାର କଲାପରେ ପତ୍ନୀ, ନାତି, ନାତୁଣୀ ଙ୍କ ସହ ବେଶ ହସ ଖୁସିରେ ଦିନ କଟିଯାଉଥିଲା। ଯେମିତି ଖୁସିର ସଂସାରରେ

ISSN NO.
2582-208X

କାହାର ନଜର ଲାଗିଗଲା। ହସଖୁସିର ସଂସାର ରେ କଳାବାଦଲ ଛାଇଗଲା। ସୁସ୍ଥ ସବଳ ଶରୀର, ହେଲେ ଶରୀର ଭିତର କଥା କିଏ କହିପାରିବ! ଧିରେ ଧିରେ ଶ୍ରୀୟାଙ୍କ ବାପା ଙ୍କ ଶରୀର ରୋଗଗ୍ରସ୍ତ ହୋଇ କ୍ଷୀଣ ହେବାରେ ଲାଗିଲା। ମୋହ ମାୟା ଭରା ମଣିଷ ଜୀବନ। ଜୀବନ ଯେତେ ସରି ସରି ଆସୁଥିବ ସେତେ ବଞ୍ଚିବାର ଇଛା ବଢୁଥିବ। ଦୁଃଖ ଭରା ମାନସିକତା, ଜୀଇଁବାର ପ୍ରବଳ ଆକାଂକ୍ଷା।

୧୦୮ ନମ୍ବର ଗାଡିରେ କେତେଥର ଡାକ୍ତରଖାନାକୁ ଯାଇଛନ୍ତି। କେତେଥର କେମୋ ତ କେତେଥର ରକ୍ତ ର ଆବଶ୍ୟକତା କୁ ନେଇ । ରକ୍ତ ନେବାର କିଛି ଦିନ ପରେ ହିମୋଗ୍ଲୋବିନ ଠିକ୍ ହେବାର ଦେଖି ବାପାଙ୍କ ଆଖି ଉଜ୍ଜ୍ୱଳ ହେଇଯାଏ। ନୂତନ ଆଶା, ସମ୍ଭାବନାର କିରଣ ଝଲସି ଉଠେ।

କିନ୍ତୁ ବାସ୍ତବତା କୁ କିଏ ରୋକି ପାରେ? ଆସିଛେ ଏକା ଯିବା ବି ଏକା। ସଂସାର ରୂପକ ମଞ୍ଚ ରୁ ତ ବିଦାୟ ନେବାକୁ ହେବ। ସଭିଙ୍କୁ ଯିବାକୁ ହେବ ଆର ପାରିକୁ । କେହି ରହି ନାହିଁ କି ରହିବ ନାହିଁ । କର୍ମମୟ ସଂସାରରୁ ବିଦାୟ ନେବା ସତ୍ୟ। ସମୟର ନିର୍ଦ୍ଦେଶ ରେ ସବୁ ଯିବେ। ପାଚିଲା ଥାଉ ଥାଉ କଞ୍ଚା ଝଡିଯିବ। ହାଟସଉଦା ସାରି ଶୂନ୍ୟ ରେ ମିଶିଯିବ।ଆସିଥିଲା ଶୂନ୍ୟ ହସ୍ତେ ଯିବ ଶୂନ୍ୟ ହସ୍ତେ।

ଦିନ କେଇଟା ଯାଇନି ବିଧାତାର କି ଲୀଳା, କାହାକୁ ବା ଗୋଚର ।

୧୦୮ ନମ୍ବର ଗାଡି ରେ ଶ୍ରୀୟାର ସାନ ଭାଇର ରକ୍ତ ଜୁଡୁବୁଡୁ ଶରୀର। କାହା ମନରେ ଯିଏ ଆଘାତ ଦେଇନି ଏତେ ବଡ ଆଘାତ ସହି ଟଳିପଡିଲା। ଘର ଦୁଆରେ ମୃତ କାୟା। ଅତ୍ୟନ୍ତ ହୃଦୟ ବିଦାରକ ଦୃଶ୍ୟ।

ସବୁକିଛି ଓଲଟପାଲଟ। ମାଆ, ପତ୍ନୀଙ୍କ ଠାରୁ ହସିହସି ବିଦାୟ ନେଇଥିଲା । କିଏ ଜାଣିଥିଲା ସେ ଦିନ ତା ପାଇଁ କାଳଦିନ ସାଜିବ। ଖାଇବାକୁ ଆସି ଭୋକିଲା ପେଟରେ କାଳନିଦ୍ରା ଗଲା। କି ଦାରୁଣ ଦୁଃଖ। ସତେ ଯେମିତି ମୃତ୍ୟୁ ତା ବାଟ ଚାହିଁ ବସିଥିଲା।

ISSN NO.
2582-208X

ଏସବୁ ଦୁଃଖ ଦାୟକ ଘଟଣା ଶ୍ରୀୟା ମନକୁ ଆନ୍ଦୋଳିତ କରେ, ରାସ୍ତାରେ ୧୦୮ ନମ୍ବର ଗାଡିର ଶବ୍ଦ ତା ଛାତିକୁ ଥରାଇଦିଏ। ମନରୁ ଆସେ ଏମିତି ଦୁଃଖ କାହାକୁ ନ ଦିଅନ୍ତୁ ପ୍ରଭୁ! ସୁଖରେ ଆତ୍ମହରା ହେବନାହିଁ କି ଦୁଃଖ ରେ ଭାଙ୍ଗି ପଡିବନାହିଁ। ଗୀତାର ମର୍ମ ବାଣୀ ଏକାନ୍ତ ସତ୍ୟ।

ଯିଏ ଚାଲିଯାଏ ତେଲ ଲୁଣ ସଂସାର ମୋହରୁ ମୁକ୍ତି ପାଇଯାଏ, କିନ୍ତୁ ଯେଉଁ ମାନଙ୍କୁ ଛାଡିଯାଏ ସେମାନେ ଯେତେଦିନ ବଞ୍ଚି ରୁହନ୍ତି ଲୁହଗଡାନ୍ତି, ଝୁରିହୁଅନ୍ତି ଦୁଃଖ ର ସାଗରରେ ବୁଡି ରହନ୍ତି ।

ବୋଧେ ଏଇତ ସତ୍ୟ। ଏଇତ ଜୀବନ।

ଭୁବନେଶ୍ୱର
୮୮୯୫୫୫୪୭୭୬

ISSN NO.
2582-208X

# ନବ ଉତ୍କଳ ର ତୁମେ ହିଁ ଆଲୋକ



ଡ. ଅଭିମନ୍ୟୁ କାନୁନଗୋ

ଶ୍ରୀକୃଷ୍ଣ କେଶବ ନବୀନ ଆଲୋକବର୍ତିକା ବୃନ୍ଦାବନର ।

ଶ୍ରୀହରିର ନାମ ପରମ ପାବନ ସ୍ମରଣେ ଅଭାବ ହର ।

ନନ୍ଦର ନନ୍ଦନ ଶ୍ରିମଧୁସୁଦନ ନଟବର ଦାମୋଦର ।

ବୀର ଭୂମି ପରା ଉତ୍କଜନନୀ ନାହିଁ  ଉପମା ତାହାର।

ନରକାର୍ଣାବ ତାରଣ ନାରାୟଣ ନାମ ଏକା ଭବେ ସାର।

ପଦ ସରୋଜେ ତବ କୋଟି ପ୍ରଣତି ନରହରି ଘେନା କର ।

ଟନାଟଣି ଭବେ ଲଗାଇ ଦେଇଛ ଆହେ ମୁକତି ର ଦ୍ୱାର ।

ନାଟକ ଭବର ମୂଳ ସୁତ୍ରଧର ତୁମ୍ଭେ ପରା ହେ ଶ୍ରୀଧର ।

ୟଶୋମତି ପ୍ରାଣ ଧନ ବୃନ୍ଦାବନ ବିହାରୀ ନଟ ନାଗର ।

କରୁଣା ସାଗର ହେ ମୁରଲୀ ଧର ନୀଳ କର୍ଣ୍ଣଧର ସୁନ୍ଦର ।

ପ୍ରସାର ଭାରତୀ, ଆକାଶ ବାଣୀ

ISSN NO.
2582-208X

# ଶିବ ତତ୍ତ୍ୱ



ଅଳକା ବାରିକ୍

ଶିବ ସତ୍ୟ ସନାତନ ଭଗବାନ
ଶମ୍ଭୁ ବଶଭ ବାହନ ।
ଶିବ ଅନନ୍ତ ଅବ୍ୟକ୍ତ ଆଦି ଅନ୍ତ
ଇଶ୍ୱର ସର୍ବ ଇଶାନ ।
ଶିବ ଓଁକାର ନିରାକାର ସାକାର
ଶିବ ସ୍ୱୟଂ ମହେଶ୍ୱର ।
ଶିବ ବ୍ରହ୍ମ ଶିବ ପୁରୁଶ ପରମ
ଶଙ୍କର ଡମ୍ବୁରୁ ଧର ।
ଶିବ ହିଁ ଶକତି ଦିଏ ଗତି ମୁକ୍ତି
ଶିବ ହିଁ ଚନ୍ଦ୍ରଶେଖର ।
ଶିବ ଉମାପତି ଶିବ ହିଁ ଭକତି
ଯେ ଶିବ ସେ ଅଟେ ହର ।
ଶିବ ଅହ ଙ୍କାର ହାରୀ ତ୍ରିପୁରାରି
ଶିବ ଜଗତ କରତା ।
ଶିବ ଦୟା ଧାରୀ ମୃତ୍ୟୁଞ୍ଜୟ ହର
କୃତିବାସ ବିଶ୍ୱପିତା ।
ଶିବ ଦୀନ ଦୟାଳୁ ଅକର୍ମା କର୍ମ
ଦାୟକ ବିଶ୍ୱ ପାଳକ ।

ISSN NO.
2582-208X

ଶିବ ସୃଷ୍ଟି ସମ୍ହାରୀ କଷନ ହାରୀ
ଶିବହିଁ ଶୁଭ କାରକ ।
ଶିବ ନୀଳକଣ୍ଠ ମନ ହୋଇ ଭାଟ
ଗାଅ ତାର ଗୁଣ ରାଶି
ଶିବ ଚନ୍ଦ୍ର ଧାରୀ ଶ୍ମଶାନ ବିହାରୀ
ପାରେ କରୁଣା ବରଷି ।
ଶିବ ଗଙ୍ଗାଧର ଶିବ ସୁରେଶ୍ୱର
ପଶୁପତି ଶୁଳଧର ।
ଶିବ ଭୁଜଂଗ ଧାରୀ ଖଣ୍ଡପରାଶୁ
ଶିବ କାତ୍ୟାୟନୀ ବର ।
ଶିବ ତ୍ରିଶୂଳ ଧାରୀ ପିନାକୀ ହର
ନାହିଁ ଯାର କୂଳ ଗୋତ୍ର ।
ଶିବ ନନ୍ଦୀ ବାହନ ତ୍ରୟ ଲୋଚନ
ସର୍ବ ସମ୍ମାନର ପାତ୍ର ।
ଶିବ ବ୍ୟାଘ୍ରାଆମ୍ବର ଧାରୀ ବ୍ରହ୍ମଚାରୀ
ସ୍ୱୟଂ ରୁଦ୍ର ଅବତାର ।
ଶିବ ଅବିନାଶୀ ତମ ଅଘ ନାଶୀ କପିଳାସ ଯାର ଘର ।
ଶିବ ପ୍ରେମ ସୁଧାକର ଶୂଳ ଧର
ପାର୍ବତୀ ପତି ଭୂତେଶ ।
ଶିବ ସୁଖ ରାଶି କୈଳାଶ ବାସୀ
ଉମା ସ୍ୱାମୀ ଆଶୁ ତୋଷ ।
ଶିବ ପରମାତ୍ମା ଗୌରୀ ଯାର ବାମା
ବାମଦେବ ମହାଦେବ ।
ଶିବ ମହାତ୍ମା ସର୍ବ ଜଣଙ୍କ ଆତ୍ମା
ସର୍ବ ଦେବଙ୍କର ଦେବ ।

ମହୁ, ଆଉଳ,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଓଁକାର ଶବଦ

ସୁହାସିନ ବାରିକ୍

ଓଁକାର ଶବଦ ହରେ ପରମାଦ
ଉଚ୍ଚେ ଉଚ୍ଚାରଣ କର ।
ଓଁକାର ଶକତି ହରେ ମନୁ ଭୀତି
କଳନା ନାହିଁ ଯାହାର ।
ଏକ ଘଡି ଅଟେ ଚବିଶ ମିନିଟ୍
ଅଧ ଘଡି ଅଟେ ବାର ।
ଚଉ୦ ଘଡି ଛଅ ମିନିଟ୍ ଜାଣି
ତନ୍ମଧ୍ୟେ ଜପ ଓଁକାର ।
କୋଟି କଲମଶ ଆବର ବିକାର
ହୋଇ ଯିବ ସବୁ ଦୂର ।
ନିମିସ ମାତ ରେ ବିନା ଭେଷଜ ରେ
ଏ ତ ବଡ଼ ଚମତ୍କାର ।
ଛଅ ମିନିଟ୍ ଓଁକାର ଉଚ୍ଚା ରଣେ
କମ୍ପେ ମସ୍ତିଷ୍କ ଶରୀର ।
ରକ୍ତ ସଂଚାରଣ ପ୍ରଖର ହୋଇଣ
ସର୍ବ ରୋଗ ହର ନର ।
ସ୍ମରଣ ଶକତି କରଇ ବର୍ଦ୍ଧନ
ଶିର ରୋଗର ବିକାର ।
କରିଥାଏ ଦୂର ଏମନ୍ତ ଓଁକାର
ଉଚ୍ଚେ କରିଲେ ଉଚ୍ଚାର ।
ପ୍ରାତ ସାୟନ ଓଁକାର କଲେ ଉଚ୍ଚାର

ISSN NO.
2582-208X

ଛ ମିନିଟ୍ ସମୟର ।
ସକଳ ଶୋଣିତ ଚାପ ହୃଦରୋଗ
ଆଦି ହୋଇ ଯାଏ ଦୂର ।
ଅମ୍ଳଜାନ ସ୍ତର ବଢ଼ାଇ ସତ୍ୱର
ହରେ ରୋଗ ଅପସ୍ମାର ।
ସନ୍ତୁଳିତ କରେ ରକ୍ତର ସଂଚାର
ମନ କରେ ନିର୍ବିକାର ।
ସ୍ୱର ଦୋଷ ଦୂର କରଇ ତତ୍ପର
ଗଳଗଣ୍ଡ କରେ ଦୂର ।
ଯକୃତ ପାଚନ ତନ୍ତ୍ର ଦୋଷ ହରି
ନାଶେ ରୋଗ ଉଦରର ।
ମାଂସପେଶୀ ଶକ୍ତି ବଢ଼ାଏ ସତ୍ୱର
ବିନାଶେ କ୍ଷୟ ରୋଗର ।
ପ୍ରତିଦିନ ଛ ମିନିଟ ଉଚ୍ଚା ରଣେ
ଆୟୁଷ ର ବୃଦ୍ଧି କର ।
ଛ ମାସରେ ହରିଣ ସକଳ ବ୍ୟାଧି
ଭୟ ଅବସାଦ ହର ।
ବୈଜ୍ଞାନିକ ସ୍ତରେ ଏ କଥା ପ୍ରମାଣ
ପ୍ରାଣାୟାମ ଏ ବେଭାର ।

ମହୁ, ଆଳ, କେନ୍ଦ୍ରାପଡ଼ା
ଓଡ଼ିଶା ପିନ ୭୫୪୨୩୧

ISSN NO.
2582-208X

# ଲେସ୍ମିତାର ଭୂତ



ଅରୁଣ କୁମାର ତ୍ରିପାଠୀ

ଲେସ୍ମିତା, ବାଙ୍ଗାଲୋର ର କୋଲାର ଜିଲ୍ଲାରେ ବିଟିକେ ପଢୁଥିଲା । ତାଙ୍କ ଗାଁ ପିଲା ପଓ୍ୱନ କଲ୍ୟାଣ ନବମ ଶ୍ରେଣୀରୁ ତାକୁ ଏକତରଫା ଭଲ ପାଉଥିଲା । ଅନେକ ଥର ବିଫଳ ପ୍ରେମ ନିବେଦନ କରି ନୟାନ୍ତ ହେଇସାରିଥିଲା । ଲେସ୍ମିତାର ବାପା ଥିଲେ ଜଣେ ଦରଜୀ । ଗାଁ ଲୋକଙ୍କ ପୋଷାକ ସିଲେଇ କରି ଯେନ ତେନ ପ୍ରକାରେଣ ଗୁଜୁରାଣ ମେଣ୍ଟାଇ ଦିଅନ୍ତି । ଝିଅ ଲେସ୍ମିଥ୍ ଚନ୍ଦ୍ରକଳା ପରି ବଢିଥିଲା । ବାପା ତା ପାଦ ଭୂମିରେ ଲାଗିବାକୁ ଦେଇନଥିଲେ। ଆଉ ଝିଅର ଇଞ୍ଜିନିୟର ହେବାର ସ୍ୱପ୍ନକୁ କିଭଳି ବା ମନା କରନ୍ତେ । ନିଜର ଜୀବନ ସାରା ପୁଞ୍ଜିକୁ ଏକତ୍ର କରି କଷ୍ଟେ ମଷ୍ଟେ ତାକୁ ପାଖ ସହର ରେ ଜଏନ କରେଇଦେଲେ । ସରକାରଙ୍କ ତରଫରୁ ମିଳୁଥିବା ସ୍କଲାରସିପ ଯୋଗୁଁ ତାର ଆଉ ଅସୁବିଧା ରହିଲା ନାହିଁ । କଷ୍ଟେ ମଷ୍ଟେ ଟିଉସନ କରି ସେ ନିଜେ ଚଳିପାରିଲା । ଆଉ ଏହି ଖବର ତା ଗାଁର ବାତରା ଛୁଆ ପବନ କଲ୍ୟାଣ କାନରେ ପଡ଼ିଲା । ସେ ତ ଜନ୍ମରୁ ଗଧ । ପାଠ ସାଠ କିଛି ହୁଏ ନାହିଁ । ଲେସ୍ମିଥ୍ ପଢୁଥିବା ମହାବିଦ୍ୟାଳୟ ପାଖରେ ଥିବା କଲେଜରେ ଆଇଟିଆଇ ରେ ନା ଲେଖାଇଦେଲା । ପାଠ ପଢି ରୋଜଗାର କରିବାକୁ ଜମା ତାର ମନ ନଥିଲା । ସେ କେବଳ ଶହେ ମିଟିର ପରିଧିରେ ଲେସ୍ମିତା ସହ ଗୋଟିଏ ବାତାବରଣରେ ନିଶ୍ୱାସ ପ୍ରଶ୍ୱାସ ନବାକୁ ଚାହୁଁଥିଲ, ସାଙ୍ଗ ମାନଙ୍କୁ ସବୁ କହୁଥିଲା...ମୋ ଧମନୀରେ ଲେସ୍ମିତାର ଭାବନା ରକ୍ତର ସଉତୁଣୀ ହୋଇ ବୋହୁଛି । ଲେସ୍ମିତାର କିନ୍ତୁ ତା' ପ୍ରତି ଜମା ନିଘା ନଥାଏ, ସେ ତା ମୁହଁକୁ ଦେଖି ଛେପ ପକାଏ, ସାଙ୍ଗମାନଙ୍କୁ ସବୁ କୁହେ, ସେ ମଲେ ତା ନାମରେ ମିଠା ବାଣ୍ଟିବି । ଏମିତି ସବୁ ଶୁଣି ପବନ ର ପ୍ରେମ ଆହୁରି ବଢିଯାଏ । ସେ ପ୍ରତ୍ୟୁତ୍ତର ରେ କୁହେ, "ତମ ଘୃଣା ହିଁ ମୋ ଦରକାର, ଯାହା ହେବ ବଞ୍ଚିବାର ପୁରସ୍କାର, ଆଉ ସେ ଘୃଣାକୁ ଆଦରି ନେଇ ଗଢିବି ଏକ ସ୍ୱପ୍ନର ଅଳକାପୁରୀ, ଯେଉଁଠି ହୃଦୟ ହୃଦୟ

ISSN NO.
2582-208X

ସିଂହାସନରେ ତୁମକୁ ଉପବେସିତ କରି ତୁମ ପାଦରେ ବିଛେଇ ଦେବି ସୁଗନ୍ଧିତ ପୁଷ୍ପର ଆଞ୍ଜୁଳି...ହେଇଯାଏ ପଛେ ମୁଁ କ୍ଷତ ବିକ୍ଷତ, ଲେସ୍ମିତା ଠେ ମୋ ନଆସୁ ଆଞ୍ଚ ।"

ଏଭଳି ନିତି ନିଜ ହୃଦୟ ନାଶ କରିବା ସାର ହୁଏ । ପବନ ର ସାଙ୍ଗ ସବୁ କହନ୍ତି, ସେ ପ୍ଲାଷ୍ଟିକ ହୃଦୟର, ପଥର ହେଇଥିଲେ ଅନେକ ଦିନରୁ ତରଳି ଯା'ଆନ୍ତାଣି । ଏମିତି ସବୁ କଥା ଶୁଣି ତା ହୃଦୟ ଆଉ ଟିକିଏ ଓଦା ହେଇଯାଏ । ଲେସ୍ମିତାର ହିନିମାନ କରିବା ଗୁଣ ସତରେ ବହୁତ ନିଆରା, ତା ପ୍ରତି ଠାଣିରେ ପବନ ସୃଜେ ଅନେକ କବିତା ତଥା ସଂଳାପର ଫୁଆରା । ଯେମିତି ହୋଲି ଦିନ ଲେଖିଥଲା, "ତୋତେ ତ ହୋଲିର ଶୁଭେଚ୍ଛା ସାମ୍ନା ସାମ୍ନି ଜଣେଇପାରିବି ନାହିଁ, ସେଥିପାଇଁ ତମ ଗାଁ ମୁଣ୍ଡୁ ଯେଉଁବାଟ ଦେଇ ଘାଟି ଉଠେ, ସେଠି ତୋ ପ୍ରିୟ ସାଗୁଆ ବର୍ଣ୍ଣ ଫଗୁରେ ଆଚ୍ଛାଦିତ କଲି । ମୁଁ ନକହିଲେ ମଧ୍ୟ ଏଇ ପାଣି, ପବନ, ଏଇ ବାଟ, ଏହି ଉନ୍ମାଦନା ତୋ ତନୁରେ ଭରିବେ ଆବିଳତା । କେହି ନକହିଲେ ମଧ୍ୟ ମୋର କୋହ ମୂର୍ତ୍ତିମନ୍ତ ହେଇ ତୋତେ ବଖାଣିବ ଏହି ପାଗଳ ପ୍ରେମିକର ଏକାକି ଚିତ୍କାର ସୁର । ତୋ ମଥାରେ ସିନ୍ଦୁର ନଦେଇ ପାରିଲି ନାହିଁ, ହେଲେ ଯେଉଁ ପଥରେ ଦିନେ ତୋ ବରଯାତ୍ରି ଆସିବେ, ଆଜି ସେହି ବାଟରେ ତ କରିପାରିଲି ମୁରୁଜ ବିକିରଣ, ଶବରୀ ସମ । ତୋ ଆଖିରେ ପଡିଲେ ତ ମୁଁ ଧନ୍ୟ ହେଇଯିବି...ନହେଲେ ମଧ୍ୟ ଏ ଚଂଚଳ ପବନ ତୋତେ ତା ବାସ୍ନାର କିୟଦଂଶ ଶୁଣେଇଲେ ବି ମୁଁ ନିସ୍ତରି ଯିବି ।"

ତେଣେ ଲେସ୍ମିତା ଘରୁ ବାହାରେ ରହିବା ଯୋଗୁଁ କିଛିଟା ସ୍ନେହ କାଙ୍ଗାଳ ହେଇସାରିଥାଏ । ଆଉ ଏହି ଫାଙ୍କାସ୍ଥାନ ପରିପୂରଣ କରିବା ନିମନ୍ତେ ବଜାର ଅନେକ ତସ୍କର ବୁଲନ୍ତି, ଯାହାର ସର୍ଦ୍ଦାର ଥିଲା ଚନ୍ଦନ । ଝିଅଙ୍କର ଭାବାବେଗ ସହ ଖେଳି, ତାଙ୍କ କୁମାରୀତ୍ୱ ବାରମ୍ବାର ହରଣ କରିବା ତଥା ଗୁମର ଲୁଚା ଧମକ ଦେଇ ଏକରକମ ଦାସୀ ଭାବେ ରଖିବା ତାର ନିତି ଦିନିଆ କାମ । ସେଥିରେ ସେ ମଉଜ ମଜଲିସ ରେ ଜୀବନ ବିତାଏ । ଆଉ ସେହି ମାୟାଜାଲରୁ ବର୍ତ୍ତିପାରିନଥିଲା ଲେସ୍ମିତା । ତାଙ୍କ ଦେଖା ହେଇଥିଲା ନେହେରୁ ପାର୍କ ରେ । ମିଠା ମିଠା କଥା କହି କିଛି ଦିନ ଯତ୍ନ ନେଇ ସଯ୍ୟାସଙ୍ଗୀନି କରିବାକୁ ବେଶି ଦିନ ସମୟ ଲାଗିନଥିଲା ସେ ଚନ୍ଦନ କୁ । ଏମିତି କିଛି ଦିନରେ ଲେସ୍ମିତ ଦିନେ ସକାଳୁ ଅନେକ ବାନ୍ତି କରିପକେଇଛି । କିଛି ଦିନ ହେବ ତା ପାଦ ଭାରି ଭାରି ଲାଗୁଥିଲା । ତା ଚମ୍ପା କଢି ଭଳି ଗାଲରେ ଆଖି ପତା ତଳେ କଳା ପଡ଼ିଆସୁଥିଲା । କୋଷ୍ଠକାଠିନ୍ୟ ମଧ୍ୟ

ISSN NO.
2582-208X

ଦେଖା ଦେବାକୁ ଲାଗିଲା । ସେ ଚନ୍ଦନ ସହ ମିଶି ଡକ୍ଟରଙ୍କ ପାଖକୁ ଗଲା । ଯେଉଁ ସମୟରେ ଜଣାପଡ଼ିଲା ସେ ତିନି ମାସର ଗର୍ଭବତୀ, ତା ପାଦ ତଳୁ ମାଟି ଖସିବାକୁ ଲାଗିଲା । ମୁଣ୍ଡରେ ହାତ ଦେଇ ବାହାରକୁ ଆସିଲା ବେଳକୁ ଚନ୍ଦନ ତାକୁ ଆଉଜେଇ ନେଇ କହିଲା, ବେବି ଏକଥା କଣ ଭାବୁଛ, ଜାଣିନ କି ସରକାର ବା ଗର୍ଭପାତ ନିମନ୍ତେ ଅନୁମତି ଦେଇଅଛନ୍ତି । ଏଇ କଥାକୁ ତମେ ଏତେ ଭାବୁଛ ? ସେହି ସମୟରେ ଲେସ୍ମିଥ ଜାଣି ନଥିଲା, ଚନ୍ଦନ ଜଣେ ପେଶାଗତ ଅପରାଧି ।

ସେ ଜୋର୍ ରେ ଚିଲେଇ କହିଲା, ନା ଚନ୍ଦନ ! ମୁଁ ଏହି ଛୁଆକୁ ଜନ୍ମ ଦେବି, ଏୟା ଆମ ପ୍ରେମର ପ୍ରତିକ । ସେଥିପ୍ରତି ଚନ୍ଦନ ର ଜମା ନିଘା ନଥାଏ । ସେ ବାଇକ ରେ କିକ୍ ଦେଉ କହିଉଠିଲା, ଯୌବନ ମନୋରଞ୍ଜନ ନିମନ୍ତେ ହୋଇଥାଏ, ଛୁଆ ଜନ୍ମ ନିମନ୍ତେ ନୁହଁ । ତୁ ଯଦି ଆସିବୁ ଆସେ ନହେଲେ ମୁଁ ଚାଲିଲି । ଅଜଣା ସହର ରେ କଣ କରିବ କିଛି ଭାବି ପାରୁନଥିଲା କଣ କରିବ । ମୁଣ୍ଡ ପୋତି ପୋତି ଯାଇ ଚନ୍ଦନର ବାଇକ ରେ ବସିଲା । ବାଟରେ ତିକ୍ତ କଥା ଗୁଡିକ ଶୁଣିଲା, କାଲି ସକାଳେ ରେଡ଼ି ଥିବ, ଆମେ କୌଣସି ଭଲ ନର୍ସିଂ ହୋମ୍ ଯାଇ ଗର୍ଭପାତ କରେଇନେବା । ଏତିକି ଭିତରେ ଲେସ୍ମିତାତର ହଷ୍ଟେଲ ଆସିଯାଇଥାଏ । ସେ ଗାଡ଼ିରୁ ଓହ୍ଲେଇ ଟିକିଏ ସାହାସ ଧରି କହିଲା, ଦେଖ ଗେଲୁ, ମୁଁ ଏ ଛୁଆକୁ ଜନ୍ମ ଦେବି, ଆଉ ତୁମକୁ ବିବାହ ବି କରିବି । ଯଦି ତୁମେ ବିରୋଧ କର, ତୁମ ଦୁଆର ମୁହଁରେ ଯାଇ ବସିବି ଓ ସମାଜ ଆଗରେ ନ୍ୟାୟଭିକ୍ଷା କରିବି । ମୋତେ ସହାୟତା କରିବାକୁ ଅନେକ ଶର୍ମିଳା ମାଉସୀ ମିଳିଯିବେ । ତୁମର କଣ ହେବ ଭାବ । ତୁମ ବାପା ବିଧାୟକ ବୋଲି ତୁମେ ଯାହା ନାହିଁ ତାହା କରିବ ? ତୁମକୁ ନୁଆଁ ବର୍ଷ ପର୍ଯ୍ୟନ୍ତ ୫ ଦିନ ସମୟ ଦେଲି, ମୋତେ କୋର୍ଟ ମେରେଜ କରେଇନିଅ, ନହେଲେ ପରିସ୍ଥିତି ଭୟାବହ ହେବ। ଏୟା ସୁଣି ରାଗ ତମ ତମ ଚନ୍ଦନ ୮୦ ସ୍ପିଡ୍ ରେ ବୁଲେଟ ଗଡେଇ ଚାଲିଗଲା । ତେବେ ଜୋର୍ କରି ଲେସ୍ମିତା ସିନା କହିଦେଲା, କିନ୍ତୁ ସେ ଚାଲିଗଲା ପରେ ବହେ କାନ୍ଦିଲା। ତା ସ୍ୱପ୍ନ ସବୁ ମାଟିରେ ଉଭେଇ ଗଲାଭଳି ଲାଗୁଥିଲା । ତାର ବର୍ତ୍ତମାନ କେବଳ ଏହି ଗୋଟିଏ ଲକ୍ଷ ଥିଲା, ଗର୍ଭସ୍ଥ ଶିଶୁକୁ ଉପଯୁକ୍ତ ଯତ୍ନ ସହକାରେ ଭୂମିଷ୍ଠ କରିବା । ତେଣେ ଚନ୍ଦନ ତମ୍ପ ଭଳି ଖାଲି ଫଁ ଫଁ ହଉଥାଏ । ସାଙ୍ଗ ମାନଙ୍କ ସହ ମିଶି ତିନୋଟି ବ୍ଲେଣ୍ଡର ସ୍ପ୍ରାଇଟ ସାରିଦେଲାଣି, କିନ୍ତୁ ଲେସ୍ମିତାର କଥା ଗୁଡିକ ଭୁଲିପାରୁନଥାଏ । ଆଗକୁ ଦିହଜାର ଚବିଶି ନିର୍ବାଚନ । ଘଡିକେ ଘୋଡା ଛୁଟୁଛି । ଆଉ ତା ପାଇଁ ବିଧାୟକ ବାବୁ

ISSN NO.
2582-208X

ବଦନାମ ହୁଅନ୍ତୁ ସେ ଚାହୁଁ ନଥିଲା । ଏତେ ଝିଅଙ୍କ ଭାବନାକୁ ଦଳିମକଚି ସେ ତଳିତଳାନ୍ତ କରିଅଛି, କିନ୍ତୁ ଏଭଳି କଥା ତାକୁ କେହି କହୁନଥିଲେ । ହେଲେ ଆଜି ସେ ଚାରି ଫୁଟ ନଅ ଇଞ୍ଚର ଝିଅଟି ତା କୁନି ହାତ ପାପୁଲିରେ ଯେଉଁ ଶକ୍ତ ଚାପୁଡାଟି ବସେଇଲା, ତାହାର ଲୋଳା ଛାଡୁନି । କଣ କରାଯିବ!! କଣ କରାଯିବ !

ଏଭଳି ଭାବୁ ଭାବୁ ଯୋଜନା କରାଗଲା, ନୁଆଁ ବର୍ଷର ଗହଳିରେ ତାକୁ ଶୁଭେଚ୍ଛା ବାର୍ତ୍ତା ବାହାନାରେ ଇହଲିଳା ସମ୍ବରଣ କରିବାକୁ ବାଧ୍ୟ କରାଯିବ । କିଣା ହେଲା, ବୋଲ ମାନୁଥିବା ରାମପୁରୀ । ନବ ବର୍ଷର ଶୁଭେଚ୍ଛା ନିମିତ୍ତ କିଣା ହେଇଥିଲା, ପାଞ୍ଚଶହଟି ନାଲି ଗୋଲାପର ସମ୍ଭାର । ଛୋଟ କାର୍ଡଟିରେ ଲେଖାଥିଲା, ସ୍ୱର୍ଗ ନିମିତ୍ତ ଅଭିନନ୍ଦନ । ଏୟା ପଢି ସନ୍ଦେହ ନଜର ରେ ଚନ୍ଦନ ଆଡ଼କୁ ଦେଖିଲା ବେଳକୁ, ପକେଟରୁ ଅବିଳମ୍ବେ ରାମପୁରୀ କିଛ ବୁଝିବା ଆଗରୁ ଲେସ୍ମିତାକୁ ୫୬ ଟି ଗଭୀର କ୍ଷତ ଉପହାର ଦେଲା । ରକ୍ତ ସବୁ ଛୁଅ ସୁଟି ଖୋଲାପଡ଼ିଆର ଧୂଳିକୁ ଗୋଲାପରୁ ଆହୁରି ଲାଲ କରିପକାଉଥିଲା । ନିସ୍ତେଜ ହେଇ ପଡ଼ି ରହିଥିଲା ଲେସ୍ମିତାର ପାର୍ଥିବ ଶରୀର । କିଛି ଦିନରେ ନଗର ନିଗମ ବାଲା ଆସି ଖବର କାଗଜରେ ବିଜ୍ଞାପନ ସହକାରେ ବାପା ମାଆଙ୍କ ଗୋଚରକୁ ଘଟଣାଟି ନେଇଗଲେ । ତେଣେ ପବନ ଏକଥା ଶୁଣି ରାମ୍ପି ବିଦାରି ହେଲା । ଜୋର୍ ଜୋର୍ ରେ ରଡ଼ି କରି କାନ୍ଦିବାକୁ ଲାଗିଲା, ହେଲେ ସେୟାକୁ କେହି ଶୁଣୁ ନଥିଲେ ।

ପବନ କୌଣସି ଏକ ସୂତ୍ରରୁ ଖବର ପାଇଲା ଯେ, ଏମିତି ଅକାଳ ମୃତ୍ୟୁ ହେଲେ, ଅଥବା ଆତ୍ମହତ୍ୟା କଲେ, ମଣିଷଟି ୧୨ ବର୍ଷ ପର୍ଯ୍ୟନ୍ତ ପ୍ରେତ ହେଇ ଚଳପ୍ରଚଳ କରେ । ପ୍ରତି ଲୋମକୂପରେ ଭରି ରହିଥିବା ଭାବନାର ମାଲିକାଣି ପାଖକୁ ଯିବା ନିମନ୍ତେ ପବନ ଜମା ଡେରି କଲାନାହିଁ ।

ସେମାନଙ୍କ ପୁଣି ଦେଖା ହେଲା, କଲେଜ ପଛର ଲାଇବ୍ରେରୀ ପାଖରେ । ଜୀବନ ଥିବା ସମୟରେ ଲେସ୍ମିତାର ଯେଉଁ ପ୍ରକାର ଘୃଣା ସବୁ ବାହାରୁଥିଲା, ଆଜି କିନ୍ତୁ ସେହିଭଳି ଜମା ନଥିଲା । ପବନ ଯାଇ ତା' ଲୁହ ପୋଛି ଦେଲା । ଲେସ୍ମିତାକୁ ଗୋଟେ ପ୍ରକାର ବଳି ମିଳିଗଲା । ସେମାନେ ଯୋଜନା କଲେ, ଚନ୍ଦନ ଓ ତାହାର ତସ୍କର ଦଳଙ୍କୁ କିଭଳି ମଜା ଚଖେଇବେ ।

ISSN NO.
2582-208X

ସେମାନେ ପ୍ରଥମେ ଯାଇ ଚନ୍ଦନ ଘର ଫାଟକ ଭାଙ୍ଗିଦେଲେ । ଯାହା ଫଳରେ ଅନେକ ଜୀବ ଜନ୍ତୁ ସରୀସୃପ ତାଙ୍କ ଘର ମଧ୍ୟକୁ ଅବାଧ ପ୍ରବେଶ କରିପାରିଲେ । ତାଙ୍କ ରାଜ ଉଆସ ଘର କିଛି କାଳ ମଧ୍ୟରେ ଶ୍ମଶାନର ପ୍ରତିରୂପର ଭ୍ରମ ସୃଷ୍ଟି କଲା । ସେଦିନ ସୁଯୋଗ ବଶତଃ ବିଧାୟକ ମହୋଦୟ ସସ୍ତ୍ରୀକ ରାଜଧାନୀ ଅଭିମୁଖେ ଯାତ୍ରା କରିଥିଲେ । ଏସବୁ ଦେଖି ଚନ୍ଦନକୁ ବହୁତ ଜୋର୍ ରେ ଶୋଷ ଲାଗିଲା । ଜାର୍ ଦେଖିଲା ବେଳକୁ ସେଥିରେ ନାଲି ରକ୍ତ । ତା ଜିଭ ଶୁଖି ଗଲା । ଦୌଡିକି ପଳେଇବି କହିଲା ବେଳକୁ ପାଦତଳେ ଅସଂଖ୍ୟ ମାତ୍ରାରେ ବିଛିକଙ୍କଡ଼ା । ସେ ସେମିତି ଖଟ ଉପରେ ବସିବାକୁ ବାଧ୍ୟ ହେଲା । ପୁଣି ଛାତ ଉପରେ ସିଲିଂ ଫ୍ୟାନ ଟି ଜୋର୍ ରେ ତା ମୁଣ୍ଡ ଉପରକୁ ଖସିବା ଭଳି ପ୍ରୟାସ କରି ଅଳ୍ପ ଦୂରରୁ ପୁଣି ଉର୍ଦ୍ଧ୍ଵଗାମୀ ହେଇଗଲା । ଜୋର୍ ରେ ରଡ଼ି କରୁଥିଲା ସେ, ମମ୍ମି । କିନ୍ତୁ ଉତ୍ତର ଦେବାକୁ କେହି ନଥିଲେ । ପୁଣି ଲାଇଟ ଟି ଧପ ଧପ ହେଇ ଜଳୁଥିଲା, ଲିଭୁ ଥିଲା । ଲାଇଟ ଲିଭିବା ସମୟରେ ଲେସ୍ମିତାର ଆତ୍ମା ଅସ୍ପଷ୍ଟ ଭଳି ତା ସାମ୍ନାରେ ନାଚି ଉଠୁଥିଲା, ବାଦୁଡ଼ିଙ୍କ ବିକରାଳ ଶବ୍ଦ ସହକାରେ । ସେ ତାକୁ କ୍ଷମା ମାଗିବାକୁ ଚେଷ୍ଟା କରିବାକୁ ବିନତି କରିବା ସମୟରେ ସେୟା ଅଦୃଶ୍ୟ ହେଇଯାଉଥିଲା । ତା ମୁହଁକୁ କଳା ବାଘଟେ ଡେଇଁବାର ଦୃଶ୍ୟ ଅବଲୋକନ କରନ୍ତେ, ମଳଦ୍ୱାର ପଟୁ ତା ଅନ୍ତନଳୀ ସବୁ ବାହାରି ଗଲା, ଜିଭଟି ସେମିତି ଝୁଲୁଥାଏ । ପରମତୃପ୍ତିରେ ଲେସ୍ମିତା ଓ ପବନ ହାତ ଧରା ଧରି ହେଇ ନିଜର ପ୍ରେତ ଜୀବନ ଅତିବାହିତ କଲେ । ବାର ବର୍ଷ ପଶ୍ଚାତ୍ ସେମାନଙ୍କ ପୁନର୍ଜନ୍ମ ସେହି ଗ୍ରାମରେ ସମାନ ଦମ୍ପତ୍ତିଙ୍କ କୋଳରେ ହେଇଥିଲା ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
କଥା ହୁଅନ୍ତୁ : ୯୦୭୮୮୩୮୬୨୭

ISSN NO.
2582-208X

# ଦଣ୍ଡକାରଣ୍ୟର ଡଙ୍ଗର ରାଣୀ

ଦୀନବନ୍ଧୁ ବେଜ

ଆକାଶ ଛୁଇଁବାକୁ ପ୍ରତିଯୋଗିତା
କରୁଥିବା ଲମ୍ବା ଲମ୍ବା ପିଆଶାଳ ଡ଼ାଳ,
ଭୂମିକୁ ଆଚ୍ଛାଦ କରି ସବୁଜ ଗାଲିଚାର
ଘୋଡ଼ଣୀ ଭ୍ରମ ସୃଷ୍ଟି କରୁଥିବା ଲତାଗୁଳ୍ମ ।

ସବୁ ଏହି ତପଭୂମିରେ ତପସ୍ୟାରତ
ବଟବୃକ୍ଷର ଓହଳ ପରି ଲମ୍ବି ଯାଇଥିବା
ଭରପୁର ବନରାଜିର ଶିଆଳି ଲତା
ଶୁଖିଲା ପତ୍ର ସମବେତରେ ମତୁଆଲା ।

ଛମ ଛମ ନବବଧୂ ପାଦର ପାଉଁଜି ପରି
ଘନ ଘନ କୁହୁଡିମାଳ ମର୍ତ୍ତ୍ୟକୁ ଛୁଉଁଛି
ଆକାଶର ମେଘ.... ପୃଥିବୀର ବାୟୁ
ସବୁ ଏଠି ଚ଼ଳଚଞ୍ଚଳ ହୋଇଛି ।

ଅନନ୍ତ ପ୍ରକାର ଜୀବଜନ୍ତୁ ବିମୋହିତ ଆଜି
ପତି ଠାରୁ ପ୍ରତାରିତ ବିରହିଣୀ ପକ୍ଷୀ
ତଥାପି ସବୁ ଏଠି ହୁଅନ୍ତି ମତୁଆଲା
ସନ୍ତାନ ହରାଇଥିବା ସନ୍ତାପିତ ଯକ୍ଷୀଣି ବି।

ISSN NO.
2582-208X

ଛନ୍ ଛନ୍ ପବନର ମଧୁରିଆ ବାସ
ଆଉ ଠକ ଠକ କାଠହଣା ଚଢେଇର ଶବ୍ଦ
ଅନେକ କାଳରୁ ପ୍ରଶାନ୍ତି ଭରି ଚାଲିଛନ୍ତି
ଅନ୍ତରରୁ ଋଧିମନ୍ତ ଆଦ୍ୟଭୂମି ଶ୍ୱାନସ୍ୱାପଦ।

ଭୂମିରୁ ଭୂମାକୁ ଅହରହ ଛୁଇଁ ଚାଲିଥିବା
ସର୍ଗିଫୁଲ ବାସ୍ନାରେ ବାସ୍ନାୟିତ ସମୀରଣ
ସବୁ ଆପଣେଇ ଅନାଦି କାଳରୁ ଏ ମାଟି
ଖୁସି ବାଣ୍ଟି ଚାଲିଛି... ବାଣ୍ଟି ଚାଲିଥିବ ମଧ୍ୟ
କାଳ କାଳକୁ ଏହି ଦଣ୍ଡକା ଅରଣ୍ୟ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଉତ୍କଳ ଦିବସ...



କାଳପ୍ରସାଦ ମହାପାତ୍ର

ଏଇତ ମୋ ଓଡିଶାର ମାଟି
ବନଲତା ପାହାଡ ଜଙ୍ଗଲ ଭରା
ନଦନଦୀ ଝରଣା ସାଗର ଧୌତ
ଖଣିଖାଦାନରେ  ଗର୍ଭ ତାର ଭରା।

ଜଗନ୍ନାଥ ସଂସ୍କୃତିର  ବାର୍ତ୍ତାବହ
ରଥଯାତ୍ରାର ନବଦିନାତ୍ମକ ଯାତ୍ରା
କୋଣାର୍କ ମନ୍ଦିର ସ୍ଥାପତ୍ୟର ବାର୍ତ୍ତା
ଏକାମ୍ରର ଯୁଗାନ୍ତକାରୀ ଏକ ଯାତ୍ରା।

କଟକର ତାରକସୀ କାମର ମାନ
ବ୍ରହ୍ମପୁର ପାଟ ଓ ସମ୍ବଲପୁରୀ ଶାଢୀ
କଣ୍ଟିଲୋର କଂସାବାସନର କାମ
ପିପିଲିର ଚାନ୍ଦୁଆ କୁ ପାଇକର ବାଡି।

ପାରାଦ୍ବୀପ ଗୋପାଳପୁରର ବନ୍ଦର
ମନେ ପକେଇଦିଏ  ଅତୀତ ବାଣିଜ୍ୟ

ସାଧବପୁଅମାନଙ୍କ ବୋଇତ  ଯାତ୍ରାର

ISSN NO.
2582-208X

ଆଣେ ଧନଦରବ ଯାଇ ଅନ୍ୟ ରାଜ୍ୟ।

କଳିଙ୍ଗ ଯୁଦ୍ଧରେ ନୁଆଁଇ ନି ମଥା
ଚଣ୍ଡାଶୋକ ହୋଇଛି ଧର୍ମାଶୋକ
ଯବନ ସାଲବେଗ ଭକ୍ତ ସାଲବେଗ
ପରଶରେ ରହିଥାଏ ଦୁଃଖ ଶୋକ।

ମଧୁବାବୁ ଗୋପବନ୍ଧୁ ଫକିରମୋହନ
ଗଂଗାଧର ରାଧାନାଥ ହରିହର ଦାସ
କୁନ୍ତଳାକୁମାରୀ ବଳଦେବ ରଥଙ୍କର
ଲେଖନୀରେ ସାହିତ୍ୟର ଇତିହାସ ।

ହରେକୃଷ୍ଣ ନବକୃଷ୍ଣ ଗୋପବନ୍ଧୁ
ରମାଦେବୀ ସରଳାଦେବୀଙ୍କର
ଉତ୍କଳ ଜନନୀର ସନ୍ତାନସନ୍ତତି
ରଖିଯାଇଛନ୍ତି ବଡ଼ିମା ତାଙ୍କର।

ଉତ୍କଳ ମାତାର ଖଣ୍ଡବିଖଣ୍ଡିତ କାୟା
ଖୋଜି ଖୋଜି ଜୀବନଦାନ ଦେଲେ
ଆନ୍ଧ୍ର ବିହାର ଓ ବଙ୍ଗଳାରୁ ଛଡାଇ
ଉତ୍କଳ ମାଆକୁ ଆମ ହସାଇଲେ ।

ଊଣଇଶ ଛତିଶ ମସିହାର ଅପ୍ରେଲ
ମାସର ପ୍ରଥମ ତାରିଖ ଦିନ ହେଲା
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନୂତନ ଗଠନ
ମା' ଆମ ଶୃଙ୍ଖଳରୁ ମୁକ୍ତିଲାଭ କଲା।

ISSN NO.
2582-208X

ସେହିଦିନୁ ପାଳନ କରୁଛୁ ଆମର
"ଉତ୍କଳ ଦିବସ " ପ୍ରତିବର୍ଷ ଏହିଦିନ
ବିତିଯାଏ ସତାଅଶୀ ବର୍ଷ ଦେଖୁଦେଖୁ
ମନେପଡେ ସେହି ବିତିଥିବା ସବୁଦିନ।

ଆଜି ମଧ୍ୟ ପଡୋଶୀଙ୍କ ଆଖିପଡେ
ଛଡାଇ ନେବାକୁ ଉତ୍କଳର ମାଟିକୁ
ବୀର ସୁରେନ୍ଦ୍ର ସାଏ ବକ୍ସି ଜଗବନ୍ଧୁ
ଜୟୀ ରାଜଗୁରୁଙ୍କ ବୀରତ୍ୱ ଗାଥାକୁ।

ଦେବୁନାହିଁ ଇଂଚେମାଟି ପଡୋଶୀଙ୍କୁ
ଶପଥ ଏ ଉତ୍କଳ ଦିବସେ କରୁ ଆମେ
ରଖିବୁ ସମ୍ମାନ ଜୀବନକୁ ବାଜିଦେଇ
ଉତ୍କଳ ସଂଗୀତ ଗାନ କରି ଆମେ।

"ବନ୍ଦେ ଉତ୍କଳ ଜନନୀ
ବନ୍ଦେ ଉତ୍କଳ ଜନନୀ"

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ମୋ ଟିକି ନାଆ ଦୂରକୁ ଯାଆ



ପ୍ରଶାନ୍ତ କୁମାର ଦାଶ

ମୋ ଟିକି ନାଆ ଦୂରକୁ ଯାଆ
ପାଣି ସୁଅକୁ କାଟି
ନଈସେପାରେ ଅପାର ଘର
ସୁନ୍ଦର ଗାଆଁମାଟି ।।

ନଈରେ ନାହିଁ ପାଣିତ ଭରା
ସୁଅତ ଥିରି ଥିରି
ଖେଳେନି ଜମା ନଈଛାତିରେ
ଢ଼ଆଁର ଘିରି ଘିରି ।।

କରିବୁ ପାରି ତା ହାତଠାରି
ଡାକୁଛି ମୋତେ ଅପା
ସଅଳ ଯାଇ ଆସିବି ଫେରି
ଚାହିଁଥିବେତ ଅପା ।।

ଦେଇଛି ବୋଉ ମିଠା ମିଠେଇ
ପିଠା ମୋ ଅପା ପାଇଁ

ISSN NO.
2582-208X

ଖୁସିରେ ଦେବ ସେସବୁ ଖାଇ
ଅପା ରହିଚି ଚାହିଁ ।।

ଲୁଗା ଓ ନୂଆପୋଷାକ କେତେ
ଦେଇଛନ୍ତି ତ ଭାଇ
ଖୁସିରେ ଅପା ପିନ୍ଧିବ ତାକୁ
ହରଷେ ଗୀତଗାଇ ।।

ଅପାରଘର ଭାରି ସୁନ୍ଦର
ବାଡ଼ିରେ ଫୁଲଗଛ
ପଦୁଅଁ କଇଁ ଭରା ଗଡିଆ
ପହଁରି ଖେଳେ ମାଛ ।।

ଆସିଲେ ନିତି ଗାଆଁକୁ ରାତି
ଜହ୍ନଆଲୁଅ ପଡ଼େ
ପିଲାଦିନର କଥାକୁ ଭାବି
ଅପାର ଲୁହଗଡେ ।।

ମୋ ଟିକିନାଆ ସଅଳ ଯାଆ
ଯିବି ମୁଁ ଅପାଘର
ଦେଖିଲେ ମୋତେ କରିବ ଗେଲ
ଖୁସିରେ ଅପା ମୋର ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ- ୧୧

ସେହି ଦିନ ମଧ୍ୟ ନଳକୂପରେ ଦୁହେଁ କଥାବାର୍ତ୍ତା ହେବାର ତା'ବଡ ଭାଇ ଦେଖିଥିଲା। ପୋଖରୀ ହିଡରେ କଥାବାର୍ତ୍ତା ହେବାର ଗାଇଆଳ ଟୋକାମାନେ ଦେଖି ହସୁଥିଲେ। ରାମୁର ମାଆ ତା'ର ସ୍ୱାମୀକୁ କଥା ପ୍ରସଙ୍ଗରେ ଏଇ ଦୁଇ ଜଣଙ୍କ ପ୍ରଣୟ କଥା କହୁଥିବାର ରାମୁ ଶୁଣିଛି। କଲେଜ ପାଠୁଆ ଝିଅମାନେ "ତୁମର ହିରୋ କେମିତି ଅଛନ୍ତି?" ବୋଲି ଉପହାସ ଛଳରେ ମାଳତିକୁ ବେଳେ ବେଳେ ପଚାରିଥା'ନ୍ତି। ତେଲି ମିସ୍ତ୍ରୀ ମାଳତିର ଅନ୍ୟ ମନସ୍କତା ଜାଣି ଦେଖିଲା ଯେ ପୋଖରୀ ହିଡରେ ବସିଥିବା ସତ୍ୟକୁ ଇଏ ବାରମ୍ବାର ଦେଖୁଛି। ଇଟା ଆଣିଲେ ଥରେ, ବାଲି ଆଣିଲେ ଥରେ, ସିମେଣ୍ଟ ଆଣିଲେ ଥରେ, ପାଣି ଆଣିଲେ ଥରେ ଏମିତି ବହୁବାର ଅପଲକ ନୟନରେ ଚାହିଁଛି। କାମରେ ତା'ର ଆଦୌ ମନ ନାହିଁ। ହେଲେ ମିସ୍ତ୍ରୀ ଜଣକ ମାଳତିକୁ କି ସତ୍ୟକୁ ଏ ବାବଦରେ କିଛି କହିଲା ନାହିଁ। ସତ୍ୟର ଜଣେ ସାଙ୍ଗକୁ ପରଦିନ ଭେଟି କହୁଥିଲା,"ତୁମର ସାଙ୍ଗ ସତ୍ୟ ମଧ୍ୟ ଏପରି କାମ କରିବେ, ମୁଁ କଦାପି ବିଶ୍ୱାସ କରୁନଥିଲି।" ପ୍ରକୃତରେ ବିଚାର କଲେ ଭଲ ପାଇବା କେତେ ଦୂର ମନ୍ଦ? ଗୁରୁ ଶିଷ୍ୟକୁ ଭଲ ପାଆନ୍ତି, ମାତା ପୁତ୍ରକୁ ଭଲ ପାଏ, ରାଜା ପ୍ରଜାଙ୍କୁ ଭଲ ପାଆନ୍ତି। ତେବେ ଏଠି ମନ୍ଦ କେଉଁଠି ରହିଲା? କିନ୍ତୁ ଭଲ ପାଇବାରେ ସ୍ୱାର୍ଥ ନିହିତ ଥିଲେ ସେଠାରେ ରହିଲା ମନ୍ଦ। ଜଣେ ଯୁବତୀର ସରଳତାର ସୁଯୋଗ ନେଇ ତା'ର ସତୀତ୍ୱ ହରଣରେ ରହିଲା ମନ୍ଦ। ସାମାଜିକ ଶୃଙ୍ଖଳାକୁ ବିଚ୍ଛିନ୍ନ କରିବାରେ ରହିଲା ମନ୍ଦ। ଜନ ଅହିତରେ ମନ୍ଦ, ଯାହାକୁ ସମାଜ ସ୍ୱୀକୃତି ଦିଏ ନାହିଁ ତହିଁରେ ରହିଲା ମନ୍ଦ। ପୁଣି ମିସ୍ତ୍ରୀ ଜଣକ ଅନ୍ୟକୁ ଦୋଷାରୋପ କରି କେତେ ସହଜରେ କହିଦେଲା ଯେ "ତୁମର ସାଙ୍ଗ ସେଇଭଳି

ISSN NO.
2582-208X

କାର୍ଯ୍ୟ କରିବେ ବୋଲି ମୋତେ ବିଶ୍ୱାସ ହେଉନଥିଲା।" ତେବେ ମିସ୍ତ୍ରୀ ଦୃଷ୍ଟିରେ ସତ୍ୟ କରୁଥିବା କାର୍ଯ୍ୟ ନିଶ୍ଚିତ ରୂପେ ମନ୍ଦ ହେଇପାରେ। ଯୁବକାବସ୍ଥାରେ ଏପରି ଅନେକ ମନ୍ଦ କାର୍ଯ୍ୟ ଜ୍ଞାତ ଅଜ୍ଞାତରେ ହୋଇଥାଏ। ମାତ୍ର ଜଣେ ଭିନ୍ନ ଏକ ପରିଚୟର ଅଧିକାରୀ ହେଲେ ତା'ଠାରେ ଅନେକ କିଛି ପରିବର୍ତ୍ତନର ଆଶା ରଖିଥା'ନ୍ତି ଲୋକେ। ତା'ର ପ୍ରତିଟି କାର୍ଯ୍ୟ କଳାପରେ ଦୃଷ୍ଟି ନିକ୍ଷେପ ହୋଇଥାଏ। ଶିକ୍ଷିତ ଯୁବକଟି ଚାକିରି କରୁଛି, ଚାହିଁଲେ ସୁନ୍ଦରୀ କନ୍ୟାଟି ବାହା ହୋଇ ସୁଖମୟ ଜୀବନ ବିତାଇ ପାରନ୍ତା। ସେ ପୁଣି ଯୁବତୀ ପ୍ରେମରେ ଅନ୍ଧ! ଛି ଛି! କେତେ ଲଜ୍ଜା ଜନକ କଥା!

ସର୍ବଦା ଲୋକମାନେ ଜଣକର ହିଁ ଦୋଷ ଦେଖନ୍ତି। ସାଇକେଲ ଓ କାର ଦୁର୍ଘଟଣାରେ ମଦ୍ୟପ ସାଇକେଲ ଚାଳକର ଦୋଷ ଥିଲେ ସୁଦ୍ଧା ଲୋକଙ୍କୁ ବଡ ଗାଡି କାରର ତ୍ରୁଟି ଦିଶେ। ଅମାନିଆ ପିଲାଟିକୁ ବାରମ୍ବାର ବୁଝାଇବା ସତ୍ତ୍ୱେ କାନ୍ଦୁଥିବାର କାରଣ ଦୃଷ୍ଟିଗୋଚର ହୁଏ ନାହିଁ ବରଂ ନିର୍ଦ୍ଦୋଷୀ ବୟସ୍କ ପିଲାର ତ୍ରୁଟି ଦେଖାଯାଏ। ଲୁଚି ଲୁଚି ମାଟି ଖାଉଥିବା ଶିଶୁର ପାଟିରେ ଅଙ୍ଗୁଳି ପୁରାଇ ବାହାର କରିଦେଲେ କ୍ରନ୍ଦନରତ ଶିଶୁର ଭୁଲ ଦେଖାଯାଏ ନାହିଁ। ମାତ୍ର ମାଁ ଙ୍କୁ ନିଜ କାର୍ଯ୍ୟରେ ବ୍ୟସ୍ତ ଥାଇ ଭୋକିଲା ପିଲାକୁ କ୍ଷୀର ନଖୁଆଇବାର ଦୋଷ ଦେଖିବେ। ତିନି ଶହ ପଞ୍ଚଷଠି ଦିନର ପାଠ ପଢା ଭିତରେ ପରୀକ୍ଷାରେ ଅବର୍ତ୍ତୀର୍ଣ୍ଣ ପିଲାର ଭୁଲ ଦିଶେ ନାହିଁ ବରଂ ଶିକ୍ଷକଙ୍କ ପାଠ ନପଢାଇବାର ଭୁଲ ଦେଖାଯାଏ। ନିତ୍ୟ ନିୟମିତ ବୃକ୍ଷଲତା କାଟି ଜଙ୍ଗଲକୁ ଧ୍ୱଂସ କରୁଥିବା କାଠ ମାଫିଆଙ୍କ ଭୁଲ ଲୁଚିଯାଇ ବନ୍ୟ ହିଂସ୍ର ଜନ୍ତୁର ନିବାସ ପରିତ୍ୟାଗ ପୂର୍ବକ ସହରାଭିମୁଖୀର ଭୁଲ ଦେଖାଯାଏ। ଏଠି ମଧ୍ୟ ଠିକ୍ ସେହିପରି କଥା। ଆଜି ସତ୍ୟ କେଉଁ ଏକ ଛୋଟିଆ ପଦବୀର ଅଧିକାରୀ, ତେଣୁ ତା'ର ପ୍ରତିଟି କାର୍ଯ୍ୟ ଉପରେ ନଜର ପକାଇଛନ୍ତି ସଭିଏଁ। ନିଃଶ୍ୱାସ ପ୍ରଶ୍ୱାସରେ ସେ କେତେ ଅଙ୍ଗାରକାମ୍ଳ ଛାଡୁଛି ଓ ଅମ୍ଳଜାନ ଗ୍ରହଣ କରୁଛି ତା'ର ମଧ୍ୟ ହିସାବ ରଖୁଛନ୍ତି ଏମାନେ। ଖଣ୍ଡାଧାରରେ ଚାଲୁଛି ଇଏ। କିନ୍ତୁ ଭ୍ରଷ୍ଟାଚାରୀ, ଲୋଭୀ, ପ୍ରବଞ୍ଚକ, ଦୁର୍ନୀତିଗ୍ରସ୍ତ କର୍ମଚାରୀ କାହାରି ନଜରକୁ ଆସନ୍ତି ନାହିଁ। ଶ୍ୱେତ ବସ୍ତ୍ର ପରିଧିତ ଶତ ଶତ ମିଛ ପ୍ରତିଶ୍ରୁତି ଦେଉଥିବା ମନ୍ତ୍ରୀ ନଜରକୁ ଆସନ୍ତି ନାହିଁ। ସେହିପରି ସେହି ମାଳତି ସତ୍ୟ ପ୍ରତି ଢଳି ଯାଇଥିବା ଦୋଷ ଦୁର୍ବଳତା କାହାରି ନଜରରେ ଆସୁ ନାହିଁ। ନିର୍ଜନେ ଏକା ଏକା ଯାଇ କଥା ହେବାର ଭୁଲ ଜଣା ପଡୁ ନାହିଁ। ମାତ୍ର ଏପରି ଭୁଲଟା ଜଣେ ପ୍ରଶୟ ଦେଲେ ହିଁ ଆଉ ଜଣେ କରିବାର ସୁଯୋଗ ପାଏ। ଯଦି ସେହି ଦିନ ମାଳତି ସତ୍ୟର ମନୋଭାବ ଜାଣିଲା ପରେ ସିଧା ସଳଖ

ISSN NO.
2582-208X

ମନା କରିଦେଇଥା'ନ୍ତା ତେବେ କ'ଣ ଏଇ ପ୍ରକାର ଭୁଲ ଦୃଷ୍ଟିଗୋଚର ହୋଇଥା'ନ୍ତା ? ଯଦି ନିତ୍ୟକର୍ମ ଯିବା ପଥରେ, ନଳକୂପରେ, ଦୋକାନ ବା ପୋଖରୀ ହିଡରେ ମାଳତି ସତ୍ୟକୁ ଦେଖି ସଲାଜରେ ସ୍ମିତହାସ୍ୟଟି ପ୍ରକାଶ କରିନଥା'ନ୍ତା ତେବେ କ'ଣ ସତ୍ୟ ତା'ପ୍ରତି ଆକର୍ଷିତ ହୋଇଥାଆନ୍ତା ? ପରିଶେଷରେ ଏତିକି ମାତ୍ର କୁହାଯାଇ ପାରେ ଯେ ଯଦି ଭଲ ପାଇବା ଭୁଲ ଅଟେ ତେବେ ଏହି ପରିପ୍ରେକ୍ଷୀରେ ଉଭୟ ସତ୍ୟ ଓ ମାଳତି ନିଶ୍ଚିତ ରୂପେ ଦାୟୀ ହେବେ।

କିଛି ଦିନ ପାଇଁ ମାଳତି ତା'ର ଦୂର ସମ୍ପର୍କୀୟଙ୍କ ଘରକୁ ଚାଲିଗଲା। କିନ୍ତୁ ଏ ସମ୍ବାଦ ସତ୍ୟର କର୍ଣ୍ଣଗୋଚର ହେଲା ନାହିଁ। ସେ ମନେ ମନେ ମାଳତିକୁ ଖୋଜିଲା। ବିରହୀ ଚାତକ ପକ୍ଷୀ ପ୍ରିୟତମାର ବିଚ୍ଛେଦ ଯନ୍ତ୍ରଣାରେ ଛଟପଟ ହେଲା ପରି ସତ୍ୟ ହେଲା। ହେଲେ କ'ଣ ବା କରିବ ? ଯେତେବେଳେ କପାଳରେ ବେଦନା ଭୋଗିବାର ଲେଖା ଥାଏ ତେବେ ତାହା ଅନ୍ୟଥା ହେବାର ଏଯାଏଁ ଉଦାହରଣ ନାହିଁ। ତାହା ହିଁ ହେଲା। ପରିଶେଷରେ ସାଙ୍ଗ ମୁଖରୁ ଶୁଣିବାକୁ ପାଇଲା ଯେ ମାଳତି ଯାଇଛି ଦୂର ସମ୍ପର୍କୀୟଙ୍କ ଗାଁକୁ। ବାଃ--! ସେଠାରେ ସେ ଅଜ୍ଞାତ ଅପରିଚିତ ସାଥୀ ସହିତ ନୂତନ ସମ୍ପର୍କ ଗଢିଥିବ। ଜ୍ଞାତି କୁଟୁମ୍ବ ସହ ଖୁସିରେ ଦିନ ବିତାଉଥିବ। ସନ୍ଧ୍ୟା ଆଉ ସକାଳେ ଗ୍ରାମ୍ୟ ଯୁବତୀମାନଙ୍କ ସହିତ ଗପସପ କରି ନିତ୍ୟକର୍ମ ସାରି ଫେରୁଥିବ। ବୋଧହୁଏ ସେ ଏତେ ଖୁସି ଭିତରେ ସତ୍ୟକୁ ଟିକିଏ ବି ମନେ ପକାଇବ କି ନାହିଁ ସନ୍ଦେହ। ସୁଖର ଦିନ ଏମିତି ବିତିଯାଏ ଯେ କିଛି ଜଣା ପଡେ ନାହିଁ। କାହାକୁ ମନେ ପଡେ ନାହିଁ। ବିଳାସବ୍ୟସନେ ଦିନ କାଟୁଥିବା ଲୋକ ନିଜର ଅତୀତକୁ ମଧ୍ୟ ଭୁଲି ଯାଆନ୍ତି। ଧନ ଜନ ନେଇ ଆତ୍ମବଡିମା ଦେଖାଉଥିବା ବ୍ୟକ୍ତି ଭଗବାନଙ୍କୁ ମଧ୍ୟ ପାଶୋରି ଦିଏ। ମାତ୍ର ଦୁଃଖରେ ଥିଲେ ସଭିଏଁ ମନେ ପଡ଼ନ୍ତି। ଏଇ ଉଦ୍ଦେଶ୍ୟରେ ବୋଧହୁଏ ମହାଭାରତ ଯୁଦ୍ଧର ପରିସମାପ୍ତି ପରେ ଶ୍ରୀକୃଷ୍ଣଙ୍କ ଦ୍ୱାରିକା ପ୍ରତ୍ୟାବର୍ତ୍ତନ ବେଳେ ମାତା କୁନ୍ତୀ ଶ୍ରୀକୃଷ୍ଣଙ୍କୁ ଦୁଃଖ ହିଁ ମାଗିଥିଲେ। ସୁଖରେ ଦିନ ଅତିବାହିତ ହେଉଥିଲେ କାଳେ ବାସୁଦେବ ବିସ୍ମରଣ ହେଇଯିବେ। ଠିକ୍ ସେହିପରି ମାଳତିର ବିଚ୍ଛେଦ ଜ୍ୱାଳାରେ ଜଳିପୋଡି ପାଉଁଶ ହୋଇଯାଉଛି ସତ୍ୟ। ନୀରବରେ କେତେ ଯେ ଅଶ୍ରୁ ନିଗାଡି ଦେଇଛି କାହାକୁ ଜଣା ନାହିଁ। ଭାବିଛି, "ଯିବା ବେଳେ ପଦିଏ କହିକି ଯାଇଥାଆନ୍ତା କେବେ ଫେରିବ ବୋଲି କିମ୍ବା ଅଲକ୍ଷ୍ୟରେ ହାତ ହଲାଇ ସଲାଜରେ ହସି ଦେଇଥା'ନ୍ତା। ତା' ମୁହଁରୁ ଦି'ପଦ ସାନ୍ତ୍ୱନା ଶୁଣି ଅନୁପସ୍ଥିତିରେ ମୁଁ ମିଛେ ମିଛେ ବଞ୍ଚି

ISSN NO.
2582-208X

ପାରିଥା'ନ୍ତି।" ପର ମୁହୂର୍ତ୍ତରେ ସତ୍ୟ ପୁଣି ଭାବିଛି,"ମୋତେ କାହିଁକି କହିକି ଯିବ? ମୁଁ ତା'କୁ ରେଜେଷ୍ଟି କି ଲାଇସେନ୍ସ ତ କରି ନାହିଁ। ତା'କୁ ବିବାହ ବେଦୀରେ ସାତ ଗଣ୍ଠି ପକାଇ ସୀମନ୍ତରେ ସିନ୍ଦୂର ଦେଇ ନାହିଁ। ସମାଜରେ ସ୍ତ୍ରୀର ପରିଚୟ ଦେବାକୁ ଯାଇ ହାତରେ ଶଙ୍ଖା ପିନ୍ଧାଇ ନାହିଁ। ତେବେ ମୋତେ କହିକି ଯିବା ଯଥାର୍ଥତା ନାହିଁ। ଆଚ୍ଛା, ମୁଁ ତ ପଚାରି ପାଳିଥାଆନ୍ତି? କେଉଁ ଗାଁକୁ ଯାଉଛ, କେବେହେଲେ ଫେରିବ, ନଗଲେ ଚଳନ୍ତା ନାହିଁ କି ବୋଲି। ନା ନା, ତାହା ମଧ୍ୟ ଠିକ୍ ହେବ ନାହିଁ। ସେ ମୋର ମନର ମାନସୀ କି ପ୍ରିୟତମା ସ୍ତ୍ରୀ ନୁହେଁ। କେବଳ ଦୁଇଟି ହୃଦୟର ମିଳନରେ ଗଢି ଉଠିଥିବା ସମ୍ପର୍କ ମାତ୍ର ଯାହା ନିର୍ଭର କରେ ତା' ଉପରେ। ଯଦି ମାଳତି କହେ, "ତୋର ସହିତ ମୋର କୌଣସି ସମ୍ପର୍କ ନାହିଁ" ତେବେ ମୁଁ କୌଣସି ଧର୍ମ କି ସମ୍ବିଧାନର ଆଶ୍ରୟ ନେଇ ପାରିବି ନାହିଁ। ତୁମେ ମୋତେ ସବୁ ଦିନ ପାଇଁ ଭୁଲି ଯାଅ ବୋଲି କହିଲେ ମୁଁ ତା'ର ମାଆ ବାପା କି ସମାଜର ସାହାଯ୍ୟ ନେଇ ପାରିବି ନାହିଁ।" ତେବେ କହିବା ବାହୁଲ୍ୟ ଯେ ସତ୍ୟ ମାଳତି ପାଇଁ ପାଗଳ।

ବୁଢିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଭୁବନେଶ୍ୱରରେ



ଗଜାନନ ମିଶ୍ର

ଫଶି ଗଲା ପୁଅ ଭୁବନେଶ୍ୱରରେ।
ସବୁ ଭୁଲି ପିଟିଲା ଡିଣ୍ଡିମ,
ହସିଲା ମନକୁ ମନ,
ବିଦ୍ୟାବୁଦ୍ଧି କଳକୌଶଳ ଖଟାଇ
ରହିଲା ମୌନ
ନିଜେ ନିଜଠି ବିଗିଡିଲାଯାଏ
ପ୍ରତି କ୍ଷେତ୍ରରେ।

ହାତରେ ଧରିଲା ଯୋଉଟା
ତାକୁ ଇ ନିରେଖିଲା ଅନ୍ଧ ଆଖିରେ।
ଜାଣିଲା ଆଗତ ଅନାଗତ, ଆଉ
ଧାଇଁଲା ଅର୍ଥହୀନ ଏପଟେ ସେପଟେ।
କାହା ପାଇଁ କାନ୍ଦିଲା କିଏ
ଆଉ ଯାହାକୁ ଦେଖିଲା ଯୋଉଠି
ଯୋଡି ବେନିହସ୍ତ ଠିଆ ରହିଲା
ସକାଳ ଯାଏ।

ISSN NO.
2582-208X

ଫଶିଗଲା ପୁଅ ଭୁବନେଶ୍ୱରରେ।
ଆଉ ସେପଟେ ଖଜାମିଠା
ବାଣ୍ଟିଲା କହି କହି ଯେ
ଏତେ ସେତେ ମହଜୁଦ ପାଖରେ।
ଯାହା କିଛି ବି ହୋଇପାରେ
ଏତେବେଳେ ଏଠାରେ।

ସଂକଳ୍ପ ବିକଳ୍ପ ରହିଲା ସବୁ
ହଲପନାମାରେ।
ହସ କାନ୍ଦ ସମ୍ବଳିତ ଦସ୍ତାବିଜ
ହଜିଲା ବିଦ୍ୟାବୁଦ୍ଧି ବାହାରେ।
ନ ଥିଲା କିଛି ସାମର୍ଥ୍ୟ ଭିତରେ।

ଦେହକୁ ଦେହ ଘଷି ହେଉଥିଲା
ଆଉ ଥିଲା ମାତାଲ୍।
ସବୁକୁ ଭୁଲିଯାଇ ସାଉଁଟୁଥିଲା
ଆଗତ ଅନାଗତ ସ୍ୱପ୍ନ।

ଥିଲା ଯାହା ଯେତେ ନିଜର ହୋଇ
ଅନ୍ଧ ଔଜ୍ଜ୍ୱଲ୍ୟରେ ଶକ୍ତିହୀନ।
ଅସୁଖକୁ ସୁଖ ମଣି ଧାଇଁଲାବେଳେ
ହଜୁଥିଲା ନିଜ କ୍ଷେତ୍ରରେ ନିଜେ।

ISSN NO.
2582-208X

ସଂଗ୍ରହ କରୁଥିଲା ବୈଷମ୍ୟ,
ଆଉ ଥିଲାଶାନ୍ତ ସୌମ୍ୟ।
ଆନ୍ତରିକତା ନ ଥିଲା ପ୍ରାପ୍ତିରେ।

ପ୍ରକୃତରେ ଥିଲା କଣ ଅର୍ଥ
ବିଳାପରେ
ହଜି ସାରିଥିଲାବେଳେ କାହିଁ କୋଉଦିନୁ
ଶକ୍ତି ଅପଶକ୍ତିର କବଜାରେ।
ଚାହାଣୀ ଆଉ ଚଳଣି ଥିଲା ଭିନ୍ନ।
ଆସୁଥିଲା ତଥାପି
ଗୋଟେ ପ୍ରକୃତ ଦିନ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ପରିଶ୍ରମ



ବିକାଶ ନାୟକ

ପରିଶ୍ରମ ଅଟେ ସଫଳତା ର ମନ୍ତ୍ର
ଚେଷ୍ଟା ତାର ଚାବିକାଠି
ଧୈର୍ଯ୍ୟ ର ସହ ବିଶ୍ୱାସ ରଖିଲେ
ରଚିଯିବ ନୂଆ କୀର୍ତ୍ତି ।

ବୃଥାରେ ଯାଏନା ପରିଶ୍ରମ କେବେ
ସମୂଳ ସୁଧ କୁ ଫେରେଇ ଦିଏ
ପରିଶ୍ରମ କରେ ଜୀବନରେ ଯିଏ
ବଞ୍ଚିବାର ମଜା ସେ ପାଇଥାଏ ।

ପରିଶ୍ରମ ବଳେ ମହୁମାଛି ଟିଏ
ତିଆରି କରି କି ମହୁ
ଲୁଚାଇ ରଖିଛି କୌଶଳ କୁ ତାର
ଜନ ହିତ କରୁଛି ବହୁ ।

ମୁଣ୍ଡ ର ଝାଳ କୁ ତୁଣ୍ଡେ ମାରି
ଅକ୍ଳାନ୍ତ ସାଧନା ବଳେ
ଶସ୍ୟ ଯୋଗାଇ ସେ ଜଗତ ପୋଷୁଛି

ISSN NO.
2582-208X

ପରିଶ୍ରମ ସୂତ୍ର ବଳେ ।

ପରିଶ୍ରମ କରି ଛାତ୍ର ଟିଏ ଯେବେ
ସଫଳତା ପ୍ରାପ୍ତ କରେ
ଉନ୍ନତି ର ସିଢି ଚଢି ଚଢି ଯାଏ
ଦୁଃଖ ର କଣ୍ଟା କୁ ମାଡିଲା ପରେ ।

ସଫଳତା ତାର ଚରଣ ବନ୍ଦଇ
ଯେ କରେ ପରିଶ୍ରମ
ମନରେ ଭାବନା ହାତ ରେ ବିଶ୍ୱାସ ରଖି
କରିଯାଅ କିଛି କର୍ମ ।।

କଇଁପୁର, ଜାମଦା, ମୟୂରଭଞ୍ଜ
ମୋବାଇଲ ନମ୍ବର- ୬୩୭୨୨୬୪୬୭୧୦
ଇମେଲ-bikashjmd108@gmail.com

ISSN NO.
2582-208X



# ସଲମାନ୍ ଅଲ୍ଲୀ



ରାମ ଚନ୍ଦ୍ର ପ୍ରଧାନ

ଭାରତୀୟ ସଂଗୀତ ଜଗତରେ ସଲମାନ ଅଲ୍ଲୀ ଜଣେ ସୁନାମଧନ୍ୟ ପ୍ରଚ୍ଛଦପଟ୍ଟ ଗାୟିକ । ସଂଗୀତର ସୁମଧୁର ଯାଦୁରେ ସେ ଅଗଣିତ ଶ୍ରୋତାଙ୍କୁ ଦିୱାନା କରିଦେଇଛନ୍ତି । ସେ 1992 ମସିହା ଜାନୁଆରୀ 14 ତାରିଖରେ ହରିଆନାର ମେୱାଟା ଜିଲ୍ଲା ସ୍ଥିତ ପୁନହାନା ଭଳି ଏକ ଛୋଟ ଗାଁରେ ଏକ ଗରିବ ମୁସଲିମ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ  କ୍ୱାସିମ୍ ଅଲ୍ଲୀ ଓ ମାତାଙ୍କ ନାମ ପରବିନ୍ ବେଗମ୍ । ପାଞ୍ଚ ଭାଇ ଭଉଣୀ ମଧ୍ୟରେ ସଲମାନ ଅଲ୍ଲୀ ସବା ସାନ । 'ତୁଳସୀ ଦୁଇ ପତ୍ରରୁ ବାସିଲା' ଭଳି ସଲମାନ ମାତ୍ର ସାତ ବର୍ଷ ବୟସରୁ ପିତାଙ୍କ ସହ  ଜାଗରଣରେ ଗୀତ ଗାଇ ଭବିଷ୍ୟତରେ ଜଣେ ଆଗ ଧାଡ଼ିର ଗାୟକ ହେବାର  ସ୍ୱପ୍ନ ଦେଖୁଥିଲେ । ସଂଗୀତରେ ରୁଚି ରଖୁଥିବା ସଲମାନ ମାତ୍ର 13 ବର୍ଷ ବୟସରୁ ନିଜର ସିଙ୍ଗିଙ୍ଗ କେରିଅର ଆରମ୍ଭ କରିଥିଲେ । ହେଲେ ସେ ଗରିବ ଥିବାରୁ ଦିଲ୍ଲୀ ଯାଇ ଅଡିସନ ଦେବାକୁ ତାଙ୍କ ପାଖରେ ଟଙ୍କା ନ ଥିଲା । ଏଭଳି ପରିସ୍ଥିତିରେ ସଲମାନଙ୍କୁ ତାଙ୍କ ପ୍ରିୟ ସାଙ୍ଗ ମନୋହର ଶର୍ମା ଆର୍ଥିକ ସହାୟତା କରିଥିଲେ । ତା'ପରଠୁ ଆଉ ସେ ପଛକୁ ଫେରି ନାହାଁନ୍ତି । ସ୍କୁଲ ଠୁ ଆରମ୍ଭ କରି ବିଭିନ୍ନ ଉତ୍ସବମାନଙ୍କରେ ସେ ତାଙ୍କ ଗୀତର ଜଲୱା ଦେଖାଇଛନ୍ତି । ସଲମାନ ଦିଲ୍ଲୀର ପବ୍ଲିକ୍ ସ୍କୁଲରେ  ନବମ ଶ୍ରେଣୀ ଯାଏଁ ପାଠ ପଢ଼ି ଅଧାରୁ ପାଠ ଛାଡ଼ିଥିଲେ । ସେ ରାହାତ୍ ଫତେଅଲ୍ଲୀ ଖାଁ, ସୁଖବିନ୍ଦର ସିଂ ଏବଂ କୈଳାଶ ଖେରଙ୍କ ଭଳି ପ୍ରସିଦ୍ଧ କଣ୍ଠଶିଳ୍ପୀମାନଙ୍କୁ ନିଜ ଆଦର୍ଶ ମାନୁଥିଲେ ।

ସଂଗୀତରେ ରୁଚି ରଖୁଥିବା ସଲମାନ ହାରମୋନିୟମ୍, ଢୋଲ  ଓ ତବଲା  ବଜାଇବାକୁ ଖୁବ୍ ଭଲ ପାଉଥିଲେ । ସେ 2011 ମସିହାରେ ଜୀ ଟଭି ହିନ୍ଦୀ ତରଫରୁ ଆୟୋଜିତ ସିଙ୍ଗିଙ୍ଗ ରିୟାଲିଟି ସୋ "ସାରେ ଗାମା ପା ଲିଟିଲ୍ ଚାମ୍ପ "ରେ ଭାଗ ନେଇ ନିଜ ସୁଲଳିତ

ISSN NO.
2582-208X

କଣ୍ଠର ଯାଦୁରେ ବିଚାରକ ମାନଙ୍କୁ ବିମୋହିତ କରି ଫାଷ୍ଟ ରନର୍ସ ଅପ୍ ହୋଇଥିଲେ । ଖାଲି ସେତିକି ନୁହେଁ 2018 ମସିହାରେ ସଲମାନ ସୋନି ଟିଭି ଆୟୋଜିତ "ଇଣ୍ଡିଆନ୍ ଆଇଡଲ ସିଜନ -10 ସଂଗୀତ ରିଏଲିଟି ଶୋ"ରେ ଭାଗନେଇ ନେହା କାକ୍କର, ହିମେଶ ରେସମିଆଁ ଓ ବିଶାଲ୍ ବଦଲାନି ଭଳି ସଂଗୀତକାରଙ୍କୁ ନିଜ ସୁରିଲା କଣ୍ଠରେ ମନ୍ତ୍ରମୁଗ୍ଧ କରି ବିଜେତା ହୋଇଥିଲେ । ଏଥିପାଇଁ ତାଙ୍କୁ ପୁରସ୍କାର ସ୍ୱରୂପ 25ଲକ୍ଷ ଟଙ୍କା ସହ ଏକ ଆକର୍ଷଣୀୟ ଟ୍ରଫି ମିଳିଥିଲା । ଏହି ସଫଳତା ହାସଲ କରିବା ପରେ ସେ ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ସଲିମ୍ ସୁଲେମାନଙ୍କ ସହ ଜାମ୍ମିନ ନାମକ ଏକ ଟିଭି ଶୋ ରେ କାମ କରିବାର ସୁଯୋଗ ପାଇବା ସହ  ବଲିଉଡ୍ ଫିଲ୍ମ ଦବଙ୍ଗ-3, ସୁଇ-ଧାଗା ଏବଂ ଲୋକପ୍ରିୟ ହିନ୍ଦୀ ଧାରାବାହିକ "ଚନ୍ଦ୍ରଗୁପ୍ତ ମୌର୍ଯ୍ୟ" ରେ ଗୀତ ଗାଇ ସଂଗୀତ ଜଗତରେ ଚହଳ ପକାଇ ଦେଇଥିଲେ । ଏହାଛଡ଼ା ସୋନି ଟିଭି ଆୟୋଜିତ ସିଙ୍ଗିଙ୍ଗ ରିୟାଲିଟି ସୋ 'ସୁପରଷ୍ଟାର ସିଙ୍ଗର' ରେ ନିଜର ଅନନ୍ୟ ପ୍ରତିଭା ପାଇଁ ତାଙ୍କୁ କ୍ୟାପ୍ଟେନ୍ ମେଣ୍ଟର ଓ ଚାଇଲିଡ୍ ମେଣ୍ଟର ଭାବେ ମନୋନୀତ କରାଯାଇଥିଲା । ଏଇ ଯୁବ ପ୍ରତିଭା ଜଣକ ସମଗ୍ର ହରିଆନାରେ "ମଲାଙ୍ଗ" ଭାବରେ ସୁପରିଚିତ । ବାସ୍ତବରେ ଭାରତୀୟ ସଂଗୀତ ଜଗତରେ ସଲମାନ ଅଲ୍ଲୀ ଜଣେ ଅପ୍ରତିଦ୍ୱନ୍ଦୀ ପ୍ରଚ୍ଛଦପଟ ଗାୟିକ ଯାହାର ମିଠା ସ୍ୱର ଅଗଣିତ ଶ୍ରୋତାଙ୍କ ମନ ଆଉ ହୃଦୟରେ ବର୍ତ୍ତମାନ ରାଜ କରୁଛି  ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଗୋପପୁରେ ହୋରିଖେଳ



ଅମରନାଥ ବାରିକ

ରାଧିକା ହାତରେ ଧରି ଫୁଲଥାଳି
ଗୋପାଙ୍ଗନା ମେଳେ ଚଳି
ଧାମନ୍ତି ସକଳେ ଗୋପ ଗାଆଁ ମୁଣ୍ଡେ
ବାନ୍ଧିବାକୁ ଫୁଲଦୋଳି ।

ଦୋଳ ପୁନେଇଁରେ ଖେଳିବେଟି ହୋରି
ମାରି ରଙ୍ଗ ପିଚକାରୀ
ହୋଇଛନ୍ତି ସାଥୀ ଫଗୁଣ ଲଗନେ
ହେବା ପାଇଁ ରଙ୍ଗ ବୋଳି ।

ଲୁଚି ନନ୍ଦବାଳ ଧରି ପିଚକାରୀ
ରାଧିକାକୁ ଦ୍ୟନ୍ତେ ମାରି
ଲାଜରେ କଣେଇ ଚାହାନ୍ତି ଆଉଡ଼େ
ମୁରୁକି ହସଟି ମାରି ।

ରାଧିକା ଗାଲରେ ଶୋଭା ନାଲି ନୀଳ
ପୁଣି ଗୋଲାପି ଅବିର

ISSN NO.
2582-208X

ଦିଶେ ସୁଶୋଭିତ ଆହୁରି ଶାଣିତ
ବାଳା ଓଠ ଥରଥର।

ଫଗୁଣ ଆସିଛି ସାତରଙ୍ଗ ଘେନି
କୋଇଲିର କୁହୁ ତାନ
ରାଧାକୃଷ୍ଣ ପ୍ରେମ ବିତରି ବାସୁଛି
ଶୁଭେ ମୂରଲୀର ସ୍ୱନ।

ରାଗ ଅଭିମାନ ପାଶୋରି ମନରୁ
ପାହାନ୍ତି ମାରିଣ ବୁଡ଼
କରି ଭୋଜିଭାତ ହୋଇ ଦିଆନିଆ
ସମ୍ପର୍କ କରନ୍ତି ଦୃଢ଼।

ଦୋଳ ଯାତରା ଏ ଶୁଭ ମୁହୂର୍ତ୍ତରେ
ପ୍ରେମର ଅବିର ଛିଟା
ପରସ୍ପର ମଧ୍ୟେ ଖେଳନ୍ତି ଗୋପାଳ
ଓଗାଳ ଦାଣ୍ଡିଆ ପିଟା।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଅଘୋଷିତ



ଅଜିତ ପାଢ଼ି

ସେମାନେ ରାଜନୀତି ବିଭୋରେ
ଅନ୍ଧ ଓ ଜର୍ଜରିତ
ସୁନାର ହରିଣ ପଛରେ ଦୌଡ
ଅମ୍ପତ୍ତି ଯଥେଷ୍ଟ ନଥିଲା
ସତୀ ନାରୀକୁ କୋଟିଏ ବସ୍ତ୍ର
ସମ୍ପତ୍ତି ଏବେତ ଯଥେଷ୍ଟ ।

ସେ ତ ନିଜର କରିଛି
କାଳେ, ହାରିଯିବା ଭୟରେ
ମୋ ଶକ୍ତିରେ ସେମାନଙ୍କ
ମେଣ୍ଟିଯାଏ ମୃଗତୃଷ୍ଣା
ପଛରୁ ହାଣୁଛନ୍ତି ମତେ
ମୁଁ ତ ଏକ ଅଘୋଷିତ ।

ଅଘୋଷିତ ଯୁଦ୍ଧେ
ରହି ଆସୁଛି ପ୍ରତିମୁହୂର୍ତ୍ତ
ଲମ୍ପଟ ଙ୍କ ଜାଲ ରୁ ମୁକୁଳି

ISSN NO.
2582-208X

ବୁଣିବାକୁ ଚେର
ସାମର୍ଥ୍ୟ ଅଛି ମୋର !

ଅପେକ୍ଷା କର
ମଞ୍ଚରେ ଭୋକ ମେଣ୍ଟାଇବାକୁ
ସାମର୍ଥ୍ୟ ଅଛି ମୋର
ମୁଁ ତ ଅଘୋଷିତ ଯାହାବର
ରାଜନୀତି ମୋ ବକ୍ଷରେ
ବୁଣି ପାରିବି କି ମୁଁ ସତେ ?
ବ୍ରାହ୍ମଣ ସଂସ୍କାର
ମୁଁ ତ ମୁଁ ! ଅଘୋଷିତ ? ଯାଯାବର ।
ମୁଁ ତ ଅଘୋଷିତ ଯାଯାବର ॥

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

Please visit our YouTube Channel by typing the below mentioned link on your browser and watch many videos of different places.

Request to Subscribe our Channel.

https://youtube.com/@unexploredensation7226

ISSN NO.
2582-208X

# ପ୍ରଭୁଙ୍କ ମନ୍ତ୍ରୀ ମଣ୍ଡଳ

ଅପର୍ତ୍ତି ସେଠୀ

(ରମ୍ୟ ରଚନା)

ପ୍ରଭୁ ହଳଧର ସେ ବଡଠାକୁର
ଆମ ପ୍ରିୟ ରାଷ୍ଟ୍ରପତି,
କାଳିଆ ଠାକୁର ଆମ ସରକାର
ବିଶ୍ୱର ପ୍ରଧାନମନ୍ତ୍ରୀ ।
ଏ ଧରମକ୍ଷେତ୍ର ସରିଗଲା ଭୋଟ୍
ପ୍ରଭୁଙ୍କର ଆହ୍ୱାନରେ,
ଗଢା ହେଲା ତାଙ୍କ ମନ୍ତ୍ରୀ ମଣ୍ଡଳଟି
ଶ୍ରୀକ୍ଷେତ୍ର ପାର୍ଲ୍ୟାମେଣ୍ଟରେ ।
ବେଦପତି ପ୍ରଜାପତି ବ୍ରହ୍ମାଙ୍କୁ ସେ
ସ୍ୱରାଷ୍ଟ୍ର ମନ୍ତ୍ରୀ କରିଲେ,
ଗଞ୍ଜା ଭାଙ୍ଗ ଖିଆ ଭୋଳାଶଙ୍କରଙ୍କୁ
ଅବକାରୀ ମନ୍ତ୍ରୀ କଲେ ।
ସୂର୍ଯ୍ୟ ଯେଣୁ ସର୍ବ ଶକ୍ତିର ଆଧାର
ତାଙ୍କୁ କଲେ ଶକ୍ତିମନ୍ତ୍ରୀ,
ବରୁଣ ରାଜାଙ୍କୁ ପାନୀୟ ଜଳର
କଲେ ବିଭାଗୀୟ ମନ୍ତ୍ରୀ ।
ପ୍ରଭୁ ଜଗନ୍ନାଥ କାଳିଆ ସାଆନ୍ତ
ବିଶ୍ୱର ମଙ୍ଗଳ ପାଇଁ,
ଧନର ଦେବତୀ ଲକ୍ଷ୍ମୀଙ୍କ ହାତରେ

ISSN NO.
2582-208X

ଅର୍ଥ ବିଭାଗକୁ ଦେଇ ।
ଉଚ୍ଚଶିକ୍ଷା, କଳା, ସଂସ୍କୃତି ବିଭାଗ
ମା'ସରସ୍ୱତୀଙ୍କୁ ଦେଲେ,
ଗଣେଶ ଦେବଙ୍କୁ ଗଣଶିକ୍ଷା ମନ୍ତ୍ରୀ
ପଦରେ ଭୂଷିତ କଲେ ।
ବିଶ୍ୱର ରାଜସ୍ୱ  ବଢ଼େଇବା ପାଇଁ
ପ୍ରଭୁ ମୋର ଚିନ୍ତା କରି,
କୁବେରଙ୍କୁ କଲେ ରାଜସ୍ୱ ମନ୍ତ୍ରୀ ଯେ
ମନରେ ହରଷ ଭରିଣ୍ତି ।
ଯମରାଜା ହାତେ ଆଇନ ବିଭାଗ
ଚିତ୍ର ଗୁପ୍ତେ ସମ୍ବିଧାନ,
ସୂଚନା ଓ ଲୋକସମ୍ପର୍କ ବିଭାଗ
ନାରଦଙ୍କୁ ଦେଲେ ଜାଣିଣ୍ତି ।
ଅଗ୍ନୀଦେବଙ୍କୁ ସେ ପେଟ୍ରୋଲିୟମ ଓ
ବାଷ୍ପ ମନ୍ତ୍ରୀ  କରାଇଲେ,
ପରିବେଶ ରକ୍ଷା ବିଭାଗଟି ପ୍ରଭୁ
ବାୟୁ ଦେବତାଙ୍କୁ ଦେଲେ ।
ଅଶ୍ୱିନୀ କୁମାର ସ୍ୱାସ୍ଥ୍ୟ ମନ୍ତ୍ରୀ ଆଉ
ଖଣିମନ୍ତ୍ରୀ ଚନ୍ଦ୍ର ହେଲେ,
ସୁଦର୍ଶନ ନେଲେ ସାମରିକ ଭାର
ଗାୟତ୍ରୀ ଭତ୍ତା ବାଣ୍ଟିଲେ ।
ବଜ୍ରଧାରୀ ଇନ୍ଦ୍ର ପରମାଣୁ ଆଉ
କ୍ଷେପଣାସ୍ତ୍ର ମନ୍ତ୍ରୀ ହେଲେ,,
ବୀର ହନୁମାନ ପ୍ରତିରକ୍ଷା ଆଉ
ସୁରକ୍ଷା ଦାୟୀତ୍ୱ ନେଲେ ।

ISSN NO.
2582-208X

ପରିବହନର ବିଭାଗ ମୋ ପ୍ରଭୁ
ଗରୁଡ଼ ହାତରେ ଦେଲେ,
କାମ ଦେବଙ୍କୁ ସେ ଯୁବବ୍ୟାପାରର
ମନ୍ତ୍ରୀଟିଏ କରାଇଲେ ।
ଗୃହ ଓ ନଗର ନିର୍ମାଣ ମନ୍ତ୍ରୀଟି
ବିଶ୍ୱକର୍ମା ହାତେ ଦେଲେ,
କୁମାର କାର୍ତ୍ତିକ କ୍ରୀଡା ବିଭାଗକୁ
ଆନନ୍ଦେ ଗ୍ରହଣ କଲେ ।
ମହିଳା ବିକାଶ ମନ୍ତ୍ରୀ ପଦ ପ୍ରଭୁ
ଶୁଭଦ୍ରାଙ୍କୁ ଟେକି ଦେଇ,
ମା'କାମଧେନୁକୂ ପଶୁ ସମ୍ପଦର
ମନ୍ତ୍ରୀଟି ଦେଲେ କରାଇ ।
ଦେବାଦେବୀଙ୍କୁସେ ନେଇ ପ୍ରଭୁମୋର
ସରକାର ଗଢିଦେଲେ,
ଅନ୍ୟ ଦେବାଦେବୀ ଏମ୍.ପି. ରୂପେ ଥାଇ
ଶାସନ ଦାୟୀତ୍ୱ ନେଲେ ।
ପ୍ରଭୁଙ୍କ ଶାସନ ସବୁଦିନେ ଅଛି
ସବୁଦିନେ ରହିଥିବ,
କିନ୍ତୁ ଆମ ମତି ଦୁର୍ନୀତିରେ ଭର୍ତ୍ତି
କହଇ ମୂର୍ଖ ଅପର୍ତ୍ତି ।

ପାଳକଣା, କୋରେ୍, କେନ୍ଦ୍ରାପଡ଼ା
ମୋ - ୭୮୯୪୩୯୮୫୦୦

ISSN NO.
2582-208X

# ମରିବା ବୟସ ହେଲାଣି



ଜୟନ୍ତ କୁମାର ମଲ୍ଲିକ୍

ଜମିବାଡ଼ି ବିକି ପାଠ ପଢ଼ାଇଲି
ପୁଅ ମୋ ରହିଲା ବାହାରେ
ଚାଷ କରିବାକୁ ଗୁଣ୍ଠେ କି ବିଶୁଏ
କୋଉଠି ନାହିଁ ମୋ ନାଆଁରେ ।
ଆମକୁ ନକହି ବାହା ହୋଇ ଯାଇ
ଘରଭଡ଼ା ନେଇ ରହିଲା
ଆଉ ଆସିବନି ଫୋଅନ କରିକି
ମାଆକୁ ତାହାର କହିଲା ।
ତାହା କଥା ଶୁଣି ଆମେ ଦୁଇଜଣ
କାନ୍ଦି କାନ୍ଦି କେତେ ରହିଲୁ
ଜରା ନିବାସକୁ ଯିବା ପାଇଁ ଆମେ
ଅନେକ ଲୋକଙ୍କୁ କହିଲୁ ।
ସେହିଠାରେ ରହି ଦିନ କଟାଇବୁ
ମରିବା ବୟସ ହେଲାଣି
ଆଉ କେତେଦିନ ଆମେ ବା ବଞ୍ଚିବୁ
ଯମତ ଡାକରା ଦେଲାଣି ।

ପୁଅ ବୋହୂ କଥା ଭାବି ଭାବି ଆମେ
ସବୁ ରୋଗ ମାଡ଼ି ଆସିଲା
ଚାହୁଁ ଚାହୁଁ ଏଇ ସୁଖର ସଂସାର
ଭବ ସାଗରରେ ଭାସିଲା ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:-୯୪୩୭୮୬୫୭୨୭

ISSN NO.
2582-208X

# ଗଞ୍ଜାମ ବାଘ "ଶଶୀ ଭୂଷଣ ରଥ" ଙ୍କ ସ୍ମୃତିରେ



ପ୍ରତାପ ଚନ୍ଦ୍ର ସାହୁ

ସମାଜ ସଂସ୍କାରକ ତଥା ଦୈନିକ ଆଶା ଖବର କାଗଜ ର ପ୍ରତିଷ୍ଠାତା ଏବଂ ସମ୍ପାଦକ ଶଶୀ ଭୂଷଣ ରଥ ୧୮୮୫ ମସିହା ଜାନୁୟାରୀ ମାସ ଏକ ତାରିଖ ରେ ସୋରଡା ରେ ଜନ୍ମ ଗ୍ରହଣ କରିଥିଲେ। ଏହି ଦୈନିକ ଖବର କାଗଜ 'ଦୈନିକ ଆଶା' ଅତି ପୁରାତନ ଓ ଏହା ବ୍ରହ୍ମପୁର ରୁ ପ୍ରକାଶିତ ହୋଇଥାଏ। କେତେକ ବୁଦ୍ଧିଜିବୀ ଙ୍କ ମତରେ ଏହି ଖବର କାଗଜ ସର୍ବ ପୁରାତନ ଅଟେ। କୈଣସି କାରଣ ବସତଃ ଏହା ମଝି ରେ ବନ୍ଦ ହୋଇଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ପୁଣି ତା'ର ପ୍ରକାଶନ ପ୍ରକ୍ରିୟା ଜାରି ରଖିଛି। ଶଶୀ ଭୁଷଣ ରଥ ଙ୍କ ପିତା ଙ୍କ ନାମ ଲମ୍ବୋଦର ମହାପାତ୍ର ଓ ମାତା ଙ୍କ ନାମ ପାର୍ବତୀ ଦେବୀ। କିନ୍ତୁ ଶଶୀ ଭୂଷଣ ରଥ, ଦିଗାମ୍ବର ରଥ ଙ୍କର ପୋଷ୍ୟ ପୁତ୍ର ଭାବେ ଦତ୍ତ ହୋଇଥିବାରୁ ତାଙ୍କର ସାଙ୍ଗ୍ଯା ମହାପାତ୍ର ପରିବର୍ତ୍ତେ ରଥ ହୋଇଥିଲା। ସୋରଡା ରେ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ଲାଭ କଲାପରେ ବ୍ରହ୍ମପୁର ରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ଯେଉଁ ହାଇସ୍କୁଲ ରେ ପଢି ଥିଲେ ସେହି ହାଇସ୍କୁଲ ତାଙ୍କରି ନାମରେ ନାମିତ ହୋଇଥିଲା ଶଶୀ ଭୂଷଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସୋରଡା। ସେଥିଲେ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସମାଜ ସଂସ୍କାରକ ଓ ଶିଳ୍ପ ପତି। ତା ସଙ୍ଗେ ସଙ୍ଗେ ଜଣେ ଉଚ୍ଚ କୋଟୀର ସମ୍ବାଦିକ ଭାବେ "ଦୈନିକ ଆଶା " ଖବର କାଗଜ ର ପ୍ରତିଷ୍ଠାତା ଏବଂ ସମ୍ପାଦକ ମଧ୍ୟ ଥିଲେ। ରେଲ୍ୱେ ଷ୍ଟେସନ୍ ରୋଡ, ବ୍ରହ୍ମପୁର ରେ ଅବସ୍ଥିତ ସରକାରୀ ମହିଳା କଲେଜ ତାଙ୍କରି ନାମରେ ନାମିତ ହୋଇ ସରକାରୀ ଜୁନିୟର ଶଶୀ ଭୂଷଣ ମହିଳା

ISSN NO.
2582-208X

କଲେଜ, ବ୍ରହ୍ମପୁର ହୋଇଛିଂ, ବ୍ରହ୍ମପୁର ପାଇଁ ଯାହାକି ଗୌରବ। ଏହା ଏକ ଇତିହାସ ସୃଷ୍ଟି କରିଛି। ତାଙ୍କର ଅନେକ ଭାଷାରେ ପାରିଦର୍ଶିତା ଥିଲା। ଏପରିକି ଅନେକ ବିଦେଶୀ ଭାଷା ବି ଜାଣିଥିଲେ। ବ୍ରହ୍ମପୁର ରେ ଅବସ୍ଥିତ "ଭଗବତୀ ଗ୍ଲାସ୍ ଓ ପ୍ଲାଏ" ହେଉଛି ତାଙ୍କର କୃତି। ସେ ହେଉଛନ୍ତି ଏହାର ପ୍ରୋପାଇଟର୍ । "ଦୈନିକ ଆଶା" ସର୍ବ ପୁରାତନ ଖବର କାଗଜ ଶଶୀ ଭୂଷଣ ରଥ ଙ୍କ ଦ୍ୱାରା ୧୯୨୮ ମସିହାରେ ବ୍ରହ୍ମପୁର ର ହିଲ୍ ପାଟଣା ଠାରେ ତା'ର ପ୍ରକାଶନ ଆରମ୍ଭ କରିଥିଲା।

ବହୁ ବାଦାନୁବାଦ ଏବଂ ସଂଘର୍ଷ ର ସହ ଦୈନିକ ଆଶା କୁ ଠିଆ କରାଇବାରେ ସଫଳତା ସାଉଁଟି ଥିଲେ ଶଶୀ ଭୂଷଣ ରଥ ମହାଶୟ। ଏହା ଥିଲା ଗଞ୍ଜାମ ବାସୀ ଙ୍କ ପାଇଁ ଏକ ଐତିହାସିକ ଏବଂ ସ୍ମରଣୀୟ ମୁହୂର୍ତ୍ତ। କୌଣସି କାରଣରୁ ଯଦିଓ ଏହା ମଝିରେ କିଛି ମାସ ପାଇଁ ବନ୍ଦ ଥିଲା କିନ୍ତୁ ପୁଣି ପ୍ରକାଶନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। କୁହାଯାଏ ଯେ ଦୈନିକ ଆଶା ହେଉଛି ଓଡିଶାର ପ୍ରକାଶିତ ହୋଇଥିବା ଖବର କାଗଜ ମାନଙ୍କ ମଧ୍ୟରେ ପ୍ରଥମ ଖବର କାଗଜ। ସେଇ ସମୟର ଶଶୀ ଭୂଷଣ ରଥ ଥିଲେ ଜଣେ ସଚ୍ଚୋଟ, ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକ ତଥା ସମ୍ପାଦକ। ସେଥିଲେ ସ୍ୱାଧିନତା ସଂଗ୍ରାମୀ, ମେଳାପୀ, ପରୋପକାରୀ ଜନତା ଙ୍କ ସୁଖ ଦୁଖ ରେ ଭାଗୀଦାରି ଦରଦୀ ମଣିଷ ଟିଏ। ଗଞ୍ଜାମ ବାସୀ ଙ୍କର ଜନ ପ୍ରତିନିଧି ଭାବେ ସେମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ନିଜ ପକ୍ଷରୁ ଉଦ୍ୟମ କରିବା ସହ ସରକାର ଙ୍କ ନିକଟ ରେ ଯଥାର୍ଥ ଦାବି ଉପସ୍ଥାପନ କରି ଆସୁଥିଲେ। ତତ୍କାଳୀନ ଇଂରେଜ ସରକାର ଙ୍କ ଅତ୍ୟାଚାର ଓ ନିର୍ଯ୍ୟାତନା ବିରୋଧ ରେ ସଂଗ୍ରାମ ଜାରି ରଖିଥିଲେ। ଅସହଯୋଗ ଆନ୍ଦୋଳନ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏଇ ସବୁ କାରଣରୁ ଶଶୀ ଭୂଷଣ ରଥ "ଗଞ୍ଜାମ ବାଘ" ଭାବେ ଘରେ ଘରେ ସୁପରିଚିତ ଥିଲେ। ଇଂରେଜ ସରକାର ତାଙ୍କ ନାମ ଶୁଣି ଥରହର ହୋଇଥିଲେ। ସେ ଥିଲେ ଜଣେ ସତ୍ୟ ନିଷ୍ଠ, ନିର୍ଭିକ, ନିରପେକ୍ଷ ସାମ୍ବାଦିକ ଏବଂ ସମାଜ ସେବୀ । ଜଣେ ପୋଖତ ରାଜନୀତିଜ୍ଞ ମଧ୍ୟ ଥିଲେ ସେ । ସାମ୍ବାଦିକତା କୁ ଦେଶ ସେବା ତଥା ଜନ ସେବାର ମାଧ୍ୟମ ବୋଲି ଧରି ନେଇ ଓ ଏହାକୁ ପ୍ରଥମିକତା ଦେଇ ଆସୁଥିଲେ । ଲୋକଙ୍କ ସ୍ୱର ପାଲଟିଥିଲେ ସେ। ଦୈନିକ ଆଶା ସାପ୍ତାହିକ ରୁ ଦୈନିକ ପ୍ରକାଶନ କରିବାରେ ତାଙ୍କର

ISSN NO.
2582-208X

ଅବଦାନ ଅତୁଳନୀୟ। ତାଙ୍କରି ପ୍ରଚେଷ୍ଟାରେ ଆଚଂଳିକ ଭାଷାରେ ପ୍ରକାଶ ପାଉଥିଲା ଦୈନିକ ଆଶା ଯେପରି ସମସ୍ତ ଲୋକ ସହଜରେ ପଢିପାରିବେ ଓ ବୁଝିପାରିବେ। ସମସ୍ତ ଙ୍କ ମନକୁ ଛୁଇଁଲା ଭଳି ଖବରମାନ ପ୍ରକାଶିତ ହେଉଥିଲା। ଶଶୀ ଭୁଷଣ ଙ୍କ ର ଡିକ୍ଟେସନ୍ ନେବାକୁ ସାମ୍ବାଦିକ ମାନେ ଟିକେ ଭୟ କରୁଥିଲେ। ଯେଉଁମାନେ ଏହି ସୁଯୋଗ ପାଇଛନ୍ତି, ସେମାନେ ବାସ୍ତବ ରେ ଭାଗ୍ୟବାନ। ଆଉ ସେଇମାନଙ୍କର ନିଶ୍ଚିତ ଭାବେ ସାମ୍ବାଦିକତା ଭଲ ଜ୍ଞାନ ଥିବ ଏଥିରେ ସନ୍ଦେହ ନାହିଁ । ଦୈନିକ ଆଶା ଥିଲା ଲୋକ ଙ୍କ ଅଭାବ ଅସୁବିଧା ର ସାଥି। ଲୋକ ଙ୍କ ଅଭାବ, ଅସୁବିଧା, ଦୁର୍ଦ୍ଦଶା ର ବୀବରଣୀ ସଠିକ ଭାବେ ଖବର କାଗଜ ରେ ଉପସ୍ଥାପନା କରାଯାଉଥିଲା। ଏହି ଭଳିଆ ଖବର ପ୍ରସାରଣ କରିବା ଦିଗରେ ଦୈନିକ ଆଶାର ଭୂମିକା ଅତୀବ ପ୍ରଶଂସନୀୟ। ଅଦ୍ୟାବଧି ଏଭଳି ସମ୍ବାଦ ପ୍ରକାଶୀତ କରିଆସୁଛି। ଦୈନିକ ଆଶା କୁ ବ୍ୟବସାୟୀକ ଢଙ୍ଗରେ ପରିଚାଳନା ନ କରି ଦେଶ ଗଠନ ଓ ସମାଜ ସେବା ତଥା ସଂସ୍କାର ରେ ନିଯୋଗ କରିଥିଲେ ଶଶୀ ଭୂଷଣ ରଥ ନିଜକୁ। ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୁଦ୍ଧ ରେ ସ୍ୱର ଉତ୍ତୋଳନ କରିବାର ଏକ ଶାଣୀତ ଅସ୍ତ୍ର ଭାବେ ଦୈନିକ ଆଶାକୁ ଗଢି ତୋଳିଛନ୍ତି ସେ। ସକାଳୁ ଆରମ୍ଭ କରି ରାତ୍ର ପର୍ଯ୍ୟନ୍ତ ସେ ଚିନ୍ତା କରୁଥିଲେ ଲୋକ ଙ୍କ ହିତ ସାଧନ ପାଇଁ ଓ ଦୈନିକ ଆଶା ଖବର କାଗଜ ପାଇଁ। ରାଜନୈତିକ ପାଣିପାଗ ଓ ଗତିବିଧି ନେଇ ସର୍ବଦା ଚିନ୍ତିତ ଓ ବ୍ୟସ୍ତ ରହୁଥିଲେ ସେ। ପ୍ରତିଦିନର ଫ୍ଲାସ୍ ନିଉଜ୍, ମୂଖ୍ୟ ସମାଚାର, ସମ୍ପାଦକୀୟ ଓ ଅନୁସନ୍ଧାନ ମୂଳକ ନିଉଜ କଣ କଣ ରହିବ ଏଇ ସବୁ ନେଇ ବ୍ୟସ୍ତ ରହୁଥିଲେ ସେ। ସତ୍ୟ ଖବର, ନିରପେକ୍ଷ ଖବର ସ୍ୱବଲମ୍ବନଶୀଳତା ଓ ଦାୟୀତ୍ୱବୋଧ ସହ ଖବର ପ୍ରକାଶନ କରି ଆସୁଥିଲେ ସେ। ପରାଧିନ ଭାରତର ମୁକ୍ତି ଆନ୍ଦୋଳନ ର ବାର୍ତ୍ତା ର ପ୍ରଚାର ଓ ପ୍ରସାର କରି ଜନତା ର ମୂଖପାତ୍ର ସାଜି ସ୍ୱତନ୍ତ୍ର ଓଡିଶା ଗଠନ ର ପ୍ରୟାସ ଠୁ ଆରମ୍ଭ କରି ସ୍ୱାଧିନତା ଆନ୍ଦୋଳନ ରେ ସକ୍ରୀୟ ଭାବେ ଅଂଶ ଗ୍ରହଣ କରିଥିଲେ। ଚିର ନମସ୍ୟ ଓ ଶ୍ରଦ୍ଧେୟ ଥିଲେ ଶଶୀଭୁଷଣ ରଥ ସମସ୍ତ ଗଞ୍ଜାମ ବାସୀଙ୍କର । ତାଙ୍କରି ଆଦର୍ଶ ରେ ଅନୁପ୍ରାଣିତ ହୋଇ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରାଯାଇପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ।

ନବରଙ୍ଗପୁର/୯୪୩୭୭୮୮୭୦

ISSN NO.
2582-208X

# ସୁକ୍ତିଚୟ



ଦେବଜାନୀ ବାରିକ୍

ସ୍ୱର୍ଗ ରେ ସବୁ କିଛି ରହିଛି କିନ୍ତୁ
ନାହିଁ ସେଠାରେ ମରଣ ।
ଗୀତା ଶାସ୍ତ୍ର ରେ ସବୁ କିଛି ରହିଛି
ମିଥ୍ୟା ନ ଥାଇ ପ୍ରମାଣ ।
ଦୁନିଆଁ ରେ ସବୁ କିଛି ଅଛି ରହି
ମାତ୍ର ଶାନ୍ତି ନାହିଁ କ୍ଷଣ ।
ଜନ ମାନସ ରେ ସବୁ ରହି ଅଛି
ଧଇର୍ଯ୍ୟ ର ଅବସାନ ।
ଧରଣୀ ରେ ମାଆ ବିଭୁଙ୍କ ଶ୍ରେଷ୍ଠ
ରଚନା ବୋଲି ନରେ ଜାଣ ।
ସର୍ବ ଶ୍ରେଷ୍ଠ ପୁଷ୍ପ କାର୍ପାସ ଅଟଇ
ବସ୍ତ୍ର ର ହୁଏ ନିର୍ମାଣ ।
ବର୍ଷା ଯୋଗେ ମାଟିର ସୁଗନ୍ଧ ଗୋଟି
ଭବେ ଅଟଇ ମହାନ ।
ବାଣୀ ମଧୁରତା ଶ୍ରେଷ୍ଠ ବୋଲି ଜାଣି
କୁହ ମଧୁର ବଚନ ।
ସର୍ବ ଶ୍ରେଷ୍ଠ କ୍ଷୀର ଅଟଇ ମାଆର
ଶିଶୁ ଜୀବନ ପୋଷଣ ।

ISSN NO.
2582-208X

କଳଙ୍କ ସବୁ ଠାରୁ କଳା ଅଟଇ
ପାପ ଭାରି ମଧ୍ୟେ ଗଣ୍ୟ ।
ଉପଦେଶ ଦେବା ଅଟେ ବଡ଼ ଶସ୍ତା
ସଭିଁଏ କରନ୍ତି ଦାନ ।
ସହଯୋଗ ଗୋଟି ମହଙ୍ଗା ଏ ଭବେ
କଟୁ ସତ୍ୟ ହିଁ ପ୍ରମାଣ ।
ଏ କାଳୀ ରହିଲେ ସାଧବେ
ପରମାତ୍ମାଙ୍କ କର ସଦା ଧ୍ୟାନ ।
ଆରତୀ ସମୟେ ତାଳୀ ବଜାଇଲେ
ପ୍ରସନ୍ନ ହୁଅଇ ମନ ।
ଶ୍ମଶାନେ ଆବର ଅର୍ଥି ପଛେ
ଶୋକେ ମନ୍ଦିରେ କଥାରେ ପୁଣ ।
ଏହି ପାଞ୍ଚ ସ୍ଥାନେ ହସ ନାହିଁ କେବେ
କୋଟି ପାତକ ଅର୍ଜ୍ଜନ ।
ହିନ୍ଦୁ ଗ୍ରନ୍ଥ ରାମାୟଣ ଗୀତା ଆଦି
ସୁମନେ କଲେ ପଠନ ।
କର୍କଟାଦୀ ରୋଗ ହୋଇ ଯାଏ ଦୂର
ଏହି କଥା ସତ୍ୟ ଜାଣ ।
ଥିଲେ ଏହି ବ୍ୟାଧି ଗ୍ରନ୍ଥ ଅଧ୍ୟ ୟନେ
ହୁଏ ତାହା ବିଧ୍ୱଂସନ ।
ପାପ ହୁଏ ନାଶ ପୁଣ୍ୟ ର ପ୍ରକାଶ
କରେ ରୋଗର ହରଣ ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପ୍ରେମ ଓ ଫଗୁଣ



ଦୁଷ୍ମନ୍ତ ବେହେରା

ଫଗୁଣ ସ୍ପର୍ଶ କରିଛି
ମନ ହୃଦୟର ନିଳିମା
ଦୁଆର ମୁରୁଜେ !!

ପ୍ରେମ ତା ହସରେ ହସି
ଦେଇ କୁହେ ଇଏ ଅତୀତ
ର ପ୍ରେମ ଫଗୁଣ ଟେ !!

କ'ଣ ପାଇଲି କ'ଣ ହରେଇଲି
ତୁମ ପ୍ରେମ ଫଗୁଣ ର
ଦୁନିଆ ଇଲାକା ରେ !!

ରଙ୍ଗ ହୀନ ଜୀବନ ନେଇ
ଚାହିଁ ରହିଛି ତୁମ ପ୍ରେମ
ଆଉଁସା ମିଛ ଭାଷା !!

ପ୍ରେମ ରଙ୍ଗ ତୁମର କେତେ
ଚିହ୍ନ ଜାଣିବା ଆଗରୁ ଦେଖେଇ
ଦେଲ ଚେହେରା ଦାଗ !!

ISSN NO.
2582-208X

ଚେହେରା ପଢି ହେଲା
ପଢି ହେଲା ନାହିଁ ମନ
ରୂପରେ ମାରି ଦେଲ  !!

ମନ ତଳର ଅବଶୋଷ
ଆଉ କ'ଣ ରହିଲା ଖେଳିଥାନ୍ତ
ପ୍ରେମ ଫଗୁଣ ର ଖେଳ  !!

ବଞ୍ଚୁ ବଞ୍ଚୁ ମରି ଗଲି
ମରି ନାହିଁ ପାଉଁଶ ତଳର
ମନ ପ୍ରାଣ ର ପ୍ରେମ  !!

କେମିତି ଖେଳିଲ ଏ ଖେଳ
ମୋ ସହ ଖେଳିଥାନ୍ତ ଖେଳୁ
ଖେଳୁ ଖେଳିଦେଲ !!

ମୋ ଅତୀତ ର ଆଶା
ଭରସା କେଇ ଖଣ୍ଡ
ପ୍ରେମ ଚିହ୍ନ ର ମନ  !!

ପ୍ରେମ ଫଗୁଣ ରଙ୍ଗ ମଞ୍ଚରେ
ଅଭିନୟ କରି ଖସିଗଲ ମୋ
ଠାରୁ ବିଛେଇ ଜାଲ  !!

ଗ୍ରୁସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ମିଠା ଉଆଁସ



ସିଦ୍ଧେଶ୍ୱର ତ୍ରିପାଠୀ

ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ
ଏମିତି ଗୋଟିଏ ଅନ୍ଧାର ତିଥିରେ
ବଉଳ ମହକ ପାଏ ।

ସେଇମିତି ତୁମେ ଉଆଁସୀ କନିଆଁ
ମୋ ମନ ଆକାଶେ ଜହ୍ନ
ଆଜିବି ସେମିତି ସାଇତି ରଖିଛି
ମିଠା ସ୍ମୃତି ପାଦ ଚିହ୍ନ ।

ଦୁନିଆଁ ଦାଣ୍ଡର ଅପବାଦ ସହି
ତୁମକୁ ମୁଁ ଭଲପାଏ
ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ ।

କେବେବି ମାଗିନି ଆଲୁଅ ଟିକିଏ
ଜୋଛନା ବରଷା ଧାର
ତୁମ ଓଠ ଛୁଆଁ ପଦିଏ ଗୀତକୁ
ଭାବେ ଶ୍ରେଷ୍ଠ ଉପହାର ।

ଅନ୍ଧାର ରାତିର ଲୁହ ଟୋପାକରେ
ତୁମ ମୁହଁ ଦିଶିଯାଏ
ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଶ୍ରାବଣ ଓ ଫଗୁଣ



ନରଞ୍ଜନ ସାହୁ

ମେଘ ବରଷଇ ଶ୍ରାବଣ ମାସେ
ରଙ୍ଗ ବରଷିଲେ ଫଗୁଣ ଆସେ ।
ଶ୍ରାବଣ ମାସରେ ଆସେ ଝୁଲଣ
ଫଗୁରେ ପଡଇ ଦୋଳ ମେଳଣ ।
ଶ୍ରାବଣରେ ହୁଏ ଶରଦ ରାସ
ଫଗୁଣେ ବସନ୍ତ ରାସ ହେ ଆସ ।
ଶ୍ରାବଣରେ କୁଞ୍ଜବିହାରୀ କୁଞ୍ଜେ
ଫଗୁଣରେ ଦୋଳ ବିମାନେ ଖଂଜେ ।
ଶ୍ରାବଣେ ବିଚ୍ଛେଦ ବିରହି ସହେ
ଫଗୁଣ ମିଳନ କାହାଣୀ କହେ ।
ଶ୍ରାବଣେ ରଂଗଣୀ ନାଲି ଦିଶଇ
ଫଗୁଣେ ପଳାଶେ ଆଖି ମିଶଇ ।
ଶ୍ରାବଣେ ଶୀତଳ ପବନ ବହେ
ଫଗୁଣେ ମଳୟ ଆସିଛି କହେ ।

ଶ୍ରାବଣେ ମୟୂର ନାଚ କରଇ

ISSN NO.
2582-208X

ଫଗୁଣେ କୋକିଳ ସ୍ୱର ଧରଇ ।
ଶ୍ରାବଣେ ପଚର ପଚର ଦାଣ୍ଡ
ଫଗୁଣେ ହୋଲିର ଉନ୍ନତ କାଣ୍ଡ ।
ଶ୍ରାବଣରେ ଦିନ ଦିଶଇ ରାତି
ଫଗୁଣରେ ଭରେ ମନରେ ତାତି ।
ଶ୍ରାବଣ ବରଷା ଋତୁର କାଳ
ଫଗୁଣେ ବସନ୍ତ କଥାଟି ଭାଳ ।
ଶ୍ରାବଣ, ଫଗୁଣ ଦୁହେଁ ସରସ
ସଭିଙ୍କୁ ଦିଅଇ ପ୍ରୀତି ପରଶ ।

ନିହଲପ୍ରସାଦ,
ଗଡ଼ିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ବନ୍ଧୁମିଳନ



ମାନସ ରଞ୍ଜନ ନାୟକ

ଫି'ସନ ପାର୍ବଣର ଉଚ୍ଚାଟ ଆସର ପରି ଅତୀତ ପାଲଟିଯାଇଥିବା କଛି ସ୍ମୃତି, ପୁନର୍ବାର ଜୀବନ୍ୟାସ ପାଇଯାଆନ୍ତ ଚଇତାଳର ମାଦକତାରେ। ନିଃଶବ୍ଦ ହେଲେହେଁ ପ୍ରକମ୍ପିତ ହୋଇଉଠେ ଅନ୍ତର୍ମନର କରୁଣ ଉପତ୍ୟକାଟି, ଉଲ୍ଲାସ ଉନ୍ମାଦନାର ଅୟୁତ ଆଲୋଡନରେ। ଜୀବନକୁ ଜୀବିକାର ଖଣି ମନେକରି ଅନ୍ଧାରରେ ଆଲୁଅ ଅବା ଆଲୁଅରେ ଅନ୍ଧାରର ଅନୁଭବ ନେଇ ଜିଉଁଥିବା ମଣିଷଟିଏ କ୍ଷଣିକ ଆବେଗରେ ଆତ୍ମହରା ହୋଇଉଠେ। ତେଲ ଲୁଣ ସଂସାରରେ ସୁଖ ଦୁଃଖର ସଉଦା କରୁ କରୁ ଜୀବନକୁ ଦାୟିତ୍ୱ ଅବା କର୍ତ୍ତବ୍ୟର ପାଇଟି ମାନନେଇଥିବା ଖିଆଲି ମନଟି ପୁଣିଥରେ ଚହଲିଉଠେ କେଉଁଏକ ମଧୁର ସ୍ମୃତିର ଜୁଆରି ଆଗମନରେ । ଅହେତୁକ ଆନନ୍ଦ, ଅନୟନ୍ତ୍ରତ ଭାବଭଙ୍ଗୀ ଏବଂ ଏକ ମଧୁର ଅପେକ୍ଷାରେ ଜୁଡୁବୁଡୁ ହୋଇଉଠେ ବୟସ୍କ ଚର୍ମ ତଳର ଚପଳ ମନଟି..... ବନ୍ଧୁ ମିଳନର ଦୁର୍ବାର ଆବେଗରେ।

ମୋବାଇଲ୍ ରେ ହ୍ୱାଟସ୍ଆପ୍ ଦେଖୁ ଦେଖୁ କେଉଁ ଏକ ଅଜଣା ବାର୍ତ୍ତା ପାଖରେ ଅଟକ ଗଲା ସମ୍ବିତ୍ ର ଚଳଚଞ୍ଚଳ ହସ୍ତଟିପ । ଅଜଣା ବାର୍ତ୍ତାମାନଙ୍କୁ ସ୍ୱଘୋଷିତ ଅପ୍ରତ୍ୟାଶିତ ବିଜ୍ଞାପନ ମନେକରି ହଟାଇବା ତା'ର ଚର୍ବଚରିତ ଅଭ୍ୟାସରେ ପରିଣତ ହୋଇଯାଇଥିଲେହେଁ, ଆଜି ଏକ ଅପୂର୍ବ ପୁଲକର ଶିହରଣରେ କଛି କ୍ଷଣ ଅନ୍ତର୍ମନସ୍କ ହୋଇଗଲା ସେ। ଲେଖାଥିଲା "ସମ୍ବିତ୍! କେମିତି ଅଛ? ଆମ ବ୍ୟାଚ୍ ହ୍ୱାଟସ୍ଆପ୍ ଗ୍ରୁପ୍ ରୁ ତୁମ ନମ୍ବର ପାଇଲି, ଏ ବର୍ଷ ଫେବୃଆରୀ ୧୪ରେ କଲେଜ୍ ବନ୍ଧୁ ମିଳନକୁ ଆସିଲେ ସାମ୍ନା ସାମ୍ନି କଥା ହେବା ........ ସ୍ଥିତି" । ଖୁବ୍ ଉତ୍ସାହ ବଶତଃ ଟ୍ରୁକଲର୍ ରେ ଯେଉଁ ନମ୍ବରରୁ ବାର୍ତ୍ତା ଆସିଥିଲା ତାକୁ ଖୋଜି

ISSN NO.
2582-208X

ଉଲ୍ଲସିତ ହୋଇଉଠିଲା ସମ୍ବିତ୍। ସ୍ଥିତିପ୍ରଜ୍ଞା ଦାସ..... କ୍ଷଣିକ ଉଚ୍ଚାରଣ ମାତ୍ରେ ଆଲୋଡ଼ିତ ହୋଇଉଠିଲା ସୁପ୍ତ ମନତଳର ଉଷ୍ମ ସ୍ମୃତି ଉଦଗୀରଣ। ଅବାଞ୍ଛିତ ଆବେଗଟିଏ ସତେଅବା ଆବର୍ତ୍ତନର ମୃଦୁ ଚଳନରେ ପୁନର୍ବାର ହୋଇଉଠିଲା ଉଚ୍ଛ୍ୱାସରେ ଛଳଛଳ। ସ୍ମୃତି ମଲାଟରେ ଜଳଜଳ ଛାପି ଉଠିଲା ବିସ୍ମୃତପ୍ରାୟ ଅଥଚ ଅବ୍ୟକ୍ତ ପୁଣି ଅସମାପ୍ତ କେଇକ୍ଷଣ ସୁଖଦ ମୁହୂର୍ତ୍ତର ଅଦମ୍ୟ ଉଦବେଳନ।

ମନ ପରିଧିରେ ସନ୍ନିକଟ ମନେହେଲେବି ବିତିଗଲାଣି ଦୀର୍ଘ ୫ ବର୍ଷ ଏଭିତରେ । ଗାଁ ସ୍କୁଲ୍ ସାରି ରେଭେନସା ମହାବିଦ୍ୟାଳୟରେ ପଢିବାକୁ ନୂଆକରି କଟକ ସହରକୁ ଆସିଥାଏ ସମ୍ବିତ୍। ପ୍ରଥମଥର ପାଇଁ ତା'ର ଅନ୍ତର୍ମନରେ ଉପଲବ୍ଧି କରୁଥାଏ ଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧର ଏକ ସୂକ୍ଷ୍ମ ଆଲୋଡନ, କଲେଜର କଛି ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ପରୋକ୍ଷ ଅବା ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲାପରେ। ଘରର ଅନାବିଳ ସ୍ନେହ ଶ୍ରଦ୍ଧା ସାଙ୍ଗକୁ ଆକଟ ପଣର ଏକ ପ୍ରଚ୍ଛନ୍ନ ବଳୟରୁ ଦୂରେଇ ଆସି, ସ୍ୱାଧୀନତା ଏବଂ ଆଦ୍ୟ ଯୌବନର ଉଦ୍ଦାମତାରେ ଫେଣ୍ଟାଫେଣ୍ଟି ଅନୁଭବକଛି ବେଶ ହଲଚଲ ସୃଷ୍ଟି କରୁଥାଏ ତା'ର ଦେହ ମନରେ। ମନ ପ୍ରଜାପତିଟିର କଅଁଳ ଉଠିଥାଏ କୁନକୁନ ପର ଓ ସେ ଆଗଭର ହେଉଥାଏ ଭରିବାକୁ ତା'ର ବେଲଗାମ ଉଡାଣ ମିଠାମିଠା ପ୍ରେମ ଆକାଶରେ।

କଲେଜରେ ପ୍ରଥମ ଦିନର ଉତ୍କଣ୍ଠା ମୁହୁର୍ମୁହୁ ବଳବତ୍ତର ହୋଇଉଠୁଥାଏ ସମ୍ବିତ୍ ପାଇଁ, ଯୁକ୍ତଦୁଇ ବିଜ୍ଞାନ "ଏ" ଏବଂ "ବି" ସେକ୍ସନ୍ ରେ ସମସ୍ତ ୨୫୬ ଜଣ ଛାତ୍ରଛାତ୍ରୀଙ୍କୁ ଭାଗ କରାଯାଇ ତଦନୁଯାୟୀ ପରିଚୟପତ୍ର ଦିଆଯାଇଥାଏ, ତା'ର ଅନୁକ୍ରମାଙ୍କ (**roll number**) ଥାଏ ୧୨୩-ଏ । ନୁଆ ମୁହଁସବୁ ହେଲେହେଁ ଏତେ କମ ସମୟରେ ପରସ୍ପର ସହ ଖୁବ୍ ଏକ ଆତ୍ମୀୟତା ପଣରେ ବାନ୍ଧିହେଇ ଯାଉଥାଆନ୍ତି ସମସ୍ତେ, ପୁଅମାନେ ପୁଅମାନଙ୍କ ସହିତ ଓ ଝିଅମାନେ ଝିଅମାନଙ୍କ ସହିତ, ହେଲେ ଚିରାଚରିତ ଢଙ୍ଗରେ କକ୍ଷର ଦୁଇ ବିପରୀତ ପାର୍ଶ୍ୱସ୍ଥ ସିମେଣ୍ଟ କାଠର ଡେସ୍କ ଚେୟାରରେ ବିଭକ୍ତ, ସତେଅବା ଏକ ସ୍ଥିରୀକୃତ ଖସଡ଼ା ସଭ୍ୟତାର କେଉଁ ଆବାହମାନ କାଳରୁ। ନଜର ଆଢୁଆଳରେ ପୁଅଝିଅ ମାନଙ୍କର ପ୍ରଥମ ଚାହାଣି ବିନିମୟ ହେଉଥାଏ ଉଭୟ ପାର୍ଶ୍ୱକୁ ଓ ତା'ପରେ ସ୍ମିତହାସ୍ୟ ସହ କୌତୁହଳ ମିଶ୍ରିତ କିଛି କ୍ଷୀଣ ଗୁଞ୍ଜରଣ। ହଠାତ୍ ଏକ ନସ୍ତବ୍ଧତା... ରସାୟନ ବିଜ୍ଞାନର ଅଧ୍ୟାପକଙ୍କ ଆଗମନରେ। ସହର୍ଷ ଅଭିବାଦନ ବିନମୟପରେ

ISSN NO.
2582-208X

ଉପସ୍ଥାନ ନଆଗଲା, ବେଶ୍ ଏକାଗ୍ରତାର ସହ ଅପେକ୍ଷା କରିଥାଆନ୍ତୁ ନଜ ନଜର ଅନୁକ୍ରମାଙ୍କକୁ ସମସ୍ତେ ଓ ଅଧ୍ୟାପକଙ୍କ ଉଚ୍ଚାରଣ ସହ ଉପସ୍ଥିତିର ସଗର୍ବ ସମ୍ମତି ସୂଚକ ବକ୍ତବ୍ୟଟିରେ ପ୍ରକମ୍ପିତ ହୋଇଉଠୁଥାଏ ଶ୍ରେଣୀଗୃହ। ୧୨୩ର ଉଚ୍ଚାରଣରେ ସମ୍ମତି ଜଣାଇ ଅନୁଶାସନର ଦାୟିତ୍ୱରୁ କ୍ଷଣିକ ବିରତି ନେବାକୁ ଯାଉଥିବା ବେଳେ ପରବର୍ତ୍ତୀ ଅନୁକ୍ରମାଙ୍କ ୧୨୫ରେ ସମ୍ବିତ୍ ର ଧ୍ୟାନ ଆକର୍ଷିତ ହେଲା ଅପରପାର୍ଶ୍ୱର ଏକ ସୁମଧୁର ଲଳତ୍ୟ ସ୍ୱର ଆଡକୁ..... ଆଃ ଏ ତ ସେଇ ଝିଅ ଯାହା ସହିତ କେବଳ କଛିକ୍ଷଣ ଆଗରୁ ତା'ର ଦୃଷ୍ଟି ମିଶିଥିଲା ୪୨ ଜଣ ଝିଅଙ୍କ ମଧ୍ୟରୁ! ଯୁଗ୍ମ ଅଯୁଗ୍ମ ସଂଖ୍ୟାର ଅଦଳବଦଳରେ (ଯୁଗ୍ମ ସଂଖ୍ୟାମାନ "ଏ" ଗ୍ରୁପ୍ ରେ ଏବଂ ଅଯୁଗ୍ମ ସଂଖ୍ୟାମାନ "ବି" ଗ୍ରୁପ୍ ରେ) ଏ କ'ଣ ଏକ ସାଧାରଣ ସଂଯୋଗ ମାତ୍ର ନା ଆଉକଛି ବିସ୍ମୟର ପରୋକ୍ଷ ଇଙ୍ଗିତ ?.....ମନେ ମନେ ପ୍ରଶ୍ନ କଲା ସମ୍ବିତ୍। ପରବର୍ତ୍ତୀ ଅନୁକ୍ରମାଙ୍କର ଉଚ୍ଚାରଣ ବାସ୍ ଏକ ପୁନରାବୃତ୍ତି ମନେକରି ତାକୁ ଉପେକ୍ଷାକରି କେବଳ ୧୨୫ ଅନୁକ୍ରମାଙ୍କର ସେଇ ଝିଅ ସହ ନର୍ନିମେଷ ଧ୍ୟାନ ସଂଯୋଗରେ ରହିଲା ଏକ ଅପୂର୍ବ ସମ୍ମୋହନରେ..... ପ୍ରତୀକ୍ଷା ଏକ ସମଭାବପନ୍ନ ଇସାରାର। ଧୈର୍ଯ୍ୟ କ୍ଷୀଣ ହେବାକୁ ଯାଉଥିଲେ ମଧ୍ୟ ତା'ପାଖରୁ କୈଣସି ପ୍ରତିକ୍ରୟା ମଳନଥିଲା ଏଯାଏଁ, ହେଲେ ବିଶ୍ୱାସର ବାଲିବନ୍ଧ କଣ ଆଶଙ୍କାର ଚହଲା ଛିଟାରେ ଭାଙ୍ଗିଯାଏ? ବୋଧହୁଏ ସେ ନଜ ଅନୁକ୍ରମାଙ୍କ ୧୨୩ କୁ ସମ୍ମତି ଦେବାବେଳେ ତା' ଅଜାଣତରେ ସେ ବି ନଶ୍ଚୟ ତାକୁ ଏହିଭଳ ପ୍ରତୀକ୍ଷାର ସମ୍ମୋହନୀ ପଲକରେ ଗୁହିଁଥିବ ଭାବି ମନେମନେ ପୁଲକତ ହେଲା ସମ୍ବିତ୍। ଆରମ୍ଭ ପର୍ବର ଅବସାନ ପରେ ପାଠପଢା ଗତିଶୀଳ ହେଲା ଶ୍ରେଣୀରେ, ଅଜୈବିକ (inorganic) ରସାୟନ ବିଜ୍ଞାନର ମୌଳକ ପର୍ଯ୍ୟାୟକରଣ (periodification of elements) । ପୂର୍ବ ପାଠର ଆଲୋଚନା ଆଳରେ ଅଧ୍ୟାପକ ମହୋଦୟ କ୍ଲୋରିନ୍ ର ଆଣବିକ ବସ୍ତୁତ୍ୱ (atomic mass) ପ୍ରଶ୍ନକଲେ ଓ ତକ୍ଷଣାତ୍ ଅନେକ ହାତ ଉଠିଥିଲା, ସମ୍ବିତ୍ ର ମଧ୍ୟ। ସମ୍ମୁଖ ଯୁଦ୍ଧରେ ସମର୍ପଣ କଲାପରି ମ୍ଳାନ ଦିଶୁଥାଏ ହାତ ଟେକି ନଥିବା ଛାତ୍ରଛାତ୍ରୀଙ୍କ ବଦନ ଓ ବିଜୟୋଲ୍ଲସିତ ସମ୍ରାଟଙ୍କ ପରି ସୁଦୀପ୍ତ ଦେଖାଯାଉ ଥାଆନ୍ତି ହାତ ଟେକି ଥିବା ଛାତ୍ରଛାତ୍ରୀମାନେ। ଦୁଇପାର୍ଶ୍ୱର ଚୌକି ମାନଙ୍କ ମଧ୍ୟ ଦେଇ ଥିବା ସିମେଣ୍ଟ ପାହାଚ ଚଢି ଚଢି ଅଧ୍ୟାପକ ଉପରକୁ ଉଠିଆସୁଥାଆନ୍ତି ହାତ ଟେକିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କାହାକୁ ଜଣେ ଉତ୍ତର ଦେବାକୁ ଚୟନ କରିବା ନିମିତ୍ତ, ସେମାନଙ୍କ ମଧ୍ୟରେ ବିସ୍ମୟ ଓ ଉତ୍କଣ୍ଠାର ପ୍ରତ୍ୟୟ ବଢାଇ। ହଠାତ୍ ସମ୍ବିତ୍ ବସିଥିବା ଧାଡି ପାଖରେ ଅଟକ ଗଲେ ସେ ଓ ଉଭୟ

ISSN NO.
2582-208X

ପାର୍ଶ୍ୱର ଛାତ୍ରଛାତ୍ରୀଙ୍କ ସହ ଚକ୍ଷୁ ସମ୍ମିଳତ କରି ଅକସ୍ମାତ୍ ୧୨୫ ଅନୁକ୍ରମାଙ୍କର ସେହି ଝିଅକୁ ତର୍ଜନୀରେ ଇଙ୍ଗିତ କଲେ। ସମଗ୍ର ଶ୍ରେଣୀ ବେସ୍ ଉତ୍ସାହର ସହ ସେହି ଝିଅଟି ଆଡକୁ ଗ୍ଭହିଁ ଥାଆନ୍ତ ସତ ହେଲେ ସମ୍ବିତ୍ ଅନୁଭବ କରୁଥାଏ ଦ୍ୱିଗୁଣ ଉତ୍ସୁକତା ଏବଂ ଏକ ଅବ୍ୟକ୍ତ ସନ୍ତୋଷବୋଧ ଯଦିଅ ସେ ଉତ୍ତର ଏଯାଏଁ କହିନଥାଏ। ୩୫.୫ ..... ଉତ୍ତର ଦେଲା ସେ ।

"ଖୁବ୍ ଉତ୍ତମ, ତୁମ ନାମ କଣ ଓ କେଉଁଠୁ ଆସିଛ? " ପ୍ରଶ୍ନ କଲେ ଅଧ୍ୟାପକ।" ଧନ୍ୟବାଦ ସାର୍, ମୋର ନାମ ସ୍ଥିତିପ୍ରଜ୍ଞା ଦାସ ଓ ମୁଁ ଭଦ୍ରକରୁ ଆସିଛି" ଉତ୍ତର ଦେଲା ସେ। ଏଥର ଅଧ୍ୟାପକ ସମସ୍ତଙ୍କୁ କରତାଳଦେଇ ସ୍ଥିତିକୁ ଉତ୍ସାହିତ କରିବାକୁ ନିର୍ଦ୍ଦେଶ ଦେଲେ ଓ ସମସ୍ତଙ୍କ କରତାଳରେ ମୁହୂର୍ତ୍ତଟି ବେସ୍ ସକରାତ୍ମକ ଉର୍ଜାରେ ଭରିଗଲା। ଶ୍ରେଣୀରେ ମୌଳିକ ମାନଙ୍କର ପର୍ଯ୍ୟାୟକରଣ ହେଉଥିଲାବେଳେ ସମ୍ବିତ୍ ର ସେହି କ୍ଷଣିକ ଅଭୀପ୍ସାର ଆବାହନ ପର୍ବକୁ ମିଳଯାଇଥିଲା ଏକ ମୌଳିକ ପରିଚୟ, ଯାହାକୁ ସେ ପର୍ଯ୍ୟାୟକ୍ରମେ ଭାବନାର ସାରଣୀରେ ସ୍ଥାନ ଦେଇଗ୍ଭଲିଥାଏ ଆଗକୁ ଆଗକୁ.....

ଶ୍ରେଣୀଗୃହରୁ ପ୍ରୟୋଗଶାଳା(laboratory), ପୁସ୍ତକଶାଳା(library) ଓ ମହାବିଦ୍ୟାଳୟ ପରିସରର ଅନେକ ସ୍ଥାନରେ ଏଥର ବହୁବାର ନିରବଚ୍ଛିନ୍ନ ସାମ୍ନାସାମ୍ନି ହୁଅନ୍ତ ସମ୍ବିତ୍ ଏବଂ ସ୍ଥିତିପ୍ରଜ୍ଞା, ହେଲେ ସଂସ୍କାର ଓ ସଂଭ୍ରମତାର ଲକ୍ଷ୍ମଣରେଖା ଡେଇଁ କେହି ଆଉ ପାହୁଣ୍ଡଟିଏ ବି ଆଗକୁ ବଢିପାରୁନଥାଆନ୍ତ। ସନ୍ତର୍ପଣର ଛୁଞ୍ଚିରେ କ'ଣ ସମ୍ପର୍କର ତୋରଣ ବୁଣାଯାଏ? ଅଜଣା ଏକ ଆତ୍ମୀୟତା ଆବୋରିନେଇଥିଲା ସମ୍ବିତ୍ ର ମନ ଓ ଚେତନାକୁ । ସ୍ୱାଭିମାନକୁ ସ୍ୱାହା କରି, ସମସ୍ତ ସଂକୋଚକୁ ଦୂରକରି ତାକୁ ହିଁ ଆଗକୁ ବଢିବାକୁ ହେବ ବୋଲି ମନେମନେ ସ୍ଥିରକଲା ସେ। ପରଦିନ ରସାୟନ ପ୍ରୟୋଗଶାଳାରେ (laboratory) ଅଧ୍ୟାପକଙ୍କ ଅମ୍ଳ (acid)ପରୀକ୍ଷାର ପ୍ରଦର୍ଶନ ପରେ ଛାତ୍ରଛାତ୍ରୀଙ୍କର ନିଜ ନିଜ ଅଭ୍ୟାସ କରିବାକୁ ଥାଏ, ସମ୍ବିତ୍ ଖୁବ୍ ସହଜ ଓ ସଫଳତାର ସହ ପରୀକ୍ଷଣ ସମାପ୍ତ କରି ଅପର ପାର୍ଶ୍ୱକୁ ଦୃଷ୍ଟିପାତ କରେ ତ ଦେଖିଲା ସ୍ଥିତିପ୍ରଜ୍ଞା ବେଶ୍ ବ୍ୟସ୍ତ ବିବ୍ରତ ହୋଇ ତା'ଆଡକୁ ଗ୍ଭହିଁ ରହିଛି ହେଲେ କିଛି କହିପାରୁନି। ସମ୍ବିତ୍ ତା'ର ମନୋଦଶା ପଢିପାରି, ତତକ୍ଷଣାତ ଅପରପାର୍ଶ୍ୱକୁ ଯାଇ ତିନୋଟି ଯାକ ପରୀକ୍ଷା ସମ୍ପୂର୍ଣ୍ଣ ଭାବରେ ପ୍ରଦର୍ଶନକଲା ଓ ତାକୁ ନିଜେ ପରୀକ୍ଷଣ କରିବାକୁ କହିଲା। ଏଥର ସ୍ଥିତିପ୍ରଜ୍ଞା ନିର୍ଭୁଲ ଭାବରେ ଅନାୟାସରେ ତିନୋଟିଯାକ ପରୀକ୍ଷଣକରି, ପରୀକ୍ଷା ନଳୀରେ ନିଜ ଅନୁକ୍ରମାଙ୍କ ଲେଖି, ପ୍ରୟୋଗଶାଳା ସହାୟକଙ୍କ

ISSN NO.
2582-208X

ପାଖରେ ସେସବୁକୁ ଜମାକରି ଆସିଲା । ସେତେବେଳକୁ ସମ୍ବିତ୍ ନିଜ ଟେବୁଲ୍ ପାଖକୁ ଫେରିଆସିଥାଏ, ସ୍ଥିତିପ୍ରଜ୍ଞା ତା' ପାଖକୁ ଆସି କହିଲା " ଧନ୍ୟବାଦ ସମ୍ବିତ୍, ମୁଁ ବହୁତ ଚକ୍ରଁତଥିଲି ମୋର କୌଣସିବି ପରୀକ୍ଷଣ ସଠିକ୍ ହେଉନଥିଲା ଓ ତୁମର ବ୍ୟବହାରିକ ପ୍ରଦର୍ଶନ ପରେ ବେଶ ସହଜରେ ସବୁ ଠିକ୍ ଠାକ୍ ଭାବରେ ହୋଇଗଲା..... ଅନେକ ଅନେକ ଧନ୍ୟବାଦ ତୁମକୁ ତୁମର ବହୁମୂଲ୍ୟ ସହଯୋଗ ପାଇଁ" । "ଆରେ ଏତେ ଧନ୍ୟବାଦ କଣପାଇଁ? ଅଧ୍ୟାପକ ଯେପରି କରିଥିଲେ ମୁଁ ତ ବାସ୍ ସେହିପରି କରିବାକୁ ଚେଷ୍ଟା କରିଥିଲି ଓ ସେଥିରେ ଆମେ ଦୁହେଁ ସଫଳବି ହେଲେ, ହଁ ତୁମେ ବୋଧହୁଏ କୌଣସି କାରଣବଶତଃ ଅଧ୍ୟାପକଙ୍କ ପ୍ରଦର୍ଶନକୁ ଧ୍ୟାନ ଦେଇନଥିବ । ବନ୍ଧୁତ୍ୱରେ ଏତେ ଔପଚାରିକତା କଣପାଇଁ? ".... ଖୁବ୍ ଉଦାରତାର ସହ କୃତଜ୍ଞତା ସ୍ୱୀକାର ପୂର୍ବକ ପରୋକ୍ଷଭାବରେ ନିଜର ପ୍ରେମ ଇସ୍ତାହାରକୁ ଜଣାଇଦେଲା ସମ୍ବିତ୍ । ପେଣ୍ଡୁଲମ୍ ଘଣ୍ଟାର ଇସାରାରେ ସରିଆସୁଥିଲା ସେଦିନର ନିର୍ଘଣ୍ଟ ହେଲେ ସମ୍ବିତ୍ ପାଇଁ ଆରମ୍ଭ ହେଇଯାଇଥିଲା ଜୀବନ ଯମୁନାରେ ପ୍ରେମର ଜୁଆର ।

କଳକା ପାଠାଗାର, କଫିଘର ଏବଂ ଉଦ୍ୟାନ ଆଦି ଏବେ ସାଜନ୍ତି ସମ୍ବିତ୍ ଓ ସ୍ଥିତିପ୍ରଜ୍ଞାର ମନଖୋଲା ଆଳାପର ନୀରବ ବିମୁଗ୍ଧ ସାକ୍ଷୀ । ଜୀବନବି ଏକ ନିଆରା ରଙ୍ଗମଞ୍ଚ, ଯହିଁ ନା ଜଣା ଥାଏ ନିଜର ସଂଳାପ ଅବା ପରବର୍ତ୍ତି ଦୃଶ୍ୟ । ସମ୍ପର୍କର ସେତୁଟିକୁ ସୁଦୃଢ଼ କରିବାକୁ ମନସ୍ଥ କରି ଫେବୃଆରୀ ୧୪ ଦିନ ପ୍ରଭାତରେ ସମ୍ବିତ୍ ରସାୟନ ବିଜ୍ଞାନର ଅବଧିପରେ ଏକ ନିବୁଜ ରଙ୍ଗୀନ ଲଫାପାରେ ନିଜର ବହୁଆକାଂକ୍ଷିତ ଉଚ୍ଛ୍ୱାସଟିକୁ ଚିତ୍ରିତକରି ଗୋପନରେ ରସାୟନ ବିଜ୍ଞାନ ଖାତାରେ ରଖି ସ୍ଥିତିପ୍ରଜ୍ଞା ପାଖକୁ ଯାଇ କହିଲା "ସ୍ଥିତି! ତୁମେ ମାଗିଥିବା କ୍ଲୋରିନ୍ ର ଆତ୍ମୀୟତା(affinity) ଏହି ଖାତାରେ ଅଛି, ଲେଖିସାରିବାପରେ ମୋତେ କାଲି ଫେରାଇ ଦେଲେ ଚଳିବ" । ଚିରାଚରିତ ଢଙ୍ଗରେ ଅଧରରେ ଏକ ସ୍ମିତ ହାସ୍ୟରେଖା ଫୁଟାଇ ସମ୍ମତି ଜଣାଇଥିଲା ସ୍ଥିତିପ୍ରଜ୍ଞା । ଦୀର୍ଘ ଦିନର ଉତକଣ୍ଠାର ଯବନିକା ପଡିବାକୁ ଯାଉଥିଲା ସମ୍ବିତ୍ ପାଇଁ, ମନ ଦିଗବଳୟରେ ଜମାଟ ବାନ୍ଧୁଥିଲେ ଘନ କୁହୁଡି, ହୁଏତ ଆସନ୍ତା ପ୍ରଭାତ ହେବ ଏକ ନୂତନ ଉଜ୍ଜ୍ୱଳ ଦିବସର ଅୟମାରମ୍ଭ ଅବା ଘୋଟିଯିବ ବିଷାଦର ଘନବାଦଲ । ସାରାରାତି ଉଜାଗରରେ ବିତାଇଦେଇ ପ୍ରତୀକ୍ଷାର ରୋଷଣୀରେ ଥାଏ ସମ୍ବିତ୍ ର ଉତ୍ତପ୍ତ ଓ ଉତ୍ତେଜିତ ହୃଦୟ । ପରଦିନ ରସାୟନ ପୟୋଗଶାଳାରେ ଅନୁମାପନ (titration) ଶ୍ରେଣୀରେ ଦେଖାହୁଏ ଦୁହିଁଙ୍କର ହେଲେ ପରୀକ୍ଷା

ISSN NO.
2582-208X

ନଳୀରେ କଳା ଅପକ୍ଷେପ( **precipitate)** ପରି ମଳିନ ଦେଖାଯାଉଥାଏ ସ୍ଥିତିପ୍ରଜ୍ଞାର ସଦା ପ୍ରସ୍ଫୁଟିତ ମୁଖମଣ୍ଡଳ ଓ ଏକ ଅତୁଟ ନିସ୍ତେଜତା ବାରିହୋଇ ପଡୁଥାଏ ତାଲୁରୁ ତଳପାଯାଏ। ବେଶ୍ ବୁଝିନେଲା ସମ୍ବିତ୍ ତାର ପ୍ରତିଫଳନ ମନର ଦର୍ପଣରେ, ଆଉ ଥରେ ନଜର ମିଳାଇବାକୁ ଇଚ୍ଛାକରିନି ସେ। ସମସ୍ତ ଜଡତ୍ୱକୁ ଭଙ୍ଗକରି ଗ୍ରନ୍ଥାଗାରରେ ସେଦିନ ସମ୍ବିତ୍ କୁ ଭେଟି କୌଣସି ଶବ୍ଦ ବିନିମୟରେ ତା'ର ଖାତାଟିକୁ ଫେର୍ାଇ ଦେଇ ଚାଲିଗଲା ସ୍ଥିତିପ୍ରଜ୍ଞା, ଚାହିଁ ମଧ୍ୟ ପଛରୁ ଡାକି ପାରିଲାନି ତାକୁ ସମ୍ବିତ୍, ସତେଅବା ଏକ ଅପ୍ରତ୍ୟାଶିତ ଝଡ଼ରେ ତାର ଅସ୍ତିତ୍ୱ ନିଶ୍ଚିହ୍ନ।

କିଛିକ୍ଷଣର ନୀରବତା ପରେ ଛାତ୍ରାବାସ କୋଠରୀର ଏକାନ୍ତରେ କିଛି ସାହାସ ଠୁଳକରି ସେହି ଖାତାଟିକୁ ଖୋଲିଲା, ଖସି ପଡିଲା ତାର ସେହି ନିଜସ୍ୱ ଚିଠି ଖଣ୍ଡିକ, ତା'ର ପ୍ରଥମ ପ୍ରେମର ନିବିଡ ଆଶ୍ଳେଷ ଟିକକ, ହେଲେ ଏବେ ଏକ ମୂଲ୍ୟହୀନ ଅଗ୍ରାହ୍ୟ ସମ୍ପର୍କର ସ୍ୱୀକାରୋକ୍ତି ମାତ୍ର । ହେଲେ ଏ କ'ଣ? ତା ଚିଠିର ଲଫାପା ଭିତରେ ଆଉ ଏକ ଛୋଟ ଚିଠି ଯାହା ତା'ର ହସ୍ତାକ୍ଷର ନୁହଁ! ଅପ୍ରମିତ ଉତ୍ସାହର ସହ ଚିଠିଟିକୁ ଖୋଲି ପଢିଲା...... " ସମ୍ବିତ୍! କ୍ଷମା କରିବ, ଯେଉଁ ସାହାସର ସହିତ ତୁମେ ତୁମ ହୃଦୟର ଉଚ୍ଛ୍ୱାସଟିକୁ ମୋ ପାଇଁ ଲେଖି ପାରିଲ ତାହା ମୋ କ୍ଷେତ୍ରରେ ଚାହିଁଲେ ବି ସମ୍ଭବ ନୁହଁ। ଗରିବ ପରିବାରର ଗୁରୁ ଦାୟିତ୍ୱ ସଙ୍ଗକୁ ପିତାଙ୍କର ସୁଉଚ୍ଚ ସ୍ୱାଭିମାନ ହିଁ ମୋର ଅଭିମାନ। ସେ ପରିପ୍ରେକ୍ଷୀରେ ପ୍ରେମ ପ୍ରୀତିର ହୃଦୟଙ୍ଗମ ମୋ ଜିଜ୍ଞାସାର ପରିଧି ବହିର୍ଭୂତ। ହଁ ବନ୍ଧୁତ୍ୱର ପରିଭାଷା ଠିକ୍ ସେ ଜାଣିନଥିଲେ ମଧ୍ୟ ବେଶ କମ୍ ଦିନରେ ତୁମ ସଂସ୍ପର୍ଶରେ ଆସି ଅନୁଭବ କରୁଥିଲି, ହେଲେ କେତେବେଳେ ତାହା ତୁମ ହୃଦୟରେ ପ୍ରେମର ଆଭାସ ଆଣିଦେଲା ଜାଣିପାରିଲିନି। ଆଶାକରେ ଯେଉଁ ନିଷ୍ପାପ ନିରୀହତାର ଆଶ୍ଳେଷ ନେଇ ତୁମେ ଦିନେ ପ୍ରଥମଥର ପାଇଁ ଦେଖିଥିଲ ଓ ପ୍ରୟୋଗଶାଳାରେ ସାହାଯ୍ୟ କରୁଥିଲ ସେହି ମନରେ ଏକାନ୍ତରେ ଆଉଥରେ ମୋ ସ୍ଥିତିକୁ ଅନୁଭବ କରି ମୋତେ ଭୁଲ୍ ବୁଝିବନି। ପରୀକ୍ଷାରେ ଅପାର ସଫଳତା ଓ ଏକ ସମୁଜ୍ଜ୍ୱଳ ଭବିଷ୍ୟତ ତୁମର ଧ୍ୟେୟ ହେଉ...... ସ୍ଥିତି "।

ପାପୁଲିରୁ ପାରଦ ଗଳପଡିଲାପରି ପ୍ରୀତି ପୁଷ୍ପ ତା'ର ମରୁତୃଷ୍ଣାରେ ମଉଳିଗଲା। ନିଷ୍ପାପ ମନର ପ୍ରେମ ପ୍ରୟାଗରେ ତର୍ପଣ କଲା ସବୁ ଜିଜିବିଷା। ସ୍ୱାଭିମାନର ସୂତା ଖିଅରେ ଝୁଲୁଥାଏ ପ୍ରେମଚଢେଇର ବସା, ଥରେ ଛିଡିଲେ ଅସ୍ତିତ୍ୱର ଚିହ୍ନ ବର୍ଣ୍ଣ ରହେନା। ଅକସ୍ମାତ

ISSN NO.
2582-208X

ଏହି ମାନସିକ ଦୁର୍ଘଟଣା ପରେ ସମ୍ବିତ୍ ଫେରିପାଇଲା ତା'ର ପ୍ରାଥମିକତା ଏବଂ ବେଶ ପରିପକ୍ୱତାର ସହ ବନ୍ଧୁତ୍ୱ ଓ ଜୀବନର ଦାୟିତ୍ୱମାନ। ସମ୍ମୋହନର ବୀଣାଝଂକାର ନିମିଷକେ ବଦଳଗଲା ନିରୁତା ସମ୍ବେଦନଶୀଳତାର ଔପଗ୍ରରିକତାରେ। ତା'ପରେ ବେଶ ସାମୟିକ ମିଳାମିଶା ଓ କଥୋପକଥନରେ ସହଜ ହୋଇଛି ପରସ୍ପରର ନିଜସ୍ୱ ଜୀବନ। ଗତାନୁଗତିକ ଭାବଧାରାରେ ଭୁଲିଯାଇଛନ୍ତି ନିକଟ ଅତୀତର ସେହି ଘଟଣାକୁ, ବିତିଯାଇଛି ବର୍ଷ ପରେ ବର୍ଷ, ଜମି ଯାଇଛି ନେଳ ସ୍ମୃତିର ଆବରଣ ହୋଇ।

ବାସ୍ତବତାକୁ ଫେରିଲା ଏବେ ସମ୍ବିତ୍, ମନ ଝରକାରେ ଦୀର୍ଘ ପାଞ୍ଚ ବର୍ଷ ତଳର ସ୍ମୃତି ମନ୍ଥନକରି। ପୁନର୍ବାର ମୋବାଇଲ୍ ରେ ହ୍ୱାଟସ୍ଅପ୍ ଖୋଲି ଗ୍ରୁପ୍ ରେ ବନ୍ଧୁମିଳନର କାର୍ଯ୍ୟସୂଚୀ ଖୋଜି ପୁଲକିତ ହେଲାଯେ ତାହାଥିଲା ଆସନ୍ତା ସପ୍ତାହର ଫେବୃଆରୀ ୧୪ ତାରିଖ, ପୁଣି ସେଦିନପରି ଆଉଏକ ଭ୍ୟାଲେଣ୍ଟାଇନସ୍ ଦିନ! ଏଥର ଗ୍ରୁପ୍ ସୂଚନାକୁ ଯାଇ ପୁଣିଥରେ ଖୋଜିନେଲା ସ୍ଥିତିପ୍ରଜ୍ଞାର ନମ୍ବର ଓ ଉନ୍ମାଦିତହୋଇ ସୁରକ୍ଷିତ କରିନେଲା ମଧ୍ୟ। ବାରମ୍ବାର ସ୍ଥିତିପ୍ରଜ୍ଞା ପାଖରୁ ଆସିଥିବା ବାର୍ତ୍ତାଟିକୁ ପଢି ଶିହରୀ ଉଠୁଥାଏ ସମ୍ବିତ୍। ଉତ୍ସାହବଶତଃ ମୁଖପୁସ୍ତକରେ ମଧ୍ୟ ସ୍ଥିତିପ୍ରଜ୍ଞାର ରୂପରେଖ ପଢିନେଇ ଆଶ୍ୱସ୍ତ ହେଲାଯେ ତା'ପରି ସେ ମଧ୍ୟ ଏଯାଏ ଆଉ କାହା ସହ ନିବିଡ଼ ବନ୍ଧୁତ୍ୱର ଡୋରିରେ ଛନ୍ଦିହୋଇନାହିଁ। ଉତ୍କଣ୍ଠାର ଚରମସୀମାରେ ଉପନୀତ ହୋଇ ସ୍ଥିତିର ବାର୍ତ୍ତାରେ ଉତ୍ତରବି ଦେଇଦେଲା......" ସ୍ଥିତି! ବିସ୍ମୟର ଧୂଳଝଡ ପରି ତୁମ ବାର୍ତ୍ତା ପାଇଲି। ଲାଗୁଛି ଯେମିତି ପ୍ରତ୍ୟାଖ୍ୟାନର ସେଦିନର ଶବ୍ଦ ଏବେ କାଳର କସଟିରେ ସଞ୍ଜା ହରାଇ ଆମନ୍ତ୍ରଣର ପ୍ରତିଧ୍ୱନି ହୋଇ ଫେରି ଆସିଛି। କିଛି ସମୟ ବିତିଯାଇଛି ନିଶ୍ଚୟ, ହେଲେ ମୋର ପ୍ରତୀକ୍ଷା ଆଜିବି ପୁନର୍ଜୀବିତ ବରଂ ଦ୍ୱିଗୁଣିତ ଆଜି ସ୍ପନ୍ଦନ ତୁମର ସମ୍ମତି ଜାଣିବା ପାଇଁ। ହଁ ଜାଣି ଖୁସିହେବ ତୁମର ସେଦିନର ମୋ ଭବିଷ୍ୟତ ପାଇଁ ଶୁଭେଚ୍ଛା ଫଳପ୍ରଦ ହୋଇଛି, ମୁଁ ରସାୟନ ବିଜ୍ଞାନରେ କନିଷ୍ଠ ବୈଜ୍ଞାନିକ ରୂପେ ଭାବା ଆଣବିକ କେନ୍ଦ୍ରରେ ନିଯୁକ୍ତ ପାଇଛି। ତୁମ ବିଷୟରେ ତୁମ ମୁହଁରୁ ସାମ୍ନା ସାମ୍ନି ଶୁଣିବାକୁ ଅସ୍ଥିର। ଏଥର ଭ୍ୟାଲେଣ୍ଟାଇନସ୍ କୁ ଅପେକ୍ଷାରେ ରହିଲି ବନ୍ଧୁମିଳନର ଆସରକୁ ଗ୍ରହିଁ........ ସମ୍ବିତ୍" । ସେପଟରୁ ତୁରନ୍ତ ସାଙ୍କେତିକ ଉତ୍ତର ଫେରିଲା .....

ISSN NO.
2582-208X

ବୀଜଗଣିତରେ ବଦଳା ଚଳନପରି ଗୋଟିଏ ପରିବର୍ତ୍ତିତ ମୁହୂର୍ତ୍ତହିଁ ଓଲଟପାଲଟ କରିଦିଏ ଜୀବନର ସମୀକରଣ। ଲମ୍ବା ଅନ୍ତରାଳ, ପ୍ରତୀକ୍ଷାର ପାହାଡ ଡେଇଁ ଏବେ ସମ୍ଭାବନାର କଅଁଳ ଖରା ଟିକଏ ଉଇଁଛି। ରେଭେନ୍ସା ଉଦ୍ୟାନରେ ଫେବୃଆରୀ ୧୪ର ବାତାବରଣ ଆଜି ବନ୍ଧୁମିଳନର ଉତ୍ସାହରେ ମୁଖରିତ। ସମ୍ବିତ୍ ର ନଜର ଅଟକଥାଏ ମୁଖ୍ୟ ତୋରଣରେ, ହଠାତ୍ ଦୃଷ୍ଟିଗୋଚର ହେଲା ସେହି ସମ୍ମୋହନୀ ଆଭା, ସତେ ଅବା ଦୂର ଦିଗବଳୟରେ ଉଦିତ ଭାନୁର କନକ ଆଭା ବିଚ୍ଛୁରିତ ହୋଇଯାଉଛି! ସ୍ମିତି ହସ ହସ ମୁଖରେ ପ୍ରଥମେ ଧାଇଁ ଆସିଲା ସମ୍ବିତ୍ ଆଡକୁ ଓ ଏକ ନିବିଡ଼ ଆଲିଙ୍ଗନରେ ତୋଳଧରିଲା ତାକୁ। କାନ ପାଖରେ ଫିସ୍ ଫିସ୍ ହୋଇ କହି ଉଠିଲା " **Happy Valentine's Day Sambit !** "ହଠାତ୍ ସମସ୍ତଙ୍କର କର ତାଳରେ ପ୍ରକୃତିସ୍ଥ ହେଲେ ଦୁଇଜଣ, ଗୋଲାପ ବୃଷ୍ଟି ସହ ମିଳିତ କଣ୍ଠରେ ଅଭିନନ୍ଦନର ମୃଦୁ ସଙ୍ଗୀତ ଭାସିଆସୁଥିଲା ନେପଥ୍ୟରୁ। ବନ୍ଧୁମିଳନର ଆସର କ୍ରମଶଃ ଆତ୍ମୀୟ ହୋଇଉଠୁଥାଏ। ସମାପନ ଉତ୍ସବରେ ସବୁ ପ୍ରେମୀଯୁଗଳଙ୍କୁ କେଇପଦ ସଂଭାଷଣ ଦେବାକୁ ହେଉଥାଏ। ସ୍ମିତପ୍ରଜ୍ଞା ସମ୍ବିତ୍ କୁ ମାଇକ୍ରୋଫୋନ୍ ଧରାଇଦେଲା, ଦୁହେଁ ହାତଧରାଧରି ହୋଇ ମଞ୍ଚ ଉପରକୁ ଉଠିଗଲେ ଓ ସମ୍ବିତ୍ ସ୍ମିତି ଆଡକୁ ଥରେ ଚାହିଁ ସ୍ୱୀକାରୋକ୍ତି କରିବାକୁ ଉଦ୍ୟତ ହେଲା ……….” ସାମୟିକ ସମ୍ମୋହନ ନୁହଁ ପ୍ରେମ, ବରଂ ଏକ ଆତ୍ମୀକ ଆବେଗିକ ଆଶ୍ଳେଷ….. ଏକ ଅତିନ୍ଦ୍ରିୟ ଇଚ୍ଛାରଣ ଯାହା କେବେ ସରେ ନା ଲିଭେ”।

ମଞ୍ଜୁରୀ ରୋଉ୍ଡ଼, ଭଦ୍ରକ
ଦୂରଭାଷ – ୯୮୯୦୮୫୧୪୨୭

ISSN NO.
2582-208X

# ଘରକୁ ଯୋଡିବା ଶିଖ




ଜଗଦୀଶ ସାହୁ

ଅସ୍ଥାୟୀ ଜୀବନ ପାଇଁ ମୂଢ ମନ
ଭୁଲି ନିଜ ପରିବାର
ଗାଁ ଛାଡିଦେଇ ଭଡା ଘର ନେଇ
ରହେ ପତ୍ନୀ ସଙ୍ଗତର !
ସେହି ଏକା ଜଣେ  ମନ ତା'ର ଜିଣେ
ହୃଦୟରେ କରି ବାସ
ଆପଣାଇ ଯେତେ ଥିଲେ ତା' ସଙ୍ଗତେ
ସ୍ୱାର୍ଥପର ଅମଣିଷ !
ବାପା ମାଆ ତୁଲ ନୁହେଁ କେହି ଭଲ
କହିଥିଲା ଦିନେ ଯିଏ
ଶାଶୁ ଓ ଶ୍ୱଶୁର ପାଦେ ମନ ତା'ର
ସମର୍ପି ଦେଇଛି ସିଏ !
ସୁନା ପୁଅ ହୋଇ ନପାରିଲା ସେହି
ଭଲ ଜ୍ୱାଇଁ ହେବା ପାଇଁ
ପ୍ରସ୍ତୁତ ହେଉଛି ସାଧନା କରୁଛି

ISSN NO.
2582-208X

ଶ୍ୱଶୁର ଘର କୁ ଧାଇଁ !
ଦୁନିଆର ନିତି ହୋଇଛି ଏମିତି
ରକତ ହେଉଛି ପର
ଶତ୍ରୁ ହୁଏ ଭାଇ  ଶଳା ମିତ ହୋଇ
ଶାଳୀ ବାନ୍ଧେ ରାକ୍ଷୀ ଡୋର !
ଘରଭଙ୍ଗା ରୀତି ନୁହଁ ଭଲ ଗତି
ଘରକୁ ଯୋଡିବା ଶିଖ
ଯୋଡିଦେଲେ ଘର ହେବ ସ୍ୱର୍ଗ ପୁର
ସଭିଏଁ ପାଇବେ ସୁଖ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,759128
ମୋ :-9078185616

ISSN NO.
2582-208X

# ଶୈଶବ



ମନୋରମା ମହାନ୍ତ

କେତେ ମନୋଲୋଭା
ଶୈଶବ ମୋର
ପାରୁନ ତାକୁ ମୁଁ ଭୁଲି !
ବେଳ ଅବେଳରେ
ପଶି ଆସେ ମୋର
ମନର ଦରଜା ଖୋଲି!
ନିରୋଳା ରେ କେବେ
ବସି ଯଦି ମୁହିଁ
ମୋ ନିଜକୁ ଖୋଜୁଥାଏ !
ଶୈଶବର ସେଇ
ମଧୁର ସ୍ମୃତିରେ
ମନ ମୋର ହଜିଯାଏ !!

ISSN NO.
2582-208X

# ମାଁ



ମୋନାଲିସା ପାଣିଗ୍ରାହୀ

ମାଁ ପରି କିଏ ହେବରେ
ସେତ ଜଗତ ଜନନୀ ମାଁ ସମଲେଶ୍ୱରୀ
ହେଉ କି
ହେଉ ଜନମ ଦାୟିନୀ ମାଁ
ଏ ସଂସାରେ ମାଁ ର ସ୍ଥାନ ସବୁଠୁ ଉଚ୍ଚ ।

ମାଁ ଟି ମୋର ଅତି ନିଜର
ନ ଜାଣେ ସେ ଛନ୍ଦ କପଟ
ଜାଣେ ନାହିଁ ସେ ପର ଆପଣା
ତା ପାଇଁ
ଶିଶୁ ସବୁଠୁ ଆଗ, ସବୁଠୁ ପ୍ରିୟ ।

ମାଁ ର ସ୍ନେହ ଆଦର ସବୁଠୁ ବଡ଼
ସେତ ଦଶ ମାସ ନିଜ ଗର୍ଭରେ ଧରି
ଦିଏ ଜନମ କେତେ ଆଦରରେ
ମାଁ ଟି ମୋର ମମତାମୟୀ, ସ୍ନେହର ଭଣ୍ଡାରୀ
ମାଁ ପରି କିଏ ହେବରେ ।

ISSN NO.
2582-208X

ମାଁ ଟି ଆମର ତ୍ୟାଗର ଦେବୀ
ପ୍ରେମର ପୂଜାରିଣୀ
ମାଁ ପ୍ରେମରେ ନାହିଁ ଯେ ସ୍ୱାର୍ଥ, ନାହିଁ
ଶ୍ରୀ ରାଧାକୃଷ୍ଣ ଙ୍କ ପ୍ରେମରେ
ମାଁ ପରି କିଏ ହେବରେ ।

ନାହିଁ ମୋର କଲମ, ନାହିଁ ମୁଁ ସକ୍ଷମ
ମାଁ ଅକ୍ଷର ମୂଳ ଲେଖିବାକୁ
ମାଁ ର ଋଣ କିଏ ବା ସୁଝି ପାରେ
ମାଁ ତ ସଂସାର ପାଲିନି ଜଗତ ଜନନୀ
ତା ପରି କିଏ ହେବରେ , ମାଁ ! ମାଁ !

ନନ୍ଦପଡ଼ା, ସମ୍ବଲପୁର

ISSN NO.
2582-208X

# ନନ୍ଦିନୀ ଢାବା



ଅଧର ବିଶ୍ୱାଳ

ଆରେ ଟିମା ତୋ କାନ କଣ ଫୁଟିଯାଇଛି ନା କଣ, ସେ ଯୋଗନୀଖିଆ ପା ସେତିକିବେଳୁ ଚ଼ିଲୋଉଛି, ଦେଖ ତା ଚିକେନ ହେଲାଣି କି ନାହିଁ । ପଛ ପଟ ଟେବୁଲର ଅର୍ଡ଼ର ନେଇଆ। ଆଠ ନମ୍ବର ଟେବୁଲରେ ରୁଟି ତଡକା ଦେ ।

ନନ୍ଦିନୀ ଢାବାର ଏ ହେଉଛି ନିତିଦିନିଆ ଘଟଣା । ଜାତୀୟ ରାଜପଥ କଡରେ ଢାବାଟି ହୋଇଥିବାରୁ, ଟ୍ରକ ବସ ର କର୍ମଚାରୀ ଓ ଯାତ୍ରୀ ମାନଙ୍କର ଭିଡ ସବୁବେଳେ ଲାଗିଥାଏ । ବିଶେଷକରି ସନ୍ଧ୍ୟା ଆଠଟାରୁ ରାତି ବାରଟା ପର୍ଯ୍ୟନ୍ତ । ଆଜି ଦିନ ଭରି ବସ ଓ ଟ୍ରକ ମାନଙ୍କର ଷ୍ଟ୍ରାଇକ ଥିଲା ତେଣୁ ଆଜି ସନ୍ଧ୍ୟାରେ ଟିକେ ବେଶୀ ଭିଡ । ଢାବାର ମାଲିକ ନନ୍ଦିନୀ । ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗେ, ନନ୍ଦିନୀ ଝିଅ ହୋଇ କେମିତି ଢାବା ଚଲାଉଛି । ଆଶ୍ଚର୍ଯ୍ୟ ଲାଗିବା ବି ସ୍ୱାଭାବିକ । କାହିଁକିନା ରାତିରେ ମଦୁଆ ମାତାଲଙ୍କ ଦୌରାତ୍ମ୍ୟ ବେଶୀ, କିନ୍ତୁ ନନ୍ଦିନୀର ଏ ସବୁକୁ ଖାତିରି ନଥାଏ । ଏମାନଙ୍କୁ ସାମନା କରି କରି ନନ୍ଦିନୀର ସ୍ୱଭାବ ରୁକ୍ଷ ହୋଇଗଲାଣି । ଭଦ୍ର ଲୋକଙ୍କ ପାଇଁ ନନ୍ଦିନୀର ବ୍ୟବହାର ବହୁତ ଭଦ୍ର, ହେଲେ ଟିକେ ତେଢ଼ାମେଢ଼ା ହେଲେ ସେ କାହାରିକୁ ଛାଡେନା ।

ବହୁତ ଟ୍ରକ ଓ ବସ ଡ୍ରାଇଭରଙ୍କୁ ତ କାଠ ଫାଳିଆରେ ବାଡ଼େଇଛି । ନନ୍ଦିନୀକୁ କିଏ ଦିଦି ଡାକେ, କିଏ ଅପା ଡାକେ କେହି କେହି ନାଁ ଧରି ନନ୍ଦନୀ ମଧ୍ୟ ଡାକନ୍ତି । ଥରେ କାଳିଆ ଡ୍ରାଇଭର ଚାନ୍ଦିନୀ ଡାକି ଥାପଡ଼ ବି ଖାଇଛି । ତେଣୁ ନନ୍ଦିନୀ ସାଙ୍ଗରେ କଥା ହେଲାବେଳେ

ISSN NO.
2582-208X

ସମସ୍ତେ ମାପିଚୁପି କଥା ହୁଅନ୍ତି । ନନ୍ଦିନୀ ସବୁ ଟ୍ରକ ଓ ବସ ଡ୍ରାଇଭରଙ୍କୁ ନାଁ ଧରି ଡାକେ, ତୁ ତା କରେ, କିନ୍ତୁ 'ମହାରାଜା' ବସ ର ଡ୍ରାଇଭରକୁ ଟୁକୁନା ବାବୁ ବୋଲି ଡାକେ। ବେଳେବେଳେ ତା ସହିତ ସୁଖ ଦୁଃଖ ବି ହୁଏ । ଟୁକୁନା ଆସି ଟେବୁଲରେ ବସିଲା ମାତ୍ରେ, ନନ୍ଦିନୀ ପିଲାଙ୍କୁ କହି ତା ତରଫରୁ ଅର୍ଡ଼ର କରିଦିଏ । ଟୁକୁନା ପଇସାଦେଲେ ନନ୍ଦିନୀ ଗଣେନା, ସେଇଭଳି ବାକ୍ସ ଭିତରେ ପୁରାଇଦିଏ ।

ନନ୍ଦିନୀ ପରିବାରରେ କିଏ ସବୁ ଅଛନ୍ତି କେହି ବି ଜାଣି ନାହାନ୍ତି । କେହିବି ତାକୁ ପଚାରନ୍ତି ନାହିଁ, ସେ ବି କାହାକୁ କିଛି କୁହେନା । ନନ୍ଦିନୀକୁ ପନ୍ଦର ବର୍ଷ ବେଳେ ତା ମା ଚାଲିଗଲା। ବାପା କେବେ ଯାଇଛନ୍ତି ତାକୁ ଜଣାନାହିଁ । ନନ୍ଦିନୀ ତଳକୁ ଦୁଇ ଭାଇ। ମା ପର ଘରେ କାମ କରି ତିନି ତିନିଟି ପିଲାଙ୍କୁ ପୋଷୁଥିଲା । ମା ଗଲା ପରେ ଏ କାମ ନନ୍ଦିନୀକୁ କରିବାକୁ ପଡିଲା । କିନ୍ତୁ ଦୁଇ ଭାଇଙ୍କୁ ପଢ଼ିବା ପାଇଁ ସମ୍ବଳ ହେଲା ନାହିଁ, ତେଣୁ ନନ୍ଦିନୀ ରାସ୍ତା କଡରେ ଚା ଦୋକାନଟିଏ କଲା । ଧୀରେ ଧୀରେ ବରା ପିଆଜି ଓ ଜଳଖିଆ ମଧ୍ୟ କଲା । ଦୋକାନଟି ଭଲ ଚାଲିଲା । ସାନ ଭାଇଟି ଭଲ ପଢେ, କିନ୍ତୁ ମଝିଆଁ ଟାର ବିଲକୁଲ ପାଠ ନାହିଁ । ବହୁତ ବଦମାସି କରେ । ସାନ ଭାଇକୁ ଇଞ୍ଜିନିଅରିଂ ପଢ଼ାଇବା ପାଇଁ ଘରବାଡ଼ି ଦୁଇଗୁଣ୍ଠ ବିକ୍ରି କରିଦେଲା । ସେତିକିରେ ବି ପଇସା ଅଣ୍ଟିଲାନି, ତେଣୁ ଚିନ୍ତାକଲା ବ୍ୟବସାୟ ବଢାଇବାକୁ । ମନରେ ସାହସ ବାନ୍ଧି ଜାତୀୟ ରାଜପଥ କଡରେ ଢ଼ାବା ଟିଏ କଲା, ଯାହାର ନାଁ ହେଲା ନନ୍ଦିନୀ ଢାବା ।

ଢାବାରୁ ବହୁତ ପଇସା ରୋଜଗାର କଲା । ଭାଇକୁ ସହରରେ ଇଞ୍ଜିନିଅରିଂ ପଢ଼ାଇଲା । ଭାଇ ଭଲ ଚାକିରୀ ମଧ୍ୟ କଲା। କିନ୍ତୁ ମଝିଆଁ ଭାଇର ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇଲା । ପିଆ ପି କରି ସବୁବେଳେ ଗଣ୍ଡଗୋଳ କଲା । କେତେଥର ନନ୍ଦିନୀ ନିଜେ ଯାଇଁ ଥାନା ରୁ ମଧ୍ୟସ୍ଥି କରି ମୁକୁଳେଇଚି । ବହୁତ ଥର ପଇସା ନେବା ପାଇଁ ନନ୍ଦିନୀ ପାଖରେ ଜୁଲମ କରେ । ଯେଉଁଦିନ ନନ୍ଦିନୀକୁ ଚାପୁଡ଼ାଟାଏ ମାରିଲା, ନନ୍ଦିନୀ ଛି କରିଦେଲା, ଆଉ ତା ଖବର ରଖିଲାନି। ଏବେ କେଉଁ ଏକ କେଶରେ ଜେଲରେ ଅଛି । ସାନ ଭାଇ ଚାକିରୀ କରିବାର ଦୁଇ ତିନି ବର୍ଷ ପର୍ଯ୍ୟନ୍ତ ନନ୍ଦିନୀକୁ ବହୁତ ଖୋଜିଲା, ବେଳେ ବେଳେ ପଇସା ମଧ୍ୟ ପଠାଏ, କିନ୍ତୁ ନନ୍ଦିନୀ ମନାକରେ, ମତେ କଣ ପଇସା ପଠାଉଛୁ, ମୋର କଣ ଅଭାବ ଅଛି, ପଇସା ରଖ, ତୋ ବାହାଘର ବଡ ଧୁମ ଧାମ ରେ କରିବା । ହଠାତ କଣ

ISSN NO.
2582-208X

ହେଲା କେଜାଣି ଭାଇ ଆଉ ଚିଠି ପତ୍ର ଦେଲାନି କି, ଆସିଲାନି । ନନ୍ଦିନୀ ବହୁତ ଖୋଜାଖୋଜି କଲା, କିନ୍ତୁ ଭାଇର ଠିକଣା ପାଇଲନି । ମନକୁ ପାପ ଛୁଇଁଲା, ମନ୍ଦିର ଯାଇଁ ଠାକୁରଙ୍କୁ ମୁଣ୍ଡିଆ ମାଇଲା, ମାନସିକ କଲା, ମୋ ଭାଇ ଯେଉଁଠିବି ଥାଉ ଭଲରେ ଥାଉ । ଆ ଭିତରେ ବହୁତ ଦିନ ବିତି ଯାଇଛି, କିନ୍ତୁ ଭାଇର ଅତା ପତା ପାଇନି । ଭାଇ କଥା ବହୁତ ମନେ ପଡେ, ମୁହଁ ଲୁଚାଇ କାନ୍ଦେ, ନିଜର ବୋଲି ଆଉ କେହି ନାହାନ୍ତି । ନନ୍ଦିନୀକୁ ଚାଳିଶି ବର୍ଷ ହେଲାଣି, ସଂସାର କରିବା ବୟସରେ ଭାଇ ମାନଙ୍କ ପାଇଁ ଜୀବନ ଯୌବନ ସବୁ ଉଜାଡିଦେଲା । ଭାଇ ମାନଙ୍କୁ ବାଦ ଦେଇ ନନ୍ଦିନୀର ଜୀବନ ଶୈଳୀ ସ୍ୱାଭାବିକ ଚାଲିଛି । ତଥାପିବି ଭାଇମାନଙ୍କର ଆସିଲା ବାଟକୁ ଚାଇଁ ରହିଛି ।

ଆଜି କାଳ ବୈଶାଖୀ ଟା କୁଆଡେ ଥିଲା କେଜାଣି ଅଚାନକ ମାଡି ଆସିଲା । ବର୍ଷା ସାଙ୍ଗକୁ କୁଆ ପଥର ଛେଚିଦେଇଗଲା, ପୁଣି ସନ୍ଧ୍ୟା ବେଳକୁ ପାଗ ଯୋଉ ଶୁଖିଲାକୁ ସେଇ ଶୁଖିଲା। ରାତି ପ୍ରାୟ ଆଠଟା ହେବ, ଢାବାରେ ଭିଡ ଜମି ଆସିଲାଣି । ହଠାତ ଟିମା ଦୌଡ଼ି ଦୌଡ଼ି ଆସି କହିଲା, ଦିଦି ଦିଦି, ପଛ ଟେବୁଲରେ ଯେଉଁ ଫ୍ୟାମିଲି ବସିଥିଲେ, ଅର୍ଡର କରି ନଖାଇ ପଳାଇଯାଉଛନ୍ତି । ନନ୍ଦିନୀ ପଚାରିଲା କଣ ଦେବାରେ ଡେରି ହେଲାକି ? ନାଁ ଦିଦି, ମୁଁ ଠିକ ଟାଇମ ରେ ଦେଇଛି । ନନ୍ଦିନୀ କ୍ୟାସ ବାକ୍ସ ଛାଡି ଦୌଡିଲା, ଦେଖିଲା ଜଣେ ଯୁବକ ଓ ଜଣେ ସ୍ତ୍ରୀ ଲୋକ ଗୋଟେ ଛୋଟ ପିଲାଙ୍କୁ ଧରି କାର ପାଖକୁ ଅତି ବେଗରେ ଚାଲିଯାଉଛନ୍ତି । ନନ୍ଦିନୀ ଡାକ ଛାଡିଲା, ସାର କଣ ଭୁଲ ହେଲାକି, ନା ଖାଇବା ଖରାପ ଅଛି, ମୁଁ ଭୁଲ ମାଗୁଛି, ଯଦି ଖାଇବା ଖରାପ ଅଛି, ବଦଳେଇ ଦେବି । ଏତେ ବେଳକୁ ନନ୍ଦିନୀ କାର ପାଖରେ ପହଞ୍ଚି ସାରି ଥିଲା । ଆରେ, ଏ କଣ ସେ ଦେଖୁଛି, ଏ ତ ତା ସାନ ଭାଇ ବାବୁଲା । ନନ୍ଦିନୀ କୁଣ୍ଢାଇ ପକାଇଲା, କାନ୍ଦି କାନ୍ଦି କହୁଥାଏ, ଆରେ ମୋ ଧନ, ମତେ ଛାଡି ତୁ କୁଆଡେ ଯାଇଥିଲୁରେ, ମୁଁ କଣ ଭୁଲ କରିଛି କି, ହଉ ହେଲା ମୁଁ ଯଦି ଭୁଲ କରିଛି, ତୁ ମୋତେ ଦି ଚାପୁଡ଼ା ମାରେ, ହେଲେ ମତେ ଛାଡିକି ଯାଆନାରେ, ତୋ ବିନା ମୋର କିଏ ଅଛିରେ, ତୋ ଆସିଲା ବାଟକୁ ମୁଁ କେବେ ଠାରୁ ଚାହିଁ ରହିଛିରେ । ଆ ସମସ୍ତେ ମିଶି ସାଙ୍ଗ ହେଇ ଖାଇବା । ତୋ ଅଇଁଠା ଟିକେ ଖାଇଲେ ମୋ ପେଟ ପୁରିଯିବ । ବହୁତ ଦିନ ହେଲା ତୋ ଅଇଁଠା ଟିକେ ଖାଇନିରେ, ତୁ ତ ଜାଣିଛୁ ତୋ ଅଇଁଠା ଖାଇଲେ ମୋତେ କେତେ ଶାନ୍ତି ଲାଗେ ।

ISSN NO.
2582-208X

ନନ୍ଦିନୀ ବାବୁଲାକୁ ଧରି କାନ୍ଦୁଥାଏ, ଓ ପିଲାଦିନର କାହାଣୀ ଗୁଡାକ କହୁଥାଏ, କିନ୍ତୁ ବାବୁଲା ଛାଟିପିଟି ହୋଇଯିବାକୁ ଉଦ୍ୟତ । ଶେଷରେ ନନ୍ଦିନୀକୁ ଠେଲିଦେଇ ପିଲା ଛୁଆଙ୍କୁ ଧରି କାର ରେ ବସି ପଳାଇଲା । ନନ୍ଦିନୀ ଢେର ସମୟ ଯାଏ ସେଠାରେ ବସି କାନ୍ଦିଲା, କାନିରେ ଲୁହ ପୋଛି, ବାବୁଲା ଯେଉଁ ଟେବୁଲରେ ବସିଥିଲା ସେଇଠି ବସିଲା, ବାବୁଲା ଅର୍ଡର କରିଥିବା ଖାଦ୍ୟକୁ ଖାଉଥାଏ ଓ କାନ୍ଦୁଥାଏ । ଲାଗୁଥାଏ ଯେମିତି ସେ ବହୁତ ଦିନ ହେଲା ଖାଇନଥିଲା । ଟୁକୁନା ଡ୍ରାଇଭର ନନ୍ଦିନୀକୁ ବୁଝାସୁଝା କରି ପ୍ରକୃତିସ୍ଥ କରାଇଲା । ତା ପରଦିନ ସକାଳୁ ବାବୁଲା ଗାଡି ନମ୍ବର ରୁ ତା ଠିକଣା ଯୋଗାଡ କରି ଟିମାକୁ ସାଙ୍ଗରେ ଧରି ବାହାରିଲା ବାବୁଲା ପାଖକୁ । ବାବୁଲା ଘରେ ପହଂଚୁ ପହଂଚୁ ସନ୍ଧ୍ୟା ହୋଇଗଲା, ଯାହେଉ ସେତେବେଳକୁ ବାବୁଲା ଘରେ ଥିଲା, ବାବୁଲାକୁ ଦେଖି ନନ୍ଦିନୀ କୁଣ୍ଢାଇ ଧରି କାନ୍ଦିଲା, ବାବୁଲା କିଛି କହୁନଥାଏ, ଚୁପ ଚାପ ଠିଆ ହୋଇଥାଏ । ବାବୁଲାର ସ୍ତ୍ରୀ ଆରମ୍ଭ କଲା, ଆପଣ ଏଠାକୁ ଆସନ୍ତୁ ନାହିଁ । ସାଇପଡିଶା, ଆଙ୍କ ଅଫିସ ଷ୍ଟାଫ ଯେତେବେଳେ ଜାଣିବେ ଯେ, ଇଏ ଗୋଟେ ଢାବା ବାଲିର ଭାଇ ବୋଲି, ଆମର ଇଜ୍ଜତ ରହିବଟି ? ଯଦି ଆପଣଙ୍କର ପଇସା ପତ୍ର ଦରକାର ଅଛି, ଆମେ ପଠାଇଦେବୁ, କିନ୍ତୁ ଆପଣ ଏଠାକୁ ଆସିବେ ନାହିଁ କି, କେଉଁଠି କହିବେ ନାହିଁ ଯେ ଇଏ ଆପଣଙ୍କ ଭାଇବୋଲି । ନନ୍ଦିନୀ କିଛି ସମୟ ପାଇଁ ଜଡ ପାଲଟିଗଲା । ହଠାତ ପବନ ବେଗରେ ଟିମାକୁ ଧରି ବାବୁଲା ଘରୁ ବାହାରି ଆସିଲା । ଢାବାରେ ପହଂଚୁ ପହଂଚୁ ରାତି ଗୋଟାଏ । ସେତେବେଳକୁ ଢାବା ବନ୍ଦ ହେବାକୁ ଯାଉଥାଏ, ନନ୍ଦିନୀ ନଖାଇ ସେଇଭଳି ଶୋଇଲା । ତା ପରଦିନ ଢ଼ାବା କାନ୍ଥରେ ଲେଖା ହୋଇଥାଏ, ଢ଼ାବା ଦୁଇଦିନ ପାଇଁ ବନ୍ଦ ରହିବ । ଢାବାରେ ଟିମା ଛଡା ଆଉ କେହି ନଥାନ୍ତି, ଯିଏ ପଚାରୁଥାଏ ଢ଼ାବା କାହିଁକି ବନ୍ଦ ବୋଲି, ଟିମା ସମସ୍ତଙ୍କୁ କହୁଥାଏ, ଆମ ଦିଦିର ଆଜି ଟୁକୁନା ବାବୁଙ୍କ ସାଙ୍ଗରେ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବାହାଘର ।

ଜୟଦେବ ବିହାର, ଭୁବନେଶ୍ୱର
ଦୂରଭାଷ – ୯୪୩୭୫୭୭୨୯୧

ISSN NO.
2582-208X

# ଜୀବନେ ଜହର



ପ୍ରଶନ୍ନ ପାତ୍ର

ଜୀବନ ଜାତକେ ଭରୁଛି ପାତକ
ଖାଦ୍ୟରେ ଜହର ଭରି
ଜୀଇବାଟା ବଡ଼ ବିଷମ ହେଲାଣି
ଅଦିନରେ ଯାଏ ସରି ।

ଏକରୁ ଆରେକ ଉଦ୍ୟୋଗ ବଢୁଛି
ମାଡୁଛି ଭେଜାଲ ବିଷ
ଖାଦ୍ୟରେ ଭେଜାଲ ମଦ୍ୟରେ ଭେଜାଲ
ଭେଜଲେ ଜୀବନ ଶେଷ ।

ବଦଳ ଗଲାଣି ଦେ୍ଶର ଭୂଗୋଳ
ସଂସ୍କୃତି ସଂସ୍କାର ସବୁ
ଦାମି ଦାମୀ ବିଷ ଲାଗଇ ପୀୟୁଷ
ପଥହୁଡ଼ା ଆମେ ସବୁ ।

ଜୀଇବା ଆଳରେ କଇତି ମରୁଛୁ
ବିଶ୍ୱାସ ଭରଷା ହେଜି
ବିଷର ବଳୟ କରଇ ପ୍ରଳୟ
ଜୀବନକୁ ଦେଖ ଆଜି ।

ତପ୍ତବୋଇ, ଖୋର୍ଦ୍ଧା

ISSN NO.
2582-208X

# ଶ୍ରୀରାଧା ପ୍ରେମ



ପ୍ରତିମା ମେହେର

ଆସିଛି ଗ୍ରୀଷମ ଫଗୁଣ'ର ଶେଷେ
ଶୁଭେ କୁହୁ ଆମ୍ରକୁଞ୍ଜେ
ଝାଞ୍ଜି ପବନରେ କୁସୁମଟି ବାସେ
ରାଧିକା ଝୁରେ ନିକୁଞ୍ଜେ ||

ନିଃଶବ୍ଦ କାନନେ ଗ୍ରେବ୍ର ଚଇତାଳ
ତରୁ ଡାଳେ ଧୀରେ ବହେ
ବସି ବିରହିଣୀ ସେ ପ୍ରେମ ରଙ୍କୁଣୀ
କାହା ମନ ଅବା ମୋହେ ||

କଥା ଦେଇ ଥିଲେ ସେ ନଟନାଗର
ଆସିବେ ରାଇର ପାସେ
ଦଗା ଦେଇଗଲେ କଳା କୃଷ୍ଣ ବର
କା'ପ୍ରୀତି ରେ ମନ ରସେ ||

ପ୍ରେମିକ ଲମ୍ପଟ ଲାଜ ନାହିଁ ମୁଖେ
ନିତି ନିତି କଲେ ଛଳ
ବାଜିବ ନାଗର ମୋ ନାମରେ ଯେବେ
ରହିବ କି ମୋର କୂଳ ||

ଶୁଣ ହେ ଲଳିତେ ଯାଅହେ ତୁରିତେ
ସଙ୍ଗେ ଆସ ଘେନି ଶ୍ୟାମ
କହିବ ବୁଝାଇ ଆସ ହେ ସଙ୍ଗତେ
ନ ଭୁଲି ଶ୍ରୀରାଧା ପ୍ରେମ ||

ପାଟଣାଗଡ଼
ଜି.ବଲାଙ୍ଗିର

ISSN NO.
2582-208X

# ।। ପ୍ରଥମ ।।



ରଶ୍ମିତା ସାହୁ

ପ୍ରଥମ କେବଳ ପ୍ରଥମ ହୋଇଥାଏ
ଆଉ ସେଇ ପ୍ରଥମକୁ,
ଗ୍ଵହିଁଲେ ବି ଭୁଲି ହୁଏନା...
ଯେବେବି ସେଇ ପ୍ରଥମ କଥା ମନେପଡେ,
ଅଜାଣତେ ଆସିଯାଏ ଓଠରେ ସ୍ମିତ ହାସ୍ୟ
ସେ ପ୍ରଥମ ଖଡ଼ି ଛୁଆଁ ହେଉ,
ଅବା ପ୍ରଥମ ସ୍କୁଲ ଯିବା ଅନୁଭୂତି..
ପ୍ରଥମ ଚକ୍ ଖଡ଼ି ଧରି କାନ୍ଥରେ ଗାରେଇବାର ଖୁସି ହେଉ,
ଅବା ପ୍ରଥମ କଲମ ପାଇ ନିଜ ନାମ ଲେଖିବାର ଖୁସି..
ପ୍ରଥମ ସାଇକେଲ ଚଢିବାର ଖୁସି ହେଉ,
ଅବା ପ୍ରଥମ ମାଟରଗାଡି ପାଇବାର ଖୁସି..
ପ୍ରଥମ ସବୁବେଳେ ନୂତନ ଖୁସି ଆଣିବା ସହ,
ସାଥିରେ ଆଣିଥାଏ କିଛି ନିଆରା ଅନୁଭୂତି..
ଠିକ୍ ସେମିତି,
ତୁମେ ମୋ ଜୀବନକୁ ଆସିଥିଲ ପ୍ରଥମ ହୋଇ
ଆଉ ମୋ ଶେଷ ଯାଏ ରହିବ ମୋ ଭାବନା ହୋଇ....

ଛତ୍ରପୁର(ଗଞ୍ଜାମ)
Email - rasmi.k.sahu777@gmail.com

ISSN NO.
2582-208X

# ତାମ୍ବି ପାହାଡର ରହସ୍ୟ



ପ୍ରଦୀପ କୁମାର ପଣ୍ଡା

ଗାଁଟାଯାକ ହୁରି ପଡିଛି । ଗାଆଁ ସାର୍ ଛୋଟଠୁ ବଡ ତକାତକ ହୋଇ ଧାଉଁଛନ୍ତ । ଜଗ ଘରେ ସୋରିଷ ପକାଇବାକୁ ସ୍ଥାନ ନାହିଁ ଆଜି । କଇଁ ଖୁଉଜ ଯେ ଗାଆଁର ଆକାଶବାଣୀ ନାମରେ ସଭିଙ୍କ ପରିଚତ ଗାଆଁ ଦାଣ୍ଡରେ ବଡ ପାଟିରେ କହୁଥାନ୍ତ ଉଷୁନା ଧାନ ଗଜା ହେଲା, ମଲାଲୋକ ଲେଉଟି ଆସିଲା । ଶୁଣିବାଲୋକ ଆଶ୍ଚର୍ଯ୍ୟ ହୋଇ ଦେଖୁଥାନ୍ତ । କଇଁ ଖୁଉଜ କେବେ ମିଛ କହନ୍ତି ନାହିଁ । କଥାରେ ତାଙ୍କ ସତ୍ୟତା ଥାଏ । ଯେଉଁ ଖବର ହେଉ ତାଙ୍କ ପାଖକୁ ପ୍ରଥମେ ପହଞ୍ଚେ । କିଏ ଖବର ଦିଏ, କିପରି ଦିଏ କେହି ଜାଣିପାରନ୍ତି ନାହିଁ। ଯେ କୌଣସି ଖବର ହେଉନା କାହିଁକି ତାଙ୍କ ପାଖକୁ ପ୍ରଥମେ ପହଞ୍ଚୁ ଥିବାରୁ ଲୋକମୁଖରେ ସେ ଆକାଶବାଣୀ ନାମରେ ଖ୍ୟାତ ।

ସମୟ ଗୋଧୂଳି । ରକ୍ତାଭ ରବି କିରଣ ଧରାପରେ ଦିବସର ଶେଷ ସ୍ପର୍ଶ ଦେଇ ଅସ୍ତାଚଳଗାମୀ ହେଉଥାନ୍ତି । ଗାଆଁର ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ସମସ୍ତେ ଛୋଟ ଚାଷୀ। ନିଜ ନିଜ ବିଲକାମ ସାରି ଘରକୁ ବାହୁଡୁଥାନ୍ତି । ଆକାଶବାଣୀଙ୍କ ଡାକ ଶୁଣି କଥା କ'ଣ ବୁଝିବାକୁ ସମସ୍ତେ ଆଗପଛ ହୋଇ ଜଗ ଘର ନିକଟରେ ପହଞ୍ଚିଲେ । ହେଲେ ଭିତରକୁ କ'ଣ ପଶିହେଉଛି ନା କିଛି ଦେଖିହେଉଛି । ଲୋକମାନଙ୍କ ଠେଲାପେଲା। ଭିତରେ ହୋହୋ ଶବ୍ଦରେ କାନ ଅତଡା ପଡିଯାଉଛି। ଦୀର୍ଘ ଦୁଇମାସ ପରେ ଘନଶ୍ୟାମ ଘରକୁ ଫେରିଛନ୍ତି। ଦୁଇମାସ ପୂର୍ବେ ଗାଁ ନିକଟରେ ଥିବା ବଣକୁ ଯାଇ ଆଉ ଫେରି ନ ଥିଲେ । ଗାଆଁର ନାମ ନୂଆଁ ବରଙ୍ଗାମାଲ । ମହାନଦୀରେ ସରକାର ହୀରାକୁଦ ଜଳଭଣ୍ଡାରର କାର୍ଯ୍ୟ ଆରମ୍ଭ କରିବାକୁ ଯାଇ ବିସ୍ଥାପିତମାନଙ୍କୁ ଦେଇଥିବା ସ୍ଥାନ ମଧ୍ୟରେ ସମ୍ବଲପୁର ଜିଲ୍ଲାର ଯୁଯୋମୂରା ବ୍ଲକର ନୂଆଁ ବରଙ୍ଗାମାଲ ଅନ୍ୟତମ । ଘୋର ଜଙ୍ଗଲକୁ

ISSN NO.
2582-208X

କାଟି ୧୯୫୬ମସିହାରେ ଗାଁ ବସାଇଥିଲେ । ପୂର୍ବରୁ ଘୋର ଜଙ୍ଗଲ ଥିବାରୁ ଦିନ ଦ୍ୱିପହରରେ ବନ୍ୟପଶୁ ଘରେ ଥିବା ଗୃହପାଳିତ ପଶୁମାନଙ୍କୁ ଆକ୍ରମଣ କରିବାରେ କିଛି ଆଶ୍ଚର୍ଯ୍ୟ ନ ଥିଲା । ପ୍ରାୟ ପ୍ରତ୍ୟେକ ଦିନ ହାତୀପଲ ସନ୍ଧ୍ୟା ସମୟରେ ଗାଁକୁ ପରିଦର୍ଶନରେ ଆସୁଥିଲେ । ଯଦିଓ ସେମାନେ କାହାରି କିଛି ନଷ୍ଟ କରୁ ନଥିଲେ କାଁଭାଁ କାହାରି ପାଳଗଦାରୁ କିଛି ଖାଇବା ବ୍ୟତିରେକ । ବିଦ୍ୟୁତ ନଥିବାରୁ ସନ୍ଧ୍ୟା ହେଉ ହେଉ ଗାଁରେ ତାଟିକବାଟ ପଡ଼ିଯାଇଥିଲା । ଗାଁର ସରଳ ବିଶ୍ୱାସୀ ଲୋକଙ୍କ ଆରାଧ୍ୟ ଠାକୁରାଣୀ ଥିଲେ ମାଁ ସମଲେଇ । ଠାକୁରାଣୀଙ୍କ ଉପରେ ସମସ୍ତଙ୍କ ଅଗାଧ ବିଶ୍ୱାସ । ଶୁଣାଯାଏ ମଝିରେ ମଝିରେ ଠାକୁରାଣୀ ଅଶ୍ୱ ପୃଷ୍ଠରେ ସବାର ହୋଇ ଲୋକଙ୍କ ଭଲମନ୍ଦ ଦେଖିବାକୁ ଗାଁ ପରିକ୍ରମା କରନ୍ତି । ଗ୍ରୀଷ୍ମକାଳରେ ଲୋକମାନେ ଦଳ ଦଳ ହୋଇ ଗାଁ ଦାଣ୍ଡରେ ଶୋଇଥିବା ସମୟରେ ଠାକୁରାଣୀ ଅଶ୍ୱର ଟବାକ ଟବାକ ପାଦଶବ୍ଦ ଶୁଣିଥିବା ଦୃଢୋକ୍ତି କରନ୍ତି । ଏହିପରି ଅନେକ ଅନେକ କାହାଣୀ ଶୁଣାଯାଏ । ଘନଶ୍ୟାମ ନିଖୋଜ ଖବର ପ୍ରଚାରିତ ହେବା ପରେ ଗାଁ ମଝିରେ ଥିବା ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ସଭା ଅନୁଷ୍ଠିତ ହୋଇ ସମସ୍ତେ ସାମୁହିକ ଭାବରେ ଘନଶ୍ୟାମକୁ ଖୋଜିବାକୁ ଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ତା ପରବର୍ତ୍ତୀ ଦିନ ସାରା ଗାଁର ଲୋକମାନେ ତିନିଦିନ ଧରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଘୋର ଜଙ୍ଗଲ ମଧ୍ୟରେ ତର୍ନ୍ନ ତର୍ନ୍ନ କରି ଖୋଜିଲେ । କିନ୍ତୁ ଦୁଃଖର ବିଷୟ ଘନଶ୍ୟାମର ଟିକିଏ ହେଲେ କୌଣସି ଖୋଜଖବର ମିଳିଲା ନାହିଁ । ଶୋକାକୁଳ ପରିବେଶ ଭିତରେ ପୁନଶ୍ଚ ଆଉ ଏକ ସଭା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଲା । ଏହି ସଭାରେ ସବୁ ଦିଗକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ନିଆଯାଇଥିଲା ଯେ କୌଣସି ବନ୍ୟପ୍ରାଣୀ ଦ୍ୱାରା ଘନଶ୍ୟାମର ମୃତ୍ୟୁ ହୋଇଥାଇପାରେ । ତେଣୁ ତା'ର ମୃତାହ କର୍ମମାନ କରିବାକୁ ସଭା ଶୁଣାଇଦେଲେ । କାନ୍ଦବୋବାଳିରେ ସଭାସ୍ଥଳ ପୂରିଉଠି କରୁଣ ପରିବେଶ ସୃଷ୍ଟି କରୁଥିଲା । ଆବାଳବୃଦ୍ଧବନିତା ସମସ୍ତଙ୍କ ଆଖିରେ ଆଖିଏ ଲେଖାଏଁ ଲୁହ । ପରବର୍ତ୍ତୀ ଦିନରୁ ଦୀର୍ଘ ବାର ଦିନ ପର୍ଯ୍ୟନ୍ତ ଶୋକାକୁଳ ପରିବେଶରେ ଅନୁଷ୍ଠିତ ହୋଇଥିଲା ଘନଶ୍ୟାମର ମୃତାହ କର୍ମ । ଘନଶ୍ୟାମ ମୃତାହ କର୍ମ ସରିବା ଦୁଇମାସ ଅତିକ୍ରାନ୍ତ କରିବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ସଶରୀରରେ ଘରକୁ ଫେରିଛି ଘନଶ୍ୟାମ। ତାକୁ ଦେଖିବା ପାଇଁ ଆଜି ଜଗ ଘରେ ଏତେ ଭିଡ଼ । ଘନଶ୍ୟାମ ଘରକୁ ଫେରିଛନ୍ତି ସତ ହେଲେ ଏକବାର ଚୁପ୍ । ଯିଏ ଯାହା ପଚାରିଲେ ଆଖିକୁ ବଡ଼ବଡ଼ କରି ଦେଖୁଛନ୍ତି ସିନା କାହାକୁ କିଛି ନକହି ନିରବ ରହୁଥାନ୍ତି । ସେ ଫେରି ଆସିବା ଜନିତ ଆନନ୍ଦ ଯେତେ ପରିମାଣରେ ମିଳି ଥିଲା ବାକ୍‌ଶକ୍ତି

ISSN NO.
2582-208X

ବିଲୋପ ହେବା କାରଣରୁ କ୍ଷଣିକ ମଧ୍ୟରେ ତାହା ଦୁଃଖରେ ରୂପାନ୍ତରିତ ହୋଇଗଲା । ପ୍ରତିକାର ପାଇଁ ବିଭିନ୍ନ ଲୋକ ବିଭିନ୍ନ ଉପଦେଶ ଦେଲେ । କିଏ ଗୁଣିଆ ଡାକିବାକୁ କହିଲା, କିଏ ଠାକୁରାଣୀ ନିକଟରେ କାଟପାଣି କରିବାକୁ କହିଲା । ପିରୋ ଭାଉଜ କହିଲେ ତା ନିଜ ଲୋକଙ୍କୁ ଦେଖିଲେ ସେ ନିଶ୍ଚିତ କଥା ହେବ । ପିରୋ ଭାଉଜ ସମସ୍ତଙ୍କ ଭାଉଜ । ଅନ୍ୟର ମନ କଥା ବୁଝିବାରେ ବେଶ ବଡ଼ ବଡ଼ ମନସ୍ତାତ୍ୱିକ ବି ତାଙ୍କ ଆଗରେ ଫେଲ ମାରିବେ । ତାଙ୍କ କଥାକୁ ଗାଁରେ ସମସ୍ତେ ଗୁରୁତ୍ୱ ଦିଅନ୍ତି । ଏଥର ଖୋଜା ପଡ଼ିଲା ଘନଶ୍ୟାମଙ୍କ ନିଜ ଲୋକଙ୍କୁ । କିଏ ସେହି ଲୋକ ଯାହାକୁ ସେ ଅଧିକ ଭଲ ପାଏ । ଶେଷରେ ବହୁ ଆଲୋଚନା ବହୁ ଖୋଜାଖୋଜି ପରେ ଯାହାର ନାମ ଆସିଲା ସେ ହେଉଛି ଭୈରବ ଡାକ ନାଁ ଚଏତୁ । ଚୈତ୍ର ଶୁକ୍ଳ ନବମୀ ଦିନ ଜନ୍ମ ଗ୍ରହଣ କରିଥିବା ହେତୁ ଲୋକେ ତାକୁ ଡାକୁଥିଲେ ଚଏତୁ। ଚଉଦ ବର୍ଷ ପିଲାର ବୟସ, ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛି । ତାକୁ ଡକା ହେଲା । ପିଲା ଆଗରେ ଆମୂଳଚୂଳ ସବୁ ବର୍ଣ୍ଣନା କରି ଚେଷ୍ଟା କରିବାକୁ ସମସ୍ତେ କହିଲେ। ଚଏତୁ ଘନଶ୍ୟାମର ଆଗକୁ ଗଲାବେଳେ ସମସ୍ତେ ଆଗ୍ରହ ସହକାରେ ପରବର୍ତ୍ତୀ ଅବସ୍ଥା କ'ଣ ହେବ ଅପେକ୍ଷା କରିଥାନ୍ତି । ଦୁଇଜଣ ଭେଟ ପଡ଼ିବା ପରେ ନିରବ ନିଶ୍ଚଳ ଭାବେ ବେଶ କିଛି ସମୟ ବିତିଗଲା । ହଠାତ୍ ଚଏତୁର ହାତ ଧରି ଉଠି ପଡିଲେ ଘନଶ୍ୟାମ ମୁହଁରେ ଚେନାଏ ସ୍ମିତ ହାସ୍ୟ ରେଖା ଟାଣି । ପିଲାର ହାତଧରି ଚାଲିବାକୁ ଲାଗିଲେ । ଗାଁ ମଝିରେ ଥିବା ମନ୍ଦିର ପ୍ରାଙ୍ଗଣରେ ବସି ବେଶ କିଛି କଥା ତାଙ୍କ ଭିତରେ ଆଲୋଚନା ହେଲା। ଗାଁ ଠାକୁରାଣୀଙ୍କୁ କୋଟି ଦଣ୍ଡବତ କରି ପିରୋ ଭାଉଜଙ୍କୁ ଖୁବ ଢେର ପ୍ରଶଂସା କଲେ ଗାଁ ଲୋକେ । ସୂର୍ଯ୍ୟ ପଶ୍ଚିମ ଦିଗବଳୟରେ ବୁଡି ସନ୍ଧ୍ୟା ହେଲା ବୋଲି ସୂଚନା ଦେଲେ । ମନ୍ଦିରରେ ଶଙ୍ଖ ବାଦନ କରି ସନ୍ଧ୍ୟା ଆଳତି ହେଲା । ତା'ପରବର୍ତ୍ତୀ ଦିନ ସ୍କୁଲ ଛୁଟି ପରେ ପରେ ଉଭୟେ ପୁଣି ମନ୍ଦିର ପ୍ରାଙ୍ଗଣରେ ବସି ଦୀର୍ଘ ସମୟ ବିତିଗଲା କଥାବାର୍ତ୍ତାରେ। ଘନଶ୍ୟାମ ତାଙ୍କ ସହିତ ବଣକୁ ଯିବା ଠାରୁ ଫେରିବା ପର୍ଯ୍ୟନ୍ତ ଯାହା ଯାହା ଘଟିଥିଲା ସବିସ୍ତାରେ କହିଲେ। ବେଶ କିଛି ସମୟ ବିତିଗଲା ପରେ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡି ଧୀର ଅଥଚ ଗମ୍ଭୀର ଭାବରେ ଆରମ୍ଭ କଲେ ତାଙ୍କ ଦୀର୍ଘ ଦୁଇ ମାସର ଯାତ୍ରା ଅଭିଜ୍ଞତା । ପିଲାଟି ହେଲେ ବି ମୁଣ୍ଡକୁ ତଳ କରି ସବୁ ଶୁଣୁଥିଲା ବେଶ ଜଣେ ଜ୍ଞାନୀ ତଥା ଉତ୍ତମ ଶ୍ରୋତା ଭାବରେ ।କଥା ମଝିରେ ମଝିରେ ସମ୍ମତିସୂଚକ ମୁଣ୍ଡ ହଲାଇବା ବ୍ୟତୀତ କିଛି କରୁ ନଥିଲା ଚଏତୁ । ଘନଶ୍ୟାମ କହିଲେ, "ଅପରାହ୍ନରେ ଘର ପାଇଁ ଗିରେଲ ଫୁଲ ଆଣିବା ପାଇଁ ବଣକୁ ଯାଇଥିଲି । ଯାହାକୁ ଆଣିଥିଲେ ଘରେ ରୋଷେଇ

ISSN NO.
2582-208X

ହୋଇଥାନ୍ତା । ମାତ୍ର ଭାଗ୍ୟର ବିଡମ୍ବନା, ବନାଲହ (ବାଟବଣା ଲତା) ଉପରେ ପାଦ ପଡିଯିବାରୁ ଗାଁକୁ ଫେରି ପାରିଲି ନାହିଁ । ସନ୍ଧ୍ୟା ଯାଇ ରାତି ହେବାକୁ ବସିଲା । ପକ୍ଷୀମାନେ ନିଜ ନିଜ ନୀଡ଼କୁ ଫେରି ସାରିଥାନ୍ତି । ବଣରେ ରାତି ହେବାକୁ ବସିଲା । ଜଙ୍ଗଲ ଅନ୍ଧାରରେ ଆହୁରି ଭୟଙ୍କର ହେବାକୁ ଆରମ୍ଭ କଲା । ମୋ ସ୍ଥିତି ଅନୁଧ୍ୟାନ କରି ଜାଣିପାରିଲି ମୁଁ ବର୍ତ୍ତମାନ ମୁକୁଟ ପର୍ବତର ଶିଖର ଦେଶରେ । ଭୟରେ ହୃଦକମ୍ପ ବଢ଼ିବାକୁ ଲାଗିଲା । ମନ ମଧ୍ୟରେ ଯେତେ ଦେବଦେବୀଙ୍କୁ ଡାକିଲେ ମଧ୍ୟ ଭୟ କମିବା ପରିବର୍ତ୍ତେ ବଢ଼ିବାକୁ ଲାଗିଥାଏ । ଯେଉଁ ସ୍ଥାନକୁ ଲୋକମାନେ ଦଳଗତ ଭାବେ ଦିନ ଦିପହରେ ଆସିବାକୁ ଭୟ କରନ୍ତି ସେଠି ରାତ୍ରିର ଅନ୍ଧକାରରେ ମୋର ଅବସ୍ଥା କ'ଣ ହୋଇଥିବ ଅନୁମାନ କରିପାରୁଥିବୁ । ଚଏତୁ ସମ୍ମତି ସୂଚକ ମୁଣ୍ଡ ହଲେଇଲା । ଶେଷରେ ସବୁ ଦିଗରୁ ପରାଜିତ ହୋଇ ରଖିଲେ ରଖିବୁ ବୋଲି ଦୁଇ ହାତ ଊର୍ଦ୍ଧ୍ୱକୁ ଟେକି ସମଲେଇ ଶରଣ ଗଲି । ଏସମୟରେ ଗଛପତ୍ର ହଲିବା ଶବ୍ଦ ଶୁଣି ପୈତୃକ ଜୀବନ ଗଲା ବୋଲି ଜାଣିଲି । ଏଥର ଆଉ ରକ୍ଷା ପାଇବା ପାଇଁ ବାଟ ନାହିଁ । ନିଶ୍ଚିତ ଭାବରେ କୌଣସି ହିଂସ୍ରଜନ୍ତୁ ଟାଉକିନା ପାଟିରେ ପକାଇ ଉଦରସାତ କରିବ। ପାଦର ଫାଶି ଦଉଡ଼ି ବେକକୁ ଆଣିଛି । ଏଥିପାଇଁ ଦାୟୀ କାହାକୁ କରିବି ? ଅଧିକ ପାଇବା ଲୋଭରେ କାହାକୁ ସଙ୍ଗରେ ଆଣିଲି ନାହିଁ । ସେଥିର ପରାଭବ ଏଥର ପାଇଲି । ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ରହିଥାଏ । କିଛି ସମୟ ଅତିକ୍ରାନ୍ତ ହୁଅନ୍ତେ ଦେଖିଲି ସାତ କି ଆଠ ହାତ ଉଚ୍ଚ ଏକ ଛାୟା ମୂର୍ତ୍ତି ଦେଖାଗଲା । କ୍ରମେ ସେ ଛାୟା ମୂର୍ତ୍ତି ନିକଟତର ହେବାକୁ ଲାଗିଲା । ନିକଟକୁ ଆସି କହିଲା, "ଭୟ କର ନାହିଁ, ମୋ ପଛେ ପଛେ ଆସ।" ଯଦିଓ ଭୟ ସଂପୂର୍ଣ୍ଣ ରୂପେ ଛାଡି ନଥିଲା, ତଥାପି ତାକୁ ଭରସା ନ କରିବା ଛଡା ଅନ୍ୟ ପନ୍ଥା ନଥିଲା । ଛାୟା ମୂର୍ତ୍ତି ପଛରେ ଅନୁସରଣ କରିବା ସମୟରେ ମାନସପଟରେ ଝଲସି ଉଠିଲା ମୁଁ ଭୁଲି କରୁ ନାହିଁ ତ । ତନ୍ତ୍ର ସାଧନା ନିମନ୍ତେ ଯେଉଁ ଚାରିଟି ରାତି, ତନ୍ମଧ୍ୟରୁ ଠିକ୍ ସେଦିନ ହୋଇଥାଏ ଶିବରାତ୍ରୀ । ବଡ଼ ବଡ଼ ତାନ୍ତ୍ରିକମାନେ ଦେବାଦେବୀଙ୍କୁ ଏହି ଦିନମାନଙ୍କରେ ନିର୍ଜନ ରାତିରେ ଉପାସନା କରି ବଳି ପ୍ରଦାନ କରିଥାନ୍ତି । ସ୍ଥଳବିଶେଷରେ ନରବଳି ଦେଇଥାନ୍ତି । ମନ ମଧ୍ୟରେ ଏପରି ନାନା ଚିନ୍ତା ଆସି ଭୟ ଉଦ୍ରେକ ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ସମ୍ମୋହିତ କଲାଭଳି ସେ ଛାୟା ମୂର୍ତ୍ତି ପଛରେ ଅନୁସରଣ କରୁଥାଏ । ବେଶ୍ କିଛି ଦୂର ଗଲା ପରେ ମୋତେ ଭୋକ ହେଲା କିନ୍ତୁ କିଛି କହି ପାରୁ ନ ଥାଏ । ଛାୟା ମୂର୍ତ୍ତି ଅଟକି ଗଲେ ଏବଂ ନିକଟରେ ଥିବା ଗୋଟିଏ ବୃକ୍ଷ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରି ବୃକ୍ଷ ତଳେ ପଡିଥିବା ଗୋଟିଏ

ISSN NO.
2582-208X

ଫଳ ଗୋଟାଇ ଆଣି ଖାଇବାକୁ କହିଲେ । ଫଳ ଆଣି ପାଟିରେ ଦେଉ ଦେଉ ଦେହରେ ନବବଳ ସଞ୍ଚାରିତ ହେବାର ଅନୁଭବ କଲି । ଚାହୁଁ ଚାହୁଁ କ୍ଷୁଧାତୃଷ୍ଣା ଉଭେଇ ଗଲା । କହିବା ବାହୁଲ୍ୟ ସନ୍ନ୍ୟାସୀଙ୍କ ସହିତ ଭେଟ ପରେ ସଂପୂର୍ଣ୍ଣ ଦେଖା ନ ଗଲେ ମଧ୍ୟ ଝାପସା ଭାବରେ ସବୁ କିଛି ଦୃଷ୍ଟି ଗୋଚର ହେଉଥାଏ ।

ଅରଣ୍ୟ ମଧ୍ୟରେ ବେଶ୍ କିଛି ଦୂର ଗଲା ପରେ ତାମ୍ରି ପାହାଡ଼ର ପାଦଦେଶରେ ପହଞ୍ଚିଲୁ । ଅନ୍ଧାର ରାତି ହେଲେ ମଧ୍ୟ ଆକାର ଓ ପ୍ରକାରରୁ ତାହା ତାମ୍ରି ପାହାଡ଼ ବୋଲି ଜଣାଯାଉଥାଏ। ପାହାଡ଼ର ପାଦଦେଶରେ ଥିବା ପ୍ରସ୍ତର ଖଣ୍ଡକୁ ଛୁଇଁବା ସାଙ୍ଗେ ସାଙ୍ଗେ ବିରାଟ ପ୍ରସ୍ତର ଖଣ୍ଡଟି ସ୍ଥାନାଚ୍ୟୁତ ହେଲା । ସେ ସ୍ଥାନରେ ଦେଖାଗଲା ଗୋଟିଏ ଗୁମ୍ଫା । ଝାପସା ନୀଳ ଆଲୋକରେ ଗୁମ୍ଫା ଭିତରର ସବୁକିଛି ଝାପସା ଝାପସା ଦେଖାଯାଉଥାଏ । ଆମେ ଭିତରେ ପ୍ରବେଶ କରିସାରିବା ପରେ ବିରାଟ ପ୍ରସ୍ତର ଖଣ୍ଡଟି ପୁନର୍ବାର ଗୁମ୍ଫା ଦ୍ୱାର ରୋଧ କରିଦେଲା । ସୁଡ଼ଙ୍ଗ ଭିତରେ ଉପରକୁ ଉଠିବା ପାଇଁ ସରୁ ଅଥଚ ସଫା ବାଟ ପଡ଼ିଥାଏ ।ବେଶ କିଛି ବାଟ ଗଲାପରେ ନିଃଶ୍ୱାସ ନେବାକୁ କଷ୍ଟ ହେଲା । ସାଙ୍ଗରେ ଥିବା ସେହି ବ୍ୟକ୍ତି କଥାବାର୍ତ୍ତାରୁ ଜଣେ ସନ୍ନ୍ୟାସୀ ବୋଲି ଅବଗତ ହେଲି । ସେ ମୋତେ ବୁଝାଇଦେଲେ ଆମେ ବର୍ତ୍ତମାନ ସମୁଦ୍ର ପତନଠାରୁ ବାଇଶି ହଜାର ଫୁଟଉପରେ ଅବସ୍ଥିତ ଏକ ଆଶ୍ରମ ନିକଟରେ ଅଛୁ । ତୁମେ ସାଧାରଣ ମଣିଷ ହୋଇଥିବାରୁ ନିଃଶ୍ୱାସ ନେବାକୁ କଷ୍ଟ ଅନୁଭବ କରୁଛ । ଭୂମିଠାରୁ ଉଚ୍ଚତା ଦିଗରେ ଗତି କଲେ ଆମେ ଗ୍ରହଣ କରୁଥିବା ଅମ୍ଳଜାନର ଅଭାବ କାରଣ ଯୋଗୁ ଶ୍ୱାସ ଗ୍ରହଣରେ ଅସୁବିଧା ଦେଖାଯାଏ । କିନ୍ତୁ ଆମ ଯୋଗୀସନ୍ନ୍ୟାସିମାନଙ୍କ ପାଇଁ ଏହା କୌଣସି ଅସୁବିଧା ନ ଥାଏ । ସେହି ସନ୍ନ୍ୟାସୀ ମୋତେ ଶ୍ୱାନ ପରି ପାଟିବାଟେ ନିଃଶ୍ୱାସ ନେବାକୁ କହିଲେ । ସେପରି କରିବାରୁ ଟିକିଏ ଆରାମ ଅନୁଭବ କଲି । ଆମେ କିଛି ସମୟପରେ ଗୋଟିଏ ତୀଖ ଗଡାଣିରେ ଓଲ୍ଲାଇ ଗୋଟିଏ ନଦୀ କୂଳରେ ପହଞ୍ଚିଲୁ । ନଦୀ କୂଳରେ ଫଳଫୁଳ ବୃକ୍ଷ ପରିବେଷ୍ଟିତ ଗ୍ରାନାଇଟ ତିଆରି ଗୋଟିଏ ସୁନ୍ଦର ମନ୍ଦିର ଥିଲା । ପାହାଡ଼ ଆଭ୍ୟନ୍ତରୀରେ ଆମର ଗନ୍ତବ୍ୟ ପଥ ଯଦିଓ ସଂପୂର୍ଣ୍ଣ ଆଲୋକିତ ନଥିଲେ ମଧ୍ୟ ଅନ୍ଧାର ନ ଥିଲା । ଆଶ୍ରମ ନିକଟରେ ଥିବା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ସମୟରେ ବୋଧହୁଏ ପ୍ରାତଃ ହୋଇଯାଇଥିଲା । ପ୍ରାତଃ କାଳିନ ଆଳତୀ ଚାଲିଥିଲା । ଆଳତୀ କରୁଥିବା ବାବାଜୀ ଧୋତି ଓ ଗାମୁଛା ପିନ୍ଧି ହାତରେ ଘଣ୍ଟି ଧରି ମନ୍ତ୍ର ଉଚ୍ଚାରଣ କରି କରି ଆଳତୀ କରୁଥିଲେ । ସେ ଲଲାଟରେ ଯେପରି ତିଳକ

ISSN NO.
2582-208X

ଲଗାଇ ଥିଲେ, ଘନଶ୍ୟାମ ଭୂମି ଉପରେ କାଟି ଯାହା ଦେଖାଇଲେ ସେଥିରୁ ଚଏତୁ ଯାହା ବୁଝିଲା, ତାହା ଇଂରାଜୀ ଅକ୍ଷରର ୟୁ ପରି ଥିଲା । ସେ କାନ୍ଧରେ ଉପବୀତ ପିନ୍ଧି ଥିଲେ । ଦେଖିବାକୁ ସୁଗଠିତ ବଳିଷ୍ଠ ଗୋରା ତକତକ ଚେହେରା । ଆଳତୀ ସାରି ଯେତେବେଳେ ଆମ ଆଡ଼କୁ ମୁହଁ ବୁଲେଇ ଠିଆ ହେଲେ ତେଜୋଦୀପ୍ତ ପ୍ରଶାନ୍ତ ମୁଖମଣ୍ଡଳରୁ ଝରିପଡୁଥାଏ ସ୍ମିତହାସ୍ୟରେଖା । ଯେଉଁ ସନ୍ନ୍ୟାସୀ ମୋତେ ଆଣିଥିଲେ, ସେ ତାଙ୍କର ପାଦ ସ୍ପର୍ଶ କଲେ ଓ କିଛି କହିଲେ । ତାଙ୍କ ଦେଖାଦେଖି ମୁଁ ମଧ୍ୟ ତାଙ୍କୁ ପାଦ ଛୁଇଁ ପ୍ରଣାମ ଜଣାଇଲି । ସେ ମୃଦୁ ହସି କହିଲେ, "ପ୍ରଥମେ ଗଙ୍ଗା ସ୍ନାନ ସାରି ଆସ । ଯେଉଁ ନଦୀକୁ ପ୍ରଥମେ ଦେଖିଥିଲି ତାହା ଗଙ୍ଗା ବୋଲି ସାଙ୍ଗରେ ଥିବା ସନ୍ନ୍ୟାସୀଙ୍କ ନିକଟରୁ ଜାଣିବାକୁ ପାଇଥିଲି। ସ୍ନାନ ପରେ ସେ ମୋତେ ଧଳା ରଙ୍ଗର କପଡ଼ା ପିନ୍ଧିବାକୁ ଦେଲେ । ସ୍ନାନ ପରେ ସମସ୍ତେ ତଳେ ବସି ସାଦାସିଧା ତଥା ସ୍ୱାଦିଷ୍ଟ ଭୋଜନ ପ୍ରସାଦ ଭାବରେ ପାଇଲୁ । ଖାଇବା ପରେ କଥାବାର୍ତ୍ତା ପାଇଁ ପାଖରେ ଅବସ୍ଥିତ ଏକ କୁଟୀର ମଧ୍ୟକୁ ସେ ମୋତେ ଡାକିଲେ । ସେ ମୋର କିଛି ବାଲ୍ୟ ଜୀବନ ବିଷୟରେ ପ୍ରଶ୍ନ କରିଥିଲେ ଏବଂ ମୁଁ ଯଥାସାଧ୍ୟ ତା'ର ଉତ୍ତର ଦେଇଥିଲି । ମୋର ଦେହ ସବୁବେଳେ ଅସୁସ୍ଥ ଥିବାରୁ ମୁଁ ଚିରରୋଗୀ ହୋଇଥିବାରୁ ମୋର ଡ଼ାକ ନାଁ ରୁଘା (ଚିର ରୋଗୀର ଅପଭ୍ରଂଶ) ହୋଇଥିଲା । ବାବାଜୀ କହିଲେ ତୁମେ ଆସିବା ବାଟରେ ଯେଉଁ ଫଳ ଭକ୍ଷଣ କଲ, ତାହା ଦ୍ୱାରା ତୁମର ଶରୀର ଆରୋଗ୍ୟ ଲାଭ କରିଛି । ହଠାତ୍ ମନ ମଧ୍ୟରେ ସ୍ମରଣ କରି ଜ୍ଞାତ ହେଲି, ଶରୀର ସୁସ୍ଥ ହୋଇ ନ ଥିଲେ ଏତେ ବାଟ ଚାଲି ଚାଲି ଆସିବା ସମ୍ଭବ ନୁହେଁ । ମୋତେ ସୁସ୍ଥ କରିବାକୁ ମୋର ପିତାମାତା ବର୍ଷ ବର୍ଷ ଧରି ଚେଷ୍ଟା କରି ବିଫଳ ହୋଇଛନ୍ତି । କିନ୍ତୁ ଏମାନଙ୍କ ନିକଟରେ ଆମର ବିଜ୍ଞାନ ପରାଜିତ । ଏହା ପରେ ପରେ ଆଧ୍ୟାତ୍ମିକ ଉପରେ ଆଧାରିତ ବିଭିନ୍ନ ବିଷୟରେ ଆଲୋଚନା ହେଲା । ପୁରାଣର ଅତି ଗହନ ପ୍ରଶ୍ନଗୁଡିକ ଅତି ସୁନ୍ଦର ଭାବରେ ସାବଲୀଳ ଭାବରେ ବୁଝାଇ ଦେଉଥିଲେ । ସେମାନଙ୍କ ସହିତ ଆଧ୍ୟାତ୍ମିକ ପରିବେଶ ଭିତରେ ବେଶ ଦୁଇମାସ ବିତିଗଲା । ଯାହା ଆମକୁ ଆଜି ଆଶ୍ଚର୍ଯ୍ୟ ତଥା ଅସମ୍ଭବ ପ୍ରତୀତ ହେଉଛି ତାହା ତାଙ୍କ ପାଇଁ ଅତି ସାଧାରଣ କଥା । ଆମ ପାଇଁ ଯାହା ଆନନ୍ଦ ପ୍ରକୃତରେ ତାହା କ୍ଷଣିକ ସୁଖ । ସେମାନଙ୍କ ମତରେ ଆନନ୍ଦ ହେଉଛି ସଚ୍ଚିଦାନନ୍ଦ । ତା'ର ଅନ୍ତ ନ ଥାଏ । ଯେ ଥରେ ଏ ରସ ଆସ୍ୱାଦନ କରିଛି ତା ପାଇଁ ଏ ସଂସାରର କୌଣସି ବୈଭବ ବଡ଼ ନୁହେଁ । ମୋର ଘର କଥା ମନ ମଧ୍ୟରେ ସ୍ମରଣ ହେବାରୁ କିଛି ଦିନ ପାଇଁ ସେମାନେ ଆଣି ଛାଡ଼ି ଦେଇଛନ୍ତି । ଏତେ ବେଳ ପର୍ଯ୍ୟନ୍ତ ଚଏତୁ ଚୁପଚାପ ବସି ସବୁ ଶୁଣୁଥିଲା । ସେ ପ୍ରଶ୍ନ

ISSN NO.
2582-208X

କଲା, "ସମସ୍ତେ କହନ୍ତି କିନ୍ତୁ କେହି ସେ ଗୁମ୍ଫା ଦେଖିନାହାନ୍ତି କାହିଁକି ? ନିଶାର୍ଦ୍ଧରେ ପାହାଡ଼ରୁ ଆଳତୀ କୀର୍ତ୍ତନ ଶବ୍ଦ ଅନେକ ଶୁଣନ୍ତି ।

ଘନଶ୍ୟାମ ଧିର ଅଥଚ ଗମ୍ଭୀର ଭାବରେ କହିଲେ ତାହା ପୃଥିବୀରେ ଥିଲେ ମଧ୍ୟ ଅପାର୍ଥିବ। ତେଣୁ ସମସ୍ତଙ୍କୁ ଦେଖାଯାଏ ନାହିଁ । ଚଏତୁର ମୁଣ୍ଡରେ ଏହା ବୁଝା ପଡ଼ିଲା ନାହିଁ ଯେ ପୃଥିବୀରେ ଥାଇ କେମିତି ପୃଥିବୀର ନୁହେଁ । ସନ୍ଧ୍ୟା ସମୟରେ ମନ୍ଦିରରେ ଆରତୀ ଆରମ୍ଭ ହେବାରୁ ଦୁଇଜଣ ଆରତୀ ଦର୍ଶନ କରି ନିଜ ନିଜ ଘରକୁ ଫେରିଗଲେ । ପରବର୍ତ୍ତୀ ସମୟରେ ଚଏତୁ ନିକଟରୁ ଗ୍ରାମବାସୀ ସବୁ ଶୁଣିଲେ । ପରିବାରର ଅନୁରୋଧ ରଖି ଘନଶ୍ୟାମ ସେ ବଣଜଙ୍ଗଲ ଘେରା ତାମ୍ବି ପାହାଡ଼କୁ ନ ଫେରିଲେ ମଧ୍ୟ ପଦ୍ମପତ୍ର ଜଳପରି ରହି ଆଧ୍ୟାତ୍ମିକ ଜୀବନଯାପନ କରି ଅବଶିଷ୍ଟ ଜୀବନ ବିତାଗଲେ।

ନୂଆଁ ବରଙ୍ଗାମାଲ, ଯୁଯୋମୁର୍,
ସମ୍ବଲପୁର - ୭୬୮୧୧୨, ଦୂରଭାଷ-୯୯୩୭୩୯୬୭୬୮
ଇ-ମେଲ panda.pradipkumar75@gmail.com

ISSN NO.
2582-208X



# କ୍ଷୁଦ୍ରଗଳ୍ପ-
# ବାଘ



ପ୍ରଦୀପ୍ତ କୁମାର ମିଶ୍ର

ବାଘ ଜଙ୍ଗଲରେ ମଣିଷର ଗତିବିଧି ଦେଖେ। ସେ ବାଘ ତା ଦଳଠାରୁ ଟିକଏ ଭିନ୍ନ, ଅର୍ଥାତ ତା ବୁଦ୍ଧି ଟିକଏ ସ୍ୱତନ୍ତ୍ର। ସେ ବାଘ ହେବାର ସ୍ୱାଭିମାନ ବେଶ ବେଶି। ତାର ବାଘହୋଇ ଜନ୍ମହେବାକୁ ସେ ଗର୍ବର ସହ ନେଇଥାଏ। ତା ଭାଇମାନଙ୍କୁ ସେ ବାଘ ହୋଇ ଅନ୍ୟକୁ ଭୟ ଦେଖାଇବାର ପ୍ରୋତ୍ସାହନ ଯୋଗାଇଥାଏ। ସେ ମଣିଷର ଗତିଗତି ପ୍ରତି ସତର୍କ ରହିଥାଏ। ମଣିଷ କେମିତି ଜାଣିଶୁଣି ତାର ପରିସ୍ଥାନ ମଧ୍ୟରେ ଅନୁପ୍ରବେଶ କରି ଜଙ୍ଗଲରେ ତାର ସ୍ଥିତି କୁ ବିପନ୍ନ କରୁଛି ସେ ମନେ ମନେ ବିପ୍ଳବ କରେ। ହେଲେ କେବେ ବିନା କାରଣରେ କାହାକୁ ଆକ୍ରମଣ କରେନ, ଏ ବାବଦରେ ସେ ବାଘପରି ନୀତିନିଷ୍ଠ ଥାଏ ।

ଥରେ ମଣିଷର ବିଶେଷ ଗତିବିଧିକୁ ଅନୁଧ୍ୟାନ କରିବାପାଇଁ ସେ ସହରକୁ ଆସିଲା, ଅବଶ୍ୟ ଏ ସମୟଟା ରାତିହିଁ ଥିଲା। ସେ ଦେଖିଲା ଅନେକ ବଡ ବଡ ଚିତ୍ର ତାର ଶୋଭାପାଉଛି, ପ୍ରତ୍ୟେକ ସ୍ଥାନରେ ତାର ଭୟଙ୍କର ଆକ୍ରମଣ ମୁଖୀ ଚିତ୍ରରେ କାନ୍ଥ ବାଡ଼ ପୁରିଯାଇଛି। କେତେକ ଗୁଲି ଦଣ୍ଡା ଖେଳାଳୀ ଙ୍କର ଚେହେରା କୁ ତାର ଚେହେରା ସହ ତୁଳନା କରାଯାଇଛି। ସେ ଜନ୍ତୁ ଏସବୁରେ ଅଭିମାନ ହସ ଟିଏ ବିଦ୍ରୁପ କରି ହସିଦେଲା। ବାଘର କାନ୍ଧରେ ହାତରଖି କୋଳେଇ ମଣିଷର ଝିଅ ବେଶ ବିର ଦ୍ରପରେ ଠିଆ ହୋଇଥିବାର ଦୃଶ୍ୟରେ ସେ ବେଶ ଲାଜେଇ ଗଲା। ଗୋଟିଏ ସ୍ଥାନରେ ତାର ସୁରକ୍ଷା ପାଇଁ ଅପିଲର ଦୃଶ୍ୟ

ISSN NO.
2582-208X

ବେଶ ଆମୋଦ ଦାୟକ ଥିଲା। ସେ କନ୍ତୁ ନାଗ୍ରର। କେବଳ ନଜ ମଧ୍ୟରେ ଦୁଃଖ ପ୍ରକାଶ କରି ନୀରବତା କୁ ଶ୍ରେୟ ଦେଇ ଫେରିବା ବେଳେ ହଠାତ ଦଳେ ଯୁବକ ତାକୁ ଦେଖିଦେଲେ। ସେମାନେ ଭୟଙ୍କର ଖବରେ ବାଘ ବାଘ ହୋଇ ଦୌଡା ଦୌଡ଼ି ଆରମ୍ଭ କରିଦେଲେ କେହିକେହି ତାର ଫୋଟୋ ମଧ୍ୟ ନେଲେ। ଏବେ ବାଘ ସହର ବୁଲିବା ଛାଡି ଜଙ୍ଗଲ ଅଭିମୁଖେ ଦୌଡ଼ିଲା ଖୁବ କ୍ଷିପ୍ର ଗତିରେ। ଜଙ୍ଗଲରେ ତାର ଦଳ ତାକୁ ଅପେକ୍ଷା କରିଥିଲେ କାଳେ କୌଣସି ବିପଦ ପଡିପାରେ। ଜଙ୍ଗଲରେ ମଣିଷର ବାଘ ହେବାର ଦୁର୍ବାର ନଶାକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ କରି କପରି ଜଙ୍ଗଲରେ ତାଙ୍କ ଫୋଟୋ ନେଇ ବିଭିନ୍ନ ନାମ ଦେଇ ମଣିଷ ବିରତ୍ୱ ର ପ୍ରଗ୍ଚର କରୁଛି ଏହି ଆଲୋଚନା ତା କଥାର ସାରବସ୍ତୁ ଥିଲା।

ହେଲେ ମଣିଷର ଏପରି ଗ୍ଚଲାଖି ଗୁଣ ତାକୁ ଆଦୌ ଭଲ ଲାଗିନଥିଲା। ସହର ତାର ଜଙ୍ଗଲ ତାର ସବୁକୁ ପାଟିରେ ପୁରେଇ ମଣିଷ ତାର ଢାଲପିନ୍ଧି ତାର ଖାଇବା ପିଇବା ଯୌନତା ଆଦିର ପ୍ରଚାରକରି ବେଶ ଆନନ୍ଦ ପାଇଛି। ଏହା ମଣିଷର ଏକ ଛାତ୍ରବାଦର ନମୁନା। ସେ ଶ୍ରେଷ୍ଠ ଜୀବ ହେଲେ ସେ ସବୁଠାରୁ ବଳବାନ ପ୍ରାଣୀ ବୋଲି କଣ ତା ଜାତିର ସ୍ୱାଭିମାନ ନାହିଁ। ହେଲେ ସେ ଜର୍ଜରିତ କିନ୍ତୁ କିଛି କରିନପାରିବାର ମନୋଭାବ ତା ଠାରେ ଦୁଃଖ ଆଣୁଥିଲା। ସେ ଇତିହାସ ଜାଣିଛି କୌଣସି ବାଘ ମଣିଷର ଏପରି କୁଟ କପଟତା କୁ ବରଦାସ୍ତ କରିନାହାନ୍ତି, ବରଂ ସ୍ନେହ ଶ୍ରଦ୍ଧାର ମୁଲ୍ୟ ସ୍ନେହ ରେ ଦେଇଛନ୍ତି। ମଣିଷ ତାର ପୂର୍ବ ପୁରୁଷ ଙ୍କ ଦେହର ଛାଲ କୁ ନେଇ ନିଜ ବୈଠକ ଗୃହ ରେ ରଖି ନିଜର ସ୍ୱାଭିମାନ ଦେଖାଇ ହେବା ଗୁଣକୁ ସେ ପସନ୍ଦ କରେନି। ପୂର୍ବରୁ ତାର ନାଚ ଗୀତ ମନ୍ତ୍ର କରି ତାକୁସମ୍ମାନ ଦେଉଥିବା ବେଳେ ଏବେର ମଣିଷ କେବଳ କୃତଘ୍ନଟିଏ।

ଏମିତି ତା ମନରେ ପ୍ରଶ୍ନ ସବୁ ଜାଲି ମାରି ଅସନ୍ତୋଷ ବଢ଼ିଗଲା ବେଳେ ସେ ବେଶ ଗର୍ଜନ କରେ ଓ ଶୋଇଯାଏ।

ISSN NO.
2582-208X

ସେଦିନ କିନ୍ତୁ ସେ ନିଜକୁ ସମ୍ଭାଳି ପାରିନଥିଲା, ଯେତେବେଳେ ସେ ଦେଖିଲା ତାରି ବଣରେ କିଛି ଯୁବକତାର ଖାଦ୍ୟ ଗୋଟିଏ ହରିଣକୁ କାଟି କିଛି ପାନୀୟ ସହ ଭୋଜନ କରିବାକୁ ଉଦ୍ୟତ ହେଉଥିଲେ। ସେ ସମ୍ଭାଳି ପାରିନଥିଲା ନିଜକୁ, ତା ମଧ୍ୟର ହିଂସ୍ରଗୁଣ ଜାଗ୍ରତ ହୋଇଉଠିଲା। ସେ ବିରାଟ ଗର୍ଜନ କରି ସେମାନଙ୍କୁ ଆକ୍ରମଣ କଲା। ଏହି ଆକ୍ରମଣ ରେ ସେମାନେ ଛାତ୍ରଭଙ୍ଗ ଦେଲେ। ତାର ଦାନ୍ତରେ ଜଣକ ବେକକୁ ସେ ଫୁଟେଇ ଦେଇ ସଦ୍ୟ ରକ୍ତକୁ ପାନ କରିନେଲା ଓ ତାକୁ ଜଙ୍ଗଲ ମଧ୍ୟକୁ ଘୋଷାରି ନେଲା। ସେହି ଉଦ୍ଧତ ମଣିଷର ଶବ ପାଖରେ ଜଗିକରି ବସି ସମସ୍ତଙ୍କୁ ସୂଚନା ଦେଲା ଏଠି ଆମେ ହିଂସ୍ର ବୋଲି ସମସ୍ତେ କହନ୍ତି ହେଲେ ଏମାନେ ହିଂସ୍ରଗୁଣ ଦେଖାଇ ସାରା ବିଶ୍ୱକୁ ଡ଼ରାଇବାକୁ ଯୋଜନା କରୁଛନ୍ତି, ତେଣୁ ମୁଁ ତାଙ୍କୁ ଆଜି ଠିକ ସବକ ଶିଖାଇଛି, ସମସ୍ତେ ଦେଖନ୍ତୁ ମୁଁ କେବଳ ବାଘ ଜଙ୍ଗଲର ରାଜା।

ଅରେଇ,ଯାଜପୁର,9658614728

ISSN NO.
2582-208X

# ସପନ ଏକ ମରୀଚକା



ଜନ୍ମଜୟ ନାୟକ

କେବେ ଧନୀକୁ ସଜାଏ ଭିକାରି,
କେବେ ଦରିଦ୍ରବି ହୁଏ  ରାଜକୁମାର,
ସତରେ ଏ ସପନ ଗୋଟେ ମରୀଚିକା
ମିଛ ଆଶାର ସୌଧ ଗଢେ
ନିମିଷକେ ଭାଙ୍ଗିଯାଏ ବାଲିଘର ପରି
ସପନ ନସରୁଣୁ ପାହେ ରାତି ।

ଭାରି ସ୍ୱାର୍ଥପର ଏ ସପନ,
କ୍ଷୁଧାର୍ତ୍ତ କୁ ରଖିଦିଏ ଭୋକିଲା
ତୃଷାର୍ତ୍ତ ମୁହଁ ରୁ ଛଡ଼ାଇନିଏ ଜଳ
କାହିଁକି ଆଖି ସିନ୍ଦୂକର ପହଡ ପଡିବାପରେ
ଆସି ମନ ଭିତରେ ଜାଗା କିଣିନିଏ
ପୁଣି ଧୋକା ଦେଇ ଫେରିଯାଏ ତା ବାଟେ

ISSN NO.
2582-208X

ବିଚରା ନିରୀହ ମଣିଷଟା ହାରେ
ମାୟା ମରୀଚିକା ପଛେ ଧାଇଁ
ସପନ ସତ ହୁଏନି
ଖାଲି ଅବଶୋଷ ର ଚିହ୍ନ ରହିଯାଏ
ଭାଙ୍ଗିଯାଏ ମନର ଦମ୍ଭ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ଚତୁର୍ଥ ଅଧ୍ୟାୟ

ରାଗ-ଶଙ୍କରାଭରଣ

ପତିତ-ପାବନୀ ସ୍ନେହମୟୀ ମନ୍ଦାକିନୀ
ନମି ସର୍ବ ଯତି ପଦେ କରୁଛି ଦୟିନୀ
ଔଦାର୍ଯ୍ୟରେ ଅନୁଗ୍ରହ
ହୋଇଲେ ହୋଇବ ମୋର ସର୍ବ ପାପକ୍ଷୟ ।୬।

କାୟାତେଜି ଗଲାପରେ ଅମୂଲ୍ୟ ପରାଣ
କଉଣସି ଘଟ ମଧ୍ୟେ ପ୍ରବେଶୁ ଜୀବନ
ସେହି ଘଟେ ରହିମନ
ଜଗନ୍ନାଥଙ୍କ ଚରଣେ କରୁଥିବ ଧ୍ୟାନ ।୭।

ଆଗାମୀ ଜନମ କରେ ଯେହ୍ନେ ସାଧୁସେବା
ଶାନ୍ତି ମୈତ୍ରୀ ଭାତୃଭାବ ସର୍ବଜୀବେ ହେବା
ଏହି ଆଶିଷ ମାଗଇ
ହରିନାମ ସଂକୀର୍ତ୍ତନେ ଥିବ ମନ ରହି ।୮।

ଉଚ୍ଚାରିଲେ ସାଧୁ ସାଧୁ ସକଳ ତପସ୍ୱୀ
କହାଣିଲେ ଯାହା ତାହା ଅଟଇ ଓଜସ୍ୱୀ
ଧନ୍ୟ ତୁମେ ନୃପବର
ଚିହ୍ନାପଡେ ଶୁଦ୍ଧ ସ୍ୱର୍ଣ୍ଣ ଅନଳ ଭିତର ।୯।

ISSN NO.
2582-208X

ଲଳିତ ସ୍ୱରେ ଭାଷିଲେ ଅଭିମନ୍ୟୁ ସୁତ
ବ୍ୟାସତନୟ ପୟରେ କରି ପ୍ରଣିପାତ
ଗୁରୁ ବ୍ରହ୍ମର୍ଷି ପରମ
ଯୋଗୀଗଣ ହୃଦୟେ ଭରିଛ ଶାନ୍ତି ପ୍ରେମ ।୧୦ ।

-: ଟୀକା :-

ପତିତପାବିନୀ - ପାପୀ ମାନଙ୍କୁ ରକ୍ଷା କରୁଥିବା ଗଙ୍ଗା ନଦୀ
ଯତି - ତପସ୍ୱୀ, ମୁନିଗଣ
ଔଦାର୍ଯ୍ୟ - ଉଦାରତା
ଓଜସ୍ୱୀ - ଓଜନଦାର
ଲଳିତ - କୋମଳ, ମଧୁର୍

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଉତ୍କଳ ଦିବସ



ସ୍ମୃତି ରେଖା ନାୟକ

ଏପ୍ରିଲ୍ ୧ ରେ ଉତ୍କଳ ଦିବସ
ପାଳିତ ହୁଅଇ ପ୍ରତି ବରଷ ।
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ
କରିବା କୁ ଗଠନ
ବହୁ ସଂଘର୍ଷ କରିଥିଲେ
ମଧୁସୂଦନ ।
ଏଥି ନିମନ୍ତେ ମଧୁବାବୁ
ଦେଖିଥିଲେ ସ୍ୱପ୍ନ
ସ୍ୱପ୍ନ ସତ କରିବାକୁ
ସେ ଏକ କରିଦେଇଥିଲେ
ରାତିଦିନ ।
ଉଣେଇଶ ଛତିଶ ଏପ୍ରିଲ୍ ୧ ରେ
ତାଙ୍କ ସ୍ୱପ୍ନ ସାକାର ହେଲା ।
ତାଙ୍କରି ସଂଘର୍ଷ ଫଳ ରେ
ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେଲା ।

ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ
ଉତ୍କଳ ଦିବସ ପାଳିତ ହୁଏ
ଉତ୍କଳ ଦିବସ ପାଳିତ ହେଲେ
ମଧୁବାବୁଙ୍କ ସଂଘର୍ଷ ମନେପଡିଯାଏ ।
ଉତ୍କଳୀୟ ମାନ ଙ୍କ ପାଇଁ
ଆଜି ଭାରି ଖୁସି ର ଦିନ
ଉତ୍କଳ ଦିବସେ ପ୍ରତି ଓଡିଆ ଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ।

ତୋରା ବରଗଡ଼

ISSN NO.
2582-208X

# ବେଣୀ



ସରୋଜ କୁମାର ସାହୁ

ଯଦିଓ ଲୁସିର ମୁହଁଟା ନୂଆ କି ଅପରିଚିତ ନଥିଲା ତଥାପି ସେଦିନ ଘଡିଏ ଚାହିଁ ରହିଲେ ଶାଶୂ ମଞ୍ଜୁଲତା ଦେବୀ। ପାଦଠୁ ମୁଣ୍ଡ ପର୍ଯ୍ୟନ୍ତ ତନତନ କରି ଦେଖି ସାରବା ପରେବି କିଛି ଭୁଲିଗଲା ପରି ଲାଗୁଥିଲା ତାଙ୍କୁ। ଆଖି ଓଠ ନାକ ସହିତ ଆଗକୁ ଝୁଲି ପଡିଥିବା କଳାମେଘୀ ବେଣୀଟା ଯେମିତି ଆର୍କଷଣ ବଢାଇ ଦେଉଥିଲା ତାର। ବିବାହର ବର୍ଷକ ବି ପରେ ଲୁସି ଏତେ ସୁନ୍ଦର ସେ ବୋଧେ ପ୍ରଥମଥର ଦେଖିବାକୁ ପାଇଲେ। ମାଂସଳ ଦେହ ଭରପୁର ଛାତି ପ୍ରସ୍ଫୁଟିତ ଚେହେରାରେ କୋଉ ରାଜକୁମାରୀ କି ଦେବୀଙ୍କ ଠାରୁ କମ୍ ଲାଗୁନଥିଲା ସେ ।

ଶାଶୂମା'ଙ୍କର ଏପରି ଦୋଦୋପାଞ୍ଚ ଦେଖି ଠିକ୍ ଠଉରେଇ ପାରୁଥିଲା ଲୁସି ଏ ସବୁ ତାର ସେଇ ବେଣୀର ପ୍ରଭାବ। ଯାହା ଅଚାନକ ଶାଶୂମା'ଙ୍କୁ ଦ୍ୱନ୍ଦରେ ପକାଇ ଦେଉଛି।

-କଣ ବୋଉ ମୋତେ ଚିହ୍ନି ପାରୁନାହାନ୍ତି କି ? ଏମିତି ଅପଲକ ନୟନରେ ଚାହିଁ ରହିଛନ୍ତି ଯେ..? ମୁଁ ପରା ଲୁସି..?

-ତୁ ମୋର ବୋହୂଟି ..? ସ୍ୱଭାବିକ ହୋଇ ଥଙ୍ଗମଙ୍ଗ ଭାବରେ ପଚାରିଲେ ଶାଶୂ। ମୁଁ ଭାବିଲି କୋଉ ରାଜକୁମାରୀ ବୋଧେ ବାଟବଣା ହୋଇ ପଶି ଆସିଛି ମୋ ଘରକୁ। ମୁହଁରେ ମେଞ୍ଚାଏ ଲୁଛାୟିତ ହସଥିଲା ତାଙ୍କର ।

-ମୁହଁପୋତି ଟିକେ ଲାଜେଇଗଲା ଲୁସି। ତାର ହସର ପାଖୁଡା ସବୁ ଅଧିକ ସଜସଜ ପରି ଲାଗୁଥିଲା ।

ISSN NO.
2582-208X

ଶାଶୂମା' ଗଳା ଫଟେଇକି ଡାକିଲେ "କୋଉଟି ଅଛ ମଧୁ ମାମା? ଶିଘ୍ର ଆସ। ତମେବି ତାଜୁବ ହୋଇଯିବ ଦେଖିଲେ??

ସେପଟ ଘରୁ ତରତର ହୋଇ ମାମାକୁ ଧରି ଦୌଡି ଆସିଲେ ବଡବୋହୂ ମଧୁ। ମୁହଁସାରା ପ୍ରଶ୍ନିଳ ଭାବରେ ପଚାରିଲେ "କଣ ହେଲା କି ବୋଉ? ଏମିତି ବ୍ୟସ୍ତ ହୋଇପଡିଲ ଯେ??

-ବ୍ୟସ୍ତ ଫେସ୍ତ କିଛି ନାହିଁ? ତୁ ଟିକେ ସାମ୍ନାପଟକୁ ଦେଖିଲୁ ତ?

ଅଚାନକ ଆବାକାବା ହୋଇଗଲା ମଧୁ। ତାର ଆଖିକୁ ବିଶ୍ବାସ କରିପାରିଲାନି ସେ ସ୍ୱପ୍ନ ଦେଖୁଛି ନାଁ ସତ। ଆଖିର ପଲକକୁ ଦୁଇ ଚାରିଥର ଉପରତଳ କରି ଦେଖିଲା ସାମନାରେ ଲୁସି। ଅଗଣାର ଗୋଟିଏ କଣକୁ ଆଉଜି ଲାଜଲାଜ ହୋଇ ଛିଡା ହୋଇଛି। କଡକୁ ଲାଗିଯାଇ ତାର କଅଁଳ ଡେଣାକୁ ହଲେଇଦେଲା ଟିକେ। ହଁ ତ ସେଇ ଏକା ଚେହେରା..। ସ୍ୱପ୍ନ ନୁହେଁ ସତ..। ମୋର ଯୁବା ବୟସଠୁ ତୁ ବଳିଗଲୁ ଲୁସି। ଯୋଉ ବୟସରେ ମୋହରେ ପଡି ମାମାର ବାପା ମୋତେ ବାହାହେବା ପାଇଁ ଜିଦ୍ କରିଥିଲେ ଆଉ ସଫଳ ହେଲେବି। ଦୁଇ ପରିବାରଙ୍କ ସମ୍ମତିରେ ଏ ଘରର ବଡବୋହୂ ହେଲି ମୁଁ..। ହେଲେ ଦିଅରଙ୍କ ଭାଗ୍ୟ ଆପେଆପେ ଚମକିଲା। ଦେଖୁନୁ?? ତୋ ଭଳି ରୂପବତୀ ଗୁଣବତୀ ଝିଅ ଆସି ଧରାଦେଲା ପାଲରେ।

-ଦିଦି ତମେ ବି ନାଁ..ସବୁବେଳେ ଖାଲି ଏମିତି??

-ଆଜିକାଲି କଣ ଏତେ ଲାଜେଇ ହେଲେ ଚଳିବ..। ପୁରୁଷମାନେ ଲାଜ ନୁହେଁ ଟିକେ ଆଧୁନିକା ଆଉ ହଟ୍ ମିଞ୍ଜାସ୍ ର ଝିଅଙ୍କୁ ମନେମନେ ଝୁରନ୍ତି ।ତତେ ସବୁକିଛି ବୁଝେଇବାକୁ ପଡିବ।

ଶାଶୂ ମା' ଦୁଇ ବୋହୂଙ୍କର ହସଖୁସିରେ ମୁଣ୍ଡ ନ ଖେଳାଇ ଅଗଣାରେ ସେପଟ ଘରକୁ ଚାଲିଗଲେ। ସେତେବେଳକୁ ମାମା ବେଣି ବାନ୍ଧିବ ବୋଲି ଜିଦି କରୁଥିଲା ତାଙ୍କ ପାଖରେ ।

ଗୋଟେ ଝିଅ ଏପରିକି ବୋହୂ ହିସାବରେ ଲୁସିର ହାବଭାବକୁ ଠିକ୍ ଠଉରେଇ ପାରୁଥିଲେ ସେ। ଲାଜରେ ମୁହଁକୁ ଚାହିଁ ନ ପାରି ପାଦ ଦୁଇଟିକୁ ମାଟିରେ ରଗଡିବାରେ ଲାଗୁଥିଲା ଲୁସି।

ISSN NO.
2582-208X

-ସତ କହିଲୁ ଲୁସି ଏ ବେଣୀ ତୁ ବାନ୍ଧିଛୁ ତ...?

-ହଁ ଦିଦି। ଛେପ ଢୋକି ପଦୁଟିଏ କହି ଆସିଲା ବେଳକୁ ମଧୁ ବେଣୀକୁ ହାତରେ ଧରି ମୁରୁକି ହସୁଥିଲେ। ତୋତେ ତ ଭଲରେ ମିଛ ଲୁଚେଇ ଆସେନା। ମିଛ କାହିଁ କହୁଛୁ ମ..। ବେଣୀରେ ପୁରୁଷ ହାତର ଗନ୍ଧ ବାରି ହେଇ ପଡୁଛି । ଫୁଲରେ ଭ୍ରମର ବସି ଯେମିତି ଫୁଲକୁ ଚମକାଏ ଏ ବେଣୀ ପୁରୁଷର ସ୍ପର୍ଶରେ ସେମିତି ଚମକୁଛି ପରା। ଇଏ ଆଉ ଦିଅର ସୋମୁର ଯାଦୁ ନୁହେଁ ତ.... ।

-କେମିତି ବାନ୍ଧିଲେ କିଲୋ...ତୋର ଏ ଲମ୍ବା ବେଣୀକୁ ? ଇଛାରେ ନାଁ ଅନିଛାରେ...? ଆଇନା ସାମନାରେ ଛିଡା ହୋଇକି ନାଁ କୋଳରେ ବସେଇକି ମ....?

-ତାର ପଦ୍ମପାଖୁଡା ପରି ଓଠ ଯେମିତି ଲାଜଲୁଳୀ ପରି ଝାଉଁଳି ପଡୁଥିଲା ଧିରେଧିରେ... ।

-ହଁ ନାହିଁର ଉତ୍ତର ଆଉ ଲୁସି ମୁହଁରୁ ଶୁଣିବାକୁ ଚାହିଁଲେନି ମଧୁ। ଗୋଟିଗୋଟି କରି ସବୁ ପଢି ସାରିଥିଲେ ତାର ଲାଜମିଶା ସେ ଗୋପନ ହସରୁ ।

ସୋମୁ.. ସୋମୁ..। କୁଆଡେ ଗଲ ପା..? ଟିକେ ଏଠିକି ଆସିଲ । ତମର ସେ କୌତୁକିଆ ମୁହଁଟାକୁ ଦେଖେ? ଲୁସି ଏଇ ବରଷକ ଭିତରେ କେତେ କଣ ବଦଳେଇ ସାରିଲାଣି । ଲାଜକୁଳା ମୁହଁ ନାଁ ଦେହର ସାଇଜ ନାଁ ସେ ଚୋରି କରିପାରୁଥିବା ହୃଦୟ.. ।

ସୋମୁ ଘର ଭିତରେ ଜାଣି ଜାଣି ବିଳମ୍ବ କରୁଥିଲା।ତାକୁ ଅଛପା ରହିନଥିଲା ଆଉ ଭାଉଜଙ୍କ ଏ ଅଚାନକ ଡାକର କାରଣ କଣ..। କଣ ଉତ୍ତର ରଖିବ ଭାଉଜଙ୍କ ଆଗରେ ତାର ମୁଣ୍ଡକୁ କିଛି ଶବ୍ଦ ଜୁଟୁ ନଥିଲା ଯେମିତି ।

-ଡାକ କଣ ଶୁଭିବ କି ଆଉ...। ଭାଉଜ କଥାଟାକୁ ପୁଣିଥରେ ଦୋହରାଇଲେ....। ଲୁସିର ଗୁଣୁଗୁଣୁ କଥା ତ କାନରେ ପରଳ ପକେଇ ଦେଇଥିବ। ଭାଉଜ ଟିକେଟିକେ ରୋମାଣ୍ଟିକ୍ ଦିଶିଲେ ଏଥର ।

ପାଟିରେ ଭଜାବୁଟକୁ କିଛିଟା ପକାଇ ପଛ ପଟରେ ସୋମୁ ଆସି ଛିଡା ହେଲା ଲୁସିଠୁ ଟିକେ ଛାଡିକି। ଯେମିତି ତାର ଏ ସବୁରେ କିଛି ବି ମତଲଫ ନାହିଁ। ସବୁ ପୁରୁଷ ସର୍ବଦା ନାରୀ ସମ୍ମୁଖରେ ନିଜକୁ ସ୍ୱତନ୍ତ୍ର ଗଢି ତୋଳିବାକୁ ଚାହାନ୍ତି। ସେ ବା ବାଦ୍ ପଡନ୍ତା କେମିତି.. ।

ISSN NO.
2582-208X

-ସ୍ତ୍ରୀର ପଣତ ତଳେ ଛପି ଯାଅନା। ପିଲାବେଳେ ସ୍ତ୍ରୀ ଲୋକର ପାଖ ମାଡୁନଥିବା ସୋମୁକୁ ଲୁସି ଏମିତି କି ମନ୍ତର ଫୁଙ୍କିଲା ଯେ ଛାଇ ବି ଛାଡିବାକୁ ଇଚ୍ଛା କରୁନ ଆଉ..। କେତେବେଳେ ଶାଢୀ ପିନ୍ଧୋଉଛ ତ କେତେବେଳେ ଚୁଡି, କେତେବେଳେ ବେଣୀ ବାନ୍ଧିଦେଉଛ ତ ଆଉ କେତେବେଳେ ବି ବ୍ଲାଉଜର ବୋତାମ ବି ଦେଇଦେଉଛ...ହସି ହସି କହିଲେ ମଧୁ ଭାଉଜ ।

-ଦିଦି ..ଛାଡନା ସେ କଥା।ତମେ ବି ସେମିତି..? ଲୁସି ଲାଜରେ ସାମ୍ନା କରିପାରୁନଥିଲା ଦିଜଣଙ୍କୁ.. ।

-ଲାଜ କଣ ପା..। ମୁଁ ପରା ତୋ ବର ଆଗରେ କହୁଛି...। ଲୁସିର ଗାଲ ଦିଇଟାକୁ ଚିପିଦେଇ ହସି ଉଠିଲେ ଭାଉଜ ।

ସ୍କୁଲରେ ବେଣି କମ୍ପିଟେସନରେ ମାମାର ଟିକେ ବେଣି ବାନ୍ଧି ଦେବାକୁ କହିଲାବେଳେ କହୁଥିଲ "ଏ ସବୁ କଣ ପୁରୁଷ ଲୋକର କାମ ଯେ ସେ ତାଲିମ୍ ନେବ । ଆମେ କୋଉ ଲେଡିସ୍ ପାର୍ଲର ଖୋଲିଛୁ ଯେ ସେଥିରେ ମୁଣ୍ଡ ଖେଳାଇବୁ। ସେ ସବୁ ମାଇପି ମାନଙ୍କର କାମ ନାଁ"। ହେଲେ ଆଜି ଦେଖ ...ସ୍ତ୍ରୀକୁ କେମିତି କୋଳରେ ବସେଇ ବେଣୀ ବାନ୍ଧି ଦେଇଛ ଗଣ୍ଠି ପରେ ଗଣ୍ଠି ପକେଇକି ।

ଆଉ ଆମର ଥରେଅଧେ ବାନ୍ଧି ଦେଉନ କାଇଁ ତ.. ? ତମ ଭାଇର ଦୀର୍ଘଦିନର ଇଚ୍ଛାଟା ଟିକେ ପୂରଣ ହୋଇ ପାରନ୍ତା। ବେଣୀଟା କେମିତି ନାରୀକୁ ଅଧିକ ସୁନ୍ଦରୀ କରିଦିଏ ସେ ଥରେ ପରଖନ୍ତେ ମୋ ଦେହରେ।ଆଉ ଖୋଜିବୁଲନ୍ତେ ଥମି ଯାଇଥିବା ଯୌବନର ସେ ଉତ୍ତାଳ ଢେଉକୁ। ଇସ୍...।ଭିତରେ ଭିତରେ ଶିହରିତ ହେଉଥିଲା ତାଙ୍କର ଦେହ ।

-ସେ ସୁଯୋଗ ଆଉ କଣ ଅଛି ଭାଉଜ।ସେ ସବୁକୁ ଛାଡି ଆସିଲିଣି କେବେଠୁ। ବିବାହ ପରେପରେ ଏବେ ସେ ଅଧିକାରରେ ଜାହିରି କରିବାର ହକ୍ କେବଳ ଲୁସିର ।

-ସେ ସୁଯୋଗ ଯଦି ପୁଣି କେବେ ଥରେ ମିଳେ ତମେ ପାଦେ ଆଗେଇବ ତ....? ଭାଉଜଙ୍କର ଟିକେ ତାଛଲ୍ୟଭରା ଚାହାଣୀ। ।

ISSN NO.
2582-208X

-ଦେଖାଯାଉ...। ନାଁ କଣ କି..?? ଲୁସିର ବାହୁକୁ କହୁଣିରେ ହଲାଇ ଦେଇ ଚାହିଁ ରହିଲା ସୋମୁ। ଲୁସି ରାଗରେ ଦାନ୍ତ କଟମଟ କରୁଥିବା ଅନୁଭବ କରୁଥିଲେ ଦୁହେଁ ।ଯେମିତି ନୀରବରେ ବି ଭୂମିକମ୍ପର ତୀବ୍ରତା ଅନୁଭୂତ ହେଉଥିଲା ।

ମାମାର ବେଣୀ ବନ୍ଧା ଜିଦିଟା ପୁଣିଥରେ ଚେଇଁ ଉଠିଲା। ଦାଦା ଦାଦା ମାମା ମାମା କହି ଚାରିପାଖ କୋଳାହଳ ଖେଳାଇଦେଲା। ମୋର ଟିକେ ବେଣୀ ବାନ୍ଧି ଦିଅ ନାଁ ଦାଦା। ମୁଁ ସବୁ ଝିଅଙ୍କ ଆଗରେ ଟକର୍ ଦେବାକୁ ଚାହେଁ। ମୋର ଲମ୍ବା ଆଉ ସୁନ୍ଦର ବେଣୀ ଦେଖି ସମସ୍ତେ ଯେମିତି ଇର୍ଷାପରାୟଣ ହେବେ। ବାନ୍ଧି ଦେବ ତ..??

-ହଁ ...ନାଁ ...ଆଜି ନୁହେଁ ? ଆଉ କେବେ...

-ବାନ୍ଧି ଦେଉନ ଟିକେ..? ଲୁସି ହସିହସି କହିଲା ସୋମୁଙ୍କ ଆଡେ ଲକ୍ଷ୍ୟକରି ।

-କାହାର..? ମୁଁ ଭାବିଲି ..??

-ଆଚ୍ଛା .. । ମାମାର ତ ଆଉ କାହାର। ରୁହ ..ତୁମ କଥା ବୁଝୁଛି ଆଜି....? ଲୁସି ମଧୁ ଚାପାହସରେ କୁରୁଳି ଉଠିଲେ ।

ସେତେବେଳେକୁ ମାମାର ମୁହଁ କାନ୍ଦକାନ୍ଦ । ରୁହ ଦାଦା!! ବିନୀଅପା ରେଣୁ ମାଉସୀ ସୁମିଦିଦିକୁ ବି କହିଦେବି ତମେ କେମିତି ଖୁଡୀଙ୍କୁ କୋଳରେ ବସେଇ ବେଣୀ ବାନ୍ଧି ଦେଉଛ। ରାଗ ଗରଗର ହୋଇ ଦୌଡି ପଳାଇଲେ ସେଠାରୁ.. ।

-ଆରେ...ରହ ..ରହ...?? ଟିକେ ଶୁଣୁ ତ ମୋ କଥା...??

ଲୁସି ମଧୁ ଗୁଞ୍ଜରିତ ହସକୁ ଚାପି ନ ପାରି ହୋ ହୋ ହୋଇ ହସି ଉଠିଲେ । ସେମାନଙ୍କ ସହ ବି ହସି ଉଠିଲେ ସୋମୁ। ତିନିଜଣଙ୍କର ହସ ଏକାକାର ହୋଇ ତିଆରି ହେଉଥିଲା ଗୋଟେ ସୁସ୍ଥ ବାତାବରଣ। ଯୋଉଥିରେ ଭରି ରହିଥିଲା ପ୍ରେମ ବିଶ୍ୱାସ ଭରସା ଆଉ ସମ୍ପର୍କର ପ୍ରସ୍ଫୁଟିତ ରଙ୍ଗର ସମାହାର...

ଆଠଗଡ, କଟକ

ISSN NO.
2582-208X

# କିଛି ଛାଡିଗଲ କି ପଛରେ

ରବି ବେହେରା

ଡାକର୍ ଆସିଲେ   ଯିବାକୁ ପଡିବ
    କଛି ନେବାନାହିଁ ସାଙ୍ଗରେ,
ମମତା ର ଡୋର   ଛିଡିଯିବ ଦିନେ
    ସବୁ ରହିଯିବ ପଛରେ। (୧)

ଆୟା ପାଖେ ଛାଡ଼ି   କଅଁଳା ଶିଶୁ କୁ
    ଅଫିସ କୁ ଯେବେ ବାହାରେ,
ପଗ୍ଭରଇ ଆୟା   ସବୁ ନେଇଛ ତ
    ଛାଡିନାହଁ କଛି ପଛରେ? (୨)

ଯାହା ପାଇଁ ଖଟି   ରୋଜଗାର କରେ
    ତାକୁ ତ ଛାଡିଲି ପଛରେ,
ଗ୍ଭବି ଆଉ ପର୍ସ   ମୋବାଇଲ ଫୋନ
    ଏସବୁ କୁ କଏ ପଗ୍ଭରେ। (୩)

ଝିଅ ବାହାଘର   ସାରି କନ୍ୟାପିତା
    ମଣ୍ଡପ ଛାଡିବା ବେଳରେ,
ଭଉଣୀ ପଗ୍ଭରେ   ଦେଖିନଅ ଭାଇ
    ଛାଡିଲ କ କଛି ପଛରେ। (୪)

ବାପା ଭାବୁଥାଏ   ଝିଅ ଗ୍ଭଲିଗଲା
    ବନ୍ଧନ ରହିଲା ପଛରେ,

ISSN NO.
2582-208X

ବାଙ୍କ ଯଦି କଛି   ଜିନଷ ରହିଲ୍
 ମୂଲ୍ୟହୀନ ଝିଅ ଆଗରେ। (୫)

ଅବସର ଦିନ   ସମ୍ବର୍ଦ୍ଧନା ପରେ
 ପିଅନ ଟା ଆସି ପଗ୍ସରେ,
ଟେବୁଲ ଡ୍ରୟର   ଦେଖିଦ୍ୟନ୍ତ ସାର
 ରହିଲ୍ କ କଛି ପଛରେ। (୬)

ସାର ଭାବୁଥାନ୍ତ   ପଚଶ ବରଷ
 ସ୍ମୃତି ରହିଗଲ୍ ପଛରେ,
ଡାଇରୀ କଲମ   ଚଷମାର ଖୋଳ
 ଏସବୁକୁ କଏ ପଗ୍ସରେ। (୭)

ପୁଅ ପାଠ ପଢି   ଗ୍ସକରୀ କରିଲ୍
 ରହିଗଲ୍ ଆମେରିକାରେ,
ବିଦେଶିନୀ ଝିଅ   ବାହା ହୋଇଗଲ୍
 ଗ୍ଜି ହୋଇ ନଜ ଇଚ୍ଛାରେ। (୮)

ନାତି ଦେଖିବାକୁ   ଆମେରିକା ଗଲେ
 ପତିପତ୍ନୀ ଦୁହେଁ ପ୍ଲେନରେ,
ପୁଅ ପଗ୍ସରୁଛି   ଆସିବା ବେଳରେ
 କଛି ଛାଡିଲ କ ପଛରେ। (୯)

ସାଗ୍ ଜୀବନର   ଅର୍ଜିଥିବା ଧନ
 ପୁଅ ରହିଗଲ୍ ପଛରେ,
ସାର୍ଟ ପେଣ୍ଟ ଆଉ   ଧୋତି ଓ ଗାମୁଛା
 ଏସବୁ କୁ କଏ ପଗ୍ସରେ। (୧୦)

ISSN NO.
2582-208X

ବାପାଙ୍କର ଶବ ଦାହ କରିସାରି
ଘରକୁ ଫେରିବା ବେଳରେ,
ଲେଉଟି ଆସଇ ଯୁଇ ର ପାଖକୁ
ପୁଅ ଲୁହ ନେଇ ଆଖିରେ ।(୧୧)

ପଗ୍ଗରଇ ସାଙ୍ଗ ଛାଡିଲୁ କ କଛି
କଛି ରହିଗଲା ପଛରେ,
ସବୁ ଗ୍ଗଲିଗଲା ବାପାଙ୍କ ସାଥିରେ
କଥା ରହିଗଲା ମନରେ। (୧୨)

ଏବେବି ସମୟ ରହିଛି ହାତରେ
ବାନ୍ଧ ସ୍ନେହ ପ୍ରେମ ରଜ୍ଜୁରେ,
କଏ ଜାଣେ କେବେ ଯିବାକୁ ପଡିବ
ସବୁ ଛାଡିଦେଇ ପଛରେ। (୧୩)

ISSN NO.
2582-208X

# ମୋ ନାୟକ



ଭାରତୀ ମୁଦୁଲି

ଆଦ୍ୟ ବସନ୍ତର ସ୍ପନ୍ଦନ ତୁ ମୋର
ପ୍ରେମ ମାସର ସଜସ୍ମୃତି
ହୃଦୟରେ ଆନ୍ଦୋଳିତ ଅତୀତର ସ୍ୱର
ମନର କୋଣାର୍କେ ଆଜି ଶତଶତ ଶିଳ୍ପୀ
ଗଢ଼ୁଛନ୍ତି ତୋ ଆକାର ସତିସତିକା
ଅନ୍ତରେ ଥାଏ  କେତେ ପ୍ରେମ ତୋ ପାଇଁ
ଶୋଭାଦିଏ ଆପଣା ଛାଏଁ ଫୁଟିଲେ ବି ଯନ୍ତ୍ରଣାରେ
କେତେ ଋତୁ ବିତିଗଲେ ସୁଦ୍ଧା ଜଗି ବସିବି ବାଟକୁ ତୋର
କାଢ଼ିବିନି କେବେ ତତେ ଏ ହୃଦୟ ଓ ମନରୁ
ମୋର ଅଥୟ ମନ କିଣୁ ଗେଲେଇ କଥା କହି
ମନେଇ ହୃଦୟ ଜିଣୁ ଅମାନିଆ ହେଲେ
ତତେ ଭଲପାଇବାକୁ ଲାଗେନା ଭୟ
ଦୂରତାକୁ ଭାଙ୍ଗି ମନେପଡେ ତୋ ନୀରବତା
ଯେବେ ସବୁ ଭୁଲି ମନ ମୋଡ଼େ ତୋ ଆଡକୁ

ISSN NO.
2582-208X

ଜାଣିନି କେବେ କୋଉଠୁ ଆସୁଛି ମନୋବଳ
ନିତି ଲଢେଇ ହୁଏ ଈଶ୍ୱର ସହ
ଚାରିଦିଗୁ ଶୁଭୁଥିବା ଦେଖାଣିଆ ଯୁକ୍ତି ସହ
ଖାଲି ତୋ ପାଇଁ ଲଢେଇ କରେ ମୁଁ ଲଢେଇ କରେ
ଚିରକାଳ ମୋ ନାୟକ ତୁ ରହିବୁ
ମୋ ସ୍ୱପ୍ନରେ,ମନରେ,କାହାଣୀରେ ଆଉ କବିତାରେ. . . .

ପିଏଚ୍. ଡ଼ି ଗବେଷିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Please visit our YouTube Channel by typing the below mentioned link on your browser and watch many videos of different places.

Request to Subscribe our Channel.

https://youtube.com/@unexploredensation7226

ISSN NO.
2582-208X

# ଅଜବ ଠାକୁର



ସତ୍ୟନାରାୟଣ ମିଶ୍ର

ଚିଠି ଲେଖିଥାନ୍ତି କାଳିଆ ପାଖକୁ
ଠିକଣା ମତେ ଅଜଣା
ଖବର ପଠାନ୍ତି ତା ଲୋକ ମାଧ୍ୟମେ
କେହି ନାହାନ୍ତି ମୋ ଚିହ୍ନା ।
ଅତି ଜରୁରୀ ମୋ ଦୁଃଖ ଜଣାଇବି
ମୁଁ ଯେ ଦୀନ ହୀନ ଦୁଖୀ
ଏତେ ବଡ଼ ବଡ଼ ଆଖି ଅଛି ତାର
କେମିତି ନ ପାରେ ଦେଖି ।
ଦେବା କୁ ପଡିବ ମାଗିଲେ କାହାକୁ
ସେ ହେତୁ ନାହିଁ ତା ହାତ
ଡାକିଲେ ଯିବାକୁ ପଡ଼ିବ ପାଖକୁ
ଗୋଡ଼ ହରାଇଛି ସେ ତ ।
ରଙ୍ଗ ନାଲି ତାର ଅଧରେ ଦଉଚି
ମୁରୁକି ମୁରୁକି ହସି
ଲାଗୁଛି ଯେମିତି ଉପହାସ କରେ
ଦୁଖୀ ଅସହାୟ ଦେଖି ।

ହୋଇ ବି ପୁରୁଷ ନାରୀ ଭଳି ଦେଖ
ନାକ ରେ ବସଣି ଗୁଣା
ବଡ଼ ଅଜବ ସେ କାଳିଆ ଠାକୁର
ତାର ମାୟା ତାକୁ ଜଣା ।

ସିନ୍ଧେକେଲା ବଲାଙ୍ଗୀର
9583605915

ISSN NO.
2582-208X

# ବାଲ୍ୟାବସ୍ଥା ବନ୍ଧୁତ୍ୱ ଓ ସରଳ, ନିଷ୍କପଟ ସମ୍ପର୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କାଏମ୍ ରହେ



ପ୍ରଦିପ୍ତ ସେନାପତି

ଏକଦା ଏକ କମ୍ପାନୀରେ ଜଣେ ଯଗୁଆଳ ମୁତୟନ ଥିଲେ। ପ୍ରତ୍ୟେକ ଦିନ ପରି ସେଦିନ ଗେଟ୍ ରେ ଡ୍ୟୁଟି କରୁଥିଲେ। ଦାରିଦ୍ର୍ୟ ଓ ଦୈନନ୍ଦିନର ଜୀବନର ପେଟଚିନ୍ତା, ସତେ ଯେପରି ତାଙ୍କର ଜନ୍ମଗତ ଓ ନିତିଗତ ଅଧିକାର ଏହା ଥିଲା ତାଙ୍କର ଜୀବନ ସଂଗ୍ରାମ। କେଜାଣି କାହିଁକି ସେ ଦିନ ସେ ବସୁବସୁ ଆଖି ବନ୍ଦ ହୋଇ ଯାଇଥିଲା। ସେ ଶୋଇ ଯାଇଥିଲେ, ଠିକ୍ ସମୟରେ ତାଙ୍କର ଫିଲ୍ଡ ମ୍ୟାନେଜର ଆସି ଦେଖିଲେ ଆଉ ତାଙ୍କୁ ନିଦରୁ ଉଠାଇ କହିଲେ, ତୁମେ ଡ୍ୟୁଟି ସମୟରେ ଶୋଉଛ। ତୁମେ ଜାଣିନାହଁ ଆଜି ଏହି କମ୍ପାନୀର ମାଲିକ ଆସିବେ। ଲୋକଟି ନତମସ୍ତକ ଏବଂ ଧୀରଗଳାରେ ଉତ୍ତର ଦେଲା- ମହାଶୟ ମୋର ଭୁଲ୍ ହୋଇଛି। ଆଉ ଏପରି କେବେ ହେବନି, କ୍ଷମା କରନ୍ତୁ। ସଙ୍ଗେ ସଙ୍ଗେ ମ୍ୟାନେଜର କହିଲେ - ଭୁଲ୍ କଲାପରେ ମୋ ସାମ୍ନାରେ ଉତ୍ତର ଦେଉଛୁ। ଚୁପ୍ ଚାପ୍ ଛିଡା ହୋଇ ରହ। ଏପରି କହି ଏକ ଶକ୍ତ ଚାପୁଡା ଜଗୁଆଳଙ୍କ ଗାଲରେ ବସିଲା। ମ୍ୟାନେଜର୍ ପୁଣି କଡା ତାଗିଦ୍ କରି ସତର୍କ କରାଇଦେଲେ, ପୁନଶ୍ଚ ଏପରି କଲେ ଚାକିରୀରୁ ବାହାର କରିଦେବି। ସେଠାରୁ କମ୍ପାନୀ ଭିତରକୁ ଚାଲିଗଲେ।

ନିରିହ ଲୋକଟି ଲୁହ ପୋଛିପୋଛି ଚିନ୍ତା କରୁଥିଲା, ଯେ ନିଜର କର୍ତ୍ତବ୍ୟ ଓ ଜୀବନର ଖାଲ ଢିପ ରାସ୍ତାରେ ଭାରସାମ୍ୟକୁ ଆୟତ କରିପାରୁନଥିଲା। ସେ ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ଉପରେ ଛାଡିଦେଇ ସତ୍ ରାସ୍ତାରେ ନିଜକୁ ନିୟୋଜିତ କରିଥିଲା। ତାହାର କିଛି ସମୟ ପରେ କମ୍ପାନୀର ମାଲିକ ଆସିଲେ। ଗେଟ୍ ରେ ଗାଡି ରଖି ବାହାରକୁ ଆସିଲେ। ଲୋକଟି ମାଲିକକୁ ଦେଖି ଖୁସିରେ ପ୍ରଣାମ କଲା। ହଠାତ୍, ଆରେ କଣ ! ତୁମକୁ ମୁଁ କେଉଁଠି ଦେଖିଛି, ଖୁବ୍ ପାଖରୁ ଦେଖିଛି! ଏହି ଶବ୍ଦ ଲୋକଟି କାନରେ ବାଜିଲା।

ISSN NO.
2582-208X

ତୁମ ନାମ କଣ ଓ ଗ୍ରାମ କେଉଁଠି ବୋଲି ମାଲିକ ପଚାରିଲା । ସଙ୍ଗେ ସଙ୍ଗେ ଲୋକଟି ଉତ୍ତର ଦେଲା । ଏହା ଶୁଣି କମ୍ପାନୀର ମାଲିକ କହିଏ ତୁମେ ମୋର ପିଲାଦିନର ସାଙ୍ଗ କହି ତାଙ୍କର ନାମ ଓ ଗ୍ରାମର ସମସ୍ତ ପିଲାଦିନର ଅଭୁଲା ସ୍ମୃତି ଛୋଟ ଛୋଟ ଘଟଣାମାନ କହିଚାଲିଲେ ଗୋଟିଏ ପରେ ଗୋଟିଏ ଓ ପୂର୍ବତନ ବନ୍ଧୁଙ୍କୁ କୋଳାଗ୍ରତ କଲେ । ମାଲିକ ମହାଶୟ ତରବରରେ କହିଲେ ଭିତରେ ମୁଁ ଅପେକ୍ଷା କରିଛି, ତୁମେ ଆସ । ସେ ତାଙ୍କ କାର୍ ଚାବି ଭୁଲ୍ ବଶତଃ  ଗେଟ୍ ରେ ଛାଡିଦେଇ ଚାଲିଯାଇଥିଲେ ।

ଲୋକଟି ଏସବୁ ଶୁଣି ଦେଖି ତାର ଆନନ୍ଦର ସୀମା ରହିଲାନାହିଁ । ସତେ ଯେପରି ସେ ଭାବୁଥିଲା ଯେ ସେ ଯେପରି କୈଳାସ ପର୍ବତର ପାଦ ଦେଶରେ ଛିଡା ହୋଇ ସ୍ୱୟଂ ମହାଦେବଙ୍କୁ ଦର୍ଶନ କରିଛି । ଏପରି ଏକ ଅଚାନକ ଆନନ୍ଦର ଢେଉ ମନ ଭିତରେ ଖେଳିଗଲା । ଚାବି ନେଇ ଭିତରକୁ ଗଲେ ମାଲିକ ମହାଶୟଙ୍କ ଅଫିସ୍ ରେ ଦାଖଲ ହୋଇ ତାଙ୍କ ନାମ ଉଚ୍ଚାରଣ କରି କହିଲେ, ତୁ ତୋ ଚାବିଟା ଛାଡି ଆସିଥିଲୁ । ସେତିକିବେଳେ ମାଲିକଙ୍କ ପାଖରେ ବସିଥିଲେ କମ୍ପାନୀର ଜଗୁଆଳ ଭାଇଙ୍କ ମ୍ୟାନେଜର । ଏପରି ଏକ ଉଚ୍ଚାରଣ ଶୁଣି ବାଘ ପରି ଗର୍ଜନ କରି କହିଲେ, ଆବେ ଅଭଦ୍ର, ଏପରି ଅଭଦ୍ରାମି ଭାବରେ ମାଲିକଙ୍କୁ ସମ୍ବର୍ଦ୍ଧନା କରୁଛୁ । ତୁ ଜାଣିନାହୁଁ ସେ କିଏ ? ତୁ ଏହି ମୁହୂର୍ତ୍ତରେ କମ୍ପାନୀରୁ ବାହାରିଯା । ତୋ ପରି ଲୋକ ମୋର ଦରକାର ନାହିଁ ।

ସମସ୍ତ କଥା ମ୍ୟାନେଜରଙ୍କର ଶୁଣି ମାଲିକ କହିଲେ – ସେ ମୋ ପିଲାଦିନର ସାଙ୍ଗ । ମୋ ଗାଡି ଚାବି ମୁଁ ଛାଡିଦେଇ ଆସିଥିଲି । ସେ ଚାବି ସେ ମୋତେ ଦେବାକୁ ଆସିଥିଲା । ସେ ତା ନିଜ ଶୈଳୀରେ ମୋତେ କହିଲା ତୁମେ ଏକ ଗରିବ ସାଧାରଣ ଲୋକଟିକୁ ଏପରି ବ୍ୟବହାର କରୁଛ ? ତୁମେ ନିଜେ ତ ଉଚ୍ଚ ଶିକ୍ଷିତ ଓ ଭଦ୍ରଲୋକ ଏପରି ବ୍ୟବହାର ତୁମକୁ ଶୋଭାପାଉନି । ଏହାପରେ ମାଲିକ ସେ ମ୍ୟାନେଜରଙ୍କୁ ବରଖାସ୍ତ କଲେ ଓ କହିଲେ ଯେ, ତୁମେ କାଲିଠାରୁ କମ୍ପାନୀକୁ ଆସିବ ନାହିଁ । ଲୋକଟି କିଛି ଭାବିବା ପୂର୍ବରୁ ତା ପାଖରେ ବରଖାସ୍ତ ଅର୍ଡର ପହଞ୍ଚିଗଲା । ସେ ସଙ୍ଗେ ସଙ୍ଗେ ପଳାଇଲା । ସେ ଜଗୁଆଳଟି ମ୍ୟାନେଜର ପୋଷ୍ଟରେ ରହିଲା ଓ ତା କାମ ଖୁବ୍ ଦାୟିତ୍ୱର ସହ କଲା ।

ଭୁବନେଶ୍ୱର

ISSN NO.
2582-208X

# ପଶ୍ଚିମାଶମ୍ଭୁ ଙ୍କ ମହାଯାତ୍ରା



ବିଶ୍ୱ ରଞ୍ଜନ ମହାନ୍ତ

ଘୋଷି ହେଉଥାନ୍ତି ଭକ୍ତ
ହରିହର ଲୀଳାକୁ
ପଶ୍ଚିମଦ୍ୱାରେ ଦୋଳଯାତ୍ରା
ହରିରାଜ ଧାମକୁ ।
ପଶ୍ଚିମାଶମ୍ଭୁ ଙ୍କ ମହାଯାତ୍ରା
ଦୃଷ୍ଟି ଆନ୍ତରାଳକୁ
ଦେହେ ଭବ ରାଜଧାନୀ
ମାତ୍ର ଏକ ବିନ୍ଦୁକୁ ।
ତୁମ ବିମାନ ଯାତ୍ରା
ପୁଣ୍ୟ ପ୍ରେମ ମୁକ୍ତିକୁ
ଘଣ୍ଟାଘଣ୍ଟି ହରିବୋଲ
ନୀତି ପ୍ରଣିଧାନକୁ ।
ଭଜନ ଜଣାଣ ବୋଲ
ସମର୍ପଣ ଭାବକୁ
ଶରଣ ଯାଆନ୍ତି ନର
ତୁମ ଚରଣା ବିନ୍ଦକୁ ।

ISSN NO.
2582-208X

ବିଷୟା ବିଷରେ ଜଡ଼ି
ମାୟାଜାଲ ଛନ୍ଦକୁ
ରସନା ବାସନା ଲାଗି
ହଜାଇଛୁ ଜ୍ଞାନକୁ ।
ଗୋପାଳ ବାଳ ମୁକୁନ୍ଦ
ବିଜେ କରନ୍ତି ଧାମକୁ
ସୋମନାଥ ଧାମେ ନାହିଁ
ବଡ଼ ସାନ ଭେଦକୁ ।
ଭଙ୍ଗା ଗଢ଼ା ଦୋଷ ନାହିଁ
ଭକ୍ତି ଅନୁଭବକୁ
ଆଧ୍ୟାତ୍ମିକ ପୁରପଲ୍ଲୀ
ଶାନ୍ତି ମୈତ୍ରୀ ସତ୍ୟକୁ ।
ତୋ ବିନୁ ଜୀବନେ ନାହିଁ
ଯାତ୍ରା ପରିତ୍ରାଣକୁ
ନୈବେଦ୍ୟ ଉଦୟ ହେଉ
ଲେଖୁଥିବି ତୁମ ଗୀତକୁ ।

କୁଳସାହି, ଅଲଣାହାଟ,
ଜଗତସିଂହପୁର

ISSN NO.
2582-208X

# ସକାଳ



ସୁହଂସ ଭୋଇ

ପ୍ରଭାତୀ ସଂଗୀତ ଗାଏ କରଟକ
ତାଳ ଧରିଛି କୁକ୍କୁଟ
ନୀଳକଣ୍ଠ ନୃତ୍ୟ କରନ୍ତି ସହିତ
ନିଶି ଛାଡ଼ିଲାଣି ବାଟ...

ଧାଇଁ ପ୍ରଭଞ୍ଜନ ବନ ଉପବନ
କୁହଇ କୋରକ କାନେ
କୁଆଁରୀ କୋରକ ଫୁଟି ଯଉବନା
ସକାଳର ଆଗମନେ...

ସୂଜନ ଅରୁଣ କିରଣ କୃପାଣେ
ନାଶନ୍ତି ଶିଶିର ପ୍ରାଣ
ନିଶ୍ଚିତ ନିର୍ବାଣ ଆଶଙ୍କା କରିଣ
କୁଜ୍ଝଟୀକା ହୁଏ ଲୀନ...

ଶାଶୁ ନଣନ୍ଦଙ୍କ ଆକଟର ଭୟେ
ପରିଣୀତା ଛାଡେ ଖଟ
ଧରି ଖରକଣା ଓଲାନ୍ତି ଅଗଣା
ଦିଅନ୍ତି ଗୋବର ଛାଟ....

ISSN NO.
2582-208X

ସଜନୀ ସକଳ ହୋଇ ଦଳ ଦଳ
ଆଗ ପଛ ନଈକୂଳ
ଆଣିବେ ସେ ଜଳ  କଟୀରେ କଳସ
ଧରି ଚାଲନ୍ତି ସଅଳ

ଅର୍ଦ୍ଧ ନିମାଳିତ ନୟନେ ବାଳୁତ
ଖୋଜେ ଜନନୀର କୋଳ
କିଶୋରୀ କଳିକା ନିଦ୍ରା ତେଜି ବାଲା
ସାଜେ କୁଟିଳ କୁନ୍ତଳ.....

ଶୃଙ୍ଖଳ ନହନ ହେଲେ ବିମୋଚନ
ଗୋଠ ମୁହାଁ ଗୋରୁପଳ
ସରସୀର ଜଳେ ମିଶିବା ପାଇଁକି
ବିକଳ ହୁଏ ମରାଳ..

ନିବାରିତ ଧରା ହୁଏ ଗତିଶୀଳ
ପରିବେଶ ମୁଖରିତ
ସକାଳର ମନ ଶୁଦ୍ଧ ପରିଚ୍ଛନ୍ନ
ଚିତ୍ତ ସଦା ଉଲ୍ଲସିତ...

ବିଜେପୁର, ବରଗଡ

ISSN NO.
2582-208X

# ସାଥି ବିନା



ପ୍ରକାଶ ଚନ୍ଦ୍ର ପଣ୍ଡା

ପ୍ରିତିର ଉଦ୍ୟାନୁ ପ୍ରେମ ପାରିଜାତ
ତୋଳିଦେବି ତୁମ ହାତେ,
ଜୀବନରେ ଯେତେ ଝଡ ଆସୁ ପଛେ
ଥିବି ସାଥି ତୁମେ ସାଥେ ।
ଥିବ ସାଥି ତୁମ ସାଥେ......

ଅଙ୍କା ବଙ୍କା ଏହି ଜୀବନ ନଈରେ
ସ୍ରୋତଟା ଭାରି ପ୍ରଖର
ଜାଣେନି ହେ ସାଥି କେଉଁ ରାତି ହେବ
ବିଚ୍ଛେଦ ଆମ ପ୍ରେମର
ବିଚ୍ଛେଦ ଆମ ପ୍ରେମର .....

ଭାଙ୍ଗିଯିବ ବସା ଭାଙ୍ଗିଯିବ ସ୍ୱପ୍ନ
ଭାଙ୍ଗିଯିବ ବାଲିଘର
ମଶାଣି ତୁଠରେ କାଠରେ ଜୁଇରେ
ହେବ ମୁଠେ ଅଙ୍ଗାର......

ପ୍ରେମର ମନ୍ଦିର ତାଜମହଲଟା
ସାକ୍ଷି ଥିବ ଏକା ସାଥି
ମମତାଜ୍ ବିନ ସାହାଜାନ୍ ଙ୍କର
କେମିତି ବିତିବ ରାତି
କେମିତି ବିତିବ ରାତି.......

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ପରମାର୍ଥ



ବିନୟ କୁମାର ମିଶ୍ର

ନେବା ଦେବା ସବୁ
କଥାର ନିୟନ୍ତା
କର୍ତ୍ତା ଧାତା ଜଗନ୍ନାଥ,
ନେବାବେଳେ ନେବେ ଦେବାବେଳେ ଦେବେ
ସେଇ ଏକା ସାମରଥ,
କାଳର କରାଳ ସ୍ରୋତ,
କାଳସର୍ପ ବୋଲି କବିଏ କହନ୍ତି ଗ୍ରାସ କରେ
ପ୍ରାଣ ବାତ।୧

ବେକରେ ଜୁଆଳି ବୋଝେଇ ଶଗଡ଼
ବାକୁଲି ଦେଇଛି ଖଞ୍ଜି,
ପଘାକୁ ବାନ୍ଧିଛି ମହଣ୍ଡାରେ ନେଇ ତିଳେ
ପାରିବନି ଘୁଞ୍ଚି,
ଉଠାଣି ଗଡାଣି ଦେଖି,
ଦଣ୍ଡା ଧରିଅଛି ଅଣ୍ଟେଇ ଧରୁଛି ବେଳ କାଳକୁ
ପରଖି।୨

ISSN NO.
2582-208X

ଜରା ବ୍ୟାଧି ଶୋକ
ଜଡିତ ଜୀବନ
ପରୀକ୍ଷା ନିରୀକ୍ଷା ତାର,
ହୋଇଗଲେ ଶେଷ
ଫଳ ଦିଏ କଷି
ଜୀବନ କାନ୍ଥରେ ମୋର,
ପଢ୍ଢୁ ପଢ୍ଢୁ ଯାଏ ଦିନ,
ରାତି ଆସିଯାଏ ଅନ୍ଧାର ଘୋଟଇ ମରି ମରି
ଯାଏ ମନ ।୩

ଚୁନରା ସେବକ
ଅବା ଦେବଦାସୀ
ତା ଇଚ୍ଛାରେ ବନ୍ଧା ସବୁ,
କାହାକୁ ବସାଏ
ରାଜ ସିଂହାସନେ
ଫକୀରକୁ କରି ବାବୁ,
ରାଜାକୁ କରେ ଫକୀର,
ଘିଅ ପରି କ୍ଷୀର ଭିତରେ ଥାଇ ସେ କରିଥାଏ
କାରବାର।୪

ସବୁ ଜାଣେ ଶୁଣେ ନୀରବେ ବସିଛି
ବେଳ କାଳ ଦେଖି ଦେବ,
ଯେ କର୍ମ କରିଛ
ସେ ଫଳ ପାଇବ
ଭଲ ମନ୍ଦ ଅନୁଭବ,
ଜୀବନର ପରାଭବ,

ISSN NO.
2582-208X

ଦୁଃଖେ ନିନ୍ଦି ଭାଗ୍ୟ ଭଗବାନ
ସୁଖେ ନିଜର ପ୍ରଭାବ ଭାବ ।୫

ଦୁଃଖ ବେଳେ ଡାକ
ସୁଖେ ପାଶୋରିବ
ଜୀବର ଚରିତ୍ର ଏହା,
ସମର୍ପଣ ବିନା
ଲବେ ନ ଘୁଞ୍ଚିବ
କାଳ ଚକ୍ର ଚଉବାହା,
ନାକରେ ପଶିଲେ ପାଣି ,
ଆକତା ମାକତା ହେଲେ
ଡାକ ତାକୁ ରକ୍ଷାକର ଚକ୍ରପାଣି ।୬

ଅଧା ସମର୍ପଣ
ଅଧା ଆକର୍ଷଣ
ମାୟା ପଟଳରେ ରହି,
ବନ୍ଧନ ଜଞ୍ଜାଳ
ମରୀଚିକା ଭୋଳ
ଜୀବ କାଟି ପାରେ ନାହିଁ,
ସ୍ୱାର୍ଥରେ କି ପରମାର୍ଥ,
ବ୍ୟର୍ଥ ଅର୍ଥ ଭାବ ସଙ୍କଟ
ପ୍ରଭାବ ଜୀବନର ଚଲା ପଥ ।୭

ମଲ୍ଲୀପୁର,ନଆଳ,ଖୋର୍ଦ୍ଧା

ISSN NO.
2582-208X

# ମିଠା ବୋଝ

ସୁପ୍ତି କର

ନାତି ବାହାଘର। ସାବିତ୍ରୀ ଙ୍କ ଗୋଡ଼ ତଳେ ଲାଗୁନି। ପୁଅ ବୋହୂ, ନୌକର ଚାକର ଯେତେ ଥିଲେବି ସେ ସକାଳୁ ରାତି ପର୍ଯ୍ୟନ୍ତ ଚାରିଆଡ଼େ ନିଘା ରଖିଥାନ୍ତି । ନାତି ବେଳେ ବେଳେ ମଜାକରି କହେ ----- ଜେଜେମା, ତୁମେ ଆଉ ଟଫି ରିପ୍ତେଦାର। କାହିଁକିନା ଟଫି ଆଉ ତୁମେ ଦୁହେଁ ଘର ଉପରେ ନଜର ରଖିଥାଅ ।

ସାବିତ୍ରୀ କୁହନ୍ତି ----ଆରେ ଚଗଲା ଟା। ତୋ ବାପା ଏତକି ଆରେବା ଲମ୍ବେଇଛି। ତୁମେମାନେ ସବୁ ଇଆଡ଼େ ସିଆଡ଼େ ହେଉଛ, ନ ଦେଖିଲେ ସବୁ ଛିନଛତର କରିଦେବେକି ନାଇଁ । ତୋର ବାପା ଏତିକି ପରିଶ୍ରମ କରୁଛି, ପର ହାତରେ ଛାଡ଼ି ହେବକି ଆଉ। ମନେ ମନେ ନାତି କଥା ମନେ ପକାଇ ହସିଲେ ସାବିତ୍ରୀ।

ଆଉ ଦୁଇଦିନ ପରେ ଘରର ସମସ୍ତେ କଲିକତା ଯିବେ ନାତି ର ବାହାଘର ଲାଗି। ସେଇଠାରେ ପରା ବଡ଼ ଏକ --- ରିସତ ବୋଲି କଣ ଭଡ଼ା ନେଇଛନ୍ତି ଏଇକଥା ପୁଅର ବ୍ୟବସାୟର ବାହାରିଆ କାମ ଦେଖୁଥିବା ଝିଅଟି ସୁନିତା, ସାବିତ୍ରୀ ଙ୍କୁ କହୁଥିଲା। ସାବିତ୍ରୀ ବି ନାତି ବାହାଘର ଯିବାପାଇଁ ଗୋଡ଼ଟେକି ବସିଛନ୍ତି । ବାହାଘର ଯିବାଲାଗି ସୁଟକେଶ ଭରିବେ। କଣ ନେବେ ବୋହୂ କୁ ପଚାରିବେ ବୋଲି ଆସୁ ଆସୁ, ତାଙ୍କ ଗୋଡ଼ ଦୁଇଟି ପୁଅ, ବୋହୂ ଙ୍କ ଶୋଇବା ଘର ସାମ୍ନା ରେ ଅଟକି ଗଲା। ବୋହୂ କହୁଥାଏ ଟଫି କୁ ରବି ର କେନେଲରେ ଛାଡ଼ିଦେବା ଆଉ ମା ଘରେ ଥିବେ । ସୁନିତା ତାଙ୍କ ଖାଇବା କଥା ଟିକେ ବୁଝିଦେବ। ତାଙ୍କୁ ଏଇ ବୟସ ରେ ସାଙ୍ଗରେ ନେବା ଏକ ବୋଝ। ଜମାରୁ ଏନଜୟ କରିହେବନି। ପୁଣି କୁଠି କିଛି ଅସୁବିଧା ହେଇଛି ଯଦି ଆହୁରି ବୋଝ ଉପରେ ନଳିତା ବିଡ଼ା ହେବ।

ISSN NO.
2582-208X

ପୁଅ କହୁଥାଏ ---- ହଁ ଠିକ୍ କହୁଛ।

ସାବିତ୍ରୀ ସେଇଠୁ ଲେଉଟ ପାଦ ଫେରି ଆସିଲେ। ଆସିବା ବେଳେ ଟଫି ତାଙ୍କୁ ଜୁଳୁ ଜୁଳୁ କରି ଅନାଇ ଥିଲା। ସାବିତ୍ରୀ ଭାବୁଥିଲେ ନାତି ଟୋକା ଟା ଠିକ କହୁଥିଲା, ସେ ଆଉ ଟଫି ସମ୍ପର୍କୀୟ।

ଆଖିପୋଛି ପତି ସଦାନନ୍ଦ ଙ୍କ କାନ୍ଥ ରେ ଟଙ୍ଗା ଫଟ ଆଡ଼େ ଚାହିଁ ମନେମନେ କହିଲେ----ସଂସାର ବୋଝ ଟା ମୋତେ ଦେଇ ବଡ଼ ଆନନ୍ଦ ରେ ଚାଲିଗଲ। ଆଉ ଏବେ ସମସ୍ତଙ୍କ ପାଇଁ ମୁଁ ଏକ ବୋଝ।

ମୁହଁ ଫେରାଇ ନାତିଆ ର ହସହସ ଫୋଟୋ ଆଡ଼େ ଚାହିଁଲେ ସାବିତ୍ରୀ, ଶାଢ଼ୀକାନି ଟା ବୁଲାଇ ଆଣିଲେ ଫୋଟୋ ଉପରେ। ନାତିଟା ବି ଆଗୁଆ ଚାଲିଯାଇଛି ବାହାଘର ଜାଗାକୁ କାମସବୁ ତଦାରଖ ପାଇଁ । ବାହାଘର ନେଗଚାର ସବୁ ସେଇଠି ହେବ। ଦୀର୍ଘ ନିଃଶ୍ୱାସ ଟିଏ ଛାଡ଼ି ମନେମନେ ହସି ନାତିର ଫଟୋଟି ଆଡ଼େ ଚାହିଁ କହିଲେ--ବଡ଼ ଖୁଜୁବୁଜିଆ ଟାରେ ତୁ।ଭଲରେ ରହ, ଏଇ ଲାଗୁଛି ଯେମିତି କାଲି ଜନ୍ମ ହୋଇଥିଲୁ ଆଉ ଆଜି ହାତକୁ ଦିହାତ ହେବୁ।

ଏହା ଭିତରେ ଦୁଇଦିନ ଗଡ଼ିଗଲାଣି ସମସ୍ତେ ଚାଲିଗଲେଣି ବାହାଘର ଲାଗି। ସୁନିତା ଆସି କହିଲା---- ମାଉସୀ ଏକୁଟିଆ ଲାଗୁଥିବ ନା। ସମସ୍ତେ ଆପଣଙ୍କୁ ଏକା କରି ଚାଲିଗଲେ।

ସାବିତ୍ରୀ କହିଲେ---ନାଁରେ ମା କୁଆଡ଼େ ଯାଇ ଖାଲି ହଇରାଣ ହୋଇଥାନ୍ତି। ତାଛଡ଼ା ଘର ଟା ଏମିତି ବହାରିଆ ଲୋକଙ୍କ ହାତରେ ଛାଡ଼ି ଯାଇହେବକି।

ସୁନିତା ଆଗରେ ଯେତେ ଦାମ୍ଭିକତା ଦେଖେଇଲେ ବି ମନର ଏକ କୋଣ ରେ ଅଭିମାନ ଆଉ ଅଭିଯୋଗ ଲହଡ଼ି ଭାଙ୍ଗି ଆଖି ର କୋଣଦେଇ ଜକେଇ ଆସୁଥିଲା। ସୁନିତା ଦେଇଯାଇଥିବା ଦୁଧ ପାଉଁରୁଟି ଖାଉ ଖାଉ ତଣ୍ଟି ପାଖେ ଅଟକି ଯାଉଥିଲା। ବିଗତ ଦିନର

ISSN NO.
2582-208X

ସ୍ମୃତି ସବୁ ମନରେ ଉଙ୍କି ମାରି ଉଠୁଥିବା କୋହରେ, ଛାତି ଭିତରଟା ରୁନ୍ଧି ହେଲାଭଳି ମନେ ହେଉଥିଲା।

ତେର ବର୍ଷ ବୟସରୁ ବାହା ହୋଇ ଆସିଥିବା ସାବିତ୍ରୀ ଜୀବନ ସାରା ଦିଅର ନଣନ୍ଦ, ଭଣଜା ଭାଣେଜି,ପୁଅ ବୋହୂ ଆଦି ଙ୍କ ସେବା ଯତ୍ନ ଅଳିଅର୍ଦଳି ସହିଛନ୍ତି ତଥା ସେମାନଙ୍କ ବିବାହ ମଉଛବ ର ବୋଝ ଉଠାଇଥିବା ବେଳେ ଆଜି ଯେ ସେଇମାନଙ୍କ ପିଲାଙ୍କ ବିବାହ ସମୟରେ ପରିବାର ପାଇଁ ସେ ଏକ ବୋଝ। ଆଜି ବୟସ ର ବୋଝ ଟା ତାଙ୍କୁ ବେଶ ଭାରି ଲାଗୁଥିଲା।

ପାଉଁରୁଟି ଦୁଇ ପିସ୍ ଖାଇ ଦୁଧ ଟିକେ ପିଇଦେଇ ପେଜୁଆ ଆଖିକୁ ପୋଛି ବାହାରେ ଆସି ଦେଖିଲେ ସୁନିତା ତାର ସ୍କୁଟିନେଇ ପଳାଇଲାଣି। ଘରେ କାମକରୁଥିବା ପିଲାଟି ଏବେ ବଗିଚା ରେ କିଛି କରୁଛି।

ଫେରି ଚାହିଁଲେ ସାବିତ୍ରୀ, ଫଗୁଣ ତାର ସମସ୍ତ ଆଭା ଯେମିତି ଅଜାଡ଼ି ଦେଇଛି ବଗିଚା ଟିରେ। ହେଲେ ତାଙ୍କ ମନର ଆଭା ତ ଶୁଖି ପାଣ୍ଡୁର ହୋଇଯାଇଛି। ବାରଣ୍ଡାରେ ଠିଆହୋଇ ଘରଆଡ଼େ ଚାହିଁଲେ ସାବିତ୍ରୀ। ତାଙ୍କ ମନଭଳି ସବୁଶୂନ୍ୟ, ପୂରାଘର ଖାଁ ଖାଁ ଲାଗୁଛି। ଆଜି ନାତି ର ମଙ୍ଗଳକୃତ୍ୟ ଭଗବାନ ଙ୍କ ଉଦ୍ଦେଶ୍ୟ ରେ ପ୍ରଣାମ ଜଣାଇ ମଙ୍ଗଳ ମନାସି ଘରଭିତରକୁ ପାଦବଢ଼ାଇଲେ ସାବିତ୍ରୀ।

ହଠାତ୍ ଦରୁଓ୍ୱାନର ଗେଟ ଖୋଲିବାର ଶବ୍ଦରେ ଫେରି ଚାହିଁଲେ ସେ। ନାତିର ଅନ୍ତରଙ୍ଗ ବନ୍ଧୁ ରଞ୍ଜନ ଜେଜେମା କହି ଆଗେଇ ଆସୁଛି। ପ୍ରଣାମ କରି ତା ନିଜ ଫୋନଟିକୁ ଆଣି ସାବିତ୍ରୀ ଙ୍କ କାନପାଖେ ଲଗାଇଦେଲା।

ସେପଟୁ ନାତି ସୁବ୍ରତ କହୁଥିଲା---- ଜେଜେମା ସୁନିତା ଯାଉଛି ତୁମର ପ୍ୟାକିଂ କରିବାରେ ସାହାଯ୍ୟ କରିବ। ଫ୍ଲାଇଟ ଆଉ କେଇଘଣ୍ଟାରେ ଅଛି। ରଞ୍ଜନ ତୁମକୁ ସାଥିରେ ନେଇ ଆସିବ ଏଠି ବିବାହ ଜାଗାକୁ।

ସାବିତ୍ରୀ ମନେମନେ ଖୁସି ହେଲେ ମଧ୍ୟ ପୁଣି ପୁଅବୋହୂ ଙ୍କ କଥାଭାବି ଅମଙ୍ଗ ହେଉଥିଲେ। ଆରେ ବାୟା ଟା, ମୁଁ ବୁଢ଼ୀଲୋକ ଯାଇ ଖାଲିହଇରାଣ କରିବି ଯାହା।

ISSN NO.
2582-208X

ସୁବ୍ରତ କହିଲା----- ମୁଁ ତୁମକୁ ଛୁଆ ଥିବାବେଳେ ହଇରାଣ କରୁଥିଲିନା, ଭାବିନିଅ ତୁମେ ଏବେ ମୋ ଉପରେ ବଦଲା ନେବ, ହା...ହା । ଖୋଲା ହସଟିଏ ହସି ପକାଇଲା ସୁବ୍ରତ।

ସାବିତ୍ରୀ କହିଲେ----ଆରେ ନା ନା ତୋ ମା' ବିରକ୍ତ ହେବ। ଖାଲିଟାରେ ସେଠାରେ ପହଞ୍ଚି ତୁମମାନଙ୍କ ଉପରେ ବୋଝ ହେବିଯାହା।

ସୁବ୍ରତ କହିଲା ---ଜେଜେମା, ବାହାଘର ରେ ମିଠାବୋଝ ପରା ଲୋଡ଼ା ହୁଏ। ତୁ ଆମର ସେଇ ମିଠା ବୋଝ। ତୋବିନା ବାହାଘର ସମ୍ଭବ କି।

ସୁନିତା ଗେଟଖୋଲି ଭିତରକୁ ଆସୁଥିଲା ପ୍ୟାକିଂରେ ସାହାଯ୍ୟ କରିଦେବ ବୋଲି। ସାବିତ୍ରୀ ଙ୍କ ପାକୁଆ ଓଠରେ ହସ ଖେଳିଗଲା ବୋଧହୁଏ ସବୁଠାରୁ ମିଠା ଥିଲା ସେ ହସର ମଧୁରତା।

ଜେ.ଏନ ଲେନ-1
ରାଉରକେଲା
ମୋ-9438393838

ISSN NO.
2582-208X

# କବିଟିଏ ହେବା ସତେ
# ମୋର ଲାଗି ପୌରୁଷ



ତାର୍‌ପ୍ରସାଦ ଜେନା

କବିଟିଏ ହେବା ସତେ ମୋର ଲାଗି ପୌରୁଷ
ହସ କାନ୍ଦ ଚେତନାରେ ପୋଛିଦିଏ ଉଦାସ
......କବିଟିଏ ହେବା ସତେ ମୋର ଲାଗି ପୌରୁଷ .... ! ୦ !

ସମାଜର ଦ୍ୱନ୍ଦ୍ୱ କଥା ସମାଧାନ ଖୋଜଇ
ସପନର ବନ୍ଧୁ ଘରେ ବେଭାରକୁ ବାଜଇ
ପ୍ରଣୟର ସ୍ୱରେ କେବେ ସାଧନାରେ ମଜଇ
କବି ନୁହେଁ ଗୋଠ ଛଡ଼ା, ହୃଦୟର ବିଳାସ
......କବିଟିଏ ହେବା ସତେ ମୋର ଲାଗି ପୌରୁଷ .... ! ୧ !

ଖୋଲାଖୋଲି କହିଦିଏ ଅନୀତିର କରାଳ
ନୀଳକଣ୍ଠ ସାଜି ପରା ପିଇଯାଏ ଗରଳ
ନୂତନର ଆବାହନେ ହୋଇଯାଏ ସରଳ
ଗଉରବ ପରାଭବ ନଥାଏ ତା' ମାନସ
......କବିଟିଏ ହେବା ସତେ ମୋର ଲାଗି ପୌରୁଷ .... ! ୨ !

ISSN NO.
2582-208X

କବିଟିଏ ଆକାଶରୁ ତୋଳିଆଣେ କୁସୁମ
କବିଟିଏ ମନ ଘୋଡ଼ା ଧରିଥାଏ ଲଗାମ
କବିତାର ଉନ୍ମେଇରେ ପଉଷର ଉଷୁମ
ଦରଦୀର ଖିଆଲରେ ଅନୁରାଗୀ ମଣିଷ
......କବିଟିଏ ହେବା ସତେ ମୋର ଲାଗି ପୌରୁଷ .... ! ୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ସମୟ



ଦୀପକ ନାୟକ

ସମୟ କେତେବେଳ ଚିର ସବୁଜିମା
କେବେ କେବେ ଗ୍ରୀଷ୍ମ ଦାରୁଣ ଦୁଃଖ ।
ଜୀବନ ର ଚଲା ରେ
ସମୟ ଏକ ବିଚିତ୍ର ଅଂଶ ।
ସ୍ୱପ୍ନ ପରି ଲାଗେ ଅତୀତ
ସାଙ୍ଗ ସାଥି ମେଳ ସ୍ମୃତି ।
ସମୟ ସବୁ ଯାଇଚି ନେଇ
ବାକି ଅଛି ଯାହା ସ୍ମୃତି ସବୁ ।
ଦୁଃଖ ସୁଖ ମଧ୍ୟ ରେ
ସମୟ ଏକ ଜଗୁଆଳି ସାଜେ ।
ଚଲା ପଥ ଇଷ୍ପିତ ପଥ ପରି
ସମୟ ସାଥିରେ ପାଦ ଥାପି ଚାଲିବାକୁ ହୁଏ ।
ଫଗୁଣ ଆସେ ଯାଏ
ସମୟ ସାଥିରେ ଫଗୁଣ ରୂପେ ବଦଳାଇଛି ।
ସମୟ ସାଥିରେ ଧରି
ଜୀବନ କୁ ଯିବାକୁ ହୁଏ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଆଧୁନିକ ଭାରତରେ ଗାନ୍ଧି



ଅଶୋକ କୁମାର ପଧାନ

ହେ ଗାନ୍ଧି
କରିପାରିଲନି ତମେ ରାମ ରାଜ୍ୟ
ଏବେ ଆମେ କିଏ, ଏମାନେ କିଏ ?
ତମରି ନାମରେ
ହୋଇଯାଉଥିଲେ ଠୁଳ ଲୋକେ
ଭେଦ ଭାବକୁ ଭୁଲି ମଣିଷ ରୂପେ
ମାନି ଯାଉଥିଲେ କଥା ସବୁ ଯେତେ
ସ୍ୱାଧୀନ ରାଇଜ ଗଢିବା ଲାଗି ।
ନା ଥିଲା ଭୟ, ନା ପ୍ରଶଂସାର ମୋହ
ଜାତୀୟ ସ୍ୱାର୍ଥ ପାଇଁ ଯାଉଥିଲେ ଲଢ଼ି
ଦେଖୁଥିଲେ ସ୍ୱପ୍ନ ଅଖଣ୍ଡ ଭାରତର ।
ଯେଉଁଠି ନଥିବ ହିଂସା, ଦ୍ୱେଷ ଅବା ଅତ୍ୟାଚାର
ପୁଣି,
କରିଥିଲ କଳ୍ପନା ତମେ
ପୂର୍ଣ୍ଣାଙ୍ଗ ମଣିଷର
ଲୁପ୍ତ ହୋଇ ଯିବ ବ୍ୟକ୍ତିଗତ ଲୋଭ, ସ୍ୱାର୍ଥ ମୋହ

ISSN NO.
2582-208X

ସୃଷ୍ଟି ହେବ ଦେବତ୍ୱ ଗୁଣ ଯେତେ
ଦୟା, କ୍ଷମା, ସେବା, ସୁବିଚାର ଯେକେତେ
ହବ ବୋଲି ସୃଷ୍ଟି ଧର୍ମ ମାନବିକତାର ।
ହେଲେ, କ'ଣ ହେଲା
ନା ରହିଲା ତମ ନ୍ୟାସୀତତ୍ୱ
ନା ପାଇଲା ସ୍ଥାନ ତମ ନୀତି
ଗୋଟିଗୋଟି କି ସବୁ ଭୁଲି ଗଲେ
ତମ କଥା ସବୁ ଯେତେ
ସାଇତି ରଖି ଦେଇଛନ୍ତି ସତ୍ୟ ଓ ଅହିଂସାକୁ ତମ ମିଉଜିଅମରେ
କେବଳ ଦେଖି କହୁଛନ୍ତି,"ଦେଖ ଏ ମହାତ୍ମାଙ୍କ ଅସ୍ତ୍ର ।"
ନା ଆଉ ଧାର ଅଛି ନା କ୍ଷମତା
କେମିତି ପଡିରହିଛି କଳଙ୍କି ଲାଗି
ଦୁର୍ବଳ ଥିଲେ ବୋଲି ସିନା ଇଂରେଜ ଲେଉଟି ଗଲେ
ଏ ଅସ୍ତ୍ର କି ତିଷ୍ଠି ପାରିବ ଆଧୁନିକ ଭାରତରେ ।
ହେଲେ ମହାତ୍ମା,
ଏମାନେ କେବଳ ତମକୁ ଠିକ ଚିହ୍ନିଛନ୍ତି
ପ୍ରତିଟି ନୋଟ ଉପରେ ଥିବା ଫୋଟୋକୁ
କେବେଳ କଥା ଯେତେକୁ ତମ
କରୁଛନ୍ତି ବ୍ୟବହାର ସୁନ୍ଦର ସୁନ୍ଦର ବକ୍ତବ୍ୟରେ
ନଚେତ ତମେ କିଏ ?
ଏମାନେ ତ ସ୍ୱପ୍ନ ଦେଖୁଛନ୍ତି ଅସ୍ତ୍ରରେ ଶାନ୍ତି ପ୍ରତିଷ୍ଠା କରିବାର
ଛୁରୀ ଓ ବନ୍ଧୁକ ମୁନରେ ଭାଇଚାରା ସୃଷ୍ଟି କରିବାର
ହିଂସା ହେଉଛି ଧର୍ମ ସ୍ଥାପନାର ପନ୍ଥା
କିଏ ବା ବୁଝେଇବ ଏମାନଙ୍କୁ
ଯେତେବେଳେ ପୁଣି ଥରେ ଅଶାନ୍ତ ହୋଇଉଠିବ ଏ ଭୂମି
ଅଣନିଶ୍ୱାସୀ ହୋଇ ପଡିବେ ଦେଶବାସୀ
ସେତେବେଳେ,

ISSN NO.
2582-208X

ବୋଧେ ପୁଣିଥରେ ଜନ୍ମ ନବାକୁ ପଡିବ ତମକୁ
ପଢ଼ାଇବା ପାଇଁ ସତ୍ୟ ଓ ଅହିଂସାର ପାଠ
ବୁଣିବା ପାଇଁ ଶାନ୍ତିର ବୀଜ
ନଚେତ,
ସୃଷ୍ଟି ହୋଇଯିବ ଝଡ଼, ବାତ୍ୟା ଓ ଚକ୍ରବାକ
ଧ୍ୱଂସ କରିଦେବ ଏ ବିରାଟ ଭୂମିକୁ ଖଣ୍ଡଖଣ୍ଡ କରି
ଅବସାନ ହୋଇଯିବ ଏ ଅଖଣ୍ଡ ଭୂଇଁର ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ଲୋକଟିର ଗର୍ବ କପରି ଚୂନା ହେଲା



ନରେନ୍ଦ୍ର ପ୍ରସାଦ ବେହେରା

ସନ୍ଥ ତୁଳସୀ ଦାସ କହିଛନ୍ତି, ଧନ, ପଦବୀ, କ୍ଷମତା କିମ୍ବା ବିଦ୍ୟା ଅର୍ଜନ କରିବା ପରେ ମନୁଷ୍ୟ ମନରେ ଅଭିମାନ ସୃଷ୍ଟି ହୋଇଥାଏ । ଏହି ସମୟରେ ମନୁଷ୍ୟ ନିଜକୁ ବଡ଼ ବୋଲି ଭାବିଥାଏ । ଜ୍ଞାନ ଓ ସମ୍ପତ୍ତି ଭଗବାନଙ୍କ ଦାନ ବୋଲି ମନରେ ଭାବନା ଆସିଲେ ମନରୁ ସମସ୍ତ ଅହଂକାର ଦୂର ହୋଇଯାଇଥାଏ । ଜଣେ ଗୃହସ୍ଥ ବ୍ୟକ୍ତି ପରିଶ୍ରମ କରି ବ୍ୟବସାୟ କରୁଥିଲା । ସେଥିରୁ ହେଉଥିବା ରୋଜଗାରରେ ସେ ନିଜ ପରିବାର ଚଳାଉଥିଲା । ସନ୍ଥ ଓ ଅତିଥି ମାନଙ୍କ ପାଇଁ ଲୋକଟିର ଦ୍ୱାର ସର୍ବଦା ଖୋଲା ରହୁଥିଲା । ଦିନେ ଲୋକଟି ବେପାରରେ ଲକ୍ଷାଧିକ ଟଙ୍କା ହାତେଇ ନେଲା । ହାତକୁ ଟଙ୍କା ଆସିବା କ୍ଷଣି ତା' ମନରେ ଅଭିମାନ ଉତ୍ପନ୍ନ ହେଲା । ସେ ଘରର ଦ୍ୱାର ବନ୍ଦ କରିଦେଲା ଏବଂ ଗୋଟିଏ କୁକୁର ରଖିଲା । କୁକୁରଟି ଆଗନ୍ତୁକଙ୍କୁ ଦେଖିବା କ୍ଷଣି ଭୁକୁଥିଲା । ଲୋକଟିର ଜଣେ ସନ୍ଥଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ଭାବ ରହିଥିଲା । ସନ୍ଥ ସେହି ନଗରକୁ ଆସିବା କ୍ଷଣି ଲୋକଟିର ଘରକୁ ଯାଇ ସତସଙ୍ଗ ଓ ପ୍ରବଚନ ଦେଉଥିଲେ । ଏଥର ମଧ୍ୟ ସନ୍ଥ ସେହି ଗୃହସ୍ଥର ଘରକୁ ଗଲେ । ଦ୍ୱାର ବାଡେଇବାରୁ କୁକୁର ଆସି ଭୁକି ତାଙ୍କୁ ଚମକାଇଦେଲା । ସନ୍ଥ ଫେରିଆସି ମନ୍ଦିରକୁ ଚାଲିଗଲେ । ଏ ସମ୍ପର୍କରେ ଜାଣିବା ପରେ ଗୃହସ୍ଥ ଜଣକ ଭୋଜନ ନେଇ ମନ୍ଦିରକୁ ଗଲା । ସନ୍ଥଙ୍କୁ ଭୋଜନ କରିବା ଲାଗି ଆମନ୍ତ୍ରଣ କଲା । ମାତ୍ର ସନ୍ଥ ଜଣକ

ISSN NO.
2582-208X

କହିଲେ, ଏହି ଭୋଜନ ଫେରାଇ ନେଇଯା । ପୂର୍ବରୁ ବିନମ୍ରତା ପୂର୍ବକ ଯେଉଁ ଭୋଜନ ଦେଉଥିଲୁ ସେଥିରୁ ଏକ ବିଶେଷ ସୁଗନ୍ଧ ଆସୁଥିଲା । ମାତ୍ର ଏବେକାର ଭୋଜନରେ ତୋର ଅହଂକାର ମିଶିଛି । ଏଥିରୁ ଅହଂକାରର ଗନ୍ଧ ଆସୁଛି । ମୁଁ ଏପରି ଖାଦ୍ୟ ଖାଇପାରିବି ନାହିଁ । ସନ୍ଥଙ୍କ କଥା ଲୋକଟିର ଗର୍ବ ଚୂନା କରିଦେଲା ।।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ପୁଅ ବଡ ଚାକିରି ଟେ କରିଛି......



ଚତରଂଜନ ବେହେରା

ଛୋଟ ରୁ ପୁଅ ବଡ ହେଲା ପରେ
ବହୁତ ପାଠ ସିଏ ପଢ଼ିଛି.....
ନିଜ ଗାଁ ମାଟିକୁ ମନୁ ଭୁଲି ଯାଇ
ଟାଉନିଆ ହେଇ ଯାଇଛି....!!

କୁଡିଆ ଘରେ ପିତା ମାତା ଙ୍କୁ ଥୋଇ
କୋଠା ଘରେ ନିଜେ ରହୁଛି....
ବାପା ମା ପାଆନ୍ତି ନାହିଁ ଭଙ୍ଗା ଖଟ ଟେ
ପୁଅ କୁକୁର ପାଇଁ ପଲଙ୍କ କିଣିଛି....!!

ପୁଅବୋହୂ ଖାଆନ୍ତି ପଞ୍ଚ ତାରକାରେ
ପିତାମାତା ଙ୍କୁ ପଖାଳ ନ ମିଳୁଛି.......
ଗରମ ଭାତ ସାତ ସପନ ତାଙ୍କ ପାଇଁ
କୁକୁର ପାଇଁ ଅମୂଲ କିଣା ହଉଛି.....!!

ଚାନ୍ଦ କିଣିବା ପାଇଁ ନିଜ ସ୍ତ୍ରୀ ସହିତ
ପୁଅ ବିଦେଶ ରେ ସ୍ୱପ୍ନ ଦେଖୁଛି......
ବାପା ମା ଙ୍କୁ ପୁଅ ଯେଉଁ ଘରେ ରଖିଛି
ସେ ଘରୁ ଚାନ୍ଦ ତାରା ଦିଶୁଛି......!!

ପୁଅ ଜନ୍ମ କରି ପିତାମାତାଙ୍କ ଆଜି
କଷ୍ଟ ରେ କଷ୍ଟରେ ଦିନ ବିତୁଛି....
ବହୁତ୍ ପାଠ ପଢ଼ି ବିଦେଶ ରେ ପୁଅ
ବଡ ଚାକିରି ଟେ କରିଛି......!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଅଶ୍ରୁ ନିର୍ଗମନ



ଚିତ୍ତରଞ୍ଜନ ନାଏକ

ସୁବିଶାଳ ନୁହେଁ ସୂକ୍ଷ୍ମ ତୃଣ ପ୍ରାୟେ
ଅଟେ ଏ ଭଙ୍ଗୁର କାୟା,
ମାଂସାଳ, ରୁଧିର ଅସ୍ଥି ଆଚ୍ଛାଦନ
ରଚଇ ସର୍ବାଙ୍ଗ ଛାୟା,,

ଶରୀର ସର୍ବାଙ୍ଗୁ ନେତ୍ର ଅନ୍ୟରୂପୀ
ଆଙ୍କଇ ବର୍ଣ୍ଣାଳୀ ଛବି,
ଦୃଶ୍ୟପଟ ରାଶି ତା'ମଧ୍ୟେ ଚିତ୍ରିତ
ଗଗନେ ଯେସନ ରବି,,

ନୟନ ସଂଯୋଗ ହୃଦୟ ପ୍ରଦେଶେ
ଭାବନା, ଆବେଗ ଘେନି,,
କୋହ, ସ୍ନେହ, ପ୍ରେମ ଗର୍ବ, ଦ୍ୱେଷ ମାନ
ନୟନ ପାରଇ ଜାଣି,,

ISSN NO.
2582-208X

ସ୍ନେହ ବାରି ଯେବେ ହୃଦେ ସଞ୍ଚରଇ
ପୁଲକିତ ନେତ୍ର ବେନି,
କୋହ, ପୀଡା ଯେବେ ହୃଦ ବିଦାରଇ
ବହେ ଅଶ୍ରୁ ନିର୍ଝରିଣୀ,

ନୟନ ପଲକ କୋହ ଅନୁଭବେ
ସିକ୍ତ ଅଶ୍ରୁହ୍ରଦ ନୀରେ,
ପଲକ ଲଙ୍ଘଇ ଅଶ୍ରୁ ବାରି ଧୀରେ
ତଟିନୀ ପରାଏ ଝରେ,,

ଅବ୍ୟକ୍ତ ପୀଡାକୁ ଅଶ୍ରୁ ପ୍ରକାଶଇ
ମୁଖେ ବ୍ୟକ୍ତ ଲୋଡା ନାହିଁ,
ଏ ଲୁହେ ପ୍ରବାହ ହୃଦୟ ବିଳାପ
ଆବେଗ ସ୍ଫୁଲିଙ୍ଗ ନେଇ,,

କବାଟଡଲ୍ଲି,
ସୋନପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଜୟ ଶ୍ରୀ ରାଧା ମାଧବ



ମାଳତୀ ଦେବୀ

ଜଗବନ୍ଧୁ କୃପାସିନ୍ଧୁ ନୀଳମଣି ବଂଶୀଧର ।
ଯଶୋଦା ନନ୍ଦନ କାହ୍ନୁ କେଶବ କମଳା ବର ।
ଶ୍ରୀମ ନାରାୟଣ ଜପ କରରେ ମନ ପାମର ।
ରାଜରାଜେଶ୍ୱର ହରି ହରଇ ଆପଦ ଭାର ।
ଧାତ୍ରୀ ପଣେ ଗଲା ତରି ପୁତନା ଦେଇଣ କ୍ଷୀର ।
ମାରକଣ୍ଡ ଋଷିବର ଉଦ୍ଧରିଲେ ଚକ୍ରଧର ।
ଧଳା କଳା ହଳଦିଆ ରୂପ ରତ୍ନ ମଣ୍ଡପର ।
ବଳରାମ କୃଷ୍ଣ ଭଦ୍ରା ବେଶ ମୋହାଇ ତ୍ରିପୁର ।

ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ବସନ୍ତ ଆସିଲେ ଗାଆଁ କଥା ଭାରି ମନେ ପଡେ



ଅନନ୍ତ କୁମାର

ଆଜି ବି ପଇସା ଚାଖଣ୍ଡେ ପେଟ ପାଇଁ ଏବଂ ନିଜ ପରିବାର ପାଇଁ ନିଜ ଜନ୍ମ ମାଟି ଗାଆଁ ଛାଡି ବିଦେଶ ଆସିଛି। କିନ୍ତୁ ରହିବାକୁ ଏଠି ମନ ନାହିଁ ଏ ଦେହ ସିନା ବିଦେଶରେ ହେଲେ ଏ ମନ ପ୍ରାଣ ସେହି ଧୂଳି ବାଲି ମାଟି ଗାଁରେ ଅଛି। ଆଜି ବସନ୍ତ ଆସିଛି ଫଗୁଣ ଆସିଛି କିନ୍ତୁ ଏ ବିଦେଶୀ ମାଟିରେ ଟିକେ ବସନ୍ତର ବାଆ କି ଫଗୁଣର ସ୍ପର୍ଶ ଲାଗୁନି। ସୋସିଆଲ ମିଡିଆରେ ମୋ ଗାଁ କୁ ଦେଖି ମନ ବହୁତ ଝୁରି ହେଉଛି । ଇଛା ହେଉଛି ପୁଣି ଫେରି ଯାଆନ୍ତିକି ସେହି ପୁରୁଣା ଗାଁ କୁ ହଜି ଯାଆନ୍ତିକି ଅତୀତର ବହି ଭିତରେ ଯେଉଁଠି ମୁଁ ଆଉ ମୋ ଗାଁର ଲତା ବନ ଗିରି ରହନ୍ତି। ଆଜି ବସନ୍ତ ଆସିଛି ଫଗୁଣକୁ ନେଇ ଭାବିଲା ବେଳକୁ ଗାଁ କଥା ମନେ ପଡି ଯାଉଛି ଆଉ ଆଖିରେ ଲୁହ ମନରେ କୋହ ଭରି ଯାଉଛି କାହିଁକି ନା ଗାଁ ର ସେ ନଈପଠାର ତରୁଲତାର ଶବୁଜିଆ ବେଶ ଏବଂ ନଈର କୁଳୁ କୁଳୁ ଶବ୍ଦ ଲାଗୁଛି ସତେ ଯେମିତି ଏବେବି ମୋ ଆଖି ସାମ୍ନାରେ ନାଚୁଛି। ବସନ୍ତ ଋତୁର ଆଗମନେ ଧୀରେ ଧୀରେ ଗାଆଁରୁ ଶୀତ ଛାଡି ଚାଲି ଯାଏ ଆଉ ଫଗୁଣର ସ୍ପର୍ଶରେ ତରୁଲତା ମାନ ନୂତନ ବେଶରେ ସଜାଇ ହୁଅନ୍ତି । ଏପରି ଲାଗେ ଯେପରି ଝିଅଟିଏ ନବ ବଧୂ ହେଇ ଶାଶୁଘରେ ସଜେଇ ହେଇ ଆସିଛି। ଗାଁର ବନ ଉପବନେ ସବୁଠି ଅପୂର୍ବ ମହକ ଭାସିଆସେ ବସନ୍ତର ମିଠା ମଳୟରେ ଏବଂ ଫଗୁଣର ସ୍ପର୍ଶରେ ମନରେ ସଞ୍ଚାର ହୁଏ କେତେ ପ୍ରେମ ଉନ୍ମାଦନା ସେ ପ୍ରେମକୁ ପାଇବା ପାଇଁ ପାଗଳ ହୁଏ ଗାଁର ପ୍ରକୃତି ଗାଁର ନବ ତରୁଣ ତରୁଣୀ। ଅନ୍ଧକାର ହଟିଲେ ଫର୍ଚ୍ଚା ହେଲେ ପୂରୁବ ଦିଗରୁ ଦିନ ମଣିକୁ ଦେଖି କାକ ପିକ କେତେ ପକ୍ଷୀ କିଚିରି ମିଚିରି ଶବ୍ଦରେ ଗାଁ ର ପ୍ରକୃତିକୁ ଆହୁରି ମନଲୋଭା କରନ୍ତି। କୋଇଲିର କୁହୁ କୁହୁ ମିଠା ଗୀତ ତରୁଲତା ଡାଳେ ମଧୁମକ୍ଷିକାର ମଧୁ ହରଣ ଫୁଲ ଡାଳେ ଆହା କି

ISSN NO.
2582-208X


ସୁନ୍ଦର ପରିବେଶ ଗାଁ ର ଆଜିବି ମନେ ପଡୁଛି। ଗାଁ ର ସାଙ୍ଗ ସାଥୀ ନଇ କୂଳରେ ଭୋଜି ସତରେ ମନକୁ ବିଚଳିତ କରୁଛି ହୃଦୟକୁ ବ୍ୟଥିତ କରୁଛି। ବସନ୍ତର ଆଗମନେ ଦକ୍ଷିଆ ବାଆ ଆହା କି ସୁଲୁ ସୁଲିଆ ଲାଗେ ଲାଗେ ଯେପରି ଜେଜେମା ପାଖରେ ବସି ବିଞ୍ଚଣାରେ ବିଞ୍ଚି ଦେଉଛି। ଫଗୁଣର ପ୍ରଥମ ଛୁଆଁରେ ଆମ୍ର, ଶିମିଳି, ଚନ୍ଦନ, କୃଷ୍ଣ ଚୁଡା ଆଦି ତରୁଲତାର ସାଜ ସଜା ଦେଖିଲେ ଆଖି ଲାଖି ଯାଏ କିଛି କ୍ଷଣ ପାଇଁ ଆଉ ବସନ୍ତର ମଳୟରେ ମନ ହଜି ଯାଏ ପ୍ରେମିକା ପାଖରେ। ସତରେ ବହୁତ ସୁନ୍ଦର ସେ ଦିନ ଥିଲା ଏଇ ବସନ୍ତର ଖରାବେଳେ ଗାଁରେ ଦ୍ୱିପହର କଂସାଏ ପଖାଳ ସାଙ୍ଗକୁ ବଡ଼ି ଚୁରା ଆଉ ଦେଶୀ ପିଆଜକୁ କଞ୍ଚା ଲଙ୍କା ପେଟ ଭରି ଯାଉଥିଲା ଆନନ୍ଦରେ କହିଲା ବେଳକୁ ପାଟିରେ ଲାଳ ଆସି ଯାଉଛି ଆଉ ଭାବିଲେ ପୁରୁଣା କଥା ଆଖିରେ ଲୁହ ଧାର ଧାର ହେଇ ଛୁଟି ଯାଉଛି। ଏଇ ଫଗୁଣରେ କେତେ ଗାଁ ମେଳନ କେତେ ବିଭାନ ଗାଁ ଦାଣ୍ଡରେ କେତେ ଫଗୁ ଖେଳ ସତରେ ମନକୁ ଆନ୍ଦୋଳିତ କରୁଛି ମନେ ହେଉଛି ବିଦେଶରୁ ଆଉ ଥରେ ମୋ ଗାଁ ମାଟିକୁ ଫେରି ଯାଆନ୍ତି କି ଆଉ ଥରେ ସବୁ ଉପଭୋଗ କରନ୍ତି କି। କିନ୍ତୁ ପୁଣି ଫେରି ହେଉନି ସେ ସବୁ ଅତୀତ ବହିରେ ସ୍ମୃତି ହେଇ ଲିପିବଦ୍ଧ ରହି ଯାଇଛି। ଆଜି ବିଦେଶରେ ଟଙ୍କା ରୋଜଗାର କରୁଛି ପରିସ୍ଥିତି ପାଇଁ ବଡ ବଡ ହୋଟେଲରେ ଖାଦ୍ୟ ଖାଉଛି ଭୋକ ମେଣ୍ଟାଇବା ପାଇଁ । କିନ୍ତୁ ଗାଁର ସେହି ସୁଆଦିଆ ଖାଇବା ପଖାଳ ମିଳୁନି କି ବସନ୍ତର ମଳୟ ଅନୁଭବ ହେଉନି କି ଫଗୁଣର ସ୍ପରଶ ଏ ଦେହକୁ ଛୁଇଁ ଯାଉ ନାହିଁ ଖାଲି ଦିଶୁଛି କୋଠା ବାଡି ଗାଡି ମଟର ଆଉ ବାଦ ହିଂସା ।

ସତରେ ଭାରି ମନେ ପଡୁଛି ଝାଟି ମାଟି ଗାଁ ଘର ଛପର ଆଉ ବଉର ପଖାଳ କଂସା ବଢ଼ି ଚୁରା। ମନ ଝୁରି ହେଉଛି ଗାଁ ମାଟି ପାଇଁ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ସନ୍ତୁଷ୍ଟି



କୀର୍ତ୍ତନ ସାହୁ

ତମ କଟାକ୍ଷର
ତୀକ୍ଷ୍ଣ ତୀର
ମୋ କାର୍ଯ୍ୟ ସନ୍ତୁଷ୍ଟିର
ଢ଼ାଲରେ ଆଘାତ ପାଇ
ମଉଳି ଯାଏ
ମୋ ସୋନ୍ଦର୍ଯ୍ୟବୋଧର
ଧଳା ଫର୍ଦ୍ଦରେ
ତମ କଟୁକ୍ତିର କଳାଗାର
ଛାଏଁ ଅପସରି ଯାଏ ।

ସେଠି ନ ଥାଉ
ରାଜପ୍ରାସାଦ
କି ନ ଥାଉ
ରାଜ ଆଡମ୍ବର
ମୋ ଚଳଣିର ଚାଳଘରେ
ମୁଁ ବାଦଶାହ ।

ତମ ଅହଙ୍କାରର
କଳା ପରଦା
ଆପଣା ଛାଏଁ ହଟିଯାଏ
ମୋ ଆତ୍ମସନ୍ତୋଷର
ସୁନେଲି କିରଣରେ
ତମ ବାର ବାର
ପଥ ଅବରୋଧର
କୁହେଳିକା ଉଭେଇ ଯାଏ
ମୋ ସୁସ୍ଥ ମନର
ସଫେଦ ରାସ୍ତାରେ
ଅଗ୍ରସରତା ପାଇଁ ... ।

ମିଶ୍ର କଲୋନୀ
ଶାଳପଡା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ଅଚିହ୍ନା ସମ୍ପର୍କ



ପୁଜା ଷାଣ୍ଢ

ମୁଁ ଗୋଟେ ଅପରିଚିତ
ସ୍ଥାନକୁ ଚାଲିଯାଇଥିଲି
ଦେଖିଲି ସେଠାରେ ସବୁ ଅଚିହ୍ନା
ଲାଗେ ସବୁ ନୂଆଁ ନୂଆଁ
ସେ କଥା ବାର୍ତ୍ତା ଭାବନା
କେବେ ହେବନି ପୁରୁଣା
ସେ ଦୁନିଆଁରେ ଥାଏ
କେବଳ ଜଣେ ମଣିଷ
ସେଇଠି ହୁଏ ଜୀବନର ଆରମ୍ଭ
ଓ ସେ ମଣିଷ ପାଖରେ ଶେଷ

ହେଲେ କିଏ ଜାଣେ
କେଉଁ ସମ୍ପର୍କ କେତେ ଦୂର ଯିବ
ବିଶ୍ୱାସ ଭରିଥିବା ସମ୍ପର୍କରେ
ଦିନେ ବିଷରେ ଭରିଯିବ
ଏ ସମ୍ପର୍କ ବି କେତେ ଭିନ୍ନ
କାହା ସାଥେ ଯୋଡ଼େ ତ
କାହା ସାଥେ ଛିନ୍ନ

ISSN NO.
2582-208X

ଗୋଟେ ସମ୍ପର୍କ ତୋଳିବା ପାଇଁ।
ସବୁ ସମ୍ପର୍କ ତୋଡି ଦେଲି
ସତ ଦୁନିଆଁକୁ ଛାଡ଼ି
ସ୍ୱପ୍ନ ରାଇଜରେ ପାଦ ଦେଲି
ପାଦ ଦେଉ ଦେଉ ଖସି ଗଲା ଗୋଡ଼
ଆଉ କାଢି ନ ପାରିଲି
ଜୀବନେ ଏ କି ଆସିଲା ବେଳ
ନିଜେ ନିଜଠୁ ଦୂରେଇ ଗଲି

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ
ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ତୁମେ ବିଶ୍ୱ ପିତା



ଅଭିଲାଶ ବାରିକ୍

ତୁମେ ବିଶ୍ୱ ପିତା ଜଗତ କରତା ପ୍ରଭୁ ପତିତ ପାବନ।

ତୁମ୍ଭ ପାଦ ତଳେ ସର୍ବ ତିର୍ଥମାନ ତୁମ୍ଭେ ଭକତ ଅଧୀନ ।୧ ।

ତୁମ୍ଭେ ତ ପୁଣ୍ଡରୀକାକ୍ଷ କଳା ମୁଖ ଭକ୍ତ ସୁଖ ଶ୍ରୀୟା ବର ।

ତୁମେ ସୃଷ୍ଟି ସ୍ଥିତି ପ୍ରଳୟ କାରଣ ଆହେ ଶ୍ରୀ ରାଧାର ବର ।୨ ।

ତୁମ୍ଭେ କେଶବ ମାଧବ ବାସୁଦେବ ଶନ୍ତାକାର ତୋ ସ୍ୱରୂପ ।

ତୁମ୍ଭେ ନରହରି ମୁକୁନ୍ଦ ମୁରାରୀ ଶ୍ରୀକୃଷ୍ଣ ବ୍ରହ୍ମାଣ୍ଡ ବାପ ।୩ ।

ତୁମେ ଦାମୋଦର ମୁରଲୀ ଅଧର ହରି ବୃନ୍ଦାବନେଶ୍ୱର।

ତୁମେ ଶ୍ରୀପତି ଶ୍ରୀମତୀ ପତି କୃଷ୍ଣ ନୀଳ କନ୍ଦର ସୁନ୍ଦର ।୪।

ନମତର୍ ଶାଖା ଡାକଘର
ଗ୍ରାଜକନକା, କେନ୍ଦ୍ରାପଡା/୭୮୦୯୮୮୨୯୦୫

ISSN NO.
2582-208X

# କୁଆଡ଼େ ଗଲା ସେ ବେଳ

ବିଜୟ କୁମାର ନାଏକ

କୁଆଡେ ଗଲା ସେ ବେଳ
ହରଷର ବାଲି ଖେଳ,
ସଙ୍ଗସାଥି ମେଳେ ଖେଳ ପଡ଼ିଆରେ
ଦେଖୁନି ଆଉ ସେ ଖେଳ ।୧ ।
ବରଗଛ ମୂଳେ ଝୁଲଣ କଥାକୁ
ଭାବିଲେ ବୁଲାଏ ମୁଣ୍ଡ,
ଗୋଧୂଳିମୟର ଦୃଶ୍ୟକୁ ଦେଖିଲେ
ଫାଟି ଯାଉଥାଏ ଦାଣ୍ଡ ।୨ ।
ସହର ଚଳଣି, ସହର ଠାଣି
ନେଇଗଲା ତ ସବୁ ଯେ ବାଛି,
ସବୁ ଥାଇ ଆଜି ଶାନ୍ତି କାହିଁ ନାହିଁ
କହି ପାରିବ କି ଭଉଣି ଭାଇ।୩।
କୁଆଡେ ଗଲା ସେ ବେଳ
ଆଉ ଆସିବ ନାହିଁଟି ଫେରି,
ଧୀରେ ଧୀରେ ସବୁ ଲୋପ ପାଇଯିବ
ହେବ ନାହିଁ ସତେ ଯେ ଡେରି।୪।
କୁଆଡେ ଗଲା ସେ ସ୍ନେହ, ମମତାଟି
ସତେକି ଫେରିବ ନାହିଁ,
ଦିନରାତି ଖାଲି ତାହା ଯେ ଭାବୁଛି
ତାହାକୁ ପାଇବା ପାଇଁ।୫।

ଶରଧାପାଲି, ବରଗଡ-୭୬୮୦୩୦

ISSN NO.
2582-208X

# ଡେରି ମିଲ୍କ୍ ସିଲ୍କ୍



ଶୁଭମ ନାଏକ

ଅଫିସ୍ କାମ ସାରୁ ସାରୁ ଲେଟ୍ ହେଇଯାଉଥିଲା । ବିଶ୍ୱାସ କାମ ଯେତେ ଶିଘ୍ର ସାରିବା ପାଇଁ ଚେଷ୍ଟା କଲେ ମଧ୍ୟ କାମ ସରୁ ନ ଥାଏ । ୱାଇଫ୍ ଜ୍ୱେଜାଲିନ୍ କହିଛନ୍ତି ଚକଲେଟ୍ ଆଣିବା ପାଇଁ । ଅଫିସ କାନ୍ଥ ଘଣ୍ଟାରେ ସମୟ ପ୍ରାୟ ଅପରାହ୍ନ ପାଞ୍ଚଟା ଡିରିଶି । ତର ତର ହେଇ ବାହାରିଲେ ବିଶ୍ୱାସ । ତାଙ୍କ ବାଇକ୍ ସିଧା ଯାଇ ଅଟକଲା ମହାପାତ୍ର କଫି ସପ୍ ସାମ୍ନାରେ । ବିଶ୍ୱାସଙ୍କ ମୁହଁରୁ ଖାଇନା ଗୋଟାଏ ଡେରି ମିଲ୍କ୍ ସିଲ୍କ୍ ଦେଲ । ପ୍ୟାଣ୍ଟ୍ ପକେଟରେ ତର ତର ହୋଇ ଚକଲେଟ୍ ପୁରେଇ ପେଟିଏମ୍ କଲେ ବିଶ୍ୱାସ । କିଛି ସମୟ ଅତି କ୍ରମ କଲା ପରେ ବିଶ୍ୱାସ ନିଜକୁ ଆବିଷ୍କାର କଲେ ନିଜ ଆଲିସାନ କୋଠା ଭିତରେ । ବିଶ୍ୱାସ ଡ୍ୟୁଟିରୁ ଫେରିବା ଦେଖି ପାଖକୁ ଆସୁଥିଲେ ଜ୍ୱେଜାଲିନ୍ । ବିଶ୍ୱାସ ଚକଲେଟ୍ ଦେବା ଲାଗି ହାତ ପୁରାଇଲେ ପକେଟ ଭିତରେ ହେଲେ ଏ କ'ଣ ଚକଲେଟ୍ ନାହିଁ ! ଗଲା କୁଆଡ଼େ ବିଶ୍ୱାସ ଲେଉଟି ଗଲେ ଘରେ ସାମ୍ନା ପର୍ଯ୍ୟନ୍ତ । କାଳେ କେଉଁଠି ପଡି ଯାଇଥିବ । ଜ୍ୱେଜାଲିନ୍ କହୁଥିଲେ , କ'ଣ ହେଇଚ କ'ଣ ଖୋଜୁଛ ? ବିଶ୍ୱାସ ଅନ୍ୟମନସ୍କତାର ସହ ଉତ୍ତର ଦେଲେ କିଛି ନାଇଁ ଏଇ ତମ ପାଇଁ ଆଣିଥିବା ଚକଲେଟ୍ । ତାକୁ ବି ଏଇନେ ପଡିବାର ଥିଲା । ଜ୍ୱେଜାଲିନ୍ କହୁଥିଲେ ତମେ ଭଲ କନା ଭରି ନ ଥିବ । ବାଟରେ କେଉଁଠି ଗଳି ପଡିଥିବ ହେଉ ଛାଡ଼ ଆଉ ଖୋଜନି ତାକୁ ଥାଉ । ବସ ମୁଁ କଫି ନେଇ ଆସୁଛି । ବିଶ୍ୱାସ ସୋଫାରେ ବସି କହୁଥିଲେ କାଲି ଗୋଲାପ ଦେଇ ନ ବୋଲି ତ ଖୁରି ଅଭିମାନ କରିଥିଲ ନା ମୋ ଉପରେ । ଆଜି ସେ ଅଭିମାନ ପୁଣି ଦୁଇଗୁଣା ହେଇଯିବ ।

ISSN NO.
2582-208X

ରୋଜାଲିନ୍ ଦେଖୁଥିଲେ ବିଶ୍ବାସ ଆଡ଼କୁ କହୁଥିଲେ ମତେ ତ ଚକଲେଟ୍ ବି ମିଠା ଲାଗେ ନା! ମତେ ତ ତମେ ପସନ୍ଦ । ତମେ ପାଖରେ ଥିଲେ ଆଉ କ'ଣ ଦରକାର ଯେ ! ରୋଜାଲିନ୍ ପୁଣି କହୁଥିଲେ ତମ .........ଓ........ଠ... ନା କ'ଣ କହିଥାନ୍ତେ କେ ଜାଣି ରୋଜାଲିନ୍ ଆସୁଥିଲେ ବିଶ୍ବାସଙ୍କ ଅତି ନକଟକୁ । ବିଶ୍ବାସ କହୁଥିଲେ ଆରେ ବାବା ରୁହ କଫି ସରିବାକୁ ଦିଅ । ବେଶୀ ଗରମ ଅଛି । ରୋଜାଲିନ୍ କହୁଥିଲେ ବିଶ୍ବାସଙ୍କ କାନ ପାଖେ କଫି କ'ଣ ମୋ ଠୁ ବେଶୀ ଗରମ । ବିଶ୍ବାସ ବୋଧହୁଏ ସେ ମୁଡରେ ନଥିଲେ କହିଲେ ତମେ ତମର ପିଅ । ବଦମାସ୍ .....।

ତସଲାଡିହି , ସୁନ୍ଦରଗଡ଼

ISSN NO.
2582-208X

# ମୋ ଗାଁ



ଲଲିତ୍ କୁମାର ସାମଲ

ଆହା କି ସୁନ୍ଦର ଗାଁଟି ମୋର
ନାଁ  ଟି ପରା ତା ରାଜନଗର
ହଂସୁଆ ନଦୀ କୂଳ ଶୋଭା ପାଇ
ଦେଶ ବିଦେଶରେ ସୁନାମ ତାର ।।
ମାଟିଠୁ ଗଗନ ପାଣିଠୁ ପବନ
ସବୁଠାରେ ଏଠି ମହକେ ଚନ୍ଦନ
ଛୋଟଠାରୁ ବଡ ଧନୀଠୁ ଗରିବ
ସଭିଙ୍କ ହୃଦୟେ  ଗୋଟିଏ ସ୍ପନ୍ଦନ ।।
ନଦୀଠୁ ଗଭିର ମହୁଠୁ ମଧୁର
ଲାଗଇ ଏମିତି ଭାଷା ମୋ ଗାଁର
ମନଭରା ଶାନ୍ତି ମିଳଇ ଯେମିତି
ସତେ ଲାଗଇ ସେ ସରଗପୁର ।।
ସାଙ୍ଗସାଥୀ ଭାଇ ମୋର ଗୁରୁଜନ
ସଭିଏଁ ଗାଁର ଆତ୍ମୀୟ ସ୍ୱଜନ
ଦୁଃଖରେ ସୁଖରେ ହୋଇ ଭାଗିଦାର
ବୁଝନ୍ତି ରକ୍ତ ସମ୍ପର୍କର ମାନ ।।

ISSN NO.
2582-208X

ଗାଁର ମଝିରେ ଅଟେ ମୋର ଘର
ଘର ନୁହେଁ ସେତ ଭାବ ମନ୍ଦିର
ଏଠି ବିରାଜିତ ମୋର ପିତା ମାତା
ସେ ପରା ଆମରି ଚଳନ୍ତି ଠାକୁର ।।
ସରଳ ସୁନ୍ଦର ସଭିଙ୍କ ଜୀବନ
ପୁଣି ସ୍ନେହ ଶ୍ରଦ୍ଧା ବୋଲାମନ
ନାହିଁ ମନେ ଉଚ୍ଚ ନୀଚର ବିଚାର
ଜାତିଧର୍ମ ବଳେ ଏଠି ସଭିଏଁ ସମାନ ।।

ରାଜନଗର, କେନ୍ଦ୍ରାପଡା

ISSN NO.
2582-208X

ବେଦାନ୍ତି

# ବାପ ଘରେ ଝିଅ ନୁହେଁ ସେ ନିଜର



ବିନୟାନନ୍ଦ ବସ୍ତ୍ରସ୍ୟ

ପିଲା ଦିନ ତାର ସବୁ ସରିଯାଏ
ବେଦିରେ ବସିଲା ପରେ
ବାପ ଘର ଖେଳ ସବୁ ସରିଯାଏ
ଏରୁଣ୍ଡି ଡେଇଁଲା ପରେ ।
ଅମାନିଆ ଲୁହ ମାନେ ନାହିଁ ଜମା
ଆଖିରେ ଝରାଇ ଲୁହ
ବାପା ବୋଉ ସ୍ନେହ ସବୁ ସରିଯାଏ
ଛାତିରେ ଭରଇ କୋହ ।
କେତେ ଆଶା ପୁଣି ମନରେ ସାଇତି
ଆସିଥାଏ ଶାଶୁଘର
କେତେ ନୂଆ ଲୋକ ଆପଣାଇ ନେଇ
ସଜାଡିବ ନିଜ ଘର ସଂସାର ।
ସ୍ୱାମୀ ଶ୍ୱଶୁରଙ୍କ ସେବା ସେ କରିବ
ପ୍ରିୟ ହେବ ସଭିଙ୍କର
ଆଦରର ବୋହୂ ପାଲଟି ଯିବ ସେ
ଘର ହେବ ସ୍ୱର୍ଗ ପୁର ।
ପ୍ରଭାତ ହେବାର ଆଗରୁ ତା ସ୍ୱପ୍ନ
ଭାଙ୍ଗି ହୁଏ ଚୁରୁମାର

ISSN NO.
2582-208X

ମାଡି ଆସେ କେତେ ଅଦିନଆ ଝଡ
ଶାନ୍ତ ଜୀବନରେ ତାର ।
ଲିଭି କ ନଥାଏ ନାଲି ଅଳତା ର ଗାର
ଆଦର ବଦଳେ ଘୃଣା ମାଡି ଆସେ
ସଭିଙ୍କର ହତାଦର ।
ମାଆ ବାପା ବୋଲି ଶାଶୁ ଶ୍ୱଶୁରଙ୍କ
ସ୍ନେହ ଶ୍ରଦ୍ଧା ପାଇବାକୁ
ଆଶାଟି ତାର ନର୍ଶ ହୁଅଇ
ଗ୍ତି ପାଇଲ୍ ବେଳକୁ ॥

କଟିକଟା, ଯାଜପୁର

ISSN NO.
2582-208X

# ମୋ କଳାହାଣ୍ଡି



ଚନ୍ଦ୍ରହାସ୍ୟ ସତନାମି

କାରୁଣ୍ୟ ମଣ୍ଡଳ ମାଣିକ ଭଣ୍ଡାର
ଉତ୍କଳ ପଶ୍ଚିମାଞ୍ଚଳର
କଳାହାଣ୍ଡି ନାମେ ବିଖ୍ୟାତ ସ୍ଥାନଟି
ପ୍ରତ୍ନ ନାମ ମହାକାନ୍ତର-୧

ପୁରୁବ ଐତିହ୍ୟ ଦୁର୍ଗ କର୍ତ୍ତୀମାନ
ପରିପୂର୍ଣ୍ଣ ପରମ୍ପରା
ଆମ ଲୋକନୃତ୍ୟ ବିଶ୍ୱେ ପରିଚିତ
ବୀରରସ ବାଦ୍ୟ ଘୁମୁରା-୨

ଭବାନୀପାଟଣେ ମାଣିକେଶ୍ୱରୀ ମାଁ
ଛତର ଜାତରା ପୂଜା
ଶଙ୍ଖ, ଘଣ୍ଟ ବାଦ୍ୟ ହୁଳହୁଳି ଶବ୍ଦେ
ଉଡଇ ମାଆଙ୍କ ଧ୍ୱଜା-୩

ଇଷ୍ଟ ଦେବୀ ନାମେ ପୂଜିତ ହେଉ ମାଁ
ଭବାନୀପାଟଣେ ଥାଇ

ISSN NO.
2582-208X

ଭିନ୍ନ ସ୍ଥାନେ ଭିନ୍ନ ନାମେ ପୂଜା ପାଉ
ପ୍ରାଣୀଙ୍କ ମଙ୍ଗଳ ପାଇ-୪

ଭାଦ୍ରବ ମାସର ଦଶମୀ ତିଥିରେ
ଶୁକ୍ଳପକ୍ଷେ ଗଣପର୍ବ
ରାଗ, ରୁଶା ଭୁଲି କରନ୍ତୁ ପାଳନ
ସମ୍ମିଳତ ହୋଇ ସର୍ବ-୫

ଉତ୍କଳ ପ୍ରଦେଶେ ଶୈବ ପୀଠ ମଧ୍ୟେ
ବେଲଖଣ୍ଡି ଅନ୍ୟତମ
ଧବଳେଶ୍ଵର ଟି ନାମରେ ପୂଜିତ
ମନ୍ଦିର ନଦୀର ସଙ୍ଗମ-୬

ପାର୍ବତ୍ୟ ଅଞ୍ଚଳେ ପ୍ରଖ୍ୟାତ ସ୍ଥାନଟି
ଗୁଡ଼ହାଣ୍ଡି ନାମେ ପ୍ରସିଦ୍ଧ
ଧନ୍ୟ ମାଟି ଧନ୍ୟ କଳାହାଣ୍ଡିବାସୀ
ପ୍ରାକୃତିକ ସ୍ଥଳେ ଆବଦ୍ଧ-୭

+୩ କଳା ଛାତ୍ର ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ,
କୋକସରା,କଳାହାଣ୍ଡି

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଭାରତୀୟ ଖାଦ୍ୟ ବ୍ୟବୃହ ତ
# ମସଲା ଓ ଦୀର୍ଘାୟୁ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବିଶ୍ୱ ସ୍ତରରେ ବିଭିନ୍ନ ଦେଶ ମାନଙ୍କରେ ଦୈନନ୍ଦିନ ଖାଦ୍ୟ ନିମନ୍ତେ ବ୍ୟବହୃତ ଚାଉଳ, ଅଟା, ମଇଦା, ଡାଲି, ବିଭିନ୍ନ ପନିପରିବା ଖାଦ୍ୟ ପାଇଁ ଉପଯୋଗ ହେଉଥିବା ବେଳେ, ଜିରା, ଧନିଆ, ମେଥି, ପାନମହୁରୀ, ସୋରିଷ,ଜୁଆଣି,ଅଦା, ରସୁଣ, ମରିଚ, ଅଳେଇଚ, ତେଜପତ୍ର, ହଳଦୀ, କସ୍ତୁରୀ ମେଥି, ଡାଲଚିନି, ଅନାସି ଫୁଲ, ଗୋଲ ମରିଚ, ଶୁଣ୍ଠୀ ପିପଳୀ, ପୋସ୍ତ ଆଦି ମସଲା ପ୍ରସ୍ତୁତି ପାଇଁ କିମ୍ବା ବେଳେ ବେଳେ ଉକ୍ତ ଦ୍ରବ୍ୟ ଗୁଡିକ ବିଭିନ୍ନ ଖାଦ୍ୟ ପଦାର୍ଥ ରେ ବ୍ୟବହାର କରାଯାଇ ଖାଦ୍ୟର ଗୁଣବର୍ଦ୍ଧା, ସୁସ୍ୱାଦୁ, ଉତ୍ତମ ବାସ୍ନା ଯୁକ୍ତ ନିମନ୍ତେ ବ୍ୟବହାର କରାଯାଇଥାଏ I ଉକ୍ତ ମସଲା ଦ୍ରବ୍ୟ ଗୁଡିକ ର ଔଷଧୀୟ ଗୁଣ, ସ୍ୱାସ୍ଥ୍ୟ ଉପଯୋଗୀ ଏବଂ ଦୀର୍ଘାୟୁ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗ ହେଉଥିବା ତଥା ଶରୀରରେ ରୋଗପ୍ରତିରୋଧକ ଶକ୍ତି( IMMUNITY POWER) ବୃଦ୍ଧି ପାଇବା ନିମନ୍ତେ ସହାୟକ ହୋଇଥାଏ ବୋଲି ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ରେ ବିଷଦ ଭାବେ ବର୍ଣ୍ଣନା କରାଯାଇଛି I

ଖାଦ୍ୟ ନିମନ୍ତେ ବ୍ୟବହୃତ  ମସଲା ସାମଗ୍ରୀ ପାଇଁ ଉପଯୋଗ ହେଉଥିବା ପ୍ରତ୍ୟେକ ଦ୍ରବ୍ୟ ରେ ଭିନ୍ନ ଭିନ୍ନ ଭିଟାମିନ ଏବଂ ଔଷଧୀୟ ଗୁଣ ଭରି ରହିଛି ଯାହାକି ନିରୋଗ ତଥା ଦୀର୍ଘ ଦିନ ବଞ୍ଚିରହିବା ରେ ସାହାର୍ଯ୍ୟ କରିଥାଏ I ଉକ୍ତ ମସଲା ଦ୍ରବ୍ୟ ଗୁଡିକରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଆଇରନ  ରହିଥାଏ ଯାହାକି ଶରୀରରେ ରୋଗ  ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ I ଏତଦ ସହ ଏପରି କିଛି ମସଲା ଦ୍ରବ୍ୟ ରହିଛି ଯାହାକି

ISSN NO.
2582-208X

ଆମ ଶରୀର ଫିଟ ରଖିବା ସହ ଶରୀରର ସୌନ୍ଦର୍ଯ୍ୟ, ଶାରୀରିକ ଗଠନ ତଥା ବୟସ ଅନୁଯାଇ ଓଜନ କୁ ସନ୍ତୁଳିତ ରଖିଥାଏ ।

*ଜିରା ର ଔଷଧୀୟ ଗୁଣ* :-

ଆମ ଭାରତୀୟ ରୋଷଇ ପ୍ରଣାଳୀରେ ଦୈନନ୍ଦିନ ପ୍ରସ୍ତୁତି କରାଯାଉଥିବା ତରକାରୀ ରେ ବ୍ୟବହୃତ ହେଉଥିବା ମସଲା ଦ୍ରବ୍ୟ ଉପାଦାନ ମଧ୍ୟରେ ଜିରା ଏକ ପ୍ରମୁଖ ବ୍ୟବହାର ଉପଯୋଗୀ ତଥା ଔଷଧୀୟ ଗୁଣ ସମ୍ପନ୍ନ ଦ୍ରବ୍ୟ ଅଟେ ।

ଯାହାକି ଜିରା ରାଇସ, ଡାଲି, ସନ୍ତୁଳା ଆଦିରେ ଫୁଟଣ ରୂପେ ବ୍ୟବହାର କରଯାଇଥାଏ, ଯାହାକି ଖାଦ୍ୟର ଗୁଣବତ୍ତା, ବାସ୍ନା, ଖାଦ୍ୟର ସ୍ୱାଦ ବଢାଇବା ସହ ଶରୀରରେ ହଜମଶକ୍ତି କୁ ବୃଦ୍ଧି କରାଇଥାଏ । ଏତଦ ସହ ପକସ୍ଥଳୀ କୁ ଠିକ ଠାକ ରଖିବା ସହ ପାଚନ ତନ୍ତ୍ର ଠିକ ରଖିବା ରେ ସହାୟକ ହୋଇଥାଏ । "ଜିରା" ଖାଦ୍ୟସାମଗ୍ରୀ ରେ ବ୍ୟବହାର କରିବା ସହ ଜିରାକୁ ଖାଦ୍ୟ ଖାଇସାରିବା ପରେ ଚୋବାଇ ଖାଇବା ଦ୍ୱାରା ଗରିଷ୍ଠ ଖାଦ୍ୟ ହଜମ ହେବା ଏବଂ ଶରୀରର ଓଜନ ହ୍ରାସ କରାଇ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ ।

*ଜୁଆଣି ର ଔଷଧୀୟ ଗୁଣ*:-

ଜୁଆଣି ବିଭିନ୍ନ ମସଲା ପ୍ରସ୍ତୁତି ରେ ବ୍ୟବହାର ହେଇଥିବା ବେଳେ ଏଥିରେ ଔଷଧୀୟ ଗୁଣ ଭରି ରହିଛି । ଏହାକୁ କଞ୍ଚା ରେ ଚୋବାଇ ଖାଇବା କିମ୍ବା ଏହାକୁ ପାଣିରେ ବତୁରାଇ ଉକ୍ତ ପାଣିକୁ ସେବନ କରିବା ଦ୍ୱାରା ବିଭିନ୍ନ ପେଟ ସମସ୍ୟା ଦୂର ହେବା ସହିତ ପେଟରେ ସୃଷ୍ଟି ହେଉଥିବା ବାୟୁ, ଅମ୍ଳ ଆଦିକୁ ନିୟନ୍ତ୍ରଣ କରିବା ସହିତ ଦୈନନ୍ଦିନ ଜୁଆଣି ସେବନ ଦ୍ୱାରା ଶରୀରରେ ଓଜନ କମି ଶରୀର ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ ।

*ମେଥି ର ଔଷଧୀୟ ଗୁଣ*:-

ମେଥି ମସଲା ପ୍ରସ୍ତୁତି ରେ ଏକ ପ୍ରମୁଖ ଦ୍ରବ୍ୟ ଅଟେ, ଏହା ଶରୀର ନିମନ୍ତେ ଅମୃତ ତୁଲ୍ୟ ଉପଯୋଗୀ ଅଟେ । ମେଥିକୁ ଉଷୁମ ପାଣିରେ '୨ ରୁ ୩ ଘଣ୍ଟା' ବତୁରାଇ ଉକ୍ତ ମେଥିକୁ ଚୋବାଇ ଚୋବାଇ ଖାଇବା ସହ ଉକ୍ତ ବତୁରା ପାଣିକୁ ସେବନ କରିବା ଦ୍ୱାରା ପେଟର

ISSN NO.
2582-208X

ବିଭିନ୍ନ ସମସ୍ୟା ଦୂର ହେବା ସହ ମଧୁମେହ କୁ ନିୟନ୍ତ୍ରଣ ରଖିବା ରେ ସହାୟକ ହୋଇଥାଏ ।

ମେଥିକୁ ପ୍ରତିଦିନ ଖାଇବା ଦ୍ଵାରା ମନୁଷ୍ୟ ଶରୀରରେ ମେଟାବୋଲିସୀମ ବୃଦ୍ଧି ଘଟାଇବା ସହିତ ଶରୀରର ଓଜନ କୁ ସନ୍ତୁଳିତ ରଖିଥାଏ ।

ଉପରୋକ୍ତ ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ ଭାରତୀୟ ପାରମ୍ପରିକ ମୌଳିକ ଚିକିତ୍ସା ପଦ୍ଧତି ରେ ବର୍ଣିତ ମସଲା ପ୍ରସ୍ତୁତି ଔଷଧିୟ ଦ୍ରବ୍ୟ ଗୁଡିକର ଗୁଣ,ଧର୍ମ, ଓ ସ୍ଵାସ୍ଥ୍ୟ ଉପଯୋଗୀ ନିହାତି ଜରୁରୀ ଆବଶ୍ୟକତା ରହିଛି, ଯାହା କି ଆମେ ଅତି ସୁଲଭ ମୂଲ୍ୟ ରେ କ୍ରୟ କରି, ଖାଦ୍ୟ ରେ ଉପଯୋଗ କରି, ସ୍ଵାସ୍ଥ୍ୟବାନ ହେବା ସହ ଦୀର୍ଘାୟୁ ହେବା ନିମନ୍ତେ ସହାୟକ ହୋଇପାରିବ ।

ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଶରୀରରେ ପ୍ରୋଟିନ୍ ଅଭାବ ଜନିତ ରୋଗ



ଡାକ୍ତର ଅଭିମନ୍ୟୁ କାନୁନଗୋ

ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟରେ ଶରୀରକୁ ଉପଯୁକ୍ତ ରୂପେ ଚଳାଇବା ପାଇଁ ପ୍ରୋଟିନ୍ ଅନ୍ୟତମ ଉପାଦାନ । ଏହା ଏକ ମାଇକ୍ରୋ ନଉଟ୍ରିଏଣ୍ଟ ଯାହା ଏସିଡ୍ ସହ ମିଶି ବନଥାଏ । ପ୍ରୋଟିନ୍ ଆମର ମାଂସପେଶୀ କୁ ମଜଭୁତ କରିବା ସହ ଶରୀରକୁ ଶକ୍ତ ପ୍ରଦାନ କରିଥାଏ । ଆଣ୍ଟିବଡିଜ୍ ତିଆରିରେ ପ୍ରୋଟିନ୍ ସାହାଯ୍ୟ କରେ ଯାହା ଇନଫେକସନ୍ ଓ ରୋଗରୁ ଲଢିବା ପାଇଁ କାମ ଦିଏ । ଏହାର ଅଭାବରେ ଶରୀରରେ ନାନା ଲକ୍ଷଣ ପ୍ରକାଶ ପାଇଥାଏଲ୍ । ଜଣେ ବୟସ୍କ ବ୍ୟକ୍ତଙ୍କୁ ପ୍ରତିଦିନ ୮ ଗ୍ରାମ ପ୍ରୋଟିନ୍ ର ନତ୍ୟାନ୍ତ ଆବଶ୍ୟକ ଅଟେ । ପ୍ରୋଟିନ୍ ଅଭାବଜନତ ଲକ୍ଷଣମାନ ହେଲା:

୧. ଦୁର୍ବଳ ଓ ଥକ୍କା ଲାଗିବା - ପ୍ରୋଟିନ୍ ର ଅଭାବରେ ଦୁର୍ବଳ, ଥକ୍କାପଣ ଓ ମାଂସପେଶୀ ଯନ୍ତ୍ରଣା ଅନୁଭୁତ ହୁଏ । ଏହାର ଅଭାବରେ ମାଂସପେଶୀରେ କ୍ଷତି ପହଞ୍ଚେ ଓ ଶରୀର ଧିରେ ଧିରେ ଦୁର୍ବଳ ହୋଇଥାଏ । ମେଟାବୋଲିଜିମ୍ ମଧ୍ୟ ସ୍ଲୋ ହୋଇଥାଏ ।

୨. ଘାଆ ସହଜରେ ସୁଖେନାହିଁ - ଦେହରେ କୌଣସି କ୍ଷତି ବା ଖଣ୍ଡିଆ ହେଲେ ତାହା ସହଜରେ ଶୁଖେ ନାହିଁ । ପ୍ରୋଟିନ ଅଭାବରେ ନୂତନ କୋଷିକା ଗଠନ ବିଳମ୍ବ ହୋଇଥାଏ ।

ISSN NO.
2582-208X

୩. ଭୋକ ଅଧିକ ଲାଗିବା – ଖାଦ୍ୟ ଗ୍ରହଣ ପରେ ପରେ ବାରମ୍ବାର ଭୋକ ଲାଗିଲେ ଏହା ପ୍ରୋଟିନ୍ ଅଭାବରେ ଲକ୍ଷଣ ଏହା ଏପରି ଏକ ନ୍ୟୁଟ୍ରିଏଣ୍ଟ ଯାହା ଶରୀରକୁ ଲମ୍ବା ସମୟ ପର୍ଯ୍ୟନ୍ତ ଭୋକରୁ ରକ୍ଷା କରିଥାଏ ।

୪. ଇମ୍ୟୁନଟି ଦୁର୍ବଳ ହେବା – ପ୍ରୋଟିନ୍ ଶରୀରକୁ ବିଭିନ୍ନ ଭାଇରସ୍ ଠାରୁ ଦୂରେଇ ରଖିଥାଏ । ଏହା ଇମ୍ୟୁନ୍ୟୁ ସେଲ୍ ଗଠନ କରି ବିଭିନ୍ନ ବ୍ୟାକ୍ଟେରିଆ ଓ ଭାଇରସ୍ ମାନଙ୍କ ଠାରୁ ସୁରକ୍ଷା ଦିଏ ।

୫. କେଶ, ଚର୍ମ ଓ ନଖର ସମସ୍ୟା – ଶରୀରରେ ପ୍ରୋଟିନ୍ ଅଭାବ କାରଣରୁ ନଖ, ଚର୍ମ ଓ ଚୁଟି ଉପରେ ପ୍ରଭାବ ପଡିଥାଏ । ଫଳରେ ନଖ ଦୁର୍ବଳ, ଡ୍ରାଏ ସ୍କିନ୍ ବା ଶୁଷ୍କ ତ୍ୱଗ୍ଭ ତଥା ପତଳା କେଶ ସମସ୍ୟାର ସାମନା କରିବାକୁ ପଡିଥାଏ ।

ବି.ଏ.ଏମ୍.ଏସ୍, ପୁରୀ-୨

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଚୁଡା ଖିରୀ



ଜୟନ୍ତୀ ଦେବୀ

ସାମଗ୍ରୀ:

ଚୁଡା, କ୍ଷୀର, ଚିନି, ମିଲ୍କ ମେଡ୍, ନଡିଆ କୋରା, ଗୁଜୁରାତି, କାଜୁ, କିସମିସ୍ ଓ ଘିଅ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚୁଡାକୁ ପାଣିରେ ଭଲ ଭାବେ ଧୋଇ, ଚିପୁଡି ଏକ ପାତ୍ରରେ ରଖି ଦିଅନ୍ତୁ । ଏବେ କଡେଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡାକୁ ପକାଇ ହାଲକା ଭାଜନ୍ତୁ । ଚୁଡା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟ୍ କୁ କାଢି ଦିଅନ୍ତୁ । ଏବେ କଡେଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜୁ, କିସମିସ୍ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ । ବର୍ତ୍ତମାନ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ । କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡା ପକାନ୍ତୁ । ଚୁଡା ଫୁଲି ଖୋଲିଗଲା ପରେ ଏଥିରେ ଚିନି, ମିଲ୍କ ମେଡ, ନଡିଆ  କୋରା ଓ ଭଜା କାଜୁ କିସମିସ୍ ପକାଇ ଫୁଟାନ୍ତୁ । କ୍ଷୀର ଓ ଚୁଡା ମିଶି କ୍ଷୀରି ଭଳି ହୋଇଗଲେ ଚୁଲିରୁ ଓହ୍ଲାନ୍ତୁ ଓ ପରିବେଷଣ କରନ୍ତୁ "ଚୁଡା ଖିରୀ" ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଦହି ଭେଣ୍ଡି ବେସର



ଅଧ୍ୟାପିକା ରୋଜାଲିନ୍ ବାରିକ୍

## ଆବଶ୍ୟକ ସାମଗ୍ରୀ:

କିଛି ଛୋଟ ସାଇଜ ଭେଣ୍ଡି, ଦୁଇ କପ୍ ଖଟା ନହୋଇଥିବା ବସାଦହି
୩ଟି କଟା ଟମାଟୋ, ଗୋଟିଏ ଚୁନା ଚୁନା କଟା ପିଆଜ,
ଦୁଇ ଚାମଚ ବଟା ସୋରିଷ, ୧ ଚାମଚ ଅଦା ଓ ରସୁଣ ବଟା,
ଛୋଟ ଅଧା ଚାମଚ ପଞ୍ଚ ଫୁଟଣ, ୧ ଚାମଚ ଅଳ୍ପ ଭଜା ହୋଇଥିବା ବେସନ
ଅଳ୍ପ ଭୃଷଙ୍ଗ ପତ୍ର, ସ୍ୱାଦ ଅନୁଯାୟୀ ଲୁଣ ଓ ତେଲ

## ପ୍ରସ୍ତୁତି ପ୍ରଣାଳୀ:

ଭେଣ୍ଡିର ମୁଣ୍ଡ କାଟି ଧୋଇ ରଖନ୍ତୁ । କଡେଇରେ ତେଲ ଗରମ କରି ନରମ ହେବା ପର୍ଯ୍ୟନ୍ତ ଭେଣ୍ଡିକୁ ଭାଜି ରଖନ୍ତୁ । ପ୍ୟାନ୍ ରେ ତେଲ ଗରମ କରି ଫୁଟଣ ଓ ଭୃର୍ଷଙ୍ଗ ପତ୍ର ପକାଇ କଟା ପିଆଜ ଓ ଟମାଟୋ ପକାଇ ଭାଜନ୍ତୁ । ତେଲ ଛାଡି ଆସିଲେ ଦହି, ଭଜା ବେସନ, ସୋରିଷ ବଟା, ଅଦା ଓ ରସୁଣ ବଟା, ଲୁଣ, ହଳଦୀ ପକାଇ ଅଳ୍ପ ପାଣି ଦେଇ ଫୁଟାନ୍ତୁ । ଫୁଟି ଆସିଲେ ସେଥିରେ ଭେଣ୍ଡି ପକାଇ ଅଳ୍ପ ଆଞ୍ଚରେ ପାଣି ମାରି ଦିଅନ୍ତୁ । ଏହି ଦହି ଭେଣ୍ଡି ବେସନକୁ ଗରମ ଭାତ ସହ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଳୁ ଖଟାମିଠା



ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

## ଆବଶ୍ୟକ ସାମଗ୍ରୀ:

ତେଲ - ୩୦୦ ମିଲି, ଆଳୁ - ୭୫୦ ଗ୍ରାମ, ପନୀର-୨୦୦ ଗ୍ରାମ ଛୋଟ ଛୋଟ ଖଣ୍ଡ, କଞ୍ଚା ଲଙ୍କା-୪ ଟି, ୧ ଚାମଚ କଟା ଅଦା, କାଜୁ-୧୦ଟି, ୧୦୦ ଗ୍ରାମ ଧନିଆ ପତ୍ର, ୧ଟା ପାଚିଲା ଆମ୍ବ, ୨୦୦ ଗ୍ରାମ ଲେମ୍ବୁ ପତ୍ର, ୨ ଚାମଚ ଘିଅ, ୧ ଚାମଚ ଜିରା, ୧୦୦ ଗ୍ରାମ ପିଆଜ ପେଷ୍ଟ, ୧ ଚାମଚ କାଜୁ ପେଷ୍ଟ, ୧ ଚାମଚ ଲଙ୍କା, ୧୦୦ ଗ୍ରାମ ବସା ଦହି, ୨ଟା କଟା ଟମାଟୋ, ସ୍ୱାଦ ଅନୁଯାୟୀ ଲୁଣ

## ପ୍ରସ୍ତୁତି ପ୍ରଣାଳୀ

ଆଳୁ କୁ ତେଲରେ ଭଲ ଭାବରେ ଫ୍ରାଏ କରନ୍ତୁ । ପରେ ଆଞ୍ଚରୁ କାଢି ନେଇ ଥଣ୍ଡା କରନ୍ତୁ । ଏହି ଆଳୁକୁ ମଝିରୁ କାଟି ସେଥିରେ ପନିର ଭର୍ତ୍ତି କରନ୍ତୁ । ଅଲଗା ରଖନ୍ତୁ । ଝୋଳ ପାଇଁ ଗୋଟିଏ ପାତ୍ରରେ ଘିଅ ନିଅନ୍ତୁ । ସେଥିରେ ଜିରା, ଅଦା, ରସୁଣ ପେଷ୍ଟ ଦେଇ ଭଲ ଭାବରେ ଫ୍ରାଏ କରନ୍ତୁ । ଏବେ ଲଙ୍କା ଗୁଣ୍ଡ, ଦହି ଓ ପାଣି ଦେଇ ଦିଅନ୍ତୁ । ପୂର୍ବରୁ ପ୍ରସ୍ତୁତ ହୋଇଥିବା ଧନିଆଁ ପତ୍ର, ଆମ୍ବ ଓ ଲେମ୍ବୁ ପତ୍ର ଚଟଣିକୁ ବର୍ତ୍ତମାନ ଏଥିରେ ମିଶାଇ ଆଞ୍ଚ କମ କରି ଦିଅନ୍ତୁ । ମସଲା କସି ହୋଇଯିବା ପରେ ପନୀର ମିଶା ଆଳୁ ସେଥିରେ ପକାଇ ଦିଅନ୍ତୁ । ବାକି ସାମଗ୍ରୀ ଦେଇ ଟିକେ ଫୁଟାଇ ଦିଅନ୍ତୁ । ସାମାନ୍ୟ ଟିକେ ଚିନି ପକାଇ ଦେବେ । ଏବେ ପ୍ରସ୍ତୁତ ହୋଇଗଲା ଆଳୁ ଖଟାମିଠା । ଏହାକୁ ଗରମ ଗରମ ପରଷନ୍ତୁ ।

ମଧୁ, ଆଳି, କେନ୍ଦ୍ରପଡା

ISSN NO.
2582-208X

# ନଡିଆ ପୁଡିଂ



ଅଳକା ବାରିକ୍

## ଆବଶ୍ୟକ ସାମଗ୍ରୀ:

ନଡିଆ, ଅର୍ଣ୍ଣ ଫ୍ଲୋର, ଚିନି, ଲୁଣ, ଡ୍ରାଏ ଫ୍ରୁଟସ୍

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ନଡିଆକୁ କୋରି ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂଗ କରି ଦିଅନ୍ତୁ । ଏହାପରେ ତାକୁ ଛାଣି କେବଳ ପାଣି ବାହାର କରି ୨ଟି ପାତ୍ରରେ ରଖନ୍ତୁ । ଗୋଟିଏ ପାତ୍ରରେ ନଡିଆ ରସର ଏକ ଚତୁର୍ଥାଂଶ କର୍ଣ୍ଣଫ୍ଲୋର ପକାଇ ଗୋଳାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ଆବଶ୍ୟକ ମୁତାବକ ଚିନି, ଲୁଣ, ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ଧିମା ଆଞ୍ଚରେ ଗ୍ୟାସରେ ବସାଇ ଗୋଳାନ୍ତୁ । ଫୁଟିବା ଆରମ୍ଭ କଲେ କର୍ଣ୍ଣଫ୍ଲୋର୍ ମିଶ୍ରିତ ଘୋଳ ପକାଇ ଧିରେ ଧିରେ ଘାଣ୍ଟନ୍ତୁ । ଏହା ଟିକେ ମୋଟ ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଏହାପରେ ଏହି ଘୋଳକୁ ଛୋଟ ଛୋଟ ପାତ୍ରରେ ବାହାର କରନ୍ତୁ । ଏହାକୁ ୨ ଘଣ୍ଟା ପାଇଁ ଫ୍ରିଜ୍ ରେ ରଖି ଦିଅନ୍ତୁ । ଏହାପରେ ସେଥିରେ ଡ୍ରାଏ ଫ୍ରୁଟସ୍ ଦେଇ ପରଷନ୍ତୁ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଫଗୁଣ୍ ମାସର୍ ବଉଲି



ସନ୍ତୋଷ କୁମାର ବେହେରା୍

ଫଗୁଣ ମାସର୍ ବଉଲି ପବନ୍
ମନ୍ କେ ନେସି କନ
ଆମ୍ବ୍ ଡାଳେ ବସି ଗୀତ୍ ଗାଏସି
ଆମର୍ କୁଇଲି ରାନୀ (୧)

କୁଇଲିର୍ ଗୀତେ ଧଙ୍ଗଡା ଧାଙ୍ଗିଡି
ସଭେ ଯାଏସନ୍ ଫସି
ରସିଆ କୁଲେ ରସାଲି ଯାଏସି
ହସି ହସି କରି ବସି (୨)।

ମିଠା ବାସନା ମହକ ଯାଏସି
ମନ୍ ଟା ଉସତ୍ ହେସି
ଇଫୁଲେ ସେଫୁଲେ ଉଡି ଉଡି କରି
ଭମର୍ ଯାଏସି ବସି (୩)

ISSN NO.
2582-208X

ଫଗୁଣ ପୁନ ନେ ଫଗୁ ଖେଲ୍ ମଜା
ହରିହର ଭେଟ୍ ପୂଜା
ଗାଁ ଟା ଯାକର୍ ଗର୍ଜି ଯାଏସି
ଦୁଲୁକ ଯାଏସି ବଜା (୪)

ବଉଲ୍ ବାସନା ଚହଟି ଯାଏସି
ଫଗୁଣ ମାସ ଆଏଲେ
ମହକ ଯାଏସି ଧରତୀ ରାନୀ
ପବନ୍ ଟିକେ ବହେଲେ (୫)

କପସିଲ୍, ତୁଷୁରା, ବଲାଙ୍ଗିର

ISSN NO.
2582-208X

ବେଦାନ୍ତି

# ଭାବର୍ ଲହ



ସୁନୀଲ କୁମାର ଅଗସ୍ତି

ସେ ମୁନୁଷ୍ ସେ ଗାଗର୍
ସେ ଗାଗରର୍ ହାତ୍ ଗୋଡ୍ ଆଁଏଁଖ୍
ସେ ଭାବର୍ ଝରନ୍ ଅବଗି ଆଏ,
ଇହାଛିନ୍ ଗଲେ ସବୁଟା ସେଟା ସବୁ ଆଏ
ନିରମଲ୍ ଅବଗି କାଁଚ୍ ଝଲ୍ ଝଲା,
ଇହାଛିନ୍ ଗଲେ ସେ ଗୁଟେ ଆଖରୀ ଠିକାନା
ଇ' ଠିକାନାର୍ ଉଧେ ତ' ଦୁଇ ଝରନର୍ ଭାବ୍
କିରିଆ ଖାଇ ଥିଲେ କାଁଏ ଯେ ?
ତମର୍ ମୁଁହଁର୍ ହଁସି ସଁକଲିବାର୍ ଲାଗତି
ତମର୍ ହାତ୍ ଧରମି ବଏଲିଁ ଯେ
ତମର୍ ଠିକାନା ତମେ ଅବଗି
ବଦଲେଇ ଦେ'ଲ 'କୁବର'କଁର୍ ଠିକାନାର୍ ଉଧେ,,
ପାଏଲ କି' କାଁ' ଯେ ଆ' ଦେ ତ'
ତମର୍ ଖୁସା ଥିଁ ମରଡି ପଡିଛେ ,,
କାହିଁ ଗଲା ତମଳର୍ ହଁସିର୍ ବୁଏଡ୍ ?
ମତେ ଦେ'ଲ ପାସରି, ହେଲେ ମୋର୍
ସେ ଫଟା କୁରିଆ ମର୍ ଠିକାନା
ଇହାଛିନ୍ ଗଲେ ସେଟା ଆଏ

ISSN NO.
2582-208X

ଭାବ୍ କିରଲେନ୍ କିରଲଉଛେ
ଫିରି ଆଏବ ଭାଏଲ୍,
ଆଁଖିର୍ ଲହ ଗଲେ ହଦରି ଦଉଛେ ତମର୍ ବିନେ
ଭଟାକେ ନି' ଉଖରୀ ଆଏବାର୍,
ଦେଖ ମୋର୍ ଠିକାନା ସେଟା ଆଏ
ଫିରି ଆ"ଏବ ଭାଏଲ୍,,

ଟିଟିଲ୍‌ଗଡ଼, ବଲ୍‌ାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# କେନତା ହେଉଛେ ଇଟା



ଶୁଭେନ୍ଦୁ ମେହେର

ଦିନ୍ ଦୁଇପହର୍ କୁଟୁଛେ ଖରା
ରାତି ହେଉଛେ ଗା ଶୀତ ।
କହତ ରେ ଧନ ମୋର୍ ଲାଏବାନ
ଇଟା କାଏଁ ସେ ବସନ୍ତ ।।

ବଉଲ୍ ଧରିଛେ ପୁର୍ଥୁନୁ ଗଛେ
କୁଇଲି ଯାଇଛେ ହଜି।
ଆମ୍ ବଉଲିଆ କଅଁଲି ଧୁଁକା ଗା।
ନେଇଁ ପାଏଁ ମୁଇଁ ଖୁଜି ।।

ଫଗୁନର୍ ଗୁନ୍ ଟିଖେ ଗା ନେଇଁନ
କୁଟୁଛେ ଚଏତି ଖରା।
ଫଲ୍ସା ଫୁଲ୍ ଗା ଲାଲ୍ ଜର୍ ଜର୍
ଫୁଟ୍ଲା ନ ଗଛ୍ ସାରା ।।

ଚଇତ୍ ଆସ୍ଲେ ମଙ୍ଗ୍ଲା ସାଲେ ଗା
କରା ହେବା ବଲି ପୁଜା।

ISSN NO.
2582-208X

ମାଏକି ସଜନୀ ଫଲ୍‌ସା ଫୁଲ୍ ଗା
ପଡିଯିବା ନୁରା ଖୁଜା ।।

ଗୁଁଡିଖାଇ କେ ଆମ୍ କଁସି ଆଉର୍
ମହୁଲ୍ କୁଁଚିର୍ ଖୁଜା ।
କାହିଁ ତ ନେଇଁ ଦିଶୁଛେ ଗା ସଜନୀ
କେନ୍ତେହି କର୍‌ମା ପୁଜା ।।

ମୁନୁଷ୍ ଯେନ୍ତା ସଲଖ୍ ସୁନ୍ଦର୍ ଗା
ବଦ୍‌ଲୁଛେ ପର୍‌କୁତି।
ପର୍‌କୁତି ରାନୀ ବଦ୍‌ଲେ ହେନ୍ତା ଗା
ଭାବ୍ ରେ ମୁନୁଷ୍ ଜାତି।।

ଡଙ୍ଗର୍ ପର୍ବତ୍ ଗଛ୍ ପର୍‌କୁତି
ବଁଚାମା ଆସ ହୋ ଭାଇ।
ପର୍‌କୁତି ବଁଚଲେ ଆମେ ବଁଚ୍‌ମା
ସୁଖର୍ ଜୀବନ୍ ଜିଇଁ ।।

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X

# କଂସର୍ ନିଉତା



କୁମରଲାଲ ରଣା

ଅକୁରକେ ଡାକି କହୁଛେ କଁସ
ସୁନ ମନ୍ତ୍ରୀ ମୋର୍ କଥା
ଗୁପେ ବଢୁଛନ୍ କୃସ୍ନ ବଲରାମ
ଦିଅ ହେ ମନ୍ତ୍ରୀ ନିଉତା
ଗୋପ ପୁରର୍ ଗହୁର୍ ନନ୍ଦ ରଜାକେ
କହେବ ଟିକେ ଜନେଇ
ଧନୁଯାତରା ଲାଗି ନିଉତା ଦେଉଛୁ
ଇ କଥା କହେବ ତହିଁ ॥

ମଥୁରା ପୁରେ ହେବା ଇ ଯାତରା
ନିଉତା ପତ୍ର ଧର
ଆଇବେ କାହ୍ନୁ ହଳଧର ଦୁହେଁ
ବୋଲି କହେବ ହେ ଅକୁର ॥

ଚାଏର୍ ଦିନ ଲାଗବା ଇ ଯାତରା
ସଭେ ଆଇବେ ରଜା ପର୍ଜା
ସବକେ ଆମେ ନିଉତା ଦେଇଛୁ
ତିହାର୍ ଲାଗବା ମଜା
କୋସଲ ଦେସର୍ ରଜା ଆଇବେ

ISSN NO.
2582-208X

ଆମର ତିହାର ଦେଖି
କଲିଂଗନୁ ଆଇବେ ରଜା
ରହେବେ ଆମର ସାଖୀ ॥

କରନାଟକ୍ ଭୋଜ ଦେସ ଉକ୍ଲର୍
ରଜାମାନେ ହେବେ ଗଦା
କେତେନି କେତେ ଲୋକ ଜମା ହେବେ ଇନ
ଜୟ ଧୁନି ହେବା ସଦା ॥

ଦେବରୁସି ବ୍ରହମ୍ ରୁସି ରାଜ ରୁସି
ସଭେ ହେବେ ଇନ ଜମା
ଗୁନ ଗାନେ ମଥୁରା ରାଏଜ ହେବା
ଦୁଲଦୁଲି ଜିବା ମହିମା ॥

ଇ କଥା ସବୁ ନନ୍ଦକେ କହେବ
ଆଇବେ କୃସ୍ନ ହଲୀ
ଇ ନିଉତାକେ ଜନେଇ କହେବ
ନାଇ ଜିବ କହେବା ଭୁଲି ॥

ମହୁଆଭଟା ନୂଆପଡା
ବଲାଙ୍ଗୀର

ISSN NO.
2582-208X

# ଅଟୋ (ରିକ୍ସା)



ମାନସ ରଂଜନ ସାହୁ

ତିନ ଗୁଡିଆ ବଲି ହିନ ନେଇ ଭାବ୍ ବ
ଲୋକ ହେଉ ଥିଶନ ଆଶା ଜିଆ।
ମେଡ଼ିକାଲ ଜିଆ, ଷ୍ଟେସନ ଜିଆ ବିହାଘର୍ ନୁ
ପର୍ଶେଶନ ରେ ବି ହେସୀ ଠିଆ ।।
ଗରିବ ଲାଗି କେତେ ରାହିଥିଶି ଟା କି
ଠିଆ ରହିକରି ଥୀଶି ।
ଡାକୁ ଥିଲେ ତାକେ ବିଶ୍ରାମ ନେଇମିଲେ
ଧାଉଁ ଥିସି ହସି ହସି ।।
ବିପଦ ଆପଦ ପଡଲେ ତୁରତେ ଆଇସି ଧାଇଁ
ନେଇ କରେ କେବେ ଡେରି ।
ହାଇ ଫାଇ ଲୋକ ନେଇ ଡାକନ ତାକେ
ଧୂରେ ହେଉ ଥି ସି ବାରି ।।
ଗ୍ରାହକ ଯିବାର ଥିଲେ ଡାକସି ଆଗେ ଆଗେ ।
ପଛେ ହେସି କେତେ ଫେଶନ୍ ।

ISSN NO.
2582-208X

ତାର ଲାଗି ସତେ ଜଗି ଥି ସି ବାବୁ
ଇଟା ତ ନେଇ ଲାଗେ ପସନ୍ ।।
କମ୍ ପଇସା ରେ ବି କାମ ପଟେଇ ଦେଶୀ
ଖାଇଶି ସବୁ ଗାଡ଼ିର ଗାଳି ।
ଚାଲକ୍ ଦାଦା ର ଯଦି ନମ୍ବ୍ୱର ରଖି ଥିଲେ
ଯୋଗା ଯୋଗ କର୍ମା କାଲି ।।
ସୁବିଧା ସହଯୋଗ ପାଇ ପାର ଲେ ଶଭେ
ବେକାରୀ ବି ଦୂର୍ ହେଲା ।
ଧାଏନ ସେ ନିର୍ମାତା ଧଏ ନ କାରୀ ଗରୀ
ଅଟୋ ବଲି ତାର ନାଁ ଦେଲା ।।

କବି ଝୁପଡି ଟିଟିଲ୍‌ଗଡ ବଲାଙ୍ଗୀର
ଶୂନ୍ୟ ଅଭ୍ରସ ୮୪୫୬୮୭୩୦୫୩

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ନ ଦେଖିଥିବା ଓଉ
# ଛଅ ଫଡା



ଡ଼ଃ ରଞ୍ଜିତ କୁମାର ସାହୁ

"କହିଲ ପିଲେ ଗୋଟିଏ ଶବ୍ଦ ଯାହା କେବଳ ସ୍ୱର ବର୍ଣ୍ଣର ଅକ୍ଷରରେ ଗଠିତ ଏବଂ ବ୍ୟାକରଣ ଅନୁସାରେ ସଂଜ୍ଞା ଅଟେ," ସାରଙ୍କ ପ୍ରଶ୍ନ ଶୁଣି ସବୁ ପିଲା ମାନେ ପରସ୍ପର କୁ ଚାହିଁଲେ । ସାର ସବୁ ବେଳେ ଏମିତି ଅଖାଡୁଆ ପ୍ରଶ୍ନ କାହିଁକି ପଚାରନ୍ତି କେଜାଣି ! ମୁଣ୍ଡ ଟିଣ ହେଇ ଯାଏ । ସମସ୍ତେ ଖାଇ ଛୁଟି ପରେ ଘୁମେଇବାକୁ ଲାଗିଥିଲେ । ପ୍ରଶ୍ନ ଶୁଣିକି ସମସ୍ତଙ୍କ ନିଦ କୁଆଡେ ଉଡ଼ିଗଲା ।

ମିଲି ବହୁତ ଚାଲାକ ଝିଅଟିଏ । ଅନ୍ୟ ମାନେ ଭାବିଲା ବେଳକୁ, ସିଏ ନିଜର ରଫ ଖାତାରେ ଅ ଠାରୁ ଆଃ ପର୍ଯ୍ୟନ୍ତ ଲେଖିକି ଅକ୍ଷର ସବୁ ଯୋଡିବାକୁ ଲାଗି ଗଲା ।

ସାର ଆଉ ଥରେ ପଚାରିବା ସଙ୍ଗେ ସଙ୍ଗେ କହିଲା, "ଆଜ୍ଞା ସାର 'ଓଉ' ହେବ କି?"

ସାର କହିଲେ, "ସାବାସ୍ । ଆଉ କଏ କଣ ଜାଣିଛ ଓଉ ବିଷୟରେ?"

ପଙ୍କଜ କହିଲା, "ଆଜ୍ଞା ସାର ସମସ୍ତେ କୁହନ୍ତି ନ ଦେଖିଥିବା ଓଉ ଛଅ ଫଡା ! ଏହାର ଅର୍ଥ କଣ ?

"ଏହାର ଅର୍ଥ ଯେଉଁ ବିଷୟରେ ସଠିକ ବିବରଣୀ ନଥାଏ ବହୁତ କିଛି କଳ୍ପନା କରାଯାଇ ପାରେ । ସାଧାରଣତଃ ଓଉରେ ପାଞ୍ଚ ଫଡା ଥାଏ," ସାର କହିଲେ । "

କିନ୍ତୁ ଆଜି ଆମେ ଓଉ ବିଷୟରେ କିଛି ଶିଖିବା ।

ISSN NO.
2582-208X

"ଓଉ ଆଉ ହାତୀ ଭିତରେ ସମ୍ପର୍କ କଏ ଜାଣିଛ ?"

ଏତିକରେ ବାବୁନା ନଜ ହାତ ଟେକଲ୍ ଏବଂ ସାରଙ୍କ ଇଙ୍ଗିତରେ ଉତ୍ତର ଦେଲ୍, "ଜଙ୍ଗଲରେ ହାତୀ ଇତ୍ୟାଦି ପଶୁ ମାନେ ଓଉ ଖାଇବାକୁ ଭଲ ପାଆନ୍ତ I ଏହାକୁ "ହାତୀର ଆପେଲ" ମଧ୍ୟ କୁହା ଯାଏ I ତେଣୁ ଆମ୍ଭେମାନେ ଜଙ୍ଗଲରୁ ଓଉ ଏବଂ ବିଭିନ୍ନ ପ୍ରକାର ଫଳ ଆଣିବା ଅନୁଚତ ଖାସ୍ କରି ଯେଉଁଠାରେ ହାତୀ ମାନେ ଚଲ୍ ବୁଲ୍ କରନ୍ତ I ଏହା ଦ୍ୱାର୍ ସେମାନେ ବନ ପ୍ରାନ୍ତ ଛାଡି ଗୃଷ ଜମି ଆଡକୁ ଆସିବେନ I ଜଙ୍ଗଲୀ ପଶୁ ମାନେ କେବଳ ଓଉ ଖାଆନ୍ତ ନାହିଁ, ଏହାର ବୀଜ ବୀକ୍ଷପଣ କରନ୍ତ ଯେଉଁଥିରେ ହାତୀ ମାନେ ମୁଖ୍ୟ ଭୂମିକା ନେଇ ଥାଆନ୍ତ I "

"ବଢିଆ କଥା କହିଲ," ସାର କହିଲେ I

"କଏ କଏ ଓଉ ଗଛ ଦେଖିଛ ?"

ଏତିକରେ ସମସ୍ତେ ହସି ଉଠିଲେ I

"ଗାଆଁ ମନ୍ଦିର ପ୍ରାଙ୍ଗଣରେ ଅଛି ଆଜ୍ଞା, ସମସ୍ତେ ଦେଖିଛନ୍ତ I ବଡ ବଡ ଲମ୍ବା ପତ୍ର ଏବଂ ଘଞ୍ଚ ଗଛଟିଏ I ଧଳା ରଙ୍ଗର ଫୁଲ ଓହଳ ଥାଏ ଏବଂ ପରେ ଫଳ ମଧ୍ୟ I ପୂଜାରୀ ଆଜ୍ଞା ତାହାକୁ ପୂଜାରେ ବ୍ୟବହାର କରି ଥାଆନ୍ତ, "ର୍କେଶ କହିଲ୍ I

"ତାହା ହେଲେ ସମସ୍ତେ ଓଉ କେତେ ଫଡା ସଠିକ ଜାଣିଛ I ଆମେ ଯେତେ ପ୍ରକାର ପନ ପରିବା ବ୍ୟବହାର କରୁଛୁ ତନ୍ମଧ୍ୟରୁ ଓଉ ଅନ୍ୟତ୍ତମ I ଆମେ ଯେଉଁ ଜିନଷକୁ ର୍ଷେଷେଇରେ ବ୍ୟବହାର କରୁ, ତାହା ଫୁଲର ଅବଶିଷ୍ଟ ଅଂଶ ଯାହା ମାଂସାଳ ହୋଇ ଥାଏ I ଏହା ବ୍ୟତୀତ ଏହା ଭିତରେ ଥିବା ପାଚଲ୍ ଫଳରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି ହୋଇଥାଏ I ଓଉ କାଠକୁ ଜାଳେଣି ରୂପରେ ବ୍ୟବହାର କର୍ାଯାଏ ଏବଂ ଏହାର ଔଷଧୀୟ ବ୍ୟବହାର ଆୟୁର୍ବେଦରେ ମଧ୍ୟ ବର୍ଣ୍ଣନା ହୋଇଛି I ଏହା ଏକ ଦେଶୀ ଫଳ ହୋଇଥିବାରୁ ଏହାର ବ୍ୟବାହର ମନ୍ଦିରରେ ମଧ୍ୟ ହୋଇଥାଏ ଏବଂ ପର୍ବ ପର୍ବାଣିରେ ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନରେ ବ୍ୟବହାର ହୁଏ I"

ISSN NO.
2582-208X



"ଆମ ଘରେ ଆଇ ହବିଷରେ ଓଉ ଖଟା  କରେ," ପିକୁନ କହିଲା I

"ସାର ଆପଣ ଯେଉଁ ପ୍ରଥମ ପ୍ରଶ୍ନ ପଚ଼ାରିଥିଲେ, ତାହାର ଆଉ ଏକ ଉତ୍ତର ଆଇ ହେବ କି? ଆଇ ଶବ୍ଦରେ ମଧ୍ୟ ଦୁଇଟି ସ୍ୱର ଅକ୍ଷର ବ୍ୟବହାର ହୁଏ," ଡୁଡୁଲା ପଚ଼ାରିଲା I

"ହଁ ହେବ, କିନ୍ତୁ ତୁମେ ଏତେ ଡେରିରେ ଉତ୍ତର ଦେଲା, ଆଜି ପାଇଁ ତା ଆମର ଆଲୋଚନା ଶେଷ ହେବାକୁ ଲାଗିଛି," ସାର କହିଲେ I

"ସେଥି ପାଇଁ ତ ସମସ୍ତେ ତାକୁ ଟ୍ୟୁବ ଲାଇଟ ଡାକନ୍ତି ସାର, ସିଏ ଠିକ କଥା କୁହେ କିନ୍ତୁ ଡେରିରେ କୁହେ, "ଟୁକୁନା ଟିପ୍ପଣୀ କଲା I

ସମସ୍ତେ ହସି ଉଠିଲେ I

"ଏଥର ତ ସମସ୍ତଙ୍କର ନିଦ ଭାଙ୍ଗିଗଲା ଏଥର ଆମେ ଆଜିର ବିଷୟ ବସ୍ତୁ ଉପରେ ଆଲୋଚନା କରିବା,"  କହିକି ସାର ତାଙ୍କର ପାଠ୍ୟକ୍ରମ ଆରମ୍ଭ କରିଦେଲେ I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଝଡର ଇଗଲ୍



ରାଜକିଶୋର ସ୍ୱାଇଁ

ଜାଣିଛ କି ପିଲେ କିଏ ଗଢିଥିଲେ
ପାରାଦୀପରେ ବନ୍ଦର
ଭୂମିପୁତ୍ର ଆଖ୍ୟା ପାଇ କିଏ
ଉଚ୍ଚା କରିଛନ୍ତି ଆମ ଶିର ।୧।
ମିଇଗ ବିମାନ କାରଖାନା ଆଉ
ଚଣ୍ଡିଖୋଲ ରାଜପଥ
ଏକାବେଳେ କିଏ ତିନି କାମ କରି
ସଭିଙ୍କୁ କଲେ ଚକିତ ।୨।
କଳ କାରଖାନା ଗଢିଥିଲେ କିଏ
ରାଜ୍ୟର ବିଭିନ୍ନ ସ୍ଥାନେ
ଓଡିଶା ଓଡିଆ ବିକାଶ ପାଇଁ କେ
ଭାବୁଥିଲେ ସବୁଦିନେ ।୩।
ମାଆକୁ ସମ୍ମାନ ଗାଁ କୁ ତ କାମ
ନୀତି କରି ପ୍ରଚଳିତ
ଏ ସାରା ମୂଲକେ କିଏ ହୋଇଥିଲେ
ଘରେ ଘରେ ପରିଚିତ ।୪।
ଦୁର୍ନୀତି ରୋକିବା ପାଇଁ ନେଇଥିଲେ
କିଏ କଡା ପଦକ୍ଷେପ

ISSN NO.
2582-208X

ସୁଶାସନ ଦେବା ପାଇଁ ଜନତାଙ୍କୁ
କରିଥିଲେ କେ ସଂକଳ୍ପ ।୫ ।
କେଶରୀ ପରିଏ ଥିଲେଟି ତାଙ୍କରି
ସାହସ ଓ ପରାକ୍ରମ
ରାଜନୀତି କରିବାରେ ସିଏ ଥିଲେ
ପୂରାପୂରି ପାରଙ୍ଗମ ।୬ ।
ଦ୍ୱିତୀୟ ଖାରବେଳ ନାମେ ପରା ସେ
ହୋଇଥିଲେ ଟି ନାମିତ
ତାଙ୍କ ଜାତି ପ୍ରୀତି ପାଇଁ ତାଙ୍କ ପାଦେ
ଆପେ ମଥା ହୁଏ ନତ ।୭ ।
ଝଡର ଇଗଲ ପ୍ରବାଦ ପୁରୁଷ
ବିଜୁବାବୁ ତାଙ୍କ ନାମ
ନବ ଓଡିଶାର ପ୍ରମୁଖ ବିନ୍ଧାଣୀ
ତାଙ୍କ ଚରଣେ ପ୍ରଣାମ ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ବସନ୍ତ ଗାଥା



ବିଜୟ କୁମାର ଛାଟୋଇ

ସରାଗେ ଶୁଣରେ ପିଲାଏ
ହୋଇ ହରଷମନ,
ବସନ୍ତ ହସଇ ମୁରୁକି
ପିନ୍ଧି ଶୁଭ୍ର ବସନ ।। ୧।।

ଦଶଦିଗୁ ମାଡ଼ି ଆସଇ
ଘନ ସମୀର ଖରେ,
ତାହା ଦେଖି ଶୀତ ଶିଶିର
ସତେ ଯାଆନ୍ତି ଡରେ ।।୨।।

ଥିରିଥିରି ଶୀତ ଗଲାରୁ
ଧିରେ ଚଇତି ଆସି,
ଚଉଦିଗେ ଝଞ୍ଜା ପବନ
ବିଞ୍ଚେ ମଉନେ ବସି ।।୩।।

ମଳୟ ବଳୟ ଆଛାଦି
ଚୁମ୍ବେ ନଭ ଚୂଡ଼ାକୁ,
ଭଅଁର ଭ୍ରମରେ ଗମଇ
ଦେଖି ମଧୁ ପୁଡ଼ାକୁ ।।୪।।

ଫଗୁଣ ଆସିବା ଜାଣିଣ
ସୁଖେ କୋଇଲି ରାଣୀ,

ISSN NO.
2582-208X

ପଞ୍ଚମରେ ଗୀତବୋଲଇ
କେତେ ଦେଖାଇ ଠାଣି ।। ୫।।

ତାର ସୁମଧୁର ଗୀତିକା
ଶୁଣି ମଧୁପକୁଳ,
ଭାବ ମତୁଆଲା ବଶରେ
ଆସି ହୁଅନ୍ତି ଠୁଳ।। ୬।।

ନାଚିନାଚି ସାରା ରାଇଜେ
ଦେଉଥିଲେ ବାରତା,
ମଳୟ ବହଇ ଦେଖରେ
ସେ ତ ବିଭୁଙ୍କ ସତ୍ତା ।।୭।।

ମନ୍ଦ ସମୀରଣ ମୋହନେ
ଭ୍ରମେ ବନଜ ଦଳେ,
ନବ ପଲ୍ଲବିତ ହେବାକୁ
ମନ ସଭିଙ୍କ ବଳେ ।।୮।।

ମନ୍ଦିରରେ ଶୁଭେ ଓମକାର
ଶଙ୍ଖ ଘଣ୍ଟ ମର୍ଦ୍ଦଳ,
ରାଧାକୃଷ୍ଣ ବିଜେ ହୋଇବେ
ସଜ ହେଲାଣି ଦୋଳ ।।୯।।

ବିମାନରେ ସବୁଦେବତା
ଯିବେ ମେଳନ ଦେଖି,
ସେବେଳର ମହାଶୋଭାକୁ
କିଏ ପାରିବ ଲେଖି।।୧୦।।

ହୁଏ ହରିହର ମିଳନ
ଏକ ରୂପେ ଅଭିନ୍ନ,
ଜଗତେ ସୂଚିତ ହୁଅଇ
କେହି ନୁହଁନ୍ତି ହୀନ ।।୧୧।।

ISSN NO.
2582-208X

ଠାଏ ଠାଏ ଆମ୍ବ ବଉଳ
ଦୋଳି ଖେଳନ୍ତି ସୁଖେ,
ଠାଏ ଠାଏ ଆମ୍ବ ପେନ୍ଥାଏ
ଝୁଲୁ ଥାଆନ୍ତି ବୃକ୍ଷେ ।।୧୨।।

ଲତା ମାଡ଼ି ମଧୁମାଳତୀ
ବଣେ ଫୁଟି ମରଜି,
ମୁରୁକି ମୁରୁକି ହସଇ
ମନୁ ଦୁଃଖ ବରଜି ।।୧୩।।

ଫରଚା ଫରଚା ଆକାଶେ
ଧଳାଧଳା ବଉଦ,
ପନ୍ତିପନ୍ତି ହୋଇ ଗଢ଼ନ୍ତି
କେତେକେତେ  ସଉଧ ।।୧୪।।

ସଂଜ ନୁଆଁଣିଆ ଛାଇରେ
କୋଟି ତାରକା ଗଣ,
ନିଜ ରୂପକାନ୍ତି ଦେଖାନ୍ତି
ପ୍ରତିଜଣକୁ ଜଣ।।୧୫।।

ପକ୍ଷୀଏ  ଉଲ୍ଲାସେ ଗଗନେ
ଦଳବାନ୍ଧି ଉଡ଼ନ୍ତି ,
ମଳୟ ମହକ ନିଶାରେ
ଦିବାନିଶି ହୁଡ଼ନ୍ତି  ।।୧୬।।

ମହକି ଉଠଇ ମରତ
ବସନ୍ତର ମଣ୍ଡନେ,
ନାନା ରଙ୍ଗେ ଅଙ୍ଗ ସଜାଇ

ISSN NO.
2582-208X

ଶୋହେ କୋଟି ମଦନେ ।। ୧୭।।

ବିହି କି ବୋଳିଛି ତା' ଅଙ୍ଗେ
ନବ ଦିବ୍ୟ ଦ୍ୟୋତିକା,
ଅଷ୍ଟ ନିଧି ତାର ଛାମୁରେ
ସବୁ ପଡ଼ନ୍ତି ଫିକା ।।୧୮।।

ହୋଲି ପିଚକାରୀ ରଙ୍ଗର
ବସିଲାଣି ପସରା,
ସଭିଏଁ ଖେଳିବେ ହୋଲିରେ
ରଙ୍ଗେ ଶୋହିବ ଧରା ।।୧୯।।

ଧିରେଧିରେ ମଧୁ ମଳୟ
ମହୀମଣ୍ଡଳେ ବ୍ୟାପୀ,
ନାନା ମୁରୁଜର ରୋସଣୀ
ଦିଏ ଧରାରେ ଲେପି ।।୨୦।।

ପିଲାଏ ନାଚିଲେ ହରଷେ
ଶୁଣି ବସନ୍ତ ଗାଥା,
ଯେ ଯାହା ସଦନେ ଯାଇଣ
ଦେଲେ ପାଠରେ ମଥା ।।୨୧।।

***

ମୁଖ୍ୟ ସମ୍ପାଦକ, ପ୍ରଗ୍ଣରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା,
ସତ୍ୟବାଦୀ, ପୁରୀ/ଦୂରଭାଷ - ୭୮୫୨୯୭୨୧୨୦

ISSN NO.
2582-208X

# ପିଲା ଦିନ



ଅମରନାଥ ବାରିକ

ଯେବେ ଛୋଟ ଥିଲି          କାନ୍ଦି ଗଡୁଥିଲି
ଜହ୍ନ ମାମୁଁ ଦେଖିବାକୁ
ମା ମତେ ଧରି          ନୀଳ ଆକାଶ କୁ
ଦେଖାଏ ଜହ୍ନ ମାମୁଁଙ୍କୁ ।

ଦେଖିବ ମୋ ସୁନା          ନୀଳ ଆକାଶ କୁ
ଚାଲ ଯିବା ଆମେ ବୁଲି
ଏ ଗେଲ ବସର          ମା ର ମମତା
କିଏ ବା ପାରିବ ଭୁଲି ।

ନୀଳ ଆକାଶ ରେ          ତାରା ମାନେ ସବୁ
ଫୁଟି ଥାନ୍ତି ଗୋଟି ଗୋଟି
ଦୃଷ୍ଟାମୀ ହୋଇଲେ          ଉପର କୁ ଦେଖି
ଆଁ କରିଦିଏ ପାଟି ।

ISSN NO.
2582-208X


ମା ଠାରୁ ବଡ଼ ନାହିଁ ଦୁନିଆରେ
ହେଉ ବା ନୀଳ ଆକାଶ
ମା ଗର୍ଭ ଠାରୁ ବଡ଼ କି ହୋଇବ
ସମୁଦ୍ର ନଦୀ ଉଲ୍ଲାସ ।

ନୀଳ ଆକାଶ ଟି ଦିଶଇ ସୁନ୍ଦର
ଦେଖିଲେ ଲାଗଇ ଭଲ
ସତେକି ଯେମିତି କୋଳରେ ଧରିଛି
ଧରଣୀ ମାଆ କୁ ତାର ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମଶାର ବାର୍ତ୍ତା



ବିକାଶ କୁମାର ହୋତା

ଗୁଣୁ ଗୁଣୁ ହୋଇ ଉଡ଼ି ଆସି ମଶା
କହିଲା କୁନାର କାନେ
ଶିକ୍ଷିତ ହୋଇ ବି ଅଶିକ୍ଷିତ ଭଳି
ଭୁଲ୍ କରିବନି ଦିନେ ।।
ନିଇତି ରାତିରେ ମଶାରୀ ଟାଙ୍ଗିବ
ଆରାମରେ ଶୋଇଯିବ
ରକତ ତୁମର ଚାଖି ନ ପାରି କି
ମଶା ନିରାଶ ହୋଇବ ।।
ଡେଙ୍ଗୁ, ମେଲେରିଆ, ଚିକନଗୁନିଆ
ରୋଗକୁ ଦୂରେଇ ଦେବ
ନିୟମ ମାନିକି ନିଜ ଯତ୍ନ ନେଲେ
ନୀରୋଗ ଗଣେଇ ହେବ ।।
ନିଇତି ସଞ୍ଜରେ ଘରେ ଦେବ ଧୂଆଁ
ତେଜି ଅଳିଆ ଅସନା
ଅଣ୍ଡା ଦେବା ପାଇଁ ଜାଗା ମିଳିବନି
ମଶା ପାଇବ ଯାତନା ।।
ଘର ଚାରିପାଖେ ଔଷଧ ସିଞ୍ଚିବ
ରଖିବନି ଖାଲଖମା

ISSN NO.
2582-208X

ସୁନା ପିଲା ହୋଇ ନିୟମ ମାନିଲେ
ରୋଗ ହେବନାହିଁ ଜମା ।।
ପାଠ ପଢ଼ା ଲୋକ ଏବେକା ମଣିଷ
ସୁସ୍ଥ ସମାଜ ଟେ ଗଢ଼
ସଚେତନ ହୋଇ ସଚେତନ କର
ମନକୁ କରାଅ ଦୃଢ଼ ।।
ମଣିଷ ଜାତିକୁ ଚେତାଏ ମଶାଟି
ଦିଅଇ ସେ ନାନା ରୋଗ
ରୋଗରେ ପଡ଼ିବି ଭୁଲ୍ ବୁଝନ୍ତିନି
କଷ୍ଟକୁ କରନ୍ତି ଭୋଗ ।।
ମଶାକୁ କେବେ ବି ଛୋଟ ଭାବିବନି
ଦିଅଇ ସେ ନାନା ଶିକ୍ଷା
ମଶା ବିନା ସୁସ୍ଥ ସମାଜ ଗଠନ
କରାଅ ନିଜର ଦୀକ୍ଷା ।।
ନିୟମ ମାନିକି କାମ କରିଗଲେ
ସୁନା ପିଲା ହେବ ପରା
ଗୁଣୁ ଗୁଣୁ ହୋଇ ଉଡ଼ିଯିବ ମଶା
ପାଇବନି ଟିକେ ଚାରା ।।

ବିଦ୍ୟାନଗର, ଦକ୍ଷିଣକାଳୀ ରୋଡ଼,
ଢେଙ୍କାନାଳ
୮୬୫୮୨୯୨୦୫୧/୭୦୦୮୯୨୮୭୯୮

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ -
## ମାର୍ଚ୍ଚ ସମୀକ୍ଷା



ଦେବଯାନୀ ସ୍ୱାଇଁ

ସବୁଥର ଭଳି ଏଥରକ ମଧ୍ୟ ପ୍ରଚ୍ଛଦ ପୃଷ୍ଠାରେ ଏକ ସୁନ୍ଦର ମନଲୋଭା ପ୍ରତିଛବି ଧରି ପଦାର୍ପଣ କରିଛି ଆମ ପ୍ରିୟ "ବେଦାନ୍ତୀ"। ମା' ବତକ (ଏ ପ୍ରକାର ବତକ ପକ୍ଷୀ 'କାନଡା ଗୁଜ୍' ନାମରେ ପରିଚିତ) ପାଖରେ କି ସୁନ୍ଦର ଭାବେ ବସିଛନ୍ତି ଶାବକ ପକ୍ଷୀ ଦୁଇଟି ନିର୍ଭୟ ହୋଇ। ନିଜ ପିଲାମାନଙ୍କ ସୁରକ୍ଷା ପ୍ରତି ନଜର ରଖି ମା' ପକ୍ଷୀଟିର ସତର୍କ ଭରା ଚାହାଣୀ ଖୁବ୍ ଆକର୍ଷଣୀୟ।

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଆମ ସମସ୍ତଙ୍କୁ ଏକ ଆହ୍ୱାନ ପୂର୍ଣ୍ଣ ବାର୍ତ୍ତାରେ କହିଛନ୍ତି- ପ୍ରକୃତି ଯେପରି ଆମକୁ ନିରବଚ୍ଛିନ୍ନ ଭାବେ ଦେଇ ଚାଲିଛି, ଆମେ ମଧ୍ୟ ପ୍ରତିଦାନ ସ୍ୱରୂପ ପ୍ରକୃତିର ରକ୍ଷାବେକ୍ଷଣ କରିବା ଉଚିତ୍।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ରହିଛି ଶତାଧିକ ଗଳ୍ପ ଓ କବିତାର ଆଲେଖ୍ୟ।

ପ୍ରଥମ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ. ଅସୀମ ଓ ସାଥୀ ଶୋଭନା, ପଥୁରିଆ ସମୁଦ୍ର କୂଳରେ ଚାଲୁ ଚାଲୁ ଭାବପ୍ରବଣ ହୋଇ ଉଠିଛନ୍ତି ସାଗରର ସୁନ୍ଦରତା, ସମୁଦ୍ର କୂଳର ବିବିଧତା, ତରଙ୍ଗରେ ଭାସି ଆସୁଥିବା ମଧୁର ସଙ୍ଗୀତର ମାଦକତାକୁ ନେଇ...। "ଉଠ୍ ପୁଟୁର୍" ରେ, ଖରାଦିନ ଛୁଟିର ଖେଳକୁଦ, ମଉଜମସ୍ତି

ISSN NO.
2582-208X

ପରେ ପୁଣି ନିଜ ଗାଁ ଘରଠୁ ଦୁରେଇ ରହି ଜିଲ୍ଲା ବଡ ସ୍କୁଲ୍ କୁ ପାଠ ପଢିବାକୁ ଯିବାଲାଗି ପ୍ରସ୍ତୁତି ପର୍ବରେ ବିରହାତୁର ଅଭି। ଆଜିର ଏ ଦୁନିଆରେ ସମସ୍ତେ ପ୍ରାୟ "ମୋହଗ୍ରସ୍ତ" ଆଉ ସେଇଥି ପାଇଁ ସାମାଜିକ ଜୀବନ ବିପର୍ଯ୍ୟସ୍ତ। ଆଶା କରୁଚି ଲେଖିକାଙ୍କ "ମଧୁ ମାଳତୀ" ପାଠ କରି ପାଠକ ପାଠିକା ମାନେ ନିଶ୍ଚିତ ଆନନ୍ଦିତ ହେବେ। "ଶିକ୍ଷାର ମହତ୍ୱ" ସମ୍ବନ୍ଧରେ ଲେଖିକାଙ୍କ ପ୍ରବନ୍ଧ ଅତ୍ୟନ୍ତ ବିଚାରଣୀୟ। ତଥ୍ୟ ସମ୍ବନ୍ଧିତ "ମଂଗଳ ଗ୍ରହରେ ସୂର୍ଯ୍ୟ ପରାଗ"। ଗାନ୍ଧିଜୀଙ୍କ ଜୀବନୀ ଭିତ୍ତିକ ତଥ୍ୟ ରହିଛି "ସେବା ଗ୍ରାମରେ ଦିବ୍ୟ ଅନୁଭୂତି"। ଏହା ସହିତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ସମ୍ବନ୍ଧିୟ ଆଲେଖ୍ୟ ରହିଛି, ଯଥା- ଘୁମୁସର ବାଘ "ଚକରା ବିଷୋୟୀ", ପୋଖରାନ ଆଣବିକ ପରୀକ୍ଷଣରେ ବୈଜ୍ଞାନିକ "ଡ. ରାଜା ରମନ୍ନାଙ୍କ" ଯୋଗଦାନ ଓ ଅସହାୟ ମଣିଷ କାରୁଣ୍ୟ ଆବେଦନ- ଜୀବନ ଯଜ୍ଞ ଓ ନାଟ୍ୟକାର "କାର୍ତ୍ତିକ ଚନ୍ଦ୍ର ରଥ"। କୋରାପୁଟ ବିଷୟରେ କିଛି ଜାଣିବାକୁ ହେଲେ ପଢନ୍ତୁ "ଅନାବିଷ୍କୃତ କୋରାପୁଟ"। "ସ୍ୱପ୍ନ ଦେଖା ଲୋକ", "ଭଗ୍ନ ଛାତିର କୋହ", "ଭଗବାନ ବିଶ୍ୱରେ କଣ ସବୁ କରିଛନ୍ତି" -ଏକ ବିଜ୍ଞାନ ମୂଳକ ଗଳ୍ପ ସହିତ ରହିଛି "ଜଗନ୍ନାଥଙ୍କ ମୁହଁ ଅଛି କାନ ନାହିଁ, ଆଖି ଅଛି ପତା ନାହିଁ, ହାତ ଅଛି ପାପୁଲି ନାହିଁ, ଗୋଡ ଅଛି ପାଦ ନାହିଁ କାହିଁକି" ଭଳି ପୌରାଣିକ ଗଳ୍ପ।

କବିତା ମାନଙ୍କ କଳନା ଗଣନା କରିବା କଷ୍ଟସାଧ୍ୟ। "ଫଗୁଣ"ର ଆଗମନରେ ଝରି ପଡିଛି ଅନେକ ଗୁଡିଏ ଫଗୁଣ, ବସନ୍ତକୁ ନେଇ କବିତା। ଭାବ ଭକ୍ତିରେ ରହିଛି, "ନିରାକାର, "ଶ୍ରୀମତୀ ପତି ଶ୍ରୀପତି ଯଦୁପତି", "ଗୋବିନ୍ଦ ପରମାନନ୍ଦ ନନ୍ଦସୂତ"। "ରାମ ନାମ ଜପ ମନ", ତୁମ ନାମ ଭଜନେ ହୁଅଇ "ରୋଗ ଶୋକ ପରିତାପ"। "କେଶବ କୁଂଜ ବିହାରୀ", "ବନ୍ଦ୍ୟ ତୁମେ ବିଣାପାଣୀ"।

ଆବେଗ, କୋହରେ "ବୋଉ ମନେପଡେ"। ରେ ମନ - "ପଥକୁ ସମ୍ବଳ", "ଉର୍ମି ତୁମେ ରୂପଶ୍ରୀ ବସନ୍ତ"। "ତୁମ ଆବର୍ତ୍ତମାନରେ" - ଘୁରିବୁଲେ ମୁଁ ଓ ମୋର ଏକଲାପଣ। "ଯାତ୍ରା"- କେବେଠୁ ଆରମ୍ଭ ପୁଣି କେବେ ହେବ ଶେଷ। "ସର୍ବଂସହା ନାରୀ"- ପୁରାଣରୁ ଆଧୁନିକ ଯାଏଁ ତୋ କାହାଣୀ, "ନଦୀ ତୀରେ ସେହି 'ଧୋବଣୀ'।

ISSN NO.
2582-208X

ଆହୁରି ରହିଛି-"ସଂସାର ଜଂଜାଳ", "କହି ଦେବୁ କିରେ ବୋଇତ !!", "...ଅଲୋଡା..." "ପୌରୁଷ", "ମୋ ଦେଶ" ଭଳି ଅନେକ ଗୁଡିଏ ସୁନ୍ଦର କବିତା। ଶେଷରେ ସମସ୍ତେ ମିଳି ଗାଇବା ଚାଲ, "ଆସିଛି ହୋଲି", "ସଦ୍ ଭାବନାର ପର୍ବ ହୋଲି"।

ସ୍ୱାସ୍ଥ୍ୟ ବିଭାଗରେ ରହିଛି "ପରିବେଷ ସୁରକ୍ଷା ଓ ଦୀର୍ଘାୟୁ ଜୀବନ" ଏବଂ "କୋଲେଷ୍ଟରୋଲ୍ ର ପ୍ରକାରଭେଦ"।

ଆମ ହାଣ୍ଡିଶାଳ ରେ ଗରମା ଗରମ୍ "ମୁଗଡାଲି ପକୁଡି", "ସୁଜି ଟୋଷ୍ଟ" ଓ "କଡାଇ ପନିର"।

ସବୁଥର ଭଳି "ଶିଶୁ ବିଭାଗ" ଶିକ୍ଷଣୀୟ ଓ ମଜାଦାର। ଚିତ୍ର ବିଭାଗରେ, କୁନି ଆଦବିକା ତାର କୁନି ହାତରେ କେତେ ସବୁ ଫୁଲ, ପତ୍ର, ପକ୍ଷୀ ଆଙ୍କି ଦେଇଚି ପ୍ରକୃତି ରାଣୀର ସୌନ୍ଦର୍ଯ୍ୟତା ଦର୍ଶାଇ।

ରଙ୍ଗର ପର୍ବ ହୋଲି, ସମସ୍ତଙ୍କ ପାଇଁ ଆନନ୍ଦ ଦାୟକ ଓ ସୁଖମୟ ହେଉ, ପ୍ରଭୁ ରାଧା ଗୋବିନ୍ଦଙ୍କ ଅଲୌକିକ ପ୍ରେମ ଓ ସଦ୍ ଭାବନା ସମସ୍ତ ବେଦାନ୍ତୀ ପରିବାରର ସଦସ୍ୟଙ୍କ ସହିତ ବଜାୟ ରହୁ ଏତିକି ପ୍ରାର୍ଥନା।

ଜୟ 'ବେଦାନ୍ତୀ' , ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୩ | ଉତ୍କଳ ଦିବସ, କାମଦା ଏକାଦଶୀ |
| ୦୨/୦୪/୨୦୨୩ | ରାମାନୁଜ ବୈଷ୍ଣବ ଏକାଦଶୀ |
| ୦୪/୦୪/୨୦୨୩ | ଶିବ ଦମନକ ଚତୁର୍ଦ୍ଦଶୀ |
| ୦୫/୦୪/୨୦୨୩ | ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ, ହିଙ୍ଗୁଳା ଯାତ୍ରା |
| ୦୬/୦୪/୨୦୨୩ | ଚୈତ୍ର ପୂର୍ଣ୍ଣିମା ଓ ବୈଶାଖ ବ୍ରତାରମ୍ଭ |
| ୦୭/୦୪/୨୦୨୩ | ଗୁଡ୍ ଫ୍ରାଇଡେ |
| ୧୪/୦୪/୨୦୨୩ | ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ |
| ୧୬/୦୪/୨୦୨୩ | ବରୁଥିନୀ ଏକାଦଶୀ |
| ୧୯/୦୪/୨୦୨୩ | ସବେ କଦର (ପୂର୍ବରାତ୍ରି) |
| ୨୦/୦୪/୨୦୨୩ | ରୁକ୍ମିଣୀ ଅମାବାସ୍ୟା |
| ୨୨/୦୪/୨୦୨୩ | ଇଦୁଲ୍ ଫିତର, ରମଜାନ ମାସ ଶେଷ |
| ୨୩/୦୪/୨୦୨୩ | ଅକ୍ଷୟ ତୃତୀୟା |
| ୨୫/୦୪/୨୦୨୩ | ଜଗଦ୍ ଗୁରୁ ଶଙ୍କରଚାର୍ଯ୍ୟଙ୍କ ଜୟନ୍ତୀ |
| ୨୬/୦୪/୨୦୨୩ | ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ |
| ୨୮/୦୪/୨୦୨୩ | ନୀଳାଦ୍ରୀ ମହୋଦୟାଷ୍ଟମୀ ଓ ମଧୁସୂଦନଙ୍କ ଜୟନ୍ତୀ |
| ୨୯/୦୪/୨୦୨୩ | ସୀତା ନବମୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ISSN NO.
2582-208X

ଖରାଦିନେ ମିଳେ ପରିବା ଦୋକାନେ
ଭାରି ସୁଆଦିଆ ପେଟୁ ପୋଟଳ
ଆଳୁ ପକାଇ ରସା କରିଦେଲେ
ଖାଇ ହେବ ତୁମେ ଗୋଲ ମୋଟଲ

ଅଶୋକ କୁମାର ରାଉତ, ଝାରପଡା, ଭୁବନେଶ୍ୱର

ବାହାଘର ଭୋଜିରେ ମଜା ଆସେ ଯେବେ
ଆଳୁ ପୋଟଳର ରସା ହୁଏ ପରଷା
ଥରେ ଖାଏ ଯିଏ ଭୁଲି ନପାରଇ
ଆମ ପୋଟଳର ଏହି କରିସ୍ମା

ଅଙ୍କିତ ମିଶ୍ର, ମୁମ୍ବାଇ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତୁ, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**